# ବୈଦେହୀ

## ଡିସେମ୍ବର ୨୦୨୧



Photo:Dr. Ranjit Ku. Sahu, USA

ISSN NO – 2582-208X

[ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ଇ-ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)

# ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର



ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**



ଅରବିନ୍ଦ ମିଶ୍ର

ପ୍ରିୟ ପାଠକବନ୍ଧୁ,

କିଛି ଦିନରୁ କ୍ରମାଗତ ଭାବରେ କମି ଚାଲିଥିବା କରୋନା ଭୂତାଣୁ ପୁଣି ଏବେ ତାର କାୟା ବିସ୍ତାର କରିବାକୁ ଲାଗିଲାଣି । ଏଇ କିଛିଦିନ ତଳେ ଦକ୍ଷିଣ ଆଫ୍ରିକାରୁ ଏକ ନୂଆ ଭାରିଏଣ୍ଟ କରୋନା ଭୂତାଣୁ ବାହାରିଛି ଯାହାର ନାମ ହେଉଛି B.1.1.529 ଏବଂ ଏହା ଆଗରୁ ବାହାରିଥିବା ଭୂତାଣୁ ଠାରୁ ଅଧିକ ମାରାତ୍ମକ । ତେଣୁ ବୈଜ୍ଞାନିକ ମାନେ ଚିନ୍ତାରେ ପଡିଛନ୍ତି, କାରଣ ଯେଉଁ ଟୀକା ବର୍ତ୍ତମାନ ବ୍ୟବହାର କରାଯାଉଛି, ତାହା ହୁଏତ ଏହି ନୂଆ ଭୂତାଣୁ କୁ ରୋକିବା ପାଇଁ ସାର୍ଥକ ହୋଇନପାରେ ।

ବିଗତ ଦୁଇ ବର୍ଷ ହେଲା ସାରା ବିଶ୍ୱର ଜନସାଧାରଣ କରୋନା ଭୂତାଣୁ କବଳରୁ ରକ୍ଷା ପାଇବା ପାଇଁ ଅନେକ ସଂଘର୍ଷ କରିଛନ୍ତି । ତାହା ସତ୍ତ୍ୱେ ପ୍ରାୟତଃ ୫୦ ଲକ୍ଷ ଲୋକେ ଏଥିରେ ପ୍ରାଣ ହରାଇଛନ୍ତି ଯାହାକି ଅତ୍ୟନ୍ତ ଦୁଃଖର ବିଷୟ । ବଞ୍ଚି ରହିଥିବା ଜନତା ତାହାରି ଭିତରେ ଆଗକୁ ବଢିବା ପାଇଁ ସଂଘର୍ଷ ମଧ୍ୟ କରୁଛନ୍ତି । ସବୁଠାରୁ ଖରାପ ସ୍ଥିତିରେ ଅଛନ୍ତି ଆମର ଭବିଷ୍ୟତର ପିଢୀ ମାନେ ଛାତ୍ରଛାତ୍ରୀ ମାନେ ଯେଉଁମାନେ ଘର ଭିତରେ ଆବଦ୍ଧ ରହି ପାଠ ପଢିବା ବାଧ୍ୟ ହେଉଛନ୍ତି । ତେଣୁ ଅନେକ ଛାତ୍ରଛାତ୍ରୀ ମାନେ ଖୁସି ହୋଇଥିଲେ ଯେତେବେଳେ ଏଇ କିଛିଦିନ ତଳେ ପୁଣି ସ୍କୁଲ, କଲେଜ ଖୋଲିଦିଆଗଲା । ମାତ୍ର ଯେଉଁ ପରିମାଣରେ କିଛିଦିନ ହେଲା ଏଇ ନୂଆ ଭାରିଏଣ୍ଟ କରୋନା ଭୂତାଣୁ କିଛି ଦେଶରେ ତାର କାୟା ବିସ୍ତାର କଲାଣି, ତାକୁ ଦେଖି ଅନେକ ଦେଶରେ ଭାଳେଣି ପଡିଗଲାଣି । ଅନେକ ଦେଶ ପୁଣି ଥରେ ଲକଡାଉନ ଲଗାଇବା ଆରମ୍ଭ କରିଦେଲେଣି ।

ମାତ୍ର ଏହା ସତ୍ତ୍ୱେ ଅନେକ ଇଉରୋପୀୟ ଦେଶମାନଙ୍କର ନାଗରିକମାନେ ଏହି ଲକଡାଉନ୍ ବନ୍ଦକରିବା ପାଇଁ ଆନ୍ଦୋଳନ ଆରମ୍ଭ କରିଦେଲେଣି । ଜନତାକୁ ବୁଝିବା ଦରକାର ଯେ ଏହି ପଦକ୍ଷେପ ଜନତାର ସୁରକ୍ଷା ପାଇଁ ଲଗାଇବାକୁ ପଡିଥାଏ । ଲକଡାଉନ୍ ଦ୍ୱାରା କୌଣସି ଦେଶର କିଛି ବି ଲାଭ ହୋଇନଥାଏ । ଅର୍ଥନୀତି ମଧ୍ୟ ଏହାଦ୍ୱାରା ପ୍ରଭାବିତ ହୋଇଥାଏ । କିନ୍ତୁ ଜନତାଙ୍କ ସୁରକ୍ଷା ପାଇଁ ଏହି ଶକ୍ତ ପଦକ୍ଷେପ ନେବାକୁ ସରକାର ବାଧ୍ୟ ହୋଇଥାନ୍ତି । ଏଣୁ ସରକାରଙ୍କ ଏହିପ୍ରକାର ପଦକ୍ଷେପକୁ ସ୍ୱାଗତ କରିବା ଦରକାର ।

ବିଗତ କିଛି ବର୍ଷ ହେଲା ଭାରତରେ ମଧ୍ୟ କରୋନାର ପ୍ରହାର ଦ୍ୱାରା ଅନେକ ଜନତା ନିଜନିଜର ଚାକିରୀ ଏବଂ ରୋଜଗାର ହରାଇଛନ୍ତି ଯାହାକି ଅତ୍ୟନ୍ତ ଦୁଃଖର ବିଷୟ । ଏଣୁ ବର୍ତ୍ତମାନ ଆମର କର୍ତ୍ତବ୍ୟ ହେଲା କରୋନାକୁ ପ୍ରତିହତ କରିବା ପାଇଁ ସବୁପ୍ରକାର ପଦକ୍ଷେପ ନେବା ଯେପରିକି ସାମାଜିକ ଦୂରତା ରଖିବା ସହ ମାସ୍କ ବ୍ୟବହାର କରିବା । ଏହା ଦ୍ୱାରା ଆମେମାନେ କରୋନା ଭୂତାଣୁ କବଳରୁ ରକ୍ଷା କରିବା ସହ ତୃତୀୟ ଲହରି ଆସିବାକୁ କିଛି ମାତ୍ରାରେ ରୋକିବାକୁ ସରକାରଙ୍କ ସହାୟତା କରିପାରିବା ।

ଜୟ ଓଡିଶା, ଜୟ ଓଡିଆ ।

ଅରବିନ୍ଦ ମିଶ୍ର



# ଭିତର ପୃଷ୍ଠାରେ....


| | | |
|---|---|---|
| ଜଣେ ଓଡିଆ କବିଙ୍କ ସ୍ମରଣ କରି | ଗୁରୁକଲ୍ୟାଣ ମହାପାତ୍ର | ୧୨ |
| ନିଃସଙ୍ଗ ସହର | ସ୍ୱର୍ଣ୍ଣମୟୀ ଷଡଙ୍ଗୀ | ୧୬ |
| ମଧୁର ପ୍ରତିଶୋଧ | କୁଞ୍ଜବିହାରୀ ରାଉତ | ୧୯ |
| କୃଷ୍ଣବର୍ଣ୍ଣା କାଳୀ | ଜୟଶ୍ରୀ ପଟ୍ଟନାୟକ | ୨୧ |
| ଅଦୃଶ୍ୟ ଅସ୍ତିତ୍ୱ | ପୁଷ୍ପାଞ୍ଜଳି ପଣ୍ଡା | ୨୫ |
| କୁରଙ୍ଗୀ କରୀତାରଣ | ଡ. ଅର୍ଜୁନ ଚରଣ ବାରିକ | ୨୭ |
| ଜନ୍ମ ଦିନର ଶୁଭେଚ୍ଛା ତୁମକୁ | ଶାନ୍ତିଲତା ମିଶ୍ର | ୨୮ |
| ବିଚିତ୍ର ଧାରା | ଡକ୍ଟର ବିଜ୍ଞାନୀ ଦାସ | ୩୦ |
| ମାଟି ପ୍ରତିମା | ବାସନ୍ତୀ ଲତା ଜେନା | ୪୧ |
| ନୀଳ ଢେଉ | ଡଃ ମାଙ୍ଗଳିକା ମହାପାତ୍ର | ୪୩ |
| କବି ଅନନ୍ତ ପଟ୍ଟନାୟକ | ବରଦା ପ୍ରସନ୍ନ ଦାସ | ୪୫ |
| ବିଶ୍ୱାସ ଅବିଶ୍ୱାସର ଆତ୍ମକଥା | କୀର୍ତ୍ତି ଦେବୀ | ୪୭ |
| ପ୍ରିୟତମ (ମୃତ୍ୟୁର ପରିଭାଷା) | ସସ୍ମିତା ପଟ୍ଟନାୟକ | ୪୮ |
| ପଶ୍ଚିମ ଓଡ଼ିଶାର ଲୋକସଂସ୍କୃତି: ଏକ ଅଧ୍ୟୟନ | ଲୋକେଶ୍ୱର ପାଣ୍ଡେ | ୫୦ |
| ଅଭଙ୍ଗା ପ୍ରାଚୀର | ମନୋଜ କୁମାର ବାରିକ | ୫୯ |
| ସେଇ ମୋ ଓଡିଶା ଦେଶ | ତପନ ଦୀକ୍ଷିତ (ବେଳାଭୂମି) | ୬୦ |
| ଅମୃତତ୍ୱ | ବିନୟ ମହାପାତ୍ର | ୬୧ |

| | | |
|---|---|---|
| ଅସାଧାରଣ ସୁନ୍ଦରବନ | ଅଶୋକ ବିଶ୍ୱାଳ | ୬୩ |
| ମୃତ୍ୟୁର ଦେବତାଙ୍କୁ ଚିଠିଟିଏ ! | ଦଣ୍ଡାସି ପ୍ରଧାନ | ୭୩ |
| କସ୍ତୁରୀ ମୃଗ | ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ | ୭୫ |
| ନୂଆ ଈଶ୍ୱର | ଡ. ଜ୍ଞାନେଶ୍ୱର ମିଶ୍ର | ୭୭ |
| ପାରନଏଡ ପର୍ସନାଲିଟି | ଅଳକା ମହାନ୍ତ | ୭୮ |
| ଆମେ ଗୋଟିଏ<br>ନାଆର ନାଉରୀ | ବିନୋଦିନୀ ଦାଶ | ୮୧ |
| କହିଲେ କହିବ କହୁଛି | ଡ. ପ୍ରସନ୍ନ କୁମାର ବଳ | ୮୩ |
| ପ୍ରେମ ଅଶ୍ରୁ | ଅମ୍ବିକା ସ୍ୱାଇଁ | ୮୫ |
| ଏକବିଂଶ ଶତାବ୍ଦୀର କବିତା:<br>ପୃଷ୍ଠଭୂମି ଓ ପ୍ରତିକ୍ରିୟା | ତାପସ କୁମାର ଜେନା | ୮୭ |
| ଖଣ୍ଡ ଚୂଳଆ | ଜୟନ୍ତୀ ଦେବୀ | ୯୫ |
| ଜୀବନ ଝରଣା | ସଂଯୁକ୍ତା ସାହୁ | ୯୭ |
| ଛାଇ ଲେଉଟାଣି ବେଳ | ବୀରକିଶୋର ନାୟକ | ୯୯ |
| ଶ୍ରୀରାମପୁର ପାଗଳା | ଶଶଧର ମହାପାତ୍ର | ୧୦୦ |
| ମାତୃଶକ୍ତି ଅବହେଳିତ | ନିରୁପମା ପାଣି | ୧୦୫ |
| ବେଙ୍ଗରାଜା ବାହାଘର | ରଘୁନାଥ ତ୍ରିପାଠୀ | ୧୦୬ |
| ସଂଚୟ | ସନାତନ ମହାକୁଡ଼ | ୧୦୮ |
| ପ୍ରଥମେ ଆମେ ମଣିଷ | ପଙ୍କଜ ଲୋଚନ ମହାନ୍ତ | ୧୦୯ |
| ପରିବେଶ ସୁରକ୍ଷା<br>ଜୀବନ ରକ୍ଷା | ସୁସ୍ମିତା ମହାପାତ୍ର | ୧୧୪ |
| ମଧୁ ଠୁ ମଧୁ ଆହୁରି ମଧୁ | ବୈଦ୍ୟନାଥ ପଣ୍ଡା | ୧୧୭ |
| ଶେଷଇଚ୍ଛା ର ପ୍ରେମ | ଆଶୁତୋଷ ମେହେର | ୧୧୯ |
| ପାର୍ବଣ | ସନ୍ଧ୍ୟା ଘଡେଇ | ୧୨୫ |

| | | |
|---|---|---|
| ପାପ | ରଶ୍ମିତା ସାହୁ | ୧୨୬ |
| ଲଳତ ନବନ୍ଧ-ଭଲ ଘର | ବଦ୍ରୀ ମହାନ୍ତ | ୧୨୮ |
| ଅକ୍ଷୟ ତୃତୀୟା | ରାଧାମୋହନ ପୂଜାହାରୀ | ୧୩୨ |
| ରାମ ନାମ | ଅମୂଲ୍ୟ କୁମାର ପଣ୍ଡା | ୧୩୪ |
| ଖାଇଲି ମୁଁ ଝାଡୁ ପାହାର | ଶିଶିର କୁମାର ପଣ୍ଡା | ୧୩୫ |
| ନାଟକ - ରାମ ରାବଣ ରାମାୟଣ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୩୬ |
| ଦୀପାବଳି | ପୂର୍ଣ୍ଣଚନ୍ଦ୍ର ରଣା | ୧୪୩ |
| ଗବେଷଣା ମଣିଷ ପଣିଆର | ଭାସ୍କର ଚନ୍ଦ୍ର ଖଣ୍ଡା | ୧୪୪ |
| କର୍ମ | କୌସ୍ତୁଭ ଜାଲ | ୧୪୬ |
| ଏକ ଉତ୍ତପ୍ତ ଭବିଷ୍ୟତ ନଶ୍ଚିତ | ଅସିତ ମହାନ୍ତ | ୧୪୯ |
| ଘରକୁ ସରଗ କରିବା | ହରେରାମ ପଣ୍ଡା | ୧୫୩ |
| ହଜିଲା ଅତୀତ | ନରଞ୍ଜନ ସାହୁ | ୧୫୪ |
| ଉଠ୍ ପୁଟୁର୍ - ଧାରାବାହିକ | ଆରତୀ ସାହୁ (ଆଶା) | ୧୫୫ |
| ଲିଭି ଗଲା ପାଦ ଚହ୍ନ | ଚୈତନ୍ୟ ବାଗ | ୧୬୦ |
| ଅବ୍ୟକ୍ତ ବେଦନା | ଛବି ରାଣୀ ପତି | ୧୬୧ |
| କୁମ୍ଭୀର କାନ୍ଦଣା | ଝରଣା ବାରିକ | ୧୬୩ |
| ରାଜନୀତି ନା ଏକଛତ୍ରବାଦ ? | ବିଶ୍ୱଜିତ ରଥ | ୧୬୬ |
| ଦୁଃଖ ପାରାବାର | ଅଲେଖ ମେହେର | ୧୬୮ |
| ଶିକ୍ଷା | ନନ୍ଦିନୀ ରାଉତ | ୧୬୯ |
| କନ୍ୟା ସନ୍ତାନ ପାଇଁ ବିଶ୍ୱ ଆନ୍ଦୋଳନ - ଏକ ଆହ୍ୱାନ | ପ୍ରତାପ ଚନ୍ଦ୍ର ସାହୁ | ୧୭୦ |
| ଶୁଭ ଦୀପାବଳୀ | ସୁଲୋଚନା ବେହେରା | ୧୭୩ |
| ବର୍ଷା | ନମିତା ଦାଶ | ୧୭୭ |

| | | |
|---|---|---|
| ଦର ଆଉଜା | ରଞ୍ଜନ କୁମାର ଖଣ୍ଡା | ୧୭୯ |
| ବିଭାଜନ କାଳୀନ ପଞ୍ଜାବରେ ଦୁଃଖଦ ଦିନ ସବୁ | ପ୍ରିୟବ୍ରତ ପାତ୍ର | ୧୮୧ |
| ନେତାଜୀ | ପ୍ରକାଶ ଚନ୍ଦ୍ର ପଣ୍ଡା | ୧୮୭ |
| ଯେତେ ନ ଶୁଣିବ | ରାଜକିଶୋର ସାଇଁ | ୧୮୮ |
| ସଫଳ ଜୀବନର ମନ୍ତ୍ର | ସିଦ୍ଧେଶ୍ୱର ତ୍ରିପାଠୀ | ୧୮୯ |
| ଆସ ଗଢ଼ିବା ସୁନ୍ଦର ପୃଥିବୀ | ଅମରନାଥ ବାରିକ | ୧୯୨ |
| ଇନ୍ଦ୍ରଧନୁ | ବବୁଲି ତ୍ରୀପାଠୀ | ୧୯୫ |
| ଭଗବାନ ଶ୍ରୀକୃଷ୍ଣ କପରି "ବିଠଲ" ରୂପରେ ପୂଜା ପାଇଲେ | ନରେନ୍ଦ୍ର ପ୍ରସାଦ ବେହେରା | ୧୯୬ |
| ଆହେ ମହାବାହୁ | ଲଲାଟେନ୍ଦୁ ବାରିକ | ୧୯୮ |
| ଭାରତ, ଏକ ସିଂହାବଲୋକନ | ଦୀନବନ୍ଧୁ ବେଜ | ୧୯୯ |
| ଛୋଟ ମୋର ନାଆଟି (ଧାରାବାହିକ) | ପ୍ରଫେସର ଅନନ୍ତା ପଣ୍ଡା | ୨୦୧ |
| ଭାଗବତ ଅମୃତ ଧାରା | ବିଜୟ କୁମାର ସାହୁ | ୨୧୦ |
| ଲୁହର ନୁହେଁକି କୋହର ହେଲନ ତୁମେ ତ ବିରଳ ସ୍ମୃତି | ତାରାପ୍ରସାଦ ଜେନା | ୨୧୩ |
| ଗଳପ | ତ୍ରିପତି ପ୍ରଧାନ | ୨୧୫ |
| ଚଟି | ଅଧର ବିଶ୍ୱାଳ | ୨୧୭ |
| ଏ କଇଁଛ | ଗଜାନନ ମିଶ୍ର | ୨୨୦ |
| ମା ବୁଢୀ ଠାକୁରାଣୀ | ନରେନ୍ଦ୍ର ପ୍ରସାଦ ବେହେରା | ୨୨୨ |
| ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ ଭବତୁ ମେ !! | ପୁଷ୍ପଲତା ବେହେରା | ୨୨୩ |
| ହସୁଛି ଏ ଧରା ଭୂଇଁ | ସତ୍ୟନାରାୟଣ ପ୍ରସାଦ ନାୟକ | ୨୨୫ |

| | | |
|---|---|---|
| କଏ ଭଲପାଏ କାହାକୁ | ଶୁଭମ୍ କୁମାର ସାହୁ | ୨୨୬ |
| ସଂପର୍କର ଶେଷ ସୂତାଖିଅ | ସୁଷମା ପରିଜା | ୨୨୭ |
| ଅବସର ଦିଅ | ସୁଶ୍ରୀ ପଲ୍ଲବିତା ସାହୁ | ୨୩୧ |
| ଦୀପାବଳୀ | ତପସ୍ୱିନୀ ଜେନା | ୨୩୪ |
| ସାଂପ୍ରତିକ ସ୍ଥିତିରେ ଅଘରିଆ ସମାଜ | ସନ୍ତୋଷ କୁମାର ରାଉତ | ୨୩୫ |
| ଦୀପାବଳି | ସୁଭେନ୍ଦୁ ମେହେର | ୨୩୮ |
| ଆଲୋକର ପର୍ବ | ସମ୍ବିତ ଦାଶ | ୨୩୯ |
| ୨୦୨୦ ରେ ବିଶ୍ୱ | ଇଂ. ରଶୀକାନ୍ତ ମିଶ୍ର | ୨୪୦ |
| ପରିବର୍ତନ | ଡ. ସୁନୀଲ କୁମାର ଶତପଥି | ୨୪୬ |
| ଡାକବାଲ୍ | ଜିତଲ୍ଲ କାଣ୍ଡ | ୨୪୭ |
| ସର୍ବଂସହା | କାଳକଙ୍କର | ୨୪୯ |
| ତୁମେ ପର୍ ମୋର ବନ୍ଧୁ | ଚନ୍ଦନା ମଞ୍ଜରୀ ତ୍ରିପାଠୀ | ୨୫୪ |
| ଅଭିଶପ୍ତ ହୋଲି | ସୁଶ୍ରୀୟା ପରିଡା | ୨୫୬ |
| ଆତ୍ମସମୀକ୍ଷା | କୃଷ୍ଣ ଚନ୍ଦ୍ର ବାରିକ | ୨୬୪ |
| ବିଶ୍ୱାସ | ଅନଙ୍ଗ ମଞ୍ଜରୀ ଜେନା | ୨୬୬ |
| ନିରବ ରାତିର ସାଥୀ | ତନୁଶ୍ରୀ ଅନିନ୍ଦିତା ପଟ୍ଟନାୟକ | ୨୬୮ |
| ହଜି ଯାଇଥିବା ଈଶ୍ୱର- ଏକ ପ୍ରତୀକଧର୍ମୀ ନାଟକ | ଡକ୍ଟର କିଶୋର ମହାନ୍ତ | ୨୬୯ |
| ଜୟ ମାଁ ଭୈରବୀ | ଦେବାର୍ଚ୍ଚନ ମେହେର | ୨୭୪ |
| ସେହି ବେନାମୀ ଚିଠି | ପ୍ରଶାନ୍ତ କୁମାର ପାଢ଼ୀ | ୨୭୬ |
| ଅଚହ୍ନା ବନ୍ଧନ (ଧାରାବାହିକ) | ଜୟଲକ୍ଷ୍ମୀ ସେଠୀ | ୨୭୭ |

| | | |
|---|---|---|
| ଅସୀମ ଶକ୍ତ ତୋ ଧୈର୍ଯ୍ୟର ସୀମା କେତେ | ଝିଲିମିଲି ସାହୁ | ୨୮୨ |
| ତୁ ଗଲାପରେ | ମେନକା ସାହୁ | ୨୮୩ |
| ଆଫଗାନସ୍ତାନର ପତନ ପାଇଁ ଦାୟୀ କିଏ | ଦୋଳଗୋବିନ୍ଦ ପଣ୍ଡା | ୨୮୫ |
| ହସିବ ଆମର ଦେଶ | ଜୟନ୍ତ କୁମାର ମଲ୍ଲିକ୍ | ୨୯୦ |
| ଶିଶୁର ବ୍ୟକ୍ତିତ୍ୱ | ଖଗେଶ୍ୱର ବାଗ | ୨୯୧ |
| ଆତ୍ମିକ ବନ୍ଧନ | ବିନୟ କୁମାର ଦାସ | ୨୯୩ |
| ଗାଆଁ ମାଟି | କୁମର ଲାଲ ରଣା | ୨୯୬ |
| ହେ କବିତା | ବୈଷ୍ଣବ ମେହେର | ୨୯୮ |
| ବିଶ୍ୱାସେ ମିଳଇ ହରି | ପ୍ରଦୀପ୍ତ କୁମାର ମିଶ୍ର | ୩୦୦ |
| ବାଳକା ବଧୂ | ଦିନେଶ ମେହେର | ୩୦୩ |
| ଅପେକ୍ଷା | ସୁଶୀଲ୍ କୁମାର ଭୋଇ | ୩୦୪ |
| ଆଉ ଇଚ୍ଛାନାହିଁ | ରାଜେଶ କୁମାର ବାରିକ୍ | ୩୦୬ |
| ଈର୍ଷା | ରାକେଶ କୁମାର ଦାସ | ୩୦୮ |
| ଟୋପାଏ ସିନ୍ଦୂର | ଜନ୍ମଜୟ ନାୟକ | ୩୧୦ |
| ମହୁଲି | ଅଜିତ ପାଢ଼ି | ୩୧୨ |
| ପ୍ରସ୍ତରିତ ଦାୟିତ୍ୱ | ବିଜୟ କୁମାର ଜେନା | ୩୧୪ |
| ଦୁର୍ଲଭ ମାନବ ଜନ୍ମ | ଅଲେଖ ମେହେର | ୩୧୬ |
| ଗାନ୍ଧୀଙ୍କୁ ପତ୍ର | ଟଙ୍କଧର ସାହୁ | ୩୨୦ |
| ଦମ୍ଭ | ସ୍ୱର୍ଣ୍ଣପ୍ରଭା ଖଟୁଆ | ୩୨୧ |
| ମନର ଭ୍ରମ | ସରୋଜ କୁମାର ସାହୁ | ୩୨୩ |
| ଏ କେମିତି ଲୁହ | ରାଧାରାଣୀ ରାଉଳ | ୩୨୪ |

| | | |
|---|---|---|
| ଅଫେର୍ ବାଟର ଅଲ୍ଟେଡା ସାଥି | ଶିବରାମ ଦଳେଇ | ୩୨୫ |
| ସୈନ୍ୟ ବୀର | ଜ୍ୟୋତି ପଧାନ | ୩୨୮ |
| ଚର୍ ପୋଷାକ | ଦୁଷ୍ମନ୍ତ ବେହେରା | ୩୩୦ |
| ଫେସବୁକ୍ ପ୍ରେମ | ସତ୍ୟରଞ୍ଜନ ଘିଓ୍ୱାଲ | ୩୩୬ |
| କ୍ଷୁଦ୍ର ଆଲୋକର ଶିଖା | ବାଲ୍ମୀକ ନାୟକ | ୩୩୮ |
| ଶ୍ରୀମଦଭଗବତଗୀତାରୁ ପଦେ | ନରେନ୍ଦ୍ର ପ୍ରସାଦ ବେହେରା | ୩୪୧ |
| **ସ୍ୱାସ୍ଥ୍ୟ ବିଭାଗ** | | |
| ଦୈନନ୍ଦିନ ଜୀବନ ଶୈଳୀ ଓ ସ୍ୱାସ୍ଥ୍ୟ ରକ୍ଷା | ଡାକ୍ତର ବସନ୍ତ କୁମାର ଷଡଙ୍ଗୀ | ୩୪୫ |
| **ଆମ ହାଣ୍ଡିଶାଳ** | | |
| ହାଣ୍ଡିଶାଳ | ତ୍ରିପତି ପ୍ରଧାନ | ୩୫୦ |
| ହରଡ ମୁଗଡାଲି ସୁପ୍ | ଜୟନ୍ତୀ ଦେବୀ | ୩୫୨ |
| ଉଡଦ ଚଂଗୁଡି | ଦେବଜାନୀ ସ୍ୱାଇଁ | ୩୫୩ |
| **ଆଞ୍ଚଳିକ** | | |
| ବୁହେନ | ବାଙ୍କାବିହାରି ମହାକୁର | ୩୫୬ |
| ଆଇଛେରେ ଶୀତ୍ | ସାଗରିକା ସାହୁ | ୩୫୮ |
| ପାଁଚ୍ ଟା ରଙ୍ଗ୍ ମୁନୁଷର୍ | ସୁନୀଲ କୁମାର୍ ଅଗସ୍ତି | ୩୫୯ |

# ଶିଶୁ ବିଭାଗ


| | | |
|---|---|---|
| ପିତା କାକୁଡି ମିଠା କାକୁଡ଼ି | ଡ଼ଃ ରଞ୍ଜିତ କୁମାର ସାହୁ | ୩୬୩ |
| ଏ କଥା କେବେ ଭାବିଛ ବସି ? | ନୀଳମଣି ଭୂୟାଁ | ୩୬୭ |
| କଣ୍ଢେଇ | ସତ୍ୟନାରାୟଣ ମିଶ୍ର | ୩୬୯ |
| ଆଲୋକର ପର୍ବ ଦୀପାବଳି | ସାଇପ୍ରସାଦ ସାହୁ | ୩୭୧ |
| ଟିକି ଟିକି ତାରା ଫୁଲ | ବେଣୁଧର ସୂତାର | ୩୭୩ |
| ଲେମ୍ବୁ ପ୍ରଜାପତି | ନୀଳମାଧବ ସାହୁ | ୩୭୫ |
| ଗୀତରେ ଗଣିତ | ଅମରନାଥ ବାରିକ | ୩୭୯ |
| ତୁଳସୀ | ପ୍ରତୀକ୍ଷା ଶତପଥୀ | ୩୮୧ |
| ଆପଣଙ୍କ ମତାମତ | ବେଦାନ୍ତୀ ପରିବାର | ୩୮୨ |
| ଡିସେମ୍ବର ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୩୮୩ |
| ଚନ୍ଦ୍ର କଥା କହେ | ବେଦାନ୍ତୀ ପରିବାର | ୩୮୪ |


[ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)

ଯୋଗାଯୋଗ

Whatsapp:+ 91 9594993733

# ଜଣେ ଓଡିଆ କବିଙ୍କ ସ୍ମରଣ କରି

ଗୁରୁକଲ୍ୟାଣ ମହାପାତ୍ର

ଗୋଟାଏ ଶତାବ୍ଦୀ ଆଉ ବତିଶି ବର୍ଷ ବିତି ଗଲାଣି । କଟକ ସହରରେ ଜନ୍ମ ହୋଇଥିଲେ ଜଣେ କବି । ଆଧୁନିକ ଓଡିଆ ସାହିତ୍ୟ ଯଦି ଆରମ୍ଭ ହୋଇଛି, ବ୍ୟାସକବି ଫକୀର ମୋହନଙ୍କ ଠାରୁ, ତାହେଲେ ସେହି ଯୁଗର ଶେଷ କବି ହେଉଛନ୍ତି ଶହେ ତିରିଶ ବର୍ଷ ତଳର ସେ କବିଜଣକ ବୋଲି କହିଲେ କିଛି ଅତ୍ୟୁକ୍ତି ହେବନାହିଁ । ଅର୍ଥାତ୍ ଫକୀର ମୋହନଙ୍କୁ ପଢିବାକୁ ଆରମ୍ଭ କଲେ ଯାଇ ଶେଷ କରିବାକୁ ହୁଏ ତାଙ୍କଠାରେ । ଆପଣମାନେ ଜାଣି ଥିବେଣି, ସେ କବି ଜଣକ ହେଉଛନ୍ତି କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର । ଉଭୟ ପ୍ରାଚୀନ ଓ ଆଧୁନିକ ସାହିତ୍ୟ ମଧ୍ୟରେ ସେ ଥିଲେ ଜଣେ ସାର୍ଥକ ସଂଯୋଗକାରୀ ସେତୁ ସଦୃଶ ବୋଲି ମଧ୍ୟ କୁହାଯାଇଥାଏ । ସବ୍ୟସାଚୀଙ୍କ ପରି ଉଭୟ ଗଦ୍ୟ ଓ ପଦ୍ୟ ରଚନା କରି ସେ ପ୍ରସିଦ୍ଧି ଲାଭ କରିଛନ୍ତି । ଆଧୁନିକ ଓଡିଆ ସାହିତ୍ୟର ଯୁଗସ୍ରଷ୍ଟା ଫକୀରମୋହନ ଓ ପ୍ରସିଦ୍ଧ କବି ଗୋପବନ୍ଧୁଙ୍କୁ ଗୁରୁଜ୍ଞାନ କରି ଛାତ୍ର ଜୀବନରୁ ଲେଖନୀ ଚାଳନା କରି ପ୍ରତିଷ୍ଠିତ ହୋଇଥିବା ଲକ୍ଷ୍ମୀକାନ୍ତ, ପରବର୍ତ୍ତୀ କାଳରେ କାନ୍ତକବି ଲକ୍ଷ୍ମୀକାନ୍ତ ଭାବରେ ପରିଚିତ ହେଲେ ଓଡିଆ ସାହିତ୍ୟର ଯୁଗସ୍ରଷ୍ଟା ଫକୀରମୋହନ ଓ ପ୍ରସିଦ୍ଧ କବି ଗୋପବନ୍ଧୁଙ୍କୁ ଗୁରୁଜ୍ଞାନ କରି ଛାତ୍ର ଜୀବନରୁ ଲେଖନୀ ଚାଳନା କରି ପ୍ରତିଷ୍ଠିତ ହୋଇଥିବା ଲକ୍ଷ୍ମୀକାନ୍ତ, ପରବର୍ତ୍ତୀ କାଳରେ କାନ୍ତକବି ଲକ୍ଷ୍ମୀକାନ୍ତ ଭାବରେ ପରିଚିତ ହେଲେ ଓଡିଆ ସାହିତ୍ୟରେ । ପ୍ରକୃତରେ ଛାତ୍ରାବସ୍ଥାରେ, ରାଭେନ୍ସା କଲେଜରେ ପଢୁଥିବାବେଳେ କୌଣସି କୌଣସି ତାଙ୍କର ଶିକ୍ଷକ ବା ସହପାଠୀ ତାଙ୍କୁ "ପୋଏଟ ଲରେଟ୍" ବା "କାନ୍ତକବୀ" ବୋଲି ମଧ୍ୟ ପରିହାସ ଛଳରେ ସମ୍ବୋଧନ କରି ଆସୁଥିଲେ । ମାତ୍ର ୧୯୩୪ ମସିହାରେ ଲକ୍ଷ୍ମୀକାନ୍ତଙ୍କ ବନ୍ଧୁ ସ୍ୱର୍ଗୀୟ ଲକ୍ଷ୍ମୀନାରାୟଣ ସାହୁ (ପରେ ପଦ୍ମଶ୍ରୀ ଉପାଧିପ୍ରାପ୍ତ) ଏକ ସମ୍ବର୍ଦ୍ଧନା ସଭା ଭଦ୍ରକ ହାଇସ୍କୁଲ ପ୍ରାଙ୍ଗଣରେ ଆୟୋଜନ କରିଥିଲେ । ସେହି ସଭାରେ

ସଭାପତିତ୍ୱ କରିଥିଲେ କିବେଶେଖର ଚିନ୍ତାମଣି ମହାନ୍ତି ଏବଂ ଅନ୍ୟମାନଙ୍କ ମଧ୍ୟରେ ଜାତୀୟ କବି ଭାବେ ସୁପରିଚିତ ବାଞ୍ଛାନିଧି ମହାନ୍ତି ଓ ହରେକୃଷ୍ଣ ମହତାବ ପ୍ରଭୃତି ଯୋଗ ଦେଇଥିଲେ । ନିଜେ ଲକ୍ଷ୍ମୀକାନ୍ତ ମଧ୍ୟ ସେଠାରେ ଉପସ୍ଥିତ ଥିଲେ ଏବଂ ବିଧିବଦ୍ଧ ଭାବେ ତାଙ୍କୁ "କାନ୍ତକବି" ଉପାଧିରେ ମର୍ଯ୍ୟାଦିତ କରାଯାଇଥିଲା । କାରଣ ତାଙ୍କର କାନ୍ତକୋମଳ ରଚନାବଳୀ ସମସ୍ତଙ୍କୁ ଆକୃଷ୍ଟ କରିପାରିଥିଲା । ସେହି ସଭାରେ ଜାଟୀୟ କବି ସ୍ୱର୍ଗୀୟ ବାଞ୍ଛାନିଧି ମହାନ୍ତି ତାଙ୍କୁ ସମ୍ବର୍ଦ୍ଧନା ଦେବାକୁ ଯାଇ କହିଥିଲେ "ଲକ୍ଷ୍ମୀକାନ୍ତ ଆମ ଜାତୀୟ ସାହିତ୍ୟର କର୍ଣ୍ଣଧାର ହେବାକୁ ଯୋଗ୍ୟ ।" ହରେକୃଷ୍ଣ ମହତାବ ମଧ୍ୟ କହିଥିଲେ – "ଆପଣଙ୍କ ଚିନ୍ତା ଆପଣଙ୍କ ଜାତୀୟତା, ଲେଖାଭଙ୍ଗୀ ଆମ୍ଭମାନଙ୍କୁ ନିରାଶାରେ ଆଶା ଦେଇଛି । .... ଆପଣଙ୍କ ଜାତୀୟ ସଂଗୀତଟି ମୋ ପରି ବହୁ ତରୁଣଙ୍କ ହୃଦ୍ୟରେ ସ୍ପନ୍ଦନ ଆଣି ଦେଇଛି ।"

ଲକ୍ଷ୍ମୀକାନ୍ତ ଉଭୟ ଦେଶଭକ୍ତିମୂଳକ ସଂଗୀତ ବା କବିତା ରଚନା ସହିତ ଭକ୍ତିମୂଳକ ସଂଗିତ ବା କବିତା ରଚନା କରି ଓଡିଆମାନଙ୍କ ହୃଦୟକୁ ଜୟ କରି ଆସିଛନ୍ତି । ତାଙ୍କ ରଚିତ ଉତ୍କଳ ବନ୍ଦନା "ବନ୍ଦେ ଉତ୍କଳ ଜନନୀ" କୁ ରାଜ୍ୟ ସରକାର ସ୍ୱୀକୃତି ଦେଇଛନ୍ତି – ଗତ ୨୦୨୦ ମସିହାରେ । କେତେବର୍ଷ ତଳେ "ଲୋକସେବକ ମଣ୍ଡଳ" ଙ୍କ ଦ୍ୱାରା "ଗୋପବନ୍ଧୁ ଜ୍ୟୋତି" ପରିକ୍ରମଣ ବେଳେ ଉଚ୍ଚ ବାକ୍ ଯନ୍ତ୍ର ଜରିଆରେ ରାଜଧାନୀ ଭୁବନେଶ୍ୱରର ରାସ୍ତା ଉପରେ ଏହି ସଂଗୀତ ହିଁ ରାଜଧାନୀବାସୀଙ୍କୁ ବେଶ ଉନ୍ମାଦିତ କରିଥିବା ପରିଲକ୍ଷିତ ହୋଇଥିଲା । ତାଙ୍କର ଆଉ ଏକ ଦେଶଭକ୍ତିମୂଳକ ସଙ୍ଗୀତ "ଉଡାଇ ନିମାଣ ବଜାଇ ଭେରୀ, ଜଗାଇ ବିପୁଳ ପୁଲକ କମ୍ପ / ମନ୍ତ୍ରପୂତ ଅନଳ ଭେଦି ଏ ଜାତି ଯେଦିନ ଦେଲାରେ ଲମ୍ଫ" ଗୀତଟି ଉତ୍କଳ ସମ୍ମିଳନୀ ଅଧିବେଶନବେଳେ ଶୁଣି ଉତ୍କଳମଣି ଗୋପବନ୍ଧୁ ଅଭିଭୂତ ହୋଇ ପଡିଥିଲେ ଏବଂ "ଲକ୍ଷ୍ମୀକାନ୍ତ ଏପରି ଏକ ଗୀତ ଲେଖିପାରିଛୁ" ବୋଲି କହି କୁଣ୍ଢାଇ କାନ୍ଦି ପକାଇଥିଲେ । (ଗୋପବନ୍ଧୁ ସ୍ମୃତି, କାନ୍ତ ସାହିତ୍ୟ ମାଳା, ପ୍ରଥମ ଖଣ୍ଡ, ପୃଷ୍ଠା ୫୩୩ ରୁ ଉଦ୍ଧୃତ) କାନ୍ତକବିଙ୍କର ଦେଶଭକ୍ତିମୂଳକ ସଂଗୀତ

ଗୁଡିକ "ଦୁନ୍ଦୁଭି" ନାମକ ଏକ ପୁସ୍ତିକାରେ ପ୍ରକାଶିତ ହୋଇଥିଲା । ପରେ ତାହା କାନ୍ତକବିଙ୍କ ଗ୍ରନ୍ଥାବଳୀ "କାନ୍ତ ସାହିତ୍ୟ ମାଳା" ର ଦ୍ୱିତୀୟଭାଗରେ ସ୍ଥାନିତ ହୋଇଛି ।

କାନ୍ତକବିଙ୍କର ଭକ୍ତିମୂଳକ ସଂଗୀତ ଗୁଡିକ ମଧ୍ୟ ଓଡିଆମାନଙ୍କ ହୃଦୟକୁ ସ୍ପର୍ଶ କରିଥାଏ । ତାଙ୍କ ରଚିତ "ଜୀବନ ସଂଗୀତ" ମଧ୍ୟରେ ଥିବା "ସବୁଥିରୁ ବଞ୍ଚିତ କରି କେଉଁ ଯଶବାନା ଉଡାଇବ ହେ", "ଦେ ମୋତେ ବାଇଆ କରି ଆରେ ମୋର ବାଇଆ ରାଜା", "ଭଙ୍ଗା ମୋର ଡଙ୍ଗା ଖଣ୍ଡିକ ଯାଉଛି ଭାସି", କିମ୍ବା "ଯେତିକି ଯେତିକି ଦୁଃଖ ଦେଉଥିବ ସେତିକି କୁଣ୍ଢାଇ ଧରିବି ହେ" ପ୍ରଭୃତି ରଚନାଗୁଡିକ କବିଗୁରୁ ରବୀନ୍ଦ୍ରନାଥଙ୍କ "ଗୀତାଞ୍ଜଳି" ପରି ଉନ୍ନତ ଧରଣର ବୋଲି କେହି କେହି ଓଡିଆ ସାହିତ୍ୟ ସମାଲୋଚକ ମତ ଦେଇଛନ୍ତି । ୧୯୬୧ ମସିହାରେ ପଶ୍ଚିମବଙ୍ଗର ଶାନ୍ତି ନିକେତନ ବିଶ୍ୱବିଦ୍ୟାଳୟରେ ରବୀନ୍ଦ୍ରନାଥ ଠାକୁରଙ୍କ ଜନ୍ମ ଶତବାର୍ଷିକ ଉତ୍ସବ ଉପଲକ୍ଷେ "ଭାରତୀୟ ଭାଷା ସାହିତ୍ୟ ସମାରୋହ" ଅନୁଷ୍ଠିତ ହୋଇଥିଲା । ଓଡିଶାରେ ବିଶିଷ୍ଟ ଲେଖକ ଗୋପୀନାଥ ମହାନ୍ତି (ପ୍ରଥମ ଓଡିଆ ଜ୍ଞାନପୀଠ ପୁରସ୍କାରପ୍ରାପ୍ତ ଔପନ୍ୟାସିକ) ସେହି ଉତ୍ସବରେ ଯୋଗଦେଇ "ରବୀନ୍ଦ୍ରନାଥ" ଶୀର୍ଷକରେ ଏକ ଇଂରାଜୀ ବକ୍ତୃତା ପ୍ରଦାନ କରିଥିଲେ । ଏହି ବକ୍ତୃତାର ଓଡିଆ ଅନୁବାଦ ପ୍ରଫେସର ମନୋରଞ୍ଜନ ପ୍ରଧାନଙ୍କ ସଂପାଦନାରେ ପ୍ରକାଶିତ "ଗୋପୀନାଥ ଚୟନିକା" (ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ) ପୁସ୍ତକର ୨୨୫ ପୃଷ୍ଠାରେ ସ୍ଥାନିତ ହୋଇଛି । ସେହି ବକ୍ତୃତାରେ ଗୋପୀନାଥ ମହାନ୍ତି ଉଲ୍ଲେଖ କରିଛନ୍ତି "ଲକ୍ଷ୍ମୀକାନ୍ତ ମହାପାତ୍ର ଆପଣାକୃତି ବଳରେ ନିଜେ ଅତି ପ୍ରସିଦ୍ଧ କବି । ସେ ଯେତେବେଳେ ରବୀନ୍ଦ୍ରନାଥଙ୍କ ଠାରୁ ଭାବ ଗ୍ରହଣ କରୁଥିଲେ, ସେତେବେଳେ ତାକୁ ଆପଣାର କବି ପ୍ରତିଭା ବଳରେ ପରିଚ୍ଛେଦରେ ଭୂଷିତ କରୁଥିଲେ । ତାଙ୍କ ସଂଗୀତାବଳି ଭାରତର ସ୍ୱାଧୀନତା ପାଇଁ ରଚିତ ହୋଇଥିବା ତାଙ୍କର ନାନା ପଦ୍ୟ ଓ ଅନ୍ୟାନ୍ୟ କବିତାରେ ତାଙ୍କର ଶ୍ଳେଷ ଓ ବ୍ୟଙ୍ଗ ଓଡିଆ ସାହିତ୍ୟର ଅତି ଆଦରର ଅମୂଲ୍ୟ ସମ୍ପଦ ହୋଇ ଯୁଗ ଯୁଗକୁ ରହିଥିବ । ତାଙ୍କର ଗଭୀର ଧ୍ୟାନ ଓ ସୂକ୍ଷ୍ମ କଳାଗ୍ରାହୀ ଭଙ୍ଗୀ ଥିଲା ।ତେଣୁ ସେ ରବୀନ୍ଦ୍ରନାଥଙ୍କର ଆଧ୍ୟାତ୍ମ କବିତାମାନଙ୍କର ଆତ୍ମାକୁ

ଗ୍ରହଣ କରିପାରିଥିଲେ, କିନ୍ତୁ ଯେଉଁମାନେ ରବୀନ୍ଦ୍ରନାଥଙ୍କର ନାଁ ପଢୁଥିବା ଅନୁସରଣିଆ, ସେମାନେ ତାହା କରିପାରିଲେ ନାହିଁ ।

କାନ୍ତକବିଙ୍କ ସୃଷ୍ଟି ଓଡିଆ ବ୍ୟଙ୍ଗ ସାହିତ୍ୟକୁ ମଧ୍ୟ ଋଦ୍ଧିମନ୍ତ କରିଛି । ତାଙ୍କ ରଚିତ ଏକମାତ୍ର ଉପନ୍ୟାସ "କଣାମାମୁଁ", ଅସମ୍ପୂର୍ଣ୍ଣ ହୋଇ ମଧ୍ୟ କାଳଜୟୀ । ତାଙ୍କ ରଚିତ "ବୁଢା ସଙ୍ଖାରୀ" ପ୍ରଭୃତି "କ୍ଷୁଦ୍ରଗଳ୍ପ, "କର୍ଣ୍ଣ", "ଚନ୍ଦ୍ରହାସ" ପ୍ରଭୃତି ନାଟକ ଏବଂ ଆତ୍ମଜୀବନୀ ମୂଳକ ପ୍ରବନ୍ଧ କତିପୟ ଓ "କୁମାରୀ", "ସୁନାପୁଅ", ବା "ଜୀବଜନ୍ତୁ ବା ଚିଡିଆଖାନା" (ଏକଦା ବିହାର-ଓଡିଶା ପ୍ରାଥମିକ ସ୍କୁଲରେ ପାଠ୍ୟ ପୁସ୍ତକ ହୋଇଥିଲା) ପ୍ରଭୃତି ପଦ୍ୟ ମଧ୍ୟ ବେଶ ଆଦୃତ । ତାଙ୍କ ରଚିତ ପୁସ୍ତକଗୁଡିକ ଇଂରାଜୀ, ହିନ୍ଦୀ ଓ ଅନ୍ୟାନ୍ୟ ଭାରତୀୟ ଭାଷାକୁ ଅନୁବାଦ କରିପାରିଲେ ତାଙ୍କୁ ଆମେ ଜାତୀୟ ସ୍ତରରେ ପ୍ରତିଷ୍ଠା କରିପାରନ୍ତେ । ଏହା ହିଁ ତାଙ୍କ ପବିତ୍ର ଜନ୍ମମାସରେ କାମନା ।

ଭୁବନେଶ୍ୱର
୯୪୩୭୦୧୨୧୨୩

# ନିଃସଙ୍ଗ ସହର



ସ୍ୱର୍ଣ୍ଣମୟୀ ଷଡଙ୍ଗୀ

ସହର  ସବୁଦିନେ ସବୁ ମୁହୂର୍ତ୍ତରେ କୋଳାହଳ ମୟ
ହଉ ଫୁଲଫୁଟା ବେଳ ଅବା ସଞ୍ଜ ବେଳ
ହଉ ମଧ୍ୟାହ୍ନର  ତତଲ୍ ପ୍ରହର ଅବା ମଧ୍ୟ ରାତ୍ରିର
କଡଲେଉଟିବା ବେଳ, ଶୁଭୁ ଥାଏ ନାନା ରଙ୍ଗର
ନାନା ଢ଼ଂଗର  ଶବ୍ଦ ମାନଙ୍କର ବିଚତ୍ରା
ହେଲେ ଏତେ ସବୁ ଶବ୍ଦମାନଙ୍କ ଗହଣରେ
ସହର ଟା  ଏତେ ନିଃସଙ୍ଗ କାହିଁକି,
କାହିଁକି ସହରର ସମ୍ପର୍କ ସବୁ ଅଡୁଆ ଛିଣ୍ଡା ସୂତା ଭଳି
ଯେତେ ଆତ୍ମୀୟତା ଭଲ ପାଇବା ମଧୁର ବଚନ ଢାଳଦିଅ
ତା ଉପରେ ସେ କେବେ ଆପଣାର ହୋଇ ପାରେନା
ଦେଇପାରେ ନା ସୁଲୁ ସୁଲୁ ପବନରୁ ମୁଠାଏ କି
ମିଠା ମିଠା ହସରୁ ଚେନାଏ , ଯିଏ ହରି ନଏ ସବୁ କ୍ଲାନ୍ତ
ସବୁ ଅବସାଦ । ।

ବର୍ଷ ପରେ ବର୍ଷ ଏଇ ସହରରେ ବିତିଲାଣି
ମୋ ଜୀବନର କେତେ ସୁଖ ଦୁଃଖର କେତେ
ବ୍ୟଥା  ବେଦନାର କେତେ ହସ ଲୁହର
ଦିନସବୁ, ବିତିଲାଣି ଅନେକ ବର୍ଷଣ ମୁଖର ସନ୍ଧ୍ୟା
ଭିଜା ଭିଜା ଶୀତୁଆ ସକାଳ, ଆହ୍ଲାଦିତ ବସନ୍ତର
ବାସ୍ନାଇତ ଅସୁମାରି କ୍ଷଣ,
ତଥାପି ଏସହର ସେମିତି ଅପରିଚିତ ନିଃସଙ୍ଗ

ଯେମିତି ପ୍ରଥମେ ଭେଟିଥିଲି ତାକୁ,
ସେଇ ଅହେତୁକ ଭୟରେ ଆଜିବି ମୁଁ ଜଡ଼ ସଡ
ମନରେ ହୃଦୟରେ ପାର୍ଥକ୍ୟର ଲୁହା ବାଡ
ହାତେ ମାପି ଗୃଖଣ୍ଡେ ଗୃଲିବାକୁ ହୁଏ ।।

ସେ ଆପଣାର ପଣ ଯେମିତି ଅଛି ମୋ ଗାଁ ମାଟି
ପାଖରେ, ସେ ବିଶ୍ୱାସର ବଡ଼ଦାଣ୍ଡ ଯେଉଁଠି ଯେତେ
ଦୌଡ଼ିଲେ ବି ମୁଁ କେବେ ଥକବିନ
ସେ ମମତାର ମନ୍ଦାକନୀ ଧାର୍
ଯିଏ ଝରୁଛି ନଈଟିଏ ହୋଇ ମୋ  ଗାଁ ମାଟିର
ପାଦ ଯୁଗଳରେ, ବୁଡ଼ଟିଏ ମାରି ଦେଲେ ଯିଏ
ହରିନଏ ସବୁ ଯନ୍ତ୍ରଣା  ବ୍ୟଥା ଓବେଦନା
ସେମିତି ଏସହରରେ କାହିଁ
ସବୁ ସହର ବୋଧେ ଏମିତି
ନା ପରିଚୟ ମାଗେ
ନା ପରିଚତ ହୁଏ
ଖାଲି ଯାହା ବଞ୍ଚିବାକୁ ଖୋର୍‌କ ଯୋଗାଏ।।

ସହର ର ସବୁ ଋତୁ ଏମିତି
ପ୍ରତିଯୋଗିତା
ରେ ଭରପୁର
ଜିତିବାର ପ୍ରବଳ  ଅଭିପ୍ସା
ପ୍ରତିପତ୍ତି ପାଇଁ ଚରମ ପ୍ରତିଦ୍ୱନ୍ଦ୍ବତା
ହାରିବା ଶିଖିନ ଏ ସହର
ସେଥି ପାଇଁ ତ ଜିତିକ ବି ହାରିଯାଏ ଏ ସହର।।

ନିଃସଙ୍ଗ ସହର  ଅଜ୍ଞାତ ସହର
ହୃଦୟ ହୀନ ସହର
ଅନ୍ଧ ଗଳିର ସହର
ମିଛ ସମ୍ପର୍କର ସହର
ଦିନ ରାତି ଧାଇଁ ଧାଇଁ ଅଣ ନିଃଶ୍ୱାସ
ହୋଇପଡେ ଏ ସହର
ଯେତେବେଳେ ବିଶ୍ରାମ ଖୋଜେ ନା ମିଳେ
ସ୍ନେହ ଆଉ ଆପଣା ପଣର କୋଳ ଟିକେ
ନା ଶୋଇ ପାରେ ଘଡ଼ିଏ
ଅହରହ ଜଳୁ ଥାଏ କୁହୁଳୁଥାଏ ଆପଣା ଭିତରେ

ତଥାପି ନୂଆ ଗ୍ରହା ନବ ଚେତନା
ନୂଆ ଦିଗ୍ ଦର୍ଶନ ବିକାଶର ରୂପେଲି ଛିଟା
ଏଇଠି ଖୁନ୍ଦା ଖୁନ୍ଦି ହେଇ ଭିଡ଼ ଜମାନ୍ତୁ
ଏଇ ପର୍ ବିଂଶ ଶତାବ୍ଦୀର ବିକାଶଶୀଳ ରାଷ୍ଟ୍ର ର ସହର।।

ଶିକ୍ଷୟତ୍ରୀ
କେନ୍ଦ୍ରାପଡା, ଓଡିଶା

# ମଧୁର ପ୍ରତିଶୋଧ



କୁଞ୍ଜବିହାରୀ ରାଉତ

ଫୁଲଟିଏ ବୋଲି
ମୋତେ ତୁମେ ନିଷ୍କେସିତ କଲ
ଦଳମକଚ ନଷ୍ଟ କରିଦେଲ
ତୁମ ଚତୁର୍ଥୀ ରାତିରେ,
ମୁଁ ଥିଲି ତୁମ ଶେଯ ଉପରେ
ଆଉ ତୁମେ ଥିଲ ମୋ ଉପରେ
ପ୍ରେୟସୀ ସାଙ୍ଗରେ ରଙ୍ଗରସ ବେଳେ
ଛିନଭିନ କରିଦେଲ ମୋ ଶରୀରକୁ
ଆଉ ମୋ କ୍ଷତାକ୍ତ ଶରୀରକୁ
ସକାଳୁ ସକାଳୁ ଫୋପାଡି ଦେଇଥିଲ
ଡଷ୍ଟବିନ୍ ଭିତରକୁ.......

ହେଲେ ଦୁଃଖ ନାହିଁ ମୋର
ହାରିବା ଜିତିବା ଲାଗିରହିଥାଏ
ଏ'ତ ଚିରନ୍ତନ ସତ୍ୟ
ଆଜି ହାରିଲେ କାଲି ଜିତିବ
ଆଜି ଜିତିଲେ କାଲି ହାରିବ
ତେବେ ଏଥିପାଇଁ କାହିଁ
ମୁଁ କାହିଁକି କରିବି ମନଦୁଃଖ .....?

ଆଉ କଛି ଦିନ ପରେ
ତୁମେ ହୋଇଯିବ ନର୍ବାକ ନଷ୍ଚଳ
ଆତ୍ମୀୟ ସ୍ୱଜନ ତୁମ ବାହୁନୁଥିବେ
ତୁମ ସାଙ୍ଗସାଥୀ ସେତେବେଳେ
ତୁମ ଉପରେ ମୋତେ ରଖିଥିବେ
ସେତେବେଳେ ତୁମେ ତଳେ ଶୋଇଥିବ
କୋକେଇ ଉପରେ
ଆଉ ମୁଁ ଥିବି ତୁମ ଶରୀର ଉପରେ
ଏହିଭଳ ମଧୁର ପ୍ରତିଶୋଧ ମୁଁ
ନେବି ତୁମରି ଉପରେ........!!!

ପ୍ଲଟ-୧୪୮/୫,କନ୍ଟ୍ରାକ୍ଟର କଲୋନୀ,ହମିରପୁର
ରାଉରକେଲା-୩, ମୋ=୯୦୯୦୦୯୦୨୨୫

# କୃଷ୍ଣବର୍ଣ୍ଣା କାଳୀ



ଜୟଶ୍ରୀ ପଟ୍ଟନାୟକ

ମାତୃଶକ୍ତି ପରଂବ୍ରହ୍ମଙ୍କୁ ନିଜ ଭିତରେ ଧାରଣ କରି ଏହି ବିଶାଳ ସଂସାରକୁ ସୃଷ୍ଟି କରିଛନ୍ତି । ଏହି ଦୃଷ୍ଟିରୁ ଦୃଶ୍ୟମାନ ସୁନ୍ଦର ଜଗତର ମୂଳ କେନ୍ଦ୍ରବିନ୍ଦୁ ହେଉଛନ୍ତି ମାତୃଶକ୍ତି ଯାହାକୁ ଆମେ ଦେବୀ ବୋଲି କହୁ । ଏହି ଦେବୀ ସତ୍ୱେ ରଜ ତମ ଗୁଣର ପ୍ରତୀକ । ତେଣୁ ଶକ୍ତି ସମନ୍ୱିତା ତ୍ରିଗୁଣାତ୍ମିକା ପ୍ରକୃତିଦେବୀ ହେଉଛନ୍ତି ମାତୃଶକ୍ତି । ମାତୃଶକ୍ତିକୁ ସ୍ୱରୂପ ଦୃଷ୍ଟିରୁ ମୁଖ୍ୟତଃ ଚାରିଭାଗରେ ବିଭକ୍ତ କରାଯାଇଛି ୧. ମାହେଶ୍ୱରୀ, ୨. ମହାକାଳୀ, ୩. ମହାଲକ୍ଷ୍ମୀ, ୪. ମହାସରସ୍ୱତୀ । ଏହି ମହାଶକ୍ତି ହେଉଛନ୍ତି ସାର୍ବଜନୀନ ମା । ମାତୃଶକ୍ତି ବିନା ଦିବ୍ୟଚେତନା ପୃଥିବୀ ଉପରେ ପ୍ରକଟିତ ହୋଇପାରେନା, ଆତ୍ମାଶକ୍ତି ତାର ଅସ୍ତିତ୍ୱ ସାବ୍ୟସ୍ତ କରିପାରେନା । ସକଳ ଜୀବଙ୍କର ସୃଷ୍ଟି, ପାଳନ ଏବଂ ସଂହାର କ୍ରିୟା ଏହି ମହାଶକ୍ତି ଆଧାରଭୁକ୍ତ । ମାହେଶ୍ୱରୀଙ୍କ ଅନ୍ୟରୂପ ହେଉଛି ମହାକାଳୀ । ମାତା ସତୀଙ୍କ କ୍ରୋଧରୁ ଜାତ ଦଶ ପ୍ରହରେଣ ଧାରିଣୀ ଦେବୀଙ୍କର ଦଶଗୋଟି ସ୍ୱରୂପକୁ ଦଶ ମହାବିଦ୍ୟା ଭାବେ ଉପାସନା କରାଯାଇଛି । ଏହି ଦେବୀମାନେ ହେଲେ କାଳୀ, ତାରା ଷୋଡଶୀ, ଛିନ୍ନମସ୍ତା, ଭୁବନେଶ୍ୱରୀ, ବଗଳାମୁଖୀ, ଧୂମାବତୀ, କମଳା, ମାତଙ୍ଗୀ ଓ ଭୈରବୀ । ଦେବୀଙ୍କର ଏହି ଦଶ ସ୍ୱରୂପକୁ ଦଶ ଅବତାର କୁହାଯାଏ । ଦଶ ମହାବିଦ୍ୟା ମାନଙ୍କ ମଧ୍ୟରେ ଶ୍ରୀକାଳୀ ହେଉଛନ୍ତି ପ୍ରଥମ ମହାବିଦ୍ୟା । ଏହାକୁ ବ୍ରହ୍ମଙ୍କର ଇଚ୍ଛାଶକ୍ତି ରୂପେ ଗ୍ରହଣ କରାଯାଏ ସେ ପ୍ରଥମେ ଶକ୍ତି ଓ ଆଦିଶକ୍ତି ସେ ପ୍ରଥମେ ମହାକାଳକୁ କଳନା କରିଥିବା ହେତୁ ତାଙ୍କୁ କାଳୀ କୁହାଯାଏ । ପୃଥିବୀ ଉପରେ ଯେମିତି ଅନ୍ଧାର -ଆଲୁଅ, ସୁଖ-ଦୁଃଖ, ଭଲ-ମନ୍ଦ ରହିଛି ସେହିପରି ଦିବ୍ୟଶକ୍ତି ସହିତ ଦୁଷ୍ଟଶକ୍ତି ବି ପୃଥିବୀ ପୃଷ୍ଠରେ ପ୍ରକଟିତ ହୋଇଥାଏ । ସେହି ଦୁଷ୍ଟଶକ୍ତିକୁ ତାମସିକ ଶକ୍ତି ବା ଆସୁରିକ ଶକ୍ତି କୁହାଯାଏ । ଆସୁରିକ ଶକ୍ତି ପ୍ରଭାବରେ ସଂସାରରେ ଯେତେବେଳେ ଅନ୍ୟାୟ ଅନୀତି, ଅତ୍ୟାଚାର, ଭ୍ରଷ୍ଟାଚାର, ଦୁର୍ବଳ ଉପରେ ସବଳର ଅତ୍ୟାଚାର ବଢିଯାଏ ସେତେବେଳେ ଜୀବଜଗତ ଭିତରେ ଦୁଃଖଯାତନା ଓ ମାନସିକ ଅଶାନ୍ତି ବଢିଯାଏ । ପୃଥିବୀ ପୃଷ୍ଠରୁ ଦୁଷ୍କୃତିକୁ ବିନାଶ

କରିବାପାଇଁ ମାତୃଶକ୍ତି ବା ମହାଶକ୍ତି ମହାକାଳୀ ରୂପ ଧାରଣ କରିଥାନ୍ତି । ପୃଥିବୀ ଉପରେ ଅଧର୍ମକୁ ବିନାଶ କରି ଧର୍ମ ପ୍ରତିଷ୍ଠା କରିବା ହେଉଛି ମହାକାଳୀଙ୍କର କାର୍ଯ୍ୟ । ତାଙ୍କର କରାଳ ରୂପ ଦେଖିବାକୁ ଖୁବ ଭୟଙ୍କର । ସେ ଖଡ୍ଗଖର୍ପର ଧାରିଣୀ ଦେବୀ, ଉନ୍ମୁକ୍ତା, ମୁକ୍ତକୁନ୍ତଳା, ନୃମୁଣ୍ଡମାଳିନୀ ଶବାରୁଢା । ମହାକାଳୀ ଅତି ଭୟଙ୍କର ହୋଇଥିଲେ ମଧ୍ୟ ସେ ଅତି ସୁନ୍ଦର ଓ ମଙ୍ଗଳମୟ । ମହାକାଳୀ ତାଙ୍କର ପ୍ରଳୟ ସାଧନା ମାଧ୍ୟମରେ ପୃଥିବୀର ସନ୍ତୁଳନ ରକ୍ଷା କରିଥାନ୍ତି ଏବଂ ଜୀବଜଗତକୁ ଦୁଃଖ ଯନ୍ତ୍ରଣାରୁ ଉଦ୍ଧାର କରିଥାନ୍ତି। ଅସୁରମାନଙ୍କ ବିନାଶ ପାଇଁ ସେ ଯୁଦ୍ଧରେ ଅବତୀର୍ଣ୍ଣ ହୁଅନ୍ତି । ସେ ହେଉଛନ୍ତି ସଂହାରକାରିଣୀ ତଥାପି ସେ ଜଣେ ମାଆ । ଆଦିମ କାଳରୁ ପୁଣ୍ୟଭୂମି ଓଡିଶା ଶାକ୍ତ ପରମ୍ପରା ତଥା ଶକ୍ତି ଉପାସନା ପାଇଁ ସର୍ବଜନାଦୃତ । ଯେପରି ଶ୍ରୀ ଜଗନ୍ନାଥ ଧାମରେ ଇଷ୍ଟଦେବୀ ରୂପେ ମା ବିମଳା ପୂଜିତା ସେପରି ସମଗ୍ର ପୀଠ ମାନଙ୍କରେ ମା ଦେବୀମାନେ ବିଭିନ୍ନ ନାମରେ ପୂଜିତା ହୁଅନ୍ତି । ସେମାନେ ବିଭିନ୍ନ ନାମ ସ୍ଥାନ ରୂପରେ ଆବିର୍ଭୂତା ହୋଇ ପୀଠ ମନ୍ଦିର ଆଶ୍ରମ ମଠ ଗଛମୂଳ, ନଦୀନାଳ ତଟଦେଶ ପାହାଡ଼ ପର୍ବତ ଓ ଜଙ୍ଗଲରେ ଆଶ୍ରିତା । ଓଡିଶାର ଭଦ୍ରକ ଜିଲ୍ଲାର ଆରାଧ୍ୟ ଦେବୀ ହେଲେ ମାତା ଭଦ୍ରକାଳୀ ସେ ପବିତ୍ରା ରୁଦ୍ରାକ୍ଷମାଳା ପରିହିତା, କ୍ଷମାଦାତ୍ରୀ, ମଙ୍ଗଳମୟୀ ବାତ୍ସଲ୍ୟମୟୀ, କୋଳରେ ଶିଶୁ ସନ୍ତାନ ଧାରିଣୀ, ମାତା ଚତୁର୍ଭୁଜା ଓ ସିଂହବାହିନୀ । ସେଥିପାଇଁ କୁହାଯାଏ ଯା ଭଦ୍ରଂ କରୋତି ସା ଭଦ୍ରକାଳୀ ଅର୍ଥାତ ଯେଉଁ କାଳୀ ଆନନ୍ଦ, ମଙ୍ଗଳ, ଶାନ୍ତି, ମୈତ୍ରୀ, ସୁଖ, ସୌଭାଗ୍ୟ ପ୍ରଦାନ କରନ୍ତି ସେ ଭଦ୍ରକାଳୀ । କାଳ ଶବ୍ଦର ସ୍ତ୍ରୀ ପ୍ରତ୍ୟେୟ କାଳୀ । କାଳୀ ଶବ୍ଦର ଅର୍ଥ ଧ୍ବଂସ, ନାଶକାରୀ । ଶ୍ରୀମଦ୍ ଭାଗବତ ଗୀତାରେ ମଧ୍ୟ କାଳ ଶବ୍ଦର ପ୍ରୟୋଗ ରହିଛି । ଭଦ୍ରକାଳୀ ଏ ସଂସାରରେ ଅନ୍ୟାୟ, ଅତ୍ୟାଚାର, ପାପତାପ ସହିତ ପ୍ରଳୟରେ ସୃଷ୍ଟି ସଂହାର କରୁଥିବାରୁ ସେ କାଳୀ । ଶୁଦ୍ରମୁନି

ଶ୍ରୀ ସାରଳାଦାସ ଶକ୍ତିଙ୍କ ବର୍ଣ୍ଣନା ଏହିପରି କରିଛନ୍ତି -

ଝଙ୍କଡ଼େ ରହିଲୁ ମାତା ସାରଳା ବୋଲାଇ
କାକଟପୁରେ ରହିଲୁ ମଙ୍ଗଳା ଯେ ତୁହି
ଲହ ଲହ ଜିହ୍ୱା ତୋର ସିନ୍ଦୁର ମୁଖମଣ୍ଡି
କୋଣାରକେ ରହିଲୁ ଅଭୟା ରାମଚଣ୍ଡୀ ।

ମାତା ଭଦ୍ରକାଳୀ ହେଉଛନ୍ତି ମଙ୍ଗଳମୟୀ , ବିଜୟଦାୟିନୀ, କ୍ଷମାଦାତ୍ରୀ, ସ୍ୱାହାସ୍ୱାଧା । ସେ ସର୍ବଘଟରେ ମାତୃରୂପରେ ବିଦ୍ୟମାନ । ସେ କାମନା ରୂପକ ମହିଷାସୁରକୁ ବିନାଶ କରି

ଆୟୁ ଆରୋଗ୍ୟ, ଭୋଗ ମୁକ୍ତି ମୋକ୍ଷ ବିଜୟ ପ୍ରଦାନ କରନ୍ତି ତାଙ୍କୁ ଅନନ୍ତ କୋଟୀ ଦଣ୍ଡବତ l ତେଣୁ ଶ୍ଲୋକରେ କୁହାଯାଇଛି -

*ଜୟନ୍ତୀ ମଙ୍ଗଳକାଳୀ ଭଦ୍ରକାଳୀ କପାଳିନୀ ଶିବା, ଦୁର୍ଗା କ୍ଷମାଦାତ୍ରୀ ସ୍ୱାହା ସ୍ୱଧା ନମୋସ୍ତୁତେ*

*ମହିଷାଗ୍ନି ମହାମାୟୀ ଚାମୁଣ୍ଡେ ମୁଣ୍ଡମାଳିନୀ ଆୟୁରୋଗ ବିଜୟଂ ଦେହୀ ଭଦ୍ରକାଳୀ ନମୋସ୍ତୁତେ ।*

ମାତା ଭଦ୍ରକାଳୀ ହେଉଛନ୍ତି ପ୍ରକୃତି ରୂପିଣୀ । ସେ ଭଗବାନ ଶ୍ରୀକୃଷ୍ଣଙ୍କର ମାୟାଶକ୍ତି । ସେ ବିଷ୍ଣୁଙ୍କ ମାୟାରୂପରେ ବିଦ୍ୟମାନ । ଦେବକୀଙ୍କ ସପ୍ତମ ଗର୍ଭ ସନ୍ତାନଟିକୁ ବସୁଦେବଙ୍କ ଦ୍ୱିତୀୟ ପତ୍ନୀ ରୋହିଣୀଙ୍କ ଗର୍ଭରେ ସ୍ଥାପନ କରି ଧରାପୃଷ୍ଠରେ କୁମଦା, ଚଣ୍ଡିକା କୃଷ୍ଣା, ମାଧବୀ, କେତକୀ, ଭଦ୍ରକାଳ, ଦୁର୍ଗା ଆଦି ବହୁନାମରେ ଖ୍ୟାତ । ମହାକାଳୀ ରୂପରେ ସେ ବିଶ୍ୱକୁ ସଂହାର କରନ୍ତି ସେ ତମ ଗୁଣର ପ୍ରତୀକ ତମ ଗୁଣ ନାଶକାରୀ, ଧନଜନ ଗୋପଲକ୍ଷ୍ମୀ ଭାବେ ସେ ସକଳ ପ୍ରକାର ବୈଭବ ଓ ରଜଗୁଣର ପ୍ରତୀକ ଭାବେ ମହାଲକ୍ଷ୍ମୀ ଭାବେ ସେ ପୂଜା ପାଆନ୍ତି, ଜ୍ଞାନବିଜ୍ଞାନ ବିଦ୍ୟା ବୁଦ୍ଧି ସ୍ୱରୂପ ସତ୍ୱଗୁଣର ପ୍ରତୀକ ହୋଇ ସେ ମହା ସରସ୍ୱତୀ ରୂପେ ପୂଜା ପାଆନ୍ତି । ଏହି କଥା ସପ୍ତସତୀ ଚଣ୍ଡୀରେ ବର୍ଣ୍ଣିତ । ମହାକାଳୀ ଦୁଷ୍ଟ ଦୂରାଚାର ଅନ୍ୟାୟ ଅତ୍ୟାଚାର ସଂହାର କରୁଥିବାରୁ ସେ କରାଳବଦନା କୃଷ୍ଣବର୍ଣ୍ଣା କଳା ଶବାରୁଢା, ନୃମୁଣ୍ଡମାଳିନୀ । ଓଡିଶା ତଥା ଭାରତ ଭୂଖଣ୍ଡରେ ପୂଜିତା କାଳୀ ପବିତ୍ରା ମଙ୍ଗଳମୟୀ, ଆନନ୍ଦ ପ୍ରଦାୟିନୀ ଉତ୍କଳରେ ବହୁ ଶକ୍ତିପୀଠ ରହିଛି ତନ୍ମଧ୍ୟରୁ ଭଦ୍ରକର ଭଦ୍ରକାଳୀ ପୂଜା ସାରା ଭାରତ ତଥା ଉତ୍କଳରେ ସୁପରିଚିତ । ଭଦ୍ରକାଳୀଙ୍କ ନାମ ଅନୁସାରେ ଭଦ୍ରକର ସ୍ଥାନ ନାମିତ ହୋଇ ଥିବାର କଥିତ ଅଛି । ଶ୍ରୁତି ପୁରାଣ କିମ୍ବଦନ୍ତୀ ଅନୁସାରେ ଭଗବାନ ଶ୍ରୀ ରାମଚନ୍ଦ୍ର ରାବଣକୁ ବଧ କରିବା ନିମିତ ଆଶ୍ୱିନ ମାସ ଶୁକ୍ଳ ପକ୍ଷ ଦଶମୀ ଦିନ ରାବଣ ଅଭିମୁଖେ ଯାତ୍ରା ଅଭିଯାନ ଆରମ୍ଭ କରିଥିଲେ ଏହି ତିଥି ବିଜୟା ଦଶମୀ ବା ଦଶହରା ନାମରେ ବିଖ୍ୟାତ । ସଂସାରର କାମନା ବାସନାର ଲୋପ ପାଇଁ ଦୁର୍ଗା, ମହାଶକ୍ତି, କାଳୀ ଭଦ୍ରକାଳୀ, ମହାକାଳୀ, ଧନଜନ ଗୋପଲକ୍ଷ୍ମୀ ପାଇଁ ମହାଲକ୍ଷ୍ମୀ, ବିଦ୍ୟା ବୁଦ୍ଧିର ବିକାଶ ପାଇଁ ମାତା ସରସ୍ୱତୀ ରୂପେ ପ୍ରତିଭାତ ହୁଅନ୍ତି । ଦୀପାବଳୀ ରେ ଦୀପଜାଳି ରାତ୍ର ଉଜାଗର ରହି ମା କାଳୀଙ୍କ ଉପାସନା କଲେ ବିଶେଷ ଫଳ ପାପ୍ତି ହୁଏ । କାଳ ଗର୍ଭରେ ଏ ଭୂତ ଜଗତର ସୃଷ୍ଟି ଓ ସଂହାର ମଧ୍ୟ କାଳ ସମଗ୍ର ଭୂତ ଜଗତକୁ ସୃଷ୍ଟି, ପାଳନ କରିବା ସହିତ ସଂହାର ମଧ୍ୟ

କରନ୍ତି । କାଳଙ୍କ ପତ୍ନୀ କାଳୀ ହେଉଛନ୍ତି ଜଗତର ଆଧାରଭୂତା । ଆକାଶ, ବାୟୁ, ଗ୍ରହ, ନକ୍ଷତ୍ର ଓ ମର୍ତ୍ୟ ସବୁଠାରେ ମହାଶକ୍ତି କାଳୀଙ୍କର ଅପୂର୍ବଲୀଳା ଦେଖିବାକୁ ମିଳେ । ଶିବଙ୍କର ଅଷ୍ଟମୂର୍ତ୍ତି ପରି କାଳୀଙ୍କର ଅଷ୍ଟରୂପ ରହିଛି ଚିନ୍ତାମଣି, ସ୍ୱର୍ଶମଣି, ସ୍ୱର୍ଣ୍ଣମଣି, ସନ୍ତତିପ୍ରଦା, ସିଦ୍ଧୀ, ଦକ୍ଷିଣା, କାମକଳା ହଂସ ଓ ଗୁହ୍ୟକାଳୀ ଅଷ୍ଟଦେବୀ ରୂପେ ବର୍ଣ୍ଣିତ । କାଳୀଙ୍କ ଅବତାର ମଧ୍ୟରେ ଦକ୍ଷିଣକାଳୀ, ଗୁହ୍ୟକାଳୀ, ଭଦ୍ରକାଳୀ, ଶ୍ମଶାନକାଳୀ ଓ ଶ୍ୟାମାକାଳୀଙ୍କ ଉପାସନା ଗୁରୁତ୍ୱପୂର୍ଣ୍ଣ । ଦେବୀ ଶକ୍ତି ସ୍ୱରୂପିଣୀ ଅନନ୍ତ ଶକ୍ତି ଦ୍ୱାରା ବିଶ୍ୱ ପରିଚାଳନା ଏବଂ ସଂହାରଣାଦି ପରିଚାଳନା କରନ୍ତି। ଦେବୀ ଅଚିନ୍ତ୍ୟ ଶକ୍ତି ଅଚିନ୍ତ୍ୟରୂପ । ତାଙ୍କ ରୂପର କଳନା ନାହିଁ ସୃଷ୍ଟି ତିଷ୍ଠି ରହିଛି ଶକ୍ତିଙ୍କ ପାଇଁ ସୃଷ୍ଟିର ମଙ୍ଗଳ ପାଇଁ ଶକ୍ତି ବିଭିନ୍ନ ରୂପନେଇ ପୂଜା ପାଉଛନ୍ତି । ପାପ ଅନ୍ୟାୟ ଅତ୍ୟାଚାରକୁ ବିନାଶ କରିବା ପାଇଁ ମାତୃଶକ୍ତିର ହୁଏ ଆବିର୍ଭାବ । ମାନବ ଜାତିର ଅଭ୍ୟୁଥାନ ସହିତ ଦେବୀଙ୍କ ପୂଜା ପ୍ରତିଷ୍ଠା ସମ୍ପାଦିତ । କାଳରାତ୍ରୀ, ମୋହରାତ୍ରୀ, ମହାରାତ୍ରୀ ତଥା ଦାରୁଣରାତ୍ରୀ ମାନଙ୍କରେ ଦେବୀକାଳୀଙ୍କର ପୂଜାର୍ଚ୍ଚନା ତଥା ସାଧନାର ସମୟ । କାର୍ତ୍ତିକମାସ ଅମାବାସ୍ୟାର କାଳରାତ୍ରୀରେ ମହାକାଳୀଙ୍କ ଆବିର୍ଭାବ ତଥା ପୂଜାର ବାସ୍ତବ ସମୟ କାରଣ କାଳରାତ୍ରୀ ହିଁ ମହାକାଳୀ ଙ୍କ ପ୍ରିୟ ରାତ୍ରୀ ଅଟେ । ଭାରତର ଅଧିକ ରାଜ୍ୟରେ ଦୀପାବଳୀ ଦିନ ଗଣେଷ ଲକ୍ଷ୍ମୀଙ୍କର ପୂଜା ହେଉଥିବା ବେଳେ ପଶ୍ଚିମବଙ୍ଗ, ଓଡିଶା ଓ ଆସାମରେ ଏହିଦିନ ମା କାଳୀଙ୍କର ପୂଜା ଅର୍ଦ୍ଧରାତ୍ରୀରେ ହୁଏ । କୁହାଯାଏ ଯେ ରାକ୍ଷସ ମାନଙ୍କର ବଧ କରିବା ପରେ ମଧ୍ୟ ଯେତେବେଳେ ମହାକାଳୀଙ୍କର କ୍ରୋଧ ଶାନ୍ତ ହେଲାନାହିଁ ଭଗବାନ ଶିବ ସ୍ୱୟଂ ତାଙ୍କ ଚରଣରେ ଶୋଇପଡିଲେ ଭଗବାନ ଶିବଙ୍କ ଶରୀର ସ୍ପର୍ଶ ମାତ୍ରକେ ଦେବୀଙ୍କର କ୍ରୋଧ ଶାନ୍ତ ହୋଇଗଲା । ଏହି ସ୍ମୃତିରେ ଦେବୀଙ୍କର ଶାନ୍ତରୂପ ଲକ୍ଷୀଙ୍କୁ ବି ପୂଜା କରାଯାଏ । କିଛିଭାଗରେ ଦେବୀଙ୍କର ରୌଦ୍ରରୂପ ବି ପୂଜା ହେବାର ଦେଖାଯାଏ ।

ଦୁଷ୍ଟ ଓ ପାପୀ ମାନଙ୍କର ସଂହାର କରିବା ପାଇଁ ମାତା ଦୁର୍ଗା କାଳୀ ରୂପ ନେଇଥିଲେ । କୁହାଯାଏ ଯେ ମା କାଳୀଙ୍କୁ ପୂଜା କଲେ ସବୁ ଦୁଃଖ ହରଣ କରିନିଅନ୍ତି । ଜନ୍ମ ଜାତକ ରେ ରାହୁ ଓ କେତୁ କାଳୀଙ୍କୁ ପୂଜିବା ଦ୍ୱାରା ଶାନ୍ତ ହୋଇଯାଆନ୍ତି । ଅନେକ ସ୍ଥାନରେ ତନ୍ତ୍ର ସାଧନା ପାଇଁ ମଧ୍ୟ କାଳୀଙ୍କୁ ସାଧନା କରାଯାଏ ।

ଗଙ୍ଗନଗର, ଭୁବନେଶ୍ୱର

# ଅଦୃଶ୍ୟ ଅସ୍ତିତ୍ୱ



ପୁଷ୍ପାଞ୍ଜଳି ପଣ୍ଡା

ଆଖି ଫିଟିବାପରେ,
ଏଇ ପୃଥିବୀରେ
ଜୀବନ ଟା ଧାଉଁଛି ଯେ ଧାଉଁଛି ।
ପାର୍ଥିବ, ଅପାର୍ଥିବ
ସବୁ ସାଙ୍ଗେ ନେଇ ।
ଫରକ ତ ବେଶିକିଛି ନାହିଁ ।।
ପାର୍ଥିବ ଶରୀର ଯେବେ
ସ୍ଥିର ହୋଇଯିବ
ଅଦୃଶ୍ୟ ଅସ୍ତିତ୍ୱ ତାର
ଉପସ୍ଥିତ ଜାହିର କରିବ ।
ସବୁତକ ଜୀବନ ଯନ୍ତ୍ରଣା
ଶେଷ ହୋଇଯିବ ।।
ଆହା...!!
ଶେଷ ହେଇ ଯିବାରେ କ
ମାୟାମୋହ ଶେଷ ?
ଅଜଣା ତ ନୁହେଁ କେବେ
ମୃତ୍ୟୁ, କାଳ ହସ !!
ଯାହାର ଦଂଶନେ
ହଜିଯାଏ, ଲୁଚଯାଏ
ଜୀବନ ଯୌବନ !
ସବୁକିଛି ମୁଖଶାଳା ମାନ ।।

ପାଣି, ପବନ
ମାଟି, ଆକାଶ
ଆଉ ନିଆଁ ର ସମ୍ମିଶ୍ରଣ..!!
ତେବେ କାହିଁ ବିଶ୍ୱାସ ର ଭରସା ର
ସାଗର ରେ
ଦୌଡ଼ି ଥାଏ ଆଶାର ଆହୁଲା,
ଜୀଇବା ଟା ସତେ କଣ
ଫର୍ଚ୍ଚା ଆଉ ଏତେ ଖୋଲା ମେଲା!!
ଫେରିବାକୁ ହେବ ଯଦି
ଶେଷ ପାହାଚକୁ
ପଛକୁ ପଛକୁ,
ଧାଇଁ ବାରେ କବା ପ୍ରୟୋଜନ
ସବୁଯଦି ପ୍ରହସନ ଆଉ ସନ୍ଦିହାନ।।

ଷ୍ଟାଟିଷ୍ଟିକାଲ ଅଫିସର
ଯାଜପୁର

# କୁରଙ୍ଗୀ କରୀତାରଣ



ଡ. ଅର୍ଜୁନ ଚରଣ ବାରିକ୍

କୁରଙ୍ଗୀ କରୀ ତାରଣ ନାରାୟଣ ନୀଳମଣି ରମାଧବ ।
ମାର ପିଅର ନନ୍ଦ କୁମର ହରି ନଟବର ବାସୁଦେବ ।୧।
ରୀତି ନତି ତାର ନୁହଁଇ ଯେ ଭଲ ଦୀନ ବାନ୍ଧବ କେଶବ
ଅନନ୍ତ ଅଙ୍କ ବିହାରୀ ଦଇତାରୀ ନରହରି ପଦ୍ମନାଭ ।୨।
ଲକ୍ଷ୍ୟ ଜୀବନର ହେଉ ଚକ୍ରଧର ଶ୍ରୀହରି ଭକ୍ତ ବାନ୍ଧବ ।
କାରଣ କରଣ ମଦନ ମୋହନ ଜନାର୍ଦ୍ଦନ ସୁମାଧବ ।୩।
ବାଟକୁ ଶଙ୍ଖାଳୀ ହରି ବନମାଳୀ ଅଗ୍ରଜ ଯା ବଳଦେବ ।
ରିପୁ ବିଧ୍ୱଂସନ ସେ କଳାବାମନ ଦାମୋଦର ରାଧାଧବ ।୪।
କମଳ ନୟନ ସେ ମନ ମୋହନ ଭାବନେହରେ ଅଭାବ
ସାଥୀ ଭକତର ହରି ଶ୍ରୀୟା ବର ନରତେ ଚନ୍ତ ସାଧବ ।୫।
ମଙ୍ଗଳ ଦାୟକ ସେ ବିଶ୍ୱନାୟକ ବିଧ୍ୱଂସ କରେ ଦାନବ
ହୁଳ ହୁଳ ହରି ବୋଲ ଶବଦରେ ତୋଷ ସେ କଳା ମାଧବ ।୬।
ଥାଉ ସଦାମନ ତାରଙ୍ଗା ଚରଣେ ଚନ୍ଦନରେ ସୁମାଧବ
ଆଦିକନ୍ଦ ମଦନ ମୋହନ ହରି ଶ୍ରୀକୃଷ୍ଣ ନୀଳମାଧବ ।୭।
ଲିଭିଯିବ ଯେବେ ଏ ଜୀବନ ଦୀପ ହରିନାମ ସାଥେ ଯିବ
କେଂମତ ଠାକୁର ହରି କମ୍ବୁକର ଭବସିନ୍ଧୁ ପାଇଁ ନାବ ।୮।
ଦରଶନ କର ତା କଞ୍ଜପାୟର ଭବ ଦୂରୀତ ହରିବ
ରାମ ରାବଣାରୀ ମାଧବ ମୁରାରୀ ଶ୍ରୀହରି ଦୀନ ବାନ୍ଧବ ।୯।
ପତି ତପାବନ ଶ୍ରୀ ମଧୁସୂଦନ ଶ୍ରୀଚରଣେ କର ଭାବ
ଡାକଲେ ଶୁଣଇ ସେ କଳା କହ୍ନାଇ ପିଅର ଯା ବସୁଦେବ ।୧୦।

ଅଧ୍ୟାପକ, ଇଂରାଜୀ ଭାଷା ସାହିତ୍ୟ,
ସା:ପୋ-ମହୁ, ଜି-କେନ୍ଦ୍ରାପଡା

# ଜନ୍ମ ଦିନର ଶୁଭେଚ୍ଛା ତୁମକୁ



ଶାନ୍ତିଲତା ମିଶ୍ର

ଏ ସଂସାରେ କିଏ ପର କିଏ ବା ନିଜର
ପ୍ରମାଣ ଦେଇଗଲ ସଭିଙ୍କୁ କରି ଆପଣାର ।
ନିଜ ଜୀବନକୁ ବାଜି ରଖି ସମ୍ମୁଖେ ହେଲ ଠିଆ
ଶିଖାଇଲ ଭଲ ପାଇବା ଆଉ ପ୍ରେମର ଭାଷା ।।
ତୁମ ଶବ୍ଦକୋଷେ ନଥିଲା ଘୃଣା, ନିର୍ଯାତନାର ଶବ୍ଦ
ନିସର୍ତ୍ତ ଭଲ ପାଇବାରେ ଭରାଥିଲା ତୁମ ବହିର ଫର୍ଦ ଫର୍ଦ ।
କେତେ ଅସହାୟଙ୍କୁ ଜାଗା ଦେଲ ତୁମ ହୃଦୟରେ
ଭାତୃ ଭାବ ଶିଖାଇ ଭିଜାଇଲ କରୁଣା ବର୍ଷାରେ ।।
ପଥ ପ୍ରଦର୍ଶକ ହେଲ ସମଗ୍ର ବିଶ୍ୱବାସୀଙ୍କର
ତବ ଆଶ୍ୱାସନା ବାଣୀକଲା କେତେ ଯେ ଚମତ୍କାର ।
ଅନ୍ଧାରରେ ଝୁଣ୍ଟି ଅଣ୍ଡାଳି ହେଉ ଥିବା ଲୋକଙ୍କୁ
ଦେଖାଇଲ ଆଲୋକର ପଥ ଜାଳିଦେଇ ତ ନିଜକୁ ।।
ଏତେ କଷ୍ଟ ଅନ୍ୟ ପାଇଁ କଣ କିଏ ସହି ପାରେ
କହିବା ସହଜ ନୁହେଁ ଏ ସାଧାରଣ ମଣିଷ ର ପକ୍ଷେ ।
ସତେ ଥିଲ କି ତମେ ମାନବ ରୂପେ ଦେବତାଙ୍କ ଅବତାର
ସେଥି ପାଇଁ ମନ ମଧ୍ୟେ ପ୍ରଶ୍ନ ଉଠେ ବାରମ୍ବାର ।।
ଧନ୍ୟ ତୁମ ଜନନୀ ଧନ୍ୟ ତୁମ ସ୍ରଷ୍ଟା
ଦ୍ରବି ଯାଏ ମନ ଭାବି ବସିଲେ ତୁମ କଥା ।
ଅଜାଣତେ ସତତ ହୋଇଯାଏ ମଥା ନତ
ଏ ବିଶ୍ୱାସରେ ତୁମ ଭଳି ସୃଷ୍ଟି ସତେ କି ସମ୍ଭବ ।।

ହେ ବରେଣ୍ୟ ପୂଜ୍ୟ ଆଉ ଥରେ ଆସ ଧରାଧାମେ
ଏବେ ବହୁ ବିଶୃଙ୍ଖଳିତ ଭିତର ଦେଇ ଏଇ ଧରା ଚାଲେ ।
କେ ନୁହେଁ ଭରଷା ଯୋଗ୍ୟ ଏଠି କେହି ନୁହେଁ ସୁରକ୍ଷିତ
ନିତ୍ୟ ବ୍ୟଭିଚାର ସରଳ ମଣିଷକୁ କରେ କବଳିତ ।।
ଆତ୍ମ ସତ୍ତା ପ୍ରତି ମୁହୁର୍ତ୍ତରେ ହୁଏ କଳଙ୍କିତ
ମୌକା ଦେଖିଲେ କରି ଚାଲେ ବଳାତ୍କାର ।
ବିଶ୍ୱାସ ଆସେନା ଦେଖି ଏଠି ଲୋକଙ୍କ ବ୍ୟବହାର
ସ୍ୱାର୍ଥ ସିଦ୍ଧି ତାର ଆଜି ଏକ ମାତ୍ର ଲକ୍ଷ ।।
ପୁନଶ୍ଚ ଅସ୍ତମିତ ହୋଇଲେଣି ଜ୍ଞାନର ଦିବାକର
ଆଉଥରେ ଘୋଟି ଗଲାଣି ଧରା ପୃଷ୍ଠରେ ତିମିର ।
ତୁମ ବିନା କେ କରି ପାରିବେ ନାହିଁ ତ ଉଦ୍ଧାର
ବେଳ ହୋଇଗଲା ଆସିବାକୁ ଧରା ପୃଷ୍ଠକୁ ଆଉ ଏକ ବାର ।।
"ଯିଶୁ" ଆଉ ଯଶ ମଧ୍ୟେ ବିଶେଷଃ ନାହିଁ ତ ପ୍ରଭେଦ
ହେ ତପସ୍ୱୀ ତୁମ ଗୁଣର ମହକ ଭାଷି ବୁଲେ ଏବେ ବି ପବନରେ ।।
କିନ୍ତୁ ଆଘ୍ରାଣି ଦେବାକୁ ଯଥାର୍ଥତା, ଏ ମଣିଷ ଆଜି ଅସମର୍ଥ ।
ସ୍ୱେଚ୍ଛାଚାରିତା ହୋଇ, ବିଚିତ୍ର ବ୍ୟବହାରେ ସେ ଅନୁପ୍ରାଣିତ।।

ରଚେଷ୍ଟର, ମିନେସୋଟା

# ବିଚନ୍ନ ଧାରା



ଡକ୍ଟର ବିଜ୍ଞାନୀ ଦାସ

ସବୁ ଭଲ ଲାଗୁଥିଲା । ଆଜି ଆକାଶଙ୍କ ସହିତ ମେରୀଲାଣ୍ଡ ରୁ ନ୍ୟୁର୍କ ଡ୍ରାଇଭ୍ କରିବା ସମୟରେ ଲାଗୁଥିଲା ସେମାନଙ୍କ ଭିତରେ ସବୁ ଯେମିତି ଠିକ୍ ଚାଲିଛି । ଗତ ମାସକ ତଳର ସେ ନୀରବ ବିବାଦ, ମାନସିକ ଯନ୍ତ୍ରଣା ଓ ଆକାଶଙ୍କଠାରୁ ଅଲଗା ହୋଇଯିବାର ଅଜଣା ଭୟ ନଥିଲା । ଏବେ ତ ସବୁଠି ସେମିତି ଚାଲିଛି । ଏଠି ମେରୀଲାଣ୍ଡରେ ଅନେକ ସୁଖୀ ମନେ ହେଉଥିବା ଦଂପତିଙ୍କର ବିବାହ ବିଚ୍ଛେଦ ହୋଇଯାଇଥିବାର ଖବର ମିଳୁଛି । ନିଜ ମନକୁ ପ୍ରଶ୍ନ କରିଥିଲା ଛନ୍ଦା, "କାହିଁକି" ? କାହିଁକି ଏତେ ସ୍ନେହରେ ରହିଥିବା ଦୁଇଜଣ ମଣିଷ ଏମିତି ନିର୍ଣ୍ଣୟ ନେଲେ ? କାହିଁକି ନିଜ ପିଲାମାନଙ୍କ କଥା, ନିଜ ସାଙ୍ଗସାଥୀଙ୍କ କଥା, ନିଜ ପ୍ରିୟଜନ ଓ ସଂପର୍କୀୟଙ୍କ କଥା ମନକୁ ଆଣିଲେନି ? ତେବେ ଅଜବ କାରଣ ଦେଖେଇ ଯେତେବେଳେ ଆକାଶ କ୍ରୋଧ ପ୍ରକାଶ କରି ଯେମିତି ଭାବେ ଛନ୍ଦା ଉପରେ ଗାଳି ବର୍ଷଣ କଲେ, କଟୁ ବଚନ କହିଲେ ଓ ନିଜର ନିଷ୍ଠୁର ସ୍ୱରୂପ ଦେଖେଇଲେ, ଛନ୍ଦା ନିଜେ ସେ ଉତ୍ତର ପାଇଗଲା । ହୁଏତ ଅନିମେଶ ସେମିତି କିଛି କରିଥିବ । ଏଣେ ଠାକୁରଙ୍କ ପାଖରେ ଏତେ ସେବା, ପୂଜା, ଭଜନ କୀର୍ତ୍ତନ କଲେ କଣ ହେବ, ଘରେ ଯାଇ ନିଜ ଅସଲ ସ୍ୱରୂପ ଦେଖାଉଥିବ । ଯେମିତି ଧର୍ମ ଶିଖାଉଥିବା ଲୋକ, ଦୁର୍ଗା ଓ କାଳୀଙ୍କୁ ଉପାସନା କରୁଥିବା, ସାଧୁ ବୋଲାଉଥିବା ଲୋକ, ନିଜ ସ୍ତ୍ରୀକୁ ସମ୍ମାନ ଦେଇ ଜାଣିନଥାଏ, ଠିକ୍ ସେମିତି ହୁଏତ ଅନିମେଶ ବ୍ୟବହାର କରିଥିବ । ନହେଲେ ଅଳକା ଭଳି ଏତେ ସୁନ୍ଦର ଝିଅଟା କଣ ଏମିତି ନିର୍ଣ୍ଣୟ ନେଇଥାନ୍ତା ?

ଆକାଶ ଯେତେବେଳେ ନିଜର ଆସୁରିକ ରୂପ ପ୍ରଦର୍ଶନ କରି ଛନ୍ଦା ଉପରେ ବରଷି ଯାଇଥିଲେ, ଛନ୍ଦା କିଛି ଉତ୍ତର ଦେଇନଥିଲା । ସଂପୂର୍ଣ୍ଣ ଭାବେ ନୀରବ ହୋଇଗଲା । ଏମିତି ତିନି ସପ୍ତାହ ପ୍ରାୟ ନୀରବତାରେ ବିତିଯିବାପରେ ସେମାନେ ପୁଣି କଥାବାର୍ତ୍ତା ଆରମ୍ଭ କଲେ । ତେବେ ସେ ମାନସିକ କ୍ଷତ ରହିଗଲା ଛନ୍ଦାର ମନ ଭିତରେ । ସେ ତିନି ସପ୍ତାହ

ମଧ୍ୟରେ କେତେକଥା ଭାବି ନେଇଥିଲା ଛନ୍ଦା । ଘର ଭିତରେ ଅଖଣ୍ଡ ନୀରବତା ଅସହ୍ୟ ହେଉଥିଲା । ସିଏ ବେଳେବେଳେ ଭାବୁଥିଲା ଯେ କାହାକୁ କିଛି ନକହି କୌଣସି ଗୋଟିଏ ହୋଟେଲ୍‌କୁ ଯାଇ କିଛିଦିନ ରହିବ ଓ ଏ ମାନସିକ ବେଦନାରୁ ଦୂରେଇ ରହିବ । ହେଲେ ଯାହାହେଉ, ସେ ମନୋମାଳିନ୍ୟ ଦୂର ନହେଲେ ବି ସେମାନେ ପୁଣି ପରସ୍ପର ସହିତ ସ୍ନେହ ସଂପର୍କ ରଖିବା ଆରମ୍ଭକଲେ ।

ଏ ପୃଥିବୀର ଧାରା ଅତି ବିଚିତ୍ର । ଏମିତି କିଛି ଘଟଣା ହଠାତ୍ ଘଟିଯିବ ଯେ, ତାର କାରଣ ବୁଝିବାକୁ ଯୁଗଯୁଗ ଲାଗିଯିବ । ସେମିତି ମଣିଷର ମନ ବି ଓ ପାରିପାର୍ଶ୍ୱିକ ପରିସ୍ଥିତି ବି । ତେବେ ମଣିଷ ଅନବରତ ଚେଷ୍ଟା ଜାରି କରିଥାଏ, ମନୋମାଳିନ୍ୟକୁ ଦୂରେଇ ଦେଇ ଜୀବନ ପଥରେ ସାଥୀ ହୋଇ ଚାଲିବାର ଚେଷ୍ଟା କରିଚାଲେ । କେତେବେଳେ ଜିତିଯାଏ ତ କେତେବେଳେ ହାରିଯାଏ । ବେଳେବେଳେ ଛୋଟ କାରଣରୁ ସଂପର୍କରେ ବଡବଡ ଘଟଣାମାନ ଘଟିଯାଏ । କିଏ ଆତ୍ମହତ୍ୟା କରିଦିଏ । କିଏ ଅନ୍ୟକୁ ମାରିଦିଏ । କିଏ ପିଲାମାନଙ୍କ ଉପରେ ପ୍ରତିଶୋଧ ନିଏ ତ କିଏ ସଂପର୍କ ଛାଡିଦିଏ । ତେବେ ମଣିଷର ମନୋମାଳିନ୍ୟର ବି ସମାଧାନ ଅଛି । ତଥାପି ସଂପର୍କରେ ପଶିଥିବା ଭୂତାଣୁପାଇଁ ଜିହ୍ୱାକୁ ସଂଯତ କରି ରଖିବାକୁ ପଡିବ । କହିଦେବା କଥା, ବହିଗଲା ପାଣି । ଥରେ ଆୟତ୍ତରୁ ବାହାରିଗଲେ ତା' କରାଳ କାମ ସିଏ କରି ଦେଖାଇଦେବ ।

ଠିକ୍ ଯେମିତି କରୋନା ଭୂତାଣୁ ଭଳି । ହଠାତ୍ ସେ ଭୂତାଣୁ ପୃଥିବୀର ଜନଜୀବନକୁ ଏମିତି ଭାବେ ନିୟନ୍ତ୍ରିତ କରି ନିଜ କବଳକୁ ନେଇଗଲା ଯେ, ବଡ ବଡ ବିଜ୍ଞାନୀ ମସ୍ତିଷ୍କ ମାନେ ବିଚଳିତ ହୋଇଗଲେ, ଦ୍ୱନ୍ଦରେ ପଡିଗଲେ । ମଣିଷ କିନ୍ତୁ ହାର ମାନେନା । କରୋନାର କରାଳ ଛାୟା ଯେତେବେଳେ ପୃଥିବୀକୁ କବଳିତ କରି ହଲଚଲ ମଚେଇ ଦେଇଥିଲା, ବୈଜ୍ଞାନିକ ମାନେ ନିଜର ଜ୍ଞାନ, ଗାରିମା, ଚିନ୍ତାଧାରାକୁ ତ୍ୱରାନ୍ୱିତ କରାଇ ଆବିଷ୍କାର କଲେ ଟିକା । ସେ ଟିକା ଶତକଡା ଶତ ପରିଶତ କାମୀ ନହେଲେ ବି ଶତକଡା ନବେ ଭାଗରୁ ଅଧିକ କାମୀ ବୋଲି ଆକଳନ କରାଗଲା । ଆଉ ସେଇ ଟିକା ପାଇଁ ଆଜି ନିୟୁର୍କରେ ଏକ ଅଲଗା ଦୃଶ୍ୟ ଆଖି ଆଗକୁ ଆସିଲା ।

ନୟୁର୍କ ସହର ସର୍ବଦା ଚଳଚଞ୍ଚଳ । ସେ ସହର ଶୁଏ ନାହିଁ ବୋଲି ପ୍ରବାଦ ଅଛି । ହେଲେ ଏପ୍ରିଲ୍ ୨୦୨୦ରେ କରୋନା ଭୂତାଣୁ ସେ ସହରକୁ ଶୁଏଇ ଦେଇଥିଲା । ଆତଙ୍କ ଭରି ଦେଇଥିଲା ସବୁ ସହରବାସୀଙ୍କ ମନରେ । କୁଢକୁଢ ଶବ । ସେସବୁକୁ ଉଚତ ରୂପେ ସଂସ୍କାର କରିବାକୁ ବି ଅନେକ ବାଧାବିଘ୍ନ । ତେବେ ସେ ସହର ପୁଣି ଚଳଚଞ୍ଚଳ ହୋଇଉଠିଛି । ସହରବାସୀ ସେମାନଙ୍କର ନିତିଦିନିଆ କାମ ଯେମିତି କରୁଥିଲେ ସେମିତି କରୁଛନ୍ତି । ଯଦିଓ ଶତକଡା ଶହେ ଭାଗ ସେମିତି କରୁନାହାନ୍ତି, ତେବେ ସତର୍କତା ରକ୍ଷା କରି ସେମିତି କରିବାର ପ୍ରୟାସ କରୁଛନ୍ତି । ରେଷ୍ଟୁରାଣ୍ଟ ସବୁ ନିଜନିଜର ବ୍ୟବସାୟ ଆରମ୍ଭ କରିଦେଲେଣି । ଅବଶ୍ୟ ସମସ୍ତଙ୍କର ଟିକାକରଣ ଜାଞ୍ଚ କରି ସେମାନଙ୍କୁ ରେଷ୍ଟୁରାଣ୍ଟ ଭିତରକୁ ଛାଡୁଛନ୍ତି,  ତେବେ ସେମାନଙ୍କର ବ୍ୟବସାୟ ଯେ ଚାଲିଛି ଓ ସେମାନେ ପୁଣି ଚଳଚଞ୍ଚଳ ହୋଇ ଉଠିଛନ୍ତି, ସେଇ କଥାଟା ଅତି ଭଲ ଲାଗୁଥିଲା ।

ନଭେମ୍ବର ୫ ତାରିଖ ସନ୍ଧ୍ୟା ୬ଟା ବେଳେ ଅରୋକା ଭାରତୀୟ ଭୋଜନାଳୟରେ ପହଞ୍ଚିବା ପରେ ଲାଗୁଥିଲା ଯେମିତି ସବୁକଛି ଠିକ୍ ଚାଲିଛି । ଯଦିଓ ଭିତରେ ନିର୍ଦ୍ଧାରିତ ସ୍ଥାନରେ ବସାଇବା ପୂର୍ବରୁ ଜଣେ ଷ୍ଟାଫ୍ ଆସି ଉତ୍ତାପ ମାପିଲେ ଓ ତାପରେ ଟିକା କାର୍ଡ ଚେକ୍ କଲେ, ତେବେ ରେଷ୍ଟୁରାଣ୍ଟ ଭିତରେ ଅନେକ ଗ୍ରାହକ ଥିଲେ ଓ ଖୁସି ମନରେ ଗପଶପ କରୁଥିଲେ ଓ ଖାଦ୍ୟର ଆନନ୍ଦ ନେଉଥିଲେ । ଆଉ ଗୋଟିଏ ନୂଆ କଥା ଦେଖିବାକୁ ମିଳିଲା ଯେ ପ୍ରତି ଗ୍ରାହକ ଓ ସେମାନଙ୍କ ସାଥୀଙ୍କୁ ଅନ୍ୟ ଗୋଷ୍ଠୀମାନଙ୍କଠାରୁ ଦୂରେଇ ରଖିବା ପାଇଁ ମଝିରେ କାଚର ପାଚେରି ରହିଥିଲା ଓ ମେନୁ ପାଇଁ ସେଠି କୋଡ୍ ରଖା ଯାଇଥିଲା । ନିଜ ସେଲ୍‌ଫୋନ୍ ରେ ସେ କୋଡ୍‌ର ଫଟୋ ନେଲେ ଜଣେ ସହଜରେ ସେ ଭୋଜନାଳୟର ମେନୁ ଦେଖିପାରିବ ଓ ଅର୍ଡର କରିପାରିବ ।

ଏସବୁ ଛନ୍ଦାକୁ ଅଜବ ଲାଗୁଥିଲା ଓ ଆମୋଦିତ କରୁଥିଲା । ହେଲେ ଝିଅ ମିନୁ ସେସବୁରେ ବିଚକ୍ଷଣ । ସିଏ ସାଙ୍ଗେସାଙ୍ଗେ ତା' ଫୋନ୍ ରେ ଫଟୋ ଉଠାଇ ସମସ୍ତଙ୍କୁ ମେନୁ ଦେଖେଇଲା ଓ କଏ କଣ ଖାଇବ ବୋଲି ପଚାରିଲା । ଏହି ସମୟରେ ତା ' ଉପର ଝିଅ ଟିନୁ ଆସି ପହଞ୍ଚିଗଲା । ସିଏ ନିଜ ଜ୍ୟାକେଟ୍ କାଢି ପ୍ରଥମେ ଧୋଇଧାଇ ହେବାକୁ ଗଲା । ତାପରେ ଆସି ଚେୟାରରେ ବସିଲା ଓ ଆଗରୁ କେବେ ଖାଇନଥିବା କୌଣସି ଗୋଟିଏ ଖାଦ୍ୟ ମଗାଇବାକୁ ସ୍ଥିର କଲା ।

ସେମାନଙ୍କୁ ଖାଦ୍ୟ ଯୋଗାଇବା ଦାୟିତ୍ୱରେ ଥିବା ଝିଅ ଜଣକ ଆସି ପଚାରି ବୁଝିନେଲା ଓ ଖାଦ୍ୟ ଅର୍ଡର୍ ନେଇସାରିବା ପରେ ଦୁଇ ଗ୍ଲାସ୍ ଆମ୍ବ ସର୍‌ବତ୍ ଆଣି ରଖିଦେଇଗଲା । ପ୍ରାୟ ଦେଢବର୍ଷ ପରେ ଛନ୍ଦା ଓ ଆକାଶଙ୍କର ଇଏ ରେଷ୍ଟୁରାଣ୍ଟରେ ବସି ଖାଇବାର ଅନୁଭବ । ତେବେ ଝିଅମାନେ ସେମିତି ଡରକୁଳା ନୁହଁନ୍ତି । ଟିକା ନେବା ପରେପରେ ସେମାନେ ଜୀବନକୁ କରୋନା ପୂର୍ବର ଜୀବନ ଭଳି ଜିଇଁବାକୁ ଯେତେଦୂର ସମ୍ଭବ ବାଛି ନେଇଛନ୍ତି ।

ମିନୁ ପଚାରିଲା, "ତମେ କଣ ମୁହଁରୁ ମୁଖା କାଢିବନି କି ?"

ଛନ୍ଦା କହିଲା, "ଆଗ ଖାଦ୍ୟ ଆସୁ । ତାପରେ କାଢିବି । ତା' ପୂର୍ବରୁ ତ ଟିକେ ନିଜକୁ ସୁରକ୍ଷିତ କରି ରଖେ ।"

ଟିନୁ ବୁଝେଇଲା, "ଏଠି ତ ସମସ୍ତେ ଟିକା ନେଇଛନ୍ତି । ତଥାପି ତମେ ଭୟ କରୁଛ ?"

ବାପରେ, ଏ ପିଲାମାନଙ୍କୁ ପାରିହେବନି । ସେମାନେ କଣ ବୁଝିବେ, ବୟସ ବଢିଲେ କେତେ ଚିନ୍ତା ମାଡିଆସେ । ସେ ଭିତରୁ ପ୍ରଥମ ଚିନ୍ତା ହେଲା ରୋଗରେ ପଡିବା ଓ ଅନ୍ୟ ଉପରେ ନିର୍ଭର କରିବା । ହେଲେ ଏ କରୋନାରେ ସେ ନିର୍ଭର କରିବାରେ ବି କେତେ କଟକଣା ଲାଗିଯିବ । ଛନ୍ଦାର ମନେପଡେ କେମିତି ଟିକେ ସମସ୍ତଙ୍କର ଧ୍ୟାନ ଆକର୍ଷଣ କରିବାପାଇଁ ଛୋଟବେଳେ ସିଏ ଭଗବାନଙ୍କୁ ଅସୁସ୍ଥ ହେବାପାଇଁ ପ୍ରାର୍ଥନା କରେ । ଯେତେବେଳେ ସାନ ଭାଇକୁ ଟିକେ ଥଣ୍ଡାକାଶ ହେଲେ ଘରେ ସମସ୍ତେ ତତ୍ପର ହୋଇଯାଆନ୍ତି ଓ ତା' ସେବାରେ ନିଜକୁ ନିୟୋଜିତ କରି ରଖନ୍ତି, ସେତେବେଳେ ଛନ୍ଦା ବି ନିଜ ଦେହ ଖରାପ ପାଇଁ ପ୍ରାର୍ଥନା କରେ । ଏବେ ସେ ମୂର୍ଖାମୀ ମନେପଡିଲେ ବେଳେବେଳେ ହସ ମାଡେ । ହେଲେ ନା, ଆଜିକାଲି କୌଣସି ଦେହ ଖରାପ କଥା ଭାବିଦେଲେ ଡରମାଡେ । ଏଠି ଡାକ୍ତରମାନେ ହଜାର ରକମ କଥା କହିବେ, ମେଞ୍ଚାଏ ଔଷଧ ଦେବେ, ସେ ଔଷଧର ଆହୁରି ମେଞ୍ଚାଏ ପ୍ରତିକ୍ରିୟା ହେବ ଓ ପରେ ଶରୀରରେ କଣ ଗୁଳିଛି, କଛି ବୁଝିହେବନି ।

ଆଉ ଏ କରୋନା ସମୟରେ ତ ଆହୁରି ଡର । ଯାହାକୁ ଯାହା ହେଉ, କରୋନା ବୋଲି ଭାବି ନେଉଛନ୍ତି ।

ଛନ୍ଦା କନ୍ତୁ କାହା କଥା ନଶୁଣି ମୁହଁରେ ମୁଖା ଲଗେଇ ରହିଲା । ଯେତେବେଳେ ଖାଦ୍ୟ ସବୁ ଆସି ଟେବୁଲ୍ ଉପରେ ରହିଲା, ସେତେବେଳେ ସିଏ ମୁଖା ବାହାର କରି ନୟମ ଅନୁଯାୟୀ ଓଲଟା ପଟରୁ ଧରି ନଜ ଜ୍ୟାକେଟ୍ ପକେଟରେ ରଖିଲା । ହାତରେ ସାନଟାଇଜର୍ ଲଗେଇଲା ଓ ଖାଇବା ଆରମ୍ଭ କଲା ।

ଖାଇବା ଶେଷରେ ସେମାନଙ୍କର "ଡାଏନା, ଦ ମ୍ୟୁଜିକାଲ୍' ଶୋ ଦେଖିଯିବାର ଥିଲା । ଝିଅମାନେ ପଥ ପ୍ରଦର୍ଶକ ରହିଲେ । ଟ୍ରେନରେ ବସି ସେମାନଙ୍କୁ ଯିବାକୁ ପଡିଲା । ଯଦିଓ ଟ୍ରେନରେ ଏତେ ଭିଡ ନଥିଲା, ତଥାପି ଟ୍ରେନ୍ ଯେ ଚାଲିଛି ଓ ସେଥିରେ ମଣିଷମାନେ ଯିବାଆସିବା କରୁଛନ୍ତି ତାହା ଦେଖି ଅତ୍ୟନ୍ତ ଆନନ୍ଦ ଲାଗିଲା । ତଥାପି ମୁଖା ପନ୍ଧି ସମସ୍ତେ ଚଳପ୍ରଚଳ ହେଉଥାନ୍ତି ଓ ମୁଖା ପିନ୍ଧିବାର ନୟମ ବିଷୟରେ ସବୁଆଡେ ପୋଷ୍ଟର୍ ମରାଯାଇଥାଏ । ସେମାନେ ଯାଇ ୭ଟା ୪୦ ବେଳକୁ ଥିଏଟର୍ ରେ ପହଞ୍ଚିଗଲେ । ଥିଏଟର୍ ରେ ସେତେବେଳକୁ ବଡ ଧାଡି ଲାଗିଥାଏ । ସେମାନେ ସମସ୍ତଙ୍କର ଟିକାକରଣ କାର୍ଡ ଓ ପରିଚୟପନ୍ନ ଦେଖି ଭିତରକୁ ଛାଡୁଥାନ୍ତି । ଛନ୍ଦାର ଟିକାକରଣ କାର୍ଡ ତ ଫୋନରେ ଥିଲା । ହେଲେ ଡ୍ରାଇଭିଙ୍ଗ୍ ଲାଇସେନ୍ସ୍ ସିଏ ପର୍ସ ଭିତରେ ରଖିଥିଲା ଯାହାକୁ କାଢିବା ନେଇ କଛି ସମୟ ବିଳମ୍ବ ହୋଇଗଲା । ତଥାପି ସେମାନେ ଭଲ ସିଟ୍ ରେ ଯାଇ ବସିପାରିଲେ । ମିନୁ ପଚାରିଲା, "ଟିକେଟ୍ କେତେ ନେଇଛି, ଜାଣିଛ ?'

ଆକାଶ ତାଙ୍କ ଷ୍ଟାଇଲ୍ରେ କହିଲେ, "ଚନ୍ତା କରନ, ମୁଁ ସବୁ ସେ ଖର୍ଚ୍ଚ ତତେ ଦେଇଦେବି' ।

ମିନୁ କହିଲା, "ନା, ସବୁ ନଦେଲ ନାହିଁ, କନ୍ତୁ, ଅଧା ଦେବ ।'

ସେ ଝିଅଟା ସେମିତି । ଏକାଟିଆ ଏତେ ରୋଜଗାର କରୁଛି, ହେଲେ ଦୁନଆ ସଉକ୍ । ରେଷ୍ଟୁରାଣ୍ଟରେ ଖାଇବ, ଭଲଭଲ ଥିଏଟର୍ ଶୋ ଦେଖିବ, ବିଭିନ୍ନ ଗେମ୍କୁ ଯିବ, ଦେଶବିଦେଶ ଭ୍ରମଣ କରିବ, ସେସବୁରେ ତାର ସବୁ ଖର୍ଚ୍ଚ ହୋଇଯାଏ । ଛନ୍ଦା ଓ

ଆକାଶଙ୍କ ଭଳି ବାଲ୍ୟକାଳ ତ ସେମାନେ ବିତାଇନାହାନ୍ତି । ସଂଘର୍ଷ କଣ ଜାଣିନାହାନ୍ତି । ଏକ ପଇସାର ମୂଲ୍ୟ ସେମାନଙ୍କ ପାଇଁ ଦିନେ କେତେ ବଡ ଥିଲା, ସେକଥା ଅନୁମାନ କରିବା ମିନୁ, ଟିନୁଙ୍କ ପାଇଁ ଅସମ୍ଭବ ।

ଥିଏଟର୍ ଭିତରେ ସବୁ ସମୟ ଯାକ ମୁଖା ପିନ୍ଧି ରହିବାର ନିୟମ ଥିଲା । ଯଦି କେବେ କାହାର ମୁଖା ଟିକେ ନାକ ତଳକୁ ଖସି ଯାଉଥିଲା, ସେଠିକାର ଷ୍ଟାଫ୍ ଆସି ମନେ ପକାଇଦେଇ ଯାଉଥିଲେ । ହେଲେ ଏତେ ସମୟ ମୁଖା ପିନ୍ଧି ରହିବା ସତରେ ବଡ ଅସ୍ୱସ୍ତିକର ଥିଲା ।

ଠିକ୍ ଆଠଟା ବେଳକୁ ଶୋ ଆରମ୍ଭ ହୋଇଗଲା । ଏତେ ସୁନ୍ଦର ପରିବେଷଣ, ତା' ଭିତରେ ମନ ଏମିତି ମଜ୍ଜିଗଲା ଯେ, ମୁଖା ପିନ୍ଧି ରହିବାର ଅସ୍ୱସ୍ତି ସେ ସମୟରେ ଭୁଲି ହୋଇଗଲା। ସେ ଶୋ ମାଧ୍ୟମରେ ଡାୟାନା ଓ ଗୁର୍ଲସ୍‌ଙ୍କ ଜୀବନକାହାଣୀ ବିଷୟରେ ଅନେକ କିଛି ନୂଆ ଘଟଣା ଜାଣିବାକୁ ମିଳିଲା ।

ଶୋ ସରିବା ବେଳକୁ ସାଢେ ଦଶଟା ବାଜି ଯାଇଥିଲା । ଥିଏଟର୍‌ର ବାହାରକୁ ଅନେକ ଆସି ଡାୟାନାର ପୋଷ୍ଟର୍ ସହିତ ଫଟୋ ଉଠାଉଥାନ୍ତି । ଛନ୍ଦା କହିଲା, "ଆମେ ଗୋଟିଏ ଫଟୋ ଉଠାନ୍ତେ କି ?' ଏ କଥାରେ ଝିଅମାନେ ଏମିତି ଗୁହିଁଲେ ଯେ, ଛନ୍ଦା ଚୁପ୍ ।

ବଡ ଝିଅ ତା' ଆପାର୍ଟମେଣ୍ଟ୍‌କୁ ଫେରିଗଲା । ଏମାନେ ସମସ୍ତେ ମିନୁର ଆପାର୍ଟମେଣ୍ଟକୁ ଫେରିଲେ । ସେଇଟା ପଞ୍ଚମ ମହଲାରେ । ପ୍ରତି ମହଲାକୁ ଯିବାକୁ ୧୬ଟି ପାହାଚ । ତାମାନେ ୬୪ଟି ପାହାଚ ଚଢିଲେ ଯାଇ ତା' ଆପାର୍ଟମେଣ୍ଟରେ ପହଞ୍ଚିବ । ସେଠି ଏଲିଭେଟର୍ ନାହିଁ । ହେଲେ ସେ ପାହାଚ ଟିକେ ଚଉଡା ହୋଇଥାଆନ୍ତା ? ତାହା ବି ନୁହେଁ। ସେ ପାହାଚ ଚଢିବା ବେଳେ ଛନ୍ଦାର ଭୟ ଥିଲା କି କାଳେ କେତେବେଳେ ଗୋଡ ଖସିଯିବ । ଯାହାହେଉ କଷ୍ଟେମଷ୍ଟେ ପାହାଚ ଚଢି ସେମାନେ ତା' ଆପାର୍ଟମେଣ୍ଟରେ ପହଞ୍ଚିବା ପରେ ସ୍ୱସ୍ତିର ନିଃଶ୍ୱାସ ମାରିଲେ । ଶରୀର ଏମିତି ଥକି ଯାଇଥିଲା ଯେ ବିଛଣାରେ ପଡୁପଡୁ ନିଦ ଲାଗିଗଲା ।

ତା' ପରଦିନ ଶନିବାର । ମିନୁ ଠିକ୍ କରିଥିଲା ସେମାନେ ସେଦିନ ୱାସିଂଟନ୍ ପାର୍କ ବୁଲିବେ ଓ ବ୍ରାୟାଣ୍ଟ ପାର୍କରେ କ୍ରିଷ୍ଟମାସ୍ ଶପିଙ୍ଗ୍ ବଜାର ଦେଖିବେ । ଟିନୁ ଆସି ସକାଳ ୯ଟାରେ ପୁଣି ପହଞ୍ଚିଗଲା । ସେମାନେ ପ୍ରସ୍ତୁତ ହୋଇ ବାହାରିଗଲେ । ଘରେ ଯାହାଥିଲା, ସେସବୁ ଛନ୍ଦା ଓ ଆକାଶଙ୍କର ସକାଳ ଜଳଖିଆ ହୋଇଗଲା । ହେଲେ ମିନୁର କଫି ସପ୍ ଯାଇ ସେଠୁ କଫି କଣିବାର ଥିଲା । ସେ ଦୋକାନରେ ବି ସେଇ ଏକା ନିୟମ । ସମସ୍ତେ ମୁଖା ପିନ୍ଧିବେ, ତା' ସହିତ ଦୂରତା ରକ୍ଷା କରିବେ । ଯେଉଁମାନେ ଭିତରେ ବସି ଖାଇବାକୁ କି କଫି ପିଇବାକୁ ଇଚ୍ଛା କରିବେ, ସେମାନେ ଟିକାକରଣର କାର୍ଡ ଦେଖେଇଲେ ସେମାନଙ୍କୁ ଅନୁମତି ମିଳିବ । ସେ କଫି ଦୋକାନରେ ବି ଅନେକ ଲୋକ ଧାଡିରେ ଛିଡା ହୋଇ ରହିଥିଲେ । ତାଙ୍କ ଭିତରୁ ଜଣେ ବୟସ୍କ ଦଂପତ୍ତି ଏକ ବିରାଟ କୁକୁରକୁ ଧରି ଧାଡିରେ ଠିଆ ହୋଇଥାନ୍ତି । ସେ କୁକୁର ଏମିତ ଠାଣି କରି ଦୋକାନର ସମସ୍ତ ଖାଇବା ଜିନିଷକୁ ଦେଖିଲା ଯେ, ଦୋକାନ ମାଲିକ ତାକୁ ଏକ ବାଗେଲ୍‌ର କିଛି ଅଂଶ ଖାଇବାକୁ ଦେଲା । ଯଦିଓ ସିଏ ସେଥିପାଇଁ ମାଲିକର ଅନୁମତି ନେଲା । ଇଏ ହେଲା ନିୟୁର୍କ ସହରର ଷ୍ଟାଇଲ୍। ଅନେକ ଲୋକ ସେମିତି ପୋଷା କୁକୁରଙ୍କୁ ଧରି ଯିବାଆସିବା କରୁଥାନ୍ତି ।

ସେମାନେ ୧୭ଟି ବ୍ଲକ୍ ଗଳିଗଳି ଯାଇ ଶେଷରେ ୱାଶିଂଟନ୍ ପାର୍କରେ ପହଞ୍ଚିଲେ । ସେଦିନ ପାଗ ଭଲ ଥିଲା ଓ ପାର୍କରେ ଅନେକ ଲୋକ ବୁଲୁଥିଲେ ଓ ମଜ୍ଜା କରୁଥିଲେ । ନିୟୁର୍କ ୟୁନିଭର୍ସିଟି ଭିତରେ ଏ ପାର୍କ । ପାର୍କର ଗୋଟିଏ ପାର୍ଶ୍ୱରେ ଏକା ଜାତିର କୁକୁରମାନଙ୍କ ମିଳନପର୍ବ ଚାଲିଥିଲା ଓ ଅନେକ ଲୋକ ନିଜ କୁକୁରମାନଙ୍କୁ ଧରି ସେଠି ମହଜୁଦ ଥିଲେ । ମିନୁ ଓ ଟିନୁ ସେଠି କିଛି ସମୟ ବିତେଇଲେ । ଛନ୍ଦା ସବୁର ଫଟୋ ନେଉଥିଲା । ସେ ସ୍ଥାନ ଏତେ ସୁନ୍ଦର ଦିଶୁଥିଲା ଯେ, ଯେତେ ଫଟୋ ଉଠେଇଲେ ବି କିଛି ରହିଗଲା ଭଳି ମନେ ହେଉଥିଲା । ସେଠି ଜଣେ ଗାୟକ ଆସି ମଝିରେ ତା ପିଆନୋ ସେଟ୍ କରିଦେଇ ଗୀତ ଗାଇବାରେ ଲାଗିଲା । ଆଉ ଜଣେ ଲୋକ ମାଗଣା କହୁଣୀ ଗ୍ରିଟ୍ ବୋଲି ଗୋଟିଏ ପୋଷ୍ଟର୍ ଧରି ବୁଲୁଥିଲା । ଆକାଶ ଛନ୍ଦାକୁ ଥଟ୍ଟା କରି କହିଲେ, "ଯା, ମାଗଣା କହୁଣୀ ଗ୍ରିଟ୍ ମିଳୁଛି, ନେଇ ଆସିବୁ ।' ହସିହସି ଗଡିଗଲା ଛନ୍ଦା । ଏ ଦେଶରେ ବେଳେବେଳେ ଏମିତି ଅଦ୍ଭୁତ ଜିନିଷ ସବୁ ଦେଖାଯାଏ । ତାପରେ କୋଭିଡ୍ ଡରରେ ଏବେ କେହି କାହାର ହ୍ୟାଣ୍ଡସେକ୍ କରି ଗ୍ରିଟ୍ କରିବାକୁ ମନା, ଅତଏବ, କହୁଣୀରେ କହୁଣୀ ଛୁଏଁଇ ଗୋଟିଏ ରକମର ଗ୍ରିଟ୍ ବାହାରିଛି । "ଧନ୍ୟରେ ମଣିଷ । ଏମିତି ଅଦ୍ଭୁତ କଥା ମୁଣ୍ଡକୁ ଆସୁଛି ।'

ସେ ସ୍ଥାନଟି ଛନ୍ଦାକୁ ଏତେ ଭଲ ଲାଗୁଥିଲା ଯେ ଉଠିବାକୁ ଇଚ୍ଛା ହେଉନଥିଲା । ତେବେ ସେମାନଙ୍କ ହାତରେ ଅଧିକ ସମୟ ନଥିଲା ଯେହେତୁ ଗୋଟାଏ ବେଳକୁ ସେମାନଙ୍କର ମେରୀଲାଣ୍ଡ ଫେରିବାର ଥିଲା । ତେଣୁ ସେମାନେ ପାର୍କ ଛାଡି ଟ୍ରେନ୍ ଷ୍ଟେସନ୍ ଅଭିମୁଖେ ଗ୍ଲଲିଲେ । ବହୁତ ମଜ୍ଜା ଲାଗୁଥିଲା ଏଥିପାଇଁ କି ମିନୁ ଏବେ ସେମାନଙ୍କର ଗାଇଡ୍ ହୋଇଥିଲା । ସେମାନେ କଛି ବି ଚନ୍ତା କରୁନଥିଲେ । ମିନୁ ଯାହା କହୁଥିଲା, ତାହା କରୁଥିଲେ । ଏମିତିକି ଟ୍ରେନ୍ ରେ ଯିବାପାଇଁ ସେମାନେ ଟିକେଟ୍ କାଟୁନଥିଲେ । ମିନୁ ତା କାର୍ଡରେ ଦୁଇଥର ଅଧିକ ଛୁଆଁଇ ସେମାନଙ୍କୁ ଷ୍ଟେସନ୍ ଭିତରେ ପୂରାଉଥିଲା । ହେଲେ ସେ ପାହାଚ ଚଢା ଛନ୍ଦାକୁ କ୍ଲାନ୍ତ କରିଦେଉଥିଲା । ସେମାନେ ବ୍ରାୟାଣ୍ଟ ପାର୍କର ଷ୍ଟେସନରେ ଓହ୍ଲାଇ କ୍ରିଷ୍ଟମାସ୍ ବଜାର ଭିତରକୁ ଗଲେ । କରୋନା ଭଳି ଏକ ମହାମାରୀ ଭିତରେ ଦୁନିଆଟା ପୁଣି ଏମିତି ଭାବେ ଆବିଷ୍କାର କରିବା ଯେମିତି ସ୍ୱପ୍ନ ଭଳି ଥିଲା । ତେବେ ସେ ସ୍ଥାନରେ ଜୀବନ ଚଳଚଞ୍ଚଳ, ଆନନ୍ଦମୟ, କୋଳାହଳମୟ ଥିଲା । ଗହଣାଠାରୁ ଆରମ୍ଭ କରି କେତେ ରକମର ଖାଦ୍ୟ ସାମଗ୍ରୀ ଓ ରଙ୍ଗବେରଙ୍ଗର ଆଲୋକମାଳା ସେଠାରେ ବିକ୍ରି ହେଉଥିଲା । ଆକାଶଙ୍କୁ ରଙ୍ଗବେରଙ୍ଗ ଆଲୁଅ ଭଲଲାଗେ । ସିଏ କେତୋଟି ଦୋକାନ ବୁଲିବୁଲି ଶେଷରେ ଗୋଟିଏ ଦୋକାନରୁ ଗୋଟିଏ ଆଲୁଅ ସେଟ୍ କିଣିଲେ ।

କିଛି ସମୟ ପରେ ସେମାନେ ମିନୁର ଆପାର୍ଟମେଣ୍ଟକୁ ଫେରିଆସିଲେ । ଫେରିବା ସମୟରେ ତୁର୍କୀସ୍ ରେଷ୍ଟୁରାଣ୍ଟରୁ କିଛି ଖାଦ୍ୟ ଅର୍ଡର୍ କରି ନେଇଆସିଲେ । ମିନୁ ଆପାର୍ଟମେଣ୍ଟରେ ବସି ଖାଇଲେ । ଏହି ସମୟରେ ଗୋଟିଏ ଦୁର୍ଘଟଣା ଘଟିଲା । ମିନୁର ଗୋଟିଏ ଚେୟାର୍‌ର ହ୍ୟାଣ୍ଡଲ୍ ଭାଙ୍ଗିଯାଇଥିଲା । ସିଏ ତାକୁ ସଜାଡୁସଜାଡୁ ତା ଡାହାଣ ହାତର ଅନାମିକା ଆଙ୍ଗୁଳ କାଟି ହୋଇଗଲା ଓ ଅନେକ ରକ୍ତ ବହିଗଲା । ଏ ଯିବାଆସିବା ବେଳେ ଏମିତି ଗୋଟିଏ ଘଟଣା ଘଟିବା ସେମାନଙ୍କୁ ଭଲ ଲାଗିଲାନି । ଟୁନି ତା' ହାତକୁ ଚାପି ଧରି ସେଥିରେ ବ୍ୟାଣ୍ଡଏଡ୍ ଲଗେଇଲା । ତାର ବି ଫେରିବାକୁ ଥିଲା । ତେଣୁ ମିନୁକୁ ବିଶ୍ରାମ ନେବାକୁ କହି ସେମାନେ ସମସ୍ତେ ଗୋଟାଏ ବେଳେ ମିନୁର ଆପାର୍ଟମେଣ୍ଟ ଛାଡିଲେ।

ଶନିବାର ସବୁ ଠିକ୍ ରହିଲା । ରବିବାର ଦିନ ବଡଝିଅ ଓ ତାର ସ୍ୱାମୀ ସନ୍ଧ୍ୟାବେଳକୁ ଆସିଲେ । ଛନ୍ଦା ସେମାନଙ୍କ ପାଇଁ ରନ୍ଧାରନ୍ଧି କଲା । କିଛି ସମୟ ଅତି ଖୁସିରେ ବିତିଗଲା। ସେମାନେ ରାତି ନଟା ବେଳକୁ ଫେରିଗଲେ । ଛନ୍ଦା କିଛି ସମୟ ଟିଭି ଦେଖିଲା । ଦେଖିବା

ବେଳକୁ ମିନୁ ଟେକ୍ସ୍ଟ୍ ମେସେଜରେ ଲେଖିଛି ଯେ ତା' ହାତରୁ ରକ୍ତ ବହିବା କମୁନ । ଛନ୍ଦାର ମୁଣ୍ଡ କଣ ହୋଇଗଲା । ଏତେଦିନ ପରେ ସେମାନେ ଏତେ ଖୁସି କଲେ । ବ୍ରଡ୍‌ୱେରେ ଡାୟାନା ମ୍ୟୁଜିକାଲ୍ ଦେଖିଲେ, ରେଷ୍ଟୁରାଣ୍ଟରେ ଦେଢବର୍ଷ ପରେ ଖାଇଲେ, ନ୍ୟୁର୍କ ସହରରେ ବୁଲିଲେ; ଏବେ ପୁଣି ଏମିତି ।

ଦୁଃଖ ଆହୁରି ଅନେଇ ରହିଥିଲା । ରାତି ଦୁଇଟା ବେଳକୁ ଛନ୍ଦାର ଡାହାଣ ଗୋଡରେ ଅନେକ ଯନ୍ତ୍ରଣା ହେଲା । ଏତେ ଯନ୍ତ୍ରଣା ଯେ ସହିବା ଶକ୍ତିରୁ ବାହାରେ । ଛନ୍ଦା ଯେତେ ଚେଷ୍ଟା କଲେ ବି ଯନ୍ତ୍ରଣା କମୁନଥିଲା କି ବନ୍ଦ ହେଉନଥିଲା । ସିଏ କେତୋଟି ଅଧିକ ତକିଆ ଆଣି ଗୋଡତଳେ ଦେଇ ଶୋଇଲା । ତଥାପି ବି କଷ୍ଟ କମିବାର ନାହିଁ । ରାତି ପାହିବାକୁ ବସିଲାଣି । ସାରାରାତି ଅନିଦ୍ରା । ଆକାଶ ସକାଳୁ ଟାଇଲାନଲ୍ ବଟିକା ଦେଲେ । ପଚାରିଲେ, "ଏମରଜେନ୍‌ସୀ କି ଅରଜେଣ୍ଟ୍ କେୟାର୍‌କୁ ଯିବୁ କି ?'

ଛନ୍ଦାର ତ ଇଚ୍ଛା ହେଉଥିଲା ସେଇଆ ହିଁ କଲେ ଭଲ ହୁଅନ୍ତା । ତେବେ ସିଏ ପ୍ରଥମେ ଗୁଗୁଲରେ ଗବେଷଣା କରିବାକୁ ଚାହିଁଲା । ଡାହାଣ ଗୋଡର ଗଣ୍ଠି ତଳକୁ ଫୁଲିଥିଲା ଓ ପାଦର ତଳଭାଗ ଅନେକ ଯନ୍ତ୍ରଣା ଦେଉଥିଲା । ଗୁଗୁଲ୍ ରେ ସେସବୁ ପାଦ ସମସ୍ୟା ପାଇଁ ୧୭ ରକମର ଚିହ୍ନ ଥିବା ଗୋଟିଏ ପେଜ୍ ଦେଖେଇଲା । ସେଥିରୁ ଯାହା ଜଣା ପଡିଲା, ଭଲ ଜୋତା ନ ପିନ୍ଧି ବେଶି ଚାଲବୁଲା କଲେ ପାଦରେ ଚାପ ପଡିଯାଏ ଓ ଏମିତି ଅବସ୍ଥା ହୁଏ । ସେଥିପାଇଁ ବିଶ୍ରାମ, ଔଷଧ ଖାଇବା ଓ ବରଫ ଦେବା ଦରକାର । ଛନ୍ଦା ସେଇଆ କଲା । ସେଦିନ ସନ୍ଧ୍ୟାବେଳକୁ ପାଦ ଦରଜ କିଛିଟା କମିଲା । ତେବେ ସିଏ ଚାଲେଷେଇବାସ କରିପାରିଲାନି କି ଭଲଭାବେ ଗତିଶୀଳ ହୋଇପାରୁନଥିଲା । ଏହି ସମୟରେ ମିନୁ ଜଣେଇଲା ଯେ ସିଏ ଅରଜେଣ୍ଟ୍ କେୟାର୍ ଯାଇଥିଲା । ସେଠି ଡାକ୍ତର ତାକୁ ଟିଟାନସ୍ ଇଞ୍ଜେକ୍ସନ୍ ଦେଲା । ତେବେ ତା' ଆଙ୍ଗୁଠି ସଂପୂର୍ଣ୍ଣରୂପେ ଭଲ ହୋଇନ ।

ଏଣେ ଛନ୍ଦାର ଗୋଡ । ଏମିତି ଖରାପ ଯୋଗ ! ତଥାପି ଛନ୍ଦା ବୁଝିପାରୁନଥିଲା ଏମିତି ହଠାତ୍ ତା' ଗୋଡର ଶୋଚନୀୟ ପରିସ୍ଥିତି ହେବା ସମ୍ବନ୍ଧରେ । ଯଦିଓ ସିଏ କାରଣ ବିଷୟରେ ଜ୍ଞାନ ପାଇ, ଘରେଇ ଚିକିତ୍ସା କରିବା ଆରମ୍ଭ କରିଦେଲା, ତଥାପି କାରଣଟା ତାକୁ ଠିକ୍ ଲାଗୁନଥିଲା । ସତରେ କାହିଁକି ଜୀବନ ଏମିତି ? ଥିବଥିବ ମାଡିଆସିବ ଅଜଣା

କାରଣରୁ ଦୁଃଖ, କଷ୍ଟ, ସମସ୍ୟା, ଯନ୍ତ୍ରଣା । ମନଟା ମରିଯାଉଥିଲା । ବିଷାଦରେ ଭରିଯାଉଥିଲା । ଛୋଟେଇଛୋଟେଇ କଷ୍ଟରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବାବେଳେ ତାକୁ ଦୁଃଖ ଲାଗୁଥିଲା ।

ହଠାତ୍ କାହିଁକି କେଜାଣି ସବୁ ପୁଣି ସହଜ ଲାଗିଲା । ମନ ଭିତରେ ଖେଳଗଲା ପ୍ରତିଦିନ ଦେଖୁଥିବା କେତେ ବିକଳାଙ୍ଗ, ଭିନ୍ନକ୍ଷମ ଚେହେରା । ସେସବୁ ସିଏ ଟିଭିରେ ଦେଖୁଥିଲା । ଭେଟେରାନ୍ସ୍ ଡେ ଆଗକୁ ଆସୁଥିବାରୁ ସେମାନେ ଭେଟେରାନ୍ ମାନଙ୍କର ଜୀବନ ବିଷୟରେ ଦେଖାଉଥିଲେ । କାହାର ହାତ ନଥିଲା । କାହାର ଗୋଡ ନଥିଲା । କାହାର ଆଖି ବୋମା ଫୁଟାରେ ନଷ୍ଟ ହୋଇଯାଇଥିଲା । ତଥାପି ସେମାନେ ହସୁଥିଲେ । ଗୀତ ଗାଉଥିଲେ । କୁକୁର ଧରି ବୁଲୁଥିଲେ । ସେମାନଙ୍କର ପରିବାର ସେମାନଙ୍କୁ ସ୍ନେହ ଦେଖାଉଥିଲେ ।

ଛନ୍ଦା ସୋଫାରୁ ରେଷ୍ଟରୁମ୍ ଯିବାକୁ ଠିଆ ହେବାକୁ ଚେଷ୍ଟା କରୁଥିବା ବେଳେ ଅନେକ ଯନ୍ତ୍ରଣା ହେଲା । ତା ଆଖିରୁ ଲୁହ ବାହାରିଗଲା । ଆକାଶ ଆସି ପଚାରିଲେ, "ମୋ କାନ୍ଧରେ ଭରାଦେଇ ଚାଲିବୁ କି । ଟିକେ ଆରାମ ଲାଗିବ ।'

ଛନ୍ଦା କୃତକୃତ୍ୟ ହୋଇଗଲା । "ଆହା, କେତେ ସ୍ନେହ ସତେ ? ଏଇ ମଣିଷକୁ ଛାଡିଦେଇ ପଳେଇଯାଇ କୋଉ ହୋଟେଲରେ ରହିବ ବୋଲି ସିଏ ଠିକ୍ ମାସକ ତଳେ ଭାବୁଥିଲା । ମନରେ କେତେ କୋପ, କେତେ ରାଗ, କେତେ ଅଭିମାନ ଭରି ଦେଇଥିଲା ।'

ଛନ୍ଦା ଜାଣିଛି, ଖୁବ୍ ଶୀଘ୍ର ଆଉ ଏମିତି କଛି ଘଟିବ ଓ ଏଇ ଆକାଶ ପୁଣି ତାଙ୍କର ନିଷ୍ଠୁରତା ଦେଖେଇବେ । ଯେମିତି ଛନ୍ଦା କେହି ନୁହେଁ, କଛି ନୁହେଁ, ମଣିଷ ନୁହେଁ । ତା' ଦେହରେ ଯେମିତି ରକ୍ତ ବହେନ, ତା' ମନରେ ଯେମିତି ଆବେଗ ନଥାଏ, ତାର ଯେମିତି ସ୍ୱତନ୍ତ୍ର ଇଚ୍ଛା ନଥାଏ । ସିଏ କେବଳ ଗାବିଦିଆ କଣ୍ଢେଇ ହେବ ଆକାଶଙ୍କ ଅନେକ ସବୁ ଇର୍ଷୁକ ଓ ଅହଂକାର ଭରି ରହିଥିବା ଇଚ୍ଛାକୁ ରୂପ ଦେବାକୁ ।

ଗୋଟିଏ ସପ୍ତାହ ପରେ ପୁଣି ବଦଳଗଲା ଧାରା । ସେଦିନ ଆକାଶ ପୁଣି ବଦଳଗଲେ । ତାଙ୍କ ନାଁ ଯେମିତି ପ୍ରକୃତି ବି ସେମିତି । ଋତୁଚକ୍ରର ପରିବର୍ତ୍ତନ ଭଳି, ସିଏ ସବୁବେଳେ ବଦଳୁଥାନ୍ତି । କେତେବେଳେ ସେଥିରେ ବିଜୁଳି ଘଡଘଡି ମାରେ ତ, କେତେବେଳେ ସ୍ନେହର ସୂର୍ଯ୍ୟକିରଣ ହସେ । ସେମିତି ଏବେ ସିଏ ପାଲଟିଗଲେ ଝଡ । ହୋଇଗଲେ ନିଷ୍ଠୁର ମଣିଷ । କହିଲେ, "ଏବେ ତୁ ତୋର ଅଲଗା ରୋଷେଇ କରି ଖାଇବୁ । ମୁଁ ମୋର ଅଲଗା ରୋଷେଇ କରି ଖାଇବି ।'

ଛନ୍ଦା କିଛି କହିଲାନି । ନୀରବ ହୋଇଗଲା । ତାର ପ୍ରତିଦିନ ଯାହା କରିବା କଥା, ସିଏ କରୁଥିଲା । ଘରୁ ଅଫିସ୍ କାମ କରୁଥିଲା । ଖାଉଥିଲା, ପିଉଥିଲା । କେବଳ ଘରେ କଥାବାର୍ତ୍ତା ନଥିଲା । ଏ ନୀରବତା, ପୁଣି କେତେଦିନ ଚାଲିବ କିଏ ଜାଣେ ? ପୁଣି ତା' ଭିତରେ କଣ ଘଟିଯିବ କିଏ ଜାଣେ । ଛନ୍ଦା ଅନୁଭବ କରୁଥିଲା ତାର ଓ ଆକାଶଙ୍କ ରୁଚିରେ ଅନେକ ପାର୍ଥକ୍ୟ ଦିନକୁଦିନ ପରିଲକ୍ଷିତ ହେଉଛି । ଛନ୍ଦା ଜାଣିଛି, ବେଶିଦିନ ଏମିତି କଥାବାର୍ତ୍ତା ବନ୍ଦ ରହିଲେ, ତା' ମାନସିକ ଅଶାନ୍ତି ବଢିବ । ହୁଏତ ସିଏ କେବେ ଘର ଛାଡିଦେଇପାରେ କି କେବେ ଆକାଶଙ୍କୁ ଛାଡିଦେବାର ନିର୍ଣ୍ଣୟ ନେଇପାରେ କି ଏ ସଂସାରକୁ ଛାଡିଦେବାକୁ ଭାବିପାରେ । ଏ ଦୁନିଆରେ କିଛି ବି ଅସମ୍ଭବ ନୁହେଁ । ସୃଷ୍ଟିର ଏ ବିଚିତ୍ର ଧାରାରେ ସିଏ ସାମାନ୍ୟ ଜଳବିନ୍ଦୁଟିଏ ମାତ୍ର ।

ଇଚ୍ଛା ହେଲା ଟିକେ ଅଳକା ସହିତ କଥା ହୁଅନ୍ତା । ଅଚ୍ୟୁତ ବିନା ଜୀବନ କେମିତି ଚାଲିଛି ବୁଝନ୍ତା । କାରଣ ତା' ଅବସ୍ଥା ବି ଖୁବ୍‌ଶୀଘ୍ର ସେମିତି ହୋଇପାରେ ।

ରଦରଫୋର୍ଡ ୱେ, ଡେଟନ୍, ମେରୀଲାଣ୍ଡ୍,
ଯୁକ୍ତରାଷ୍ଟ୍ର ଆମେରିକା

# ମାଟି ପ୍ରତିମା



ବାସନ୍ତୀ ଲତା ଜେନା

ମାଟି ପ୍ରତିମା ମୁଁ ମାଟିରେ ମୋ ଘର
ମାଟିରେ ମୋ ସତ୍ତା ଅଛି
ଅଳପ ଦିନକୁ ଆସିଛି ମହିରେ
ସର୍ବେ ନଜର କରିଛି ।୧।
ମୃର୍ମ୍ମୟୀ ମୂର୍ତ୍ତି ମୁଁ ମାଟିରୁ ତିଆରି
ନଡା କାଠି କୁଟା ସାଥେ
ମୋ ଦେହରେ ଶିଳ୍ପୀ ରଙ୍ଗ ଭରି ଦିଏ
ଶୁଭନୀୟ ଦିଶେ କେତେ ।୨।
ପୂଜା ମଣ୍ଡପରେ ବିରାଜିତ ହୁଏ
ଅଳପ ଆୟୁଷ ମୋର
ସମସ୍ତଙ୍କ ମନେ ଖୁସି ଭରି ଦିଏ
ଦୁଃଖ କରି ଥାଏ ଦୂର ।୩।
ବାର ମାସେ ତେର ପରବ ପାଳନ
ମାଟିର ପ୍ରତିମା ଖୋଜା
ଭେରୀ ତୂରୀ ବାଦ୍ୟ ପ୍ରକମ୍ପିତ ହୁଏ
ନଇବେଦ୍ୟ ସାଥେ ପୂଜା ।୪।
ପଞ୍ଚମ ଭୂତର ଶରୀର ମୋହର
ମୂଳ ପିଣ୍ଡ ମାଟି ମୋର
ମାଟିରେ ଜନମ ମାଟିରେ ମରଣ
ଜୀଇଁ ଥାଏ ତ ମାଟିର ।୫।

ମାଟି ମୋ ଧରମ ମାଟି ମୋ କରମ
ମାଟିର ପିତୁଳା ମୁହିଁ
ସତ୍ୟ ଧର୍ମ ନ୍ୟାୟ ଦୟା କ୍ଷମା ଗୁଣ
ମୋ ଜୀବନ ବ୍ରତ ଏହି ।୬।
ଜ୍ଞାନ ଭକ୍ତ ଗୁଣେ ଦୟା ସାଗରଙ୍କୁ
ସେବୁ ଥିବି ନିତି ଦିନ
ରକତ ମାଂସର ଶରୀର ମୋହର
ଦିନେ ହେବ ଅବସାନ ।୭।
ଷଢ଼ ରିପୁ ଅଛି ମୋ ଦେହରେ ଭରି
ସାଥେ ଗର୍ବ ଅହଂକାର
ସଂଯମତା ଗୁଣେ ସୁଶୀଲ ପଣରେ
ହେବ ସବୁ ଛାରଖାର ।୮।
ସେବା ତ୍ୟାଗ ପ୍ରେମ ସମର୍ପଣ ଭାବ
ବସୁମତୀ ପ୍ରତି ଛବି
ମାଟି ପ୍ରତିମା ମୁଁ ମଣିଷର ନାମ
ଦିନେ ମାଟିରେ ମିଶିବି ।୯।
ଅଳ୍ପ ଦିନ ପାଇଁ ଆସିଛି ଧାରା୍କୁ
କର୍ମ କିଛି କରି ଯିବି
ସ୍ୱଳ୍ପ ଜୀବନରେ ପରୋ୍ପକାରରେ
ସ୍ନେହେ ସଭିଙ୍କୁ ବାନ୍ଧିବି ।୧୦।

ଗାନ୍ଧୀନଗର, ନବରଙ୍ଗପୁର

# ନୀଳ ଢେଉ



ଡଃ ମାଙ୍ଗଳିକା ମହାପାତ୍ର

ବୁଲୁ ବୁଲୁ ସାଗର କୂଳରେ
ନିଜକୁ ଦେଖୁଥିଲି ତା ନୀଳ ଢେଉରେ
ଖୋଜୁଥିଲି ପାଦ ଚିହ୍ନକୁ ମୋର
ଢେଉ ଛାଡ଼ିଯାଇଥିବା ଓଦା ବାଲିରେ

ଦୂର ଦିଗବଳୟର ତଳେ
ମିଶିଥିବା ସାଗର, ଆକାଶ କୋଳେ
ଶୋଇବାକୁ ଚାହୁଁଥିଲି ଗାଢ଼ ନିଦରେ
ଦେଖିବାକୁ ପ୍ରିୟକୁ ମୋ ସପନରେ

ଉତ୍ତାଳ ଲହରୀର ଶୀତଳ ସ୍ପର୍ଶରେ
ପ୍ରକୁସ୍ଥିତ ହେଲି ନିଜ ଅଜାଣତରେ
ମନଦେଲି ଶାମୁକା ସାଉଁଟି ବାରେ
ଅମୂଲ୍ୟ ସମ୍ପଦ ପାଇଗଲି ଜୀବନରେ

ସାଉଁଟି ସାଉଁଟି ଥକି ବସିଗଲି
ସାଗର କୂଳର ଓଦା ବାଲିରେ
ମଝିରେ ମଝିରେ ପ୍ରେମୀ ଲହରୀ
ଛୁଇଁଯାଉଥିଲା ପାଦକୁ ଧିରେଧିରେ

ସେଇ କୋମଳ ସ୍ପର୍ଶ ଭରୁଥିଲା
ସଂଜୀବନୀ ଏଇ ଶରୀରରେ
ମନକୁ ମୋର ନେଇଯାଉଥିଲା
ସପନର ରଙ୍ଗୀନ୍ ସହରରେ ...

ରେଭେନସା ବିଶ୍ୱବିଦ୍ୟାଳୟ

# କବି ଅନନ୍ତ ପଟ୍ଟନାୟକ



ବରଦା ପ୍ରସନ୍ନ ଦାସ

୧୯୧୨ ମସିହା ଜୁନ୍ ୧୧ ତାରିଖରେ କବି ଅନନ୍ତ ପଟ୍ଟନାୟକଙ୍କ ଜନ୍ମ। ଖୋର୍ଦ୍ଧା ବାଲିପାଟଣାସ୍ଥ ଚଣାହାଟ ଗ୍ରାମରେ ତାଙ୍କର ପୈତୃକ ବାସସ୍ଥାନ ହୋଇଥିଲେ ମଧ୍ଯ ତାଙ୍କର କର୍ମମୟ ଜୀବନ କଟକ ସହରରେ ଅତିବାହିତ ହୋଇଥିଲା। ସେ ଥିଲେ ଏକାଧାରରେ ଜଣେ ବିପ୍ଳବୀ କବି, ସାମ୍ବାଦିକ, ସ୍ୱାଧୀନତା ସଂଗ୍ରାମୀ, ଗାଳ୍ପିକ, ଅନୁବାଦକ, ନାଟ୍ୟକାର, ଶିଶୁ-ସାହିତ୍ୟିକ, ଶକ୍ତିଶାଳୀ ସଂଗଠକ ତଥା ସର୍ବୋପରି ପ୍ରଗତିଶୀଳ ସାମ୍ୟବାଦୀ ଚନ୍ତାଧାରାର ଅନ୍ୟତମ ପ୍ରବକ୍ତା। ସେ ଗାନ୍ଧୀବାଦରୁ ସାମ୍ୟବାଦ ଓ ପରିଶେଷରେ ମାନବବାଦୀ ଚନ୍ତାଧାରା ଦ୍ୱାରା ପ୍ରବାବିତ ହୋଇଥିଲେ।

ବାନରସେନା ଭାବରେ କଶୋର ବୟସରେ ସେ ଗାନ୍ଧିଜୀଙ୍କ ଅସହଯୋଗ ଆନ୍ଦୋଳନରେ ଯୋଗଦେଇ ବହୁବାର କାରାବରଣ କରିଥିଲେ। ଓଡିଶାର ଗଡଜାତ ଆନ୍ଦୋଳନ ଓ ନବଯୁଗ ସାହିତ୍ୟ ଆନ୍ଦୋଳନରେ ତାଙ୍କର ଭୂମିକା ଥିଲା ଅବିସ୍ମରଣୀୟ। ଔପନବେଶିକ ସରକାରଙ୍କ ଅତ୍ୟାଚାର ର ଅନ୍ତ ବିରୁଦ୍ଧରେ ବହୁ ବୈପ୍ଳବିକ ଜ୍ୱାଳାମୟୀ କବିତାମାନ ଅତନୁ, ଅଣାକାର, ବୋଧିସତ୍ତ୍ୱ ଇତ୍ୟାଦି ଛଦ୍ମନାମରେ ପ୍ରକାଶ କରି ଓଡିଆ ସାହିତ୍ୟାକାଶରେ ଆନ୍ଦୋଳନ ସୃଷ୍ଟି କରିଥିଲେ।

ସେ ଥିଲେ ଜଣେ ସଫଳ ସାମ୍ବାଦିକ ତଥା ସମ୍ପାଦକ। "ସତ୍ୟବାଦୀ" ପତ୍ରିକାର ନୂତନ ପ୍ରସ୍ଥ ଏବଂ "ଶିଶୁଲେଖା" ପତ୍ରିକାର ସମ୍ପାଦନା କରି ସେ ଯଶସ୍ୱୀ ହୋଇଥିଲେ। ସମାଜ, କୃଷକ, ମୁକ୍ତିଯୁଦ୍ଧ ପ୍ରଭୃତି ପତ୍ରିକାଗୁଡିକରେ ଉଲ୍ଲେଖନୀୟ ସମ୍ବାଦିକତାର ଭୂମିକା ସେ ଗ୍ରହଣ କରିଥିଲେ।

ଏହି ପ୍ରତିଭାଧର କବି "ସପ୍ତଶଯ୍ୟା" ଚଳଚ୍ଚିତ୍ର ସହ-ନିର୍ଦ୍ଦେଶକ, କାହାଣୀ, ଚିତ୍ରନାଟ୍ୟ ତଥା ସଂଳାପ ଲେଖକ ଭାବେ ପରିଚିତ । ଜଣେ ସଫଳ ଅନୁବାଦକ ଭାବରେ ସୁପ୍ରସିଦ୍ଧ ଋଷୀୟ ଔପନ୍ୟାସିକ ମାକସିମ୍ ଗର୍କୀଙ୍କ ଲିଖିତ "ମଦର୍" ଉପନ୍ୟାସକୁ ଓଡିଆରେ ଅନୁବାଦ କରି "ମା" ଉପନ୍ୟାସ ଓ ମିଖାଇଲ୍ ଶୋଲଖଭଙ୍କ ଲେଖା "ଫେଟ୍ ଅଫ୍ ଏ ମେନ୍" କୁ ଓଡିଆରେ ଅନୁବାଦ କରି "ଭାଗ୍ୟରୁ ଖିଏ" ନାମକ ପୁସ୍ତକ ରଚନା କରିଥିଲେ । "ଶିକ୍ଷାନବୀଶ" ତାଙ୍କର ଅନ୍ୟତମ ଅନୁବାଦ ଗ୍ରନ୍ଥ ଭାବେ ପରିଚିତ ।

୧୯୭୧ ରୁ ୧୯୭୪ ମସିହା ତିନିବର୍ଷ ଧରି ଓଡିଶାର ପୁରାତନ ସାହିତ୍ୟାନୁଷ୍ଠାନ "ଉତ୍କଳ ସାହିତ୍ୟ ସମାଜ" ର ସେ ସଭାପତି ଭାବେ ଦାୟିତ୍ୱ ତୁଲାଇଥିଲେ । ୧୯୮୦ ମସିହାରେ "ଅବାନ୍ତର" କବିତା ସଂକଳନ ନିମନ୍ତେ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଓ ୧୯୮୨ ମସିହାରେ ମର୍ଯ୍ୟାଦାଜନକ ସୋଭିଏତ୍ ଲ୍ୟାଣ୍ଡ ପୁରସ୍କାର ପ୍ରାପ୍ତ ହୋଇଥିଲେ ।

ରକ୍ତଶିଖା, ଶାନ୍ତିଶିଖା, ତର୍ପଣ କରେ ଆଜି, କଂଚତ୍, ଛାଇର ଛିଟା, ଅବାନ୍ତର ଇତ୍ୟାଦି କବିତା ସଂକଳନ, ଚଢା ଉତ୍ତରା ଗଳ୍ପ ସଂକଳନ, ଛବିଟିଏକୁ ଗପଟିଏ ଶିଶୁ-ସାହିତ୍ୟ ସଂକଳନ ଇତ୍ୟାଦି କବିଙ୍କର ଅନବଦ୍ୟ ସାହିତ୍ୟକୃତିଭାବେ ପରିଚିତ । ମାନବବାଦୀ ଚିନ୍ତାଧାରା ଓ ସାଂଗିତିକତା ଥିଲା ତାଙ୍କ କାବ୍ୟ ସୃଷ୍ଟିର ଏକ ବଳିଷ୍ଠ ବିଭବ । ୧୯୮୭ ମସିହା ଜୁନ୍ ମାସ ୨୫ ତାରିଖରେ ଏହି ପ୍ରତିଭାଧରଙ୍କର କଟକ ଠାରେ ମହାପ୍ରୟାଣ ଘଟିଥିଲା । ଏହି ପ୍ରଥିତଯଶା କବି ପ୍ରତିଭା ଏ ଜାତିର ଚିରନମସ୍ୟ ।

ମୋ: ୯୮୭୧୧୪୫୬୮୭

# ବିଶ୍ୱାସ ଅବିଶ୍ୱାସର ଆତ୍ମକଥା



କୀର୍ତ୍ତି ଦେବୀ

ବିଶ୍ୱାସ କହିଲେ ପୂର୍ଣ୍ଣ ମାତ୍ରାରେ ସହୋଯୋଗ
ଗଢିବାକୁ ତାକୁ ଲାଗେ ଅନେକ ସମୟ
ଥରେ ସେଥିରେ ବିଷ ପଶିଲେ
ସେ କାହାର ନୁହେଁ ।
ଅବିଶ୍ୱାସର ଆତ୍ମକଥା ଅନେକ ପ୍ରକାର
ସାଙ୍ଗ ସାଥି ବନ୍ଧୁ ପରିଜନ,
ସମସ୍ତେ ଏଠି ଖେଳନ୍ତି ଭିନ୍ନ ଭୂମିକା
ଅବିଶ୍ୱାସର ଆତ୍ମକଥାରେ ମଣିଷ
ଜଳପୋଡି ପାଉଁଶ ହୋଇଯାଏ ।
ଜୀବନ ଯାତ୍ରାରେ ଏ ଦୁଇ ଶବଦ
ନଅନ୍ତି ଗୁରୁଦାୟିତ୍ୱ
ଯାକୁ ଯିଏ ଠିକ୍ ଭାବରେ ତୁଲାଏ
ତା ଜୀବନ ସାର୍ଥକ ହୁଏ ଏ ସଂସାରେ
ବିଶ୍ୱାସ ଭାଙ୍ଗିଲେ ଅବିଶ୍ୱାସ ଜନ୍ମ ନଏ
ତଥାପି ଏହାକୁ ନେଇ ଚାଲିଛି ସାରା ବିଶ୍ୱର ଖେଳ
ଦିନରାତି ଭଳ ଏମାନଙ୍କ ସଂପର୍କ
ଏତିକ କହିବି ଏଇ ବିଶ୍ୱବାସୀଙ୍କୁ
ଥରେ ହେଲେ ନିଜ ବିବେକକୁ ପଚାର
ବିଶ୍ୱାସ ନା ଅବିଶ୍ୱାସ
କେଉଁ ଆତ୍ମକଥାରେ ଯିବି ମୁଁ ଭାସି!

ସିଭିଲ୍ ଟାଉନସିପ୍, ରାଉରକେଲା

# ପ୍ରିୟତମ
# (ମୃତ୍ୟୁର ପରିଭାଷା)



ସସ୍ମିତା ପଟ୍ଟନାୟକ

ମୁଁ ଧାଉଁଥିଲି ଧରିବାକୁ ସୁନ୍ଦର ଦିଶୁଥିବା ଆଶାର ମୃଗତୃଷ୍ଣାକୁ,
ହେଲେ ଅସମର୍ଥ ହେଲି ଖୋଲିବାକୁ ଶଠତାର ମୁଖକୁ ।।

ସେତେବେଳେ
ଅନୁଭବ କଲି ମୋର ସେହି ପ୍ରିୟତମ ମୃତ୍ୟୁର ଆଲିଙ୍ଗନ,
ଯେ କି ଜୀବନର ଶଠତାର ଖୁବ୍ ଦୂରରେ ମୋର ଅତି ଆପଣାର ।।

ଯେଉଁଠି
ନ ଥିଲା ଅଭିମାନ, କ୍ରୋଧ, କ୍ଷୁବ୍ଧ ବେଦନା ମନରେ,
କେବଳ ହଜି ଯାଇଥିଲି ମୋ ପ୍ରିୟତମର ବାହୁବନ୍ଧନରେ,
ନ ଥିଲା ସଂଶୟ, ନ ଥିଲା ସଂକୋଚ ଅବା ନିଷ୍ପନ୍ଦ,
ଥିଲା ପ୍ରିୟତମର ଆଳିଙ୍ଗନରେ ଶୋଇବାର ଏକ ଅପୂର୍ବ ଆନନ୍ଦ ।।

ଦେଖିଲି
ଜୀବନର ଧାରେ ଧାରେ ମୃତ୍ୟୁର ମୁହାଣରେ,
ସବୁ ମୋହ ଧୋଇ ହେଇଗଲା ନିସଙ୍କୋଚରେ ।।

ଚାହିଁଥିଲି
ନୂତନ ରାଜନୀରେ ହେବାକୁ ଶବର ପାରାବାର,
ଆଉ ସୂର୍ଯ୍ୟର କୀରଣ ହେବ ତାର ଧଳା ଚାଦର ।।

ହେଲେ
ମୋ ଦୁଃଖ ବୁଝିଥିଲା କେବଳ ମୋର ସେହି ପ୍ରିୟତମ,
ଯାହାକୁ ଦୁନିଆ ଜାଣେ ଜୀବନର ଏକମାତ୍ର ସତ୍ୟ ।।

ସେହି ଏକା
କୋଳେଇ ନେଇଥିଲା ମୋତେ ବିନା କିଛି ଭାବ ବିଚାରରେ,
ସବୁ କିଛି ପାଇବାର ଆଭାସ ମିଳିଥିଲା ତା ଭିତରେ ।।

ଭୁବନେଶ୍ୱର

# ପଶ୍ଚିମ ଓଡ଼ିଶାର ଲୋକସଂସ୍କୃତି: ଏକ ଅଧ୍ୟୟନ



ଲୋକେଶ୍ୱର ପାଣ୍ଡେ

ପଶ୍ଚିମ ଓଡ଼ିଶା କହିଲେ ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର, ବରଗଡ଼, ବୌଦ୍ଧ, ସୁବର୍ଣ୍ଣପୁର, ବଲାଙ୍ଗୀର, ନୂଆପଡା, କଳାହାଣ୍ଡି, ଦେବଗଡ ଆଦି ଦଶଟି ଜିଲ୍ଲାର ସମବାୟକୁ ବୁଝାଏ। ଏହା ଓଡ଼ିଶାର ପଶ୍ଚିମ ଭାଗରେ ଥିବାରୁ ଏହାକୁ ପଶ୍ଚିମ ଓଡ଼ିଶା କୁହାଯାଏ । ପଶ୍ଚିମ ଓଡ଼ିଶାର ସାହିତ୍ୟ ଓ ସଂସ୍କୃତି ସ୍ୱତନ୍ତ୍ର ସ୍ୱାକ୍ଷର ବହନ କରେ । ନଦ-ନଦୀ, ପାହାଡ-ପର୍ବତ, ବଣ-ଜଙ୍ଗଲକୁ ନେଇ ଏ ଅଞ୍ଚଳର ପ୍ରାକୃତିକ ପରିବେଶ ସୁ-ଶୋଭିତ । ବୌଦ୍ଧଧର୍ମ, ଶୈବ ଧର୍ମ ଓ ମହିମା ଧର୍ମ ବିକାଶ ଲାଭ କରି ଥିବା ଜଣାଯାଏ । ପଶ୍ଚିମ ଓଡ଼ିଶାର ଲୋକ ସଂସ୍କୃତି କହିଲେ ଏଇ ଅଞ୍ଚଳର ଲୋକ ଜୀବନର ରୀତି-ନୀତି, ଚାଲି-ଚଳଣ, ଖାଦ୍ୟପେୟ, ତଥା ସାମାଜିକ ସମ୍ପର୍କକୁ ହିଁ ବୁଝାଏ ।

ପଶ୍ଚିମ ଓଡ଼ିଶା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ଓଡିଶାରେ ବାସ କରୁ ଥିବା ୬୨ ପ୍ରକାର ଆଦିବାସୀ ସମ୍ପ୍ରଦାୟ ମଧ୍ୟରୁ ଅଭିଭକ୍ତ କଳାହାଣ୍ଡି ଜିଲ୍ଲାରେ ୪୬ ଜନ ଜାତିର, ବଲାଙ୍ଗିର ଜିଲ୍ଲାରେ ୩୧ ଜନ ଜାତିର, ସମ୍ବଲପୁର ଜିଲ୍ଲାରେ ୪୪ ଜନ ଜାତିର, ସୁନ୍ଦରଗଡ ଜିଲ୍ଲାରେ ୪୦ ଜନଜାତି ସମ୍ପ୍ରଦାୟର ଆଦିବାସୀ ବସବାସ କରନ୍ତି । ଏମାନଙ୍କ ମଧ୍ୟରେ ଓରାଓଁ, ମୁଣ୍ଡା, ଖଡିଆ, କିଶାନ୍, ଭୂୟାଁ, ଗଣ୍ଡ, ବିଂଝିଆ (ସୁନ୍ଦର ଗଡ଼ ଜିଲ୍ଲା), ବିଂଝାଲ, ମୁଣ୍ଡା ଦଲ, ଗଣ୍ଡ, କନ୍ଧ ମିର୍ଦ୍ଧା, ସଉରା (ସହଁରା), ଲୋଧା, (ଅଭିଭକ୍ତ ବଲାଙ୍ଗିର ଜିଲ୍ଲା), ବଂଜାରା, ଉଚଡ଼, ଭୁଂଜିଆ, ବିଂଝାଲ, ଦଲ, ଗଣ୍ଡ, କନ୍ଧ, ମିର୍ଦ୍ଧା, ମୁଣ୍ଡା,ପରଜା, ସଓରା, ଶବର, କୋଣ୍ଡାଦୋରା (ଅବିଭକ୍ତ କଳାହାଣ୍ଡି), ତଥା ସଉରା, ଗଣ୍ଡ, ମିର୍ଦ୍ଧା, ଭୂମିଆ, ଖଡ଼ିଆ, ବିଂଝାଲ, (ଅବିଭକ୍ତ ସମ୍ବଲପୁର ଜିଲ୍ଲା) ଇତ୍ୟାଦି ମୁଖ୍ୟ ଆଦିବାସୀ ସମ୍ପ୍ରଦାୟ । (ସାହୁ,ସୁଧୀର କୁମାର-ପଶ୍ଚିମ ଓଡିଶାର ବିକାଶଧାରା, ପୃ-୪୩-୪୪)

ପଶ୍ଚିମ ଓଡ଼ିଶାର ଲୋକମାନେ ବିଶେଷ କରି କୃଷି ଉପରେ ନିର୍ଭରଶୀଳ । ଏଇ ଅଞ୍ଚଳର କୃଷକ ମାନେ ଡାଲି ଜାତୀୟ ଫସଲ, ତୈଳବୀଜ ଫସଲ ଓ ପନିପରିବା ଫସଲ କରନ୍ତି। କିନ୍ତୁ ମୁଖ୍ୟ ଫସଲ ହେଉଛି ଧାନ। ଏଇ ଅଞ୍ଚଳରେ ବିଭିନ୍ନ କୃଷିଭିତ୍ତିକ ପର୍ବ ପାଳନ କରାଯାଏ । ଅକ୍ଷୟ ତୃତୀୟା ଠାରୁ ଆରମ୍ଭ କରି କାଦୋଯାତ୍ରା, ଚରୁଦିଆ, ମାଡେନ ଯାତ୍ରା, ବେନିପୂଜା, ଖଳା ଛଡା ଏଇ ସବୁ ହେଉଛି ଗୋଟିଏ ଗୋଟିଏ କୃଷିଭିତ୍ତିକ ପର୍ବ ।

ପଶ୍ଚିମ ଓଡ଼ିଶାର ଲୋକମାନେ ଗଭୀର ଭାବେ ଐଶୀବାଦକ ବିଶ୍ୱାସ କରୁଥିବାରୁ ସେମାନେ ଅନେକ ଦେବଦେବୀଙ୍କ ପୂଜା କରନ୍ତି । ଏଇ ଅଞ୍ଚଳର ପ୍ରାୟତଃ ସମସ୍ତ ଗାଁ ମୁଣ୍ଡରେ ଗ୍ରାମଦେବୀ ତଥା ଅନ୍ୟାନ୍ୟ ଦେବଦେବୀଙ୍କ ଗୁଡି ଥାଏ । ପଶ୍ଚିମ ଓଡ଼ିଶାର ଆରଧ୍ୟ ଦେବୀ ହେଉଛନ୍ତି ସମଲେଶ୍ୱରୀ, ପାଟଣେଶ୍ୱରୀ, ସୁରେ-ଶ୍ୱରୀ, ଓ ମାଣିକେଶ୍ୱରୀ। ଦେବଦେବୀଙ୍କ ପୂଜା ବ୍ୟତୀତ ଏଇ ଅଞ୍ଚଳର ଆଦିବାସୀ ମାନେ ବୃକ୍ଷ, ମାଟି, ସୂର୍ଯ୍ୟ ଓ ଚନ୍ଦ୍ରଙ୍କର ପୂଜା କରନ୍ତି । ଦେବଦେବୀଙ୍କ ପୂଜା ସହ ସ୍ୱ ପୂର୍ବପୁରୁଷ ମାନଙ୍କ ଆତ୍ମା (ମନ ମସାନ) ପୂଜା କରନ୍ତି ।

ଭାରତର ପୀଠ ମାନଙ୍କ ମଧ୍ୟରେ ପଶ୍ଚିମ ଓଡିଶାର ରାଣୀପୁର ଝରିଆଲ ସ୍ଥିତ ଚୌଷଠୀ ଯୋଗୀନୀ ପୀଠ ଅନ୍ୟତମ । ଚୌଷଠୀ ଯୋଗୀନୀ ପୀଠ ତନ୍ତ୍ର-ମନ୍ତ୍ର ତଥା ସର୍ବଧର୍ମ ସମନ୍ୱୟରେ ସମୃଦ୍ଧ ବୋଲି ଐତିହାସିକମାନେ ମତବ୍ୟକ୍ତ କରନ୍ତି । କୁହାଯାଏ-ଏଇଠୁ ସର୍ବଧର୍ମ ସମନ୍ୱୟର ଧାରା ହରିଶଙ୍କରର ଗନ୍ଧମାର୍ଦ୍ଦନ ଦେଇ ଲିଙ୍ଗରାଜ କ୍ଷେତ୍ରରୁ ଶ୍ରୀକ୍ଷେତ୍ରକୁ ବ୍ୟାପି ଯାଇଥିଲା।

ପଶ୍ଚିମ ଓଡ଼ିଶାର ସ୍ୱତନ୍ତ୍ର ଗହଣା ଗାଂଠି ରହିଛି ସେଗୁଡିକ ହେଲା- କତରିଆ, ବନ୍ଦରିଆ, ବାହୁଟି, ଫଶିଆ, ଟୁଡୋ, ବିଛିଆ (ମୁଦି), ଗୁନା, ପଏଁରୀ ଇତ୍ୟାଦି । ଏହି ଅଞ୍ଚଳର ମେହେର ସମ୍ପ୍ରଦାୟର ଲୋକମାନେ ସମ୍ବଲପୁରୀ ଶାଢ଼ୀ ବୁଣିନ୍ତି । ସମ୍ବଲପୁରୀ ଶାଢ଼ୀର ଚାହିଦା ରାଜ୍ୟ ବାହାରେ ମଧ୍ୟ ବେଶ ଲୋକ ପ୍ରିୟ ।

ପଶ୍ଚିମ ଓଡ଼ିଶାର ଆଦିବାସୀ ମାନେ କେତେକ ଜ୍ଞାତି ବା କୁଳରେ ବିଭକ୍ତ । ଏହି ଜ୍ଞାତି ବା କୁଳକୁ ଗୋତ୍ର ବୋଲି ମଧ୍ୟ କୁହାଯାଏ । ଏହି ଗୋତ୍ର ଗୁଡିକ ହେଲା- ନାଗ, ବରାହ,

କଇଁଛ ଇତ୍ୟାଦି । ଏହି ଜୀବ ଗୁଡିକୁ ଲୋକମାନେ ଗୋତ୍ର ଅନୁସାରେ ସମ୍ମାନ କରନ୍ତି । ପଶ୍ଚିମ ଓଡିଶାର ପରିବାର ଗୁଡିକ ପିତୃ କୈନ୍ଦ୍ରିକ । 'ହିନ୍ଦୁ ସମାଜ ପରି ଆଦିବାସୀ ସମାଜରେ ମଧ୍ୟ ଜନ୍ମ, ମୃତ୍ୟୁ ଓ ବିବାହ ଜନିତ ଅନେକ ପ୍ରଥା ପରମ୍ପରା ରହିଛି । ପଶ୍ଚିମ ଓଡିଶାରେ ବିଭିନ୍ନ ଗୋଷ୍ଠୀର ଆଦିବାସୀ ରହିଥିବାରୁ ସେମାନଙ୍କ ପ୍ରଥା ପରମ୍ପରାରେ ସାମ୍ୟ-ବୈଷମ୍ୟ ଉଭୟ ପରିଲକ୍ଷିତ ହୋଇଥାଏ। ପୁଣି ବହୁ କାଳ ଧରି ହିନ୍ଦୁ ସମାଜର ସହାବସ୍ଥାନରେ ରହିଥିବାରୁ ପ୍ରଥା ପରମ୍ପରାରେ ଉଭୟଙ୍କ ପାରସ୍ପରିକ ପ୍ରଭାବ ଓ ପ୍ରତିସ୍ପର୍ଦ୍ଧିତା ମଧ୍ୟ ପରିଲକ୍ଷିତ ହୋଇଥାଏ। (ସାହୁ, ସୁଧୀର କୁମାର ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ବିକାଶଧାରା, ପୃଷ୍ଠା-୨୭) ଗୋତ୍ର ଅନୁସାରେ ଯଦି ପୁଅ ଏବଂ ଝିଅ ଘର ଗୋତ୍ର ସମାନ ହୋଇ ଥିଲେ ସେଇଟି ବିବାହ ସଂପୂର୍ଣ୍ଣ ନିଷେଧ । ପରିବାରରେ ଶିଶୁ ଜନ୍ମ ହେଲେ ଏକୋଇଶ ଦିନ ପରେ ଜନ୍ମ ସଂସ୍କାର ପାଳନ କରାଯାଏ । ପରିବାରର କେହି ମୃତ୍ୟୁ ବରଣ କଲେ ତିନି ଦିନରେ ତେଲ, ଦଶ ଦିନରେ ଦଶା, ବାର ଦିନରେ ଶୁଦ୍ଧିକ୍ରିୟା ଓ ତେର ଦିନରେ ବାରପତ୍ରି କାର୍ଯ୍ୟ କରାଯାଏ । ପଶ୍ଚିମ ଓଡ଼ିଶାର ସଂସ୍କୃତି ସ୍ୱତନ୍ତ୍ର ଓ ମର୍ଯ୍ୟାଦା ସମ୍ପର୍ଣ୍ଣ ।

ପଶ୍ଚିମ ଓଡ଼ିଶାର ଲୋକମାନେ ବାର ମାସକୁ ତେର ପର୍ବ ପାଳନ କରନ୍ତି । ଏଇ ପର୍ବପର୍ବାଣୀ ମଧ୍ୟରେ ନୂଆଁ ଖାଇ, ପୁଅ ଜୀଉନ୍ତିଆ, ଭାଇ ଜୀଉନ୍ତିଆ, ପୁଷପୁନି, ଅନ୍ୟତମ । ନୂଆଁ ଖାଇ ହେଉଛି ପଶ୍ଚିମ ଓଡିଶାର ଗଣପର୍ବ । ଏଇ ଦିନ ଦେବଦେବୀଙ୍କ ଠାରେ ଲାଗେ ନୂଆଁ ଧାନ । ଭାଦ୍ରବ ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ନୂଆଁ ଖାଇ ପର୍ବ ପାଳନ କରାଯାଏ । ସମସ୍ତେ ଭୁଲି ଯାନ୍ତି ନିଜ ନିଜ ଭିତରେ ରହିଥିବା ରାଗ, ରୋଷ, ମାନ, ଅଭିମାନ । ନୂଆଁ ଖାଇ ସମସ୍ତଙ୍କୁ କରି ପକାଏ ଏକାକାର । ଭ୍ରାତୃତ୍ୱ ତଥା ବନ୍ଧୁତ୍ୱପୂର୍ଣ ଭାବେ ବଞ୍ଚିବାର ବାର୍ତ୍ତା ଆଣିଦିଏ ପଶ୍ଚିମ ଓଡିଶାର ଜନ ସାଧାରଣଙ୍କ ପାଇଁ ।

ପଶ୍ଚିମ ଓଡ଼ିଶାର ଯାନି ଯାତରା ମଧ୍ୟରେ କଳାସୀ ଯାତରା, କାଦୋ ଯାତରା, ଶୁଲିଆ ଯାତରା ଅନ୍ୟତମ । କାଦୋ ଯାତରା ହେଉଛି ଏକ କୃଷିଭିତ୍ତିକ ଯାତରା। କୃଷି କ୍ଷେତ୍ରରେ କୃଷି ଜାତ ଶସ୍ୟର ଉତ୍ତମ ଆୟ ତଥା ରୋଗ-ପୋକ ନଲାଗିବା ପାଇଁ ଝାଙ୍କର ଦେବୀଙ୍କ ଠାରେ ମନାସୀ ଥାଏ । ଶୁଲିଆ ଯାତରା ପୌଷ ମାସର ଶୁକ୍ଳ ପକ୍ଷ ଦ୍ୱିତୀୟ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଥାଏ । ଯାତରାର ପୂର୍ବ ଦିନ ଝାଙ୍କର ତେତିଶ କୋଟି ଦେବାଦେବୀଙ୍କୁ

ଆବାହନ କରନ୍ତି । ଏହି ଆବାହନ ପ୍ରକ୍ରିୟା ନିଶାର୍ଦ୍ଧରେ ଆରମ୍ଭ ହେଉଥିବାରୁ 'ନିଶି' କୁହାଯାଏ । ନିଶି ପରେ ଅର୍ଥାତ ସକାଳେ ଯାତରା ହୁଏ । ହଜାର ହଜାର ସଂଖ୍ୟାରେ ପୋଢ଼, ବୁକା, କୁକୁଡ଼ା ବଳି ପଡନ୍ତି । ମନବାଞ୍ଛା ପୂର୍ଣ ପାଇଁ ଦେବୀଙ୍କ ଠାରେ ବଳି ଚଢା ଯିବାର ବିଶ୍ୱାସ ପଶ୍ଚିମ ଓଡିଶାର ଲୋକମାନଙ୍କ ଭିତରେ ଗଭୀର ଭାବେ ରହିଛି ।

ପଶ୍ଚିମ ଓଡ଼ିଶାର ଲୋକ ସଂସ୍କୃତି ଏକ ଅନନ୍ୟ ସଂସ୍କୃତି ।ଅନେକ ପ୍ରଥା ପରମ୍ପରାରେ ଋଦ୍ଧିମନ୍ତ ଏଇ ସଂସ୍କୃତି ।

ଲୋକଗୀତ-

ଲୋକସଂସ୍କୃତି ଓ ଲୋକସାହିତ୍ୟ ଅଙ୍ଗାଅଙ୍ଗୀ ଭାବେ ଜଡିତ । ଲୋକସଂସ୍କୃତି ହେଉଛି ଲୋକସାହିତ୍ୟର ଆତ୍ମା ସଦୃଶ ଏବଂ ଲୋକ ସଂସ୍କୃତିର ମୌଖିକ ରୂପ । ଏହା ଗୋଟିଏ ପିଢୀରୁ ଆଉ ଗୋଟିଏ ପିଢୀକୁ ଗତି କରିଥାଏ ଓ ଲୋକ ମାନସରେ ବଂଚି ରହେ । 'କାହାଣୀ, କିମ୍ବଦନ୍ତୀ, ଗାଥା ଗୀତ, ପୁରାଣ ଗୀତ, ଢଗ ଢମାଳୀ, ପ୍ରହେଳୀ, ପ୍ରବାଦ, ପ୍ରବଚନ, ନ୍ୟାୟ, ଆପ୍ତବାକ୍ୟ, ଛଟା, ମନ୍ତ୍ରଗୀତ ଓ ଲୋକନାଟକ ଆଦି ଅନ୍ତର୍ଭୁକ୍ତ । ସମୟ ବଦଳିବା ସହିତ କେତେକ କ୍ଷେତ୍ରରେ ଏହାର ଅଙ୍ଗ ପରିବର୍ତ୍ତନ ଘଟିଥାଏ, କିନ୍ତୁ ଆତ୍ମାରେ ନୁହେଁ । ଲୋକ ସାହିତ୍ୟର ଲୋକନାଟକ, ଲୋକଗଳ୍ପ ଓ ଲୋକଗୀତ ପ୍ରତ୍ୟେକଟି ବିଭାଗରେ ଲୋକଚିତ୍ର ଓ ଲୋକ ସମସ୍ୟା ପ୍ରତିଫଳିତ'। (ନାୟକ,ସଦାନନ୍ଦ-ଲୋକଧର୍ମ ଓ ଲୋକସାହିତ୍ୟ, ପୃ-୫)

ଲୋକସାହିତ୍ୟର ବିଭିନ୍ନ ଅଙ୍ଗ ମଧ୍ୟରୁ ଲୋକଗୀତ ହେଉଛି ଏକ ଅନ୍ୟତମ ପ୍ରେମ, ପ୍ରଣୟ, ବିରହ, ବେଦନା, ହସ-ଖୁସୀ ତଥା ଲୋକ ଜୀବନର ଦୈନନ୍ଦିନ ଘଟଣା ପ୍ରତିଫଳିତ ହୋଇଥାଏ ଲୋକଗୀତରେ । ପଶ୍ଚିମ ଓଡ଼ିଶାର ଲୋକଗୀତ ମଧ୍ୟରେ ଡାଲଖାଇ, ରସରକେଲି, ମାଏଲାଜଡ, ଘୁମୁରା ଗୀତ, ନଚନିଆ ଗୀତ, ବାଙ୍ଗରୀ ଗୀତ, ସଜନୀ ଗୀତ, ଦୁଲନାନଚା ଗୀତ, ହଲିଆ ଗୀତ ଆଦି ଅନ୍ୟତମ ।

ଡାଲଖାଇ ଗୀତ-ଡାଲଖାଇ ଗୀତ ବାଦ୍ୟ,ଗୀତ ଓ ନୃତ୍ୟ ସମିଶ୍ରଣରେ ପରିବେଷଣ କରାଯାଇଥାଏ । ଡାଲଖାଇ ଗୀତରେ ଦୈନନ୍ଦିନ ଜୀବନର ଚିତ୍ର ଯଥା- ପ୍ରିୟତମ ପ୍ରତି

ପ୍ରିୟତମାର ଚାଟୁ ବାକ୍ୟ, ପ୍ରେମ, ପ୍ରୀତି, ପ୍ରଣୟ, ବିରହ ଆଦି ପ୍ରକଟିତ ହୋଇଥାଏ । ମା' ଘରକୁ ଯିବାକୁ ଘରଣୀର ମନ ଉଛନ ତେଣୁ ନିଜକୁ ବିଭିନ୍ନ ଅଳଙ୍କାରରେ ସଜଉଛି । ନିମ୍ନରେ ଡାଲଖାଇ ଗୀତର ଏକ ଉଦାହରଣ-

ଡାଲଖାଇରେ ଡାଲଖାଇରେ
ବାଟର ଖଜୁର ଗଛ ଲହ ଲହ କଁଟା
ମା ଘର ଯିମି ବଲି ସଜେଇ ଅଛେଁ ପେଡି
ପେଡିର ଉପରେ ଅଛେ ନାଗର
ସୁନାକେରୀ ସୁନାକେରୀ କାଏଁ
ଡାଲଖାଇରେ...
(ସଂଗୃହୀତ)

ରସରକେଲି ଗୀତ- ଅନ୍ଧାରରେ ଆଲୋକ, ମୃତ୍ୟୁ ବିନା ଜୀବନ ଅର୍ଥ ହୀନ। ଠିକ ସେହିପରି ବିରହ ବିନା ପ୍ରେମ, ପ୍ରଣୟ ନିଷ୍ପ୍ରଭ । ପ୍ରେମ-ପ୍ରଣୟର ଚିତ୍ର ପ୍ରତିଫଳିତ ହୋଇଥାଏ ରସରକେଲି ଗୀତରେ । ପ୍ରିୟତମର ପ୍ରତୀକ୍ଷାରେ ପ୍ରେୟସୀ ଉଦ୍ ବେଳିତ, କେତେବେଳେ ତା'ର ପ୍ରିୟତମ ଆସିବ । ପ୍ରେୟସୀ ମନ ତଳର ଭାବିବେଗ ବେଶ୍ ରସମୟ ଭାବେ ପ୍ରତିଫଳିତ ହୋଇଥାଏ ରସରକେଲି ଗୀତରେ ।

ରସରକେଲି ବୋ...
ଗାଇ ବାରିର ବାଏଗନ ସୁରୁ ସୁରୁ କଁଟା
ଆକୁଲେ ଟାକିଛେ ଧନ ମନ ନାଇଁ ଫଟା
ବାଟ ଅନସରି ତମର ପିଲାହୋ
ଝୁରିମରେ ଶେଷେ
ରାତି ଚମକି ଦେଲି ହୋ...
(ସଂଗୃହୀତ)

ଘୁମୁରା ଗୀତ-ଘୁମୁରା ଗୀତ ଦଳଗତ ଭାବେ ପରିବେଷଣ କରାଯାଏ । ଘୁମୁରା ଗୀତରେ ଘୁମୁରା ବାଦ୍ୟ ସହ ମାନ୍ଦଲ, ତାଲ ଏବଂ ଟିମକିଡି ବାଜି ଥାଏ । ଘୁମୁରା ଗୀତ ବୀର ରସ ସୃଷ୍ଟିକାରୀ ପଶ୍ଚିମ ଓଡିଶାର କୃଷିଭିତ୍ତିକ ପର୍ବ ନୂଆଁଖାଇର ବିଶେଷତ୍ୱ ପ୍ରତିଫଳିତ ହୋଇଥାଏ ଘୁମୁରା ଗୀତରେ ।

ନୂଆଁଖାଇ ସାରି ଆସିଛୁ ଜୁହାରି
ଜୟ ମାଁ ମାଣିକେଶ୍ୱରୀ
ନୂଆଁଖାଇ ଦିନ ମଦ କୁକୁଡା ହୋ
ବାଜ ବାଜ ଘୁମୁରା । (ସଂଗୃହୀତ)

ବାଙ୍ଗରୀ ଗୀତ- ଯେତେବେଳେ ଗାଁଦାଣ୍ଡର ଛାଡି ଉପରକୁ ରୁପେଲି ଜହ୍ନ ଉଠିଆସେ ସେତେବେଳେ ଗ୍ରାମ୍ୟକୁମାରୀ ଗଣ ଗୋଷ୍ଠୀଗତ ଭାବେ ଆନନ୍ଦରେ ବିଭୋର ହୋଇ ଗୀତ ପରିବେଷଣ କରନ୍ତି ।ବାଙ୍ଗରୀ ଗୀତର ଶବ୍ଦ ବିନ୍ୟାସ ସରଳ,ସୁନ୍ଦର ଓ ବୋଧଗମ୍ୟ । ବାଙ୍ଗରୀ ଗୀତ ପାଇଁ ଲୋଡା ପାଇଁ ରଙ୍ଗମଞ୍ଚ, ଲୋଡା ନାହିଁ ବାଦ୍ୟଯନ୍ତ୍ର । ସ୍ୱତଃ କଣ୍ଠରୁ ଝରିପଡେ ବାଙ୍ଗରୀ ଗୀତ ।

ବାଙ୍ଗରୀରେ ମୁ ଯିବି ଦଉଲ ଦେଖି
ବାଙ୍ଗରୀରେ
ଦଉଲ ଉପରେ ଇଟା ବାଙ୍ଗରୀରେ
ଖାଏମା ଅରସା ପିଠା ବାଙ୍ଗରୀରେ
ଅରସା ପିଠାର ଛାଲି ବାଙ୍ଗରୀରେ
ମା ଘରେ ଝିଅ କରୁଛେ ଅଲି ବାଙ୍ଗରୀରେ
ପୁଡହଲ ନେମି ବଲି ବାଙ୍ଗରୀରେ ।
(ସଂଗୃହୀତ)

ହଳିଆ ଗୀତ- ପୌରାଣିକ ଆଖ୍ୟାନ, ନିଗୂଢ଼ ଶରୀର ତତ୍ୱ, ପ୍ରେମ, ଶୃଙ୍ଗାର, ବିରହ, କରୁଣ ଆଦି ଚିତ୍ର ପ୍ରତିଫଳିତ ହୋଇଥାଏ ହଳିଆ ଗୀତରେ । କୃଷକ ହଳିଆ ଗୀତରେ ତାର ସହଯୋଗୀ ମାନଙ୍କୁ କାମ କରିବାର ପ୍ରେରଣା ଯୋଗାଇ ଥାଏ ।

ବଏଲାରେ...ପାନି ବରଷଇ ରିମାଇ ଝିମାଇଁ
ବଗ ବସିଅଛେ ମୀନକୁ ଅନାଇ
କେଉଁ ପରକାରେ ମୀନ ଯାଉଛେ
ବଗରତ ଜନା ନାଇଁ...। (ସଂଗୃହୀତ)

ଦୁଲନା ଗୀତ- ପଶ୍ଚିମ ଓଡିଶାର ଗାଁ ଗହଳିରେ ବିବାହ ବନ୍ଦନାରେ ଦୁଲନା ଗୀତ ପରିବେଷଣ କରାଯାଇ ଥାଏ । ବିବାହ ସମୟରେ ନାରୀମାନେ ଗୋଷ୍ଠୀଗତ ଭାବେ ପାତ୍ର ପାତ୍ରୀ ମାନଙ୍କୁ ନଚାଇ ଗୀତ ଗାଇଥାନ୍ତି । ପାରମ୍ପାରିକ ବାଦ୍ୟ ସାଙ୍ଗରେ ମତୁଆଲି ନାଚରେ ଦୁଲନା ଗୀତ ଘୁମୁରି ଉଠେ ।

ସବୁଫୁଲ ଫୁଟି ଗଲେ ଚନାଫୁଲ ନାଇଁ
ଚନା ଖାଇବାର ଗଲାରେ ବରଜ ମାଳା
ରସିଆକେ ରସେନ ବାଇ କଲାରେ ବରଜ ମାଳା
ଇଟା କାଏଁ ଦୁଲନା ନଚାର ବେଲାରେ
ବରଜ ମାଳା।। (ସଂଗୃହୀତ)

ଲୋକ କାହାଣୀ-

ଲୋକ ସାହିତ୍ୟର ଅନ୍ୟାନ୍ୟ ବିଭାଗ ଭଳି ଲୋକ କାହାଣୀ ଜନମାନସରେ ଆଦୃତ । କେଉଁ ଆବହମାନ କାଳରୁ ଲୋକ କାହାଣୀ ଲୋକ ଜୀବନ ସହ ଯୋଡି ହୋଇ ରହିଆସିଛି । ଜୀବନର ଦୁଃଖ, ସୁଖ, ଘଟଣା, ଦୁର୍ଘଟଣା ଆଦି ସ୍ଥାନିତ ହୋଇଥାଏ । ଯେତେବେଳେ ମନୋରଞ୍ଜନର କଛି ମାଧ୍ୟମ ନଥିଲା ସେତେବେଳେ ଲୋକ କାହାଣୀ ହିଁ ମନୋରଞ୍ଜନର ଖୋରାକ ଯୋଗାଉଥିଲା ଶ୍ରୋତା ମଣ୍ଡଳୀକୁ । ରାତି ରାତି କଟି ଯାଉଥିଲା ବିଭିନ୍ନ ଲୋକ କାହାଣୀରେ । ସମୟର ପରିବର୍ତ୍ତନ ସହିତ ଗଳ୍ପସାଗର ମାନଙ୍କ ସ୍ଥାନ ନେଲେ ଘରର

ଅଜା, ଆଇ । ସେମାନେ ବିଭିନ୍ନ ଲୋକକାହାଣୀ ଶୁଣେଇ ଶିଶୁମାନଙ୍କୁ ଉପଦେଶାତ୍ମକ ଶିକ୍ଷା ଦେଲେ ବା ଖୁସି କରାଇଲେ ।

ଲୋକ କାହାଣୀର କଥନ ଶୈଳୀ ବେଶ୍ ରସମୟ । ଯେତେବେଳେ କାହାଣୀ ଆରମ୍ଭ ହୁଏ ସେତେବେଳେ ଏଭଳି ଭାବରେ ଆରମ୍ଭ ହୋଇଥାଏ-

ଏ ପିଲେ ଶୁନରେ
କାଏଁ କଥା ?
ବେଙ୍ଗ ଲଥା ।
କାଏଁ ବେଙ୍ଗ ?
ଢୁଡା ବେଙ୍ଗ ।
କାଏଁ ଢୁଡା ?
ବାମ୍ହନ ବୁଢା ।
କାଏଁ ବାମ୍ହନ ?
ଶୁଧ ବାମ୍ହନ ।
କାଏଁ ଶୁଧ୍ ?
ପିଠା ଲୁଦ୍ ।
କାଏଁ ପିଠା ?
ତାଲ ଗଏଁଠା ।
କାଏଁ ତାଲ ?
ଶୁରକ୍ଷୋ ମାଲ ।
କାଏଁ ଶୁରକ୍ଷୋ ?
ବନ ଶୁରକ୍ଷୋ ।
କାଏଁ ବନ ?
କିଆ ବନ ।
କାଏଁ କିଆ ?
ରଜା ବିହା ।
କାଏଁ ରଜା ?

ଖଁଡ ଖଜା ।
କାଏଁ ଖଁଡ ?
ଆଖୁ ଡଁଡ ।
କାଏଁ ଆଖୁ ?
ପାଚଲା ଆଖୁ ।
କାଏଁ ପାଚଲା ?
ଧାନ ଖେଁଡେ ଖେଁଡେ ପାଚଲା
ଆମର ନନିର ଶାସ ନାଚଲା ।

ପଶ୍ଚିମ ଓଡ଼ିଶାର ଲୋକ ସଂସ୍କୃତି ବ୍ୟାପକ ଓ ବିସ୍ତୃତ । ଲୋକଗୀତ, ଲୋକ କାହାଣୀ, ଢଗ-ଢମାଳୀ ଆଦିକୁ ନେଇ ଏଇ ସଂସ୍କୃତି ରୁଦ୍ଧିମନ୍ତ । ଏଠି ସଂକ୍ଷିପ୍ତରେ ପଶ୍ଚିମ ଓଡ଼ିଶାର ଲୋକ ସଂସ୍କୃତି ଓ ଲୋକସାହିତ୍ୟ ସମ୍ପର୍କରେ ଆଲୋଚନା କରାଗଲା ।

*ସହାୟକ ଗ୍ରନ୍ଥସୂଚୀ*

୧-ସାହୁ, ସୁଧୀର କୁମାର- ୨୦୧୩-ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ବିକାଶଧାରା, ୨ୟ ସଂସ୍କରଣ, ଅଗ୍ରଦୂତ, ବାଙ୍କାବଜାର, କଟକ ।

୨-ମିଶ୍ର, ସଂଜୟ କୁମାର-୨୦୦୧୯-ପଶ୍ଚିମ ଓଡ଼ିଶାର ଲୋକ ଗୀତ, ପ୍ରଥମ ସଂସ୍କରଣ, ବୀଣାପାଣି ପ୍ରକାଶନୀ, ରମାଇ ଟକିଜ୍ ରୋଡ, ବଲାଙ୍ଗୀର ।

୩-ମେହେର, ଲକ୍ଷ୍ମଣ କୁମାର-୨୦୧୧-ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଲୋକଧାରା, ପ୍ରଥମ ସଂସ୍କରଣ, ବଲାଙ୍ଗୀର ଷ୍ଟୁଡେଣ୍ଟସ୍ ଷ୍ଟୋର, ରମାଇ ଟକିଜ୍ ରୋଡ଼, ବଲାଙ୍ଗୀର ।

୪-ନାୟକ, ସଦାନନ୍ଦ-୨୦୧୫-ଲୋକଧର୍ମ ଓ ଲୋକସାହିତ୍ୟ, ପରିମାର୍ଜିତ ସଂସ୍କରଣ, ବିଜୟ ବୁକ୍ ଷ୍ଟୋର, ପୁରୁଣା ବସ୍ ଷ୍ଟାଣ୍ଡ, ବ୍ରହ୍ମପୁର ।

ମେଣ୍ଟି ପାଲି,ଦଶପୁର, ବଲାଙ୍ଗିର-୭୬୭୦୦୨
ମୋ-୯୪୩୮୩୧୦୯୫୨

# ଅଭଙ୍ଗା ପ୍ରାଚୀର



ମନୋଜ କୁମାର ବାରିକ

ପାରାଲିସିସ ଆଜିର ମଣିଷ

ଅଂହ ଓ ହିଂସାର ଚୋଟରେ

କ୍ଷୁଧାର୍ତ୍ତ ପ୍ରାଣରେ ଶୋଷଣ ଓ

ଦୁର୍ନୀତିର ଶାଣିତ ତରବାରି

ହଟାଇ କଳାବଦଲ ସମାଜ ଆକାଶୁ

ଜଗିଉଠ ମୋ ସୁସୁପ୍ତ ଭାଇ !

ଶୁଣାଇ ଦେ ସବୁରି କର୍ଣ୍ଣେ

ଶାନ୍ତିର ସାହନାଇ ସୁର

ତୋଳିଦେ------ଏକତାର ଅଭଙ୍ଗା ନଭସଚୁମ୍ବି ପ୍ରାଚୀର ।

ସମର୍, ଟୁରସା, ବଲ୍ଙ୍ଗୀର

# ସେଇ ମୋ ଓଡିଶା ଦେଶ



ତପନ ଦୀକ୍ଷିତ (ବେଳାଭୂମି)

ଯେଉଁଠି କାଳିଆ ପୂଣ୍ୟ ପଦରଜେ
ପ୍ରତି ଧୂଳି କଣା ବ୍ରହ୍ମ
ମୃତ୍ୟୁ ଯେଉଁଠି  ସଞ୍ଜିବନୀ ପଢେ
ମଳୟ ବିଞ୍ଚଇ ପ୍ରେମ,
ନଦୀ ଛନ୍ଦ ଯାର ମହ୍ଲାର ଗାଏ
ଭାବରେ ତୁଳସୀ ମିଶା
ନିର୍ମାଲ୍ୟ ଯା'ର ଅନ୍ନ କଣିକା
ମହୁ ଝରା ଯାର ଭାଷା,
କୁଳ ଭୁଆସୁଣୀ ସିନ୍ଥ ସିନ୍ଦୁରରେ
କୃଷ୍ଣଚୂଡ଼ା ଯହିଁ ରୁକ୍ଷେ
ପବନ ଯେଉଁଠି ଭକତିରେ ଗୋଳା
ଚନ୍ଦନ ଚନ୍ଦନ  ବାସେ,
ଯହିଁ ପାଟ କାଶତଣ୍ଡି କୁଆଁରୀ କୁଆଁରୀ
ପଳାଶ ଖେଳାଏ ବାସ
ଚଣ୍ଡାଶୋକ ଯହିଁ ଧର୍ମାଶୋକ ହୁଏ
ସେଇ ମୋ ଓଡିଶା ଦେଶ ।।

ନାସିକେଶ୍ୱର, କାକଟପୁର, ପୁରୀ

# ଅମୃତତ୍ୱ



ବିନୟ ମହାପାତ୍ର

ମୁଁ ଠିଆ ହୋଇଥିବା ଏଇ ଧରିତ୍ରୀ
ମୋ ମୁଣ୍ଡ ଉପରର ଏ ଆକାଶ,
ମୋ ନିଶ୍ୱାସରେ ଏଇ ପବନ
ଏଇ ଜଳ, ଏଇ ତେଜ
ଏ ସବୁ ତ ମୋର, ଏକାନ୍ତ ନିଜର ।
ପାରିବ ତ ମୋ ଠାରୁ ଛଡାଇ ନିଅ,
ଚେଷ୍ଟା କର,
ଲଗାଇ ତୁମର ସମସ୍ତ ସାମର୍ଥ୍ୟ,
ଅମୃତର ସନ୍ତାନ ମୁଁ
ମୃତ୍ୟୁ ମୋର ସଦା ସହଚର ।
ଇଚ୍ଛାମୃତ୍ୟୁ ବରଦାନେ ମିଳି ନାହିଁ ସତ୍ୟ,
କିନ୍ତୁ ମୃତ୍ୟୁ ମୋର ଇଚ୍ଛାଧୀନ ସଦା,
ମୃତ୍ୟୁ କିବା ମୋତେ ମାରି ପାରେ ?
ହୋଇ ପାରେ,
ଅସ୍ଥି, ମେଦ, ମଜ୍ଜାର ଏ ଦେହ
ଭାସି ଯିବ ଅବେଳରେ ଦିନେ
କାଳର କରାଳ ସ୍ରୋତରେ ।
ହେଲେ, ମୁଁ ଯେ ଦେହାତୀତ,
ଦେହ ମୋର ଧାରକ କେବଳ,
ମୁଁ କେବଳ ଏକ ନାମ,
ମୁଁ ସଂଜୀବିତ, ଚିର ଜାଗ୍ରତ ।

କାହାର ବି ଅନ୍ତ ନାହିଁ,
ଏଇ ଅନନ୍ତ ବ୍ରହ୍ମାଣ୍ଡେ,
କେବଳ ସ୍ୱରୂପ ବଦଳ ଯାଏ,
କାଠ ସିନା ଜଳ ଯାଏ,
ହେଲେ କାଠ ସରେ ନାହିଁ,
କେବଳ ସ୍ୱରୂପ ବଦଳ ଥାଏ,
କେଇ ଖଣ୍ଡ ଅଙ୍ଗାରର ରୂପ ନେଇ ନଏ ।
ରୂପ, ଅରୂପ, ଅପରୂପ
ଆକାର, ସାକାର, ନିରାକାରର
ଗୁଣେ ଗୁଣି ଶୁଣି,
ନିର୍ଗୁଣର ଗୁଣାତୀତ ସତ୍ତାର ସନ୍ଧାନେ,
ଅବଗୁଣ ନେଇ,
ନିରାକାରେ ଆକାରକୁ ଖୋଜେ,
କେବେ ଭାବେ ମିଳ ଗଲା, ପୁଣି
କେବେ ଭାବଶୂନ୍ୟେ, ଅଭାବରେ ଖୋଜେ !
ଦୁଃଖ ନାହିଁ,
କେହି ମୋତେ ଦେଖେ ଅବା
କେହି ମୋତେ ଅଦୃଶ୍ୟ ମଣଇ,
ମୁଁ ତ ଏଇଠି ଅଛି, ଏଇଠି ନାହିଁ
ଦେଖି ପାରିବାର ଦୃଷ୍ଟି ଅଛି ଯଦି ଦେଖ
ଏଠି, କଛି ବି ଅସମ୍ଭବ ନୁହେଁ ।

ପଟିଆ, ଭୁବନେଶ୍ୱର, ଓଡିଶା

# ଅସାଧାରଣ ସୁନ୍ଦରବନ- ୧୫



ଅଶୋକ ବିଶ୍ୱାଳ

ବହୁତ କଥା ଚାଲିଲା । ବାଘର କଥା । ଭୂତର କଥା, ପାଣିର କଥା, ମାଛର କଥା ଆଉ ପବନର କଥା । କେମିତି ସେମାନେ ରାତିରେ ବୋଟରେ ଜୀବନ ବିତାନ୍ତି ।କେମିତି କାହାକୁ ବାଘ ଆକ୍ରମଣ କରିଥିଲା ଇତ୍ୟାଦି । ସବୁ କଥା ଲୋମହର୍ଷଣକାରୀ । ସୁନ୍ଦରବନରୁ ଦୂରରେ ରହି ସେ ଥ୍ରୀଲ, ସେ ଅନୁଭବ ଆସିବନି । ସେହି ପରିବେଶ, ସେହି ନିଃସହାୟତା ଭିତରେ ରହିଲେ ଭୟର ସ୍ୱରୂପ ଜଣା ପଡିଯିବ । ପାଓଲି ବେଶ ମନଦେଇ କଥା ଶୁଣୁଥିଲେ । ତା' ଭିତରୁ ସେ ଲୋକମାନଙ୍କ ମାନସିକତା ବିଷୟରେ ଭାବୁଥିଲେ । ଏମିତି ଅନେକ ରାତି ହୋଇଗଲା । ସମସ୍ତେ ତଳକୁ ଚାଲିଗଲେ । ବାଘର ଭୟ ଥିଲା । ଝରକାର ପଟା ସବୁ ପତଳା, କିଛି ଯାଗାରେ ପ୍ଲାଷ୍ଟିକର ସିଟ ଲାଗିଛି । ବୋଟ ଭିତରେ ପଶିବାପାଇଁ ବାଘକୁ କିଛି ଅସୁବିଧା ହେବନି । ଏଣୁ ଝରକାରେ ବାଉଁଶର ଆଡି ଦିଆଗଲା। ବାଘ ଆସିଲେ ଅତି କମରେ ଖଡ ଖଡ ଶବ୍ଦ ହେବ । ଲୋକେ ଜାଗିଯିବେ ।

ଏମିତି ରାତି ଅନେକ ହୋଇଗଲା । ତଳେ ଶୋଇବାର ସ୍ଥାନ । ପାଓଲି ନିଜ ବିଛଣାରେ ଶୋଇ ରହି ଦିନର କଥା ଭାବୁଥିଲେ । ତାଙ୍କୁ ମୋଟେ ନିଦ ଆସୁ ନଥିଲା । ଏତେ ବଡ଼ ନଦୀରେ ବାଲିଚଡା ତାଙ୍କୁ ଆଶ୍ଚର୍ଯ୍ୟ ଲାଗିଥିଲା । ଫଟୋ ଦେଖି କିଛି ବୁଝି ହୋଇନଥାନ୍ତା । ନଦୀନାଳରେ ଯିବାବେଳେ ଅଭିଜ୍ଞତା କାମରେ ଆସେ । ନୂଆ ଚାଳକହେଲେ ବହୁତ ବିପଦ। କିନ୍ତୁ ଆଜିର ସୂର୍ଯ୍ୟାସ୍ତ ସ୍ମରଣୀୟ ଥିଲା । ଏତେ ସୁନ୍ଦର ଲାଲ ସୂର୍ଯ୍ୟ ସେ କେବେ ଦେଖି ନଥିଲେ । ରାତିର ତାରା ତାଙ୍କୁ ବହୁତ ଭଲ ଲାଗୁଥିଲା । କୁହୁଡିପାଇଁ ତାରାମାନ ବହୁତ ଉଜ୍ଜ୍ୱଳ ଲାଗୁନଥିଲା । ସମୁଦ୍ରକୂଳରେ ଜଳୀୟବାଷ୍ପ ଭରିଯାଇଛି । ଏଠୁ ଆକାଶକୁ ଭଲଭାବେ ଦେଖିବା ସହଜ ନୁହେଁ । କିନ୍ତୁ ବିଚ୍ଛୁରିତ ହେଉଥିବା ଆଲୋକ ତାଙ୍କୁ ଭଲ ଲାଗୁଥିଲା । ତାରା ଚାରିପାଖରେ ଏକ ହାଲୁକା ମୁକୁଟମାନ କିଏ ତିଆରି କରି ଦେଇଛି ।

ତାଙ୍କୁ ଆଉଥରେ ଏକାନ୍ତରେ ତାର୍ ଦେଖିବାକୁ ଇଚ୍ଛାହେଲା । ସେ ତଳ ଦରଓ୍ୱାଜା ଖୋଲି ବାହାରି ଆସିଲେ ।

ଡେକ ଉପରେ ଏକ ଛାଇ ଉଠି ପଡିଲା । ଡେକରୁ ଆଲୁଅ ପ୍ରାୟ ଲିଭି ଯାଇଥିଲା । ଲେଡ ବଲବ୍‌ର ଏକ ବହୁତ ଛୋଟ ପଟିରୁ ସାମାନ୍ୟ ଆଲୁଅ ଆସୁଥିଲା । ଡ୍ରାଇଭର ରୁମର ଲାଇଟ ବନ୍ଦ ଥିଲା । କୁଆଡୁ କଛି ଶବ୍ଦ ଆସୁନଥିଲା । ବୋଟର ଗ୍ରରିପାଖେ କୁହୁଡି । ଉପରର ଜହ୍ନ ମଝି ଆକାଶକୁ ଆସିଲା ଆସିଲା ହେଉଥିଲା । ପ୍ରାୟ ମଝି ରାତି । ଏ ଭିତରେ ହଠାତ୍ ଏକ ଛାଇ ଉଠିଯିବାର ଦେଖି ପାଓଲି ଚମକ ପଡିଲେ । ବାଘ ତ ନୁହେଁ? ବାଘ ହୋଇଥିଲେ ଲମ୍ବା ହୋଇଥାନ୍ତା । ବିଶ୍ୱାସରେ କୁହାଯାଏ ଦକ୍ଷିଣ ରାୟ ଅର୍ଥାତ ବାଘ ଭିନ୍ନ ଭିନ୍ନ ରୂପ ନେଇପାରେ । ଭୁତ ନୁହେଁ ତ? ବିଗତ ସଂନ୍ଧ୍ୟାରେ ଅଶରୀରମାନଙ୍କ କଥା ବହୁତ ଶୁଣିଛନ୍ତି । ଏମିତି ନିକାଞ୍ଚନ ସ୍ଥାନରେ ସେମାନେ ବୁଲୁଥାନ୍ତି । ଅତୃପ୍ତ କେଉଟର ଆତ୍ମା, ଅତୃପ୍ତ ବାଘ ଦ୍ୱାରା ମରିଥିବା ଲୋକର ଆତ୍ମା । କଏ କୁଆଡେ ଦେଖାଯାଉ ନାହାନ୍ତି। ପାଓଲିଙ୍କ ଛାତି ଉଠୁଥିଲା ପଡୁଥିଲା । ସେ ବୁଲିପଡି ଜୋରରେ ଭିତରକୁ ଯିବାକୁ ବସିଥିଲେ।

“ମାଡାମ ମୁଁ ।”- ସେଇ ଅଶରୀରର ସ୍ୱର ଶୁଣାଗଲା । ସ୍ୱରଟା କୁହୁଡିରେ ଭାସି ଆସୁଥିଲା ଭଳି ଲାଗୁଥିଲା ।

“ଡରି ଗଲେକ ।”- ସେଇ ସ୍ୱର ଆଉ ଥରେ କହିଲା ।

ଆରେ ଏ କଣ୍ଠସ୍ୱର ତ ମଣ୍ଡଳବାବୁଙ୍କର । ମଣ୍ଡଳାବାବୁ ଡେକରେ ଥିବା ଡ୍ରାଇଭର କୋଠରି ଆଗରେ ଥିବା ଖଟ ଉପରେ ବସିଥିଲେ । ସେ ପାଓଲିଙ୍କୁ ଦେଖି ଠିଆ ହୋଇଯାଇଥିଲେ । ପାଓଲି ତଳ ଶିଡିରୁ ଉପରକୁ ଉଠୁ ଉଠୁ କଳାଛାଇ ଦେଖି ଚମକ ଯାଇଥିଲେ । କଥାଟା ମଣ୍ଡଳବାବୁ ଠଉରାଇ ନେଇଥିଲେ ।

“ଆପଣ ଏତେ ସମୟ ହେଲା ଶୋଇ ନାହାନ୍ତି?”- ପାଓଲି ପ୍ରଶ୍ନ କଲେ ।

"ଡ୍ୟୁଟି କରୁଛି ମାଡାମ ।"- ମଣ୍ଡଳବାବୁ କହିଲେ ।

"ଡ୍ୟୁଟି କରୁଛନ୍ତୁ? ଏ ସମୟରେ? ଏ ଅଧା ରାତିରେ?"- ପାଓଲି କିଛି ବୁଝି ପାରୁ ନଥିଲେ ।

ମଣ୍ଡଳବାବୁଙ୍କୁ ବୟସ ହେଲାଣି । ଷାଠିଏ ଏଇ ଧରିବ । ଚମ ଧୁଡୁ ଧୁଡୁ ହେଲାଣି । ଦିନରେ ପାଓଲି ଲକ୍ଷ୍ୟ କରିଡଛନ୍ତୁ ଯେ ମଣ୍ଡଳବାବୁ ଟିକିଏ କାମ କଲେ ଢୁଳେଇ ପଡୁଛନ୍ତୁ। ଶରୀର ବିଶ୍ରାମ ଚାହୁଁଛି । ସେ ପୁଣି ଏମିତିଆ ଶୀତୁଆ, କୁହୁଡିଆ ରାତିରେ ଏକା ଡେକ ଉପରେ ଡ୍ୟୁଟି କରୁଛନ୍ତୁ? ଥଣ୍ଡାରେ ଥରିଯାଉଥିବେ ବୁଢା ଲୋକଟି । ଯଦି ସେ ଡ୍ୟୁଟି କରୁଛନ୍ତୁ ତାଙ୍କୁ ବାହାବା ଦେବା କଥା । କିନ୍ତୁ କି ଡ୍ୟୁଟି ସେ କରୁଛନ୍ତୁ? ଏ ରାତିରେ କଣ ଡ୍ୟୁଟି କରିବା ସମୟ?

"ଆପଣମାନଙ୍କୁ ଜଗିଛି ।"- ବୁଢା ଧିରେ କହିଲେ । ଥଣ୍ଡାରେ ତାଙ୍କ ଓଠ ଥରୁଥିଲା । ସେହି ଥରିବା ଆଉ ଖଣ୍ଡି କଥା ପାଓଲି ଜାଣିପାରୁଥିଲେ ।

"ଆରେ ଆପଣ ଏତେ କଷ୍ଟ କରୁଛନ୍ତୁ । ଦେହକୁ ବାଧା ହେବ ।"- ପାଓଲି କହିଲେ ।

ବୁଢା ଟିକେ ହସିଲେ । ବଙ୍ଗୋପସାଗରପଟୁ ଧୂଆଁଳିଆ ଜଳୀୟବାଷ୍ପ ଜୋରରେ ଘୁସି ଆସୁଥିଲା । ମୁହଁ ଓଦା ହୋଇଯାଉଥିଲା । ସବୁଆଡେ ଧଳା ଚାଦରର ଆସ୍ତରଣ । ବୁଢା ଏକ ପୁରା ସ୍ୱେଟର ପିନ୍ଧିଛନ୍ତି । କାନ ଉପରେ ଏକ ମଫଲର ଘୋଡାଇ ହୋଇଛନ୍ତୁ । ମୁଣ୍ଡରେ ମଧ ମଫଲର । ତାଙ୍କର ଆଖି ଆଉ ନାକ ଛାଡି କିଛି ଦିଶୁନ । ବସିବା ସ୍ଥାନର ପାଖରେ ରାଇଫଲକୁ ଡେରି ରଖିଛନ୍ତୁ । ଟିକିଏ ଯାଗାକରି ସେଇଠି ବସିଥିଲେ । ତାଙ୍କ ଦେହରେ ସିଧା ପବନ ବାଜୁଥିବ । ଏ ସବୁ ଗରମ କପଡା ସତ୍ୱେ ତାଙ୍କୁ କୁହୁଡିରେ କଷ୍ଟ ହେଉଥିବ ।

"ବାଘର ଯାଗା ମାଡାମ୍ । ଏ ବାଘ କଥା କହିହେବନ । କେଉଁ ରୂପରେ କୁଆଡୁ ଆସି ଛପିଯିବ ଜାଣି ହେବନ । ବୋଟରେ ଏତେ ଲୋକ । ସମସ୍ତଙ୍କ ସୁରକ୍ଷା ମୋର ଦାୟିତ୍ୱ ।

ତେଣୁ ଉପରେ ବସି ବାହାରକୁ ନଜର ରଖିଛି । କିଛି ବୋଟକୁ ଚଢିଲେ ବ୍ଲାଙ୍କ ଫାୟାର କରିବି ।”– ମଣ୍ଡଳବାବୁ ଥରି ଥରି କହୁଥିଲେ । ତାଙ୍କ ହାତ ରାଇଫଲର ବଟ୍ ଉପରେ ବୁଲିଗଲା । ବାଁ ହାତରେ ନଳୀକୁ ଟିକେ ଆଉଁସି ଦେଲେ । ରାଇଫଲ ପାଖରେ ଥିଲେ ମନରେ କେତେ ସାହାସ ମନକୁ ମନ ଆସିଯାଏ । ଅସ୍ତ୍ର ଅଛି ସୁରକ୍ଷାପାଇଁ । ଏଠି ଆବଶ୍ୟକତା ଅଛି ।

ପାଓଲି ମଣ୍ଡଳବାବୁଙ୍କୁ ଅନାଇଲେ । କଳାମୁହଁରେ ଧଳା ନଶଟା ବାହାରି ପଡିଛି । ଆଲୁଅ କହୁଡିରେ ଜାଲୁ ଜାଲୁଆ ଦେଖାଯାଉଥିବ । ଏଇମାନେ ହେଉଛନ୍ତି ସୁନ୍ଦରବନର ଶେଷ ରକ୍ଷାକର୍ତ୍ତା, ସୁନ୍ଦରବନର ସୀମାନ୍ତ ପ୍ରହରୀ । ପାଓଲି ମନେମନେ ତାଙ୍କୁ ଧନ୍ୟବାଦ ଦେଉଥିଲେ୍ ଏମିତି ମଣ୍ଡଳବାବୁଙ୍କ ସୁରକ୍ଷାରେ, ସେମାନେ ଅଜାଣତରେ ନଘୋଡ ନଦ ଯାଇଛନ୍ତି । କାଲି କେହି ଜାଣିବେନ ଯେ ମଣ୍ଡଳବାବୁ ରାତିସାରା ପହରା ଦେଉଥିଲେ । ମଣ୍ଡଳବାବୁଙ୍କ ଭଳ ଲୋକମାନେ ହେଉଛନ୍ତି ସୁନ୍ଦରବନ ସୁରକ୍ଷାର ଏକ ଯୁଗର ଶେଷ ପିଢି। ସୁନ୍ଦରବନର ଏକ ଚଳନ୍ତା ଇତିହାସ, ସୁନ୍ଦରବନର ଅନନ୍ୟ ଅନୁଭୂତିର ଜୀବନ୍ତ ପ୍ରକାଶ, ସୁନ୍ଦରବନର ମଧୁର ସ୍ମୃତି ଆଉ ସୁନ୍ଦରବନରେ ଡ୍ୟୁଟି ପ୍ରତି ନଷ୍ଠାପର ଭାବ ଆଉକେତେ ଦିନପରେ ଏ ସ୍ଥାନରୁ ବିଦାୟ ନେବ । ଏକ ନୂଆ ପିଢି ତାଙ୍କ ସ୍ଥାନ ନେବାକୁ ଆସିଯିବେ । ପାଓଲି ଆକାଶକୁ ଅନାଇଲେ । ଖଣ୍ଡିଜହ୍ନ ଅନେକ ଆଗେଇ ଗଲାଣି । ସେ ମଣ୍ଡଳବାବୁଙ୍କ ପାଖରେ ବସି ପଡିଲେ । ତାଙ୍କୁ ମଣ୍ଡଳବାବୁଙ୍କ ପାଖରେ ବସିବାକୁ ଭଲ ଲାଗୁଥିଲା । ବାପ ସମାନ ବୟସର ଲୋକ । ଝିଅକୁ ବାପ ଯେମିତି ନଜ ଛତ୍ରଛାୟା ଭିତରେ ଆବୋରି ରଖେ, ସେମିତି ମଣ୍ଡଳବାବୁ ତାଙ୍କୁ ନଜର ସୁରକ୍ଷା ଦେଉଛନ୍ତି । ତାଙ୍କ ହୃଦୟରେ କୃତଜ୍ଞତା ଭରି ଯାଉଥିଲା । ସେ ସେମିତି ଅନେକ ସମୟ ବସି ରହିଲେ । ମଣ୍ଡଳବାବୁ ଜାକଜୁକ ହୋଇ ବାହାରକୁ ଜଳଜଳ କରି ଅନେଇ ରହିଥିଲେ । କୁଆଡୁ କିଛି ଶବ୍ଦ ନଥିଲା ।ତଳେ ପାଣିର କଳ କଳ ଶବ୍ଦ ଆସୁଥିଲା । ଭଟ୍ଟାପରେ ଜୁଆର ଆସୁଛି । କନ୍ତୁ ପୂର୍ଣ ଜୁଆର ଆସିବାକୁ ଆହୁରି ତିନ ଘଣ୍ଟା । ସେତେବେଳକୁ ରାତି ତିନଟା ବାଜି ଯାଇଥିବ ।

“ଆପଣ ଯାଆନ୍ତୁ ମାଡାମ୍ । ମୁଁ ବସିଛି । ଆପଣ ବେକାରରେ କାହିଁକି ବସିବେ? ଥଣ୍ଡା ଧରିବ । କାଲି କେତେ କାମ ଅଛି ଆପଣଙ୍କର ।”– ବୁଢା ପାଓଲିଙ୍କୁ ଆଶ୍ୱାସନା ଦେଉଥିଲେ । ପାଓଲି କିଛି କହିପାରୁ ନଥିଲେ । ତାଙ୍କ ଆଖିରେ ନଦ ନଥିଲା । ବାହାରେ

ବସି କୁହୁଡିକୁ ଅନାଇବାକୁ ଭଲ ଲାଗୁଥିଲା । ସେମିତି ସମୟ ବିତିଯାଉ । ତାଙ୍କର ନଜର ଛୋଟ ଦିନ କଥା ମନେ ପଡିଯାଉଥିଲା । ବାପାଙ୍କ ହାତ ଧରି ସେ ଚାଲୁଥିଲେ । ଥକଗଲେ ବାପାଙ୍କ କୋଳରେ ଶୋଇ ପଡୁଥିଲେ । ଆଜି ବାପ ସମାନ ଏକ ଲୋକ ତାଙ୍କୁ ନଦ ଉପହାର ଦେଉଛି । ସେ ଶାନ୍ତରେ କଛି ସମୟ ସେଇଠି ଢୁଳେଇ ପଡିଲେ ।

ଅନେକ ସମୟ ବୋଧହୁଏ ଏ ଭିତରେ ବିତିଯାଇଛି । ପାଓଲି ଉପରେ ସେମିତି ଢୁଳେଇ ପଡିଥିଲେ । ବୋଟର ଇଞ୍ଜିନ ଏ ଭିତରେ ଷ୍ଟାର୍ଟ ହୋଇଯାଇଛି । ଜୁଆର ଅନେକ ଉଠିଗଲାଣି । ବୋଟ ଟଳ ମଟଳ ହେଉଛି ଅର୍ଥାତ ପାଣିରେ ବୋଟର କଛି ଅଂଶରେ ଭାସୁଛି। ଦେବଲ, ସପନବାବୁ ଉପରକୁ ଆସିଗଲେଣି ।

"ପାଓଲି ତୁମେ ଉପରେ?"- ସପନବାବୁ ପଚାରିଲେ । ଏବେବି ରାତି ଅଛି । ପାଓଲି ନଦ ମଳମଳ ଆଖିରେ ଘଣ୍ଟାକୁ ଅନାଇଲେ । ରାତି ତିନଟା । ବୋଟ ଡ୍ରାଇଭର ଲସ୍କର କଥା ହିସାବରେ ଏବେ ଜୁଆର ସବୁଠାରୁ ଉଚ୍ଚ ହେବ । ତେଣୁ ଏହି ସମୟରେ ବୋଟକୁ ବାହାର କରିନେବା ଆବଶ୍ୟକ । ଇଞ୍ଜିନ ଷ୍ଟାର୍ଟ ହେବାରୁ ସମସ୍ତଙ୍କ ନଦ ଭାଙ୍ଗିଯାଇଛି । ଏ ଚଡାରୁ ବାହାରିବା ଏକ ବଡ଼ ଆହ୍ୱାନ, କଛି ସହଜ କାମ ନୁହେଁ । ଆଗକୁ ଚଡା ଲମ୍ବି ଯାଇଛି, ପଛରେ ଅବଶ୍ୟ ଦଶଫୁଟ ଦୂରରେ ଗଭୀର ପାଣି । ସେ ଭିତରକୁ ଆସିଗଲେ ବୋଟ ଭଲରେ ଭାସିବ ।

ପାଓଲି ମୁହଁ ପୋଛି ପକାଇଲେ । ସେ ଆକାଶକୁ ଅନାଇଲେ । ସକାଳର ତାରା ବହୁତ ଉଜ୍ଜ୍ୱଳ ଦିଶୁଛି । ଏତେ ଉଜ୍ଜ୍ୱଳ ଦିଶୁଛି କହିହେବନ । କୁହୁଡିରେ ଆଲୋକର ବିଚ୍ଛୁରଣ ଯୋଗୁ ସେ ତାରା ଦେହରୁ ଏକ ରାସ୍ତା ପାଣିକୁ ଓହ୍ଲାଇ ଆସିବା ଭଳ ଲାଗୁଥିଲା । ପ୍ରକୃତିକୁ ଏକ ଛୁଆର ଆଖିରୁ ଦେଖିଲେ କେତେ ନୂଆ ଜିନଷ ଦେଖାଯାଏ । ପାଓଲି ସେ ତାରାକୁ କଛି ସମୟ ଅନାଇ ରହିଲେ । ଆକାଶରୁ ଜହ୍ନ ଲୁଚଗଲାଣି । ଆଉ ଅଳ୍ପ କଛି ତାରା ହାଲୁକା ଭାବରେ ଜଳୁଛି । ସେମିତି କୁହୁଡି ସବୁଆଡ ଘୋଡାଇ ରହିଛି । ଏବେ ବୋଟର ଅଧିକାଂଶ ଆଲୋକ ଜଳଲାଣି । ବୋଟର ଚାରିପାଖ ଆଲୋକତ ।

ସେ ଉଠି ପଡିଲେ । ପାଖରେ ମଣ୍ଡଳବାବୁ ବନ୍ଧୁକ ଧରି ସେମିତି ବସିଥିଲେ । ତାଙ୍କର ହାତ ବଟକୁ ଜୋରରେ ଧରିଥିଲା । ଆଖି କୁହୁଡି ଉପରେ ଲାଗିଥିଲା । ମଣ୍ଡଳବାବୁ ମୋଟେ ଘୁମାଇ ନାହାନ୍ତି । ପାଓଲି ନଜର ମୁହଁକୁ ହାତରେ ରଗଡି ଦେଲେ । ନଦ ଧିରେ ଛାଡି ଯାଉଥିଲା । ଇଞ୍ଜିନ ସେମିତି ଗର୍ଜନ କରୁଥିଲା । ବାବାୟା ଆଉ ମାଇତିବାବୁ ଆଗକୁ ଯାଇ କାତ ମାରିବାକୁ ଲାଗିଲେ । ଏତେ ବଡ଼ ବୋଟ ଟିକେ ହଲିଲାନ । ବୋଟର ପ୍ରପେଲର ଜୋରରେ ବୁଲୁଥିଲା । ବୋଟର ମଝି ଅଂଶ ମାଟି ବାଲିରେ ବସି ଯାଇଛି । ପାଣି ଆହୁରି ଦରକାର । କନ୍ତୁ ସେଥିପାଇଁ ସମୟ ଆସିବନ । ଜୁଆର କଛି ସମୟ ପାଇଁ ରହିବ । ବଡ଼ ଜୁଆର ପୂର୍ଣମୀ ବା ଅମାବାସ୍ୟାରେ ହୁଏ । ଏତିକ ଜୁଆର ବା ତାଠାରୁ କମ ଜୁଆର ମିଳବ। ପ୍ରପେଲର ଜୋରରେ ବୁଲୁଥିଲା । ବୋଟ ଗ୍ଯଳକ ଦିଗ ବଦଳାଉଥିଲା । ବୋଟ ନଜ ଯାଗାରେ ବୁଲିଯାଉଥିଲା । କନ୍ତୁ ଆଗକୁ ଯାଉ ନଥିଲା । ଏମିତି ବୁଲୁବୁଲୁ ଦିଗ ଆଉ ଜାଣି ହେଲାନ । ଏବେ ଗଭୀର ପାଣି ପଛରେ କ ଆଗରେ କଛି ଜାଣି ହେଉ ନଥିଲା । ସବୁଆଡେ ପାଣି ଆଉ ଦୂର କୂଳ ଏ ଗ୍ତିରେ ଦେଖାଯିବନ । ତଳକୁ ଓହ୍ଲାଇ ହେବନ । ପାଣି ଗ୍ତିରେ କେଉଁପଟେ ଗଭୀର ଜାଣି ହେଲାନାହିଁ । ବୋଟ ଟିକେ ଆଗକୁ ଗଲା । କନ୍ତୁ ସେପଟେ ପାଣି ଆଉ ଅଧିକ ଗଭୀର ନଥିଲା । ସେଇଠି ପୁଣି ବସିଗଲା । କଛି ଉପାୟ ନାହିଁ ।

ବୋଟ ଏ ଗ୍ତିରେ ଆଉ ବାହାରି ପାରିବନ । ଗଭୀର ପାଣି ପଟଟା ଜଣା ପଡୁନ । ଦିନରେ ଜୁଆର ହେଲେ ଦେଖିବା । - ଲସ୍କର ନଜର ଅଧଘଣ୍ଟା ପରିଶ୍ରମ ପରେ ଏକ ମୂଲ୍ୟହୀନ ଆଉ ଆଶାବିହୀନ ମତ ଜଣାଇଦେଲା । ବୋଟର ମୁଖ୍ୟ ଲ୍ୟାମ୍ପର ଆଲୋକ କୁହୁଡି ଭିତରେ ଯାଇ ହଜିଯାଉଥିଲା । ସେପଟେ କୂଳ କ ଅଧିକା ଚଡା କଛି ଜଣା ପଡୁନଥିଲା । ଏବେ ପାଣି ଖସିବା ଆରମ୍ଭ କରୁଛି ବୋଲି ଜଣାପଡୁଥିଲା । କଣ କରାଯିବ? ଦେବଲ ଲସ୍କର ଉପରେ ଜୋରରେ ପାଟି କରି ଉଠିଲା ।

"ନଦୀରେ ଚଡା ଜାଣିନ, ତମେ କ ଡ୍ରାଇଭର ହୋଇଛ ?"-ଦେବଲ ଚଡିଚଡି ହେଲା ।

"ଟୁରିଷ୍ଟମାନଙ୍କୁ ନେଇ ନାଳରେ ବୁଲାଇବା ଅର୍ଥ ହେଉଛି ବୋଟକୁ ସୁଇମିଙ୍ଗ ପୁଲରେ ବୁଲାଇବା । ସେଥିରେ ତମ ଅଭିଜ୍ଞତା ବା ତମ କୁଶଳତା କଣ ଦରକାର୍ ଖାଲି ଏକ ଚକକୁ ବାଁ ଡାହାଣ ବୁଲାଇବା କଥା ।"- ଦେବଲ ଡ୍ରାଇଭର ଉପରେ ଗୁରୁଗୁରୁ ହେଉଥିଲା ।

ଲସ୍କର ଦେବଲ ଆଗରେ ମୁଣ୍ଡ ପୋତି ଠିଆ ହୋଇଥିଲା । କିଛିଗୋଟେ ବଡ଼ ଭୁଲ ହୋଇଯାଇଛି । ତା'କୁ ଚଡାରେ ସାବଧାନ ହେବାର ଥିଲା । ସେ କିନ୍ତୁ ନଜାଣି ଚଡା ଉପରେ ବୋଟକୁ ଚଢାଇ ଦେଇଛିଆଉ ଏତେ ମଣିଷ ଜୀବନ ବିପଦ ଭିତରେ ପଡିଛି ।

ଆଉ କିଛି କରି ହେବନି । ଯାହା ହେବ ସକାଳେ । କ୍ୟାମ୍ପକୁ ଓୟାରଲେସରେ ଡାକିବା ଆଉ ଆମକୁ ଉଦ୍ଧାର କରିବା ପାଇଁ କହିବା -ମଣ୍ଡଳବାବୁ କହିଲେ । ସପନବାବୁ ମୁଣ୍ଡ ହଲାଇଲେ । ସତରେ ଏବେ କିଛି କରିହେବ ନାହିଁ । କିଛି କୁଆଡେ ଜଣା ପଡୁନି । ଦେବଲ ସମସ୍ତଙ୍କୁ ଅନାଇ ତଳକୁ ଗ୍ଳଲିଗଲା । ତା'କୁ ଶୀତ ଲାଗୁଥିଲା । କାଲି ବହୁତ କାମ ଅଛି । ଏ ବୋଟ ପାଇଁ ଅଯଥା ବିଳମ୍ବ ହୋଇଗଲା । ଧିରେ ସମସ୍ତେ ଗ୍ଳଲିଗଲେ । ସକାଳ ୬ଟା ୩୦ ରେ ହେବ । ସେତେବେଳ ପର୍ଯ୍ୟନ୍ତ ଶୁଆଯାଉ । ଉପରେ କିନ୍ତୁ ପାଓଲି ବସିଥିଲେ । ମଣ୍ଡଳବାବୁ ସେମିତି ନିଜର ବନ୍ଧୁକ ଧରି ଜାକିଜୁକି ହୋଇ ବସିଥିଲେ । ମାଇତିବାବୁ ମଣ୍ଡଳବାବୁଙ୍କ ପାଖରେ ବସି ପଡିଲେ । ନିଜର ବୟସ୍କ ସାଥି ଗ୍ତିସାର୍ ଡ୍ୟୁଟି କରୁଛନ୍ତି । ମଣ୍ଡଳବାବୁଙ୍କୁ କହିଲେ ମଧ୍ଯ ସେ ଶୋଇବାକୁ ଯିବେନି । ଏଇଟା ତାଙ୍କ ଗୁଣ । ପୁରୁଣା ଲୋକମାନେ ନିଜର ଡ୍ୟୁଟିକୁ ସବୁଠାରୁ ବଡ଼ କର୍ତ୍ତବ୍ୟ ମାନନ୍ତି । ସେ ତାଙ୍କ ପାଖରେ ବସି ଆକାଶକୁ ଗ୍ୱହିଁଲେ । ସକାଳେ ପବନ ନଥିଲା କିନ୍ତୁ ଜଳକଣାଭର୍ତ୍ତି କୁହୁଡି ବୋଟ ଉପରେ ବୁଲୁଥିଲା । ସପନବାବୁ ସେମାନଙ୍କ ଦେଖାଦେଖି ଏକ ଚେୟାର ଟାଣି ଆଣି ବସି ପଡିଲେ । ପାଓଲି ନିଜର ପୁରୁଣା ଯାଗାରେ ବସିଥିଲେ । ପାଓଲି ଶୋଇବାକୁ ଯାଉନଥିବାରୁ ସପନବାବୁଙ୍କୁ ତଳକୁ ଯିବାକୁ ଇଚ୍ଛା ହେଉ ନଥିଲା । ପାଓଲିଙ୍କର କେଉଁ କାମକୁ ସଂପୂର୍ଣ୍ଣ କରିବାର ଗୁଣ ସପନବାବୁଙ୍କୁ ଭଲ ଲାଗେ । ପାଓଲି ଯେ କୌଣସି କଠିନ ପରିସ୍ଥିତିରେ ମଧ୍ଯ ନିଜ କାମକୁ ଛାଡନ୍ତିନି ଆଉ ନିଜର ଲୋକମାନଙ୍କ ପାଖରେ ଠିଆ ହୁଅନ୍ତି ।

"ବାଘ ଆସିପାରେ କହୁଛନ୍ତି?"- ସପନବାବୁ କହିଲେ ।

"ଏକଦମ ଆସିପାରେ । ଏଣୁ ସାବଧାନ ରହିବା ଉଚିତ ।"- ମାଇତିବାବୁ କହିଲେ । ତାଙ୍କର ଆଖି ମଣ୍ଡଳବାବୁଙ୍କ ଉପରେ ବୁଲିଗଲା । ମଣ୍ଡଳବାବୁ ସେମିତି ବନ୍ଧୁକକୁ ଧରି କୁହୁଡିକୁ ଅନାଇ ରହିଥିଲେ । ପାଓଲି ମଧ୍ୟ କୁହୁଡିକୁ ଅନାଇ ରହିଥିଲେ ।

"ସକାଳ ବେଳା ବାଘ ବେଶି ଚଞ୍ଚଳ ରୁହେ ।"- ମାଇତିବାବୁ କହିଲେ ।

ପାଓଲି କହୁଡି ଭିତରେ ଧିରେ ଆକାଶ ଖୋଲି ଯିବାକୁ ଅପେକ୍ଷା କରିଥିଲେ । ସକାଳ ଚାରିଟା ଟା ତିରିଶ ମିନଟ । ପାଞ୍ଚଟା ବା ପାଞ୍ଚଟା ତିରିଶି ମିନଟ ବେଳକୁ ଆଲୁଅ ଆସିଯିବ। ଏବେ ଶୋଇବାକୁ ଇଚ୍ଛା ହେଉନ । ଏମିତି କଛି ଅନାଇ କଛି ଗପି ସମୟ ବିତିଯାଉ ।

"ବହୁତବାର ବାଘ ଦେଖିଥିବେ ? କଛି ମନେ ରଖିଛନ୍ତୁ?"- ପାଓଲି କହିଲେ ।

ଜଙ୍ଗଲରେ ଚାକରୀକରି ଦିନ ସରିଲାଣି । ବାଘ ବହୁତବାର ଦେଖିଛି । କନ୍ତୁ ସବୁଠାରୁ ମନେ ରଖିବା କଥାଟା ଥିଲା ବାଘ ଆଉ କୁମ୍ଭୀର ଭିତରେ ଲଢାଇ ।- ମାଇତିବାବୁ କହିଲେ। ତାଙ୍କର ଆଖି ପାଣି ଉପରେ ବୁଲିଯାଉଥିଲା ।ପାଣି ଟିକଏ ଭଲକରି ଦୃଶ୍ୟ ହେଲାଣି ।

"କେମିତି ଥିଲା ? ଦୁହେଁ ମହାନ ଶିକାରୀ । ଲଢାଇଟା ଚମତ୍କାର ହୋଇଥିବ ।"- ସପନବାବୁ କହିଲେ ।

"ଆଉ ନୁହେଁ କଣ । ଜଣେ ପାଣିର ରାଜା ତ ଜଣେ ଜଙ୍ଗଲର ସମ୍ରାଟ ।"-ଦେବଲ ଗୋଟାଏ କଡରୁ କହି ଉଠିଲା । ଦେବଲ ଏ ଭିତରେ ଡେକକୁ ଆସିଯାଇଥିଲା । ସେ ତଳକୁ ଯାଇଥିଲା କନ୍ତୁ ନଦ ଲାଗିଲାନ । ଉପରେ କଛି ଗପ ଚାଲୁଛି ଭାବି ଆସିଗଲା । ବାଘ ଉପରେ ସୁନ୍ଦରବନ ଭିତରେ ଗପ ହେଲେ ଭାରି ମଜା ଲାଗେ ।

ମାଇତିବାବୁ କଥାଟା କହିବାରେ ଲାଗିଲେ ।

ସେ ସମୟରେ ସୁନ୍ଦରବନର ପାଣିରେ ଫ୍ଲୋଟିଙ୍ଗ କ୍ୟାମ୍ପ ଲାଗୁଥିଲା । ସେମିତି ତାଙ୍କର ଏକ ଫ୍ଲୋଟିଙ୍ଗ କ୍ୟାମ୍ପ ବା ଭାସମାନ କ୍ୟାମ୍ପରେ ଡ୍ୟୁଟି ଥାଏ । ଆଜି ଯେଉଁ ମାତଲା-୨ କମ୍ପାର୍ଟମେଣ୍ଟ ଦେଇ ଆସିଲେ ସେଇ ଅଞ୍ଚଳ । ନାଳ ମାତଲା ନଦୀରୁ ପଶି ଆସି ଭିତରକୁ ଗଳିଯାଇଥାଏ । ନାଳ ଭିତରେ ରହିଲେ ବଡ଼ ନଦୀରେ ଯାଉଥିବା ସବୁ ଡଙ୍ଗା ଆଉ ଟ୍ରଲର ଉପରେ ଲକ୍ଷ୍ୟ ରଖି ହୁଏ । ସେ ସମୟରେ ସୁନ୍ଦରବନରେ ଚୋରା ଶିକାରୀମାନେ ବେଶ ଅଧିକ ସଂଖ୍ୟାରେ ଆସିଯାଉଥିଲେ । ଆଜିକାଲି ଭଳି ସବୁ ଯାଗାରେ କ୍ୟାମ୍ପ ବସି ନଥିଲା । ତେଣୁ ଭାସମାନ କ୍ୟାମ୍ପ କରାଯାଉଥିଲା । ଭାସମାନ କ୍ୟାମ୍ପ ଅର୍ଥ ହେଉଛି ଏକ ବଡ଼ ବୋଟ। ସେଥିରେ ରହିବା ଆଉ ଖାଇବାର ସୁବିଧା ଥିବ । ବୋଟକୁ ମଝିରେ ରଖିଦେଇ ନାଳର ଦୁଇ କୂଳ ପର୍ଯ୍ୟନ୍ତ ଜାଲି ଟାଙ୍ଗି ଦିଆଯିବ । କେଉଁ ବୋଟ ନାଳ ଭିତରକୁ ଆସିଲେ ସହଜରେ ଖସି ପଳାଇପାରିବ ନାହିଁ । ଏ ଚୋରା ଛୁପା ଶିକାର ବା ଚୋରାରେ ମାଛ ଧରିବା ତ ନାଳମାନଙ୍କରେ ହୁଏ । ମୁଖ୍ୟ ନଦୀ ବା ନାଳରେ ପ୍ରାୟ ହୁଏନା । ଅନ୍ୟ ଲୋକେ ଲକ୍ଷ୍ୟ କରିନେବେ ।

ଏମିତି ସେଦିନ ମାତଲା ୨ ଆଉ ମାତଲା ୩ କମ୍ପାର୍ଟମେଣ୍ଟ ମଝିରେ ଯାଇଥିବା ହବାତିଖାଲ ନାଳରେ ଫ୍ଲୋଟିଙ୍ଗ କ୍ୟାମ୍ପରେ ସେମାନେ ବସିଥିଲେ । ପଛଆଡକୁ ଲଖିଖାଲି ପାଖ ଜଙ୍ଗଲରେ ଅନେକ ଚଡା । ଧନୀଘାସର ଚଡା କେତେ ଯାଗାରେ ତ ବହୁତ ବଡ଼ । ହରିଣ, ବାରହାମାନେ ଏମିତି ଘାସୁଆ ଜମିକୁ ଚରା ପାଇଁ ଆସନ୍ତି । ତେଣୁ ଏ ଯାଗାଟା ବାଘର ଶିକାର ଭୂମି । କେବେ କେବେ କୁମ୍ଭୀରମାନେ ଏମିତି ଘାସୁଆ ଚଡାରେ ଶୋଇ ଖରା ପୁଆନ୍ତି । ତେଣୁ ଏ ଚଡାଗୁଡା ଶିକାର ଆଉ ଶିକାରୀ ଭିତରେ ସଂଘର୍ଷର ଏକ ବଡ଼ କ୍ଷେତ୍ର ହୋଇଯାଏ ।

ତାଙ୍କର ବୋଟଟା ହବାତିଖାଲରେ ଦୁଇ ଦିନ ହେଲା ଥିଲା । କିଛି କାରଣ ପାଇଁ ଅନ୍ୟ ଯାଗାକୁ ଯାଇ ପାରି ନଥିଲା । ସେମାନଙ୍କର କାମ ଥିଲା ଅନ୍ୟମାନଙ୍କ ଉପରେ ନଜର ରଖିବା ଆଉ ଜୀବଜନ୍ତୁଙ୍କୁ ନିରୀକ୍ଷଣ କରିବା । ସକାଳୁ ଜଳଖିଆ ଖାଇବାଟା ବେଶି ସମୟ ହୋଇନଥିଲା । ସେମାନେ ନଦୀମୁହାଣକୁ ଲକ୍ଷ୍ୟ କରିଥାନ୍ତି । ମାତଲା ଆଉ ହବାତିଖାଲ ମୁହାଣର ବାମ ପଟରେ ମାଟି ଧୋଇଯାଉଛି । ଅନ୍ୟପଟରେ ଚଡା ଗଢି ଉଠୁଛି ।

ବାଘଟାଏ ଗଡୁଛି ।- ମାଇତିବାବୁଙ୍କ ସାଥି ତାଙ୍କୁ ସେତେବେଳେ ଠାରିଦେଲ୍ । ସେମାନେ ସେଇଠି ଚୁପଚାପ ରହିବାଦ୍ୱାର୍ ଜୀବଜନ୍ତୁ ସେମାନଙ୍କ ବୋଟର ଉପସ୍ଥିତି ସହ ଅଭ୍ୟସ୍ତ ହୋଇଯିବେଣି । ଅଣଦେଖା କରୁଥିବେ । ଏମାନେ ଚୁପଚାପ ଗୋଟାଏ ଯାଗାରେ ବସିରୁହନ୍ତୁ । ବେଶି ଉପରେ ଚଲ୍‌ବୁଲ୍ କରନ୍ତୁନ । ଇଞ୍ଜିନ ମଧ ଚଲ୍‌ନ୍ତୁନ । ତେଣୁ ଲ୍‌ଗିବ ଯେମିତି ଏକ ଭେଳା ଦୁର୍ଘଟଣାଗ୍ରସ୍ତ ହୋଇ ପାଣିରେ ଭାସୁଛି ଆଉ ସେଥିରେ ଜନମାନବ ନାହାନ୍ତୁ । ଏମିତି ବି ଜୀବ ନିରିକ୍ଷଣ ସମୟରେ ଏମାନେ ନିଜ ଭିତରେ ପ୍ରାୟ ଇଙ୍ଗିତରେ ଭାବ ଆଦାନ ପ୍ରଦାନ କରନ୍ତୁ ।

କ୍ରମଶଃ-

ସେକ୍ଟର-୩, ସଲ୍ଟଲେକ, କଲିକତା

# ମୃତ୍ୟୁର ଦେବତାଙ୍କୁ ଚିଠିଟିଏ!



ଦଣ୍ଡାସି ପ୍ରଧାନ

ଫେରିବାକୁ ଏଠୁଁ ଇଚ୍ଛାହୁଏ ନାହିଁ, ମୁଠାଏ ମାଟିର ଲୋଭ,
କହିବି କପରି କେଉଁ ଭାଷାନେଇ, ସମୟ ସୁଅର ଭୋଗ ।
ପାଣିପବନର ଆଦର ଯତନ, ଆଲୋକର ପରିଚତି,
ପୂନଅ ଜହ୍ନର ରୂପେଲି ଜୋସ୍ନା, ଅତୀତର ଇତିସ୍ମୃତି ।
ସରଗ କଭଳ ପଢାଶୁଣା ସିନା, ଦେଖିନାହିଁ କେବେ ଆଖି,
ଏ ମାଟିରେ କନ୍ତସ୍ୱର୍ଗ ସୁଖବଳ, ଆନନ୍ଦ ରହିଛି ଲାଖି !
ମହମହ ବାସ୍ନାମୁ କୁଳତ ଶୋଭି, ନତ୍ୟାନନ୍ଦ ପୁଣ୍ୟପୀଠା,
ସୁଧାନଧି ଦାନେ ମୃଦୁ ମହକତା, ଅନ୍ତଃସ୍ରୋତା କଳକଣ୍ଠା ।
ଗିରିବନ ଶୋଭି ସବୁଜିମା ଆଭି, ନଦୀ ପାର୍‌ବାର ଭୂଇଁ,
ପାହାଡ଼ ପ୍ରାନ୍ତର ନର୍ମଳ ନର୍ଝର, ଅପାସୋର୍‌ ପର୍‌ସେହି ।
ଜନଜୀବନର କଳକୂଜନରେ, ଜଗତ ହସାଇ ହସେ,
ଦାରୁ ଜଗତ ଯେ ବଦାନ୍ୟତା ଗୁଣେ, ମହତଭାଷାରେ ଭାଷେ ।
ଜଡ଼ଜୀବ ତରୁ ବିଭବର ପ୍ରଭି, କଏହେବ କାହାସରି,
ସ୍ୱାଗତେଇ କମ୍ପା ତୁହାଇ ଡାକୁଛ, ପ୍ରେମର ପିଆଲ୍‌ ଧରି ।
ଛାଇପରି ତୁମ୍ଭେ ପିଛା ଛାଡୁନାହଁ, ଗୁଲିଛ ଚରି ବିଚରି
ଓଗାଳ ଆଗରେ ଛିଡ଼ାପଡ କଆଁ, ପୁଷ୍ପମାଲ୍ୟ ହାତେଧରି ।
ଜୀବନର ଏକ ଅଂଶ ଯେଣୁ ତୁମେ, କନେଇ ଏତେ ଅଥୟ
ଫେର୍‌ଇ ନଅହେ ପ୍ରୀତି ପତିଆର୍‌, ଫଗୁଣ ଫୁଲର ମୋହ ।
ତୁମ୍ଭେ ସାଥି ଯେଣୁ ସମର୍ପିତ ହୁଅ, ସହଯୋଗ ଅର୍ଘ୍ୟଅର୍ପି
ଦୁଃଖ ଅନାଟନ ଅଭାବ କଷଣ, ଦୁର୍ଜନଦମ୍ଭ ଦର୍ପି ।
ପାର ଯଦି ମନେ ଭରିଦିଅ ମେଞ୍ଚେ, ସୁଧା ସୁମନ ପରଶ
ବାସନ୍ତ ଭ୍ରମର ସମ ଭ୍ରମୁଥିବି, ବାଣ୍ଟି ସୁଧା ମଧୁହର୍ଷ ।

ଏ ଜୀବନ ମନ ଭିନ୍ନ ଉପାଦାନ, ସୁବିଗ୍ନରେ ଅପଘନ
ଅବିଗ୍ନର ଆର୍ତ୍ତେ ଅନୁଚତ ଅର୍ଥେ, କମ୍ପିଉଠେ ଘନଘନ ।
ନିତି ଜୀବନର ଜିବୀକା ଜଞ୍ଜାଳ, ଅସହ୍ୟ ଯନ୍ତ୍ରଣା ଆଣେ
ରକ୍ତମାଂସ ପ୍ରାଣ କେତେବା ସହିବ, ହୃଦତନ୍ତ୍ରେ ପ୍ରତିକ୍ଷଣେ ।
ଅସହଯୋଗ ଅହିଂସା ବିପ୍ଳବେ, ଗରବ ଗୌରବ ମାଟି
ଅସମାନତାର ବିଷେ ଜର୍ଜରିତ, ସତୁରି ବର୍ଷର ଭେଟି ।
ଲୁଣ୍ଠନ ପୀଡନ ଗୁଟୁ ଗୁଲବାଜୀ, ଛଳଛଦ୍ମ ବିଶ୍ୱାସ ରେ
କଳାଧଳା ଧନେ ଲୁଟେର୍ ସାଜିଛି, ସାଧୁସନ୍ଥ ସରଳରେ ?
ଧରିବାକୁ ହେବ ଭିନ୍ନଏକ ଅସ୍ତ୍ର , ଆଣିବାକୁହେବ କ୍ରାନ୍ତି ।
ସ୍ଥାପିବାକୁ ହେବ ନବ ଉନ୍ମାଦ ତ୍ୟାଗୀବାକୁ ହେବ ଭ୍ରାନ୍ତି ।
ଗ୍ଭଲିବାକୁ ହେବ ଅମଡା ବାଟରେ, ଡେଇଁବକୁ ହେବ ବାଡ଼
ଏଥେଁ ଆସି ଏଠି ଅଥୟ ହୋଇଲେ, ଆପେ ଭ୍ଙ୍ଗେସିନା ହାଡ଼ ।
ସଚେତନତାର ଆନ୍ଦୋଳନ ଅସ୍ତ୍ରେ, ଶାନ୍ତି ସାଧନ ଧାରେ
ନୈତିକତାର ମିଶାଇଲ୍ଲେପେ, ଯୁଦ୍ଧ ଆହ୍ୱାନ କରେ ।
ନବ ଚେତନାର ଦୀକ୍ଷା ବିତରଣେ, ଫେରିଯିବା ସାଥୀହୋଇ
ସମାନ ସତ୍ତାର ସତରଞ୍ଜି ପାରି, ଶେଯକୁ ସଜେ ସଜାଇ ।
ମୂଲ୍ୟବୋଧ ମୃତ୍ୟୁ ମାନନ୍ତିସେ ନାହିଁ,  ଅଜବ ଅଜଣାପରି
ସାଥୀହୋଇ ସେଥେଁ ଶଖାଇନଅହୋ ! କଏନୁହଁ ତୁମ୍ଭସରି ।
ତୁମ୍ଭସାଥି ପ୍ରୀତି ପ୍ରତି ମୁହୂର୍ତ୍ତର,  ମଧୁ ମହକତ ଗୀତି
ଶୁଣାଇଗ୍ଭଲିଛ ଜୟଗାଥା କେତେ,  କୋମଳ କୋଳର ଶାନ୍ତି ।
ଫୁଲସବାରୀକୁ ସଜାଇରଖିଛି,  ସାକ୍ଷୀରଖି ଦିଗପାଳେ
ମଶାଣି ମାଟିର ବିବାହ ବେଦୀରେ, ପିନ୍ଧାଇବି ମାଳା ଗଳେ ।
ଜୀବନର ଏକ ଅଂଶ ଯେଣୁ ତୁମେ, ସାଥୀହୋଇ ଫେରିଯିବା
ଶୁଭଲଗନରେ ଶେଷ ଗୀତଗାଇ, ଜୁଇଶେଯେ ଶୋଇଯିବା ।

ସମ୍ପାଦକ (ସାହିତ୍ୟ)
ଉପାନ୍ତ ସାହିତ୍ୟ ସେବା ସାଂସ୍କୃତିକ ସଂସଦ, ପାତ୍ରପୁର, ଗଞ୍ଜାମ
ଭ୍ରାମ୍ୟଭାଷ୍ୟ 8660194967 Dpradhan@gmail.com

# କସ୍ତୁରୀ ମୃଗ



ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ

ସୁଖ ଯାହା ପାଇବାକୁ
ଭ୍ରମରେ ଭ୍ରମିଲି
ସୁଖ ବଦଳରେ ଦୁଃଖ
ଯେତେକ ପାଇଲି,,
ତୋଳ ଦେଲି ସୁଖ ବୋଲି
ଯେତେକ ସମ୍ପଦ
ସେ ସମ୍ପଦ ଆଣିଦେଲା
ମନେ ମୋ ବିଷାଦ ,,
ଅନ୍ତର କଥାକୁ କେବେ
କର୍ଣ୍ଣେ ନ ଶୁଣିଲି........
ସୁଖ ଯାହା ପାଇବାକୁ ଭ୍ରମରେ ଭ୍ରମିଲି ।।
ନଭ ଦେଶେ ବିହଙ୍ଗ କୁ
ଦେଖି ଲୋଭ କରି
ତା'ର ଭଳ ଶାନ୍ତ ପାଇଁ
ହେଲି କେତେ ସରି,,
ଅନ୍ୟ ସୁଖ ମଧ୍ୟେ ମୁହିଁ
ନିଜ ସୁଖ ଖୋଜି
କସ୍ତୁରୀ ମୃଗ ପରାୟେ
ବନେ ଗଲି ହଜି,,

ଜୀବନକୁ ଚହ୍ଲୁ ଚହ୍ଲୁ
ନିଜକୁ ଭୁଲିଲି........
ସୁଖ ଯାହା ପାଇବାକୁ ଭ୍ରମରେ ଭ୍ରମିଲି ।।
ନିଜ ମଧ୍ୟେ ଥାଏ ସୁଖ
ନଥାଏ ପରରେ
ଗୁରୁ ଚରଣ ସେବି ମୁଁ
ବୁଝିଲି ଡେରିରେ,,
ନିଜ ଅନୁଭବେ ଅଛି
ଜଗତର ସୁଖ
ବୁଝି ଅବୁଝା ମୁଁ ହେଲି
ଅଟେ କେଡେ ମୂର୍ଖ,,
ଆଜି ପାଇଅଛି କଷ୍ଟେ
ସୁଖର ସନ୍ଧାନ
ସବୁ ମଧ୍ୟେ ବିଦ୍ୟମାନ
ସତ୍ୟ ସନାତନ,,
ଦିଅ ଦିବ୍ୟଜ୍ଞାନ ପ୍ରଭୁ
ଶରଣ ପଶିଲି .......
ସୁଖ ଯାହା ପାଇବାକୁ ଭ୍ରମରେ ଭ୍ରମିଲି ।।

ଚକାପଦା, ବେଗୁନିଆ, ଖୋର୍ଦ୍ଧା

# ନୂଆ ଈଶ୍ୱର



ଡ. ଜ୍ଞାନେଶ୍ୱର ମିଶ୍ର

ସବୁ ଜଣେ ଜଣେ ଈଶ୍ୱର ଏ ଯୁବପିଢ଼ିର
ଶଙ୍ଖ, ଚକ୍ର, ଗଦା, ପଦ୍ମ ପରିଚୟ ନାହିଁ ଦରକାର
ମୋବାଇଲ ହାତମୁଠାରେ, ପିଠିରେ ବ୍ୟାଗ ଲ୍ୟାପଟପର
ଟେବୁଲରେ ଦ୍ୱାରପାଳ ଥାଏ କଂପ୍ୟୁଟର
ଘରେ ବସି ମିଳଯାଏ ଟିକନଖି ଖବର ବିଶ୍ୱର
ଚନ୍ଦ୍ର, ସୂର୍ଯ୍ୟ, ତାରା, ଗ୍ରହ କଂପ୍ୟୁଟର ପରଦାରେ ଝୁଲେ
ଗଛରେ ଫୁଲଫୁଟେ, ଆକାଶରେ ପକ୍ଷୀ ଉଡେ ଏମାନେ ସୁଇଚ୍ ଟିପିଲେ
ଏମାନେ ବିଳବିଳେଇଲେ ହୋଇଯାଏ ବେଦ
ଅତି କଠିନ ଜାଣିବା ଏ ବ୍ରହ୍ମାଙ୍କର ଭେଦ
ଏମାନେ ବିଷ୍ଣୁ ପାଳନକର୍ତ୍ତା ଇଜ ଇଚ୍ଛାରେ କରନ୍ତୁ ଶାସନ
ରେସନ୍ ଗୃଉଳ ଓ ଅନଲାଇନ୍ ଖାଦ୍ୟରେ କରନ୍ତୁ ପାଳନ
ମଦ କମ୍ବା ଡ୍ରଗସ୍ ଖାଇ କେବେହେଲେ ମହେଶ୍ୱର
ବୋମାମାଡ, ବଂଧୁକରେ ଧ୍ୱଂସ ହୁଏ ନରଘର ଦ୍ୱାର
କର୍ଫ୍ୟୁ ଜାରି ହୋଇଗଲାଣି ସମଗ୍ର ସ୍ୱର୍ଗରେ
ତେତିଶି କୋଟି ଦେବତା ଲୁଚଲେଣି ଏମାନଙ୍କ ଭୟରେ
ଥ୍ରୀଷ୍ଟାର ମନ୍ଦିର, ଫାଇଭ୍ ଷ୍ଟାର ମସଜିଦ୍ ଅବା ଗୁରୁଦ୍ୱାର, ମସଜିଦ
ଏ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କର ଘର
ଆତଙ୍କିତ, ଭୟାର୍ତ୍ତ ନାଗରିକ ନତକର ଶିର
ସବୁ ଜଣେ ଜଣେ ଈଶ୍ୱର ଏ ଯୁବ ପିଢ଼ିର ॥

୪୯/୫, କାର୍ଲମାର୍କ୍ସ ସରଣୀ,
ଖିଦିରପୁର, କଲିକତା

# ପାରନଏଡ ପର୍ସନାଲିଟି

(ଏକ ମାନସିକ ରୋଗୀ ର କାହାଣୀ)



ଅଳକା ମହାନ୍ତି

ଜୀବନରେ ଅନେକ ଲୋକଙ୍କ ପାଇଁ ତନ, ମନ ଧନ ରେ ସେବା କରିଆସୁଥିବା ରାଗିଣୀ ଆଜି ଯେପରି ନିଜକୁ ବୃନ୍ତଚ୍ୟୁତ ମନେ କରୁଥିଲେ। ଯେପରି କିଏ ତାଙ୍କ ସ୍ୱାଭିମାନ କୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛନ୍ତି। ଯେପରି କିଏ ବାରମ୍ବାର ତାଙ୍କ ଠାରୁ ଅଗ୍ନି ପରୀକ୍ଷା ନେବାକୁ ଚାହୁଁଛନ୍ତି।

କିନ୍ତୁ କାହିଁକି ?? ସେ ଅଗ୍ନିପରୀକ୍ଷା ଦେବେ? କାହିଁକି ସେ ସମସ୍ତଙ୍କ ପ୍ରଶ୍ନ ର ଉତ୍ତର ଦେବାକୁ ବାଧ୍ୟ ହେବେ?? କାହିଁକି କୂପ ରେ ମଣ୍ଡୁକ ସାଜିଥିବା ଅସାମାଜିକ ଲୋକଙ୍କୁ କେବଳ ନିଜର ରକ୍ତ ସମ୍ପର୍କୀୟ ବୋଲି ଭାବି ତାଙ୍କୁ ସବୁ କଥା ର ହିସାବ ଦେବେ?? ସେ ତ କେବେ ହିସାବ ମାଗନ୍ତିନି। କେବେ ପ୍ରଶ୍ନ କରନ୍ତିନି। କାହା ଘରେ କିଏ ବାହାହେଲା, କିଏ ଡିଭୋର୍ସ କଲା, କାହାର ପିଲା ହେଲାନି, କାହାର କେତେ ବଡ଼ ଘର, କାହା ପୁଅ କାହା ସହ ଗପିଲା, କେତେ ଦରମା ପାଇଲା, କେତେବେଳେ କାହା ଝିଅ ଘରୁ ଯାଉଛି ଆସୁଛି, କିଏ ଛାତ ଉପରକୁ ଯାଇ ଫୋନ୍ ରେ ଗପୁଛି, କାହାର କେତେ ସୁନା, କେତେ ବଡ଼ ଗାଡ଼ି, କେତେ ଫୁଲ କୁଣ୍ଡ ଏମିତି ଅନେକ କିଛି। ଆମେ କଣ ସବୁ ସି ସି ଟିଭି ର କ୍ୟାମେରା!!! ସେ ସବୁ କୁ ତାପରେ ଜାଣିଲା ପରେ ଟେଲିକାଷ୍ଟ କରିବୁ?? ହ୍ୱାଟସ୍ ଆପ, ଫେସ୍ ବୁକ୍ ରେ ଏକାଉଣ୍ଟ୍ ଖୋଲି ସମସ୍ତଙ୍କ ଗତିବିଧି ଲକ୍ଷ୍ୟ କରିବା ଆଉ ଟେଲିଫୋନ ରେ ଚର୍ଚ୍ଚା କରିବା ଏସବୁ କି ପ୍ରକାର ମାନସିକତା ବୁଝି ହୁଏନି। କିଏ ଦେଇଥିବା ଉପହାର କୁ ଅନ୍ୟ କୁ ଦେଇଦେବା, ବା ଅନ୍ୟଠାରୁ ନେଇନେବା, ଏ ବି କି ପ୍ରକାର ମାନସିକତା। କାହା ଫୋନ୍ କଲ୍ କୁ ଲୁଚି ଲୁଚି ଶୁଣିବା, ବା ଫୋନ୍ ଆସିଲେ ଦୌଡ଼ି ଯାଇ ଦେଖିବା, ଏ ବି କିପ୍ରକାର ମାନସିକତା। ମନ ରେ ଘୃଣା ଭାବ ଆସିଯାଇଥିଲେ ବି ରାଗିଣୀ ଭାବୁ ଥିଲେ, ନା ଦେଖିବା ତାଙ୍କ ବନ୍ଧୁ ମେଡିକାଲ୍ କଲେଜ୍ ର ମନସ୍ତତ୍ତ୍ୱବିତ। ହୁଏ ତ କିଛି ଜାଣିବେ, ଏପରି ମାନସିକତା ଥିବା ବ୍ୟକ୍ତି ବିଶେଷ ଙ୍କ ମସ୍ତିଷ୍କ ଏପରି କାହିଁକି ହୁଏ । ଭାବନା ର ଅନ୍ତ ନାହିଁ।

ଥରେ ପ୍ରଶ୍ନ ମନରେ ଆସିଲେ ତାର କୁଆଁ କଲି ଅଙ୍କୁରିତ ହୋଇଯାଏ। ଅତୀତର ଅଭୁଲା ସ୍ମୃତି ଉଜ୍ଜୀବିତ ହୋଇ ଉଠେ। କଥିଲା ସେ ଦିନ କ ହୋଇଛି ଆଜ???

ପ୍ରଶ୍ନବାଚୀ ର ସ୍ରଷ୍ଟା କେହି ନୁହେଁ ତାଙ୍କ ଆତ୍ମୀୟା। ସେମାନଙ୍କ ଦୁର୍ଦ୍ଦିନ ରେ ରାଗିଣୀ, ନିଜେ ହେଉ ବା କାହା ଦ୍ୱାରା ହେଉ ଅନେକ ସାହାଯ୍ୟ ସହାନୁଭୂତି ଦେଇ ଆସିଛନ୍ତି। କେବେ ତାଙ୍କୁ ନଜର ନୁହେଁ ବୋଲି ଅନୁଭବ କରିବାର ମୌକା ଦେଇ ନାହାନ୍ତି। ଆଜି ପ୍ରଚଣ୍ଡ ଦୁଃଖ ଯନ୍ତ୍ରଣାର ଦିନକୁ ପରିସମାପ୍ତି କରି ସେମାନେ ଭୌତିକ ସୁଖ ର ଅଧିକାରୀ ହୋଇଛନ୍ତି। ହାଁ, ଏଇତ ଜୀବନ । ସୁଖ ଦୁଃଖ ର ଖେଳ। କନ୍ତୁ ଆମେ ପ୍ରକୃତ ସୁଖ କଣ କେବେ ବୁଝି ନଥାଉ, ତେଣୁ ମାୟା ମରୀଚକା ପଛରେ ଧାଇଁ ଥାଉ। ହେଲେ ଯେଉଁ ମଣିଷ ତାର ଅତୀତ କୁ ଭୁଲି ଗର୍ବ ଅହଙ୍କାର ର ଶିକାର ହୁଏ, ତା ପାଇଁ କଣ କହିବେ ରାଗିଣୀ!!

ମନେପଡେ ଆତ୍ମୀୟା ଙ୍କ ସ୍ୱାମୀ ଙ୍କ ଅକାଳ ବିୟୋଗ ରେ ମର୍ମାହତ ସାରା ପରିବାର ତାଙ୍କୁ ସମସ୍ତ ପ୍ରକାର ସହାୟତା କରି ତାଙ୍କୁ ସମାଜ ରେ ପ୍ରତିଷ୍ଠା କରାଇଲେ। ତାଙ୍କ ସନ୍ତାନ ସନ୍ତତି ଙ୍କୁ ସମସ୍ତ ସହାୟତା ଦେଇ ଯୋଗ୍ୟ ବନାଇଲେ। ନିଜ ସ୍ୱାମୀ ର ଅନୁପସ୍ଥିତିରେ ତାଙ୍କୁ ଯେତିକ ସାହାଯ୍ୟ ସହାନୁଭୂତି ମିଳଥିଲା, ତାର ସୁଯୋଗ ନେଇ କେତେ ପୁରୁଷଙ୍କ ସଂପର୍କ ରେ ଆସି ନଜର କାମ କ୍ଷୁଧା କୁ ଚରିତାର୍ଥ କରିଛନ୍ତି, କେବଳ ଈଶ୍ୱର ହିଁ ମୁକ ସାକ୍ଷୀ। ଏପରିକ ପୁରୁଷ ମାନେ ତାଙ୍କୁ ଦେଖି ବାଟକାଟିବାରେ ଲାଗିଲେ । ଘରେ ବୟୋଜ୍ୟେଷ୍ଠ ଲୋକ ତାଙ୍କୁ *ପ୍ରେମ ପାଗେଳ* ବୋଲି ଡାକଲେ। କଏ ହିଷ୍ଟରୀୟା ବୋଲି କହିଲେ। ରାଗିଣୀ ଙ୍କ ହୃଦୟ ଦୟା ରେ ଭରିଯାଇଥିଲା, ସେ ଅନେକ ପ୍ରକାରେ ତାଙ୍କ ସେବା, ସହାୟତା କରୁଥିଲେ । ଏପରିକ ତାଙ୍କୁ ନଯିବା ପାଇଁ ତାଙ୍କ ଘର ଲୋକ ଯିବା ଆସିବା ନ କରୁଥିବା ସତ୍ତ୍ୱେ ରାଗିଣୀ ତାଙ୍କୁ ମାନସିକ ସାହାଯ୍ୟ କରୁଥିଲେ। ଏହିତ ରାଗିଣୀ ଙ୍କ କମଜୋରୀ। ଅନ୍ୟ ର ଦୁଃଖ କୁ ନଜର ଦୁଃଖ ବୋଲି ଭାବି ନଥନ୍ତି।

ସନ୍ତର୍ପଣେ ସେ ଥରେ ଗ୍ଲଲିଗଲେ ନଜ ମନସ୍ତତ୍ୱବିତ୍ ବନ୍ଧୁ ସାଗରିକା ପାଖକୁ। କହିଲେ - "ଜାଣିଛୁ ସେ ଭଦ୍ର ମହିଳା ଦିନକୁ ଦିନ ଅତ୍ୟନ୍ତ ନେଗେଟିଭ ହୋଇ ଗ୍ଲଲିଛନ୍ତି। ତାଙ୍କ ଭିତରେ ଈର୍ଷା, ରାଗ, ହୀନମନ୍ୟତା, ପରଶ୍ରୀକାତରତା ତଥା ଅନ୍ୟ କୁ ସନ୍ଦେହ କରିବାର ଗୁଣ ସବୁ ବହୁଗୁଣ ରେ ବଢ଼ିଗଲାଣି। ସମସ୍ତ ଙ୍କ ପିଲା ଙ୍କୁ ଦେଖି ତାଙ୍କ ଡି ଏନ ଏ ଟେଷ୍ଟ

କରିବା ଭଳ ନଜର ରେ ଦେଖୁଛନ୍ତି। ତାଙ୍କ ନଜର ରେ ସମସ୍ତ ମାତା, ଝିଅ ହେଲେ ଚରିତ୍ରହୀନା, କଳଙ୍କିନ।

ସାଗରିକା ହସିଦେଇ କହିଲା, "ଏଇଟା ଏକ ମାନସିକ ରୋଗ। ଶରୀର ରେ ଯେପରି ରୋଗ ହୁଏ ସେପରି ମନ ମାନସ ରେ  ରୋଗ ହୁଏ। ତାକୁ ମନରୁ ବାହାର ତ କରା ଯାଇ ହୁଏନ। ସେ ଧାରଣା କୁ ପଜିଟିଭ  କରି ହୁଏ। ସେଥିପାଇଁ ଟିକେ କାଉନସେଲିଂ ଦରକାର ଆଉ କଛି ମେଡ଼ିସିନ୍। ଭଲ ହୋଇ ଯିବେ।ତାଙ୍କୁ ପାରାନଏଡ ପର୍ସନାଲିଟି କୁହାଯାଏ।

"Paranoid personality disorder (PPD) is one of a group of conditions called eccentric personality disorders. People with PPD suffer from paranoia, an unrelenting mistrust and suspicion of others, even when there is no reason to be suspicious.
Don't worry she will be ok ,I hope."

ଶତ ପୁରୁଷ ଙ୍କ ଅଙ୍କ ଶାୟିନୀ ହୋଇ, ଆଜି ସେ ରାଗିଣୀ କୁ ଅଙ୍ଗୁଳ ନର୍ଦ୍ଦେଶ କରୁଛନ୍ତି ଭାବି ଯେତିକ ରାଗିଥିଲା, ସେ ହଠାତ୍ ଥଣ୍ଡା ହୋଇ ଗଲା। ପୁଣି ଭାବିଲା, ଅନେକ ଝଡ଼ ଝଞ୍ଜାରେ ରହି ଆଉ ପତି କୁ ହରାଇ ଏପରି ସନ୍ଦେହୀ ହୋଇ ଯାଇଛନ୍ତି। କଣ ଆଉ କରାଯିବ। ଈଶ୍ୱର ହିଁ ତାଙ୍କୁ କ୍ଷମା କରି ଦିଅନ୍ତୁ।

ନଭି ମୁମ୍ବାଇ, ମହାରାଷ୍ଟ୍ର
ମୋ: ୭୩୦୩୨୬୪୩୭୭

# ଆମେ ଗୋଟିଏ ନାଆର ନାଉରୀ

ବିନୋଦିନୀ ଦାଶ

ଯେତେ ଜନ୍ମଛନ୍ତୁ ଆମେ ଏ ଧରାରେ
ଗୋଟିଏ ନାଆର ନାଉରୀ,
ସଭିଙ୍କ ଚାଳକ ଏକା ଲୀଳାମୟ
ମୁଁ ଭାବେ ମିଛେ ହେଉ ଘାରି,
ରେ ମନ,
ନାବ ସଳଖରେ ଦେ' ଧ୍ୟାନ ।

ଏ କୂଳରୁ ପାରି ଆର କୂଳେ ଯାଇ
ଯେପରି ସୁଫଳ ଲଭିବା,
ପଥ ଅଙ୍କାବଙ୍କା ହେଲେ ବି ଜୀବନେ
ସମ୍ମାର୍ଗ ଖୋଜି ଅଗେଇବା,
ରେ ମନ,
ନଶ୍ଚୟ ଅରଜିବା ପୂଣ୍ୟ ।

ଅହଂକାର ଭରି ହୃଦେ କ୍ରୋଧ ଧରି
ଯଦି ଅଗେଇବା ସେ ପଥ,
ଅକାରଣ ହେବ ଜୀବନେ ସେ ଯାତ୍ରା
ଗଣୁଥିବା ଯେ ପରମାଦ,
ରେ ମନ,
ତାହା ନୁହେଁ ଶୁଭରେ ଗଣ୍ୟ ।

ସଭିଙ୍କ ଜୀବନ ଅଟଇ ସମାନ
ଏକଥାକୁ ମନରେ ଭଜ,
ସହୃଦୟତାରେ ଆପଣାପଣରେ
ପରସ୍ପରରେ କୋଳାକୋଳ,
ରେ ମନ,
ହୋଇବା ମାନବରେ ଗଣ୍ୟ ।

କାହିଁକି ରଖିବା ବିଭେଦ ବିଗ୍ରହ
କଏ କ କା'ଠାରୁ ଅଲଗା !
ସଭିଙ୍କର ଦେହ ରକ୍ତ ମାଂସେ ଗଢ଼ା
ସର୍ବେ ମିଶି ହେବା ସୁଭଗା,
ରେ ମନ,
ସରବ ଜୀବ ହେବ ଧନ୍ୟ ।

କୁରୁଆଁ, ମୁଗପାଳ, ଯାଜପୁର

# କହିଲେ କହିବ କହୁଛି



ଡ. ପ୍ରସନ୍ନ କୁମାର ବଳ

ପିଲାଦିନ କଥା ମନେ ପଡିଗଲେ କେତେ କଥା ମନେ ଆସେ,
କଥା ନ ମାନଲେ ପିତାମାତାଙ୍କର ବେତ ମାଡ କେତେ ବସେ ।୧।
ପିତା ମାତାଙ୍କର ଆଶା ରହିଥାଏ ସନ୍ତାନ ମାର୍ଜିତ ହେବେ,
ପିଲାଳିଆ ଢଙ୍ଗ ସହଜେ କ ଯାଏ କେତେ ଯେ ଦୁଷ୍ଟାମୀ କରେ ।୨।
ପିଲାମାନେ ଯେବେ ବଡ ତ ହୁଅନ୍ତୁ ମାର୍ଜିତ ହେବାର କଥା,
ହେଲେ ଏ ଦୂଷିତ ବାତାବରଣରେ ଆଶା ହିଁ କରିବା ବୃଥା ।୩।
ପିତାମାତାଙ୍କର କର୍ତ୍ତବ୍ୟ ତ ଇଏ ସୁଧାରିବେ ସେ ପିଲାଙ୍କୁ,
କହିବାକୁ ତଥା ତାଗିଦ୍ ର ପ୍ରଥା ଆପଣାନ୍ତୁ ସେ ମନକୁ ।୪।
ହେଲେ ଏହା ସବୁ ଏ ଯୁଗର ପିଲାମାନଙ୍କୁ ତ ଦିଏ ବ୍ୟଥା,
କହିଲେ କହିବେ ଅହୁଛି ବୋଲିକ କରି କଥାକୁ ଅନ୍ୟଥା ।୫।
ପିଲାମାନେ ଯେବେ ବଡ ହୁଅନ୍ତୁ କରନ୍ତୁ ନଜ ସଂସାର,
ସ୍ୱାମୀ ସ୍ତ୍ରୀ ମଧ୍ୟେ କେତେ କେତେ ବେଳେ ମନ ମନାନ୍ତର ପ୍ରାୟ ।୬।
ସ୍ୱାମୀ ତ କୁହନ୍ତୁ ସ୍ତ୍ରୀକୁ ଶୁଣାଇ, ସ୍ତ୍ରୀ ଶୁଣାନ୍ତୁ ସ୍ୱାମୀକୁ,
କହିଲେ କହିବେ କହୁଛି ବୋଲିକ ବାରମ୍ବାର ଉଭୟଙ୍କୁ ।୭।
ସ୍ୱାମୀ, ସ୍ତ୍ରୀ ଦ୍ୱୟ ଯାଆନ୍ତୁ ତ ପୁଣି ନଜର କର୍ମସ୍ଥଳକୁ,
ନଜ କର୍ମ ସାରି ଘରକୁ ତ ପୁଣି ଫେରନ୍ତୁ ସନ୍ଧ୍ୟା ବେଳକୁ ।୮।
ଉଭୟ ତ ପୁଣି କର୍ମ କ୍ଷେତ୍ରରୁ ତ ଫେରନ୍ତୁ ହାଲିଆ ହୋଇ,
ପରସ୍ପର ପରସ୍ପରର ଦୁଃଖକୁ ନ ବୁଝି ପାରଇ କେହି ।୯।

ଶେଷରେ ତ ପୁଣି ଝଗଡାଟି ହୁଏ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ,
କହିଲେ କହିବେ କହୁଛି ବୋଲିକ ବିନା କାରଣରେ ଇଏ ।୧୦।
କର୍ମ କ୍ଷେତ୍ରରେ ତ ଯେବେ ବି କରିଲେ ମିଳେ ତ ନାହିଁ ପ୍ରଶଂସା,
ଆହୁରି କରିବା ପାଇଁ ତ ତାଗିଦ୍ ମିଳଇ ଥାଏ ସର୍ବଦା ।୧୧।
ଉପର ହାକମ ହୁଅନ୍ତୁ ବିରକ୍ତ ପ୍ରତିଟି କଥାରେ ପ୍ରାୟ,
ଉତ୍ତର ଦେବାର କ୍ଷମତା ନଥାଏ ଅଧସ୍ତନ କର୍ମୀ ହାୟ ।୧୨।
ବହୁତ ସାହସ ଜମାଇ ଯେବେ ତ ଦିଏ କଛିର ଉତ୍ତର,
କହିଲେ କହିବେ କହୁଛି ବୋଲି କ କାହା ସାହାସରେ କୁହ ।୧୩।
ଯେତେ ଭଲ କଥା କୁହନା କାହାକୁ କେହି ଶୁଣେ ନାହିଁ ତାକୁ,
କହିଲେ କହିବ କହୁଛି ବୋଲିକ କଛି କାମ ନାହିଁ ଯାକୁ ।୧୪।

ଶ୍ରୀ ସତ୍ୟସାଇ ଏନକ୍ଲେଭ,
ଖଣ୍ଡଗିରି, ଭୁବନେଶ୍ୱର

# ପ୍ରେମ ଅଶ୍ରୁ



ଅମ୍ବିକା ସ୍ୱାଇଁ

ପ୍ରେମର ବୁନ୍ଦା ବୁନ୍ଦା ଅଶ୍ରୁ ଢାଳ
ଖୋଜୁଛି ମୁଁ ପ୍ରୀତିର ପସରା
ଦିବସ ରଜନୀ ସାଥେ
ଅନ୍ତ ହିନ ପ୍ରେମ ମୋର
କବା ଅଛି ତାହାର ଠିକଣା....
ମରୁ ମରୀଚିକା ସାଥେ
ଖରା ଛାଇ ଲୁଚ କାଳ ଖେଳ ....
ଧରି କ ପାରୁଛି ମୁହିଁ
ସୀମା ହୀନ ସାଗର ର
ଅଥଳ ଗର୍ଭ ରେ ଡୁବି ଥିବା
ଶାମୁକା ରେ ମୋତି ର ସନ୍ଧାନ...!!

ତଥାପି ଆଶାର ପ୍ରଦୀପ ଟିଏ ଜାଳ
ମନ ହୃଦୟ କୁ କରି ସମର୍ପିତ
ଚାତକ ସଦୃଶ  ବସି ଅଛି ଚାହିଁ
କେତେବେଳେ ତୁମ କାନେ ବାଜିବ
ମୋ ହୃଦୟ ର ରୁଣୁ ଝୁଣୁ  ଶବଦ
ପାରିବ ଜାଣି ମୋ ମନର
ଅନାବିଳ  ଆତ୍ମାର ଆବେଗ
ଡେରି ନ କରି ଆସିବ ଧାଇଁ
ପ୍ରେମର ବାରି ରେ ଭିଜାଇ ତୁମକୁ
ଆନନ୍ଦ ଅଶ୍ରୁରେ...ଭିଜିବି ମୁହିଁ ।

ତୁମ ଚକ୍ଷୁ  ରେ ମୋ ଚକ୍ଷୁ ମିଶି ବ
ପାଇବି ତୁମର କୃପା ସାନ୍ନିଧ....

ହେଲେ ଆଜି ଯାଏ
ବୁଝିଲନ  ମୋର ମନ
ମୋ ଶବ୍ଦ ହିନ ଭାବନା ର
ବ୍ୟାକୁଳତା ପଣ.....
ଯୋଜନ ଯୋଜନ ଦୂରତ୍ୱ ର
ଆକାଶରେ ସତେ କ ଦେଖୁଚ ମୁଁ ପୁନେଇ ଜହ୍ନ
ହାତ ବଢାଇଲେ ପାଉ ନାହିଁ....
କନ୍ତୁ ପାଇବାର ଆଶାରେ ବସିଛି ମୁଁ
ତୁମର ଆସିବା ପଥକୁ ଗୁହିଁ....!!

ଶ୍ୟାମପୁର, ଭୁବନେଶ୍ୱର, ଓଡ଼ିଶା

# ଏକବିଂଶ ଶତାବ୍ଦୀର କବିତା: ପୃଷ୍ଠଭୂମି ଓ ପ୍ରତିକ୍ରିୟା

ତାପସ କୁମାର ଜେନା

ଈଶ୍ୱରଙ୍କ ସର୍ଜନ ପ୍ରକ୍ରିୟା ହିଁ ବ୍ରହ୍ମାଣ୍ଡର ପ୍ରଥମ କାବ୍ୟକ୍ରିୟା । କୁହାଯାଏ ମଣିଷ କଥା କହିବା ପରଠାରୁ କବିତାର ଜନ୍ମ । ସମଗ୍ର ବିଶ୍ୱ ସାହିତ୍ୟକୁ ଅନୁଶୀଳନ କଲେ ଜଣାଯାଏ କବିତା ହିଁ ସାହିତ୍ୟର ଆଦ୍ୟ ଓଁକାର । ପ୍ରାଥମିକ ପର୍ଯ୍ୟାୟରେ ମଣିଷ-ପ୍ରକୃତି ର ଭାବମୟ ଆବେଗରୁ ସ୍ୱତଃସ୍ଫୂର୍ତ୍ତ ଭାବେ ହୃଦୟରୁ କବିତା ଜନ୍ମଲାଭ କରିଥିଲା । ପରବର୍ତ୍ତୀ ସମୟରେ ମଣିଷର ଚିନ୍ତାଚେତନା ଭାବମୟ ଆବେଗ ଆଦିରେ ଯଥେଷ୍ଟ ପରିବର୍ତ୍ତନ ଦେଖାଦେଲା । ମଣିଷର ମାନସିକତା ବଦଳିବାକୁ ଲାଗିଲା । ନୂଆ ନୂଆ ପଦାର୍ଥ ଆବିଷ୍କାର କଲା । ଫଳରେ ପ୍ରକୃତି ଠାରୁ ଦୂରେଇ ଯନ୍ତ୍ର ସହିତ ମଣିଷ ବସବାସ କରିବାକୁ ଲାଗିଲା । ପ୍ରାଥମିକ ପର୍ଯ୍ୟାୟରେ ଯେଉଁ କବିତା ପ୍ରକୃତି କୋଳରୁ ଜନ୍ମ ନେଇଥିଲା ତାହା ପରବର୍ତ୍ତୀ ସମୟରେ ଯନ୍ତ୍ର ସଭ୍ୟତାର ରୂପ ପରିଗ୍ରହଣ କଲା । ଏକବିଂଶ ଶତକର କବିତା ଏହି ଯନ୍ତ୍ର ସଂସ୍କୃତିର ନିର୍ଯ୍ୟାସ ।

ଓଡିଆ ସାହିତ୍ୟର ଇତିହାସକୁ ଲକ୍ଷ କଲେ ଜଣାଯାଏ "ଚର୍ଯ୍ୟାସାହିତ୍ୟ" ହେଉଛି ଓଡିଆ ଭାଷାର ପ୍ରଥମ କାବ୍ୟ ସୃଜନ । ୯ମ-୧୦ମ ଶତାବ୍ଦୀରେ ବୌଦ୍ଧ ସିଦ୍ଧାଚାର୍ଯ୍ୟମାନେ କାୟା ସାଧନାକୁ ଦୋହା ମାଧ୍ୟମରେ ପ୍ରକାଶ କରିଥିଲେ । ପରବର୍ତ୍ତୀ ସମୟରେ ସାରଳା ଦାସଙ୍କ ଦ୍ୱାରା ରଚନା ହେଲା "ମହାଭାରତ" । ଓଡିଆ ଜାତିର ଜାତୀୟତାକୁ ବହନ କରି ପଞ୍ଚଦଶ ଶତାବ୍ଦୀରେ "ମହାଭାରତ" ରଚନା କରିବା ସହିତ "ବିଲଙ୍କା ରାମାୟଣ", "ଚଣ୍ଡୀ ପୁରାଣ" ରଚନା କରି ଓଡିଆ ସାହିତ୍ୟର ଏକ ସୁଦୀର୍ଘ ମୂଳଦୁଆ ସ୍ଥାପନ କଲେ । ଓଡିଆ ସାହିତ୍ୟ

ତାର ପ୍ରାଥମିକ ପର୍ଯ୍ୟାୟରେ ଆଧ୍ୟାତ୍ମିକତା ଓ ପୌରାଣିକ ପୃଷ୍ଠଭୂମିକୁ ନେଇ ସୃଷ୍ଟି ହୋଇଥିଲା ଏହି ଭାବଧାରା ବା ପୃଷ୍ଠଭୂମି ଉପରେ ପରବର୍ତ୍ତୀ ପଞ୍ଚସଖା ସାହିତ୍ୟ ଗତିଶୀଳ ହେଲା । ଭକ୍ତ ଭାବନା, ଶୂନ୍ୟ ସାଧନା, ଈଶ୍ୱର ପ୍ରାପ୍ତି ବା ମୁକ୍ତ ମାର୍ଗର ଏହା ହେଲା ପ୍ରତିବନ୍ଧ ପ୍ରଗ୍ଧରକ । ଧିରେ ଧିରେ ଭାଷାର ମାଧୁର୍ଯ୍ୟ ଆସିବା ସହିତ ସାହିତ୍ୟର ଭାବଭୂମି ପରିବର୍ତ୍ତିତ ହେବାକୁ ଲାଗିଲା । ଏହାଦ୍ୱାରା ରୀତି ସାହିତ୍ୟରେ କବିମାନେ ଆଧ୍ୟାତ୍ମିକତାକୁ ଛାଡି ପ୍ରେମ ପ୍ରଣୟକୁ ନେଇ ସାହିତ୍ୟ ରଚନା କରିବାକ୍କୁ ଆରମ୍ଭ କଲେ । ଅର୍ଜୁନ ଦାସ "ରାମବିଭା" ଓ "କଳ୍ପଲତା" ରଚନା କରି ଯେଉଁ ପ୍ରେମ ଶୃଙ୍ଗାରକୁ କାବ୍ୟ କବିତାରେ ଦେଖାଇଲେ, ତାହା ଉପେନ୍ଦ୍ର ଭଞ୍ଜ, ଦୀନକୃଷ୍ଣ ଦାସ, ଅଭିମନ୍ୟୁ ସାମନ୍ତସିଂହାରଙ୍କ ରଚନାରେ ବଳଷ୍ଠ ହେବାକୁ ଲାଗିଲା । ଅତଏବ ପଞ୍ଚଦଶ ଶତାବ୍ଦୀ ଠାରୁ ଊନବିଂଶ ଶତାବ୍ଦୀର ଶେଷ ପର୍ଯ୍ୟନ୍ତ ପୌରାଣିକ, ଆଧ୍ୟାତ୍ମିକ ଓ ଶୃଙ୍ଗାରକୁ ନେଇ ସାହିତ୍ୟ ରଚନା ହୋଇଥିଲା । ଯେଉଁଥିରେ ସାଧାରଣ ବର୍ଗର ଲୋକ ଓ ସମାଜ ଚେତନା ଗୌଣ ଥିଲା । ୧୮୮୦ ମସିହା ପରବର୍ତ୍ତୀ ସମୟରେ ପାଶ୍ଚାତ ସାହିତ୍ୟର ପ୍ରଭାବରେ ଓଡିଆ ସାହିତ୍ୟରେ ଯେଉଁ ପରିବର୍ତ୍ତନ ଆସିଲା, ତାହା ରାଧାନାଥ ରାୟଙ୍କ ନବ୍ୟକାବ୍ୟ ସୃଜନ, ଫକୀର ମୋହନଙ୍କ ମାନବବାଦୀ ଦୃଷ୍ଟି, ମଧୁସୂଦନ ରାଓ ଙ୍କ ବ୍ରହ୍ମବାଦୀତା ଦ୍ୱାରା ଓଡିଆ କବିତାରେ ଆଧୁନକତା ସୃଷ୍ଟି କଲା । ଫଳରେ ସାହିତ୍ୟର ଧାରା ପରିବର୍ତ୍ତନ ହେବାକୁ ଲାଗିଲା । ତତକାଳୀନ ସମାଜରେ ଇଂରାଜୀ ଭାଷାର ପ୍ରଭାବ ଓ ଇଂରେଜମାନଙ୍କ ଠାରୁ ମୁକ୍ତ କାମନା କରି ସତ୍ୟବାଦୀ ଚେତନା ଓଡିଆ ସାହିତ୍ୟରେ ପ୍ରଭାବ ବିସ୍ତାର କରିବାକୁ ଆରମ୍ଭ କଲା । ମାତ୍ର କଛି ବର୍ଷ ପରେ ନୂତନ ଯୁବଗୋଷ୍ଠୀ ରବୀନ୍ଦ୍ରନାଥଙ୍କ ଅନୁଗାମୀ ହୋଇ ସବୁଜ ସାହିତ୍ୟ ରଚନା କଲେ । ଯାହାକ ଖୁବ୍ କମ ସମୟରେ ତାହା ଓଡିଆ ସାହିତ୍ୟରୁ ବିଦାୟ ନେବାକୁ ଲାଗିଲା । ଭାରତ ତଥା ଓଡିଶା ଇଂରେଜ ସରକାରଙ୍କ ଠାରୁ ସ୍ୱାଧୀନତା ପାଉଁଥିବାରୁ ଓଡିଆ ସାହିତ୍ୟରେ ଏକ ବିପ୍ଳବର ଆବଶ୍ୟକତା ଥିଲା । ଏହି ବିପ୍ଳବକୁ ଭଗବତୀ ଚରଣ ପାଣିଗ୍ରାହୀ ପ୍ରଗତୀବାଦୀ ଚେତନାରେ ସ୍ଥାନ ଦେଲେ । ଖଟିଖିଆ ମୂଲିଆ ମାନଙ୍କ ଆବଶ୍ୟକତାକୁ ପୂରଣ କରିବା ପାଇଁ ପ୍ରଗତୀବାଦୀ ଚେତନା ଓଡିଆ ସାହିତ୍ୟରେ ଏକ ଅଭିନବ ଉପାୟ ଭାବରେ ଆତ୍ମପ୍ରକାସ କଲା । ଅତଏବ ଓଡିଆ ସାହିତ୍ୟର ଆଦ୍ୟଭୂମି ଚର୍ଯ୍ୟାପଦ ଠାରୁ ୧୯୪୭

ମସିହା ପର୍ଯ୍ୟନ୍ତ ଭିନ୍ନ ଭିନ୍ନ ଦୃଷ୍ଟିଭଙ୍ଗୀକୁ ନେଇ ସାହିତ୍ୟ ରଚନା ହୋଇଥିଲେ ମଧ୍ୟ ମୋଟାମୋଟି ଭାବରେ ଗଣ ସଭ୍ୟତା ଗଣ ସଂସ୍କୃତିକୁ ସ୍ଥାନ ଦିଆଯାଇଥିଲା ।

୧୯୪୭ ମସିହା ପରେ ଗଣ ସଭ୍ୟତା ଜଣ ସଭ୍ୟତାର ସାହିତ୍ୟରେ ରୂପ ପାଇଲା । ବ୍ୟକ୍ତିଗତ ଜୀବନଚର୍ଯ୍ୟା ଓଡିଆ ସାହିତ୍ୟର ଭାବଭୂମି ରୂପରେ ସ୍ଥାନିତ ହେଲା । ଯନ୍ତ୍ରର ବହୁଳ ପ୍ରୟୋଗ ଫଳରେ ମାନବିକତା ଉଦାରତା ମଣିଷଠାରୁ ଦୂରେଇଗଲା । ଫଳରେ ନିସଙ୍ଗତା, ପାପବୋଧତା, ଯୌନକାମନା ଆଦି ସାହିତ୍ୟରେ ସ୍ଥାନପାଇଲା । ମାତ୍ର ୧୯୮୦ ମସିହା ପରେ ମଣିଷ ପୁନଶ୍ଚ ସହରରୁ ଗ୍ରାମ ଅଭିମୁଖେ ଯାତ୍ରା ଆରମ୍ଭ କଲା । ବ୍ୟକ୍ତି ବଦଳରେ ବା ଜଣ ବଦଳରେ ଗଣଭାବରେ ରହିବାକୁ ପ୍ରଚେଷ୍ଟା କଲା । ୧୯୯୧ ମସିହାରେ ଜଗତୀକରଣ ଭାରତରେ ପ୍ରବେଶ କଲା ଏବଂ ସମଗ୍ର ବିଶ୍ୱକୁ ଗୋଟିଏ ଗାଁରେ ପରିଣତ କଲା । ଫଳରେ ଓଡିଆ ସମାଜ ଓ ସାହିତ୍ୟରେ ନୂତନ ପାଣିପାଗ ସୃଷ୍ଟିକଲା । ବର୍ତ୍ତମାନ ସମୟରେ କରୋନା ମହାମାରି ସମଗ୍ର ବିଶ୍ୱରେ ଯେଉଁ ସମାଜିକ ଚେତନାକୁ ପରିବ୍ୟାପ୍ତ କଲା ତାହା ନିଶ୍ଚିତ ରୂପେ ସାହିତ୍ୟରେ ନୂତନତା ସୃଷ୍ଟି କରିବ ଏବଂ ସାହିତ୍ୟର ଭାବଧାରାକୁ ପରିବର୍ତ୍ତନ କରିବ ଏଥିରେ ଦ୍ୱିମତ ନାହିଁ । ଅତଏବ ଏକବିଂଶ ଶତକର ସାହିତ୍ୟ ସହରରୁ ଗ୍ରାମାଭିମୁଖୀ ।

ଓଡିଆ ସାହିତ୍ୟକୁ ଅନ୍ୟ ଏକ ଭାବରେ ବିଶ୍ଳେଷଣ ବା ଆଲୋଚନା କଲେ ଜଣାଯାଏ ଯେ ଚର୍ଯ୍ୟା ସାହିତ୍ୟ ଠାରୁ ରୀତି ସାହିତ୍ୟ ପର୍ଯ୍ୟନ୍ତ ରସ, ରୀତି, ଗୁଣ, ଧ୍ୱନି, ଅଳଙ୍କାର ଆଦିରେ ସାହିତ୍ୟ ତାର ଆଙ୍ଗିକତାକୁ ପ୍ରକାଶ କରୁଥିଲା, କିନ୍ତୁ ୧୮୮୦ ମସିହା ପରେ ପାଶ୍ଚାତ୍ୟ ସାହିତ୍ୟର ପ୍ରଭାବ ଫଳରେ ଛନ୍ଦ, ଅଳଙ୍କାର ଆଦିର ପ୍ରୟୋଗ କମିବାକୁ ଲାଗିଲା ଏବଂ ଗଦ୍ୟଛନ୍ଦ ମୁକ୍ତ ଛନ୍ଦର ପ୍ରୟୋଗରେ  କାବ୍ୟ କବିତା ରଚନା ହେଲା । ଏହି କ୍ରମରେ ୧୯୪୩ ମସିହା ପରବର୍ତ୍ତୀ ସମୟରେ ଓଡିଆ ସାହିତ୍ୟରୁ ଛନ୍ଦ ଅଳଙ୍କାରର ପ୍ରୟୋଗ କମି ପ୍ରତୀକ, ଚିତ୍ରକଳ୍ପ, ମିଥ୍ ଆଦିର ବହୁଳ ପ୍ରୟୋଗ ଘଟିଲା । ବର୍ତ୍ତମାନ ଏକବିଂଶ ଶତକରେ କାବ୍ୟ କବିତା ମୁକ୍ତ ହୋଇ ରଚନା ହେବାକୁ ଲାଗିଲା । ଆବଶ୍ୟକ ସ୍ଥଳେ ଚିତ୍ରକଳ୍ପ, ମିଥ୍, ପ୍ରତୀକ ଆଦିର ବ୍ୟବହାର ମଧ୍ୟ ହେଲା । ମୋଟାମୋଟି ଭାବରେ କହିବାକୁ ଗଲେ ଏକବିଂଶ

ଶତାବ୍ଦୀର କାବ୍ୟ କବିତା ସରଳ ଭାଷା ସହିତ ପ୍ରତୀକ, ଚିତ୍ରକଳ୍ପ, ମିଥ୍ ଆଦିର ସମନ୍ୱୟରେ ବିଭିନ୍ନ ସାମାଜିକ, ରାଜନୈତିକ ଓ ସାଂସ୍କୃତିକ ଚେତନାକୁ ଚିତ୍ର ସ୍ୱରୂପରେ ସ୍ଥାନ ଦେଲା ।

କବିତା ଯେଉଁ ଶ୍ରେଣୀର ବା ଯେଉଁ କାଳର ହେଉ ତାର ପ୍ରଧାନ ଆଭିମୁଖ୍ୟ ହେଲା ମଣିଷର କଥା କହିବା ଏବଂ ସମାଜରେ ମଣିଷକୁ ଆବିଷ୍କାର କରିବା । ସାହିତ୍ୟ ସଂସାରରେ କବିତା ହିଁ ଏହି ଗୌରବର ଅଧିକାରୀ । ମଣିଷକୁ ଏତେ ଆପଣାରେ କରି ସାହିତ୍ୟ ସଂସାରରେ ପର୍ଯ୍ୟାଲୋଚନା କରିବାର ଅବକାଶ କେବଳ କବିତାର । ମଣିଷ ଜୀବନର ପ୍ରତ୍ୟେକ ପାଠକ ପାଖରେ ପହଞ୍ଚାଇଦେଲା କବିତା । ଆଧୁନକ ମଣିଷ ନିଜ ଜୀବନ ସଂପର୍କରେ କୌତୁହଳ ପ୍ରକାଶ କରି ସେ ଯେଉଁ ଜିଜ୍ଞାସାର ଅବତାରଣା କଲା, ତାହାରି ମଧ୍ୟରେ ରୂପ ପରିଗ୍ରହଣ କଲା ଏକବିଂଶ ଶତାବ୍ଦୀର କବିତା ।

ଜଗତୀକରଣ ପରବର୍ତ୍ତୀ କାଳରେ ରାଜା ରାଜୁଡା ଜମିଦାରମାନଙ୍କ ଅତ୍ୟାଚାର, ନିର୍ଯ୍ୟାତନା, ଓ ନାରି ଉପଭୋଗରୁ ପ୍ରତ୍ୟକ୍ଷ ଭାବରେ ସମାଜ ମୁକ୍ତ ହୋଇଥିଲେ ମଧ୍ୟ ପରୋକ୍ଷ ଭାବରେ ପୁଞ୍ଜିପତିମାନଙ୍କ ଅତ୍ୟାଚାର ଓ ଦୌରାତ୍ମ୍ୟରୁ ଖଟିଖିଆ, ଶ୍ରମିକ, ମୂଲିଆ ରକ୍ଷା ପାଇପାରି ନାହାନ୍ତି । ଶ୍ରମିକ ଧର୍ମଘଟ ଜନିତ ତାଲାବନ୍ଦ ଏବଂ ବର୍ବରୋଚିତ ଆକ୍ରମଣ କୃଷକ, ଖଟିଖିଆ, ମୂଲିଆମାନଙ୍କ ଅର୍ଥନୈତିକ ମାନଦଣ୍ଡକୁ ଦୁର୍ବଳ କରିଦେଇଛି । ଏଥିସହିତ ଦେହଭୋଗର ଲାଳସା ଚରିତାର୍ଥ କରିବା ପାଇଁ ସାମାଜିକ ବ୍ୟକ୍ତିମାନଙ୍କ ସହ ଶାରୀରିକ ସମ୍ପର୍କ ସାମାଜିକ ଜୀବନକୁ ବହୁ ଭାବରେ ବିଭ୍ରାନ୍ତ କରିବା ସହିତସମାଜରେ ସର୍ବଦା ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିଛି । ପ୍ରତିଦିନ ଖବରକାଗଜ ପୃଷ୍ଠ ଓ ଗଣମାଧ୍ୟମରେ ଯେଉଁ ସବୁ ସମ୍ବାଦ ପରିବେଷିତ ହେଉଛି, ତାହା କୃଷି ସମସ୍ୟା, କୃଷକର ଆତ୍ମହତ୍ୟା, ନାରୀ ଧର୍ଷଣ, ଗୁଣ୍ଡାରାଜ, ବିକୃତି ଯୌନକାମନା ଉପରେ ମୁଖ୍ୟତଃ ଆଧାରିତ । ଫଳରେ ଆଜି ସାଧାରଣ ଜନଜୀବନ ବିପର୍ଯ୍ୟସ୍ତ । ତେଣୁ ଶୋଷଣମୁକ୍ତ ସମାଜ ଗଠନର ଆହ୍ୱାନ, ସମାଜବାଦ ତଥା ସାମ୍ୟବାଦ ରାଷ୍ଟ୍ରର ପରିକଳ୍ପନା ଇତ୍ୟାଦି ଆଜି ଭୁଷୁଡି ପଡିଛି । ବିଜ୍ଞାନର ବିକାଶ ନାମରେ ଯୁଦ୍ଧର ବିଭୀଷିକା ଆଜି ସମଗ୍ର ବିଶ୍ୱକୁ ବିକ୍ଷୁବ୍ଧ କରୁଛି । ବାସଗୃହ ଠାରୁ

ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ ସବୁ କ୍ଷେତ୍ରରେ ଆଜି ବିଶୃଙ୍ଖଳା । ଗୋଟିଏ କୃତିମ ଆଭିଜାତ ଗୋଷ୍ଠୀ ସୃଷ୍ଟି ହୋଇ ସମସ୍ତ ପ୍ରକାର ଅପସଂସ୍କୃତି ଆଜି ସମାଜକୁ ସ୍ୱାଗତ କରୁଛି । ଦିନକୁ ଦିନ ସମାଜ ଉନ୍ନତି ନାମରେ କଲେଙ୍କାରିର ପୋଷାକ ପିନ୍ଧୁଛି । ଫଳରେ ଗରିବ ହେଉଛି ଗରିବ, ଧନୀ ଧନୀ ହେବାରେ ଲାଗିଛି । ଅର୍ଥନୈତିକ ବୈଷମ୍ୟ, ଜାତିଆଣ ଭାବ ଏବଂ ସାଂପ୍ରଦାୟିକତା ଆଜି ସାମାଜିକ ମେରୁଦଣ୍ଡକୁ ଦୁର୍ବଳ କରି ତୋଳୁଛି । ଯନ୍ତ୍ର ସଭ୍ୟତାର ପ୍ରଭାବ ଫଳରେ କଳା ସାହିତ୍ୟ ସ୍ଥାପତ୍ୟ ପ୍ରତି ସାଧାରଣ ଜନତାର ଆଗ୍ରହ କମିବାରେ ଲାଗିଛି । ମଣିଷ ଗ୍ରକରି ସର୍ବସ୍ୱ ହୋଇ ଉଠିବାରୁ ତାର ରୀତିନୀତିରେ ପ୍ରବଳ ପରିବର୍ତ୍ତନ ଘଟି ତାହାକୁ ଆତ୍ମକୈନ୍ଦ୍ରିକ ତଥା ଭୋଗବାଦୀ କରୁଛି । ପଲ୍ଲୀ ସଭ୍ୟତା, ଗ୍ରାମ୍ୟ ସଭ୍ୟତାର ନିଛକ ଜୀବନଚର୍ଯ୍ୟା ଅପେକ୍ଷା ସହରର ଯାନ୍ତ୍ରିକ ଧୂଆଁରେ ମଣିଷ ବଞ୍ଚିବାକୁ ଅଧିକ ପସନ୍ଦ କରୁଛି । ଫଳରେ ଗାଁର ସବୁଜତା କମିକମି ଯାଉଛି । ଯାନ୍ତ୍ରିକ ସଭ୍ୟତାର ଅଭ୍ୟୁଦୟରେ ପୁଞ୍ଜିପତି ତଥା ବୁର୍ଜୁୟା ଗୋଷ୍ଠୀ ସୃଷ୍ଟି ହୋଇ ପାରମ୍ପରିକ ଅଭିରୁଚି ପ୍ରତି କଟାକ୍ଷପାତ କରୁଛନ୍ତି । ଜଗତୀକରଣ ନାମରେ ବିଜ୍ଞାନ ମଣିଷକୁ ଶିଳ୍ପ, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ଯେତେ ବିକାଶଶୀଳ କରୁଛି ମଣିଷ ସାଂସ୍କୃତିକ ପରମ୍ପରା ଠାରୁ ସେତେ ଦୂରେଇ ଯାଉଛି । ବୌଦ୍ଧିକତା ଆତ୍ମୀୟତା କମିବା ଫଳରେ ସେ ଅଧିକ ସ୍ୱାର୍ଥପର ହୋଇଉଠୁଛି । ସାମୂହିକ ଉନତି ଅପେକ୍ଷା ନିଜର ସ୍ଥିତି ପ୍ରତି ସଚେତନ ହେବା ସହ ଅହଂ ଭାବକୁ ନିଜ ଭିତରେ ବୃଦ୍ଧି କରୁଛି । ମଣିଷର ମଣିଷତ୍ୱ ଲୋପ ହେବାରେ ଲାଗିଛି । ପରିବାର, ସମାଜ ତା ନିକଟରେ ଗୌଣ ହୋଇଯାଉଛି । ଫଳରେ ମନୁଷ୍ୟ ଏକ ଅସହାୟ ପିଣ୍ଡ ଭିତରେ ବଞ୍ଚି ରହି ମୃତ୍ୟୁକୁ ଅପେକ୍ଷା କରିଛି । ଏଭଳି ଏକ ଦ୍ୱିଧାଗ୍ରସ୍ତ ପରିବେଶ ଜଣେ କବିର ମାନସିକ ଚେତନା ରାଜ୍ୟକୁ ଦହନ କରିଛି । ନୂତନ ଜୀବନ ପ୍ରତି ଆଗ୍ରହ ପ୍ରକାଶ କରିବା, ପାରମ୍ପରିକ ସାଂସ୍କୃତିକ ମୂଲ୍ୟବୋଧର ସୁରକ୍ଷା କରିବା କବି ନିକଟରେ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ଜଗତୀକରଣ ପରବର୍ତ୍ତୀ ସମୟରେ ସମଗ୍ର ବିଶ୍ୱରେ ଆର୍ଥ-ସାମାଜିକ ଓ ଆର୍ଥ-ରାଜନୈତିକ କ୍ଷେତ୍ରରେ ପରିବର୍ତ୍ତନ ଘଟିଛି । ଅନୁରୂପ ଭବରେ ଭାରତ ତଥା ଓଡିଶାରେ ମଧ୍ୟ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଛି । ଜଗତୀକରଣ ସମଗ୍ର ବିଶ୍ୱକୁ ଗୋଟିଏ ଗ୍ରାମରେ ପରିଣତ କରିଛି ସତ, ମାତ୍ର ଏହି ଏକତ୍ରୀକରଣ ନାମରେ ବ୍ୟବସାୟକୁ ଗୁରୁତ୍ୱାରୋପ

କରିଛି । ଜଗତୀକରଣ ନଜେ ଉପଭୋକ୍ତା ବୃଦ୍ଧି କରିବା ସହିତ ବଜାର ବ୍ୟବସ୍ଥାର ବୃଦ୍ଧି ମଧ୍ଯ କରୁଛି । ବର୍ତ୍ତମାନ ପ୍ରଯୁକ୍ତ ବିଦ୍ୟା ସାଗ୍ରବିଶ୍ୱକୁ ଏକ ଛୋଟ ଘରରେ ପରିଣତ କରି ଦେଇଛି । କମ୍ପ୍ୟୁଟର, ମୋବାଇଲ, ଜରିଆରେ ଆଜି ମଣିଷ ତାର ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସଂପାଦନକରି ପାରୁଛି । ପ୍ରଯୁକ୍ତ ବିଦ୍ୟାର ଜଗତୀକରଣ ଫଳରେ ଭାରତୀୟ ଯୁବପିଢି ଆଜି ଆମ ପାରମ୍ପରିକ ସଙ୍ଗୀତ, ଖାଦ୍ୟ, ସଂସ୍କୃତି, ପୋଷାକ ଆଦି ଠାରୁ ଦୂରେଇ ଯାଉଛନ୍ତ । ଅବଶ୍ୟ କଛି ପୁରାତନ ପରମ୍ପରାରେ ପରିବର୍ତ୍ତନର ଆବଶ୍ୟକତା ରହିଛି । କନ୍ତ ପ୍ରଯୁକ୍ତ ବିଦ୍ୟା ଆଳରେ ଦୂରଦର୍ଶନ, ସମ୍ବାଦପତ୍ର ଆଦି ମାଧମରେ ଯେଉଁ ଅଶ୍ଳୀଳ ଚତ୍ର ବିଜ୍ଞାପନ ଆଦି ପ୍ରଚାର ପ୍ରସାର କରାଯାଉଛି ତାହା ଭାରତୀୟ ଐତିହ୍ୟପୂର୍ଣ୍ଣ ସଂସ୍କୃତିକୁ କୁଠାରଘାତ କରୁଛି । ଜଗତୀକରଣ ଭାରତୀୟ ସଂସ୍କୃତି ପ୍ରତି ଏକ ଆହ୍ୱାନ ସୃଷ୍ଟି କରିଛି ।

ଜଗତୀକରଣ ଏକ ପ୍ରକ୍ରୟା । ଏହାର ମୂଳ ଆଧାର ହେଉଛି ଦେଶ ଦେଶ ମଧ୍ୟରେ ସମ୍ପର୍କ ସ୍ଥାପନ । ଜଗତୀକରଣର ଉଭୟ ସୁପ୍ରଭବ ଓ କୁପ୍ରଭାବ ରହିଛି । ତେବେ ଏହାର ପ୍ରଭାବରେ ଆମେ ଆମ କଳା, ସଂସ୍କୃତି ଓ ପରମ୍ପରାକୁ ଭୁଲିଯିବା ଆଦୌ ଉଚତ ନୁହେଁ। ଆଧୁନକତା ଓ ପରମ୍ପରା ମଧ୍ୟରେ ଭାରସାମ୍ୟ ରକ୍ଷା କରି ବର୍ତ୍ତମାନର ଓଡିଆ ସାହିତ୍ୟ ଆଗେଇଯିବା ଉଚତ ।

ସମାଜରେ ଯେଉଁ ପରିବର୍ତ୍ତନ ବା ଆନ୍ଦୋଳନ ଦେଖାଯାଏ ତାହା ପ୍ରଥମେ କବିତାରେ ରୂପପାଏ । ଯେହେତୁ କବିତା ହେଉଛି ସାହିତ୍ୟର ଆଦ୍ୟରୂପ । ପରବର୍ତ୍ତୀ ସମୟରେ ସାହିତ୍ୟର ଅନ୍ୟାନ୍ୟ ବିଭାଗରେ ରୂପ ପରିଗ୍ରହଣ କରି ପାଠକର ଚେତନା ସ୍ତରକୁ ବୃଦ୍ଧି କରେ । ତତକାଳୀନ କବିତାର ପରିସର ସଂକ୍ଷିପ୍ତ । ସଂକ୍ଷିପ୍ତ ପରିସର ମଧ୍ୟରେ ବ୍ୟାପକତାକୁ ପ୍ରକାଶ କରିବା ହେଉଛି କବିତାର କଳା । ଜନ୍ମରୁ ଜୁଇ ପର୍ଯ୍ୟନ୍ତ, ସୃଷ୍ଟି ଠାରୁ ବିଲୟ ପର୍ଯ୍ୟନ୍ତ, ମାଟିରୁ ଆକାଶ ପର୍ଯ୍ୟନ୍ତ ଏହାର ପରିସର ବ୍ୟାପକ । ମଣିଷର ସଂଘର୍ଷ, ସଭ୍ୟତାର ସଂଘର୍ଷ, ଆମର ଉର୍ବର ଅତୀତକୁ ସାଇତି ରଖିବା ପାଇଁ ଯେଉଁ କଳାକୃତିର ଆବଶ୍ୟକତା ରହିଛି, ତାହାହିଁ ହେଉଛି କବିତା। ତେଣୁ କବିତାର ଆବଶ୍ୟକତା ସବୁ

ସମୟରେ ଗୁରୁତ୍ୱପୂର୍ଣ୍ଣ ହୋଇଆସୁଛି । ସାରଳାଦାସ ଙ୍କ "ମହାଭାରତ" ଠାରୁ ଦିଲ୍ଲୀପ ସ୍ୱାଇଁଙ୍କ "ପାଣିବୁନ୍ଦାକୁ ଲୁହବୁନ୍ଦା" ପର୍ଯ୍ୟନ୍ତ ପ୍ରତ୍ୟେକ ସମୟରେ କବିତା ପ୍ରତି ଆନ୍ତରିକତା ବଜାୟ ରହିଛି ।

ସମକାଳୀନ ପରିପ୍ରେକ୍ଷୀରେ କବିତାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଜଗତୀକରଣ ପରେ ଆମ ସଭ୍ୟତା ନୂଆ ନୂଆ ସମସ୍ୟାର ସମ୍ମୁଖୀନ ହେଉଛି । ଯୌନକାମନା, ପାପବୋଧତା, ନିସଙ୍ଗତା, ଆତ୍ମହତ୍ୟା, ଦୁଷ୍କର୍ମ, ବିସ୍ଥାପନ, ଦଳିତଙ୍କୁ ଅର୍ଥନୈତିକ ଶୋଷଣ, ରାଜନୈତିକ ଶୋଷଣ, ସଂସ୍କୃତିର ଅପବ୍ୟବହାର ଫଳରେ ମଣିଷମାନଙ୍କର ବଞ୍ଚିବାର ମାନଦଣ୍ଡ ଦିନକୁଦିନ ଭୁଷୁଡି ପଡୁଛି । ମଣିଷ ଅସହାୟ ଭାବରେ ଜୀବନ ଅତିବାହିତ କରୁଛି । ଏଥି ସହିତ ସାଂପ୍ରଦ୍ୟିକ ଦଙ୍ଗା, ଜାତିଆଣ ମନୋଭାବ, ଜଳପାଇଁ, ମାଟିପାଇଁ ଯୁଦ୍ଧର ବିଭୀଷିକା ମଣିଷର ଅସ୍ତିତ୍ୱକୁ କ୍ଷୁର୍ଣ୍ଣ କରୁଛି । ଏହା ଭିତରେ ମଣିଷର ଏଇ ଯେଉଁ ବୁଭୁକ୍ଷୁ ଅସହାୟତାକୁ ବ୍ୟକ୍ତ କରିବା ପାଇଁ ଏକ ଉତ୍କୃଷ୍ଟ ସାହିତ୍ୟ ବା କାବ୍ୟ କବିତାର ମାଧ୍ୟମ ଆବଶ୍ୟକତା ପଡୁଛି । ତେଣୁ ଗୋଟିଏ ଘଟଣା ବା ସମସ୍ୟାର ପୁଙ୍ଖାନୁପୁଙ୍ଖ ତର୍ଜମା କରି କବିତାର କ୍ଷୁଦ୍ର କଳେବର ମଧ୍ୟରେ ଏକ ବ୍ୟାପକତାର କଥା ଆଜିର କବିତା ମାଧ୍ୟମରେ କୁହାଯାଇପାରୁଛି ।

ସୁତରାଂ ଏହି ସବୁ ପୃଷ୍ଠଭୂମିକୁ ଏକାଠି କରି ସୃଷ୍ଟି ହୋଇଛି ଏକବିଂଶ ଶତାବ୍ଦୀର ଓଡିଆ କବିତା । ଭିନ୍ନ ଏକ ଦେହ ଧାରଣ କରି ଭିନ୍ନ ଏକ ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି ବର୍ତ୍ତମାନର କବିତା । ସମସାମୟିକ ସମସ୍ୟା ବହୁଳ ଜୀବନକୁ ନେଇ ଆଜିର କବିତା ଆତ୍ମପ୍ରକାଶ କରିଛି । ସମୟର ପରିବର୍ତ୍ତନ ସହିତ କବିମାନେ ମଧ୍ୟ ସମୟ ସହ ନିଜର ଚନ୍ତାଧାରାକୁ ପରିବର୍ତ୍ତନ କରିଛନ୍ତି । ଏକବିଂଶ ଶତାବ୍ଦୀର କାବ୍ୟଧାରାରେ ବରିଷ୍ଠଙ୍କ ଠାରୁ ଆରମ୍ଭ କରି ତରୁଣ କବିମାନଙ୍କ ପର୍ଯ୍ୟନ୍ତ ଶତାଧିକ କବି କବିତା ମୁଖର ।

ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର, ରାଜେନ୍ଦ୍ର କିଶୋର ପଣ୍ଡା ଓ ପ୍ରତିଭା ଶତପଥୀଙ୍କ ପରି ବରିଷ୍ଠ କବିମାନେ ନିଜ କାବ୍ୟ ଆଭିମୁଖ୍ୟରେ ପରିବର୍ତ୍ତନ ଆଣି କବିତା ରଚନା

କରୁଛନ୍ତି । ଅଥଚ ଏକବିଂଶ ଶତାବ୍ଦୀର କାବ୍ୟଧାରାରେ ଏମାନେ ପ୍ରମୁଖ କବି ନୁହନ୍ତି । ଏହି କ୍ରମରେ ହୃଷୀକେଶ ମଲ୍ଲିକ, ଶତ୍ରୁଘ୍ନ ପାଣ୍ଡବ, ଗିରିଜା କୁମାର ବଳିୟାରସିଂହ, ହୃଦାନନ୍ଦ ପାଣିଗ୍ରାହୀ, ଆଶୁତୋଷ ପରିଡା, ଅପର୍ଣ୍ଣା ମହାନ୍ତିଙ୍କ ଅବଦାନକୁ ଗୁରୁତ୍ୱ ସହ ଆକଳନ କରିବାକୁ ହେବ । କବି ପୀତାମ୍ବର ତରେଇ, ସେନାପତି ପ୍ରଦ୍ୟୁମ୍ନ କେଶରୀ, ଅଭୟ ନାୟକ, ତୁହିନାଂଶୁ ରଥ, ଦିଲୀପ କୁମାର ସ୍ୱାଇଁ, ପବିତ୍ର ମୋହନ ଦାଶ, ମନୋଜ କୁମାର ମେହେର, ଗୋପୀନାଥ ବାଗ ପ୍ରମୁଖଙ୍କ କାବ୍ୟ ସୃଷ୍ଟିକୁ ଗୁରୁତ୍ୱ ସହ ବିଶ୍ଳେଷଣ କଲେ ଏକବିଂଶ ଶତାବ୍ଦୀର କବିତା ଅଧିକ ସ୍ପଷ୍ଟ ହୋଇପାରିବ ।

ଏକବିଂଶ ଶତାବ୍ଦୀ କବିତାର ପୃଷ୍ଠଭୂମି ଓ ପ୍ରତିକ୍ରିୟା ଆକଳନ କ୍ରମରେ ଏହି କବିମାନଙ୍କର କବିତ୍ୱ ଅଧିକ ଗୁରୁତ୍ୱପୂର୍ଣ୍ଣ । ଏମାନେ ସଂପୂର୍ଣ୍ଣ ଭାବରେ କବିତାର ଉଭୟ ଆତ୍ମିକ ଓ ଆଙ୍ଗିକ ଦିଗ ପରିବର୍ତ୍ତନ କରିଛନ୍ତି । ଆନ୍ତର୍ଜାତୀୟ ସ୍ୱୀକାରୋକ୍ତି, ଅତୀତର ସ୍ମୃତି ଓ ଉତ୍ତରିତ କାଳିକ ପ୍ରତି ଏମାନେ  ଯଥେଷ୍ଟ ସଚେତନ ହୋଇଛନ୍ତି । ସୁତରାଂ ଏହି କବିମାନଙ୍କର କବିତା ଅନ୍ୟ କବିମାନଙ୍କ ଠାରୁ ସରଳ, ସ୍ୱଚ୍ଛ, ସୁଦୂର ପ୍ରସାରୀ ଓ ପ୍ରଭାବଶାଳୀ ହୋଇପାରିଛି । ତେଣୁ ଜୀବନ ଦର୍ଶନରେ ଓ ବ୍ୟାବହାରିକ ଜୀବନ ପାଇଁ ଏମାନଙ୍କ କବିତାର ଏକ ମହାର୍ଘ ଆବଶ୍ୟକତା ରହିଛି ।

ଢେଙ୍କାନାଳ ମହିଳା ମହାବିଦ୍ୟାଳୟ, ଢେଙ୍କାନାଳ

# ଖଣ୍ଡ ଚୂଳଆ

ଜୟନ୍ତୀ ଦେବୀ

ଖଣ୍ଡ ଚୂଳଆ ବନମାଳଆ ହରି କଳାକଳ କଳାମୁଖ ।
ଖେଳ ବିନୋଦିଆ ସେ ଜଗାକାଳଆ ହରେ ଜୀବଜନ ଦୁଃଖ ।୧।
ଖର ଦୂଷଣ ବିନାଶକ ଶ୍ରୀରାମ ରାଘବ ଅରକ୍ଷ ରକ୍ଷ ।
ଖୀଲ ଅଶୂଳ ଅଧିପତି ଶ୍ରୀପତି ଶ୍ରୀଧର ପୁଣ୍ଡରୀ କାକ୍ଷ ।୨।
ଖଣ୍ଟ ସରଦାର ଦେବକୀ କୁମର ସକଳ କରଣେ ଦକ୍ଷ ।
ଖମ୍ବରୁ ବାହାରି ଦେବ ନରହରି ବଧିଲେ ହିର୍ଣ୍ୟ ରକ୍ଷ ।୩।
ଖବର ରଖେ ଚଉଦ ଭୁବନର ଶ୍ରୀହରି କଳା ଶ୍ରୀମୁଖ ।
ଖର ପାଦ ଧରି ମୁକତି ପସରି କୃଷ୍ଣ କଳା କଞ୍ଜ ମୁଖ ।୪।
ଖଗ ଆସନ ନନ୍ଦ ନନ୍ଦନ ହରି ସଦା ସେ ପାଣ୍ଡବ ପକ୍ଷ ।
ଖଚ ମିଛ ଛାଡ ଆରେ ମନରାଜ ଭବ ସଦା ପଦ୍ମ ସୁଖ ।୫।
ଖଳ ବଳ ବିନାଶନ ଶ୍ୟାମଘନ ନୀଳମଣି ଭକ୍ତସୁଖ ।
ଖଣ୍ଡ ପରଶୁ ଯାହାର ନାମ ସଂଖ୍ୟା କରି ଭଜନ୍ତୁ ପ୍ରତ୍ୟକ୍ଷ ।୬।
ଖେଳ ଘର ଯାର ଏ ସାରା ସଂସାର ସେ ଶ୍ରୀହରି ପଙ୍କଜାକ୍ଷ ।
କ୍ଷୀରୋଦ ସିନ୍ଧୁ ବିହାରୀ ମଧୁହାରୀ ବିନାଶ କରଇ ରକ୍ଷ । ୭।

କ୍ଷଣକୁ କ୍ଷଣ ଦେଖ ଧରଣୀ ଆନ ସୁଧି ହରିନାମ ଗୃଖ ।

କ୍ଷମା ସାଗର ଶ୍ରୀହରି କମ୍ବୁକର ଶାନ୍ତାକାର ସେ ପ୍ରତ୍ୟକ୍ଷ ।୮।

ଖଣ୍ଡେ ସର୍ବାପଦ ସେ କଳା ଗୋବିନ୍ଦ ଶ୍ରୀବସ୍ତ ଲାଞ୍ଛନ ବକ୍ଷ ।

କ୍ଷେତ୍ରପତି ହରି ମାଧବ ମୁରାରୀ ନଟବ୍ରଟ କଞ୍ଜ ମୁଖ ।୯।

ଖାଉଅଛ ବସି ଷାଠିଏ ପଉଟି ନନ୍ଦ ପୁଅ ଝିଅ ଦେଖ ।

କ୍ଷର ସେ ଅକ୍ଷର ଦେବ ଦାମୋଦର ହରିହରେ ଭବ ଦୁଃଖ ।୧୦।

ଖୁସିର ଆଧାର ସେ ମୂରଲୀଧର ଦୀନଜନେ ସାହାପକ୍ଷ ।

କ୍ଷରଣ ହେଉଛି ପଦ୍ମୁଁ ମକରନ୍ଦ ପିବ ହେ ସୁଧି ପ୍ରତ୍ୟକ୍ଷ ।୧୧।

ଖେଳୁଆଡ ବଡ ନନ୍ଦ ପୁଅ ବ୍ରଜ ଶ୍ରୀକୃଷ୍ଣ ଭକତ ସୁଖ ।

ଖଟନ୍ତୁ ପାରୁଶେ ଲକ୍ଷ୍ମୀ ସରସ୍ୱତୀ କେବେ ହେଁ ନୋହି ବିମୁଖ ।୧୨।

ମାର୍ଫତ୍ – ଡଃ ଅର୍ଜୁନ ଚରଣ ବାରିକ୍
ମହୁ, ଆଳ, କେନ୍ଦ୍ରାପଡା

# ଜୀବନ ଝରଣା

ସଂଯୁକ୍ତା ସାହୁ

ଜୀବନ ଝରଣା ଝରି ଝରି ଆଉ
କୁଳୁ କୁଳୁ ବହିଯାଉଥାଏ ସିଏ
ବେଳକୁ ବେଳ ଖସିଗଲିଥାଏ
ବୟସର ବାଲି ରେଣୁ ସବୁତକ
ସରି ସରି ଯାଉଛି ଆୟୁଷତକ
ସିଏ କଣ କେବେ ଅଟକେ କି ?
ଆନମନା ମୁହୂର୍ତ୍ତ ଖୋଜିବାକୁ
ଆଉ ସେଇ ଖଣ୍ଡ ଖଣ୍ଡ ସ୍ମୃତିକୁ
ଏକାଠି କଲାବେଳକୁ ବୟସ
ଗଡି ଯାଇଥାଏ ଯୌବନକୁ ପିଠି
କରି ସରି ଯାଉଥାଏ ଜୀବନତକ
ସେଇ ସମୟକୁ ସୁନ୍ଦର ଭାବି
ମନରେ ଦାନା ବାନ୍ଧୁଥିବା ଆଶା
ଜମାଟ ବାନ୍ଧିଲା ବେଳକୁ ସମୟ
ଦିଏ ନାହିଁ ସେଇ ସବୁତକ ପ୍ରାପ୍ତିକୁ
ଗାଢ଼ ଅନ୍ଧାର ମାଡ଼ିଆସୁଥାଏ
କ୍ଳାନ୍ତ ଆଖିପତା ମୁଦିହୋଇଆସେ
ଇଛା ଆଉ ଆଶା ସବୁ ଧୂଳିକଣା
ପରି ମିଳେଇଯାଉଥାଏ ମୁହୂର୍ତ୍ତର

ଜୀବନ ଝରଣାର ଛଳ ଛଳ ଢେଉ
ଝଟକୁଥିବା ସମୟ ମ୍ଲାନ ପଡେ
ସେଇ ମୁହୂର୍ତ୍ତର ଗର୍ଭକୋଷରେ
ସମୁଦ୍ରକୂଳର ବତୀଘର ପରି
ହଜିଯାଉଥିବା ଜୀବନ ନୌକା
ସାଗରର ଉତ୍ତାଳ ଢେଉରେ
ନଷ୍ଟିହ୍ନ ହୋଇଯାଉଥିବ ଶରୀର
ଅଣନିଃଶ୍ୱାସୀ ହୋଇପଡୁଥିବ
ଏଇ ବୋହୁଥିବା ନିଃଶ୍ୱାସ ଟିକକ ।

ଉପସଭାପତି, ମାଟିଘର ସାହିତ୍ୟ ସଂସଦ
ଗ୍ରାମ, ଜଗତସିଂହପୁର

# ଛାଇ ଲେଉଟାଣି ବେଳ



ବୀରକଶୋର ନାୟକ

ଛାଇ ଲେଉଟାଣି ବେଳ ହେଲାଣି ଯେ
ଆଉ ଅବା କେତେଦିନ,
ଜୀବନ ଦୀପରୁ ଘିଅ ସରିଲାଣି
ଲିଭିଯିବ କେଉଁଦିନ ।
ସଂସାର ନୟମ ଗଢିଛି ବିଧାତା
ଜନମ ସାଥେ ମରଣ,
ଷଠୀଦୂତୀ ଜାଣି ଆୟୁଷ ଲେଖନ୍ତୁ
ଗଣି ବର୍ଷ, ମାସ, ଦିନ ।
ବାଲ୍ୟ ପରେ ଆସେ କୈଶୋର ଜୀବନେ
ତା ପରେ ଆସେ ଯୌବନ
କେତେ ପ୍ରୀତି କେତେ ବେଦନାରେ ସିକ୍ତ
ଜୀବନର ପ୍ରତିକ୍ଷଣ ।
ସଂସାରର ମାୟା ବାନ୍ଧି ରଖିଛି ଯେ
ମରଣକୁ ଲାଗେ ଡର,
ମରିଗଲା ପରେ ଆତ୍ମୀୟ ସ୍ୱଜନ
ହୋଇଯିବେ ସବୁ ପର ।

ଛାଇ ଲେଉଟାଣି ବେଳ ଗଡ଼ିଲାଣି
ସଞ୍ଜ ଆସେ ନଇଁ ନଇଁ,
ପକ୍ଷୀ ଫେରିଲେଣି ନୀଡ଼କୁ ଖୁସିରେ
ଶାବକ ଥିବେ ଯେ ଗୃହିଁ ।
ଜୀବନର ସଞ୍ଜେ ଆମେ ଗ୍ଳିଯିବା
ଅଫେରା ପଥିକ ହୋଇ,
ଗାଆଁ ମଶାଣିରେ ଏ ମାଟି ପିଣ୍ଡଟା
ଜୁଇରେ ଜଳବ ଶୋଇ ।

ଖଣ୍ଡବନ୍ଧ, ଢେଙ୍କାନାଳ

# ଶ୍ରୀରାମପୁର ପାଗଳା



ଶଶଧର ମହାପାତ୍ର

ଆମ ଗାଁରୁ "ମଙ୍ଗଳପୁର' ଯିବା ବାଟରେ "ମଙ୍ଗଳପୁର' ଟିକଏ ପୂର୍ବରୁ ଓ "ମାନସିଂହପାଟଣା' ଠିକ୍ ପରେ ପରେ "ଶ୍ରୀରାମପୁର' ଗାଁ ପଡେ । ଆମ ଗାଁ ନାଁ ହେଉଛି "ନାରୀଗାଁ' । ଏ' ନାଁ ଗୁଡିକ ମୋ' ପିଲାବେଳେ ଭାରି ସ୍ୱତନ୍ତ୍ର ଲାଗୁଥିଲା । କେତେ ମିଠା ମିଠା ନାଁ ସତରେ । ଆମେ ସ୍କୁଲ ବା କଲେଜରେ ପାଠ ପଢୁଥିଲାବେଳେ "ମଙ୍ଗଳପୁର" ଥିଲା ଆମର ନିକଟତମ ବସ୍‌ଷ୍ଟାଣ୍ଡ । "ମଙ୍ଗଳପୁର' ଆମ ଗାଁରୁ ପ୍ରାୟ ସାଢେ ଚାରି ମାଇଲ୍ ଦୂର ହେବ । ଚାଲିଚାଲି ଯିବାକୁ ପଡେ ନହେଲେ କେବେ କେମିତି ସାଇକେଲରେ ଯିବା କଥା । କଚ୍ଚା ରାସ୍ତା । ବର୍ଷାଦିନେ ପାଣି ଓ କାଦୁଅ ରାସ୍ତାସାରା ହେଇଯାଏ । ଚାଲିଚାଲି ଯିବା କଥା ଭାବୁଭାବୁ ଦେହରେ ଜ୍ୱର ଆସିଯାଏ । "ଯାଜପୁର' ଟାଉନ ଆମର ନିକଟତମ ସହର କହିଲେ ଅତ୍ୟୁକ୍ତି ହେବନାହିଁ । ମଙ୍ଗଳପୁରରୁ ଯାଜପୁର ଦୂରତା ପ୍ରାୟ ୨୨ କିଲୋମିଟର । ଯାଜପୁରରୁ କଟକର ଦୂରତା ପାଖାପାଖି ୧୦୦ କିଲୋମିଟର । "କଟକ' ଗୋଟିଏ ବଡ ସହର । ମୋ' ପିଲାବେଳେ "କଟକ' ନାଁ ଶୁଣିଲେ କେତେ ବଡ ସେତେବେଳେ ଲାଗୁଥିଲା । ଯିଏ କଟକ ବା ଭୁବନେଶ୍ୱରରେ ଚାକରି କରିଥିଲେ ବା ଯାଉଥିଲେ ତାଙ୍କ କଥା ଶୁଣିଲେ ମୋ' ଆଖି ସେତେବେଳେ ଟେରା ହେଇଯାଉଥିଲା । ମୋ' ଭାବନାରେ ସେମାନେ ନିଶ୍ଚୟ ବଡ ଧନୀ, ଜ୍ଞାନୀ, ଗୁଣୀ ଓ ମାନ୍ୟ ଲୋକ ହେଇଥିବେ ।

ମୁଁ ଅଷ୍ଟମ ଶ୍ରେଣୀରେ ପଢୁଥିଲାବେଳେ ମୁଁ, ମୋ' ବଡ ଭଉଣୀ, ପିଉସୀମାନେ ମିଶି ଜଣେ ଦାଦାଙ୍କ (ଶରତ) ସହ ଯାଜପୁର ଟାଉନ ପ୍ରଥମଥରପାଇଁ ଯାଇଥିଲୁ "ଭାରତ ସର୍କସ' ଓ "ମା' ସିନେମା ଦେଖିବାପାଇଁ । ଆମ୍ଭମାନଙ୍କ ଜୀବନରେ ଏହା ଥିଲା ପ୍ରଥମଥର ପାଇଁ ସିନେମା ଓ ସର୍କସ ଦେଖା । ମୋ'ପାଇଁ ମଙ୍ଗଳପୁର ଓ ଯାଜପୁର ଯିବା ବୋଧହୁଏ ଥିଲା

ପ୍ରଥମ ଥର ପାଇ। ମୋ' ବାପା-ବୋଉ ଆମକୁ ଛାଡିବାକୁ ରାଜି ନଥିଲେ । ମୋତେ ଓ ମୋ' ବଡ ଭଉଣୀକୁ କେତେ କାନ୍ଦିବାକୁ ପଡିଛି ଓ କେତେ ନେହୁରା ହେବାକୁ ପଡିଛି ସେଥିପାଇଁ । ଶେଷରେ ବାପା-ବୋଉ ରାଜି ହେଲେ କାରଣ ଆମ ସାଙ୍ଗରେ ଆମର ଜଣେ ଦାଦା, ଜଣେ ମୁରବୀ ଶ୍ରେଣୀର ଲୋକ ଯାଉଥିଲେ ବୋଲି । ସିନେମା ଓ ସର୍କସ ଦେଖି ବହୁତ ଭଲ ଲାଗିଥିଲା । ସେ' ଅନୁଭୂତି ଥିଲା ଏକ ନଆରା । ସକାଳୁଯାଇ ରାତିରେ ଆମ ଗାଁକୁ ଫେରି ଆସିଥିଲୁ । ସେତେବେଳେ ଗାଁରୁ ସହରମୁହାଁ ହେବାକୁ ପଡିଲେ ମଙ୍ଗଳପୁର ଆସି ବସ୍ ଧରିବାକୁ ପଡେ । ଚାଲିଚାଲି ଆସି ବସ୍‌ଟି ଠିକ୍ ସମୟରେ ଧରିବା କାଠିକର ପାଠ । ବସ୍ ସଂଖ୍ୟାବି ସେତେବେଳେ ବେଶୀ କିଛି ନଥିଲା । ସକାଳେ ୨/୩ଟି ବସ୍ କଟକ-ଭୁବନେଶ୍ୱର ଯାଏ । ଉପରବେଳା ବି ୨/୩ଟି ବସ୍ ଯାଏ । ଓ.ଆର୍.ଟି.ସି ବସ୍ । କଡକଡ ଧଡଧଡ ହେଇଚାଲେ । ବସ ରେ ସିଟ୍‌ଟିଏ ପାଇବା ଭାଗ୍ୟରେ ଥିଲେ ମିଳେ । ଅଧିକାଂଶ ଲୋକ ଛିଡା ହେଇ ଯାଆନ୍ତି । ସେଥିରେ ଖୁନ୍ଦାଖୁନ୍ଦି ହେଇ ଯିବାକୁ ପଡେ । କେତେବେଳେ ଅଟକ ଯିବ ସେ' ସମ୍ଭାବନା ବି ଥାଏ । ହର୍ଣ୍ଣ କୋଶେ ବାଟକୁ ଶୁଭେ । ବସ୍ ସବୁ "ମହତାବ ହାଇସ୍କୁଲ' ସାମ୍ନାରେ ଛିଡାହେଇଥାଏ । ଟ୍ୟାକ୍ସି କାଁ ଭାଁ ଚାଲୁଥିଲେବି ସେମାନଙ୍କ ସଂଖ୍ୟା ସେତେ ନଥିଲା । ବେଶୀ ଦୂର ଯିବାପାଇଁ ଟ୍ୟାକ୍ସି ନଥିଲା । ବସ୍‌ଷ୍ଟାଣ୍ଡ ପାଖରେ "ଇନ୍ଦ୍ରମଣି ସାହୁଙ୍କର' ମିଠା ଦୋକାନ । "ଧତା' ନାଁ ରେ ଲୋକେ ସେ' ଅଞ୍ଚଳରେ ତାଙ୍କୁ ଜାଣନ୍ତି ଓ ଚହ୍ନନ୍ତି। ଭଲ ନାଁ "ଇନ୍ଦ୍ରମଣି ସାହୁ' । ମୁଁ ଜାଣିବାରେ ସେ' ଜଣେ ନହାତି ଭଦ୍ରଲୋକ । ସମସ୍ତଙ୍କର ପ୍ରିୟ ସେ । ଲୋକେ ଚା' କ ଜଳଖିଆ ସେ' ଦୋକାନରୁ ଖାଇ ବସ୍ ଧରନ୍ତି । ଲୋକଙ୍କର ଗହଳ ସବୁବେଳେ ଥାଏ ସେ' ଦୋକାନରେ । ଢିଙ୍କିଶାଳଠୁଁ ଢେଙ୍କାନାଳ ପର୍ଯ୍ୟନ୍ତ ସବୁ ଆଲୋଚନା ଚାଲିଥାଏ ସେ' ଦୋକାନରେ । ସେତେବେଳେ ଅଟୋ ରିକ୍ସା କ ଟ୍ରେକର ଚଳାଚଳ ନଥିଲା । ସାଇକେଲ ରିକ୍ସା ମଙ୍ଗଳପୁରରେ ହାତଗଣତି କେତୋଟି ଥିଲା । ତେଣୁ ମଙ୍ଗଳପୁରରୁ କୁଆଡେ ଗଲେ ସେ ରିକ୍ସା ଭଡାକରି ଯାଇହେଉଥିଲା । ଏମିତି ମୋ' ନଜ ଜୀବନରେ କେତେଥର ଘଟିଛି । ବସ୍ ଛାଡିବା ୨/୪ ମିନଟ୍ ପୂର୍ବରୁ ଆମକୁ ଦୌଡିବାର ଦେଖି ବସ୍ ଡ୍ରାଇଭରଟି ଗାଡିଟିକୁ ୨/୪ ମିନଟ୍ ଅଟକେଇ ଦେବାର । ମୁଁ ଲକ୍ଷ୍ୟ କରିଛି ଯେ ବସ୍‌ଟି ଛାଡିବାପୂର୍ବରୁ ଡ୍ରାଇଭରଟି ସବୁ ଆଡକୁ ଚାହେଁ ଗାଡି ଛାଡିବା ବେଳେ କାଳେ କେଉଁଆଡୁ ଯାତ୍ରୀ ଆସୁଛନ୍ତିକ । ଲୋକ ଦୌଡୁଥିବାର ଦେଖିଲେ ଡ୍ରାଇଭର ଗାଡି ଟିକଏ ସମୟ ଅଟକେଇ ଦିଏ । ବସ୍ ଛାଡି ଦେଇଥିଲେ ପୁଣି

ଆଉ ବସ୍ ଛାଡିବା ପର୍ଯ୍ୟନ୍ତ ଅପେକ୍ଷା । ଆଉ ସେ' ଅପେକ୍ଷା ବହୁତ ଲମ୍ବା ବାଧେ । ଯିଏ ଅନୁଭବୀ ସିଏ ଜାଣିଛି ।

ମାଇନର ସ୍କୁଲରେ ପଢୁଥିଲାବେଳେ ଶ୍ରୀରାମପୁର ପାଗଳା ବିଷୟରେ ବହୁତ ଲୋକଙ୍କଠୁଁ ମୁଁ ବହୁଥର ଶୁଣିଥିଲି । ଯାହା ଲୋକେ କୁହନ୍ତି - ସେ' ଗାଁର ଜଣେ ପିଲାକୁ କୁକୁରଟିଏ କାମୁଡି ଦେଇଥିଲା । ତାକୁ ଡାକ୍ତର ଦେଖେଇ ଭଲ ନକରିବାରୁ ପିଲାଟି ପାଗଳ ହେଇଗଲା । ତେଣୁ ସେ' ଲୋକଙ୍କୁ ଦେଖିଲେ କୁକୁରଭଳ ବୋବାଏ । ଲୋକେ ହଠାତ୍ ଶୁଣିଲେ ଭୟଭୀତ ହେଇଯାନ୍ତି । ଲୋକେ କହୁଥିଲେ ଯାହାକୁ ସେ' ପାଗଳା କାମୁଡିଦେବ ସିଏ ବି ପାଗଳା ହେଇଯିବ । ସିଏ ତାଙ୍କ ଗାଁର ଛକରେ ସବୁବେଳେ ବୁଲୁଥାଏ । କଏ କହେ ସେ' ଏକ ଖାକ ହାପ୍ ପେଣ୍ଟଟିଏ ପିନ୍ଧି ବୁଲିବାର ଦେଖିଛି । ସେ' କଥା ଶୁଣି ମୋ' ମନରେ ମଧ ବେଶ୍ ଭୟ ଜନ୍ମୁଥିଲା । ମନରେ ଟିକଏ ରାଗ ବି ତା' ବାପା-ମା'ଙ୍କ ପ୍ରତି ଆସିଥିଲା । କେମିତି ସେ' ପିଲାର ବାପା-ମା ? ପିଲାଟିକୁ ଡାକ୍ତର ନଦେଖେଇ କଛି ଟ୍ରିଟ୍ମେଣ୍ଟ ନକଲେ କେମିତି? ପିଲାଟି ପାଗଳ ହେବାଯାଏ ଗଲା । ପୁଅଟିଏ ଜନ୍ମହେଲେ ବାପ-ମା, ସାହିପଡିଶା, ବନ୍ଧୁ ବାନ୍ଧବ ସମସ୍ତେ ଖୁସିରେ ଗଦ୍‌ଗଦ୍ ହେଇଯାଆନ୍ତି । କ'ଣ ଏ' ସବୁ ଅର୍ଥାଭାବରୁ ନା ଅଜ୍ଞତାରୁ ଘଟିଲା ! କେହି କ'ଣ ଟିକଏ ସାହାଯ୍ୟ କରିବାକୁ ଆଗେଇ ଆସିଲେନ ? ଏ' ସବୁ ମୋ' ମନରେ ପ୍ରଶ୍ନ ମୋତେ ପିଲାବେଳେ ବେଶ୍ ଆନ୍ଦୋଳତ କରିଥିଲା । ମୁଁ ଥରେ ପିଲାବେଳେ ହଜିଯାଇଥିବାରୁ ମୋ' ବାପା-ବୋଉ ମୋତେ କୁଆଡେ ଯିବାକୁ ଛାଡୁନଥିଲେ । ସେ' ଏକ ଅଲଗା କାହାଣୀ !

ହାଇସ୍କୁଲରେ ପଢୁଥିଲାବେଳକୁ ବଡ ପିଲାଟିଏ ଭାବି ମୋତେ ଛାଡିଲେ ବାହାରକୁ । ଘରର ଆବଶ୍ୟକତା ମଧ ପଡିଲା । ତେଣୁ, ସେ' ସମୟରେ ମୋତେ ଅନେକ ଥର ମଙ୍ଗଳପୁର ଯିବାର ସୁଯୋଗ ମିଳଛି, ଗ୍ଳଲିଗ୍ଳଲି ହେଉ କ ସାଇକେଲରେ ହେଉ । ମଙ୍ଗଳପୁର ସେତେବେଳେ ଆମମାନଙ୍କପାଇଁ ବଡ ବଜାର । ବୁଧବାର ଓ ରବିବାର ହାଟ ବସେ । ଡାକ୍ତରଖାନାଟିଏ ବି ସେଠି ଥିଲା । ତେଣୁ କେତେ ଥର ଡାକ୍ତରଖାନା ହେଉ ବା ହାଟରୁ ପରିବାପତ୍ର ଆଣିବାପାଇଁ ହେଉ କଛି ନା କଛି କାରଣପାଇଁ ଯିବାକୁ ପଡିଛି । କେତେବେଳେ ଏକୁଟିଆତ କେତେବେଳେ ଆଉ କେହି ସାଙ୍ଗରେ ଥାଆନ୍ତି । କେହି ଜଣେ ସାଙ୍ଗରେ ଥିଲେ ପାଗଳାକୁ ସେତେ ଡର ଲାଗେନ । ତଥାପି ମନରେ ଟିକେ କେଉଁଠି ନା କେଉଁଠି ଭୟ

ଥାଏ । କନ୍ତୁ, ଏକୁଟିଆଥିଲେ ମନରେ ଭାବି ଭୟ କାଳେ ସେ' ପାଗଳାଟି ଆସି ଯିବକ, କାମୁଡି ଦେବକ? ଶ୍ରୀରାମପୁର ଛକ ପାଖାପାଖି ହେବା ପୂର୍ବରୁ ଦେଖିଦିଏ ଛକରେ କଏ ଖାକ ପେଣ୍ଟ ପିନ୍ଧି ବୁଲୁଛି କ ? ଯଦି କେହି ଦେଖା ନଯାଆନ୍ତୁ ତେବେ ଛକ ପାଖ ହେଇଗଲେ ତରତରରେ ପାଦ ପକେଇ ଚାଲିଯାଏ । କେହି ନଥିଲେ ବି ସେ' ଛକ ପାଖାପାଖି ହେଲେ ଦେହରୁ ଝାଳ ବହିଯାଏ। ଏ' କଥା ମୁଁ କାହା ଆଗରେ ପ୍ରକାଶ କରିନଥିଲି କାରଣ ସମସ୍ତେ ଭାବିବେ ମୁଁ ଛେରୁଆଟିଏ ବୋଲି । କନ୍ତୁ, ମୁଁ ସେ' ଛକରେ ତିନ ଚାରି ଥର ଏକୁଟିଆ ଗଲାବେଳେ ସେ' ପାଗଳ ପିଲାଟିକୁ ଭେଟିଛି । ମନରେ ବଡ ଦମ୍ଭ ବାନ୍ଧିଛି ସାମ୍ନା କରିବାକୁ ପରିସ୍ଥିତି ଯାହା ହେଉପଛେ। ତଥାପି କାଳେ କଛି ଅଘଟଣ ଘଟିଯିବ ସେଥିପାଇଁ ଯେତେ ସମ୍ଭବ ଦୂର ତା'ଠାରୁ ରହିପାରିବି ରହି ମୁଁ ମୋ' ରାସ୍ତାରେ ମୁଁ ଯାଇଛି । ଯିବାବେଳେ ଦି'ଥର ଶୁଣିଛି କୁକୁରଭଳ ବୋବେଇବାର, ଯାହା ମୁଁ ଶୁଣିଥିଲି ଅନ୍ୟମାନଙ୍କଠାରୁ । ଆଉ ଥରେ କ ଦି'ଥର ମୋ' ଆଡକୁ ହଠାତ୍ ମାଡିଆସି, କଛି ନ କହି ଫେରିଯିବାର ଦେଖିଛି । ବେଶ୍ ଡରିଯାଇଥିଲି ସେତେବେଳେ ।

କଛି ବର୍ଷ ପରେ ଦିନେ କଏ କହିବାର ଶୁଣିଥିଲି ଯେ ସେ' ଶ୍ରୀରାମପୁର ପାଗଳାଟି ଆଉ ନାହିଁ । ମରିଗଲାଣି । ସେ' ମରିଯିବାର ଜାଣିଥିଲେ ମଧ ସେ' ବାଟଦେଇ ଗଲାବେଳେ ଦେହ, ମୁଣ୍ଡ ଟିକେ ଶୀତେଇ ଉଠେ । ତା' କଥା ମନେପଡିଯାଏ । ଆମେରିକାରେ ରହିବା ମୋ'ର ୩୭ ବର୍ଷ ହେଇଗଲାଣି । ଗଲାସନ ନଭେମ୍ବର ମାସ ପ୍ରଥମ ସପ୍ତାହରେ ମୁଁ, ମୋ' ସ୍ତ୍ରୀ, ପୁଅ, ଝିଅ ଓଡିଶାକୁ ବୁଲି ଯାଇଥିଲୁ । ଏବେ କୁଆଡେ ଗଲେ ଆଉ ଚାଲିକ ଯିବାର ନାହିଁ । ସମସ୍ତଙ୍କ ଘରେ ଏମିତିକ ଆମ ଗାଁ ହରିଜନ ସାହିରେ ଘରେଘରେ ମୋଟର ବାଇକ୍ । କେତେ ଜଣଙ୍କର କାର୍ ମଧ ଘରେ ଅଛି । ରାସ୍ତାଘାଟର ବହୁତ ସୁବିଧା ହେଇଯାଇଛି । ତେଣୁ ଘର ଦୁଆର ମୁହଁରେ ଗାଡିରେ ଓହ୍ଲାଇବା କଥା । କନ୍ତୁ, ଏବେବି ଗାଁକୁ ଗଲେ ପିଲାଦିନର ସେ' ଦୁଃଖ, ଦୁର୍ଦ୍ଦଶା କଥା ମନେ ପଡିଯାଏ । ପିଲାମାନଙ୍କୁ କହିଲେ ସେମାନେ ହସି ଦିଅନ୍ତି । ବେଳେବେଳେ ଥଟ୍ଟା, ପରିହାସ ମଧ ସେମାନଙ୍କଠୁଁ ଶୁଣିବାକୁ ମିଳେ । କୁହନ୍ତି- ସେ' ତୁମର ପିଲିଦିନର ଜୀବନ କାହାଣୀ । ଆମକୁ କାହିଁକ ଶୁଣାଉଛ ? ସେମାନଙ୍କପାଇଁ ଜୀବନ ଆଜି ବହୁତ ସରଳ ଓ ସୁବିଧା ହେଇଯାଇଛି । ତଥାପି ସାମାନ୍ୟ ଅସୁବିଧା କେଉଁଠି ହେଇଗଲେ ସମାଲୋଚନା କରିବାକୁ ପଛାନ୍ତୁନାହିଁ । ସେମାନେ ବୁଝିପାରନ୍ତୁନ ମୋ'ର ତାଙ୍କୁ ସେ' କାହାଣୀ ଶୁଣେଇବାର ଉଦ୍ଦେଶ୍ୟ । ଦିନେ

ଜଣେ ଭଣଜାର ବା'ଘର ଆଟେଣ୍ଡ କରିବାକୁ ଭଦ୍ରକ ଯିବାକୁ ଥିଲ୍ । କାର୍ ରେ ମୁଁ, ମୋ' ସାନ ଭାଇ ଏବଂ କେତେଜଣ ଲୋକ ଯାଉଥିଲୁ । ଶ୍ରୀରାମପୁର ପାଖରେ ପହଞ୍ଚିଲାବେଳେ ସେ' ପାଗଳାଟି କଥା ଆପେଆପେ ମନେ ପଡିଗଲା । ଲାଲମୋହନ, ଯିଏ ଗାଡି ଡ୍ରାଇଭ୍ କରୁଥିଲେ ତାଙ୍କୁ କହିଲି ଗାଡିଟିକୁ ସ୍ଲୋ ଟିକେ କରି ଦେବାକୁ । କନ୍ତୁ, କାରଣ କହିନଥିଲି କେଉଁଥିପାଇଁ । ସେ' ଗାଡି ସ୍ଲୋ କରିଦେଲେ । ସେତେବେଳକୁ ମୋ' ଅଜାଣତରେ ଠପ୍‌ଠପ୍ ଦି' ଟୋପା ଲୁହ କେମିତି ଆଖିରୁ ବହିଆସି ଗାଲ ପାଖରେ ପହଞ୍ଚି ଯାଇଥିଲା ସେ' କଥା ମୋତେ ଜଣା ନଥିଲା ।

ଗାଡିଭିତରେ କ ଆଲୋଚନା ସବୁ ଚାଲିଥିଲା ମୋତେ ଶୁଭୁ ନଥିଲା । ହାତ ଦୁଇଟି ଆପେଆପେ ଯୋଡିହେଇ ଯାଇଥିଲା ସେହି ପାଗଳ ପିଲାଟି ପାଇଁ । ମୁଁ ସେହି ସ୍ୱର୍ଗତ ଆତ୍ମାର ସଦ୍‌ଗତିପାଇଁ ପରମପିତାଙ୍କ ନକଟରେ ପ୍ରାର୍ଥନା କରୁଥିଲି ।

ହିଡେନ୍ ଭ୍ୟାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍,
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

# ମାତୃଶକ୍ତି ଅବହେଳିତ



ନିରୁପମା ପାଣି

ଘୁରିଆଡେ ବାଜେ ବାଜା ଭେରିତୂରୀ
ମାଆ ଆସୁଛନ୍ତି ଧରାକୁ
ଉତ୍ସବ ମୁଖର ଗାଁରୁ ସହର
ପୂଜନ୍ତି ମାଟି ମୂର୍ତ୍ତୀ କୁ
ସେହି ଲୋକ ମାନେ ହତ୍ୟା କରିଥାନ୍ତି
ମାତୃଗର୍ଭୁ କନ୍ୟା ଭ୍ରୁଣକୁ
ଏକାକୀ ଦେଖିଲେ ଯୁବତି ଝିଅଟେ
ରାକ୍ଷାସ ସାଜି ତାହାକୁ
କରି ବଳାତ୍କାର ଦିଅନ୍ତି ଯନ୍ତ୍ରଣା
ଦେଖି ଦେଖ ଥରିଯାଏ
ଭୋଗ ବସ୍ତୁ ଆଜି ସମାଜ ଆଖିରେ
ନାରୀ ଟିଏ ଏକା ହୁଏ
ବୟସର ଅପରାହ୍ନେ ନାରୀ ପୁଣି
ଅଖୋଜା ଅଲୋଡା ହୁଏ
ଜରାଶ୍ରମେ ରହି ବାହୁନୀ ବାହୁନୀ
ଆଖି ମଳ କାନ୍ଦୁଥାଏ
ସମାଜରେ ନାରୀ ନୁହେ ଦରକାରୀ
ଏମିତି ଲାଗଇ ଆଜି
ମାଟି ମାଆ ଠାରୁ ପାଇବେ ଆଶିଷ
ମଣିଷ ଏ ଭଣ୍ଡ ସାଜି
କରୁଛନ୍ତି ନାନା ପୂଜା ଆରାଧନା
ଅରୁଆ ଡାଲମା ଖାଇ
କୋଉ ଘରେ ମାଆ ପାଉଅଛି ପୂଜା
ସତ କେ ପାରିବ କହି

ଗୁହାବାଲି, ଭଦ୍ରକ

# ବେଙ୍ଗରାଜା ବାହାଘର



ରଘୁନାଥ ତ୍ରିପାଠୀ

ମିଥୁନ ମାସର ପହିଲି ଲଗନେ ବେଙ୍ଗରାଜା ବାହାଘର
ତୁଳା ମାସଠା ଗ୍ରହହରାଜ ପରା ଲଗ୍ନ କରିଥିଲେ ସ୍ଥିର ।

ମଧୁର ଆଗମେ ବସନ୍ତ ପର୍ଶେ ନିରିବନ୍ଧ ହେଲା ଶେଷ
ଜ୍ୟେଷ୍ଠ ମାସର ମଧ୍ୟାନ୍ତର ପରେ ଜାଇରଗଡା ବିଶେଷ ।

ନିମନ୍ତ୍ରଣ ପାଇ ବନ୍ଧୁବାନ୍ଧବଙ୍କ ଆରମ୍ଭିଲା ଆଗମନ
ଆୟୋଜନ ଦେଖି ବେଙ୍ଗବେଙ୍ଗୁଲିଙ୍କ ମନ ଖାଲି ଛନ ଛନ ।

ରାଜାଘର କଥା ବଡ ଆୟୋଜନ ଲାଗିଲାଣି କେତେଦିନ
କଳାଧନ ଘନ ଚନ୍ଦ୍ରାତପ ଘେରେ ରାଜ୍ୟ ହୋଇଲା ଆଛନ୍ନ ।

କୋଣୀ ଦିବାକର ଲୁଗ୍ଗଇଲେ ମୁଖ ରାଜ୍ୟ ବାଇ ହେଲେ ତୋଷ
ଗଗନେ ମୁଦ୍ରିତ ତାରା ପୁଷ୍ପଗୁଚ୍ଛ ହେଲେନାହିଁ ଆଉ ଦୃଶ୍ୟ ।

ବିଜୁଳି ଆଲୋକ ସଜ୍ଜାରେ ଭୂଲୋକ ସଦା ଚକମକ ହେଲା
ଘନ ଘଡଘଡି ବାଜାର ତର୍ଜ୍ଜନେ ଧରଣୀ କମ୍ପି ଉଠିଲା ।

ବରାନୁଗମନ ପର୍ବ ଆରମ୍ଭିଲା ଇନ୍ଦ୍ରକଲେ ପୁଷ୍ପ ବୃଷ୍ଟି
ସ୍ୱର୍ଗୁ ଅମୃତର ନୀର ଧାର ଧାର ଆନନ୍ଦିତ ହେଲା ସୃଷ୍ଟି ।

ଭେକ ଡାହୁକଙ୍କ ଶଙ୍ଖ ହୁଳହୁଳ ସ୍ୱନେ ସର୍ବେ ହର୍ଷାନ୍ୱିତ
ବିଭ୍ୱବସୁ ଅଂଶୁ ଜାତ ସୁଧାବାରି କ୍ଷଣେ କଲା ଆମୋଦିତ ।

ସନ୍ତାପିତ ମାଟି ମାଆର ସୌରଭ ବିଦିଗେ ଚହଟିଗଲା
ସତେ ଅବା ବର ଅନୁଗାମୀଙ୍କର ମନ ବିମୋହକ ହେଲା ।

ଘନ ଘନ ଘନ ଘନ ଜଳବେଳେ ନଦନଦୀ ଗଲାଭରି
ବେଙ୍ଗ ବେଙ୍ଗୁଲିଙ୍କ ପରିବାରବର୍ଗ ଆନନ୍ଦରେ କୋଳାକୋଳ ।

ସାରୁପତ୍ର ହେଲା ସବୁଜ ଗୁନ୍ଦୁଆ ପରିଣୟ ବେଦୀ ପରେ
ବିବାହ ଉତ୍ସବ ପରେ ବାହୁଡିଲେ ସର୍ବେ ଯେ ଯାହାର ପୁରେ ।

ବାଲିସାହି, ମଧୁପାଟଣା, କଟକ

# ସଂଚୟ



ସନାତନ ମହାକୁଡ଼

ନଅଷ୍ଟକୁ ଆଷ୍ଟ
ଅଭାବକୁ ପୂର୍ତ୍ତି
ଅସହାୟକୁ ସହାୟ
ବିପଦେ ଧୈର୍ଯ୍ୟ
ବ୍ୟକ୍ତିତ୍ୱକୁ ପୂର୍ଣ୍ଣତା
ଯାହା ଦିଏ
ସେ ସଂଚୟ
ଏକମାତ୍ର ସଂଚୟ
ଧନ ମନ ଶକ୍ତି ଓ ସମୟ ।
ଏ ସବୁର ଅପଚୟ
ମନେ ଆଣେ ଶୋଚନା,
ଜୀବନେ ଭରି ଦିଏ
ଅବକ୍ଷୟ ।

ଗ୍ରାମ/ପୋ.ଅ: ବେରୁଆଁବାରୀ ୭୫୨୦୮୨
ଜିଲ୍ଲା: ନୟାଗଡ଼ ; ଓଡ଼ିଶା ।

# ପ୍ରଥମେ ଆମେ ମଣିଷ



ପଙ୍କଜ ଲୋଚନ ମହାନ୍ତ

"ଏ ଶୁଣୁଛ, ଚା ନିଅ..." ସବିତା ଦେବୀ ଚା ଟ୍ରେ ଆଣି ପ୍ରବୋଧବାବୁଙ୍କୁ ଡାକୁଛନ୍ତି, ତେବେ ପ୍ରବୋଧ ବାବୁ କିଛି ଉତ୍ତର ଦେଉ ନାହାନ୍ତି।

"କି ଆଶ୍ଚର୍ଯ୍ୟ କଥା, ଏତେ ଶୀଘ୍ର ନିଦ ଲାଗିଗଲା ନା କଣ ! ଏଇନେ କହିଲ ଚା ପିଇବା ବୋଲି, ମୁଁ ଚା ବନେଇକି ଆଣିଲା ବେଳକୁ ନିଦ ହେଇଗଲା?" ଏମିତିରେ ତ ୟାଙ୍କର ଦେହ କିଛି ଦିନ ହେଲା ଠିକ୍ ରହୁନି। ପୁଣି କଣ ହେଲା କି? ଚା ଟ୍ରେ ବେଡ୍ ସାଇଡ୍ ଟେବୁଲ୍ ଉପରେ ରଖି ପ୍ରବୋଧ ବାବୁଙ୍କୁ ଟିକିଏ ହଲେଇବାକୁ ଚେଷ୍ଟା କଲେ।

ଇଏ କଣ !!? ମୁହଁଟା ଅଜବ ଭଙ୍ଗୀ କରି ଶୋଇଛନ୍ତି! ସାଙ୍ଗେ ସାଙ୍ଗେ ସବିତା ଦେବୀ ପୁଅକୁ ଡାକ ପକେଇଲେ - "ଆରେ ମଣ୍ଟୁ, ଆସିଲୁ, ଦୌଡି ଆ, ବାପାଙ୍କର କଣ ହେଇଛି କେଜାଣି।" ମାଆଙ୍କ ପାଟି ଶୁଣି ମଣ୍ଟୁ ସାଙ୍ଗେ ସାଙ୍ଗେ ଆସି ବାପାଙ୍କ ପାଖକୁ ଯାଇ ଦେଖିଲା। ତାପରେ ମାଆଙ୍କୁ ଆଶ୍ୱାସନା ଦେଇ କହିଲା - "ମାଆ ବ୍ୟସ୍ତ ହୁଅନି, କଣ ଟିକିଏ ହେଇଥିବ। ମୁଁ ଡାକ୍ତର ମିନାକ୍ଷୀଙ୍କୁ ଫୋନ୍ କରୁଛି।"

ପ୍ରବୋଧ ବାବୁ - ବୟସ ଏକଷଠୀ। ପେଷାରେ ଇଞ୍ଜିନିୟର୍, ଏଇ ବର୍ଷେ ହେଲା ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ସବିତା ଦେବୀ ଜଣେ ଆଦର୍ଶ ଗୃହିଣି। ଦୁହିଁଙ୍କ ଭିତରେ ବହୁତ ଭଲ ବୁଝାମଣା। ସାଧାରଣତଃ ପତି ପତ୍ନୀଙ୍କ ଭିତରେ ଆଜିକାଲି ଯେମିତି ମନାନ୍ତର ଦେଖାଯାଏ, ସେମିତି କିଛି ଆଜି ଯାଏଁ ହେଇନି ଏ ଦୁହିଁଙ୍କ ଭିତରେ। ଯାହା ଟିକିଏ ଖିଟ୍ ପିଟ୍ ହେଲେ ସବିତା ଦେବୀ କଥାକୁ ଆଗକୁ ବଢିବାକୁ ଦିଅନ୍ତି ନାହିଁ। ଗୋଟିଏ ବୋଲି ପୁଅ ମଣ୍ଟୁ। ଇଞ୍ଜିନିୟରିଂ ପଢୁଛି - ତୃତୀୟ ବର୍ଷ ଚାଲିଛି। ସବୁ ଠିକ୍ ଠାକ୍ ଭିତରେ କେବଳ ପ୍ରବୋଧ ବାବୁଙ୍କ ସ୍ୱାସ୍ଥ୍ୟକୁ ନେଇ ସବିତା ଦେବୀଙ୍କ ମନଟା ଟିକିଏ ଚିନ୍ତିତ ରହୁଛି।

ଡ. ମିନାକ୍ଷୀ ପହଞ୍ଚିଗଲେ - "ଆଣ୍ଟି ନମସ୍କାର, କଣ ହେଲା? ମୁଁ ତ ଏଇ ପାଞ୍ଚ ଦିନ ତଳେ ଆସି ଦେଖିଥିଲି, ସବୁ ଠିକ୍ ଥିଲା।"

- "ହଁ ପରା, ଏଇ କିଛି ସମୟ ଆଗରୁ ଠିକ୍ ଥିଲେ। କଥାବାର୍ତ୍ତା କରୁଥିଲୁ। ହଠାତ୍ କଣ ହେଲା କେଜାଣି। ଟିକିଏ ଦେଖ ତ।"

ଡ. ମିନାକ୍ଷୀ ସବିତା ଦେବୀଙ୍କ ସହିତ ଗଲେ ଆଉ ପ୍ରବୋଧ ବାବୁଙ୍କୁ ଚେକ୍ କରି କହିଲେ, "ଆଣ୍ଟି, ବର୍ତ୍ତମାନ୍ ସବୁ ଠିକ୍ ଅଛି, କିଛି ବ୍ୟସ୍ତ ହୁଅନ୍ତୁ ନାହିଁ। ଏଇ ଔଷଧ ଲେଖି ଦେଉଛି, ନେଇ ଆସନ୍ତୁ, ଅଳ୍ପ କିଛି ଦିନ ଖାଇବାକୁ ହେବ। ଆଉ କିଛିଟା ଟେଷ୍ଟ୍ ଲେଖି ଦେଉଛି, କାଲି କରେଇ ଦିଅନ୍ତୁ।"

-"ହଉ ମିନାକ୍ଷୀ, ଧନ୍ୟବାଦ୍।"

ସବୁ ଟେଷ୍ଟ୍ କରାଗଲା ଓ ରିପୋର୍ଟ ଆସିଗଲା। ରିପୋର୍ଟ ଦେଖି ଡ. ମିନାକ୍ଷୀ ସବିତା ଦେବୀଙ୍କୁ କହିଲେ, "ଆଣ୍ଟି, ଅଙ୍କଲ୍‌ଙ୍କର ହାର୍ଟ୍ ଅପରେସନ୍ କରିବାକୁ ହେବ। ମୁଁ ମୋର ସିନିଅର୍ ମାନଙ୍କ ସହିତ କଥା ହେଉଛି। ଆପଣ ଅଙ୍କଲ୍‌ଙ୍କ ପାଇଁ ବ୍ଲଡ୍ ଡୋନର୍ ଯୋଗାଡ କରନ୍ତୁ। ତାଙ୍କ ବ୍ଲଡ୍ ଗ୍ରୁପ୍ ଏବି ନେଗେଟିଭ୍, ବହୁତ ରେର୍।" ସତରେ ଏଇ ବ୍ଲଡ୍ ଗ୍ରୁପ୍ ପାଇଁ ଡୋନର୍ ସହଜରେ ମିଳନ୍ତି ନାହିଁ।

ଅନେକ ଖୋଜାଖୋଜି କରି ନାକେ ଦମ୍ ହେଇଗଲେ ମାଆ ପୁଅ। ମଣ୍ଟୁ ତାର ସବୁ ହ୍ୱାଟ୍ସ୍ ଏପ୍ ଗ୍ରୁପ୍ ରେ ଅନୁରୋଧ କଲା। ସବିତା ଦେବୀ ନିଜର ଜଣାଶୁଣା ସମସ୍ତଙ୍କୁ କହିଲେ। ବହୁତ ଚେଷ୍ଟା ପରେ ବଡ କଷ୍ଟରେ ଜଣେ ଡୋନର୍ ମିଳିଲେ, ଯିଏକି ସମ୍ପୂର୍ଣ୍ଣ ଅପରିଚିତ। ଯ୍ଦା ଭିତରେ ଡ. ମିନାକ୍ଷୀ ଆଉ କିଛି ଡାକ୍ତରଙ୍କ ସହ ଅପରେସନ୍ ବିଷୟରେ କଥାବାର୍ତ୍ତା ହୋଇ ସାରିଥିଲେ। ଡୋନର୍ ମିଳିବା ଖବର ପାଇବା ପରେ ଅପରେସନ୍ ପାଇଁ ତାରିଖ ଓ ସମୟ ଠିକ୍ କରାଗଲା। ସେ ସମୟ ଯେତେ ପାଖେଇ ଆସୁଥିଲା, ସବିତା ଦେବୀଙ୍କ ଉଦବେଗ ସେତିକି ବଢୁଥିଲା। ତେବେ ଯାହା ହେଉ, ଡ. ମିନାକ୍ଷୀଙ୍କ ନିଷ୍ଠା ଏବଂ ଭଗବାନଙ୍କ ଆଶୀର୍ବାଦରୁ ଅପରେସନ୍ ଭଲରେ ଭଲରେ ହେଇଗଲା।

ଅପରେସନ୍ ପରେ ସବିତା ଦେବୀ ଡଃ ମିନାକ୍ଷୀଙ୍କୁ କହିଲେ, "ମିନାକ୍ଷୀ, ତମର ପରିଶ୍ରମ ପାଇଁ ଅଶେଷ ଧନ୍ୟବାଦ।"

- "ଏଇଟା ତ ମୋର କର୍ତ୍ତବ୍ୟ ଆଣ୍ଟି। ଏବେ ଆମେ ଅଙ୍କଲ୍‌ଙ୍କର ଯତ୍ନ ଭଲରୂପେ ନେବା ଦରକାର।"

- "ସେଥିରେ ଜମା ହେଳା ହେବନି। ତମେ ଯେମିତି କହିବ, ସେ ଅନୁଯାୟୀ ଆମେ କରିବୁ। ତେବେ ଗୋଟିଏ କଥା ମିନାକ୍ଷୀ, ଡୋନର୍ ଭଦ୍ରବ୍ୟକ୍ତିଙ୍କ ସହିତ ଟିକିଏ କଥା ହେବାକୁ ଇଚ୍ଛା।"

ଡ. ମିନାକ୍ଷୀ କହିଲେ, "ଆଣ୍ଟି, ଆପଣ କହିବା ଆଗରୁ ମୁଁ ତାଙ୍କୁ ପଚାରିଥିଲି, ବ୍ଲଡ୍ ପାଇଁ କଣ ନେବେ ବୋଲି, କିନ୍ତୁ ସେ ମନା କଲେ ଆଉ କହିଲେ ସାର୍ ଘରକୁ ଫେରିବା ପରେ ସେ ଦିନେ ଆସି ଦେଖା କରିବେ।"

ସବିତା ଦେବୀ କହିଲେ, "ଆରେ, କିଛି ନେବେନି କାହିଁକି? ହଉ, ଘରକୁ ଆସିବେ କହିଛନ୍ତି ତ, ମୁଁ ସେତେବେଳେ ତାଙ୍କ ସହିତ କଥା ହେବି।"

ପ୍ରବୋଧ ବାବୁ କିଛି ଦିନ ପରେ ହସ୍ପିଟାଲରୁ ଡିସ୍ଚାର୍ଜ୍ ହୋଇ ଘରକୁ ଫେରିଲେ। ଆସ୍ତେ ଆସ୍ତେ ଦେହ ଟିକିଏ ଭଲ ଲାଗୁଥାଏ।

ଦିନେ କଲିଙ୍ଗ୍ ବେଲ୍ ବାଜିବାରୁ ସବିତା ଦେବୀ କବାଟ ଖୋଲି ଦେଖିଲେ, କିଏ ଜଣେ ଅଜଣା ଲୋକ ଆସିଛନ୍ତି। ସେ ପଚାରିଲେ, "ଆଜ୍ଞା କୁହନ୍ତୁ, କଣ ଦରକାର?"

- "ମେଡେମ୍ ନମସ୍କାର, ପ୍ରବୋଧ ବାବୁଙ୍କୁ ଟିକିଏ ଦେଖ କରି ଥାଆନ୍ତି। ଶୋଇ ନାହାନ୍ତି ତ?"

- "ନା, ଶୋଇ ନାହାନ୍ତି, ଆସନ୍ତୁ, ଏଠି ବସନ୍ତୁ, ମୁଁ ଡାକି ଦେଉଛି।"

କିଛି ସମୟ ପରେ ପ୍ରବୋଧବାବୁ ଡ୍ରଇଙ୍ଗ୍ ରୁମ୍ କୁ ଆସିଲେ।

ଆଗନ୍ତୁକ କହିଲେ, "ପ୍ରବୋଧ ବାବୁ ନମସ୍କାର। କେମିତି ଅଛନ୍ତି?"

- "ଭଲ ଅଛି, ଧନ୍ୟବାଦ୍, ତେବେ ଆପଣ...?"

- "ଆଜ୍ଞା, ମୁଁ ସେଦିନ ଆପଣଙ୍କ ଅପରେସନ୍ ପାଇଁ ବ୍ଲଡ୍ ଦେଇଥିଲି।"

- "ଆଛା, ଆପଣ ତାହେଲେ…? ଆପଣଙ୍କୁ ଅଶେଷ ଧନ୍ୟବାଦ। ଭଲ ହେଲା ଆପଣ ଆସିଲେ। ମୁଁ ଶୁଣିଲି ସେଦିନ ଆପଣ କିଛି ନ ନେଇ ଚାଲିଗଲେ।"

- "ନା ନା, ମୁଁ ଆଜି କିଛି ନେବାକୁ ଆସିନି। କେବଳ ଟିକିଏ ଦେଖା କରିବାକୁ ଆସିଲି।"

- "ମୋ ଭଳି ଜଣେ ଅଜଣା ଲୋକକୁ ଆପଣ ଏମିତି ସାହାଯ୍ୟ କରି ମତେ ଋଣୀ କରିଦେଲେ।"

- "ତା ମାନେ ଆପଣ ମତେ ଚିହ୍ନି ପାରିଲେନି। ହଁ, ବହୁତ ବର୍ଷ ହେଲାଣି…।"

- "ସତରେ ମୁଁ ଚିହ୍ନି ପାରୁନି। ଆପଣଙ୍କର ପରିଚୟ ଦେବେ କି?"

- "କଲେଜ୍ ବେଳର କଥା ମନେ ପକାନ୍ତୁ। କଲେଜ୍ କ୍ୟାଣ୍ଟିନ୍…"

- "ଆରେ, ଗୋପାଳ ଭାଇ କି?"

- "ହଁ, ଏବେ ମନେ ପଡିଲା ତ?" କହି ହସି ଦେଲେ।

ପ୍ରବୋଧ ବାବୁଙ୍କର ମନରେ କଲେଜ୍ ଜୀବନର ଘଟଣା ସବୁ ଗୋଟିଏ ପରେ ଗୋଟିଏ ଭାସି ଆସୁଥିଲା। ଆଉ ସେଦିନ କଲେଜ୍ କ୍ୟାଣ୍ଟିନ୍ ରେ ଯାହା ହେଇଥିଲା, କେମିତି ଭୁଲି ହେବ?

ସବୁ ସାଙ୍ଗମାନଙ୍କ ସହିତ ମସ୍ତି କରି କରି କ୍ୟାଣ୍ଟିନ୍ ଭିତରକୁ ପଶି ଯାଇଥିଲା ପ୍ରବୋଧ ଆଉ ଟ୍ରେ ଧରି ଲାଇନ୍ ରେ ଛିଡା ହୋଇଥିଲା। ଗୋପାଳ ଭାଇ ପରସୁ ଥାଆନ୍ତି ଚିକେନ୍। ଚାରି ପିସ୍ ଚିକେନ୍ ପକେଇବା ପରେ ପ୍ରବୋଧ କହିଲା, "ଆଉ ଗୋଟିଏ ପିସ୍ ପକାଅ ଗୋପାଳ ଭାଇ"।

ଗୋପାଳ ମନା କଲା। କାରଣ ମ୍ୟାନେଜମ୍ୟାଣ୍ଟ ଯାହା କହିଛନ୍ତି ସେ ଅନୁଯାୟୀ କାମ କରିବାକୁ ପଡିବ। ପ୍ରବୋଧ କିନ୍ତୁ ସେ କଥା ନ ବୁଝି ଗୋପାଳକୁ ଖୁବ୍ ଜୋର୍ ପାଟି କରି ଇଆଡୁ ସିଆଡୁ ଗାଳି ଦେଇଥିଲା।

- "ଭାରି ନିୟମ ଦେଖଉଛି। ରହ, ତତେ ଦେଖୁଛି…" ଏମିତି କେତେ କଣ କହି ଯାଇଥିଲା।

ଆଜି ସେ ସବୁ ମନେ ପଡିବାରୁ ଭାରି ଖରାପ ଲାଗୁଥିଲା। ପୁଣି ସେଇ ଗୋପାଳ ଭାଇ ଲାଗି ଆଜି ତାର ଜୀବନ ବଞ୍ଚିଲା। କଣ କହିବ କିଛି ବୁଝି ପାରୁ ନ ଥାଏ।

ଶେଷରେ ଭାବି ଚିନ୍ତି କହିଲା, "ଗୋପାଳ ଭାଇ, ସେଦିନର ମୋର ବ୍ୟବହାର ପାଇଁ ମୁଁ ଖୁବ୍ ଦୁଃଖିତ। ଛାତ୍ର ଜୀବନର ଚପଳତାରେ ଯାହା ସବୁ କହିଥିଲି, ସେଥିପାଇଁ ମତେ କ୍ଷମା କର"।

ଗୋପାଳ କହିଲା,"ନା ସାର୍, ଛାଡନ୍ତୁ ସେ କଥା। ଏତେ ଦିନର କଥା ଆହୁରି ମନେ ରଖିଛନ୍ତି ନା? ମୁଁ ତ ନିଜକୁ ଭାଗ୍ୟବାନ୍ ମନେ କରୁଛି ଯେ ମୁଁ ଆପଣଙ୍କ ଦରକାର ସମୟରେ କିଛି କରି ପାରିଲି।"

- "ସତରେ ଗୋପାଳ ଭାଇ, 'କହିବା ଲୋକ ବଡ ନୁହେଁ, ସହିବା ଲୋକ ବଡ'। ଏହା ତମେ ଆଜି ପ୍ରମାଣ କରିଦେଲ। ବହୁତ ଧନ୍ୟବାଦ୍ ଗୋପାଳ ଭାଇ। ସତରେ ଭାଇ, ଆମେ ଯିଏ ହେଉ, ଯାହା କାମ କରୁ, ସମସ୍ତେ ମନେ ରଖିବା ଉଚିତ୍ ଯେ ପ୍ରଥମେ ଆମେ ମଣିଷ"।

ଭୁବନେଶ୍ୱର
9437642621

# ପରିବେଶ ସୁରକ୍ଷା ଜୀବନ ରକ୍ଷା



ସୁସ୍ମିତା ମହାପାତ୍ର

ଅଜୈବିକ ଆଉ ଜୈବିକ ପଦାର୍ଥେ
ଭରି ଆମ ଚଉପାଶ,
ସଜୀବ, ନିର୍ଜୀବ, ବସ୍ତୁ ଓ ଅବସ୍ଥା
ନେଇ ଗଢ଼ା ପରିବେଶ ।

ପ୍ରକୃତିରୁ ସୃଷ୍ଟ ତରୁଲତା, କୀଟ,
ପଶୁ, ପକ୍ଷୀ ଜୀବ ମାନ,
ପରିବେଶ ମଧ୍ୟେ ଅନ୍ତର୍ଗତ ସବୁ
କୃତ୍ରିମର ନାହିଁ ସ୍ଥାନ ।

ପରିବେଶ ସଦା ନିଭାଏ ଭୂମିକା
ଜୀବନ ଜୀବିକା ଧାରେ,
ଆଜିର ଆହ୍ୱାନ ରହି ସଚେତନ
ସୁରକ୍ଷା କରିବା ତା'ରେ ।

ଯେଉଁ ମାଟି, ପାଣି, ପବନ ଆମକୁ
କୋଳାଇ କରିଛି ବଡ଼,
ତା'ର ପ୍ରଦୂଷଣେ ନିବୁଜ ନୟନେ
ରହିକି ପାରିବା ଜଡ଼ ?

ଶିଳ୍ପ ଓ ସବୁଜ ବିପ୍ଳବ ପ୍ରତ୍ୟହ
ପରିବେଶ କରେ ନଷ୍ଟ,
ମଣିଷ ସମେତ ପଶୁ, ପକ୍ଷୀ, କୀଟ
ପତଙ୍ଗ ପାଆନ୍ତ କଷ୍ଟ ।

ସହରୀକରଣ କରେ ପ୍ରଦୂଷଣ
ଜଙ୍ଗଲରେ ଜଳେ ନିଆଁ,
ଆକ୍ରାମାକ୍ରା କରେ କଳକାରଖାନା,
ଯାନବାହନର ଧୂଆଁ ।

ଗନ୍ଧକାମ୍ଳ ସାଥେ ଯବକ୍ଷାର ଅମ୍ଳ
ପ୍ରତିକ୍ରିୟା ଯେବେ କରେ,
ଅମ୍ଳବର୍ଷା ଯୋଗୁଁ ସୌଧ ହୁଏ କ୍ଷୟ
ମୃତ୍ତିକାରେ ବିଷ ଚରେ ।
ନଇ, ନାଳ, କୂଅ, ପୋଖରୀ ପାଣିରେ
ଶିଳ୍ପ ବର୍ଜ୍ୟ ଗଲେ ମିଶି,
ଯଣ୍ଡିସ୍, ହଇଜା ବ୍ୟାଧିରେ ଜନତା
କଲବଲ ଦିବାନିଶି ।

ଅଜୈବିକ ସାର, କୀଟମର୍ ବିଷ,
ଅଣୁବୋମା ବିସ୍ଫୋରଣ,
ଅହରହ କରେ ବ୍ୟଥିତ ଜୀବନ
ଜଳବାୟୁ ପ୍ରଦୂଷଣ ।

ଉଚ୍ଚ ଧ୍ୱନି ହେତୁ ଶବ୍ଦ ପ୍ରଦୂଷଣେ
ଦେଖାଦିଏ ବଧିରତା,
ତେଜଷ୍କ୍ରିୟ ରଶ୍ମି ଭିଆଏ କର୍କଟ,
ଶାରୀରିକ ଅଥର୍ବତା ।

ବାୟୁ ପ୍ରଦୂଷଣ ସମସ୍ୟା ଭୀଷଣ
ରୁଦ୍ଧ କରେ ଆମ ଶ୍ୱାସ,
ଚକ୍ଷୁ, ଚର୍ମ ରୋଗେ ଆକ୍ରାନ୍ତ ଓଜୋନ
ସ୍ତରରେ ହୋଇଲେ ହ୍ରାସ ।

ସରନ୍ତୁ ସମ୍ପଦ ବେଖିରେ ବିପଦ
ଆବଶ୍ୟକ ନିୟନ୍ତ୍ରଣ,
ଅକ୍ଷୟ ସମ୍ପତ୍ତି  ଆଦରି ବିପତ୍ତି
ଏଡ଼ାଇବୁ କରି ପଣ ।

ମହାବିପତ୍ତିରୁ ମୁକୁଳିବା ଆମେ
ଗଛ ଲଗାଇବା ଯେବେ,
ସନ୍ତୁଳନ ରଖି ପରିବେଶ ସାଥେ
ଚଳିଲେ ସତର୍କେ ପ୍ରଗତିର ପଥେ
ନିରୋଗ ରହିବା ସର୍ବେ ।

ବିଜ୍ଞାନ ଶିକ୍ଷୟିତ୍ରୀ, ରାଉରକେଲ୍
ମୋ. ନଂ - ୯୪୩୭୫୦୩୧୩୮

# ମଧୁ ଠୁ ମଧୁ ଆହୁରି ମଧୁ



ବୈଦ୍ୟନାଥ ପଣ୍ଡା

ମଧୁ ଠୁ ମଧୁ ଆହୁରି ମଧୁ
ଜାଣିଛକି ସିଏ କିଏ
ସେନେହ ତାର ଅମୁଲ ମୁଲ
ନଦୀ ପରି ବହି ଯାଏ
ସିଏ ମାଆ ଆମ ମାଆ
ତା, ପରି ଆଉ ହେବ କିଏ
ମଧୁ ଠୁ ମଧୁ ଆହୁରି ମଧୁ.......... ॥
ଡାକରେ ତାର ଅମୃତ ଝରେ
ଝରି ଝରି ଝରି ଯାଏ
ପଣତ ତାର ଦେଲେ ଘୋଡାଇ
ଦୁଃଖ ସବୁ ଦୂର ହୁଏ
ପଦିଏ କଥା ଦେଲେ ସେ କହି
ପେଟ ଆମ ପୂରିଯାଏ

ମଧୁ ଠୁ ମଧୁ ଆହୁରି ମଧୁ.......... ॥

ମୁଖରେ ଆମର ଦାନାସେ ଦିଏ

ନିଜ ପେଟକୁ ନଖାଇ

ଶୀତ ରାତିରେ ସେ ଥରେ ଶୀତରେ

ଆମକୁ ଘୋଡାଇ ଦେଇ

ଋଣକୁ ତାହାର ସୁଝିବା ପାଇଁ

ଏଠି ସମର୍ଥ ନୁହେଁ କିଏ

ମଧୁ ଠୁ ମଧୁ ଆହୁରି ମଧୁ........ ॥

ଆମରି ପାଇଁ ସେ ସରଗୁ ବଡ଼

ତା ଠାରୁ ବଡ଼ କେ ନାଇଁ

ସେଇ ତ ସାହା ସେଇ ବି ରାହା

ଅଟେ ସେ ମମତାମୟୀ

ଦୁନିଆରେ ଏକା ବଡ଼ ସେ ହୁଏ

ତା ପାଦକୁ ପୂଜଇ ଯିଏ

ଅବଦଲ ପୁର, ଯାଜପୁର
ଦୂରଭାଷ=9439854199

# ଶେଷଇଚ୍ଛା ର ପ୍ରେମ



ଆଶୁତୋଷ ମେହେର

ତାକୁ ଏମିତି ଭାବରେ ଭେଟିବି...ତା ପୁଣି ଚାଳିଶ ବର୍ଷ ପରେ...ମୋ ଭାବନା ବାହାରେ ଥିଲା ।

ସେ ଦମୟନ୍ତୀ ...ମୋର ସହପାଠୀ ସ୍ନାତକ ଓ ସ୍ନାତକୋତ୍ତର ରସାୟନ ବିଜ୍ଞାନ ବିଭାଗ...ପ୍ରଥମେ ବଲାଙ୍ଗୀର ରାଜେନ୍ଦ୍ର କଲେଜରେ ଓ ତା ପରେ ପରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ର କେମ୍ପସ୍ ରେ ।

ଆମେ ଦୁହେଁ ବଲାଙ୍ଗୀର ଜିଲ୍ଲା ର ।ସେ ବଲାଙ୍ଗୀର ସହରର ଝିଅ...ତେଣୁ ରାଜେନ୍ଦ୍ର କଲେଜର ମୂଳ ଛାତ୍ରୀ ଆଉ ମୁଁ ତୁଷରା କଲେଜରୁ ଆଇ ଏସ୍ ସି ପାସ୍ କରି ନାଁ ଲେଖାଇଥିଲି ସ୍ନାତକ ବିଜ୍ଞାନ ରାସାୟନଶାସ୍ତ୍ର ଅନର୍ସରେ ରାଜେନ୍ଦ୍ର କଲେଜକୁ ଆସି ।

ତେବେ ଗୋଟାଏ ଛୋଟ ଘଟଣା ଯେମିତି ବାଟ ଦେଖୁଥିଲା ଆମ ଦୁହିଁଙ୍କ ଭିତରେ ଏକ ଆଜଣା ଯୋଗସୂତ୍ର ବାନ୍ଧି ଦେବାକୁ। ସେଇୟା ବି ଘଟିଲା ।ସେ ଦିନ ମୋର ପ୍ରାକଟିକାଲ୍ କ୍ଲାସକୁ ଡେରି ହେଇ ଯାଉଥିବାରୁ ମୁଁ ଯୋର୍ ରେ ଧାଇଁଯାଉଥିଲି ବରଣ୍ଡାରେ....ଆଉ କେମିଷ୍ଟ୍ରି ଲାବ୍ ଟା ସେଇ ବରଣ୍ଡା ଶେଷ ବୁଲାଣି ପାଖରେ ।ପରେ ମୁଁ ଶୁଣିଥିଲି ସେ ବୁଲାଣୀ କୁଆଡେ ଥିଲା ଆମ କଲେଜ ର ଏକ ପ୍ରେମ ବ୍ଲାକ୍ ସ୍ପଟ୍ ଓ ଅନେକ ପ୍ରେମିକପ୍ରେମୀ ଯୁଗଳ ସୃଷ୍ଟି କରି ପାରିଥିବା ଯାଗା। ସେଦିନ ତରବର ହିବାର ର ଫଳ ବି ମତେ ଭୋଗିବାକୁ ହେଲା ଯେବେ କୌଣସି ଜଣେ କୋମଳାଙ୍ଗୀ ସହ ହଠାତ୍ ମୁହାଁମୁହିଁ ଧକ୍କାରେ ବରଣ୍ଡା ର ବୁଲାଣୀରେ...ସେ ତଳେ ଓ ମୁଁ ବି ତଳେ ।ଟିକଏ ସଷ୍ଟାମ ହେଲା ବେଳକୁ ...ବରଣ୍ଡା ଛଟାଣରୁ ଉଠିବା ପୂର୍ବରୁ... ମୋ ଆଖିରେ ପଡିଗଲା ସେ ଝିଅ ଟାର ଗୋଲ ଗୋରା ମୁହଁ..ନାଲି ଓଠ ଓ ତା ଉପରରେ ଦାଉଦାଉ ହେଉଥିବା କଳାଜାଇ ଟା ଉପରେ!!

ସେ ଦିନ କେମିଷ୍ଟ୍ରିଲ୍ୟାବରେ ଅନ୍ୟମନସ୍କ ହୋଇ ଭୁଲ ରସାୟନ ମିଶାଇ ଦେଇ ଟେଷ୍ଟଟିଉବ୍ ରେ ନିଆଁ ବି ଲାଗିଲା ଓ ଅଧ୍ୟାପକଙ୍କ ନାଲି ଆଖି ଦେଖିବାକୁ ପଡିଲା। ହେଲେ ମୁଁ ସେଦିନ ଠୁଁ ପଡିଗଲି ସେ ଦପ୍ ଦପ୍ ନାଲି ଓଠ ଓ କଳାଜାଇ ର ମୋହରେ। ଆଉ ସେ ମୋହ ଯେ ଏକତରଫା ନ ଥିଲା ତାହା ମୁଁ ଜାଣିଗଲି ... ଯେଉଁ ଦିନ ଦମୟନ୍ତୀ ମୋତେ ମାଗିଥିଲା କେମିଷ୍ଟ୍ରି ନୋଟ ଖାତା ଓ ତାହା ଫେରିଲା ବେଳେ ସେ ଛୋଟ ଚଠି ଖଣ୍ଡିକ ଯେଉଁଠି ଲେଖାଥିଲା....ପ୍ରଭାତ ବାବୁ ମୋତେ କ୍ଷମା କରିବେ।ମୋ ଭୁଲ ଯୋଗୁଁ ଆପଣ ସେ ଦିନ କଷ୍ଟ ପାଇଲେ।କଛି ଧରିବେନ ବୋଲି ଆଶା!! ଦମୟନ୍ତୀ

ତାହା ହେଲେ ମୋ ନାଁ ଟା ବି ଯୋଗାଡ କରିଦେଇଥିଲା ସେ ଏ ଭିତରେ।

ହଁ... ସେ ଦମୟନ୍ତୀ ଓ ମୁଁ ପ୍ରଭାତ.....ଦୁଇ ବର୍ଷ ସମୟରେ ପ୍ରଥମ ଶ୍ରେଣୀ ଅନର୍ସ ସହ ପାସ୍ ହେଲୁ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଜ୍ୟୋତିବିହାର ର ସ୍ନାତକୋତ୍ତରେ ଅଧ୍ୟୟନ ଆରମ୍ଭ କରିଥିଲୁ। ଆମ ଭିତରେ ଥିବା ରସାୟନ ପ୍ରକ୍ରିୟା ମଧ ଧୀରେ ଧୀରେ ବଦଳବାକୁ ଲାଗିଥିଲା। ଜ୍ୟୋତିବିହାର ର ସବୁଜିମା ଭରା ପରିବେଶ, ମହାନଦୀ ପଥରଭରା ବକ୍ଷ ଓ କାଚକେନ୍ଦୁ ପାଣି, ହୀରାକୁଦ ବନ୍ଧ ଓ ନେହେରୁ ମୀନାର ଫୁଲ ବଗିଚା, ପାଖ ସହର ସମ୍ବଲପୁର ର ଅଶୋକା, ଲକ୍ଷ୍ମୀ ଓ ଗେଇଟି ଟକଜ୍ ରେ ଫିଲ୍ମ ଦେଖା ଏବଂ ବୁର୍ଲାକୁ ଆସୁଥିବା ଶେଷବସ କୁ ଧରିବାର ର ଛକାପଞ୍ଝା ଭିତରେ...କେତେ ଜଲଦି ସେ ସ୍ନାତକୋତ୍ତର ଦୁଇବର୍ଷ ସରିବାକୁ ଲାଗିଲା ଜଣା ପଡିଲାନ। ତେବେ ଆମ ଦୁହିଁଙ୍କ ଭିତରେ ତିଆରି ହେଉ ଥିବା ସମ୍ବନ୍ଧ... ଅନେକ ରସାୟନ ପ୍ରକ୍ରିୟାପରି.... ଅନଶ୍ଚିତତା ର ଫଳ ଯେ ଭୋଗିବ ତାହା ଥିଲା ମୋ ଚନ୍ତା ପରିଧି ବାହାରେ।

ପରୀକ୍ଷାଫଳ ବାହାରିବା ପରେ ସମସ୍ତେ ଖୁସି ର ମାହୋଲରେ ଥିବା ବେଳେ ଦମୟନ୍ତୀ ଆମ ସମ୍ବନ୍ଧରେ ବମ୍ ଫୁଟାଇ କହିଥିଲା....ମୋତେ ଭୁଲ ବୁଝିବନ ପ୍ରଭାତ..ପରିବାର ବିରୁଦ୍ଧରେ ଯିବା ସାହସ ମୋର ନାହିଁ .... ତୁମ ସହ ମୋର ମାନସିକ ସଂପର୍କ କଥା ଘରେ ମୁଁ ଜଣାଇଥିଲି ହେଲେ ସେମାନେ ବୁଝିବାକୁ ନାରାଜ। ବାଧ ହୋଇ ମୁଁ ଘରେ ଠିକ୍ କରଥିବା ପ୍ରସ୍ତାବ ଅନୁୟାୟୀ ବିବାହ କରିନେବି ଆଉ ଦୁଇମାସ ଭିତରେ।

ମୋ ଆଖିରେ ଦୁଃଖ ଦେଖପାରିଥିଲା ସେ... କହିଥିଲା...ତୁମେ ଯେ ଦୁଃଖିତ ମୁଁ ଜାଣି ପାରୁଛି । ହେଲେ ତୁମ ପ୍ରତି ମୋର ପ୍ରତିବଦ୍ଧତା କୁ ସଂପର୍କରେ ବଦଳାଇ ପାରିଲିନ ସିନା...ଆଜି ତୁମ ଠୁଁ ବିଦାୟ ନେବା ପୂର୍ବରୁ କଥା ଦେଉଛି...ତୁମେ ମୋ ଠାରୁ ଶେଷଇଚ୍ଛା ଭାବେ ଯିହାକଛି ମୋ ଠାରୁ ଆଶା କରି ମାଗିବ...ମୁଁ ତାହା ଦେବାକୁ ରାଜି...ଏକଦମ ରାଜି ।

ଏ କଣ କହୁଛି ଦମୟନ୍ତୀ...ଯାହାକୁ ମୁଁ ଏତେ ଭଲ ପାଇଛି...ଆଉ କିଛିଦିନରେ ପରେ ସେ ଆଉ କାହାର ଜୀବନସାଥୀ ହେବ...ହେଲେ ଏ କଣ କହୁଛି ସେ ?

ମୋ ଭିତରୁ କିଏ ଯେମିତି କହିଲା....ପ୍ରେମରେ ତ୍ୟାଗଠୁଁ ବଳ କିଛି ନ ଥାଏ...ଆଉ ନଜର ପ୍ରେମ ସାଥୀ ର ତ୍ୟାଗ କୁ... ଆହୁରି ଗୋଟାଏ ବଡ ଚରମ ତ୍ୟାଗ ବଦଳରେ ହିଁ କେବଳ ଜିଣି ହୁଏ...କାମନା ବାସନା ମୋହ ଦେଇ ନୁହେଁ।

କହିଥିଲି...ମୋତେ ତୁମର ଫଟୋ ଟିଏ ହିଁ ଦରକାର କେବଳ...ହୃଦୟରେ ଲଗାଇ ରଖିବାକୁ ।

ତା ପର ଦିନ ହିରାକୁଦ ରେଳ ଷ୍ଟେସନରେ ଦମୟନ୍ତୀକୁ ରଙ୍ଗବତି ପାସେଞ୍ଜର ଗାଡିରେ ବଲାଙ୍ଗୀର ଯିବାପାଇଁ ବିଦାୟ ଦେବା ବେଳ ସେ ବଢାଇ ଦେଇଥିଲା ତାର ସୁନ୍ଦର ଏକ ରଙ୍ଗୀନ ପାସପୋର୍ଟ ସାଇଜର ଫଟୋ। କହିଥିଲା....ଏଇ ନଅ ତୁମ ଶେଷ ଇଚ୍ଛା ର ଜିନଷ । ଟ୍ରେନ୍ ଟା ଧୂଆଁ ଛାଡି...ଆଖି ପାହାନ୍ତା ଓଭରବ୍ରିଜ୍ ଡେଇଁଲା ଯାଏ ସେମିତି ଠିଆ ହୋଇଥିଲି ପ୍ଲାଟଫର୍ମରେ ।

ସେଇ ଫଟୋ ଖଣ୍ଡିକ ସେଦିନରୁ ଆସ୍ଥାନ ଜମାଇ ରଖିଲା ମୋ ପର୍ସର ପାରଦର୍ଶୀ ଖିଡିକ ଭିତରେ । ସେ ଥିଲା ଆମର ଶେଷ ଦେଖା ସାକ୍ଷାତ ।

ମୁଁ ବି ମୋର ସ୍କଲାରସିପ୍ ପାଇ ଉଚ୍ଚତର ଗବେଷଣା ପାଇଁ ଚାଲିଯାଇଥିଲି ଜର୍ମାନ ବର୍ଲିନ ବିଶ୍ୱାବିଦ୍ୟାଳୟ କୁ ଓ ପରେ ପରେ ସେଇଠି ଚାକରୀ କରି ରହିଯାଇଥିଲି ସେ ବିଦେଶୀ

ବିଶ୍ୱବିଦ୍ୟାଳୟରେ। ଜୀବନସାଥୀ ଖୋଜିବା ଦରକାର ପଡିଲାନି ନିଜ ରିସର୍ଚ୍ଚ କାମ ଓ ପାଠ ପଢାଇବାରେ ବୁଡିରହି।

ବାପା ମାଁ ଙ୍କ ଆକଟପଣ ହାର ମାନିଥିଲା ମୋର ଜିଦ୍ ଆଗରେ। ସେ ଦୁହେଁ କହିଥିଲେ ତୋର ବିଦେଶ ରେ ଅର୍ଜିତ ଧନସମ୍ପତ୍ତି ରେ ଆମର ଟିକିଏ ବି ମୋହ ନାହିଁରେ। ତୋର ପିଲାଛୁଆ...ଆମର ନାତି କି ନାତୁଣି ଦେଖି ମରିଥିଲେ ମନରେ ଟିକିଏ ଶାନ୍ତ ପାଇଥାଆନ୍ତୁ । ହେଲେ ତାଙ୍କରି ଶେଷ ଆଶା ଦବି ରହିଗଲା... ମୋର ଶେଷଇଚ୍ଛା ର ଛାଇ ଆଢୁଆଳରେ।

କୋଡିଏ ବର୍ଷ ପରେ  କୌଣସି ଏକ ବିଜ୍ଞାନ ସେମିନାର ରେ ଯୋଗ ଦେବାର ସୁଯୋଗ ଯୁଟିଲା ଦିଲ୍ଲୀରେ...ସେଇଠି ଖବର ପାଇଥିଲି ଦମୟନ୍ତୀ ଏବେ ସରକାରୀ କଲେଜରେ ଅଧ୍ୟାପିକା ଓ ତା ସ୍ୱାମୀ ଓଡିଶା ପ୍ରଶାସନିକ ବିଭାଗରେ ଅଧିକାରୀ। ଆଉ ଅଧିକା ଜାଣିବା ଉଚିତ ଭାବିନଥିଲି।

ଗାଁ ରେ ପହଞ୍ଚି ବାପାମାଁ ଙ୍କ ଠୁଁ ଶୁଣିଲି ସେଇ ପୁରୁଣା କଥା। ତାଙ୍କ ମନ ବୁଝାଇବାକୁ କହିଲି...ଜନ୍ମ କଲା ନାତିନାତୁଣୀ ତ ଦେଇ ପାରିବିନି ..ତେବେ ଠିକ୍ କରିଛି... ମୋର ଅର୍ଜିତ ପଇସାରେ ତୁମ ଦୁଇଜଣଙ୍କ ନାମରେ ଗୋଟାଏ ଫାଉଣ୍ଡେସନ୍ ଖୋଲି ଆମ ଏରିଆ ର ଗରିବ ଅନାଥ ପିଲାଙ୍କୁ ମଣିଷ କରିବାର ସଂସ୍ଥା ଗଢିବା କାମ କରିବି। ସେମାନେ ହେବେ ତୁମ ଦୁହିଁଙ୍କ ପାଳିତ ପାଳିତା ନାତି ନାତୁଣୀ। ଆଉ କିଛି ବର୍ଷ ପରେ ଏଇ ଗାଁ ମାଟିକୁ ହିଁ ଫେରି ଆସିବି ସେମାନଙ୍କ ମୂଳଦୁଆ ଆହୁରି ଶକ୍ତ କରିବାକୁ।

ଏଇ ତ.. ପୁଣି କୋଡିଏ ବର୍ଷ ପରେ....ଜର୍ମାନି ରୁ ଫେରି ତ ଆସିଲି...ଗାଁ କୁ ଯାଉଛି ସେଇ ଫାଉଣ୍ଡେସନ କୁ ଆଗେଇ ନେବାକୁ...ସବୁଦିନ ପାଇଁ...ବଞ୍ଚିଥିବା ଯାକେ। ଜର୍ମାନି ରୁ ଦିଲ୍ଲୀ...ଦିଲ୍ଲୀ ରୁ ଭୂବନେଶ୍ୱର ଓ ଆଜି ସକାଳୁଁ ଭୂବନେଶ୍ୱର-ବଲାଙ୍ଗୀର ଇନଟର୍ ସିଟି ଟ୍ରେନ୍ ରେ...ଅପରାହ୍ନରେ ବଲାଙ୍ଗୀର ରେଳ ଷ୍ଟେସନ ର ଏକ ନମ୍ବର୍ ପ୍ଲାଟଫର୍ମରେ।

ଏସି ଚେୟାରକାର୍ ଭିତରୁ ଓହ୍ଲାଇବା ଗେଟ ପାଖରେ ଯେଉଁ ଭଦ୍ରମହିଳା ଠିଆ ଦେଖିଲି...ସେ ଯେ ଦମୟନ୍ତୀ ତିଳେ ବି ଶଙ୍କା ନଥିଲା ମନରେ। ସେଇ ଯେ...ସେଇ କଳାଜାଇ...ସେମିତି ଝଟକୁଥିଲା ...ବୟସ ର ଉତ୍ତର ଅପରାହ୍ନରେ ମଧ୍ୟ!!!

ଦମୟନ୍ତୀ ପାଖରେ ଠିଆ ଭଦ୍ରବ୍ୟକ୍ତ ତା ସ୍ୱାମୀ ନିଶ୍ଚୟ, ଆଉ ତାଙ୍କ ପାଖରେ ଠିଆ ଯୁବକ ବେଧେ ତାଙ୍କ ପୁଅ। କାଖରେ ସେ ଗୁଲୁଗୁଲିଆ ଛୁଆ ଟା ତା ନାତି କ ନାତୁଣୀ ହୋଇଥିବ ନିଶ୍ଚେ! ସେ ବି ବେଧଡକ ଚହ୍ନିଲା ମତେ। ସ୍ୱାମୀ ଓ ପୁଅ ସହ ପରିଚୟ ବି କରିଦେଲା। ଖୁସି ହେଲା ଜାଣିଯେ ମୁଁ ବିଦେଶର ସବୁଦିନ ପାଇଁ ଫେରି ତୁଷର୍ ପାଖ ନିଜ ଗାଁରେ ରହିବି ଏଥର। କହିଲା...ଭୁବନେଶ୍ୱର ଯାଉଛି ଝିଅ ଘରକୁ। ମାସକ ପରେ ଫେରିବି। ଏଇଟା ମୋ ପୁଅ ର ଝିଅ...ନାତୁଣୀ...ପୁଅ ବଲାଙ୍ଗୀରରେ ବ୍ୟବସାୟରେ...ହେଇ ତା ବାପା ପାଖରେ। ହେଲେ ତୁମେ ଯେ ଏକା...ତୁମ ପଲଟଣ କାହିଁ....ଦେଖାଯାଉ ନାହାନ୍ତ ତ!!

ହସି କ କହିଲି..ସମୟ ହେଲାନ ସେ କାମ ପାଇଁ....ପ୍ରେମରେ ମସଗୁଲ କାରିଗର କେବେ ତା ନର୍ତ୍ତକୀ ର ମୂର୍ତ୍ତି ଗଢା ଶେଷ କରି ପାରେନା !!

ଦମୟନ୍ତୀ ହସିଲା...ବୁଝିଲା ବୋଧେ...କହିଲା..ହଉ ଏଥର ତ ପାଖରେ ରହିବ। ତୁଷର୍ ଆସି ଦେଖା କରିବି ଯେ। ଦେଲ ତୁମ କାର୍ଡ ଖଣ୍ଡେ ଦିଅ..ଟ୍ରେନ୍ ଟାଇମ୍ ହେଲାଣି। ଫେରିଲେ ତୁଷର୍ ରେ ତୁମ ଫାଉଣ୍ଡେସନ୍ ବୁଲିବାକୁ ଆସିବୁ ଆମେ।

ଦମୟନ୍ତୀ ର ମିଷ୍ଟର୍ ନାତୁଣୀକୁ ପୁଅ ହାତକୁ ଦେଇ... ବଗିରେ ଉଠି ସାରିଥିଲେ। ମୁଁ ପେଣ୍ଟର ପଛ ପକେଟ୍ ରୁ ପର୍ସ ଟା କାଢି....ଖୋଲି ଧରି....ଭିତରୁ ପରିଚୟ କର୍ଡ ଟା ବଢାଇ ଦେଲି ଦମୟନ୍ତୀ ହାତକୁ।

କଣ ତା ଆଖିରେ ପଡିଲା କେଜାଣେ...ଟ୍ରେନ୍ ରେ ଚଢୁ ଚଢୁ କହିଲା....ପ୍ରଭାତ...ଶେଷ ଇଚ୍ଛାକୁ ସେମିତି ସାଇତି ରଖି ପାରିଛ ତ !!

ମୋର ଆଉ କଛି କହିବାର ନ ଥିଲା।

ମୁଁ ଖାଲି ଦେଖୁଥିଲି ଦମୟନ୍ତୀ ର ପାକଳା ମୁହଁରେ ଓଠ ଉପରକୁ ଦାଉଦାଉ ଝଟକୁଥିବା କଳାଜାଇ ଟି କୁ !!

ଫେରନ୍ତା ବଲାଙ୍ଗୀର-ଭୁବନେଶ୍ୱର ଇନଟରସିଟି ଟ୍ରେନ୍ ... ହୃୟିସିଲ୍ ଦେବା ଆରମ୍ଭ କରି ବଲାଙ୍ଗୀର ଷ୍ଟେସନର ପ୍ଲାଟଫର୍ମ ଛାଡୁଥିଲା ।

୫୪ ଆର୍ଯ୍ୟପଲ୍ଲୀ, କଟଛକ ପଟିଆ
ଭୁବନେଶ୍ୱର ୭୫୧୦୨୪

# ପାର୍ବଣ

ସନ୍ଧ୍ୟା ଘଡେଇ

ତୁମେ ଆସିବ ଆସିବ ବୋଲି
ପ୍ରତୀକ୍ଷା ରେ ଥିଲି ଅନେକ ଦିନ,
ଅନେକ ରାତି, କେଜାଣି କେତେ ଦ୍ୱିପ୍ରହର।
ହୃଦୟର ଖିଆଲି ସଙ୍ଗୀତ
ବେଶ୍ ଗାଉଥିଲା ଗଜଲ୍ ଖୁସିର।
କାସତଣ୍ଡି  ଶୁଭ୍ର ଶୁହାଣୀ ରେ
ଝଲମଲ ସ୍ନିଗ୍ଧ ଓଠ ଧାରେ,
ଶରତ ର ଓଢଣା ଫାଙ୍କ ରେ
ତୁମେ ବି ତ ତୋଫା ଦିଶୁଥିଲ
ପାର୍ବଣ ଗୋ,
ଭରା ଭରା ମାଳତୀ ରଙ୍ଗରେ।
କଦମ୍ବ କଢ଼ି ରେ ତୁମେ ସୁନ୍ଦରୀ ତରୁଣୀ ଟିଏ,
ଝଲମଲ ରୂପ ଗୁଙ୍ଗୁଡିରେ
ଶୋଇଯା ନଘୋଡ଼ ନଦରେ।
ତନ୍ଦ୍ରା ତେଜି ଏବେତ ଚହିଁକ ଉଠିବ
ଘଣ୍ଟ ଘଣ୍ଟା ମାଦଳ ଶବ୍ଦରେ,
ଧୂପ ଦୀପ, କର୍ପୂର ବାସ୍ନାରେ,
ମନ୍ଦ ମନ୍ଦ ସିହରିତ ଅନୁରାଗ ଧାରେ।
ହୃଦୟର ସ୍ପନ୍ଦନ ରେ,
ଶୀତ ଓଢନୀ ରେ
ନଇ ପଠା ବିଛୁରିତ କାସତଣ୍ଡି
ମତୁଆଲା ସୁରେ, ତୋଫା ତୋଫା
ଜହ୍ନ ଆଲୁଅରେ।

ଯାଜପୁର ରୋଡ଼

# ।।। ପାପ ।।।



ରଶ୍ମିତା ସାହୁ

ହଁ ମୁଁ ପାପ କରିଛି ତୁମକୁ ସ୍ମରଣ କରି....
ହଁ ମୁଁ ପାପ କରିଛି ତୁମ ନାମ ସଦା ଚନ୍ତନ କରି....
ହଁ ମୁଁ ପାପ କରିଛି ତୁମକୁ ହୃଦୟେ ଧାରଣ କରି....

ତ ଏଥିପାଇଁ ଭୁଲ୍ କଣ ଏକା ମୋର???
ତୁମେ ପର୍ ମନମୋହନ
ତ ମହିତ କରିଛ ମୋର ମନ...

ତୁମେ ପର୍ ଅନାଥର ନାଥ
ତ ତୁମେ ମୋର ବି ନାଥ...

ତୁମ ନାମ ପର୍ ଦୀନବନ୍ଧୁ
ତ ମୁଁ ତୁମବିନା ଦୀନହୀନ ଦରିଦ୍ର

ତୁମେ ପର୍ ପତିତପାବନ
ମୁଁ ପତିତ ତୁମ ଚରଣ ଆଶ୍ରିତ

ତୁମେ ଅଟ ପର୍ କରୁଣାକର
ଆଉ ହଁ ମୁଁ ତୁମ କରୁଣା ପ୍ରାପ୍ତ ମଧ୍ୟ ।।

ତ କୁହ କ?ପାପ କରିଛି ମୁଁ!
ତୁମ ନାମ ସଦା ସ୍ମରଣ କରି...

ଯଦି ଏହାକୁ ପାପ କହନ୍ତୁ ତ
ମୁଁ ପ୍ରସ୍ତୁତ ଅଛି ଏହି ଭଳ ପାପ କରିବାକୁ
ବାରମ୍ବାର କରିବାକୁ ସବୁ ଜନ୍ମରେ କରିବାକୁ......।।
ରାଧେକୃଷ୍ଣ।।।।

ଛତ୍ରପୁର (ଗଞ୍ଜାମ)

# ଲଳିତ ନିବନ୍ଧ-
# ଭଲ ଘର



ବଦ୍ରୀ ମହାନ୍ତି

କପାଳରେ ନଥିଲେ ଘରଟିଏ ତୋଳି ହୁଏନା ବା ପୁରସ୍ତମ ଯାଇହୁଏନା-ଏ ବିଗ୍ଭର ଉପରେ ସାତପରସ୍ତ ଧୂଳି ଓ କଳଙ୍କି ଲାଗିଲାଣି କେଉଁକାଳୁ। ଇଟା ସିମେଣ୍ଟ ବନ୍ଧା କାନ୍ଥ ଓ ତା ଉପରେ ଛାତ ଟିଏ ପାଇଁ କୁଚ୍ଛ୍ର ସାଧନା ଓ ଅନବରତ ପ୍ରୟାସ ଦେଖିଲେ ମନେହୁଏ ସତେଯେପରି ଜୀବନର ଅର୍ଥ ଇ ଘର ଟିଏ ନିର୍ମାଣ କରିବା। ସର୍ବନିମ୍ନ ଆବଶ୍ୟକତା ଖାଦ୍ୟ ବସ୍ତ୍ର ଓ ବାସଗୃହ ଆଜି ଆଉ ବିଚଳିତ କରୁନାହିଁ ବର୍ତ୍ତମାନର ମଣିଷକୁ। ଚିନ୍ତା ଚେତନାକୁ ଆବୋରି ବସିଛି ଦେଖେଇହେବାର ଭାବ ଓ ସଜେଇହେବାର ଆକାଂକ୍ଷା। ପ୍ରତିଯୋଗିତା ଓ ନିଆର୍‌ଭାବ କୁ ପ୍ରତିଷ୍ଠା କରିବା ପାଇଁ ସମୟ କମ ପଡୁଛି। ଅଭାବ ହେଉଛି ଅର୍ଥ। ମାତ୍ର କମ ହେଉନାହିଁ ଅବଶ୍ୟକତାର ଚଠା। ଏ ବିଚିତ୍ର ଅବବୋଧ ଭିତରେ ଘର ନିର୍ମାଣ ଓ ପ୍ରତିଷ୍ଠା ର ବୃହତ୍ତର ଅର୍ଥଟି କେଉଁ ଏକ ଅଗମ୍ୟ ବନରେ ଜଳି ଯାଉଛି।

ବାଇ ମହାନ୍ତିଙ୍କ ଦୃଷ୍ଟିରେ ଘର ଏକ ଏମିତି ସ୍ଥାନ ଯେଉଁଠି ସ୍ନେହ ପ୍ରେମ ବନ୍ଧନରେ ବାନ୍ଧି ହୋଇଥିବେ ସଭିଏଁ। ପ୍ରବେଶ କଲାମାତ୍ରେ ମନ୍ଦିରର ଭ୍ରମ ସୃଷ୍ଟି କରି ମହ ମହ ବାସି ଉଠୁଥିବ ଚତୁର୍ଦ୍ଦିଗ। ଚଟାଣ ରୁ ଛାତ ପର୍ଯ୍ୟନ୍ତ ପିଲାଠୁ ବୁଢା ପର୍ଯ୍ୟନ୍ତ ସବୁଠି ସ୍ୱଚ୍ଛତା ଓ ସଂସ୍କାର ବାରି ହୋଇ ପଡୁଥିବ। ବିଷର୍ଣ୍ଣତା ଓ ଅନ୍ଧାର ପଶି ପାରୁନଥିବା ଘର ଭିତରେ ଆନନ୍ଦ ଉତ୍ସାହ ଛଳ ଛଳ ଗତିରେ ବହିଗ୍ଭଲିଥିବ। ଉଜ୍ଜ୍ୱଳ ଆଲୋକ ଝରକା ଓ ଦୁଆର ଦେଇ ଆସି ପଡୁଥିବ ମୁହଁ ଉପରେ। ବାହାରୁ ଚମତ୍କୃତ କରୁଥିବା ଭରପୂର ସୌନ୍ଦର୍ଯ୍ୟ ଓ ଆକର୍ଷଣର କେନ୍ଦ୍ର ସାଜିଥିବା ଘରଟି ଭିତରେ ଥିବା ପ୍ରାଣୀଙ୍କ ସୁଖ ସମୃଦ୍ଧି ଆନନ୍ଦ ଐଶ୍ୱର୍ଯ୍ୟ ବିନା ବାସସ୍ଥାନ ଟିକୁ କଣ ଭଲ ଘର ର ମାନ୍ୟତା ଦେଇହେବ?

ଅନ୍ୟାନ୍ୟ ଆନୁସଙ୍ଗିକ ବସ୍ତୁ ବାହାରେ ଯେଉଁ ଗୁରୁତ୍ୱପୂର୍ଣ୍ଣ କଥାଟି ଲୋଡ଼ା ହୁଏ ତାହା ହେଉଛି ସ୍ୱପ୍ନ ଓ ପ୍ରତିବଦ୍ଧତା। ନିର୍ମାତା ନିଜର ସ୍ୱପ୍ନ ସାକାର କରିବା ପୂର୍ବରୁ  ଖସଡ଼ା ଟି ପ୍ରସ୍ତୁତ କଲାବେଳେ ଆବଶ୍ୟକତା ସହ ନିଜ ପରିବାରର ମତାମତ ଓ ସ୍ୱୀକୃତିକୁ ଗ୍ରହଣ କରିଥାଏ।

ପତ୍ନୀ ପୁତ୍ର କନ୍ୟା ଙ୍କ ସହିତ ପରିବାରର ଅନ୍ୟ ମାନଙ୍କ ଇଛାକୁ ନେଇ ବାସ୍ତୁ ବିଗ୍ଭର ମନକୁ ଆଣି ବୈଠକ, ଶୋଇବା, ରୋ଼ଷେଇ, ଖାଇବା, ପୂଜାସ୍ଥଳ ସହିତ ଗାଧୋଇବା ପାଇଁ ସ୍ୱତନ୍ତ୍ର ଭ୍ୱବରେ ବ୍ୟବସ୍ଥା ନକଲେ ବର୍ତ୍ତମାନର ଚଳଣୀ ଠିକଣା ଢଙ୍ଗରେ ଠିଆ ହୋଇପରେନା। ପ୍ରତିଟି କକ୍ଷକୁ ନିଜ ରୁଚ ଅନୁଯାୟୀ ପ୍ରସ୍ତୁତ କରିବା ସାଙ୍ଗକୁ ରଙ୍ଗ ଓ ଆଲୋ଼କରେ ସଜେଇ ନଦେଲେ ସମ୍ପୂର୍ଣ୍ଣ ହୁଏନାହିଁ ନିର୍ମାଣ। ବସବାସ କରୁଥିବା ସଭିଙ୍କ ପାଇଁ ଅଲଗା ଅଲଗା ଦୃଷ୍ଟି ଦେବାକୁ ପଡିଥାଏ। ପିଲ୍ଙ୍କ ପାଇଁ କକ୍ଷର ରଙ୍ଗ ଓ ଅସବାବ ଯାହା ରହିବ ଗୃହକର୍ତ୍ତା ବା ବୟସ୍କଙ୍କ ପାଇଁ ଉଦ୍ଦିଷ୍ଟ ଥିବା କକ୍ଷ ତାହା ରହିବ ନାହିଁ। ତାଛଡା ସ୍ୱଳ୍ପ ରହଣୀ ପାଇଁ ଅତିଥି ଅଭ୍ୟାଗତଙ୍କ ନିମନ୍ତେ ସୁଦ୍ଧା ବନ୍ଦୋବସ୍ତ କରିବାକୁ ପଡିଥାଏ ସ୍ୱତନ୍ତ୍ର ଭ୍ୱବରେ। ପରିଷ୍କାର ପରିଚ୍ଛନତା ଓ ଆସବାବପତ୍ର ହିଁ ଚଳଣୀ ପାଇଁ ଯେତିକି ଲୋ଼ଡ଼ା, ଅନୁରୂପ ଆବଶ୍ୟକ ଗ୍ଭରିପାଖର ବାତାବରଣ। ଗଛ ବୃଛ ଓ ପାଖ ପଡିଶା ଘରର ଜୀବନଶୈଳୀ ଅନେକ ଅଂଶରେ ପ୍ରଭ୍ୱବିତ କରିଥାଏ ଭଲଘରର ଦୈନନ୍ଦିନ ଜୀବନଯାତ୍ରା।

ପରିବର୍ତ୍ତିତ ସମୟ ସହିତ ଗୃହ ନିର୍ମାଣର କଳା କୌଶଳ ଅଙ୍ଗଗ୍ଭ୍ରଗ ବଦଳଯାଉଛି ମଣିଷର ଆଗ୍ଭର ବ୍ୟବହାର ଓ ଚିନ୍ତ ଚରିତ୍ର ପରି। ପଛକୁ ଫେରି ଗ୍ଭହିଁଲେ ପ୍ରତି ଦଶକରେ ଏହା ବିବର୍ତ୍ତିତ ହେଉଥିବା ଜଳ ଜଳ ହୋଇ ଦିଶିଯାଏ। ଶହ ଶହ ବର୍ଷ ବ୍ୟାପି ଏ ବଦଳିବାର କ୍ରମ ଗ୍ଭଲିଆସୁଛି ଯୁଗ ପରେ ଯୁଗ। ଏହାକୁ ସୁଦ୍ଧା ପ୍ରତିଟି କାଳ ସ୍ୱୀକାର କରିଯାଉଛି ବିନା ପ୍ରତିବାଦରେ। ତେଣୁ କେଉଁ କାଳ ଖଣ୍ଡରେ କେଉଁ ଭଲଘର ନିର୍ମାଣ ହୋଇଥିଲ୍ ତାହା ଅବାନ୍ତର ମନେହୁଏ। ଏପରିକି ଆସନ୍ତାକାଲି ଯେ ଭଲଘରଟିଏ ତିଆରି ନହେବ ଏକଥା ଛାତିରେ ହାତ ରଖି କହି ହେବନାହିଁ। ଅନନ୍ତକାଳରୁ କବଳିତ କରିଥିବା ଆମ ସମାଜର ଶ୍ରେଣୀ ବ୍ୟବସ୍ଥା ଓ ଜାତି ପ୍ରଥା ଯୋଗୁଁ ଘରର ଶୈଳୀ ପରିପାଟୀ ଭିନ୍ନ ଭିନ୍ନ। ତା ଭିତରୁ ଭଲଘରଟିଏ ଚୟନ କରିବା ସହଜସାଧ୍ୟ ନୁହେଁ।

ଏଠାରେ ମୁଖ୍ୟତଃ ବାସଗୃହ ବିଷୟରେ ଆଲୋ଼ଚନା କରାଯାଉଥିବାରୁ ସରକାରୀ କୋଠା ବାଡ଼ି ସାର୍ବଜନୀନ ଅଟ୍ଟାଳିକା ଉପାସନା ଗୃହ ଖେଳକୁଦ ପାଇଁ ନିର୍ମିତ ଗୃହ ଇତ୍ୟାଦି ସାର୍ବଜନୀନ ଅଟ୍ଟାଳିକା ମାନଙ୍କୁ ପରିସରଭୁକ୍ତ କରାଯାଉନାହିଁ । ସହରୀ ଘର-ଗାଁ ଘର, ନିଜ ଘର-ଭଡା ଘର-ସରକାରୀ କ୍ୱାଟର ସହିତ ଏକକ ବଙ୍ଗଳା ଓ ଫ୍ଲାଟ ଘର କୁ ତୁଳନା କଲେ ବାଇ ମହାନ୍ତ ଗୋଟାଏ ନିଷ୍କର୍ଷ ରେ ପହଂଚ ଯାଆନ୍ତୁ ଯେ ପ୍ରତିଟି ଘରର ସ୍ୱତନ୍ତ୍ର ବ୍ୟବସ୍ଥା ସତ୍ତ୍ୱେ ଗୋଟାଏ ସାଧାରଣ କଥା ସବୁଠି ରହିବା ଆବଶ୍ୟକ ତାହା ହେଉଛି

ଭଲଘରର ଗୁଣ। ଆନନ୍ଦ ଓ ସନ୍ତୋଷ ପାଇଁ ମାନସିକ ପ୍ରସ୍ତୁତି ଯେତେକ ଲୋଡ଼ା ସେତିକି ପ୍ରୟୋଜନ ଗ୍ରହଣୀୟତା। ନିଜଘର ହେଉ ବା ଭଡା ଘର ଅଥବା ଶ୍ୱଶୁର/ଶାଶୁ ଘର, ପ୍ରତିଟି କ୍ଷେତ୍ରରେ ନିଜର ତତ୍କାଳୀନ ଭୂମିକାଟିକୁ ବିଶେଷ ଭାବରେ ଦୃଷ୍ଟି ଦେବାକୁ ପଡିଥାଏ। ଶୈଶବରୁ ବୃଦ୍ଧ ଅବସ୍ଥା ପର୍ଯ୍ୟନ୍ତ ଜୀବନକାଳ ମଧ୍ୟରେ ନାନା ଭୂମିକାରେ ଅବତୀର୍ଣ୍ଣ ହେବାକୁ ପଡୁଥିବାରୁ ସମୟ ଓ ସ୍ଥିତି କୁ ଦେଖି ନିଜ ଚରିତ୍ରକୁ ସଠିକ ଢଙ୍ଗରେ ପ୍ରକାଶ ନକଲେ ସମ୍ପୂର୍ଣ୍ଣ ଓ ସୁନ୍ଦର ଘରଟି ଭଲ ଘର ରୂପେ ଉଭା ହୋଇପରେନା।

ଧୀରେ ଧୀରେ ଆମ ଚାରିପାଖ ସଙ୍କୁଚିତ ହୋଇଆସୁଛି। ସହର ସହର ବାସୁଛି କପଟ ଗାଁ। ମହାନଗର ପାଲଟୁଛି ସହର। ଯୋଗା ଯୋଗ ସହିତ ଅର୍ଥବ୍ୟବସ୍ଥାର ଅଭିବୃଦ୍ଧି ବିଶାଳ ପୃଥିବୀକୁ ଗାଁରେ ପରିଣତ କରିଦେଇଛି। ଅବଶ୍ୟ ପ୍ରତି କାଳ ଖଣ୍ଡରେ ଏହା ସମ୍ଭବ ହୋଇଥାଏ, ମାତ୍ର କ୍ଷୀପ୍ରତର ନଥିଲା ଏହାର ଗତି ପ୍ରାଚୀନ କାଳରେ। ସମୟ ସହିତ ମନ୍ଥର ଗତିରେ ଚାଲିଥିଲା ବିକାଶ ଓ ଆଧୁନିକତା। ଆଜି ଘରର ବସ୍ତୁବାଦୀ ଦର୍ଶନ ସେହି କ୍ରମରେ ପରିବର୍ତ୍ତିତ ହୋଇ ଆସୁଛି। ଅସମ୍ଭବପ୍ରାୟ ଦୂରନ୍ତ ସ୍ୱପ୍ନ ସବୁ ସାକାର ହୋଇଯାଉଛି ଅନାୟାସରେ। ଦେଖାଶିଖା ଭାବ ଓ ପ୍ରତିଯୋଗିତା ଯୋଗୁଁ ଚମତ୍କାର ଢଙ୍ଗରେ ସ୍ୱପ୍ନର ଘରଟିଏ ବାସ୍ତବ ରୂପ ନେବା ସତ୍ତ୍ୱେ ଭଲଘରଟିଏ ପ୍ରାପ୍ତ ହେଉଛି ବୋଲି ବାଇମହାନ୍ତ ବିଶ୍ୱାସ କରି ପାରୁନାହାନ୍ତି।

ଅସହିଷ୍ଣୁ ପ୍ରାଣୀ ଓ ପ୍ରତିସ୍ପର୍ଦ୍ଧି ଙ୍କ ତୀର୍ଯକ କୋପ ଦୃଷ୍ଟି ଅନେକ ସମୟରେ ଘର ଉପରେ ଓ ଭିତରେ ପଡି ଦୋହଲାଇ ଦିଏ ତାର ଆଭ୍ୟନ୍ତରୀଣ ସୌନ୍ଦର୍ଯ୍ୟ। ବିଚରା ଘରଟିର କିଛି ଅପରାଧ ନଥାଇ ଭୋଗକରେ ନିନ୍ଦା ଅପବାଦ। ସମସ୍ତ ଘଟଣା ଦୁର୍ଘଟଣା କଥା ଅକଥା କର୍ମ କରଣୀ ଗୌଣ ହୋଇ ପ୍ରହାର ପଡେ ଗୃହର ବାସ୍ତୁ ବିଚାର ଓ ଶୁଦ୍ଧତା ଉପରେ। ଏହା ବ୍ୟତୀତ ଘରଭେଦି ବିଭୀଷଣ ଓ ମନ୍ଥରା ମାନେ ସୁଦ୍ଧା ଚିରକାଳ ଘର ଭିତରେ ହିଁ ଅବସ୍ଥାନ କରୁଥିବାରୁ ସେମାନଙ୍କର ପ୍ରତକ୍ଷ୍ୟ ଓ ପରୋକ୍ଷ ଅଂଶ ଗ୍ରହଣକୁ ବାଦ ଦେଇ ହୁଏନା।

ନିଜର ଜ୍ଞାନ ବୁଦ୍ଧି ବିବେକ ସହିତ ସଞ୍ଚିତ ପୁଞ୍ଜିକୁ ନେଇ ଘର ତିଆରି କରିଥିବା ହେଉ ବା ଉତ୍ତରାଧିକାର ସୂତ୍ରରେ ପ୍ରାପ୍ତ ବାସସ୍ଥାନଟି ଭିତରେ ଅପଣାପଣ ବାସୁନଥିଲେ ଚନ୍ତାଚୈତନ୍ୟ ସହିତ ସମ୍ପର୍କ ସ୍ଥାପିତ ହୋଇପାରେନା। ଏ ଦର୍ଶନରେ ବିଶ୍ୱାସ କରୁଥିବା ବାଇ ମହାନ୍ତ ଘର ଘର ବୁଲି କହି ବୁଲନ୍ତି,' ହେ ଗୃହକର୍ତ୍ତା ! ବୃତ୍ତି ପ୍ରବୃତ୍ତିର ମଝି ଛକରେ ଛିଡା ହୋଇ ନିଜ

ପୁଅ ଝିଅ, ବାପା ମା, ନାତି ନାତୁଣୀ, ଭାଇ ଭଉଣୀ, ପୁତୁରା ଝିଆରୀ, ଭଣଜା ଭାଣିଜୀ, ଶାଶୂ ଶଶୁର ଓ ଶଳା ଶାଳୀ ଆଦି ନାନା ସମ୍ପର୍କ ଭିତରେ ନଜର ସବୁ ସମୟ ଓ ଅର୍ଥ ବିନଯୋଗ କରିବା ପରେ ବି ବାସସ୍ଥାନ ଟିକୁ ଠିକଣା ଢଙ୍ଗରେ ରଙ୍ଗେଇ ମଜେଇ ପ୍ରେମ ସୌହାର୍ଦ୍ଦ୍ୟ ଗଣ୍ଠିରେ ସଭିଙ୍କୁ ବାନ୍ଧିରଖିଲେ  ସିନା  ଭଲଘରଟିଏ ଆତ୍ମପ୍ରକାଶ କରିବ, ନଚେତ ସମାଜ ବିଜ୍ଞାନୀ ମାନେ ବେଳ କାଳ ଉଣ୍ଡି ସବୁ ଦୋଷ ତୁମ ମୁଣ୍ଡ ଉପରେ ନଥୋଇବେ ଏ କଥା କଏ କହିପାରିବ !'

ବି 10/154,କେନ୍ଦ୍ରୀୟ ବିହାର,
ପୋ:ଟମାଣ୍ଡୋ, ଭୁବନେଶ୍ୱର-751028
badrimohanty60@gmail.com

# ଅକ୍ଷୟ ତୃତୀୟା



ରାଧାମୋହନ ପୂଜାହାରୀ

ବୈଶାଖ ମାସର ଶୁକ୍ଳ ତୃତୀୟାରେ
ଯେଉଁ ପରବ ଟି ଆସେ,
ସେହିଦିନ ଧରା ହଳଦୀ ସିନ୍ଦୁର
ଚନ୍ଦନ ପରଶେ ବାସେ । (୧)

ଏହିଦିନ ଚଷା ଅମୃତ ବେଳାରେ
ଅକ୍ଷିମୁଠି ଧରିଥାଏ,
ଆନନ୍ଦେ ଉଲ୍ଲାସେ କୃଷିକାର୍ଯ୍ୟ ର ସେ
ଶୁଭାରମ୍ଭ କରିଥାଏ । (୨)

ଏହି ଦିବସକୁ ଶୁଦ୍ଧି ସିଦ୍ଧି ରୂପେ
ଚଷା ପୁଅ ଯେ ପାଳଇ,
ଜଗନ୍ନାଥଙ୍କର ରଥ ନିର୍ମାଣର
ଶୁଭାନୁକୁଳ ହୁଅଇ । (୩)

ଚଷା ପୁଅ ବିଲେ ଲକ୍ଷ୍ମୀଙ୍କୁ ପୂଜଇ
ନାନାବିଧ ଭୋଗ ଦେଇ,
ଷଅଠୀ ଦେବୀଙ୍କୁ ପୂଜନ୍ତୁ ସଧବା
ଆଶୀର୍ବାଦ ତା'ର ନେଇ । (୪)

ଏହି ଦିନଠାରୁ ଆରମ୍ଭ ହୁଅଇ
ଶ୍ରୀକ୍ଷେତ୍ରେ ଚନ୍ଦନ ଯାତ,
ବିଧି ରହିଅଛି ଏ ଦିନେ ଖୋଲିବା
ପାଇଁ ଧାମ ବଦ୍ରିନାଥ । (୫)

ସତ୍ୟ ଓ ତ୍ରେତୟା ଯୁଗର ଆରମ୍ଭ
ଏହି ଦିନେ ହୋଇଥିଲା,
ଜାନକୀଙ୍କୁ ପାଇ ଧନ୍ୟ ହୋଇଥିଲା
ଜନକ ରାଜ୍ୟ ମିଥିଳା । (୬)

ଏହି ଦିନେ ରେବତୀଙ୍କୁ ବଳରାମ
ବିବାହ ଯେ ହୋଇଥିଲେ,
ମଣିଷ ରୂପରେ ପ୍ରଭୁ ପର୍ଶୁରାମ
ଧରାକୁ ଅବତରିଲେ । (୭)

ଏ ପୁଣ୍ୟ ତିଥିରେ କବି ଜୟଦେବ
ଜନ୍ମିଲେ କେନ୍ଦୁଲି ଗ୍ରାମେ,
ଗୀତଗୋବିନ୍ଦ କୁ ରଚ ସେ ଲଭିଲେ
କୀରତି ଉତ୍କଳ ଧାମେ । (୮)

ଅଧ୍ୟାପକ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ତାଳଚେର (ଅନୁଗୋଳ)

# ରାମ ନାମ...



ଅମୂଲ୍ୟ କୁମାର ପଣ୍ଡା

ରାମ ନାମ ଏଠି ଭାଷଣ ଭିତରେ ଭାବେ ନୈତିକତା ନାହିଁ
ରାମ ରାମ ଖାଲି ଓଠେ ଖଞ୍ଜି ଦେଇ ଲୁଟନ୍ତୁ ଲୋକଙ୍କୁ ଯାଇଁ
ରାମ ନାମ ବହି ରାବଣ ରାତିରେ ଖୋଜନ୍ତୁ ଖଟିରେ ସୀତା
ରାମ ତିଳକକୁ ମୁଣ୍ଡରେ ମାରିକ ତିଳେ ବୁଝନ୍ତୁନ ଗୀତା।

ରାମାୟଣେ ରାମ ଲକ୍ଷ୍ମଣ ଚରିତ୍ର ଭାତୃ ଭାବ ଥିଲା ଧରି
ଭାଇ ସମ୍ମାନରେ ସବୁ ତୁଚ୍ଛ ମଣି କର୍ତ୍ତବ୍ୟକୁ ଗଲେ କରି
ଏବେ ଭାଇ ଭାଇ ସ୍ୱାର୍ଥରେ ସମ୍ପର୍କ ବାଛେ ବାଡ଼ି ଭାଗ ପାଇଁ
ରକ୍ତର ସମ୍ପର୍କ ରକ୍ତରେ ରଞ୍ଜିତ ପ୍ରେମ ରଙ୍ଗ ରସ ନାହିଁ।

ଧର୍ଯ୍ୟ ଧାରଣର ଦୃଷ୍ଟାନ୍ତ ଦେଖାଇ ବନବାସ ବାଛି ନେଲେ
ଚଉଦ ବରଷ ବଣରେ ବୁଲିକ ଚେତନାର ବାର୍ତ୍ତା ଦେଲେ
ପତ୍ନୀ ପାଇଁ ପୁଣି ପ୍ରଚେଷ୍ଟା ପଣରେ ଜିତି ଯାଇଥିଲେ ପତି
ସାମୁହିକ ସ୍ୱାର୍ଥେ ନଯୋଜିତ ହୋଇ ନଜେ ସାଜିଥିଲେ ରଥି।
ମାୟା ମୋହ ସ୍ୱାର୍ଥ ସବୁଠି ସର୍ବାଗ୍ରେ ମହାନତା ରାମ ନାମ
ତାଙ୍କରି ଗୁଣକୁ ଗୁଣୁଥିଲେ ଧନ ଧବଳ ଏ ଧରା ଧାମ।

ଅରଙ୍ଗାବାଦ, ବରୀ, ଯାଜପୁର

# ଖାଇଲି ମୁଁ ଝାଡୁ ପାହାର



ଶିଶିର କୁମାର ପଣ୍ଡା

ପେଟେ ମଦପିଇ ଭଟିରୁ ଫେରିଲି
ଟଳଟଳ କାଲି ରାତିରେ
ମନେ ହେଉଥିଲା ରଜାପୁଅ ମୁଉଁ
ବସିକ ବୁଲୁଛି ହାତୀରେ ।
ଦରମା ଗଣ୍ଡାକ ମିଳଥିଲା ଯାହା
ଭିକାରୀ ଦେଖିକ ବାଣ୍ଟିଲି
କଏ ଦବ ମୋ ମୁହଁରେ ଜବାବ
ମନରେ ଏକଥା ଆଣ୍ଟିଲି ।
କେତେବେଳେ ମୁଉଁ କାହାକୁ ହାବୁଡ଼ି
ପଡ଼ିଗଲି ଆସି ନାଳରେ
ସହର ଯାକର ନରଦମା ସବୁ
ନେସି ହୋଇଗଲା ବାଳରେ ।
ଡାହାଣ ହାତଟା ଫୁଲିଛି କାଲିଠୁ
ଭାଙ୍ଗିଛି କ ନାହିଁ ଜାଣିନ
ଭଙ୍ଗା ମୋବାଇଲ୍ ଦୋକାନେ ଦେଇଛି
ସଜାଡ଼ି ଏଯାଏ ଆଣିନ ।
ନଶା ଛାଡ଼ିଗଲା କାଲି ଭାରିଯାଠୁ
ଖାଇବାରୁ ଝାଡୁ ପାହାର
ଦେହହାତ ଖାଲି ଶିଳେଇ ହଉଛି
ପାଟିକୁ ରୁଚୁନ ଆହାର ।

କୁଆଁସ, ମେରଦା କାଟିଆ, ଯାଜପୁର
ଆଳାପ:~୮୯୮୧୭୩୭୨୨୮

# ନାଟକ

## ।।ରାମ ରାବଣ ରାମାୟଣ।।



ସୁଧାଂଶୁ ଶେଖର ଦ୍ୱିବେଦୀ

### ।। ୧୩ଶ ଦୃଶ୍ୟ ।।

(ବିବାହର ସାହାନାଇ ବାଜୁଥାଏ। ଯୌତୁକ ନିମନ୍ତେ ଦେବାପାଇଁ କିଛି ଆବଶ୍ୟକ ଜିନିଷ ଥୁଆ ହୋଇଥାଏ।ଯୌତୁକ ଲୋଭୀ ବର ପିତା ଜନକ ଦାସଙ୍କୁ ତାଚ୍ଛଲ୍ୟ କରି ଏଣୁ ତେଣୁ କହି ଗର୍ଜୁଥାଏ। )

ବର ପିତା- ହଇହୋ ଦାସେ! ତୁମ୍ଭେ ଏଡ଼େ ଅବୋଲକରା ଲୋକଟାଏ। କହିଲ କଣନା ବେଦୀ ଉପରେ ଅମୁକ ଦେବି, ସମୁକ ଦେବି, ୟା ଦେବି, ତାହା ଦେବି, ଢେଙ୍କି ଦେବି, ଶିଳ ଦେବି। ସେଇଥିପାଇଁ ତ ଆମ୍ଭେ ତମ୍ଭକୁ ଏକ ଚଠା ଦେଲୁ। କାହିଁ ଆମ୍ଭ ଚଠା ଅନୁସାରେ ଏଗୁଡା ତ ଖାପ ଖାଉନି?

ଜନକ- ଏ ନିତି ମଜୁରିଆ ଜନକ ଦାସର ଏତେ ସମ୍ବଳ କୋଉଠୁ ଆସିବ ସମୁଦି..

ବର ପିତା- ରୁହ ହେ..ନଇ ନଦେଖୁଣୁ ନଙ୍ଗଳା ହେଲଣି।କିହୋ ସମୁଦି ସମୁଦି କଣ ଡାକୁଛ? ଆଗେ ପୁଅ ବାହା ହେଇସାରୁ ତାପରେ ସମୁଦି ଡାକ ବା ଦାଦି ଡାକ ତୁମ୍ଭ ଇଚ୍ଛା।

ଜନକ- ହଉ ହେଲା ଆଜ୍ଞା ଆଉ ଡାକବି ନାହିଁ। ମୁଁ କଣ କହୁଥିଲିକି ଯାହା ଜମି ଗୁରିମାଣ ଥିଲା ବିକି ଭାଙ୍ଗି ଯେମିତି ହେଉ ଆପଣଙ୍କ ଯୌତୁକ ଚଠା ପୂରଣ କରିଛି। ଆଉମାନ୍ନ ଗୋଟେ ଜିନିଷ ବାକି ରହିଗଲା।ସେତକ ଚଳେଇନେଲେ.....

ବର ପିତା- ମୁଁ ସିନା ଚଳେଇନେବି ହେଲେ ତମ ଜୋଇଁ...ସେ କଣ ଚଳେଇପାରିବ? ଆରେ ହାଲକୁ ସେ ପରା ଗଉମେଣ୍ଟ ଅଫିସରେ ପିଅନ ଚାକିରିଟେ ପାଇଛି।

ଜନକ- ନା କଥା କଣ କ ଆଜ୍ଞା ଟଙ୍କା ଆଉ ଅଣ୍ଟିଲା ନାହିଁ। ସେଥିପାଇଁ ଆପଣଙ୍କ ଚଠାରେ ଥିବା ମୋଟର ସାଇକେଲଟା କଣି ପାରିଲି ନାହିଁ।

ବର ପିତା- କହୋ ତୁମ୍ଭର ଟଙ୍କା ଅଣ୍ଟିଲା ନାହିଁ ତାବୋଲି ଆମ୍ଭେ କଣ ଦାୟୀ? ବୁଝିଲ ଦାସେ ମୁଁ କ୍ଲୁଏର କଟ କରି କହି ଦେଉଛି ତୁମ୍ଭେ ବେଦୀ ଉପରେ ମୋଟର ସାଇକେଲ ଦେବ ତ ତୁମ୍ଭ ଝିଅ ସହିତ ମୋ ପୁଅର ବାହାଘର ହେବ। ନଚେତ ଏ ବାହାଘର ବନ୍ଦ। ଆରେ ହେ ମଦନ! ବେଦୀ ଉପରୁ ଉଠିଆ----।

ଜନକ- ନାଇଁ ଆଜ୍ଞା ମୋ ଉପରେ ଏଭଳ ନର୍ଦ୍ଦୟ ହୁଅନ୍ତୁ ନାହିଁ। ଗୋଟିଏ ବୋଲି ଝିଅ ମୋର। ତା ବାହାଘର ପାଇଁ ସବୁ ବିକ ଭୁଙ୍ଗି ଖର୍ଚ୍ଚ କରି ସାରିଛି। ତାଛଡା ସହସା ଏତେ ଟଙ୍କା କୋଉଠୁ ପାଇବି ଆପଣଙ୍କୁ ମୋଟର ସାଇକେଲ ଦେବି! ମୋ କଥା ମାନନ୍ତୁ ଆପଣ ବେଦୀରୁ ବର ଫେରାଇ ନଅନ୍ତୁନ। ମୋତେ ବିଶ୍ୱାସ କରନ୍ତୁ ମାସଟିଏ ଭିତରେ ଯେମିତି ହେଉ ମୋଟର ସାଇକେଲ ଦେବି।

ବର ପିଅା- ନା ନା ସେ ପାଣି ସାଉଁଳଆ କଥା ମୁଁ ଆଉ ଶୁଣି ବାକୁ ଗ୍ରହେଁନା। ବେଦୀ ଉପରେ ମୋଟର ସାଇକେଲ ଦେବ ତ ତୁମ୍ଭ ଝିଅ ସହିତ ଆମ୍ଭ ପୁଅର ହାତଗଣ୍ଠି ପଡିବ। ତା ନହେଲେ ଆମ୍ଭେ ବରଯାତ୍ରୀ ଘେନ ଗ୍ଭଲିଲୁ। ଆରେ ହେ ମଦନ ବେଦୀରୁ ଉଠିଲୁ?

Voice- ହଁ ବାପା ଉଠି ସାରିଲିଣି।

ବର ପିତା- ଆରେ ବରଯାତ୍ରୀଙ୍କୁ କହ ସମସ୍ତେ ଫେରିଯିବା। ଏ ବାହାଘର ହେଇପାରିବନ।

ଜନକ- ଆଜ୍ଞା! ମୁଁ ଆପଣଙ୍କୁ ନେହୁରା ହେଉଛି ବାହାଘର ବନ୍ଦ ହେବା କଥା କୁହନ୍ତୁ ନାହିଁ। ବାହାବେଦୀରୁ ବର ଫେରିଗଲେ ମୋ ଝିଅକୁ ଆଉ କିଏ ବାହାହେବ? ଝିଅ ମୋର ସବୁଦିନ ପାଇଁ ମଙ୍ଗୁଳା ହୋଇ ରହିଯିବ ଆଜ୍ଞା। ଆପଣ ମୋ କଥା ରଖନ୍ତୁ ମୋତେ ଟିକେ ଦୟା କରନ୍ତୁ।

ବର ପିତା- କହୋ ବଡ଼ ଅବୋଲକରା ଲୋକ ତୁମ୍ଭେ। ଠିକ ମୁତାବକ ଯୌତୁକ ଦେଇ ପାରିବନ, ଝିଅ ତୁମ୍ଭର ମଙ୍ଗୁଳା ହେବନ ଆଉ କଣ ଅହ୍ୟ ସୁଲକ୍ଷଣୀ ହେବ? ନାଁ ଏ ବାହାଘର ଆଦୌ ହେଇପାରିବ ନାହିଁ। ଆମ୍ଭକୁ ବେଦୀ ଉପରେ ମୋଟର

ସାଇକେଲ ଦେବ ତ ବାହାଘର ହେଲ୍ ବୋଲି ଜାଣ ନହେଲେ ଠପ। କରେ ମଦନ ସମସ୍ତେ ଯିବାକୁ ବାହାରିଲେଣି ?

Voice- ହଁ ବାପା! ତୁମେ ସେଠାରୁ ଶୀଘ୍ର ପଳାଇଆସ।

ଜନକ- ମୁଁ ଭାସିଯିବି ଆଜ୍ଞା! ଆପଣମାନେ ଫେରିଗଲେ ମୁଁ ଭାସିଯିବି। ମୁଁ ଆପଣଙ୍କ ଗୋଡ଼ ଧରି ନେହୁର୍ ହେଉଛି ବାହା ବେଦୀରୁ ବର ଫେର୍‌ଇ ନଆନ୍ତୁନ।

ବର ପିତା- ଓହୋଃ ବଡ଼ ଅବୋଲକର୍ ଲୋକ ତୁମ୍ଭେ। ଶୁଖିଲା ଭୂଇଁରେ କେହି ଭାସିଗଲାଣି ନା ତୁମ୍ଭେ ଭାସିଯିବ। କହୋ ତୁମ୍ଭର ଯଦି ମୋଟର ସାକେଲଟିଏ ଦେଇ ପାରିବିନ ବୋଲି ଜାଣିଥିଲ ତାହେଲେ ଆମ୍ଭକୁ ଆଗରୁ ଜଣାଇବାର ଥିଲା। ପୁଅ ମୋର ହାଲକୁ ଗମେଣ୍ଟ ପିଅନ ହେଇଛି। ମୋଟର ସାଇକେଲ ନହେଲେ କେମିତି ଯିବାଆସିବା କରିବ କହିଲ? ତାଛଡା ତୁମ୍ଭେ କହୁଛ ଆମ୍ଭେମାନେ ଫେରିଗଲେ ଝିଅ ତୁମ୍ଭର ମଙ୍ଗୁଳା ହୋଇଯିବ, ଏଇୟତ ?

ଜନକ- ହଁ ଆଜ୍ଞା ଆପଣମାନେ ଗ୍ଲିଗଲେ ଝିଅ ମୋର ମଙ୍ଗୁଳା ହୋଇଯିବ।

ବର ପିତା- ଗୋଟେ କାମ କର,ଝିଅକୁ ବିଷ ଟୋପେ ଦେଇଦିଅ ନହେଲେ ତା ତଣ୍ଟିକୁ ଚପି ଧର। ଦେଖିବ ଏ ଯୌତୁକ ଝଂଜଟ ଆଉ ନଥିବ କ ମଙ୍ଗୁଳା ଅପବାଦ ଆଉ ଶୁଣିବ ନାହିଁ।

ଜନକ- ଆପଣ ଏ କଣ କହୁଛନ୍ତୁ ଆଜ୍ଞା!!ମୋ ହାତରେ ମୋ ଝିଅକୁ ମୁଁ ମାରିଦେବି! ଆପଣ ଏଭଳ କଥା କହିପାରୁଛନ୍ତୁ କେମିତି ?

ରମଣ- (ପ୍ରବେଶି) କାହିଁକ କହିବେ ନାହିଁ ସେ ପର୍ ଏ ଯୁଗର ବର ପିତା। ବର ପିତା ମାନେ କନ୍ୟା ପିତାମାନଙ୍କୁ ଶୋଷଣ କରିବାର ପଦ୍ଧତି କାହିଁ କୋଉ ଯୁଗରୁ ଚଳ ଆସିଛି। ସେଇ ଶୋଷଣ ତାଲିକା ଭିତରେ ଇଏ ବି ଜଣେ। ଆପଣ ସାମାନ୍ୟ ଗୋଟେ ମୋଟର ସାଇକେଲ ପାଇଁ ଯୁଗ ଯୁଗର ବନ୍ଧନକୁ ତଣ୍ଟି ଚପି ମାରିଦେବାକୁ କହୁଛନ୍ତୁ, ବିଷ ପିଇବାକୁ ପ୍ରବର୍ତ୍ତାଉଛନ୍ତୁ? କ ଆଶ୍ଚର୍ଯ୍ୟ ଆ ପଣଙ୍କ ପରି ମଣିଷଙ୍କର ଅଭିପ୍ରାୟ? କୁହନ୍ତୁ କେତେ ଲେଖିବି ମୋଟର ସାଇକେଲଠାରୁ ଅଧିକ ନା ମାରୁତି ଗାଡି ଦାମରୁ ବେଶୀ?

ବର ପିତା- ଶୁଣିଥିଲି ଗୋପବନ୍ଧୁଙ୍କୁ ଆଉ କେହି ମନେ ରଖି ନଥିବେ। କିନ୍ତୁ ଆଜି ଆମ୍ଭ ଆଖି ଆଉଜଣେ ଗୋପବନ୍ଧୁଙ୍କୁ ଦେଖି ପବିତ୍ର ହେଇଗଲାରେ। ବାପା ତୁମ୍ଭେ କିଏ? ତୁମ୍ଭ ଘର କୋଉଠି? ଟିକେ ପାଦ ଧୂଳି ଦେଲେ ମୋ ପେଣ୍ଟ ପକେଟରେ ପୁରେଇ ନେଇଯାଆନ୍ତି?

ରମଣ- ମୋ ପରିଚୟ ଜାଣିବା ଆପଣଙ୍କର କିଛି ଆବଶ୍ୟକ ନାହିଁ। ଆପଣ ବରଯାତ୍ରୀଙ୍କୁ ଅଟକାଇ ପୁଅକୁ ବହାବେଦୀକୁ ଡାକନ୍ତୁ। ହଁ କୁହନ୍ତୁ କେତେ ଲେଖିବି?

ଜନକ- ନା ନା ସାନବାବୁ! ଆପଣ କାହିଁକି ମୋତେ ସାହାଯ୍ୟ କରିବେ? ଏ ବାହାଘର ନହେଉ। ସୀମା ମୋର ମଙ୍ଗୁଳା କନ୍ୟା ହୋଇ ସାରା ଜୀବନ ରହିଯାଉ।

ଜନକ- ଏ କଣ ମଉସା! ମୁଁ କଣ ଆପଣଙ୍କ ପୁଅ ପରି ନୁହେଁ? ସୀମା ମୋର କ୍ଲାସ ମେଟ। ତା ବାହାଘର ନିମନ୍ତ୍ରଣରେ ଯେଉଁ ଉପହାର ଦେବା କଥା ସେୟା ତ ଦେଉଛି।ଏଇ ନିଅନ୍ତୁ ମଉସା ମୁଁ ଲକ୍ଷେ ଟଙ୍କାର ଚେକ ଲେଖିଦେଇଛି। ଆପଣ ମୋଟର ସାଇକେଲ କିଣି ଜୋଇଁକୁ ଦେଇଦେବେ। (ଚେକ ଦେବା ସମୟରେ ସୀମା ଆସି ନେଇନିଏ)

ସୀମା- ନା ଏ ବାହାଘର ଯଦି ବନ୍ଦ ହୋଇଛି ବନ୍ଦ ହୋଇଯାଉ। ମୁଁ ପଛେ ମଙ୍ଗୁଳ ଝିଅ ହୋଇ ରହିବି ମୋର ଦୁଃଖ ନାହିଁ କିନ୍ତୁ ଜଣେ ଯୌତୁକ ଲୋଭି ରାକ୍ଷସକୁ ବାହାହୋଇ କେବେ ଶାନ୍ତିରେ ରହିପାରିବି ନାହିଁ?

ରମଣ –

ଜନକ – ସୀମା....?

ବର ପିତା- କଣହେଲା ଆମ୍ଭେ ଯୌତୁକ ରାକ୍ଷସ? ବୁଝିଲ ଦାସେ ବଡ଼ ଅବୋଲକରା ଝିଅ ତୁମ୍ଭର।

ଜନକ- ନା ଆଜ୍ଞା! ସେ ସେମିତି ଅଭିମାନରେ କହିଦେଇଛି। ଆପଣ ତା କଥାକୁ ଗୁରୁତ୍ୱ ଦିଅନ୍ତୁ ନାହିଁ।

ରମଣ- ଆପଣଙ୍କର ଯାହା ଦରକାର ଥିଲା ପାଇଲେ। ତାପରେ କିଏ କଣ କହିଲା ସେଥିରେ ମୁଣ୍ଡ ନପୁରେଇ ବାହାଘର ଲାଗି ବ୍ୟବସ୍ଥା କରନ୍ତୁ।

ବର ପିତା- ବିଲକୁଲ ନୁହେଁ। ମୋ ପୁଅ ପୋକା ନୁହେଁ କ ଖଣ୍ଡିଆ ନୁହେଁ ହାଲକୁ ଗମେଣ୍ଟ ପିଅନ ହୋଇଛି। ଝିଅମାନେ ତା ପଛରେ ଲାଇନ ଲଗେଇଦେବେ। ତାବୋଲି ଏ ଟୋକି କହିବ ଆମ୍ଭେ ରାକ୍ଷସ।

ସୀମା- ମୁହଁ ସମ୍ଭାଳ କଥାବାର୍ତ୍ତା କରନ୍ତୁ। ଏମିତି ଛୋଟଲୋକଙ୍କ ଭଳି କଣପାଇଁ ହେଉଛନ୍ତି?

ବର ପିତା- ଖବରଦାର! ଆଉ ପଦେ ବେଢ଼ଙ୍ଗ କଥା କହିଲେ...

ସୀମା- କଣ କରିବେ? ପୁଅକୁ ଡାକମାରି କହିବେ ଚାଲ ଏ ବାହାଘର ହେବନାହିଁ। ବରଯାତ୍ରୀଙ୍କୁ କହିବେ ପଳେଇଚାଲ ଏ ବାହାଘର ବନ୍ଦ ହେଲା। ଏଇୟତ? ଆପଣଙ୍କ ଭଳି ଲୋକଙ୍କ ଘରକୁ ବୋହୂ ହୋଇ ଯିବା ଅପେକ୍ଷା ବରଂ ଅବିବାହିତା ହୋଇ ରହିଯିବା ସବୁଠାରୁ ଭଲ।

ବର ପିତା- ହଉ ତାହେଲେ ଥା। କେତେଦିନ ଏମିତି ମଙ୍ଗୁଳା କନ୍ୟା ହୋଇ ରହିବୁ ରହିଥା। ଆରେ ମଦନ ଚାଲରେ ବାପା, ଏଠି ତୋ ବାହାଘର ହେଇପାରିବ ନାହିଁ। (ପ୍ରସ୍ଥାନ)

ଜନକ- ତୁ ଏକଣ କଲୁରେ ମା'! ବାହା ନହୋଇ ତୁ ଏ ମଙ୍ଗୁଳା କନ୍ୟାର ଅପବାଦ ନେଇ କେତେଦିନ ତିଷ୍ଠି ରହିବୁ? ରାତି ପାହିଲେ ସାଇ ପଡ଼ିଶାଙ୍କ ଟାହି ଟାପରାରେ କାନ ବଧିଆ ପଡିଯିବ। ସେସବୁ ତୁ ଶୁଣି ପାରିବୁତ?

ସୀମା- ତାମାନେ ତୁମେ କଣ ଚାହୁଁଥିଲ ସେଇ ଯୌତୁକ ରାକ୍ଷସ ହାତରେ ମୋତେ ଛନ୍ଦିଦେଇ ତୁମେ ଅର୍ଥ ଯୋଗାଣ କାରୀ ବ୍ୟାଙ୍କ ହୋଇଥାଆନ୍ତ? ଭଲହୋଇଛି ଏ ବାହାଘର ଭାଙ୍ଗି ଯାଇଛି।

ଜନକ- ଆରେ ନା' ଝିଅର ବାପ ହେବାକୁ ହେଲେ ବହୁତ କିଛି ସହିବାକୁ ପଡିଥାଏ। ହଉ ତୁ ଗୋଟେ କାମ କର, ଚାଲଯ୍ ରାତି ପାହିବା ପୂର୍ବରୁ ଏ ଗାଁ ଛାଡି ଅନ୍ୟ କୋଉଠିକୁ ପଳାଇବା।

ରମଣ- ଆପଣ ଏ କଣ କହୁଛନ୍ତି ମଉସା ଘର ଛାଡ଼ି ପଳାଇବେ? କଣପାଇଁ?

ଜନକ- ଆଉ ଉପାୟ ନାହିଁ ସାନବାବୁ। ମଙ୍ଗୁଳା ଝିଅର ଅପବାଦ ନେଇ ଏ ସମାଜ ଆମକୁ ରଖେଇ ଦେବନି। ତା ପୂର୍ବରୁ ଆମେ ଏଠୁ ଗ୍ଚଲିଗଲେ ସବୁର ସମାଧାନ ହେଇଯିବ।

ରମଣ- ନା ନା ଆପଣ ଏ ଅବସ୍ଥାରେ ସୀମାକୁ ନେଇ କୁଆଡେ ଯିବେ? ଯୋଉଠିକୁ ଗଲେ ବି ଜଣେ ବଢ଼ିଲ୍ ଝିଅ ନିକଟରେ ସବୁକିଛି ଅସୁରକ୍ଷିତ। ବରଂ ମୋ କଥା ଯଦି ରଖନ୍ତେ ତାହେଲେ ସବୁକିଛି ସମାଧାନ ହୋଇଯାଆନ୍ତା।

ଜନକ- କୁହନ୍ତୁ ସାନ ବାବୁ! କଣ କହିବେ କୁହନ୍ତୁ। ଆପଣଙ୍କ କଥା ନିଶ୍ଚୟ ରଖିବି।

ରମଣ- ଆପଣ ଯଦି ଏକମତ ହେବେ ତେବେ ମୁଁ ସୀମାକୁ ବିବାହ କରିବା ପାଇଁ ପ୍ରସ୍ତୁତ ଅଛି।

ଜନକ- ନା ନା ସାନବାବୁ ଏହା କେବେ ହୋଇପାରେନା। ଆପଣ କେତେବଡ଼ ଘରର ପୁଅ। କାହିଁ ଆଖି ପାଉନଥିବା ଆକାଶର ଗ୍ଚନ୍ଦ ଆଉ ଏ ଖତ ଗଡ଼ିଆର କଇଁ ସହିତ...ନା ସାନବାବୁ। ଏପରି ଭ୍ଚବିବା ମଧ୍ୟ ଆମପାଇଁ ଅସମ୍ଭବ।

ରମଣ- ବାସ୍ତବିକ ଆକାଶରେ ଯଦି ଗ୍ଚନ୍ଦ ନଥାନ୍ତା ଖତ ଗଡ଼ିଆ ରେ କଇଁ ଫୁଟନ୍ତା ନାହିଁ। ତେବେ ସୀମା ଯଦି ରାଜି ହେବେ....

ସୀମା- ନା ରମଣ ତୁମେ ଜଣେ ଧନୀ ଘରର ପୁଅ। ମୋ ବାପା ତୁମ ସୁଗର ମିଲରେ ଜଣେ ଶ୍ରମିକ। ଶ୍ରମିକର ଝିଅ ରାଜ ପରିବାରରେ ବୋହୂ ହେବାର ସ୍ୱପ୍ନ ଦେଖିବା ମସ୍ତବଡ଼ ଭୁଲ। ମୋ ଭଳି ଜଣେ ଗରିବ ଝିଅକୁ ବିବାହ କରି ତୁମେ କେବେ ସୁଖରେ ରହି ପାରିବ ନାହିଁ।

ରମଣ- ସୁଖରେ ରହିବିକି ଦୁଃଖରେ ରହିବି ତାହାତ ଭବିଷ୍ୟତ କହିବ। ମୁଁ ଜାଣେନି କେମିତି ଏକ ଆକର୍ଷଣରେ ତୁମ ସହିତ ନିବିଡ଼ରୁ ନିବିଡ଼ତର ହୋଇ ଛନ୍ଦି ଯାଉଛି। ପିଲାଟିଦିନୁ ବାଲି ଖେଳରୁ ଆଜିଯାଏ ତୁମସହ ବେଶ ଜଡିତ। ତୁମେ ମୋର ସାଙ୍ଗ ସାଥି ମୋ ହସର ପରିଧି। ଆଜି ଯେତେବେଳେ ଜଣେ ମଙ୍ଗୁଳା କନ୍ୟାର ଅପବାଦ ସହି ନପାରି ଏ ଗାଁ ଛାଡି ଗ୍ଚଲି ଯିବାକୁ ବସିଛ ନିଜେ ପରିସ୍ଥିତିକୁ ମୁକାବିଲା କରି ଦୁଃଖରେ ରହିବ ବୋଲି ସ୍ଥିର କରିଛ ସେ ପରିସ୍ଥିତିରେ ମୁଁ କେମିତି ଶାନ୍ତ ରେ ରହିବି?

ସୀମା- ରମଣ!!

ରମଣ- ତୁମେ ଓ ମଉସା ଯେଉଁ ଧନୀ ଗରୀବର ପ୍ରଭେଦ କଥା କହୁଛ ମୋର ଦୃଢ଼ ବିଶ୍ୱାସ ମୁଁ କେବେ ଡାଡି ମମ୍ମିଙ୍କର ଅବାଧ ସନ୍ତାନ ହୋଇନାହିଁ ସେ ଦୁହେଁ ବି ମୋ ପାଇଁ କେବେ ଅବାଧ ହେବେନାହିଁ। କୁହ ସୀମା ତୁମେ କଣ ମୋ ପ୍ରସ୍ତାବକୁ ସ୍ୱାଗତ କରିବ ନାହିଁ? କୁହନ୍ତୁ ମଉସା ଆପଣ କଣ ମୋ ପ୍ରସ୍ତାବରେ ଏକମତ ନୁହଁନ୍ତୁ?

ଜନକ- ମୁଁ ଆଉ କଣ କହିବି ସାନବାବୁ! ଆଜି ଆପଣ ମୋ ସୀମା ପାଇଁ ଯେଉଁ ତ୍ୟାଗ କରିଛନ୍ତୁ ସେ ତ୍ୟାଗର ମୂଲ୍ୟ ଅମୂଲ ମୂଲ। ଭଗବାନ ଆପଣଙ୍କୁ ସଦା ସୁଖରେ ରଖିଥାଆନ୍ତୁ। ଆରେ ହେ ବାଜାବାଲା ବାଜା ବାଜାରେ ଆଜି ମୋ ଝିଅର ବାହାଘର...(ଖୁସି ମନରେ ପ୍ରସ୍ଥାନ)

ରମଣ- କଣ ସୀମା ତୁମେ ଏପର୍ଯ୍ୟନ୍ତ ବି ସନ୍ଦେହ ଭିତରେ ଅଛ?

ସୀମା- କାହାକୁ ସନ୍ଦେହ କରିବି? ତୁମକୁ, ମୋତେ ନା ସାର୍ ଦୁନଆକୁ? ଆରେ ଯିଏ ନଜ ସୁଖ ଶାନ୍ତକୁ ଭୁଲି ମୋ ପାଇଁ ଏତେ ବଡ଼ ତ୍ୟାଗ କରିପାରନ୍ତୁ ତାଙ୍କୁ ସନ୍ଦେହ କଲେ ମୋତେ ଭଗବାନ କ୍ଷମା ଦେବେତ?

ରମଣ- ତାମାନେ ତୁମେ ମୋ ପ୍ରସ୍ତାବରେ ରାଜି?

ସୀମା- ଉଁ ହୁଁ-

(ଦ୍ୱିତୀୟ ମଞ୍ଚରେ ବିବାହ ସାହାନାଇର ମଧୁର ଧ୍ୱନ ବାଜିଉଠେ । ବ୍ରାହ୍ମଣର ମନ୍ତ୍ର ଉଚ୍ଚାରଣ ସହିତ ଦୁହିଁଙ୍କର ବିବାହ ହେବାର ଦୃଶ୍ୟ।)

(ମଞ୍ଚ ଅନ୍ଧାର)

କ୍ରମଶଃ.........

ବିସି-୭୪, ସେକ୍ଟର-୧,

ସଲ୍ଟ ଲେକ୍, କୋଲକତା

email-dwibedysudhansu@gmail.com

# ଦୀପାବଳି



ପୂର୍ଣ୍ଣଚନ୍ଦ୍ର ରଣା

ସଂସ୍କୃତିର ପର୍ବ ଦୀପାବଳି
ଧରିତ୍ରୀକୁ ସ୍ୱର୍ଶ କରିଛି
ସପ୍ତ ରଙ୍ଗର ଆଲୋକ ସହିତ,
ଆତସବାଜିର ବିସ୍ଫୋରଣରେ
ଧରା ସାଥେ କମ୍ପୁଛି ବିସ୍ତୃତ ବକ୍ଷ
ସପ୍ତଝଲ୍ଲିକାରେ ଝଲସୁଛି
ଏ ସାରା ଜଗତ,
ଘରେ ଘରେ ଖୁସିର ଉତ୍ସବ
ସଙ୍ଗେ ପିଠାପଣାର ସମ୍ଭାର
ସତରେ ଏହି ପର୍ବ
ସବୁଠୁ ନିଆରା,
ବରଷରେ ଆସେ ଏଇ ପର୍ବ
ମନେ ପକେଇବାକୁ
ଆମର ସେହି ବଡ଼ ବଡୁଆଙ୍କୁ,
ପିଣ୍ଡ ଦାନ ଦେଇ ତାଙ୍କରି ସ୍ମୃତିରେ
କାଉଁରିଆ କାଠିକୁ ପ୍ରଜ୍ୱଳନ କରି
ଡୁଣ୍ଡେ ନେଇଥାଉ
ବଡ଼ ବଡୁଆ ହୋ
ଅନ୍ଧାରରେ ଆସ ଆଲୁଅରେ ଯାଆ,
ତାଙ୍କର ଆଶୀର୍ବାଦ ତାଙ୍କ ସ୍ନେହ ପରଶ
ଆମ ପାଇଁ ସଦା ମୂଲ୍ୟବାନ,
କର୍ମମୟ ଜୀବନରେ
ନିଜ କର୍ତ୍ତବ୍ୟରେ ଏଠି
ସମସ୍ତେ ବ୍ୟସ୍ତ ସିନା
ବୋଧହୁଏ ଏଇ ନିଆରା ପର୍ବ ଦୀପାବଳି
ଆମ ଜୀବନକୁ ଆଲୋକିତ କରିବା ସଙ୍ଗେ
ମନେ ପକେଇଦିଏ
ଆମ ସେହି ପୂର୍ବ ପିଢ଼ିକୁ
ଯାହାଙ୍କ ପାଇଁ ଆଜି ଆମେ
ଦଣ୍ଡାୟମାନ ଏହି ଜନନୀ ବକ୍ଷରେ ।

ହାଟସିଂହାପୁର, ଯାଜପୁର

# ଗବେଷଣା ମଣିଷ ପଣିଆର



ଭାସ୍କର ଚନ୍ଦ୍ର ଖଣ୍ଡା

ଆସିଲାଣି ଶୀତ
କରୁଥିଲି ବନ୍ଦ ଶୋଇବା ଆଗରୁ
ଝରକା ଆଉ ଉନ୍ମୁକ୍ତ ଦ୍ୱାର ସବୁକୁ
ଆସିପାରିବେନି ଶୀତୁଆ ପବନ ସହ
ମଶା ମାନଙ୍କର ଉପଦ୍ରବ ବୋଲି ।୧।

ଓହୋ ! ତଥାପି ଆସିଲାନି ନିଦ
ଆଖି ଆଗରେ ସତେ ଯେପରି
ଭାସି ଆସୁଥିଲା ଝରକା ଦେଇ
ସମାଜର କଛି ନଗ୍ନ ଚିତ୍ର
ସେଇ ମୁଖ୍ୟ ସମ୍ବାଦ
ନେତା - ପ୍ରଶାସକ - ଠିକାଦାରଙ୍କ ମଧୁଚନ୍ଦ୍ରିକା
ଛବିଗ୍ରଣୀ ହତ୍ୟା ପରେ ମମିତା ।୨।

ଏମିତି କଛି ନଥାନ୍ତା
ଶୋଇପାରୁଥାନ୍ତେ ସମସ୍ତେ ଶାନ୍ତିରେ
ବନ୍ଦ ଝରକା ପରି
ସବୁ ଦୁଷ୍କର୍ମ ବ୍ୟଭିଚାର କୁ
କରିଯାଇପାରନ୍ତା ବନ୍ଦ
ଲଫାପା କୁ ଜଉ ରେ ମୁଦିଲା ପରି ।୩।

ଆଧୁନକ ସମାଜର ଆଲୋକ ପାଇଁ
ଅପରିହାର୍ଯ୍ୟ ଆଜି ଏଇ ଗବେଷଣା
ହୁଅନ୍ତା ଏପରି ଉଦ୍ଭାବନ
ଅଜ୍ଞାନ ତିମିରକୁ କରିଥାନ୍ତା ଧ୍ୱଂସ
ବନ୍ଦ କଠୋରି ଭିତରର ନର୍ଜୀବ ବସ୍ତୁ ସବୁ
ଦେଇ ପାରୁଥାନ୍ତେ ସାଖ୍ୟ ପ୍ରମାଣ ।୪ ।

ହେଉ ପଛେ ଭୟରେ
ବିରାଜମାନ କରନ୍ତା ମଣିଷ ପଣିଆ
ହୁଅନ୍ତା କାମନାର ବିନାଶ
କରେସିନ ହେଉ ଅବା ବେକ ଚପି
କରିନଥାନ୍ତେ ଆଉ ହତ୍ୟା ।୫ ।

ପ୍ରକାଶ ପାଆନ୍ତାନ
ଅନ୍ୟାୟ ବ୍ୟଭିଗ୍ୱରର ଦୁସମ୍ବାଦ
ଶୋଇ ପାରୁଥାନ୍ତା ସମାଜ ଶାନ୍ତରେ
ଲୋଡା ଆଜି ଗବେଷଣା
ମଣିଷ ପଣିଆ ଉପରେ
କପରି ହେବ ମଣିଷ ପଣିଆର ଉନ୍ନତି ? ।୬ ।

ଫ୍ଲାଟ୍ ନଂ ବି /୩୦୧
ଗୌରୀଶଙ୍କର ରେସିଡେନ୍ସ, କେଶୁର୍
ଭୁବନେଶ୍ୱର

# କର୍ମ



କୌସ୍ତୁଭ ଜାଲ

ତିମିର ବିନାଶି ଆଲୋକ ପ୍ରକାଶି
ଫଟାଇ ପୂର୍ବ ବଳୟ
ହୋଇ ଆଗଭର ଉଦେ ଦିବାକର
ଗାଇଣ କର୍ମର ଜୟ ॥

ବିହଙ୍ଗମ ଦଳ କରି କୋଳାହଳ
ଚଳନ୍ତୁ ଖୋଜି ଆହାର
କହନ୍ତୁ ମାନବ କମ୍ପାଇ ବିଳମ୍ବ
ଲଭି ଦୁର୍ଲଭ ଶରିର ॥

କର୍ମ ପଥ ଘେନୀ ଟିକ ଟିକ ପ୍ରାଣୀ
ଆହାର କରନ୍ତୁ ଠୁଳ
ହୋଇ ବଳୀୟାର ଅଳସୁଆ ନର
ଦୁଃଖ ଲଭେ ଚିରକାଳ ॥

ବଳ ପଉରୁଷ ଥିଲେ ହେବ କସ
ସତତ ଶ୍ରମ କାତର
ଆହାର କପଶେ ସୁପ୍ତ ସିଂହ ପାଶେ
ଖୋଲିଥିଲେ ମୁଖଦ୍ୱାର ॥

ସୃଜିଲେ ବିଧାତା ହିତକରି ଚନ୍ତା
ଘୁରିଖାନ ଚରାଚର
ତା ମଧ୍ୟେ ମଣିଷ ଜ୍ଞାନର ବିଶେଷ
ବଳ ବୁଦ୍ଧିର ଭଣ୍ଡାର ॥

ଦେବତା ଦୁର୍ଲଭ ଦେହ କରି ଲଭ
ଭାଗ୍ୟକୁ କଲେ ଆଦର
କାପୁରୁଷ ସେହି ଗତି ମୁକ୍ତ ନାହିଁ
ବୋଝ ଅଟେ ବସୁଧାର ॥

ଏ ବିଶ୍ୱ ଭୁବନ କରମ ପ୍ରଧାନ
କରି ଗଢି ଅଛି ବିହି
ଯେ ଯାହା କରଇ ସେ ତାହା ଭୁଞ୍ଜଇ
ଏଥିରେ ସନ୍ଦେହ ନାହିଁ ॥

ସୁକର୍ମ କୁକର୍ମ ଘେନୀ ତାର ମର୍ମ
ନିୟତି କରେ ବିଗ୍ଭର
ସୁକର୍ମେ ବିଭୁତି କୁକର୍ମେ ଦୁର୍ଗତି
ଅବଶ୍ୟ ଲଭଇ ନର ॥

ସୁକର୍ମେ ଅମର ପୂଜା ପାଏ ଚର
କୁକର୍ମେ ହୁଏ ରାକ୍ଷସ
ସୁକର୍ମେ ଅମୃତ ହୁଅଇ ପ୍ରାପତ
କୁକର୍ମେ ଲଭଇ ବିଷ ॥

ସୁକର୍ମ ପାଳନ କରି ସଂପାଦନ
ହୋଇଥାନ୍ତି ମହାଜନ

ତାଙ୍କ ପ୍ରଦର୍ଶିତ ମାର୍ଗ ପ୍ରମାଣିତ
ସର୍ବେ କରନ୍ତୁ ଗମନ ॥

କର୍ମ ଇଷ୍ଟ ଦାତା ଭାଗ୍ୟର ବିଧାତା
କର୍ମ ଅଟେ ଚନ୍ତାମଣି
କର୍ମ ବଳେ ନର ଲଭଇ ଅପାର
ଶାଶ୍ୱତ ସୁଖର ଖଣି ॥

ହେଲେହେଁ ବିଧାତା ସୃଷ୍ଟିର କରତା
ସଦା ଥାନ୍ତୁ କର୍ମରତ
ପ୍ରଭୁ ହରିହର ପାଳନ ସଂହାର
ଆଚରନ୍ତୁ ଦୃଢ଼ବ୍ରତ ॥

ପୁରୁଷାର୍ଥବଳେ ନାହିଁ ଏ ଶୟଳେ
ଅସାଧ୍ୟ ବୋଲିଣ କଛି
ହେଲେ ବ୍ରହ୍ମରଷି କୌଶିକ ରାଜର୍ଷି
ପୁରାଣ ଯଶ ଗାଉଛି ॥

ହେଲେହେଁ ବାଳକ ଦିଶେ ଦକଦକ
ଅଦ୍ୟାପି ଧ୍ରୁବ ମଣ୍ଡଳେ
ଧନ୍ୟ କର୍ମବୀର ପୁରୁଷାର୍ଥ ତୋର
ଶିକ୍ଷା ଦିଏ କାଳେ କାଳେ ॥

ଡୁଡୁକା, ବଲାଙ୍ଗୀର

# ଏକ ଉତ୍ତପ୍ତ ଭବିଷ୍ୟତ ନିଶ୍ଚିତ



ଅସିତ ମହାନ୍ତ

ଏକ ଉତ୍ତପ୍ତ ଭବିଷ୍ୟତ ନିଶ୍ଚିତ, ଜଳବାୟୁ ପ୍ୟାନେଲ ର ଚେତାବନୀ । କିନ୍ତୁ ଏହା କେତେ ଉତ୍ତପ୍ତ ହେବ ତାହା ଆମ ଉପରେ । ଏକ ପ୍ରମୁଖ ନୂତନ ବୈଜ୍ଞାନିକ ରିପୋର୍ଟରୁ ଜଣାପଡିଛି ଯେ ବିଶ୍ୱ ତାପମାତ୍ରାର କିଛି ଭୟଙ୍କର ପ୍ରଭାବକୁ ଏଡାଇ ହେବ ନାହିଁ। ଗୋଟିଏ ସହରକୁ ଧ୍ୱଂସ କରି ଉତ୍ତର କାଲିଫର୍ଣ୍ଣିଆରେ ହଜାର ହଜାର ଲୋକଙ୍କୁ ଘରୁ ପଳାଇବାକୁ ବାଧ୍ୟ କରିଥିବା ଡିକ୍ସୀ ଫାୟାର ୧୩ ଜୁଲାଇ ୨୦୨୧ ଦିନ ରାଜ୍ୟ ଇତିହାସରେ ଦ୍ୱିତୀୟ ବୃହତ୍ତମ ବନ୍ୟ ଅଗ୍ନିକାଣ୍ଡରେ ପରିଣତ ହୋଇଥିଲା। ୨୫ ଅକ୍ଟୋବର ୨୦୨୧ କୁ ୧୦୦% ନିଆଁ ଉପରେ କାବୁ ପାଇବା ପୂର୍ବରୁ ୯,୬୩,୩୦୯ ଏକର ଜମି ଜଙ୍ଗଲ ଜଳି ପାଉଁଶ ହୋଇସାରିଥିଲା। ରାଷ୍ଟ୍ରଗୁଡିକ ସେମାନଙ୍କର ଜୀବାଶ୍ମ-ଇନ୍ଧନ ନିର୍ଗମନକୁ ଏତେ ଦିନ ପର୍ଯ୍ୟନ୍ତ ରୋକିବାରେ ବିଳମ୍ବ କରିଛନ୍ତି ଯେ ସେମାନେ ଆସନ୍ତା ୩୦ ବର୍ଷ ମଧ୍ୟରେ ଗ୍ଲୋବାଲ ୱାର୍ମିଂକୁ ରୋକି ପାରିବେ ନାହିଁ । ଊନବିଂଶ ଶତାବ୍ଦୀରୁ ମନୁଷ୍ୟ ପ୍ରାୟ ୧.୧ଡିଗ୍ରୀ ସେଲସିୟସ୍ କିମ୍ବା ୨ ଡିଗ୍ରୀ ଫାରେନହାଇଟ୍ ଦ୍ୱାରା ପୃଥିବୀକୁ ଗରମ କରିସାରିଛନ୍ତି, ମୁଖ୍ୟତଃ ଶକ୍ତି ପାଇଁ କୋଇଲା, ତୈଳ ଏବଂ ଗ୍ୟାସ୍ ଜାଳି ଏହି ସ୍ଥିତି ସୃଷ୍ଟି କରିଛନ୍ତି । ଏବଂ ଏହାର ପରିଣାମ ସମଗ୍ର ବିଶ୍ୱରେ ଅନୁଭୂତ ହେଉଛି, କେବଳ ଏହି ଗ୍ରୀଷ୍ମ ପ୍ରବାହରେ ଆମେରିକା ଏବଂ କାନାଡାରେ ପ୍ରବଳ ଉତ୍ତାପ କାରଣରୁ ଶହ ଶହ ଲୋକଙ୍କର ମୃତ୍ୟୁ ଘଟିଛି, ବନ୍ୟା ପରିସ୍ଥିତି ଜର୍ମାନୀ ଏବଂ ଚୀନ୍‌କୁ ଧ୍ୱଂସ କରିଦେଇଛି ଏବଂ ସାଇବରିଆ, ତୁର୍କୀ ଏବଂ ଗ୍ରୀସରେ ବନ୍ୟପ୍ରାଣୀ ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି। ମିଳିତ ଜାତିସଂଘ ଦ୍ୱାରା ଡକାଯାଇଥିବା ବୈଜ୍ଞାନିକ ମାନଙ୍କର ଏକ ସଂସ୍ଥା, ଜଳବାୟୁ ପରିବର୍ତ୍ତନ ଉପରେ ଆନ୍ତରାଜ୍ୟ ପ୍ୟାନେଲ୍ ଦ୍ୱାରା ପ୍ରକାଶିତ ରିପୋର୍ଟ ଅନୁଯାୟୀ, କୁହାଯାଇଛି ଯେ, ଏହା କେବଳ ଆରମ୍ଭ । ରାଷ୍ଟ୍ରମାନେ ଆଜି ନିର୍ଗମନକୁ ତୀବ୍ର ହ୍ରାସ କରିବା ଆରମ୍ଭ କଲେ ମଧ୍ୟ ଆସନ୍ତା ଦୁଇ ଦଶନ୍ଧି ମଧ୍ୟରେ ସମୁଦାୟ ବିଶ୍ୱ ତାପମାତ୍ରା ପ୍ରାୟ ୧.୫ ଡିଗ୍ରୀ ସେଲସିୟସ ବୃଦ୍ଧି ହେବାର ସମ୍ଭାବନା ରହିଛି, ଯାହା ଏକ ଉତ୍ତପ୍ତ ଭବିଷ୍ୟତକୁ ଅପେକ୍ଷା କରିଛି । ୧.୫

ଡିଗ୍ରୀ ଉତ୍ତାପରେ ବୈଜ୍ଞାନିକମାନେ ଜାଣିବାକୁ ପାଇଲେ ଯେ ବିପଦ ବହୁତ ବଢିଯାଇଛି । ବିଶ୍ୱର ପ୍ରାୟ ୧ ବିଲିୟନ ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଥିବା ଉତ୍ତାପ ତରଙ୍ଗରେ ଗତି କରିପାରନ୍ତି । ପ୍ରବଳ ମରୁଡ଼ି ହେତୁ ଶହ ଶହ କୋଟି ଲୋକ ଜଳ ପାଇଁ ସଂଘର୍ଷ କରିବେ । ଆଜି ଜୀବିତ ଥିବା କେତେକ ପ୍ରାଣୀ ଏବଂ ଉଦ୍ଭିଦ ପ୍ରଜାତି ଲୋପ ପାଇଯିବେ । ପୃଥିବୀର ବୃହତ୍ ଅଞ୍ଚଳ ପାଇଁ ମତ୍ସ୍ୟ ମାନଙ୍କୁ ବଞ୍ଚାଇ ରଖୁଥିବା କୋରାଲ୍ ରିଫସ୍ ଏହାଦ୍ୱାରା ପ୍ରଭାବିତ ହୋଇ ନଷ୍ଟ ହେବ । ଲିଡ୍ସ ବିଶ୍ୱବିଦ୍ୟାଳୟର ଜଳବାୟୁ ବୈଜ୍ଞାନିକ ତଥା ରିପୋର୍ଟ ଲେଖିବାରେ ସାହାଯ୍ୟ କରିଥିବା ଶହ ଶହ ଅନ୍ତର୍ଜାତୀୟ ବିଶେଷଜ୍ଞଙ୍କ ମଧ୍ୟରୁ ପିଅର୍ସ ଫୋରଷ୍ଟର କହିଛନ୍ତି ଯେ ଆସନ୍ତା ୨୦ କିମ୍ବା ୩୦ ବର୍ଷ ମଧ୍ୟରେ ଆମେ ଅତ୍ୟଧିକ ପାଣିପାଗର ପରିବର୍ତନକୁ ଦେଖିବା । ଦୁର୍ଭାଗ୍ୟବଶତ ଏହା ଆଜିର ଅପେକ୍ଷା ଅବସ୍ଥା ଆହୁରି ଖରାପ ହେବାର ସମ୍ଭାବନା ରହିଛି । ଏହା ଦ୍ୱାରା ପ୍ରାୟ ୨୦୫୦ ସୁଦ୍ଧା ବାୟୁମଣ୍ଡଳରେ କାର୍ବନ ଡାଇଅକ୍ସାଇଡ୍ ମିଶ୍ରଣ ବନ୍ଦ କରିବା ପାଇଁ ଦେଶମାନଙ୍କ ମଧ୍ୟରେ ଏକ ସମନ୍ୱିତ ପ୍ରୟାସ ଆବଶ୍ୟକ ହେବ, ଯାହା ତୁରନ୍ତ ଜୀବାଶ୍ମ ଇନ୍ଧନଠାରୁ ଶୀଘ୍ର ଦୂରେଇ ଯିବା ସହିତ ବାୟୁରୁ ବିପୁଳ ପରିମାଣର ଅଙ୍ଗାରକାମ୍ଳ ଅପସାରଣ କରିବ । ଯଦି ଏହା ଘଟିଥାନ୍ତା, ଗ୍ଲୋବାଲ ୱାର୍ମିଂ ପ୍ରାୟ ୧.୫ ଡିଗ୍ରୀ ସେଲସିୟସରେ ସ୍ଥିର ରହି ପାରିଥାନ୍ତା ବୋଲି ରିପୋର୍ଟରେ ଦର୍ଶାଯାଇଛି । କିନ୍ତୁ ଯଦି ରାଷ୍ଟ୍ରମାନେ ସେହି ପ୍ରୟାସରେ ବିଫଳ ହୁଅନ୍ତି, ତେବେ ବିଶ୍ୱର ହାରାହାରି ତାପମାତ୍ରା ବୃଦ୍ଧି ପାଇବ - ପ୍ରାଥମିକ ଶିଳ୍ପ ଯୁଗ ତୁଳନାରେ ସମ୍ଭାବ୍ୟ ୨ ଡିଗ୍ରୀ, ୩ ଡିଗ୍ରୀ କିମ୍ବା ୪ ଡିଗ୍ରୀ ସେଲସିୟସ୍ ମଧ୍ୟ ଅତିକ୍ରମ କରିପାରେ । ରିପୋର୍ଟରେ ବର୍ଣ୍ଣନା କରାଯାଇଛି ଯେ ପ୍ରତ୍ୟେକ ଅତିରିକ୍ତ ଡିଗ୍ରୀ ଉତ୍ତାପ କିପରି ଅଧିକ ବିପଦ ଆଣିଥାଏ, ଯେପରିକି ଭୟଙ୍କର ବନ୍ୟା ଏବଂ ଉତ୍ତାପ ତରଙ୍ଗ, ମରୁଡ଼ି ଏବଂ ସମୁଦ୍ର ପତ୍ତନ ବୃଦ୍ଧିକୁ ତ୍ୱରାନ୍ୱିତ କରିବା ଯାହା ଦ୍ୱାରା ଦ୍ୱିପପୁଞ୍ଜର କେତେକ ଦେଶ ଉପରେ ବିପଦ ସୃଷ୍ଟି କରିପାରେ । ଗ୍ରହ ଯେତେ ଉତ୍ତପ୍ତ ହୁଏ, ଗ୍ରୀନଲ୍ୟାଣ୍ଡ ଏବଂ ପଶ୍ଚିମ ଆଣ୍ଟାର୍କଟିକାର ବିପୁଳ ବରଫ ଶୀଟ୍ ଗୁଡିକର ଅପୂରଣୀୟ ପତନ ପରି ବିପଜ୍ଜନକ "ଟିପିଂ ପଏଣ୍ଟ" ଅତିକ୍ରମ କରିବାର ବିପଦ ଅଧିକ । ପ୍ୟାନେଲର ଉପାଧ୍ୟକ୍ଷ ତଥା ଜାତୀୟ ମହାସାଗରୀୟ ତଥା ବାୟୁମଣ୍ଡଳ ପ୍ରଶାସନର ଜଳବାୟୁ ପାଇଁ ବରିଷ୍ଠ ପରାମର୍ଶଦାତା କୋ ବାରେଟ୍ କହିଛନ୍ତି, ତତକ୍ଷଣାତ୍ ଏବଂ ସ୍ଥାୟୀ ନିର୍ଗମନ କଟ୍ ବାସ୍ତବରେ ଆମର ଜଳବାୟୁ ଭବିଷ୍ୟତରେ ଏକ ପରିବର୍ତ୍ତନ ଆଣିପାରେ । ୧୯୫ ସରକାରଙ୍କ ଦ୍ୱାରା ଅନୁମୋଦିତ ଏବଂ ୧୪,୦୦୦ ରୁ ଅଧିକ ଅଧ୍ୟୟନ ଉପରେ ଆଧାର କରି ଏହି ରିପୋର୍ଟ ଜଳବାୟୁ

ପରିବର୍ତ୍ତନର ଭୌତିକ ବିଜ୍ଞାନର ଆଜି ପର୍ଯ୍ୟନ୍ତ ସବୁଠାରୁ ବିସ୍ତୃତ ସାରାଂଶ ଅଟେ। ୨ ନଭେମ୍ବରରେ ୨୦୨୧ ଗ୍ଲାସଗୋରେ ଅନୁଷ୍ଠିତ ୟୁଏନ ଶିଖର ସମ୍ମିଳନୀରେ କୂଟନୀତିଜ୍ଞ ମାନେ ଏକତ୍ରିତ ହୋଇଥିଲେ ଏବଂ ସମସ୍ତେ ଏବିଷୟରେ ଚିନ୍ତିତ ହୋଇଛନ୍ତି । କିନ୍ତୁ ପ୍ରଶ୍ନ ଉଠୁଛି ଏହା କିପରି ସମ୍ଭବ ହେବ ? କୌଣସି ଦେଶ କୋଇଲା, ପେଟ୍ରୋଲ ଏବଂ ଡିଜେଲର ବ୍ୟବହାରକୁ ବନ୍ଦ କରିବା ପାଇଁ ପ୍ରସ୍ତୁତ ନୁହଁନ୍ତି । କାରଣ ସେମାନଙ୍କର ବିକାଶ ଏହା ସହିତ ଜଡିତ। ପୂର୍ବବର୍ତ୍ତୀ ବିଶ୍ୱ ସମ୍ମିଳନୀର ଇତିହାସକୁ ଦେଖିଲେ ଜଣାଯିବ ଯେ, କେବଳ ସମସ୍ତେ କେବଳ ଶପଥ ନେଇଛନ୍ତି କିନ୍ତୁ ଫଳ ଓଲଟା ହୋଇଛି, ଅର୍ଥାତ ଯାହା କୁହାଯାଇଥିଲା ତାହା ଉପରେ କୌଣସି କାର୍ଯ୍ୟ ହୋଇନାହିଁ । ସେଇଥିପାଇଁ ସ୍ୱିଡ଼େନ ର ପରିବେଶ କାର୍ଯ୍ୟକର୍ତା ଗ୍ରେଟା ଥନବର୍ଗ କ୍ରମାଗତ ଭାବରେ ଏହି ବିଷୟଟିକୁ ବିଶ୍ୱର ନେତା ମାନଙ୍କ ସମକ୍ଷରେ ରଖିଆସୁଛନ୍ତି । ବିଭିନ୍ନ ଦେଶର ନେତାମାନେ ଅଙ୍ଗାରକାମ୍ଳ ଗ୍ୟାସକୁ କମ କରିବାପାଇଁ ଭିର୍ଣ୍ଣ ଭିର୍ଣ୍ଣ ସମୟ ଅବଧି ଦେଉଛନ୍ତି । ପ୍ରଶ୍ନ ଉଠୁଛି ସେମାନେ କେଉଁ ଉପାୟ ଅବଲମ୍ବନ କରିବାକୁ ଯାଉଛନ୍ତି ଯାହାଫଳରେ ସେମାନେ ଅଙ୍ଗାରକାମ୍ଳ ଗ୍ୟାସର ମାତ୍ରାକୁ କମ କରିବାରେ ସକ୍ଷମ ହେବେ? ବାସ୍ତବରେ ସେମାନେ କଣ କରିବେ, ସେସବୁର ରୋଡ଼ ମ୍ୟାପ କଣ ଏବଂ କେଉଁ ବୈଜ୍ଞାନିକ ପଦ୍ଧତିରେ ସେସବୁକୁ କରାଯିବ ? ସେଥିପାଇଁ ସେମାନେ ଜାତୀୟ ବଜେଟରେ କେତେ ଧନରାଶିର ପ୍ରାବଧାନ ରଖିବେ, ସେପରି କୌଣସି ବାସ୍ତବିକ ତଥ୍ୟ ସାମ୍ନାକୁ ଆସିନାହିଁ । ଶୋଧ କର୍ତ୍ତା ଏବଂ ପରିବେଶବିଦ ମାନଙ୍କ ଅନୁସାରେ ଏହି ଅବଧି ମଧ୍ୟରେ ଆମେ ଯେତିକି ଅଙ୍ଗାରକାମ୍ଳ ଗ୍ୟାସ କମ କରିବାକୁ ଚାହୁଁଛୁ ତାହା ଅସମ୍ଭବ। ଯେ ପର୍ଯ୍ୟନ୍ତ କୋଇଲାରୁ ଉତ୍ପାଦନ ହେଉଥିବା ବିଦ୍ୟୁତ ଶକ୍ତି ଏବଂ ପେଟ୍ରୋଲ ଡିଜେଲ ଦ୍ୱାରା ଚାଲୁଥିବା ଜାନ ବାହାନକୁ ବନ୍ଦ କରାନଯାଇଛି, ନେତାମାନଙ୍କର ଏହି ଶପଥ କେବଳ କଥାରେ ରହିଯିବ । ଏହା ସମ୍ଭବ କିନ୍ତୁ ଇଛା ଶକ୍ତି ଏବଂ ଆଗକୁ ଆସୁଥିବା ଭୟଙ୍କର ବିପଦକୁ ହୃଦୟଙ୍ଗମ କରି ଯଦି ଜି - ୨୦ ଦେଶମାନେ ବଳଶାଳୀ ପଦକ୍ଷେପ ନିଅନ୍ତି ତାହେଲେ ଏହା ସମ୍ଭବ ହେବ । କୋଭିଡ - ୧୯ ପାଇଁ ସମସ୍ତ ଦେଶ ପର୍ଯ୍ୟାପ୍ତ ବଳଶାଳୀ ପଦକ୍ଷେପ ନେଇ ସବୁକିଛି ବନ୍ଦ କରିଦିଆଗଲା ଏବଂ ଲୋକମାନେ ମଧ୍ୟ ସହଯୋଗ କଲେ । ଏହି ଅବଧି ମଧ୍ୟରେ ପୁରା ବିଶ୍ୱରେ ପରିବେଶ ମଧ୍ୟ ସ୍ୱଚ୍ଛ ହେଲା । ଜଳବାୟୁ ପରିବର୍ତ୍ତନ ପାଇଁ ମଧ୍ୟ ସେହିଭଳି ବୈଜ୍ଞାନିକ ପଦକ୍ଷେପ ନିଆଯାଇପାରିବ, କାରଣ କୋଭିଡ ୧୯ ପରି ଏହା ମଧ୍ୟ ମନୁଷ୍ୟର ଜୀବନ ରକ୍ଷାର ପ୍ରଶ୍ନ। ବରଂ ଏହା କୋଭିଡ ଠାରୁ ଭୟଙ୍କର। ଏପ୍ରକାର ପଦକ୍ଷେପ ଏଇଥିପାଇଁ ସମ୍ଭବ

ହୋଇନପାରେ, କାରଣ ପୁଞ୍ଜିବାଦୀ ବ୍ୟବସ୍ଥାରେ ଲାଭ ହେଉଛି ମୁଖ୍ୟ । ଲାଭ ପାଇଁ ବ୍ୟବସ୍ଥା ବୈଜ୍ଞାନିକ ପଦକ୍ଷେପ ଗୁଡିକ ନେବାରେ ବିଳମ୍ବ କରିବ, ଯେତେବେଳ ପର୍ଯ୍ୟନ୍ତ କୋଭିଡ -୧୯ ପରି ପରିସ୍ଥିତି ନଆସିଛି । ଆପଣ ଅନୁଧ୍ୟାନ କରିଥବେ ଯେ, ଯେହେତୁ କୋଭିଡ - ୧୯ ପୁରା ବିଶ୍ୱରେ ବ୍ୟାପିଛି ଏବଂ ଏହା ସମସ୍ତ ବର୍ଗର ଲୋକମାନଙ୍କୁ ପ୍ରଭାବିତ କରିଛି, ସେଥିପାଇଁ ସବୁ ଦେଶର ସରକାର ଏହାର ଟୀକା ପାଇଁ ଲାଗି ପଡିଲେ । କାରଣ ଏହାର ବିଶ୍ୱରେ ବଜାର ରହିଛି ଏବଂ ଏଥିରେ ଅତ୍ୟଧିକ ଲାଭ ରୋଜଗାର କରାଯାଇପାରିବ । ତାହେଲେ କଣ ସେହି ପ୍ରଳୟର ଧ୍ୱନିକୁ ଅପେକ୍ଷା କରିବା?

ସୁଜନପୁର, ଯାଜପୁର
୯୩୪୮୭୬୮୮୧୨

# ଘରକୁ ସରଗ କରିବା



ହରେକୃଷ୍ଣ ପଣ୍ଡା

ଆମ ଘର ମୋର କେତେ ଯେ ନିଜର
ଯେଉଁଠି ଜନମ ମୋର,
ଏନ୍ତୁଡ଼ି ମୋହର ଜଳିଥିଲା ଏଠି
ହୋଇଥିଲା ଷଠି ଘର ।
ବାପା ଆମ ଦିଅଁ ମାଆ ଠାକୁରାଣୀ
ଦେଇ ତାଙ୍କ ପାଦେ ଧ୍ୟାନ,
ଜୀବନର ଚଲା ପଥରେ ଚାଲିବୁ
ସାର୍ଥକ ହେବ ଜୀବନ ।
ଗୋଟିଏ ବନ୍ତର ଫୁଲ ପରି ଆମେ
ସଭିଏଁ ଭଉଣୀ ଭାଇ,
ଆମରି ଖୁସିରେ ପୁରି ଉଠେ ଘର
କେବେ ରାଗରୁଷା ନାହିଁ ।
ଘରକୁ ଆମର ସ୍ୱଚ୍ଛ ରଖିବା
ଆମେ ସବୁ ମିଳିମିଶି,
ବାଡ଼ି ବଗିଚାରେ ଲଗାଇବା ଗଛ
ଦେଖିଲେ ଲାଗିବ ଖୁସି ।
ଆପଣା ଭିତରେ ନକରିବା କଳି
ହୋଇ ସବୁ ଏକମନ,
ଘରକୁ ଆମର ସରଗ କରିବା
ଏହି ଆମ୍ଭ ଦୃଢ଼ ପଣ ।

କୁଆଁସ, ମେର୍ଦ୍ଦା କାଟିଆ ଛକ, ଯାଜପୁର
ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ
ମଧୁପୁର ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ

# ହଜିଲା ଅତୀତ

ନିରଞ୍ଜନ ସାହୁ

ମନେପଡେ ଭାରି ମନେପଡେ
ହଜି ଯାଇଥିବା ଦିନ
ଦିନଗୁଡା ସିନା ଚାଲି ଯାଇଅଛି
ଲିଭିନାହିଁ ସ୍ମୃତି ଚିହ୍ନ ।

କେମିତି ଲିଭିବ ସେ ଅଭୁଲା ଦିନ
ଛାଡି ଯାଇଅଛି ଛାପ
ସେଦିନ ଗୁଡିକୁ ଭୁଲିଗଲେ ବୋଧେ
ହୋଇଯିବ ଘୋର ପାପ
ଆଉ ଲିଭିବନି କଦାପି ସେ ଦାଗ
ସିଏ ପରା ରୂପା ଜହ୍ନ ।

ପୁରୁଣା ଦିନକୁ ଫେରିଯିବା ପାଇଁ
ଇଚ୍ଛା ହେଉଥାଏ ଭାରି
ନିଜ ଅଜାଣତେ ଆଖିର କୋଣରୁ
ଝରଇ ଲୋତକ ବାରି
ପରାଣ ହୁଅଇ ସର୍ବଦା ଅଧିର
ଭରେ ମନେ ଅଭିମାନ ।

ନହଲପ୍ରସାଦ,
ଗନ୍ଦିଆପାଟଣା, ଢେଙ୍କାନାଳ

# ଊଠ୍ ପୁଟୁର୍



ଆରତୀ ସାହୁ (ଆଶା)

( ଭାଗ - ୩ )

ମଝିରେ ମଝିରେ ମୋର ମନ ସ୍ୱପ୍ନ ଧରେ । ମୁଁ ବଡ ଅଫିସର ହେଇଛି । ମୁଁ ବଡ ଗାଡ଼ିରେ ବସି ଆସୁଛି ଗାଁକୁ । ଆମର ଦିତାଲା କୋଠା ହେଇଛି । ଫାଟକ ଦୁଇ ପାଖରେ ଦୁଇଟା ମୁଗୁନି ପଥରର ଯକ୍ଷମୂର୍ତ୍ତି । ଫାଟକ ଉପରେ ମାଡ଼ିଛି କାଗଜ ଫୁଲର ନାଲିଆ ଧଳା ଲତା । ଫାଟକ ଆଗରେ ମୋର ମଟର ଗାଡ଼ି ରହୁଛି । ଡ୍ରାଇଭର ଆସି ଗାଡ଼ିର କବାଟ (ଡୋର୍) ଖୋଲି ଦେଉଛି । ବାପା ବାରଣ୍ଡାରେ ଗୋଟିଏ କପଡ଼ା ଲଗା ଆରାମ ଚେୟରରେ ଘୁମେଇ ପଡ଼ି ଛନ୍ତି । ମଟର ଆବାଜ ଶୁଣି ଚମକି ଦେଖୁଛନ୍ତି । ମାଆ ମୋର ନାଲି କୁମ୍ଭ କିନାରା ଧଡ଼ି ବାଲା ସଫା ଲୁଗା ପିନ୍ଧି ହସି ହସି ମୋ ଆଡ଼କୁ ଆସୁଛି ତରତର ହେଇ ।

ବାପା ଆଉ ମାଆଠାରୁ ଏଇ ଶୁଣା ଗପଟା ସଞ୍ଚରି ଆସିଥାଏ ମୋ ସ୍ୱପ୍ନକୁ । ସେହି ଗୋଟିଏ ସ୍ୱପ୍ନ ରୋଜ ରୋଜ ଦେଖେ । ଖୋଲା ଆଖିରେ, ବହିର ପୃଷ୍ଠାରେ, ବୀଜ ଗଣିତର xyz ଭିତରେ, ରେଖା ଗଣିତର ରେଖା ବିଭାଜନରେ, ଭୁଗୋଳର ଭାରତ ମାନଚିତ୍ରରେ, ଇତିହାସର ଭାରତ ପାକିସ୍ତାନ ବିଭାଜନ ଭିତରେ । ଗାନ୍ଧୀଙ୍କ ଚଷମାରେ, ଲାଲ୍ ବାହାଦୂରଙ୍କ ଟୋପିରେ, ଶିବାଜୀଙ୍କ ମୁକୁଟରେ, ଲକ୍ଷ୍ମୀବାଇଙ୍କ ଘୋଡ଼ାର ଟାପୁରେ ।

ସ୍ୱପ୍ନ ଦେଖୁ ଦେଖୁ ସରିଯାଇଥାଏ ମୋର ସରଳାର୍ଥ ଲେଖା, ପଦ୍ୟ ମୁଖସ୍ଥ ଆଉ ଗଣିତ ପ୍ରଶ୍ନମାଳା । ସ୍ୱପ୍ନ ମୋତେ ବାଟ କଢେଇ ନିଏ । ଅବାଟ ସବୁକୁ ବାଗେଇ ଦିଏ ।

ଚଇନୁ ଆସି ଡାକେ,

- ଗାଧି ଯିବୁନାଇଁକି ରେ ?

ଆରେ, ସତେ ତ । କେତେ ବିଳମ୍ବ ହେଇଗଲାନି । ସ୍କୁଲ ବେଳ ହେଇଯିବ ।

ବହିପତ୍ର ସାଉଁଟି, ହେଁସ ଗୁଡେଇ ଦେଇ ଚଇନୁ ସହିତ ଧାଏଁ ନଈକୁ । ବିନା ବୋତାମ ସାର୍ଟ ଦୁଇ ପଟକୁ ଫଡ଼ ଫଡ଼ ହେଇ ଉଡୁଥାଏ ଡେଣା ପରି । ପେଣ୍ଟର ମୋଡ଼। ଗଣ୍ଠି ଖୋଲି ଡେଇଁପଡେ ହେମାଳ ପାଣିକୁ । ପାଣିରେ ପଶିଥିବା ଯାକେ ଉଷୁମ ଲାଗେ । ଖୁବ୍ ପହଁରେ। ବାପା କୁହନ୍ତି ନଈ ପହଁରା ସବୁଠାରୁ ଭଲ ବ୍ୟାୟାମ । ସେଠାରେ ଯୋଗ ଦିଅନ୍ତି, ବାଙ୍କ, ନିମ, ଅଭିନୁ ଇତ୍ୟାଦି ।

ନଈରୁ ବାହାରି ସୂର୍ଯ୍ୟମୂଖା ହେଇ ଠିଆ ହେଇ ଯାଉଁ ସମସ୍ତେ । ଶୀତରେ ଗୋଡ଼ ହାତ କୋଲ ମାରି ଯାଉଥାଏ । ସୂର୍ଯ୍ୟତାପରେ ଟିକେ ଜୀବନ ପଶେ । ଚଇନୁଟା ପଙ୍କା ଚିଡୁଆଟେ । ତାକୁ ଚିଡେଇବା ପାଇଁ ଅଭିନୁ ଠିଆ ହେଇ ଯାଏ ତାକୁ ଛାଇ କରି । ହେମାଳିଆ ଲାଗେ ତାକୁ ।

- ହଟ୍, ହଟ୍ ବେ ।

ସୂତ୍ର ମିଳିଯାଏ ସମସ୍ତଙ୍କୁ । ସମସ୍ତେ ତାକୁ ଛାଇ କରି ଠିଆ ହୁଅନ୍ତି । ବାଲ୍ୟକାଳର ବାଲ୍ୟଲୀଳା । ସେ ଯେତେ ଖରାକୁ ଘୁଞ୍ଚେ ଆମେ ବି ସେତିକି ଘୁଞ୍ଚୁ । ସେ ବିଗିଡ଼ି ଯାଏ,

- ଯିଏ ମୋତେ ଛାଇ କରେଇ
ତାର ମାଆକୁ ବାଇ ହାତୀ ବାଇ ଧରେଇ ।

- ମୋର ମାଆର ନାମ କିପାଇଁ ଧରିଲୁ ବେ ?

ପୁଣି ଖୁମ୍ପରା ଖୁମ୍ପରି, ଠେଲା ପେଲା ଶେଷରେ ହସ କଉତୁକ ।

- ଏଇ, କହନା , ଗ୍ଲାସ୍ ।

- ଗ୍ଲାସ୍

- ତୋର ମାଆ ବେଡେ ଫାସ କ୍ଲାସ୍ ।

- ଏଇ, କହନା, ଖାଞ୍ଜି

- ଖାଞ୍ଜି

- ତୋତେ ନେଇଯିବି ରାଞ୍ଜି ।

ମୋର ମନ ସେଥିରୁ ଓହରି ଆସିଥାଏ, ନଇକୂଳର ଶିବ ମନ୍ଦିରର ପବିତ୍ର ଘଣ୍ଟ ଧ୍ୱନିରେ ଆଉ ନଇପାଣି ଫେରସ୍ତ ଦେଉଥିବା ତାର ପ୍ରତିଧ୍ୱନିରେ । ମୁଁ ପଳେଇ ଆସିଥାଏ ତାଙ୍କଠାରୁ ଦୂରକୁ । ମନ୍ଦିର ଯିବା ସରୁ ପାଦଚଲା ରାସ୍ତାରେ । ଧ୍ୟାନ ଥାଏ ଘଣ୍ଟଧ୍ୱନିରେ, ଦୃଷ୍ଟି ଥାଏ ଭକ୍ତଙ୍କ ପାଦ ଚାପରେ ମରି ମରି ଆସୁଥିବା, ସବୁଜରୁ ମାଟିଆ ହେଇ ଆସୁଥିବା ଘାସ ଉପରେ, ସେଥିରେ ମୁହଁ ପୋତି ପୋତି ଚାଲୁଥିବା ନାଲି ଗୁଲୁଗୁଲୁ ସାଧବ ବୋହୁ ମାନଙ୍କ ଉପରେ । କାଳେ ତାଙ୍କ ଉପରେ ପାଦ ପଡ଼ିଯିବ । ଘାସ ମାନଙ୍କର ତ ନିୟତି ସେଇଆ । କିନ୍ତୁ ସାଧବ ବୋହୁର ନିୟତି ନିଶ୍ଚିତ ଏହା ନଥିଲା ।

ପାଠପଢ଼ାରେ ଆତ୍ମକେନ୍ଦ୍ରିକ ହେଇ ଧ୍ୟାନସ୍ଥ ହେଇଯିବାର ପ୍ରେରଣା ମୁଁ ପାଇଥିଲି ଏହି ଘଣ୍ଟ ଧ୍ୱନି ଓ ମନ୍ଦିରକୁ ପାଛୋଟି ନେଇ ଯାଉଥିବା ଏହି ପାଦଚଲା ସରୁ ବାଟରୁ ।

ମନ୍ଦିରରେ ଶିବଲିଙ୍ଗ ସାମନାରେ ମୁଁ ବସେ କିଛି କ୍ଷଣ । ଓଁ ନମଃ ଶିବାୟ, ମନେ ମନେ ଜପ କରେ । ଚକଚକିଆ ପିତ୍ତଳର ନାଗକୁ ନିହିରେ । ଏହି ଆଧ୍ୟାତ୍ମିକତା ମୋ ମାଆର ଅବଦାନ । ଅତି ଛୋଟବେଳେ ମାଆ ସହିତ ଆସୁଥିଲି ନଇକୁ, ମାଇଝି ଘାଟ୍, ସ୍ତ୍ରୀଲୋକଙ୍କ ତୁଠ । ମାଆ ନିହାତି ଶିବ ମନ୍ଦିର ଆସିବ । ତା ପଛରେ ମୁଁ ନେଙ୍ଗଡେଇ ଥାଏ । ଶିବ

ଲିଙ୍ଗରେ ଚୁଛା ନଇର ପାଣି ଢାଳିବ । ନାଲ୍ ବଧୁଲି ଫୁଲ ଚଢେଇବ । ବସିବ କିଛି ସମୟ। କଣ ସବୁ ଗୁହାରୀ କରୁଥିବ ଭୁଟ୍ ଭୁଟ୍ ହେଇ । ହରିଣୀ ତୁସ୍ତି (ସ୍ତୁତି), ମଙ୍ଗଳା ତୁସ୍ତି ଗାଇବ । ମୁଁ ବଲବଲ କରି ଅନେଇବି ଥରେ ଶିବଲିଙ୍ଗକୁ ତ ଥରେ ମାଆର ନିର୍ଲିପ୍ତ, ଭାବ ବିହ୍ୱଳିତ ମୁହଁକୁ । ତା ଆଖିରୁ ବୋହି ଆସୁଥିବା ଭକ୍ତିଧାରକୁ ।

ମୁଁ ମୁଣ୍ଡିଆ ମାରି ବେଲପତ୍ର ଖଣ୍ଡେ ନିଏ । ପାହାଚ ସରିଲେ ବିରାଟ ବର ଗଛ । ତାର ଗଣ୍ଡିରୁ ପୁଣି ତାଳପତ୍ର ମେଲିଛନ୍ତି ଓସ୍ତ ଗଛ ଆଉ ନିମ ଗଛ । ବଡ଼ ପବିତ୍ର ପବିତ୍ର ଲାଗେ ।

ଆହା, ବରଗଛଟି କେତେ ସର୍ବଂସହା, କି ଉଦାର । ଓସ୍ତଗଛ ଓ ନିମଗଛ ସମେତ ଆହୁରି କେତେ ପ୍ରକାର ପକ୍ଷୀ ମାନଙ୍କ ପରିବାରକୁ ଆଶ୍ରୟ ଦେଇଛି ନିଜର ଦେହରେ ।

ଯେଉଁ ଦିନଠାରୁ ମାଆର ଗୋଡ଼ ଫୁଲିଲା, ବଥେଇଲା ସେ ଆଉ ଆସି ପାରିଲା ନାହିଁ । ବିପିନ କାକାଙ୍କ କୁଜି ଗାଡ଼ିଆରେ ଗାଧେଇଲା । ଇଟା ପଥର ବେଢ଼ା ଉଠା ଖଲିପତ୍ର ପାଇଖାନାକୁ ଗଲା । ତାକୁ ମେହେନ୍ତରାଣୀ ଜେଠୀ ଡେଲି ସଫା କରୁଥିଲେ । ଡେଲି ଖଲିପତ୍ର ବଦଳାଉ ଥିଲେ ବାହାର ପଟକୁ ଥିବା ଜଳାକଣାରୁ । ବାପା ନିଜ ହାତରେ ଇଟା ଗାନ୍ଥିନି କରି ତିଆରିଥିଲେ ମାଆ ପାଇଁ । ବାପା ତ ବିଲ ଆଡୁ ଗାଧେଇ ଆସନ୍ତି । ଖରାଦିନେ ମୁଣ୍ଡରେ ଓଦା ଗାମୁଛା ପକେଇ ଆସନ୍ତି । ନହେଲେ ଟାଇଁଟାଇଁଆ ଖରାରେ ଝାଇଁ ମାରିଦେବ ପୁଷ୍ଟିହୀନ ଦେହକୁ ।

ବରଗଛ ମୂଳରେ ଆସ୍ଥାନ ପକେଇ ପଦ୍ମାସନରେ ବସିଥାନ୍ତି ମନ୍ଦିର ପୂଜକ ଅବନୀ ମାମୁଁ । ସେ ମୋ ମାଆକୁ ଭଉଣୀ ଡାକନ୍ତି । ମୁଁ ପାଦୁକା ନିଏ । ସେ ଥିର କିନି ତାଙ୍କ ଭାଗବତ ବୁକ୍ ମାର୍କ ମୟୂରଚୁଳରେ ମୋ ମୁଣ୍ଡକୁ ସ୍ପର୍ଶ କରନ୍ତି । ମୋର ଦେହ ଶିହିରିଯାଏ, ଯେମିତି କୃଷ୍ଣଙ୍କର ଅଙ୍ଗୁଳିସ୍ପର୍ଶ ମୋ ମୁଣ୍ଡରେ । ଅବନୀ ମାମୁଁଙ୍କ ହସଟା ମୋତେ କେମିତି ରହସ୍ୟମୟ ଲାଗେ କୃଷ୍ଣଙ୍କର ସ୍ମିତ ହସ ପରି । ମୋ ହାତରେ ଦିଅନ୍ତି ଦକ୍ଷିଣା ଥାଳିରୁ ପାଞ୍ଚ ପଇସିଟିଏ । ଯା ଲେବେନଚୁସ୍ ଖାଇବୁ ।

ମୋ ସାଙ୍ଗମାନେ ଧରାପରା ହେଇ ଆସନ୍ତି ମନ୍ଦିର । ତରତରରେ ମୁଣ୍ଡିଆଟେ ଲେଖାଁ ମାରି ପାଦୁକ ନେଲା ବାଦେ ଆମେ ଘରକୁ ଆସୁ ।

ଘରେ ପଶି ଆଗ ମୁଁ ଯାଏ ଶୋଇବା ଘରକୁ । ନଡ଼ିଆ ତେଲ ଟିଣରେ ଲମ୍ବାଳିଆ କଣା କରି ମୁଁ ଢୁଣ୍ଡି (କୁମ୍ଫି) ତିଆରି କରିଛି । ତାକୁ ପୋତି ଦେଇଛି ଗୋଟେ କୋଣକୁ କଣାଟା ଉପରକୁ ରଖି । ପାଞ୍ଚ ପଇସିଟି ସେଥିରେ ଗଳେଇ ଦିଏ । ଏମିତି ତା ଭିତରେ ଢେର ପାଞ୍ଚ ପଇସି, ତିନି ପଇସି, ଦୁଇ ପଇସି ଜମା ହେବଣି । ଭଉତ ପଇସା ଜମା ହେଲେ ବାପାଙ୍କ ପାଇଁ ମଧୁଆ ଦୋକାନରୁ  ଗୋଟେ ଛତା କିଣିଦେବି ।

ମୁଁ ବସ୍ତାନି ସଜାଡିଲା ବେଳକୁ ମାଆ ପଖାଳ ବାଢ଼ି ସାରିଥାଏ । କେବେ ଆମ୍ବୁଲ ଫଡାଏ, କେବେ କୋଶଳା କି ସଜନା ଶାଗ  ଖରଡା, ଆଉ କଦବାୟ୍ କ୍ୱଚିତ  ଆଳୁଭଜା  ।

ସେହି ଅମୃତ ସ୍ୱାଦ ଆଜି ନାହିଁ ।

କ୍ରମଶଃ .....

ବସନ୍ତ ବିହାର
ନୂଆଦିଲ୍ଲୀ

# ଲିଭି ଗଲା ପାଦ ଚିହ୍ନ



ଚୈତନ୍ୟ ବାଗ

ଅଳପ ହସାଇ ବେଶୀ ତ କନ୍ଦାଇ ଛାଡି ଚାଲିଗଲ ଏକା,
ତିମି ଅନ୍ଧକାର ଶୁଭ୍ର ଜୋସ୍ନା ଆଜି ହୋଇଛି ମରୀଚିକା ।।

ଆମ୍ବୁଜ ସୁମନ ରବି ବିନା
କେବେ ପାରିନାହିଁ ଫୁଟି,
ତୁମ ବିନା ପ୍ରିୟା ରହିକି ପାରିବି
ଝୁରି ମରୁଛି ବସି ।।

ତୁମ କଥା ଯେବେ ମନେ ପଡ଼ିଯାଏ ଅଶ୍ରୁଧାର ସୁଅ ଛୁଟେ,
ଅନ୍ଧାର ପ୍ରାସାଦ ରେ କାନ୍ଦି କାନ୍ଦି
ଦିନ ମୋର ସରିଯାଏ ।।

ତୋ ପାଇଁ ଆଜି କବି ମୁଁ ସାଜିଛି
ଧରିବିନି କେବେ ତୋ ନାମ
ମୋ ଲେଖା ରେ ତୁ ତୋ ନିଜକୁ ପାଇବୁ କରେ ମୁଁ ନିବେଦନ ।।

ଭୁଲ ତୋର ଥିଲା କି ମୋର ଥିଲା
କରିନାହିଁ କେବେ ପ୍ରଶ୍ନ,
ଭୁଲ ବୁଝାମଣା ରେ ସମ୍ପର୍କ ଭାଙ୍ଗିଲା
ହଜି ଗଲା ପାଦ ଚିହ୍ନ ।।

ଚଚଆ, କଳାହାଣ୍ଡି

# ଅବ୍ୟକ୍ତ ବେଦନା



ଛବି ରାଣୀ ପତି

ମନ ଗହନର ଗୋପନ ବ୍ୟଥା
ରହସ୍ୟ ଘେରା ସିନା ସବୁରି ପାଇଁ !
ଚୋର ମାଆ ଲୁଚି  ଲୁଚି
ଅନ୍ଧାରେ କାନ୍ଦିଲା ପରି,
ବେଦନା ସିକ୍ତ ବତୁରା ହୃଦୟ
ଥାଏ ମନସ୍ତାପେ ଝୁରି ମରି ।
କହିପାରେନା, କି ସହି ବି ପାରେନା
ଅଜେଗା ଘାଆ ଦେଖାଇ ପାରେନା
ସନ୍ତପେ କୁହୁଳି କୁହୁଳି !!!
ପୋଡ଼ା ଅଙ୍ଗାର ସମ ...
ମାନି ନିଜ ଭାଗ୍ୟ
ନିନ୍ଦୁଥାଏ ବସି ଖପରେ ଖାଇ ।
ବଞ୍ଚି ଥାଉ ଥାଉ କୋକେଇରେ ଶୁଏ
ମାୟା ମରିଚିକା ମରୁ ଆଳେ
କିଂକର୍ତ୍ତବ୍ୟ ବିମୂଢ ପାଷାଣଟେ ପରି
ବସିରୁହେ ଖାଲି ସମୟ ଛଳେ ।
ତଥାପି ଫେରେ କି ସୁଖ !!
ଅଭିଶପ୍ତ ନାରୀ ଅହଲ୍ୟା ଟି ପରି
ସହୁଥାଏ ଯନ୍ତ୍ରଣା ଯୁଗ ଯୁଗ ପାଇଁ
ନୀରବରେ ବୋହି ଦୁଃଖ ।

ଛାତି ଚିରିଧରେ ହୃଦୟ ବିଦାରେ
କଲବଲ ବହୁ କରେ
ବିସ୍ଫୋରଣ ହୁଏ ରୁକ୍ଷ ବ୍ୟବହାର
ବିଷ ସେ ଉଦ୍ଗାରେ ନିରୀହ ଠାରେ!
ଭଲକଥା ଗୁଡା ଭେଲ ପରି ଶୁଭେ
ତିକ୍ତ କରେ ପରିବେଶ
ଆତ୍ମୀୟ ସ୍ୱଜନ କରିଦିଏ ଦୂର
ଯେବେ ଅବ୍ୟକ୍ତ ବେଦନାରେ
ଥାଏ, ଏ' ମନ ବସ ।

ମଧୁ ଶାସନ
ବିରିଡ଼ି, ଜଗତସିଂହପୁର

# କୁମ୍ଭୀର କାନ୍ଦଣା



ଝରଣା ବାରିକ

ମନେ ମନେ ଭଗବାନ ଙ୍କୁ ଧନ୍ୟବାଦ ଦିଅନ୍ତି ବାବୁଲା ବାବୁ। ସତରେ ଭଗବାନ କାହାକୁ କ'ଣ ଦେଇଛନ୍ତି ସିଏ ଜାଣନ୍ତି କିନ୍ତୁ ମତେ ବୋହୂ ଟିଏ ଦେଇଛନ୍ତି । ବୋହୂ ତ ନୁହେଁ ହୀରା ଖଣ୍ଡେ । ଯେତେବେଳେ ଯାହା ମନ ଚାହୁଁଛି ସାଙ୍ଗେ ସାଙ୍ଗେ କରିକି ଦଉଛି। ଗାଁ ସାହି, ପଡିଶା, ସମସ୍ତ ଙ୍କ ଆଗରେ ବୋହୂର ପ୍ରଶଂସା କରିବାକୁ ଯମା ବି କୁଣ୍ଠା ବୋଧ କରନ୍ତି ନାହିଁ।

ଏଗୁଡାକ କିନ୍ତୁ ଯିଏ ଶୁଣେ କଥାଟା ଟିକେ ହଜମ କରି ପାରେ ନାହିଁ। ଏଡେ କଳିଗୁଡି ବୋହୂ କଣ୍ଟା ବାଡ଼ ରେ ଲୁଗା ପକେଇ ଝଗଡ଼ା କରିବା ଯାହାର ନିତିଦିନିଆ ଅଭ୍ୟାସ ସିଏ ପୁଣି ଏ ବୁଢାର ଏତେ ଯତ୍ନ ନେଉଛି। ହଁ ହେଇଥିବ କିଏ ଜାଣିଛି ଲୋ ମାଆ ସାରୁ ଭିତରେ ଆରୁ କି ମାରୁ। ସମସ୍ତେ ଶୁଣନ୍ତି କିନ୍ତୁ ଏ ବାବଦରେ କେହି ବି ମୁଣ୍ଡ ଖେଳାନ୍ତି ନାହିଁ।

ଦିନେ ପାଖ ପଡିଶା ଘର ଚଗଲା ବୋଉ ବାବୁଲା ବାବୁ ଙ୍କ ଘର ଆଡେ ଯାଇଥିଲେ ବସୁ ବସୁ କିଛି ସମୟ ବସି ପଡିଲେ। ବୋହୂ ଘରଭିତରେ ବସି ମୋବାଇଲ ଦେଖିବାରେ ବ୍ୟସ୍ତ। ବାବୁଲା ବାବୁ ଙ୍କ ସ୍ତ୍ରୀ ଝଅଟ ରୋଷେଇ ସାରିଲେ ବାବୁଲା ବାବୁ ଖାଇବେ ବୋଲି ତରବର ହୋଇ ରୋଷେଇ କାମରେ ଲାଗି ପଡିଥାନ୍ତି। ଚଗଲା ବୋଉ ପଚାରିଲା ଆଗୋ ନାନୀ ତମେ କଣ ରୋଷେଇ କରୁଛ ମ,ତମ ବୋହୂ କୁଆଡେ ଗଲା କି? ବାବୁଲା ବାବୁ ଙ୍କ ସ୍ତ୍ରୀ ଓଠରେ ଆଙ୍ଗୁଠି ଦେଇ କିଛି ନ କହିବାକୁ ଇସାରା ଦେଲେ। ଏତିକି ବେଳକୁ ବାବୁଲା ବାବୁ ଘର ଭିତରକୁ ପଶି ଆସିଲେ ସାଙ୍ଗେ ସାଙ୍ଗେ ବୋହୂ ଉଠିଆସି କହିଲା ମୋ ପୁଅ ପାଇଁ ଔଷଧ ଆଣିଲ। ତାର ଖାଇବା ସରି ଯାଇଥିଲା ଆଣିଛ ନାଁ ନାହିଁ। ସବୁଥିରେ ହଁ ମାରିଲେ ବାବୁଲା ବାବୁ ବ୍ୟାଗ ଟି ହାତରୁ ଛଡ଼ାଇ ନେଇ ଦୁମ୍ ଦୁମ୍ ହୋଇ ଘର ଭିତରକୁ ପଶିଗଲା। ଏସବୁ

ଦେଖି ଚଗଲା ବୋଉ ଆ କରି ଚାହିଁ ରହିଥାନ୍ତି। ଖରାରୁ ଆସି ଥିବାରୁ ବାବୁଲା ବାବୁ ଙ୍କ ସ୍ତ୍ରୀ ଆଣି ପାଣି ଗିଲାସ ଟେ ଧରେଇ ଦେଇ କହିଲେ ନିଅ ପାଣି ଟିକେ ପିଇଦିଅ ସକାଳ ପହରୁ ଯାଇଛ ଯେ ଯାଇଛ, କଣ କିଛି ଖାଇଛ ନାଁ ନାହିଁ।

ଖାଇଛନ୍ତି କି ନାହିଁ ତାହା ଭଗବାନ ଙ୍କୁ ଜଣା କିନ୍ତୁ ମୁଣ୍ଡ ହଲେଇ ହଁ ମାରିଲେ ବାବୁଲା ବାବୁ। ମୁହଁ ହାତ ଧୋଇ ଆସ ମୁଁ ଖାଇବାକୁ ବାଢୁଛି କହି ସେ ଚାଲିଗଲେ।

ସକାଳୁ ଘରେ ଜଳଖିଆ ତିଆରି କରିବା କଷ୍ଟ ସେଥିପାଇଁ ବାହାରେ ଖାଇବାଟା ଥୟ। ପୁଅ କୁ ଗେହ୍ଲେଇ ହେଇ କହି ବାପା ଆଜି କହିଛନ୍ତି ମଟନ ଆଣିବ, ଆଜି ଚିକେନ ତ କାଲି ମାଛ। ବୁଢ଼ା କୁ ଝୋଳ ଫୋଳ ଟିକେ ଦେଇ ନିଜେ ବେଶ୍ ଅୟସ ରେ ଦିନ କାଟୁଥାଏ ବୋହୂ। ପୁଅ ତ ଘରେ ରୁହେନି । ମନେ ମନେ ଭାରି ଖୁସି ହୁଏ ଯା ହେଉ ମୋ ସ୍ତ୍ରୀ ମୋ ବାପା ମାଆଙ୍କୁ ଭାରି ଭଲ ପାଉଛି। ମିଛ ସତ କହି ବେଳେ ବେଳେ ଗାଳି ଶୁଣେଇବାକୁ ବି ପଛାଏ ନାହିଁ ସିଆଣିଆ ବୋହୂ। ବିଚରା ବାବୁଲା ବାବୁ କାନ ମୁଣ୍ଡା ଆଉଁସି ଚୁପଚାପ୍ ସମ୍ଭାଳି ନିଅନ୍ତି। ସବୁ ସେଇ ନାତି ଟୋକା ର ମୁହଁ କୁ ଚାହିଁ।

ଏବେ କିନ୍ତୁ ଆଉ ସେ ଚିକେନ, ମଟନ, ତେଲ ଛଣା ଜିନିଷ ଖାଇ ହଜମ କରି ପାରୁ ନାହାଁନ୍ତି ବାବୁଲା ବାବୁ। ଭାତ, ଡାଲି, ଆଳୁ ଚକଟା, ରୁଟି ସନ୍ତୁଳା ଏସବୁ ଖାଇଲେ ଟିକେ ଭଲ ହୁଅନ୍ତା। ବୋହୂ କିନ୍ତୁ ଏ ସବୁ କରିକି ଦେବାକୁ ଅମଙ୍ଗ ହେଉଛି । ସେଥିପାଇଁ ରୋଷେଇ ର ଭାର ଟା ଧର୍ମ ପତ୍ନୀ ଙ୍କ ଉପରେ। ଯାହା ସ୍ୱାମୀ ଯାହା ଖାଇବ ତା ସ୍ତ୍ରୀ ତାକୁ କରିକି ଦେବ । ମୋତେ ସେସବୁ ଆସେ ନାହିଁ। ଏକଥା ରୋକ୍ ଠୋକ୍ ଶୁଣେଇ ଦେଲେ ଗୁଣମନ୍ତ ବୋହୂ। ସେଦିନ ଠାରୁ ରାନ୍ଧୁଣି  ସାଜିଛନ୍ତି ବାବୁଲା ବାବୁ ଙ୍କ ସ୍ତ୍ରୀ।

ଏଇ କିଛି ଦିନ ହେବ ବୁଢ଼ୀ କୁ ଜର ଔଷଧ ଟିକେ ବି କେହି ଆଣିକି ଦେବାର ନାହିଁ। ବାଡ଼ିରୁ କଦଳୀ କାନ୍ଧି ଟିଏ ବିକ୍ରି କରି କିଛି ପଇସା ରଖିଥିଲେ ବାବୁଲା ବାବୁ । ଏ ବୟସରେ ସାଇକେଲ ପେଲି ପେଲି ଯିବାକୁ ବି ବଳ ନାହିଁ। ତଥାପି ବାହାରିଲେ ମେଡିସିନ ପାଇଁ। ଅଧା ବାଟରେ ଖସି ପଡ଼ିଲେ କିଛି ଲୋକ ତାଙ୍କୁ ନେଇ ମେଡିକାଲ ରେ ଭର୍ତ୍ତି

କରିଦେଲେ। ଟେଷ୍ଟ କରିବାରୁ ଜଣା ପଡ଼ିଲା ସକାଳୁ କିଛି ନ ଖାଇ ଥିବାରୁ ଏମିତି ହେଇଛି।

ଏମିତି କିଛି ଦିନ କଟିଗଲା । ଧିରେ ଧିରେ ବାବୁଲା ବାବୁ ଙ୍କ ଦେହ ଖରାପ ହେବାରେ ଲାଗିଲା। ଭାତ,ରୁଟି ଏସବୁ କିଛି ବି ଖାଇ ହେଲା ନାହିଁ। ବୋହୂ ମହାରାଣୀ ରୋକ୍ ଠୋକ୍ ଶୁଣେଇ ଦେଲେ, ଇଛା ହେଲେ ଖାଅ ନହେଲେ ନାହିଁ ।ତମେ କଣ ଖାଇବ ଖାଅ, ମୁଁ ତମକୁ ଖାଇବାକୁ ଦେଇ ପାରିବି ନାହିଁ। ତେଣୁ ନିଜ ବ୍ୟବସ୍ଥା ନିଜେ କର। ବାବୁଲା ବାବୁ ଯମା ବି ବିଚଳିତ ହେଲେ ନାହିଁ । କହିଲେ ହଉ ରେ ମାଆ ତମେ ଭଲରେ ରୁହ, ମୁଁ ଖାଇଲେ ବି ଆଉ ବେଶୀ ଦିନ ବଞ୍ଚିବି ନାହିଁ ନ ଖାଇଲେ ବି ଭଲ ହେବାର ନାହିଁ। ତେଣୁ ମୋ ପାଇଁ ତମର ଚିନ୍ତା କରିବା ଦରକାର ନାହିଁ। ବାଡିରେ ବହୁତ ଗୁଆ ନଡ଼ିଆ ଗଛ ଥାଏ, ସେ ସବୁ ବିକ୍ରି ହେଲେ ଯାହା ଦି ପଇସା ହୁଏ, ତାକୁ ସଞ୍ଚୟ କରି ରଖି ଥାନ୍ତି ବାବୁଲା ବାବୁ, ସେଇ ପଇସା ରେ ଶାଗୁ, ଗ୍ଲୁକୋଜ ଯାହା ଖାଇବାକୁ ଇଛା ହୁଏ ପଡିଶା ଘର ଲୋକଙ୍କ ହାତରେ ଦେଇ ମଗେଇ ନିଅନ୍ତି।

କେବେ ପୁଅ ଆଗରେ ମୁହଁ ଖୋଲି କହି ନାହାନ୍ତି, ବୋହୂ ମୋର ଏମିତି କହିଲା? ପୁଅ ବି ସ୍ତ୍ରୀ ପ୍ରେମରେ ଅନ୍ଧ !

କିଛି ଦିନ ଏମିତି ହେଲା ତାପରେ ବାବୁଲା ବାବୁ ଆଖି ବୁଜିଲେ। ବୋହୂ ବାହୁନି ବାହୁନି କାନ୍ଦୁଥିଲା। ମୁଁ କି ଭୁଲ୍ କଲି। ଚିକେନ ମଟନ ଖାଇବାକୁ ଦେଲି । ଶାଗୁ ପାଣିଟିକେ ମୁହଁ ରେ ଦେଲା ବେଳକୁ ମୁହଁ ବୁଲେଇ ଦେଲି। ସେ କାନ୍ଦଣା ସମସ୍ତ ଙ୍କୁ କୁମ୍ଭୀର କାନ୍ଦଣା ପରି ମନେ ହେଉଥିଲା। ସମସ୍ତେ ଛି ଛାକର କରି ମୁହଁ ରେ ଲୁଗା ଦେଇ ବାବୁଲା ବାବୁ ଙ୍କ ଶବ କୁ ଚାହିଁ ରହିଥିଲେ। ଭାବୁଥିଲେ ସତରେ ବାବୁଲା ବାବୁ ମଣିଷ ଭିତରେ ମଣିଷ ଟିଏ ଥିଲେ।

ସମଲ, ତାଳଚେର, ଅନୁଗୋଳ

# ରାଜନୀତି ନା ଏକଛତ୍ରବାଦ ?



ବିଶ୍ୱଜିତ ରଥ

ଶାସକ ସାଜିବେ ଯେବେ ଭ୍ରଷ୍ଟାଚାରୀ
ନେତା ସାଜେ ଯେବେ ଜନତା ବଇରୀ
ମୁଷ୍ଟିମେୟ ହାତେ ରହିଲେ କ୍ଷମତା
ନିଶ୍ଚେ ହେବ କ୍ଷୁର୍ଣ୍ଣ ଜାତି ସ୍ୱାଧୀନତା।

ଉନ୍ନତି ନାମରେ କେବଳ ଭାଷଣ
ଦୁର୍ନୀତି ସାଙ୍ଗକୁ ବଢ଼ିବ ଶୋଷଣ
ଗରିବ ମୁଣ୍ଡରେ ପଡ଼ିବ ଚଡ଼କ
ନିରୀହ ଜନତା ପାଲଟିବେ ମୂକ।

ପାଠପଢ଼ି ଲୋକେ ବେକାର ହୋଇବେ
ଭିଟାମାଟି ଛାଡ଼ି ବାହାରକୁ ଯିବେ
ଶିକ୍ଷା ଓ ସ୍ୱାସ୍ଥ୍ୟର ହେବ ଅବନତି
ଅଭିବୃଦ୍ଧି ନାମେ ଖାଲି ରାଜନୀତି ।

ସର୍ବସ୍ୱ ହରାଇ ଗରିବ କାନ୍ଦିବ
ଅତ୍ୟାଚାର ସହି ଭାଗ୍ୟକୁ ନିନ୍ଦିବ
ସରକାର ପାଲଟିବେ କୁମ୍ଭକର୍ଣ୍ଣ
ସ୍ଥାଣୁ ପାଲଟିବ ନିଜେ ପ୍ରଶାସନ।

ରାଜନୀତି ନାମେ ଏକଛତ୍ରବାଦ
ଜାତି, ଧର୍ମ ନାମେ ବାଦ ଓ ବିବାଦ
ଭାଇ ବିରୁଦ୍ଧରେ ଲଢ଼ିବ ଟି ଭାଇ
ସମ୍ପର୍କର ଯହିଁ ମୂଲ୍ୟ କିଛି ନାହିଁ।

ଶାସକ ବିରୋଧୀ ମଧ୍ୟେ ହେବ କଳି
ତହିଁରେ ପଡ଼ିବ ଜନତାଙ୍କ ବଳୀ
ସମ୍ବିଧାନ ନିଜ ମର୍ଯ୍ୟାଦା ହାରିବ
ଗଣତନ୍ତ୍ର ପ୍ରହସନ ପାଲଟିବ ।

ଚତୁର୍ଥ ପୁରୋଧା ଯେ ଗଣତନ୍ତ୍ରର
ଲୋକ ପ୍ରତିନିଧି, ସ୍ୱର ଜନତାର
ଅର୍ଥ ଲୋଭେ ଯେବେ ହୋଇଯିବ ମୂକ
କିଏ ବା ବୁଝିବ ଅସହାୟ ଦୁଃଖ ?

ଜାଗ୍ରତ ହୁଅ ହେ ଜାତିର ସନ୍ତାନ
ନିଜେ ରକ୍ଷା କର ନିଜ ସ୍ୱାଭିମାନ,
ମିଳିମିଶି ଆସ କରିବା ପ୍ରୟାସ
ଅରାଜକତାର ହୋଇବ ବିନାଶ।

ଭାପୁର, ନୟାଗଡ

# ଦୁଃଖ ପାର୍‌ବାର



ଅଲେଖ ମେହେର

ଅପଘନ ମହୀରୁହ ପ୍ରାୟ ହେଲ୍ ସ୍ଥିର
ଅଟନ କରିଲୁ ଯେବେ ଛାଡି ମରପୁର।
ଅମ୍ଳାନ ସ୍ମୃତି  ପତର,
ଅଣନଶ୍ୱାସୀ କରଇ ଆସି ବାରମ୍ବାର ।
ଅତର୍କିତେ ସୁଖ ଶିରୀ ଛଡାଇ ବସ୍ତର,
ଅଶନୀ ନାଦେ କଦନ ମାରଇ ମୁଦ୍ଗର।
ଅକ୍ଷି ଶ୍ରାବଣର ଧାର,
ଅବାଧ ସନ୍ତାନ ପରି  ଝରେ ନରନ୍ତର।
ଅନାଦରର ହିତରେ  ବୟସ ସତର,
ଅନାଇ ଦିବା ଶର୍ବରୀ  ଗଢିଥିଲି ଘର।
ଅମାବାସ୍ୟା ନୀଶି  ଘୋର,
ଅନାୟାସେ ଛଡାଇଲ୍ ବଇଦୁର୍ଯ୍ୟ ହାର।

ଅଭେଦ୍ୟତର ଜ୍ୱଳନ ଆବୋରି ଶରୀର,
ଅନାରତ ହିଆବନ ହୁଅଇ ଅଙ୍ଗାର।
ଅସୁରକ୍ଷିତ ଗହ୍ୱର,
ଅତଳ ଦରିଆ ବୁକେ କରିଦେଲୁ ପର।
ଅଜଗର ଚନ୍ତା କରେ ଚେତନା ଆହାର,
ଅସ୍ଥିର ବିଭ୍ରମ ହଂସା  ଅନାଏ ଅମ୍ବର
ଅନାତପ ହେଲ୍ ଦୂର,
ଅପରିମିତ କଷଣ  ଗ୍ରୀଷ୍ମ ଘନଘୋର।

ଟୀକା-ଅନାରତ-ସର୍ବଦା, ଅନାତପ-ଛାୟା,ଅପରିମିତ-ଅସୀମ।

ସୋହେଲା, ବରଗଡ

# ଶିକ୍ଷା



ନନ୍ଦିନୀ ରାଉତ

ଅମା ଅନ୍ଧାର ରେ ଆଲୋକ ର ଶିଖା
ଅଟଇ କେବଳ ଶିକ୍ଷା
ଶିକ୍ଷା ବିନା ନର ଅନ୍ଧ ସମ ହୁଏ
ମାଗି ବୁଲେ ଜ୍ଞାନ ଭିକ୍ଷା...... 1

ଶିକ୍ଷା ଅଟେ ବଳ ଦୁର୍ବଳ ଲୋକର
ଶିକ୍ଷା ଅଟେ ତାର ବନ୍ଧୁ
ଶିକ୍ଷା ଅଭାବ ରେ ଛଟପଟ ନର
ଆସେ ବିପଦ ର ସିନ୍ଧୁ..... 2

ଜ୍ଞାନ ର ଆଲୋକ ଜଳୁଥାଏ ଶିକ୍ଷା
ଅସହାୟ ର ସହାୟ
ବିପଦ ସିନ୍ଧୁ କୁ ଅକ୍ଳେଶ ରେ ଡିଏଁ
ଶିକ୍ଷା ଯେ ତାର ସହାୟ.... 3

ସମାଜ ଚାହୁଁଛି ଶିକ୍ଷିତ ମାନବ
ସଂସ୍କାର ଆଣିବା ପାଇଁ
ନବ ପ୍ରବର୍ତ୍ତନ ବାଟ ଟି ବତାଏ
ଏକା ସେ ଶିକ୍ଷିତ ଭାଇ.... 4

ଅଜ୍ଞାନ ଅନ୍ଧାର ଦୂର କରିବାକୁ
ଶିକ୍ଷା ର ପ୍ରଦୀପ ଜାଳ
ଶିକ୍ଷିତ ମାନବ ହାରେ ନାହିଁ କେବେ
ଏକଥା ମନରେ ଭାଳ.... 5

ଜାଗ୍ରତ ହୁଅ ରେ ଅମୃତ ସନ୍ତାନ
ଶିକ୍ଷା ର ପ୍ରସାର ପାଇଁ
ପ୍ରତି ପ୍ରାଣେ ଶିକ୍ଷା ଜାଗ୍ରତ କରାଅ
କରୁଛି ବିନତି ମୁହିଁ..... 6

ଶିକ୍ଷା ବିନା କାହିଁ ଭାରତ ଭୂଇଁ ରେ
ଜ୍ଞାନୀ ବା ଜନମ ନେବେ
ବିଶ୍ୱ ଦରବାରେ କିଏ ତେବେ ଆଉ
ଦେଶ ର ଟେକ ରଖିବ ?..... 7

ବାଲିପଟା, ଅନୁଗୁଳ

# କନ୍ୟା ସନ୍ତାନ ପାଇଁ ବିଶ୍ୱ ଆନ୍ଦୋଳନ - ଏକ ଆହ୍ୱାନ



ପ୍ରତାପ ଚନ୍ଦ୍ର ସାହୁ

ରାଷ୍ଟ୍ରର ନାଗରିକ ହିସାବରେ, ପରିବାରର ସଦସ୍ୟ ହିସାବରେ, ଗୋଷ୍ଠି ସଦସ୍ୟ ଭାବରେ ତଥା ସାମାଜିକ ଅନୁଷ୍ଠାନ ଆଦିର ସଭ୍ୟ ହିସାବରେ ଏହି ଶପଥ ଗ୍ରହଣ କରିବା ଯେ କନ୍ୟା ସନ୍ତାନ ମାନଙ୍କ ପାଇଁ ବିଶ୍ୱ ଆନ୍ଦୋଳନକୁ ଯଥା ସାଧ୍ୟ ସହାୟତା ଯୋଗାଇ କ୍ରିୟାଶୀଳ କରିବା । କନ୍ୟା ସନ୍ତାନର ଅଧିକାରକୁ ବାଦ ଦେଇ ମାନବିକ ଅଧିକାର ଉପରେ ଆଲୋଚନା କରିବା ହାସ୍ୟାସ୍ପଦ ହେବା । ଏଣୁ ଲିଙ୍ଗ ଭେଦ ନରଖି କନ୍ୟା ସନ୍ତାନ ମାନଙ୍କୁ ସେମାନଙ୍କୁ ସମାନ ଅଧିକାର, ସ୍ୱାଧୀନତା ଓ ସୁଯୋଗ ଦିଆଯିବା ବାଞ୍ଛନୀୟ । ସେଇ ମାନଙ୍କର କୌଣସି କଥାକୁ ହେୟ ନମଣି ପ୍ରାଧାନ୍ୟ ଦେବାର ଆବଶ୍ୟକତା ଅଛି । ସେଇମାନେ ହିଁ ଆମ ସମସ୍ତଙ୍କର ଭବିଷ୍ୟତର କର୍ଣ୍ଣଧାର, ବିଶ୍ୱବାସୀ ପାଖରେ ଜ୍ଞାନ, ସାଧନ ଓ ଆଇନ ସମ୍ମତ ନୟମ ମାନ ରହିଛି । ଏଣୁ ଏକ କନ୍ୟା ସନ୍ତାନର ଜୀବନ ଆରମ୍ଭ କରିବା ପାଇଁ ପରିପୁଷ୍ଟ ବାତାବରଣ ଯୋଗାଇ ଦିଆଯଇପାରିଲେ ତଥା ପରିବାରରେ ସ୍ନେହ ଆଦର ତଥା ଯତ୍ନ, କନ୍ୟା ସନ୍ତାନକୁ ଜ୍ଞାନ ଆହରଣରେ ସହାୟକ ହେବା ସଙ୍ଗେ ସଙ୍ଗେ ପରିପୂର୍ଣ୍ଣ ବିକାଶ ନିଶ୍ଚିତ କରିପାରିବ । କନ୍ୟା ଭ୍ରୂଣ ହତ୍ୟାକୁ ପ୍ରଥମେ ରୋକିବାକୁ ପଡିବ । ଏଣୁ ପ୍ରଥମେ ଲିଙ୍ଗ ନିରୁପଣ କରିବା ଉପରେ ରୋକ ଲଗାଇବା ପାଇଁ କଠୋର ରୁ କଠୋରତର ଦଣ୍ଡ ବିଧାନର ବ୍ୟବସ୍ଥା ରହିବା ଦରକାର ।

କୌଣସି ପରିସ୍ଥିତିରେ ବି ସେମାନଙ୍କୁ ଶୋଷଣ ହେବାର ଦେବାନାହିଁ । ସେଥିପାଇଁ ସରକାରୀ ତଥା ବେସରକାରୀ ସ୍ତରରେ ଆମକୁ ସମସ୍ତଙ୍କୁ ଯତ୍ନବାନ ହେବାକୁ ପଡିବ । ସେମାନେ ଯେପରି ସେମାନଙ୍କର କୌଣସି ପ୍ରକାର ମୌଳିକ ଅଧିକାର ପାଇବାରୁ ବଞ୍ଚିତ ନ ହୁଅନ୍ତୁ । ସେଥିପ୍ରତି ଧ୍ୟାନ ଦେବାକୁ ପଡିବ ଓ ସେଇମାନଙ୍କୁ ପ୍ରତ୍ୟେକ ସ୍ତରରେ ନିରାପତ୍ତା ଯୋଗାଇ ଦେବାକୁ ପଡିବ ଯାହାକି ସମାଜର ପ୍ରଥମ ଦାୟୀତ୍ୱ ଏବଂ କର୍ତ୍ତବ୍ୟ ମଧ୍ୟ ।

ସମସ୍ତଙ୍କୁ ମାଆଟିଏ ଦରକାର, ସ୍ତ୍ରୀ ଟିଏ ଦରକାର କିନ୍ତୁ କନ୍ୟା ସନ୍ତାନ (ଝିଅ) ଟିଏ କାହିଁକି ନୁହଁ? ପ୍ରଦୁଷିତ ଜଳବାୟୁ ମଧ୍ୟରେ ଶିଶୁମାନଙ୍କ ମଧ୍ୟରେ ରୋଗ ସଂକ୍ରମଣ ହାର ବୃଦ୍ଧି ପାଇବାର ବେଶି ସମ୍ଭାବନା ଥାଏ। ଏଣୁ ସେମାନଙ୍କର ଭବିଷ୍ୟତ ଉଜ୍ଜ୍ୱଳମୟ ହେବାପାଇଁ ପୃଥିବୀକୁ ପ୍ରଦୂଷଣ ମୁକ୍ତ ରଖିବା ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ପ୍ରତ୍ୟେକ ବାଳକା ଯେପରି ଉଚ୍ଚମାନର ବାଧ୍ୟତା ମୂଳକ ଶିକ୍ଷାରୁ ବଞ୍ଚିତ ନ ହୁଅନ୍ତୁ, ଏଥିପ୍ରତି ସମସ୍ତେ ଧ୍ୟାନ ଦେବା ଜରୁରୀ। ବିଦ୍ୟାଳୟ ଏପରି ଏକ ସ୍ଥାନରେ ହେବା ଉଚିତ ଯେଉଁଠାରେ ଲିଙ୍ଗଭେଦ ନଥିବ କି ସହଜରେ ଗୋଟିଏ ଆଦିବାସୀ ତଥା ହରିଜନଙ୍କ ଗରିବ ଘରର ଝିଅ ଯାଇ ପାଠ ପଢିପାରୁଥିବ। ସେମାନେ ଯେପରି ନିରାପଦ ଓ ଉତ୍ସାହିତ ନିଜକୁ ଅନୁଭବ କରିପାରୁଥିବେ। ପାତର ଅନ୍ତରର ଶିକାର ସେମାନଙ୍କୁ ହେବାକୁ ପଡୁନଥିବ, ସେମାନଙ୍କର ମତାମତକୁ ସମ୍ମାନର ସହ ଗ୍ରହଣ କରାଯାଉଥିବ। ମୌଳିକ ଓ ଉଚ୍ଚମାନର ଶିକ୍ଷା ପାଇବା ପ୍ରତ୍ୟେକ ଶିଶୁ (କନ୍ୟା ସନ୍ତାନ) ର ଜନ୍ମଗତ ଅଧିକାର। ଆଦିବାସୀ ହୁଅନ୍ତୁ, ହରିଜନ ହୁଅନ୍ତୁ, ଆର୍ଥିକ ଦୁର୍ବଳ ଶ୍ରେଣୀର ହୁଅନ୍ତୁ ଅବା ଭିନ୍ନକ୍ଷମ ହୁଅନ୍ତୁ, ସେମାନଙ୍କୁ ଆଦୌ ମୌଳିକ ତଥା ଉଚ୍ଚ ଶିକ୍ଷାରୁ ବଞ୍ଚିତ କରାଯାଇ ପାରିବ ନାହିଁ। ସେମାନଙ୍କ ପକ୍ଷରେ ନିରନ୍ତର ଶିକ୍ଷାର ଆବଶ୍ୟକତା ରହିଛି। କୌଣସି ପରିସ୍ଥିତିରେ ବି ଜଣେ କନ୍ୟାସନ୍ତାନକୁ ଶ୍ରମିକ ସଜାଇ ଦିଆଯିବା ଉଚିତ ନୁହଁ।

ଏ ପର୍ଯ୍ୟନ୍ତ କନ୍ୟା ସନ୍ତାନ ଉପରେ ହୋଇ ଆସିଥିବା ଅତ୍ୟାଚାର ଏବଂ ଶୋଷଣର ଅନ୍ତ ହେବା ଉଚିତ। ବିଶେଷ କରି ଯୌନ ଅତ୍ୟାଚାର ଏବଂ ଶୋଷଣର ଅନ୍ତ ହେବା ଉଚିତ। ନାବାଳିକା ବିବାହ ବନ୍ଦ ହେବା ଦରକାର। ଏକ ନିରାପଦ ଓ ସହାୟକ ବାତାବରଣ ମଧ୍ୟରେ କନ୍ୟା ସନ୍ତାନର ବିକାଶ ଘଟିବା ତାର ଅଧିକାର। ତାକୁ ନିରାପତ୍ତା ଯୋଗାଇ ଦେବା ଓ ମାର୍ଗ ପ୍ରଦର୍ଶନ କରିବା ବୟସ୍କ ମାନଙ୍କ ଦାୟିତ୍ୱ। ଘରେ ହେଉ ବା ବିଦ୍ୟାଳୟ ରାସ୍ତାରେ ହେଉ ବା କାର୍ଯ୍ୟାଳୟରେ ସେହିମାନଙ୍କୁ କେବେହେଲେ ବି ଆଘାତ ଦେବା ଆଦୌ ଉଚିତ ନୁହେଁ। ଶିଶୁମାନଙ୍କୁ ତଥା କନ୍ୟା ସନ୍ତାନ ମାନଙ୍କୁ ଏଚ ଆଇ ଭି / ଏଡସ ସଂକ୍ରମଣରୁ ରକ୍ଷା କରିବାକୁ ପଡିବ।

ପ୍ରଥମେ ମାଆମାନଙ୍କର ଯତ୍ନ ନେଲେ ଶିଶୁମାନଙ୍କର ଜୀବନକୁ ହିତାଶ ଜନକ ଭାବେ ପ୍ରଭାବିତ କରିଥାଏ। ଦେଖାଯାଇଛି ଯେଉଁ ଶିଶୁ ଜନ୍ମରୁ ମାଆକୁ ହରାଇ ଥାଏ, ପ୍ରାୟତଃ ଏକ ବର୍ଷରୁ ଅଧିକା ବଞ୍ଚିପାରନ୍ତି ନାହିଁ। ଏଣୁ ଗର୍ଭାବସ୍ଥାରେ ତା ପୂର୍ବରୁ ଓ ପରେ ମାଆର

ଯତ୍ନ ନେବାକୁ ପଡିବ । ପରିଛନ୍ନତା ଓ ପରିମଳ ପ୍ରତି ଧ୍ୟାନ ଦେବା ସଙ୍ଗେ ସଙ୍ଗେ ପୋଷଣ ନହାତି ଜରୁରୀ । ଲିଙ୍ଗ ନରୁପଣରେ ପ୍ରତିବନ୍ଧକ ଲାଗିବା ନହାତି ଆବଶ୍ୟକ । ଶିଶୁମାନଙ୍କ ସୁରକ୍ଷା କ୍ଷେତ୍ରରେ ୟୁନସେଫ ଯଥେଷ୍ଟ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ମାନ ନେଇଛନ୍ତି । ଗର୍ଭାବସ୍ଥାରେ ମାଆ ମାନଙ୍କୁ ଏବଂ ଛୁଆମାନଙ୍କୁ ଯେପରି ପୁଷ୍ଟିକ ଖାଦ୍ୟ ଯୋଗାଇ ଦିଆଯାଏ, ସେଥିପ୍ରତି ସମସ୍ତ ପ୍ରକାର ବ୍ୟବସ୍ଥା କରିଛନ୍ତି । ୧୯୮୯ ରେ ଅନୁଷ୍ଠିତ ହୋଇଥିବା ଶିଶୁ ଅଧିକାର ସମ୍ମିଳନୀକୁ ବିଶ୍ୱ ସମ୍ପ୍ରଦାୟ ସ୍ୱୀକୃତି ପ୍ରଦାନ କରିଥିଲା । ଏହି ସମ୍ମିଳନୀରେ ଉଲ୍ଲିଖିତ ଥିଲା ଯେ ସମସ୍ତ ସ୍ଥାନରେ ପ୍ରତ୍ୟେକ ଶିଶୁର (କନ୍ୟା) ବଞ୍ଚିବା ଓ ସମସ୍ତ ପ୍ରକାର ସୁଯୋଗ ପାଇବାର ଅଧିକାର ଅଛି, ଭେଦଭାବ ଓ ଦୁର୍ବ୍ୟବହାରର ସୁରକ୍ଷା ପାଇବାର ଅଧିକାର ରହିଛି ଏବଂ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବାର ଅଧିକାର ରହିଛି ବିଶେଷତଃ ସେଇ ନଷ୍ପତ୍ତିରେ ଯାହା ସେମାନଙ୍କ ଜୀବନକୁ ପ୍ରଭାବିତ କରିଥାଏ । ସମ୍ମିଳନୀରେ ସ୍ୱୀକୃତିଧାରା ଗୁଡିକ ଅପରିବର୍ତ୍ତନୀୟ । ବିଶ୍ୱର ରାଷ୍ଟ୍ର ସମୁହ ଏହି ଧାରା ସବୁକ ସ୍ୱୀକୃତି ଦେବା ସଙ୍ଗେ ସଙ୍ଗେ ଶିଶୁମାନଙ୍କର ଅଧିକାର ଏବଂ ସୁରକ୍ଷା ନଶ୍ଚିତ କରିବା ପାଇଁ ଅଙ୍ଗୀକାରବଦ୍ଧ ହୋଇଛନ୍ତି । ତେଣୁ ପ୍ରତିଶୃତି ପାଳନ କରିବାକୁ ସମସ୍ତ ରାଷ୍ଟ୍ର ବାଧ୍ୟ । ପ୍ରଚୁର ପୁଞ୍ଜିନବେଶ କରିବାର ଆବଶ୍ୟକତ ମଧ୍ୟ ରହିଛି, ଯେପରିକି ଶିଶୁମାନଙ୍କର ତଥା କନ୍ୟା ସନ୍ତାନ ମାନଙ୍କ କ୍ଷେତ୍ରରେ ଅର୍ଥର ଅଭାବ ରହିବ ନାହିଁ । ଶିଶୁମାନଙ୍କ ସ୍ୱାସ୍ଥ୍ୟ ସେବାରେ ଆଖିଦୃଶିଆ ଉନ୍ନତି ପରିଲକ୍ଷିତ ହେଉନାହିଁ । ବିଶ୍ୱରେ ପ୍ରତି ବର୍ଷ ୫ ବର୍ଷରୁ କମ ବୟସର ୧୩ ନୟୁତ ଶିଶୁ ମୃତ୍ୟୁ ବରଣ କରିଥାନ୍ତି । ସେମାନଙ୍କ ମଧ୍ୟରୁ ଅଧିକାଂଶ ଙ୍କୁ ମୃତ୍ୟୁମୁଖରୁ ବଞ୍ଚାଇ ଯାଇପାରନ୍ତା । ଯେପରିକି ଟିକା କରଣ ଦ୍ୱାରା ମିଳମିଳା, ଧନୁଷ୍ଟଙ୍କାର ଭଳି ଦୂରାରୋଗରୁ ମୁକ୍ତି ମିଳଥାଏ । ନମୋନଆ ମେଲେରିଆ ଭଳି ରୋଗ ଠିକ ସମୟରେ ଚକିତ୍ସା ଏବଂ ଔଷଧ ଦ୍ୱାରା କମ କରାଯାଇପାରନ୍ତା ଯାହା ଏକ ସୁସମ୍ବାଦ ଯେ ୫ ବର୍ଷ ବୟସରୁ କମ ଶିଶୁମାନଙ୍କ ଠାରେ ଏପରି କୌଣସି ଉନ୍ନତି ପରିଲକ୍ଷିତ ହେଉନାହିଁ ଏଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ପଡିବ ।

ନବରଙ୍ଗପୁର

# ଶୁଭ ଦୀପାବଳୀ

(ରଗ ଗ୍ଲେଖ୍)



ସୁଲୋଚନା ବେହେର୍

ଆସେ ଝୁଲି ଦୀପା' ବଳୀ'
ଦଶହରା ପର୍ବ' ସାରି'
ଶରତ ଋତୁର' ଆଭା' ପଛରେ ଥୋଇ'
ଶିଶିର ମୁକୁତା' ବିଞ୍ଚି'
ହେମନ୍ତ ଶୀତୁଆ' ସିଞ୍ଚି'
ମନ ଅଗଣାରେ' ସ୍ମୃତି' ପୁଲକ ନେଇ'
ଭାଇଚାରା ସଙ୍ଗେ' ଆଣିଲା'
ପିଠା ମିଠା ଖିରି ପୁରୀ' ଘରେ ଭାସିଲା' ॥

ସର୍ବେ ଏକତ୍ରିତ' ହୋଇ'
ପୂର୍ବ ପୁରୁଷଙ୍କୁ' ଧ୍ୟାୟୀ'
ଶୁଭେ ଆସ ଶୁଭେ' ଥାଅ' ଡାକନ୍ତି ତହିଁ'
ଚଉରା ମୂଳରେ' ଦୀପ'
ମନରୁ ଦୂରେଇ' ପାପ'
ପୁଣ୍ୟର ଆଲୋକ' ଜାଳି' ଜପନ୍ତି ସାଇଁ
ଧରମ କାର୍ତ୍ତିକ' ହୋଇଲା'
ବଗ ବଗୁଲୀ ଆମିଷ' ତୁଣ୍ଡେ ନ ଦେଲା' ॥

ନିର୍ମଳ ହୃଦୟ' ବହି'
ବିଭୁ ପାଦ ପଦ୍ମେ' ରହି'
ଧର୍ମଝୁଲା ପୁର୍ଣ୍ଣ ପାଇଁ ପୁଣ୍ୟ କରଇ'

ଅନ୍ଧାରର ପାପ' ରାଜି'
ନାଶିବ ମନରେ' ହେଜି'
ଆଲୋକରେ ଚତୁ' ର୍ଦ୍ଦିଗ' ପ୍ରଜ୍ୱଳୁ ଥାଇ'
ବାଣ ଶବ୍ଦେ ମହୀ' କମ୍ପାଇ'
ମହା ଆଡ଼ମ୍ବରେ ଦୀପା'ବଳୀ ପାଳଇ' ॥

ନୂଆ ବସ୍ତ୍ର ପରି'ଧାନ'
ଆନନ୍ଦ ସଭିଙ୍କ' ମନ'
କାଉଁରିଆ ଜାଳି ଡାକେ' ବଡବଡୁଆ'
ଅନ୍ଧାରରେ ଆସୁ'ଥାଅ'
ଆଲୁଅରେ ଚାଲି'ଯାଅ'
ପିତୃଲୋକ ଦେବ'ଲୋକେ' ରହିଣଥାଆ'
ବରଷକେ ଥରେ' ଆସିବ'
ସନ୍ତୋଷରେ ଆଶିର୍ବାଦ' ବରଷି ଯିବ' ॥

ଅମାବାସ୍ୟା କାର୍ତ୍ତି'କରେ'
କୃଷ୍ଣ ପକ୍ଷ ତୀଥି' ଭରେ'
ଦୀପାବଳୀ ଧୁମଧାମେ' ପାଳନ ସର୍ବେ'
ପୁରାଣ ବର୍ଣ୍ଣିତ 'ତଥ୍ୟ'
ରହିଛି ବହୁ ଦୃଷ୍ଟାନ୍ତ'
ବିପତ୍ତି ଦୁର୍ଗତି କାଳ' ସମାପ୍ତି ଭବେ'
ଆନନ୍ଦରେ ଦୀପ' ଜଳାଇ'
ଅନ୍ଧାର ରୂପକ ଗର୍ବ' ଈର୍ଷା ଦୂରେଇ' ॥

ପ୍ରଭୁ ରାମଚନ୍ଦ୍ର' ଆଜି'
ଚଉଦ ବର୍ଷ ସଜା' ସାଜି'
ରାବଣକୁ ବଧ କରି' ସୀତା ଉଦ୍ଧାରି'

ଫେରିଲେ ଅଯୋଧ୍ୟା' ପୁରି'
ଆନନ୍ଦ ମନ ସ'ବୁରି'
ମହୋଲ୍ଲାସେ ଦୀପଜାଳି' ସ୍ୱାଗତ କରି'
ଶୂନ୍ୟସ୍ଥାନ ପୁର'ଣ ହେଲା'
ଅଯୋଧ୍ୟା ରାଜ୍ୟ ଆଲୋକେ' ହସି ଉଠିଲା' ॥

ରକ୍ତ ବୀର୍ଯ୍ୟକ ଅ'ସୁର'
ଉତ୍ପାତ ସରଗ'ପୁର'
ଦେବୀ ମାନେ ପାର୍ବତୀଙ୍କ' ଶରଣ ଗଲେ'
ତ୍ରୀଶୂଳ ଯେତେ ଆ'ଘାତ
ନ ମରେ ଅସୁର' ନାଥ'
ଯେତେ ବିନ୍ଦୁ ପଡେ ସେତେ' ସୃଷ୍ଟି ହୋଇଲେ'
ଉଗ୍ର ରୂପ ଧରି'ଲେ ଉମା'
ଭୂମିରେ ନ ପଡେ ରକ୍ତ' କରିଲେ ଜମା' ॥

କ୍ଷାନ୍ତ ରୂପ ନ ହୋ'ଇଲେ'
ଉଗ୍ର ଚଣ୍ଡୀ କାଳି' ହେଲେ'
ଆଶୁତୋଷେ ଦେବଗଣ' ଗୁହାରି କଲେ'
କାଳି ଆଗମନ' ପଥ'
ଶିବ କରିଲେ ଆ'ବଦ୍ଧ'
ଅଜ୍ଞାନ୍ତେ ମା ଛାତିପରେ' ପାଦ ଥୋଇଲେ'
ଶାନ୍ତ ହେଲେ ଜିଭ' କାମୁଡି'
ଏହି ଦିନ କାଳିପୂଜା' ଆସେ ବାହୁଡି' ॥

ଲକ୍ଷ୍ମୀ ନାରାୟଣ'ଆସି'
ଗରୁଡ଼ ପୃଷ୍ଠରେ' ବସି'
ଧନ ଧାନ୍ୟ ପରଶିବେ' ମର୍ତ୍ତ୍ୟ ଭୂବନେ'

ଧନତରାସ ପା'ଳନ୍ତି'
ସୁବର୍ଣ୍ଣ କିଛି କି'ଣନ୍ତି'
ଭଣ୍ଡାର ପୁର୍ଣ୍ଣ ବିଶ୍ୱାସ' ସକଳ ଜନେ'
ଆଲୋକିତ କରି'ନ୍ତି ଧରା'
ଲକ୍ଷ୍ମୀ ମାତା ଆରାଧନା' ଏ ଦିନ ପରା' ॥

ବାର ବର୍ଷ ବନ'ବାସ'
ଅଜ୍ଞାନ୍ତ ଯେ ଏକ'ବର୍ଷ'
ପାଣ୍ଡବେ ଫେରିଲେ ତେର' ବର୍ଷେ ହସ୍ତିନା'
ଖୁସିରେ ହସ୍ତିନା' ପୁରି'
ଆଲୋକିତ ପଥ'କରି'
ପୁର୍ଣ୍ଣ ହୋଇଥିଲା ଆଜି' ମନ ସ୍ୱାମନା'
ରାଜ ଓ୍ୱାସ ଉଠି'ଲା ହସି'

ବଇଁତୁଆ, ବାଳକାଟି, ଖୋର୍ଦ୍ଧା

# ବର୍ଷା



ନମିତା ଦାଶ

ବର୍ଷାର ଆଗମନରେ ସମସ୍ତେ ବିଭୋର ହୋଇଉଠିଛନ୍ତି
ଦୁନିଆରେ  ଧୋକା କିଛି ବଡ଼କଥା ନୁହେଁ;
ଏବେ ସୂର୍ଯ୍ୟକୁ ହିଁ ଦେଖ
ଆସିବେ କିରଣ ସାଙ୍ଗରେ
ରହିବେ ରୋଷଣୀ ସାଙ୍ଗରେ
ଆଉ ଫେରିଯିବେ ସନ୍ଧ୍ୟା ସାଙ୍ଗରେ;
ଆଉ କାଲି ବର୍ଷା ରାଗିକାରି  ଲୁଚିଗଲା ଯାଇ ମେଘ ସାଙ୍ଗରେ!
ଆକାଶର ସୌନ୍ଦର୍ଯ୍ୟ ବୃଦ୍ଧି କରୁଛି ଇଂଦ୍ରଧନୁଷର ସପ୍ତରଙ୍ଗ !
ଶ୍ରାବଣୀ ତାର ମିଠା ସ୍ୱରରେ ଗାଇଉଠେ,
ନେଇଜାରେ ମେଘ ମୋ ପ୍ରେମିକ ନିକଟକୁ;
ଏଇ  ରିମଝିମ ବରଷାରେ ମୟୁର ନାଚିଉଠେ  ତାପ୍ରିୟା ସାଙ୍ଗରେ;
ମୟୁର ର ମକୁଟ ଓ ତା ରଙ୍ଗ ବେରଙ୍ଗି ସୁନ୍ଦର ପଂଖକୁ ମେଲାଇ,
କୋଇଲି ର କୁହୁକୁହୁ  ସ୍ୱରରେ ତାଳ ମିଳାଇ
ନାଚିଉଠେ ସତେ ଯେପରି ବର୍ଷାର ସ୍ୱାଗତ କରୁଛି!

ସବୁଜ ରଙ୍ଗର ଦରି ଉପରେ ଟୁକୁଟୁକୁ ହୋଇ ଚାଲୁଅଛି ନାଲି ସାଧବ ବୋହୁ !

ଗଛବୁଦାମୂଳେ ବେଙ୍ଗ ତାର ଟର ଟର ସ୍ୱରରେ ଡାକ ପକାଏ

ଦୂରରେ ଥିବା ତାର ସଂଗିନୀମାନକୁ;

କିରଣ, ସାଂଧା, ବିଜୁଳି ରଜ ଦୋଳିଝୁଲି ଗାଇଉଠନ୍ତି

ଆସଲୋ ମିତ ଆସ ସଗାଂତ ଗାଇବା ରଜ ଗୀତ

ବନସ୍ତେ ଡାକିଲା ଗଜ

ବରସକେ ଥରେ ଆସିଛି ରଜଲୋ

ଘେନି ନୂଆ ସଜବାଜ!

ବରସା ଭରିଛି ସମସ୍ତ ମନରେ

ଆନନ୍ଦ ଉଲ୍ଲାସ !

ନବି ମୁମ୍ବାଇ

# ଦର ଆଉଜା



ରଞ୍ଜନ କୁମାର ଖଣ୍ଡା

କି ଫୁଲ ଫୁଟିଛି ଅଗଣା ପ୍ରାଙ୍ଗଣରେ
ଦିଶୁଛି ରଙ୍ଗ ବେରଙ୍ଗ ବହୁତ
କିଛି ନ ବୁଝି କିମ୍ଭୁତ କିମାକାର କରି
ଡୁଲୁଅଛି ଫୁଲ ରସିକ,
ସେ ଫୁଲ କାନ୍ଦୁଛି ସିନା ତାର
ମହକକୁ ନେଇ
ହସୁଛି ଫୁଲ ରସିକ ପାପୁଲିରେ
ତାର କୋମଳତାକୁ ଯାକି ॥

କାହୁଁ ସେ ବୁଝିବ ଅଗଣାର ମୂଲ
କାହୁଁ ସେ ଜାଣିବ ଦର ଆଉଜା
ଫାଳି କବାଟର ଦୁଃଖ,
ଖାଲି ସିନା ଯାନ୍ତବ କ୍ଷୁଧାରେ
ପିପାସି ହସୁଛି ଠାଏ ଠାଏ ହସ
ପାଲଟିଛି ଭୋଗ ବିଳାସୀ
ନବୁଝି ଜୀବନର ଭୋକ ॥

ବୁଝିବା ଶକ୍ତି ଫୁଲର ଯାଇଛି ହଜି
ବତାସ ଆସି ଠିକଣା କରିଛି ଦାବି
ହାୟ!

ଜୀବନକୁ ବୁଝିବା ଆଗରୁ ବୁଝେ ସଂସାରର ବୁଝ
କନ୍ୟା ଜୀବନର ସୁଖ ଜାଣିବା ଆଗରୁ
ବୁଝେ କନ୍ୟାର ସୁଖ,
କି ବିଧି ବିଧାନ ରହିଛି ସଂସାରେ
କିଏ ବା ଗଢ଼ିଛି ତାକୁ
ଜୀବନ ଜଂଜାଳେ ସେ ଖାଲି ନିନ୍ଦୁଥାଏ ନିୟତିକୁ ॥

ସେ ପୁଣି ଜାୟା -ଜନନୀ -ଭଗିନୀ
ତାର ବହୁ ରୂପ ରୂପାନ୍ତର
ତାର ଆଗମନେ ସଂସାର ମଧ୍ୟରେ
ବଢ଼େ ଦୁନିଆର ହାର
ସେ ପୁଣି କଷ୍ଟ ଯାତନା ସହେ
କାମୁକ ଖଣ୍ଡ ଲୋଭି ଠାରୁ
ଅସ୍ତିତ୍ୱ ହଯାଏ ଅବଳା ହୁଏ
ପିପାସୁ ଲୋଭି ସଂସାର ଠାରୁ ॥

ଯେଉଁ ଜୀବନ ଥିଲା ମଧୁର ମୟ
ଥିଲା ପୁଣି ପୁରି ଅମୃତର ଧାରା
ସବୁ ଚାଲିଗଲା ଅଧା ରହିଗଲା
ଜୀବନର ଗପ ନିଆରା,
ଜୀବନ ବାଟରେ ମଉଳି ଗଲା
କଅଁଳ ଫୁଲର ସ୍ୱପ୍ନ ସବୁ
ଜୀବନ ବାଟରେ ରହିଗଲା ପୁଣି
ଦର ଆଉଜାର ମୂଲ୍ୟ ସବୁ ॥

ଓଡ଼ିଆ ଅଧାପକ
ପରମାନନ୍ଦ ବିଜ୍ଞାନ ବିଦ୍ୟାଳୟ, ମୋଚନ୍ଦା

# ବିଭଜନ କାଳୀନ ପଞ୍ଜାବରେ ଦୁଃଖଦଦିନ ସବୁ

ପ୍ରିୟବ୍ରତ ପାତ୍ର

କେତେ ହଜାର ବର୍ଷ ତଳର ପ୍ରାଚୀନ ପଞ୍ଜାବ ଯେ ଦିନେ ବିଭାଜିତ ହୋଇଯିବ ଏକଥା କେହି ମଧ୍ୟ କଳ୍ପନା କରି ନଥିଲେ। ପାଞ୍ଚଟି ବିଶିଷ୍ଟ ନଦୀ ଏହି ଅଞ୍ଚଳକୁ ସବୁବେଳେ ସସ୍ୟଶ୍ୟାମଳା କରି ରଖୁଥିଲା। ଏକେଶ୍ୱରବାଦୀ ମୁସଲିମ୍ ଓ ବହୁଶ୍ୱରବାଦୀ ହିନ୍ଦୁଙ୍କ ଭିତରେ ପ୍ରଥମେ ଯେଉଁ ଭୂଖଣ୍ଡରେ ସଂଘାତ ଘଟିଥିଲା, ସେଇ ଜାଗା ହେଉଛି ପଞ୍ଜାବ। ଆଫଗାନ୍ ଓ ମଙ୍ଗୋଲ ରୁ ଆସିଥିବା ଲୁଣ୍ଠନକାରୀ ଓ ଆକ୍ରମଣକାରୀ ମାନେ ଧିରେ ଧିରେ ଏହି ଅଞ୍ଚଳର ପ୍ରେମରେ ପଡିଗଲେ ଓ ଏହାକୁ ହିଁ ନିଜର ଜନ୍ମଭୂମି ଓ କର୍ମଭୂମି ରୂପେ ଗ୍ରହଣ କରିନେଲେ। ସଂଘାତ ରୁ ସମନ୍ୱୟ ପାଇଁ ସୃଷ୍ଟି ହୋଇଥିଲା ଶିଖ୍ ଧର୍ମ। ତେଣୁ ପଞ୍ଜାବରେ ତିନୋଟି ମୁଖ୍ୟ ଧର୍ମାବଲମ୍ବୀ ରହିଲେ ହିନ୍ଦୁ, ଶିଖ ଓ ମୁସଲିମ୍ ସଂପ୍ରଦାୟ। ଆଶ୍ଚର୍ଯ୍ୟର କଥା ସାତ ଦରିଆ ସେପାରିରୁ ଆସିଥିବା ଇଂରେଜଙ୍କ ଅଧୀନରେ ଏହି ତିନି ସଂପ୍ରଦାୟ ଆନନ୍ଦରେ ରହିପାରୁଥିଲେ, ଅଥଚ ସ୍ୱାଧୀନ ଭାବେ ଏହି ତିନି ଚରମପନ୍ଥୀଙ୍କ ପ୍ରାଦୁର୍ଭାବ, ମୁସଲିମ୍ ଲିଗ୍ ର ଚରମ ସାଂପ୍ରଦାୟିକ ମନୋଭାବ ତଥା ଇଂରେଜଙ୍କ ବିଭେଦ ସୃଷ୍ଟି କରି ଶାସନ କରିବାର କୁଚକ୍ର ଭାରତର ବିଭାଜନ ପାଇଁ ରାସ୍ତା ତିଆରି କରିଥିଲା। ବିଭାଜନ କାଳରେ ପଞ୍ଜାବରେ ଯେଉଁ ଅଭୁତପୂର୍ବ ସାଂପ୍ରଦାୟିକ ଦଙ୍ଗା ଦେଖାଦେଇଥିଲା, ପୃଥିବୀ ଇତିହାସରେ ତାର ତୁଳନା ନାହିଁ। ବର୍ବରତାରେ ତାହା ଦ୍ୱିତୀୟ ବିଶ୍ୱଯୁଦ୍ଧକୁ ମଧ୍ୟ ବଳି ଯାଇଥିଲା।

୧୯୪୦ ମସିହାରୁ ମୁସଲିମ୍ ଲିଗ୍ ଏକ ସ୍ୱତନ୍ତ୍ର ଦେଶ "ପାକିସ୍ଥାନ" ର ଗଠନ ପାଇଁ ଉଦ୍ୟମ ଆରମ୍ଭ କରିଦେଇଥିଲେ। ଜିନ୍ନା ଦେଇଥିବା ଡାକରା - "ପ୍ରତ୍ୟକ୍ଷ କାର୍ଯ୍ୟକ୍ରମର ଦିବସରେ" କଲିକତାରେ ଗୋଟିଏ ଦିନରେ ୭୦୦୦ ହିନ୍ଦୁ ପ୍ରାଣ ହରାଇଥିଲେ। ବିହାର, ବଙ୍ଗଳାରେ ଏହି ଦଙ୍ଗା ବ୍ୟାପିବା ପରେ ସାରା ଭାରତରେ ନାହିଁନଥିବା ଅରାଜକତା ସୃଷ୍ଟି ହେଲା। ଇଂରେଜ ସରକାର ଆପାତଃ ଭାରତ ବିଭାଜନ କରିବାକୁ ସ୍ଥିର କରିନେଲା। ୧୯୪୭ ମସିହା ଜାନୁୟାରୀ ମାସରୁ ମୁସଲିମ୍ ଲିଗ୍ ଗୁପ୍ତ ମନ୍ତ୍ରଣା ଆରମ୍ଭ କରିଦେଲେ। ମୁସଲିମ୍

ବହୁଳ ଅଞ୍ଚଳରେ, ଭାରତରେ ହିନ୍ଦୁମାନଙ୍କ ବର୍ବର ଆକ୍ରମଣର ପରିଣତି ରୂପେ କିଛି କ୍ଷତବିକ୍ଷତ ମୁସଲିମ୍ ଙ୍କ ଛବି ମଣିଷ ଖପୁରି, ହାଡକୁ ଧରି ଶୋଭାଯାତ୍ରାରେ ବାହାରୁଥିଲେ । ବେଳେବେଳେ ଭୟଙ୍କର ଭାବେ କ୍ଷତାକ୍ତ, ରକ୍ତାକ୍ତ ମୁସଲିମ୍ ବ୍ୟକ୍ତିକୁ ସଭା ପରେ ସଭାକୁ ପଠାଯାଇଥିଲା - ତାର କ୍ଷତ ସବୁକୁ ପଦର୍ଶନ କରିବାକୁ । ପଞ୍ଜାବରେ ଏଭଳି ବାରମ୍ବାର ଦଙ୍ଗା ହଙ୍ଗାମା ଫଳରେ ସବୁ ଧର୍ମାବଲମ୍ବୀଙ୍କୁ ନେଇ ପରିଚିତ ସରକାର କ୍ଷମତାରୁ ଓହରି ଗଲେ ଏବଂ ଶେଷକୁ Even Jenkins ପଞ୍ଜାବ ପରିଚାଳନା ଦାୟିତ୍ୱ ନେଲେ ।

ପଞ୍ଜାବରେ ପ୍ରଥମ ଦଫା ଦଙ୍ଗା ଆରମ୍ଭ ହେଲା, ଯେତେବେଳେ ତାରା ସିଂ ନାମକ ଜଣେ ଶିଖ ନେତା, ମୁସଲିମ୍ ଲିଗ୍ ଦ୍ୱାରା ଉଡା ଯାଇଥିବା ବ୍ୟାନରକୁ ଚିରି ଫୋପାଡି ଦେଲେ ଏବଂ ଚିତ୍କାର କଲେ "ପାକିସ୍ଥାନ ମୁର୍ଦ୍ଦାବାଦ" । ମୁସଲିମ୍ ମାନେ ତାର ଜବାବ ଅତି ଭୟଙ୍କର ଭାବରେ ସଂଗଠିତ ଭାବରେ ଦେଲେ । ଏକା ଦିନରେ ଅନ୍ୟୁନ ୩୦୦୦ ଶିଖ୍ ସେଥିରେ ପ୍ରାଣ ହରାଇଲେ । ଗୋଟିଏ ପରେ ଗୋଟିଏ ଶିଖ୍ ଗ୍ରାମ ଜଳିପୋଡି ଧ୍ୱଂସ ହୋଇଗଲା । ଇଂରେଜ ସେନାପତି ମଧ୍ୟ ଏହି ଦୃଶ୍ୟ ଦେଖି ଲେଖିଥିଲେ - "ଗୁଳି ଖାଇ ମରି ପଡିଥିବା ପାରାଙ୍କ ଭଳି ମଣିଷମାନେ ରାସ୍ତା ଘାଟରେ ପଡିଥିଲେ" । ଲାହୋର ର ପାଖାପାଖି ଲକ୍ଷ ଲକ୍ଷ ଲୋକ ଭୟଭୀତ ହୋଇ ରାଜରାସ୍ତାକୁ ଆସି ସାରିଥିଲେ । ଉତ୍ତପ୍ତ ଦିନ ମାନଙ୍କରେ ଖୋଲା ଆକାଶ ତଳେ ଶୋଇବାର ପଞ୍ଜାବୀ ଶୟନ ଚର୍ଯ୍ୟା ଆଉ ରହିଲା ନାହିଁ । କୋଉ ମୂହୁର୍ତ୍ତରେ ପୈଶାଚିକ ହସ୍ତରେ ଛୁରିକା ଘାତରେ ଗଳା କଟିବ, ଏହି ଭୟରେ ଲାହୋରବାସୀ ବାରମ୍ବାର ନିଦରୁ ଉଠୁଥିଲେ । ଶିଖ୍ ମାନେ ନିଜର ଲମ୍ବା ଦାଢି ଓ ପଗଡି ଯୋଗୁଁ ଶୀଘ୍ର ଚିହ୍ନା ପଡିଯାଉଥିଲେ ଏବଂ ଆକ୍ରମଣର ଶିକାର ହେଉଥିଲେ । ଏକାନ୍ତ ଗଳିମାନଙ୍କରେ ମୁସଲିମ୍ ମାନେ ରୋଡ୍ ଉପରେ ସରୁ ଲୁହା ତାର ବାନ୍ଧି ଦେଉଥିଲେ ଏବଂ ଜୋରରେ ସାଇକେଲ୍ ଆରୋହୀଟି ସେଥିରେ ଫସି ଯାଉଥିଲା ଓ ଆତର୍କିତ ଆକ୍ରମଣରେ ପ୍ରାଣ ହରାଉଥିଲେ ।

ଲାହୋର ଭିତରେ ସବୁଠୁ କଦର୍ଯ୍ୟତମ ଘଟଣା ଘଟୁଥିଲା । ଆକବରଙ୍କ ନିର୍ମିତ ଦୀର୍ଘ ସାତ ମାଇଲ ପଥର ପ୍ରାଚୀରେ ଘେରା ଜାଗାଟି ମଧ୍ୟରେ ପ୍ରାୟ ୩ ଲକ୍ଷ ସରିକି ମୁସଲିମ୍, ଏକ ଲକ୍ଷ ହିନ୍ଦୁ ଓ ଏକ ଲକ୍ଷ ଚାରିହଜାର ଶିଖ୍ ରହୁଥିଲେ । ସେହି ସାନ୍ଦ୍ରତମ ଅଧିବାସୀଙ୍କ ଇଲାକାରେ ମୃତ୍ୟୁର ତାଣ୍ଡବ ଲୀଳା ଆରମ୍ଭ ହୋଇଗଲା । ଏହି ତିନି ଗୋଷ୍ଠୀର ଠଗ, ଗୁଣ୍ଡା ଓ ଘାତକମାନେ ଅସ୍ତ୍ରଶସ୍ତ୍ର ଧରି ପରସ୍ପରକୁ ଦେଖିଲା ମାତ୍ରେ ମାରିବା ପାଇଁ ଉଦ୍ୟତ ହେଉଥିଲେ । ମୃତ୍ୟୁ ବିଜୁଳି ବେଗରେ, ଆଖି ପିଛୁଳାକେ ଆସି ଯାଉଥିଲା । "ଛୁରୀ" ବୋଲି

ଶବ୍ଦଟିଏ କହିବା ଭିତରେ ଗୋଟିଏ ମୃତ ଦେହ ଗଛ କଟିଲା ପରି ତଳେ ପଡି ଯାଉଥିଲା ଏବଂ ଦୋକାନ ବଜାର ଧଡ୍ ଧାଡ୍ କରି ବନ୍ଦ ହୋଇଯାଉଥିଲା । ପ୍ରତି ସପ୍ତାହ ଅନ୍ତରେ ପୋଲିସର ଗୁପ୍ତ ଡାଏରୀ ପ୍ରସ୍ତୁତ ହେଉଥିଲା – କେଉଁ ଗୋଷ୍ଠୀରୁ କେତେ ମଲେ, କିନ୍ତୁ ଦଙ୍ଗା ପୂର୍ବବତ୍ ଚାଲୁଥିଲା । ବିଭାଜନ ସମୟରେ ସୀମା ନିର୍ଦ୍ଧାରଣ ପାଇଁ ରାଡକ୍ଲିଫ୍ ସାହେବ ନିଜର ବନ୍ଧୁମାନଙ୍କ ସହ ରହିଥିଲେ ଲାହୋରର କୌଣସି ଏକ ହୋଟେଲରେ । ହ୍ୱିସ୍କି ଓ ସୋଡାରେ ସନ୍ଧ୍ୟାକାଳୀନ ଆସର କଟାଉଥିବା ସମୟରେ କିମ୍ବଦନ୍ତୀର ଲାହୋରକୁ ମନେ ପକାଉଥିଲେ ଯାହାକି ସେତେବେଳକୁ ଉତ୍ତପ୍ତ ପବନ ଓ ଘୃଣା ବିଦ୍ୱେଷରେ ନିଷ୍ପେଷିତ ହୋଇ ଚାଲିଥିଲା । ରାତି ଗୁଡିକ ଥିଲା ସବୁଠୁ ଭୟଙ୍କର, କେବେ କେମିତି ହଠାତ୍ ଗଳି ଭିତରୁ ନିଆଁ ଧୂଆଁ, କ୍ରୁଦ୍ଧ ଜନତାଙ୍କ ମିଳିତ ଆକ୍ରମଣ ଶବ୍ଦ ଶୁଭୁଥିଲା । "ସତ୍ ଶ୍ରୀ ଅକାଲ୍", "ଆଲ୍ଲା ହୋ ଆକବର", "ହର ହର ମହାଦେବ", ଆଦି ଧାଡିକିଆ ଡାକରାରେ ସାରା ରାତି ଶିହରିତ ହେଉଥିଲା । ହିନ୍ଦୁ ବହୁଳ ଗଳିମାନଙ୍କରେ RSS ବାଲାଙ୍କର ତୂର୍ଯ୍ୟନାଦ ସାଙ୍ଗକୁ ଢୋଲ ଶବ୍ଦ ସମସ୍ତଙ୍କୁ ସଜାଗ ରହିବାକୁ କହୁଥିଲା । ପ୍ରଥମ ଦଫା ଦଙ୍ଗା ପରେ ପ୍ରାୟ ତିନି ମାସ ଧରି ଶିଖ୍ ମାନଙ୍କ ନୀରବତା କୌଣସି ଏକ ଭୟଙ୍କର ଝଡର ସୂଚନା ଦେଉଥିଲା । ଶିଖ୍ ନେତୃବର୍ଗମାନେ ଗୁରୁଦ୍ୱାର ଓ ନିର୍ଜନ ଜାଗାରେ ତୁହାକୁ ତୁହା ମିଳିତ ହୋଇ ଷଡଯନ୍ତ୍ର କରିଦେଇଥିଲେ । ଦଙ୍ଗାରେ ନିଜର ସମସ୍ତଙ୍କୁ ହରେଇ ଥିବା ତାରା ସିଂ ଙ୍କର ରକ୍ତବର୍ଣ୍ଣର ଆଖି ଖୋଜୁଥିଲା ପ୍ରତିହିଂସା । କୌଣସି ଏକ ସଭାରେ ସେ ଉଦବୋଧନ ଦେଇ କହୁଥିଲେ – "ହେ ଶିଖ୍ ଭାଇମାନେ, ପଞ୍ଜାବ ପାଇଁ ଭୟଙ୍କର ଦିନ ମାଡିଆସୁଛି । ନାଜି ଓ ଜାପାନୀଙ୍କ ପରି ଆବଶ୍ୟକ ପଡିଲେ ନିଜକୁ ଧ୍ୱଂସ କରିବାକୁ ପ୍ରସ୍ତୁତ ହୋଇଯାଅ । ଆମେ ଯଦି ପ୍ରତିଶୋଧ ପାଇଁ ଶପଥ ନ ନେଉଛେ, ଆମର ଜମି ଚାଲିଯିବ, ଆମ ସ୍ତ୍ରୀ ମାନଙ୍କର ଇଜ୍ଜତ ଚାଲିଯିବ, ଗୋଟି ଗୋଟି କରି ସମସ୍ତେ ହାଣ ଖାଇଯିବା । ପୁଣିଥରେ ଜାଗ୍ରତ ହୁଅ ଏବଂ ଏକଜୁଟ୍ ହୋଇ ମୋଗଲ ଆକ୍ରମଣକାରୀଙ୍କୁ ନିଃଶେଷ କରିଦିଅ, ମେଣ୍ଟିଯିବ ମାତୃଭୂମିର ତୃଷା । ଆମ ନିଜର ରକ୍ତ ଓ ଶତ୍ରୁର ରକ୍ତରେ ଆଜି ପଞ୍ଜାବକୁ ଅବଗାହନ କରିଦିଅ ।

୧୯୪୭ ଜୁନ୍ ରେ ସଂଗଠିତ ସାଂପ୍ରଦାୟିକ ଦଙ୍ଗାରେ କାହୁଟା ଅଞ୍ଚଳର ବତିଶ ହଜାର ମୁମୂର୍ଷୁ ଶିଖ୍ ଓ ମୁସଲିମ୍ ଙ୍କୁ ନେଇ ଆରମ୍ଭ ହୋଇଥିଲା ଭାରତରେ ପ୍ରଥମ ଶରଣାର୍ଥୀ ଶିବିର । ଦିଲ୍ଲୀରୁ ୧୨୦ ମାଇଲ ଦୂରରେ ଉତ୍ତପ୍ତ ଓ ଧୂଳି ଧୂସରିତ ଅପନ୍ତରାରେ ଗଢି ଉଠିଥିବା ସେହି ଶିବିରକୁ ଦେଖିବା ପାଇଁ ଗାନ୍ଧୀ, ନେହେରୁଙ୍କୁ ସାଥୀରେ ନେଇଯାଇଥିଲେ ।

ସେଠାରେ ପହଞ୍ଚିବା ପରେ ନିଜ ଦେଶରେ ଶରଣାର୍ଥି ହୋଇଥିବା ଅସହାୟ ଲୋକଙ୍କୁ ଦେଖି ଗାନ୍ଧୀ ହତାଶ ହୋଇଥିଲେ । ନିଜର ଅବଦମିତ କ୍ରୋଧ ଓ ଯନ୍ତ୍ରଣାକୁ ଉଦଗୀରଣ କରି ସେହି ଶରରାର୍ଥୀମାନେ ଗାନ୍ଧୀଙ୍କ କାର କୁ ଘେରି ଯାଇଥିଲେ । ଲାଗୁଥିଲା ଯେମିତି ଅସହାୟତାର ସମୁଦ୍ର ଭିତରେ କାରଟି ଅଟକି ଯାଇଛି । ଘୃଣା ଓ କ୍ରୋଧରେ ମୁହଁସବୁ ସରସତା ହରେଇ ସାରିଥିଲା, ଚରମ ହତାଶ ମଧ୍ୟରେ ଜୁଳୁଜୁଳୁ ଆଖି ସବୁ ସାନ୍ତ୍ୱନା ଆଶା କରୁଥିଲା । ସଦ୍ୟ କ୍ଷତ ଓ ପୋଡା ଜାଗାରେ ମାଛିମାନେ ଭଣଭଣ ହେଉଥିଲେ, ସେମାନଙ୍କ ଦୌଡାଦୌଡିରେ ଧୂଳିସବୁ ଉଡି ନାକକାନ ଭର୍ତ୍ତି ହୋଇ ସାରା ଦେହରେ ଧୂଳିର ଏକ ପତଳା ଆସ୍ତର ସୃଷ୍ଟି କରିଥିଲା । କାର ଚାରିପାଖରେ ସେମାନେ ଝାଳୁଆ ଓ ପଚାଗନ୍ଧର ଘନଘନ ନିଶ୍ୱାସର ବାଡ ପରି ଠିଆ ହୋଇଥିଲେ । ସାରା ଦିନ ଗାନ୍ଧୀ ସେଠାରେ ଥିଲେ, କ୍ଷତ ସବୁକୁ ସଫା କରି ପଟି ବାନ୍ଧିଥିଲେ । ଶରଣାର୍ଥି ଶିବିରର ସ୍ୱାସ୍ଥ୍ୟକର ବାତାବରଣ ପାଇଁ ପାଇଖାନା ଖୋଳିବା, ସଫା କରିବା, ରହିବା ଜାଗାଟିକୁ ନିର୍ମଳ ରଖିବା ଆଦି ବିଷୟରେ କିଛି କହିଥିଲେ ।

ସେହି ଦିନର କ୍ଲାନ୍ତ ଅପରାହ୍ନରେ ଗାନ୍ଧୀ ଓ ନେହେରୁ ଫେରିଆସିଲେ । ସତସ୍ତରୀ ବର୍ଷର ବୃଦ୍ଧ ଶରୀରକୁ ନେଇ ଗାନ୍ଧୀ କାର ର ପଛସିଟ୍ ରେ ଲମ୍ବ ହୋଇ ଶୋଇ ଯାଇଥିଲେ । ମଣିଷ ପ୍ରତି ହେଉଥିବା କ୍ରୁରତା ଓ ଅକ୍ଷମତାରେ କାନ୍ଦି ଉଠୁଥିଲା ତାଙ୍କ ଆତ୍ମା, ହିଂସ୍ର ପୃଥିବୀରେ ତାଙ୍କୁ ନିଃଶ୍ୱାସ ମଧ୍ୟ ନେବା କଷ୍ଟକର ହୋଇ ପଡୁଥିଲା । ଗାନ୍ଧୀଙ୍କ ପାଦ ଦୁଇଟି ଥିଲା, ଗାନ୍ଧୀଙ୍କ ମାନସପୁତ୍ର ନେହେରୁଙ୍କ କୋଳରେ ।

ପ୍ରାୟ ଦୁଇମାସ ତଳୁ ଅନେକ ଆଦର୍ଶଗତ କାରଣରୁ ନେହେରୁ, ଅନ୍ୟାନ୍ୟ କଂଗ୍ରେସ କର୍ମୀଙ୍କ ପରି ମହାତ୍ମାଗାନ୍ଧୀଙ୍କ ଠାରୁ ମୁହଁ ଫେରେଇ ନେଇଥିଲେ । କାର ଭିତରେ ଦୀର୍ଘ ସମୟ ଧରି ନେହେରୁ ଆଗକୁ ହିଁ ଚାହିଁ ରହିଥିଲେ, ସେ ଆତଙ୍କିତ ହୋଇ ନିଜକୁ ନିଜେ ପ୍ରଶ୍ନ ପ୍ରଚାରୁଥିଲେ – "ଅଳ୍ପ ଦିନ ପରେ ଦେଶର ଶାସନ ଡୋରି ସେ ହାତକୁ ନେବାକୁ ଯାଉଛନ୍ତି, ତାର ରୂପରେଖ କଣ ଏପରି ହେବ – ଯାହା ସିଏ ଅଳ୍ପ ସମୟ ତଳେ ଶରଣାର୍ଥି ଶିବିରରେ ଦେଖିଥିଲେ" । ଗାନ୍ଧୀଙ୍କ ଶୀତଳ ଓ ସ୍ତବ୍ଧ ପାଦ ଦୁଇଟିକୁ ନେହେରୁ ଆଉଁସିବାରେ ଲାଗିଲେ । ଏହି ବ୍ୟକ୍ତିଟି ପାଇଁ ଜୀବନର କେତେ ଦଶନ୍ଧି ସେ ଉତ୍ସର୍ଗ କରିସାରିଥିଲେ ଏବଂ ବର୍ତ୍ତମାନ ଜାଣତରେ କେତେ ଯେ ଦୁଃଖ ଦେଉଛନ୍ତି – ଏକଥା ଭାବିଲା ବେଳକୁ ଏକ ଗଭୀର ଅନୁତାପଭରା ଦୀର୍ଘ ନିଃଶ୍ୱାସଟିଏ ବାହାରି ଯାଇଥିଲା ।

ଗାଡି ଚାଲିଥିଲା ଦିଲ୍ଲୀ ଅଭିମୁଖେ, ଦୁଇ ପାଖରେ ଦିଗନ୍ତ ବିସ୍ତାରି କ୍ଷେତମାଳାକୁ ଅତିକ୍ରମ କରି । ସବୁଆଡେ ଶୁନଶାନ୍ ସତେ ଯେମିତି କେତେ ସହସ୍ର ବର୍ଷର ଭାରତର କିଛି ହୋଇନି । ଦୂର ଦିଗବଳୟର ଗହମ କ୍ଷେତସବୁ ପୃଥିବୀର ଶେଷ ସୀମା ପରି ଲାଗୁଥିଲା । ରାତ୍ରି ଭୋଜନ ପାଇଁ କୁଟୀର ସବୁରୁ ଧୂମକୁଣ୍ଡଳୀ ଉଠିବାକୁ ଆରମ୍ଭ କଲା ।  ଘଷି ନିଆଁରେ ତମସାଛନ୍ନ ଧୂମ୍ରାଭ ଦିଗନ୍ତ ସବୁ କେଉଁ ପ୍ରାଚୀନ ଭାରତର ପରିଚୟ ଦେଉ ଦେଉ ପ୍ରଶାନ୍ତ ରାତ୍ରିକୁ "ଶୁଭାଗମନ" ଜଣାଉଥିଲା । କୁହୁଳା ଘଷିର ଗନ୍ଧ ଲାଗୁଥିଲା, ଯେମିତି ଭାରତ ମାତାର ଅତି ପରିଚିତ ଗନ୍ଧ । ପଞ୍ଜାବୀ ମହିଳାମାନେ ଘଷିଜଳା ଚୁଲିରେ ରୁଟି ଓ ଚଣା ରାନ୍ଧିବାରେ ବ୍ୟସ୍ତ ଥିଲେ । ଧିରେ ଧିରେ ଅନ୍ଧକାର ଡେଣା ମେଲାଇ ସାରା ପଞ୍ଜାବ ଉପରକୁ ଓହ୍ଲେଇ ଆସୁଥିଲା । ସେହି ସମୟରେ ଗାନ୍ଧୀ ଉଠିଲେ, ଏକ ବୃକ୍ଷମୂଳେ ଗାନ୍ଧୀ ବସିଲେ ନିଜର ସନ୍ଧ୍ୟାକାଳୀନ ପ୍ରାର୍ଥନା ପାଇଁ । ତାଙ୍କ ଉପରକୁ ନଇଁ ପଡୁଥିବା ନିମ୍ବ ଗଛଟି, ଠିକ୍ ତାଙ୍କର ନଇଁ ପଡୁଥିବା, ଥକି ପଡୁଥିବା ଦୁର୍ବଳ ଶରୀର ପରି ଦିଶୁଥିଲା । ଉଚ୍ଚତାନରେ ତଥା ନିର୍ଭୀକ କଣ୍ଠରେ ଗାନ୍ଧୀ ଆରମ୍ଭ କଲେ ପ୍ରାର୍ଥନା ସଙ୍ଗୀତ, ଯାହାକି ସିଧାସଳଖ ଏକ ବିଗଳିତ ହୃଦୟ କନ୍ଦରରୁ ଭାସି  ଆସୁଥିଲା । କାର ର ପଛ ସିଟ୍ ରେ ବସି, ଆଖି ବନ୍ଦ କରି ନେହେରୁ ଶୁଣୁଥିଲେ, ସମ୍ଭବତଃ ଦୁଇ ଆଖି ପତାକୁ ଆଙ୍ଗୁଠିରେ ଚିପି ଧରି - ଏ ଶତାବ୍ଦୀର ମହାମାନବଙ୍କ ନିର୍ଭୀକ ସଙ୍ଗୀତକୁ । ପ୍ରାର୍ଥନାଟିର ଭାବାର୍ଥ ଥିଲା - ଭଗବାନ ତାଙ୍କର ପ୍ରିୟତମ ଦେଶ ଭାରତବର୍ଷକୁ, ଅଦୃଶ୍ୟ ଅନ୍ଧକାର ଶକ୍ତି କବଳରୁ ରକ୍ଷା କରନ୍ତୁ ।

ବିଭାଜନ କ୍ରିୟାଶୀଳ ପ୍ରକୃତିର ଏକ ସ୍ୱାଭାବିକ ପ୍ରକ୍ରିୟା । ବିଶ୍ୱର ଯହା କିଛି ଅଦୃଶ୍ୟ, ସବୁକିଛିର ମୂଳରେ ରହିଛି ଏକ ବିଭାଜନ, ଶିଶୁର ଜନ୍ମ ମଧ୍ୟ ମା ଠାରୁ ଏକ ବିଭାଜନ, ମାତୃ ଗର୍ଭରେ ଶିଶୁର ବିକାଶ ମଧ୍ୟ କୋଶିକା ମନଙ୍କର ଏକ କ୍ରମଗତ ବିଭାଜନ । ବିଭାଜନ ହେଉଛି ନବସୃଷ୍ଟିର ପ୍ରଥମ ପାହାଚ । ଏକ ସୁଖଦ ବର୍ତ୍ତମାନ  ତଥା ଆନନ୍ଦମୟ ଭବିଷ୍ୟତ ପାଇଁ ବିଭାଜନ ହୋଇପାରେ ଏକ ସାମୟିକ ଯନ୍ତ୍ରଣାଦାୟକ ପ୍ରସବ ବେଦନା । କିନ୍ତୁ ବିଭାଜନର କୋଳରୁ ଯଦି ଜନ୍ମ ନିଏ ଏକ ଅକଥନୀୟ ଯନ୍ତ୍ରଣା ଓ ବିଭୀଷିକାମୟ ବର୍ତ୍ତମାନ ଏବଂ ଅନିଶ୍ଚିତ ବିବଦମାନ ଭବିଷ୍ୟତ, ତାକୁ ଆମେ କଣ କହିବା ? ଏହି ବିଶାଳ ଭୂଖଣ୍ଡର ଅଧିବାସୀଙ୍କ ପାଇଁ ଭାରତର ବିଭାଜନ ନିୟତିର ଏକ କ୍ରୁର ପରିହାସ ଛଡା କଣ ହୋଇପାରେ ? ବିଭାଜନ କାଳରେ ସବୁଠୁ ଲହୁଲୁହାଣ ହୋଇଥିଲା ପଞ୍ଜାବ  । ଅନ୍ୟୁନ ପାଞ୍ଚ ଲକ୍ଷ ଲୋକ ସାଂପ୍ରଦାୟିକ ଦଙ୍ଗାରେ ପ୍ରାଣ ହରେଇ ଥିଲେ ଏବଂ ଏକ କୋଟି ଦଶ ଲକ୍ଷ

ଲୋକ ଶରଣାର୍ଥି ଭାବେ ଜୀବନ କାଟିବାକୁ ବାଧ୍ୟ ହୋଇଥିଲେ । ତତକାଳୀନ ପଞ୍ଜାବର ଅବସ୍ଥା ଇତିହାସ ପୃଷ୍ଠାରେ ଏକ ସ୍ୱତନ୍ତ୍ର ଅଧ୍ୟାୟ ହୋଇ ରହିଛି ।

୧୯୪୭ ମସିହା ଜୁନ୍ ମାସରୁ ରାଡକ୍ଲିଫ୍ ସାହେବ ଜନସଂଖ୍ୟା ଭିତ୍ତିରେ ଭାଗ କରିବା ଆରମ୍ଭ କରିଦେଲେ । ପେନସିଲ ମୁନର ଗାରଟି ଯେଉଁ ଗ୍ରାମ, ଯେଉଁ ସହର ଦେଇ ଆଗକୁ ଚାଲିଲା ସେସବୁ ଦୁଇଭାଗ ହୋଇଗଲା । ହଜାର ହଜାର ବର୍ଷ ଧରି ମିଳିମିଶି ରହୁଥିବା ଗାଁ ଗୁଡିକ ଏହି ରେଖା ଅଲଗା ଅଲଗା କରିଦେଲା । ଲାହୋରର ଅଧିବାସୀମାନେ ଶେଷ ପର୍ଯ୍ୟନ୍ତ ଅନିଶ୍ଚିତ ହୋଇ ରହିଥିଲେ, କେଉଁ ଦେଶରେ ସେମାନେ ରହିବେ? ପ୍ରତ୍ୟେକ ନିଜ ନିଜ ଦୃଷ୍ଟିରୁ ରାଡକ୍ଲିଫ୍ ଙ୍କୁ ପ୍ରଭାବିତ କରିବାକୁ ଚାହୁଁଥିଲେ । ଏପରିକି ନିଜ ନିଜର ବହୁ ବର୍ଷର ସମ୍ପତ୍ତିକୁ ଲାଞ୍ଚ ମଧ୍ୟ ଦେବାକୁ ଚାହୁଁଥିଲେ । ଜାତିଆଣ ଦଙ୍ଗା ସେତବେଳକୁ ଆରମ୍ଭ ହୋଇସାରିଥିଲା ଏବଂ କୁଢ କୁଢ ଶବରେ ପଞ୍ଜାବର ନଦୀ ସବୁ ପୁରି ଉଠୁଥିଲା । କରାଚୀ, ରାୱଲପିଣ୍ଡି, ଅମୃତସର, ଜଳନ୍ଧର, ଲାହୋର, ପାତିଆଲା, ଗୁରୁଦାସପୁର ଆଦି ପ୍ରମୁଖ ସହରରେ  ବଣନିଆଁ ପରି ଏହି ବିଦ୍ୱେଷର ଅଗ୍ନି ସଂଚରି ଯାଇଥିଲା । ନାଳ ମାନଙ୍କରେ ମଣିଷଙ୍କ ରକ୍ତ ବୋହୁଥିଲା, କେନାଲ ଗୁଡିକରେ ଶବ ଭର୍ତ୍ତି ହୋଇ ପାହାଡ ସୃଷ୍ଟି ହୋଇଥିଲା । ନୃମୁଣ୍ଡ ମାଳିଣୀ ମହାକାଳୀଙ୍କ ଉଦ୍ଦଣ୍ଡ ନୃତ୍ୟ ସାଙ୍ଗକୁ ସୈତାନମାନଙ୍କ ଅଟ୍ଟହାସ୍ୟ ସର୍ବତ୍ର ଦୃଶ୍ୟମାନ ହେଉଥିଲା । ସେହି କାଳରାତ୍ରୀର ବିଭୀଷିକା ସବୁକୁ ଯେତେ ନିଖୁଣ ଭାବେ ବର୍ଣ୍ଣନା କଲେ ମଧ୍ୟ ବାସ୍ତବତା ତା ଠାରୁ ଶହେ ଗୁଣ ଭୟଙ୍କର ଥିଲା ।

ଭାରତର ସ୍ୱାଧୀନତା ଦିବସଟି ପଞ୍ଜାବ ପାଇଁ ଏକ ଅଭୂତପୂର୍ବ ଆତଙ୍କର ଦିବସ ଥିଲା । ସରକାରୀ କର୍ତ୍ତୃପକ୍ଷ ମୋଗଲ ଦୁର୍ଗରେ ତ୍ରିରଙ୍ଗା ପତାକା ଉଡାଇବା ବେଳେ, ଶିଖ୍ ମାନେ ରକ୍ତମୁଖା ହୋଇ ଗଳି ଗଳିରେ ଉନ୍ମୁକ୍ତ କୃପାଣ ନେଇ ଘୁରି ବୁଲୁଥିଲେ । ନରସଂହାର ଚାଲିଥିବା ଓ ତାହା ଲାହୋର ଅପମାନର ପ୍ରତିଶୋଧ ବୋଲି ଦାବି କରାଯାଉଥିଲା । ବସ୍ତିର ପୁରୁଷ ଓ ଶିଶୁମାନଙ୍କୁ ମାରିଦେବା ପରେ ପାଞ୍ଚ ଶହ ମହିଳାଙ୍କୁ ଅସମ୍ଭବ ନିର୍ଯ୍ୟାତନା ଦେଇ ସ୍ୱର୍ଣ୍ଣ ମନ୍ଦିର ପର୍ଯ୍ୟନ୍ତ ଚଲେଇ ଚଲେଇ ନିଆଗଲା ଏବଂ ହତ୍ୟା ମଧ୍ୟ କରାଗଲା ।

କ୍ରମଶଃ......

ଭାରତୀୟ ଜୀବନ ବୀମା ନିଗମ,
କୋରାପୁଟ, ଓଡିଶା

# ନେତାଜୀ



ପ୍ରକାଶ ଚନ୍ଦ୍ର ପଣ୍ଡା

ହେ ବୀର ତୁମ କରଚରଣରେ
କରୁଛୁ ଶତ ପ୍ରଣାମ,
ତୁମ ନିର୍ଭୀକତା ଅଦମ୍ୟ ବୀରତା
ଓଡିଆ ଜାତିର ମାନ ।
ତୁମରି ଆହ୍ୱାନ ଦିଲ୍ଲୀ ଚଲୋହେ
ଏବେବି ଗୁଞ୍ଜରି କହେ
ପ୍ରତି ଭାରତୀୟ ପ୍ରାଣକୁ ସତେକି
ଆଜି ବି ଛୁଇଁ ଯାଏ ।
ତୁମେ କହିଥିଲ ରକ୍ତ ଦିଅ ମତେ
ସ୍ୱାଧିନତା ମୁହିଁ ଦେବି,
ନିଜ ହକ୍ ପାଇଁ ଭିକ ଭାବେ ନୁହେଁ
ଲଢେଇ କରିକି ନେବି ।
ହେ ବୀର ତୁମ ଜନ୍ମଦିନେ
ମନେପଡେ ତୁମକଥା,
ଇତିହାସେ ସ୍ୱର୍ଣ୍ଣାକ୍ଷରେ ରହିଛି
ତୁମରି ବୀରତ୍ୱଗାଥା ।
ଆଜି ବି ଏ ମାଟି ଝୁରୁଛି ତୁମକୁ
କେଉଁଆଡେ ଗଲ ଚାଲି,
ଆଜି ବି ଖୋଜୁଛି ତୁମରି ଦାୟଦ
ହେଉ ଦିଲ୍ଲୀ ଅବା ପଲ୍ଲୀ ।
ଓଡିଆ ବଜାରେ କଟକ ସହରେ
ଆଉଥରେ ନିଅ ଜନ୍ମ,
ଓଡିଶାରେ ନୁହେଁ ଭାରତରେ ପୁଣି
ହେଉ ତୁମ ଗୁଣ ଗାନ ।
ହେ ବୀର ତୁମ କର ଚରଣରେ
କରୁଛି ଶତ ପ୍ରଣାମ,
ତୁମ ନିର୍ଭୀକତା ଅଦମ୍ୟ ବୀରତା
ଓଡିଆ ଜାତିର ମାନ ।

କଲ୍ୟାଣପୁର, ଭୁଇଁପୁର,
ପାଣିକୋଇଲି, ଯାଜପୁର

# ଯେତେ ନ ଶୁଣିବ



ବ୍ରଜକିଶୋର ସାଇଁ

ଆହେ ମହେଶ୍ୱର ହେ ଚନ୍ଦ୍ରଶେଖର
ଚରଣ ତଳେ ମୁଁ ଢାଳେ ପ୍ରଣତି
ଦିଶୁନାହିଁ ପଥ ଅନ୍ଧାରରେ ମୋତେ
ବାଟ ଦେଖାଇବା ପାଇଁ ମିନତୀ ।୧।
ଯେତେ ଅମଙ୍ଗଳ କରିଥିଲ ଦୂର
ସେଥିପାଇଁ ନାଆଁ ହୋଇଲା ହର
ଜଗତ ତାରିଲ ପାନ କରି ତୁମେ
ସିନ୍ଧୁ ମନ୍ଥନରୁ ଜାତ ଗରଳ ।୨।
ସବୁ ସୁଖ ତେଜି ହେଲ ବଇରାଗୀ
ତୁମ ପରି ଆଉ କିଏ ବା କାହିଁ
ଦେବୀ ମହାମାୟା ହୋଇ ସୁଦ୍ଧା ଜାୟା
ମନରେ ଗରବ ଟିକିଏ ନାହିଁ ।୩।
ଦେବାରୁ ଆଶିଷ ହେଲ ଆଶୁତୋଷ
ହୋଇ ପରା ତୁମେ ଅଳ୍ପରେ ତୋଷ
ଯେତେ ଡାକଲେ ବି ମିଳେନାହିଁ ମୋତେ
କିଆଁ ତୁମ କରୁଣାର ପରଶ ।୪।
ତୁମେ ପରା ଶିବ ଭକ୍ତର ବାନ୍ଧବ
ପାଇଥାଅ ତାର ଦୁଃଖରେ ପୀଡା
ଏତେ ସରି ଆସି ହୋଇଲିଣି ମୁହିଁ
କି କାରଣେ ହୁଅଇ ମୁଁ ଅଲୋଡା ।୫।
କେତେ ଆଉ ଦୁଃଖ ଦେବ ମୋତେ ନାଥ
ଶୁଭୁନାହିଁ କି ମୋ ଡାକ ତୁମକୁ
ଯେତେ ନ ଶୁଣିବ ସେତେ ଡାକୁଥିବି
ନେବାଯାଏ ତୁମେ ମୋତେ ପାଖକୁ ।୬।

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ
ନୂଆପଡା, ନୂଆବଜାର, କଟକ

# ସଫଳ ଜୀବନର ମନ୍ତ୍ର



ସିଦ୍ଧେଶ୍ୱର ତ୍ରିପାଠୀ

ମଣିଷ ସମାଜର ଶ୍ରେଷ୍ଠ ପ୍ରାଣୀ । ମଣିଷ ଜୀବନ ଦୁର୍ଲ୍ଲଭ । ମଣିଷ ଜନ୍ମ ପୂର୍ବରୁ କି ମୃତ୍ୟୁ ପରେ ଦେଖାଯାଏ ନାହିଁ । ଜନ୍ମ ଆଉ ମୃତ୍ୟୁର ମଧ୍ୟବର୍ତ୍ତି କିଛି ସମୟ ପାଇଁ ସେ ଏଇ ସଂସାରରେ ରୁହେ । ନିଜର ଆଚାର ବିଚାର ବ୍ୟବହାର ଦ୍ୱାରା ସେ ନିଜକୁ ପ୍ରତିଷ୍ଠିତ କରେ । ନିଜର ସୁକର୍ମ ତଥା କୁକର୍ମ ଦ୍ୱାରା ଯଥାକ୍ରମେ ସେ ପ୍ରଶଂସିତ ବା ନିନ୍ଦିତ ହୋଇଥାଏ ।

ଜୀବନରେ ଶାରୀରିକ ଆଉ ମାନସିକ ପରିବର୍ତ୍ତନକୁ ନେଇ ଚାରୋଟି ଅବସ୍ଥା ଆସେ ଯେମିତିକି ଶୈଶବ କୈଶୋର ଯୌବନ ଜରା । ଏହି ଚାରୋଟି ଅବସ୍ଥା ପରେ ମଣିଷର ମୃତ୍ୟୁ ହୁଏ । ତା ମାଟି ଦେହ ସିନା ପଞ୍ଚ ଭୂତରେ ମିଶିଯାଏ ହେଲେ ତାର ସୁକର୍ମ ଆଉ ସୁବିଚାର ତାକୁ ଯୁଗ ଯୁଗ ପାଇଁ ଅମର କରି ରଖିଥାଏ ଏଇ ଦୁନିଆରେ ।

ଉପଯୁକ୍ତ ଶିକ୍ଷା ସଂସ୍କାର ପାଇଲେ ମଣିଷ ଧିରେ ଧିରେ ସତ୍ ପଥର ଯାତ୍ରୀ ହୁଏ ଉନ୍ନତି କରେ । ଆସନ୍ତୁ କିଛି ଅଭ୍ୟାସ ଉପରେ ଆଲୋଚନା କରିବା ଯାହା ଆମକୁ ସଫଳ ଆଉ ଶ୍ରେଷ୍ଠ ମଣିଷ ଭାବରେ ଗଢି ତୋଳିବାକୁ ପ୍ରେରଣା ଯୋଗାଇବ ।

ଏଇ ଯେମିତିକି -

ଊଷା କାଳରେ(ରାତି ତିନି ରୁ ସକାଳ ଛଅ ମଧ୍ୟରେ) ଶଯ୍ୟା ତ୍ୟାଗ କରିବା ଯଦି ସମ୍ଭବ ନହୁଏ ଯେମିତି ହେଲେ ସୂର୍ଯ୍ୟୋଦୟ ପୂର୍ବରୁ ଉଠିବା । ପରମାତ୍ମାଙ୍କୁ ପ୍ରଣାମ କରି ଧରିତ୍ରୀ ମାତାଙ୍କୁ ପ୍ରଣାମ କରି ଦୁଇ ଗ୍ଲାସ ପାଣି ପିଇବା । ହାଲୁକା ଗରମ ପାଣିବି ପିଇ ପାରିବା । ଘର ବସ୍ତ୍ର ଦେହକୁ ପରିଷ୍କାର କରି ନିତ୍ୟକର୍ମ ଯୋଗାଭ୍ୟାସ ଶେଷରେ ଦେବ କାର୍ଯ୍ୟ

ସୂର୍ଯ୍ୟାର୍ଘ୍ୟ ଦେଇ ସୂର୍ଯ୍ୟଙ୍କୁ ପ୍ରଣାମ କରିବା । ସବୁବେଳେ ସକାଳ ଆଠଟା ପୂର୍ବରୁ ଦେବ କାର୍ଯ୍ୟ ସାରିବା ।

ସକାଳେ ରାଜା ଭଳି ମଧ୍ୟାନରେ ସାଧାରଣ ଲୋକ ଭଳି ରାତିରେ ଭିକାରୀ ଭଳି ଖାଦ୍ୟ ଗ୍ରହଣ କରିବା । ଖାଦ୍ୟକୁ ଆସନ ଉପରେ ବସି ପୂର୍ବ ବା ଉତ୍ତର ମୁଖା ହୋଇ ଖାଇବା । ଖାଦ୍ୟକୁ ବତିଶ ଥର ଚୋବେଇ ଖାଇଲେ ଭଲ ଜୀର୍ଣ୍ଣ ହୁଏ । ଖାଦ୍ୟ ଖାଇବାର ଚାଳିଶ ମିନିଟ ପୂର୍ବରୁ ଏବଂ ଏକଘଣ୍ଟା ପରେ ପାଣି ପିଇବା ।

ଆମ କୁ ଈଶ୍ୱର ଯେଉଁ କର୍ମ ପ୍ରଦାନ କରିଛନ୍ତି ତାକୁ ଖୁସିରେ କରିବା ନିଜକୁ ଅନ୍ୟ ସହିତ ତୁଳନା ନକରିବା । ସମ୍ଭବ ହେଲେ ତ୍ରି ସନ୍ଧ୍ୟା (ସୂର୍ଯ୍ୟୋଦୟ ମଧ୍ୟାହ୍ନ ସୂର୍ଯ୍ୟାସ୍ତ) ସମୟରେ ଈଶ୍ୱରଙ୍କୁ ସ୍ମରଣ କରିବା ।

ସନ୍ଧ୍ୟାରେ ନିତ୍ୟକର୍ମ ସାରି ଈଶ୍ୱରଙ୍କ ନାମ ସ୍ମରଣ କରି ପରିବାର ସହିତ କିଛି ସମୟ ବିତାଇବା । ରାତି ଆଠଟା ପୂର୍ବରୁ ନଚେତ ନଅଟା ପୂର୍ବରୁ ରାତ୍ର ଭୋଜନ ସାରି ସୋଇ ପଡିବା।

ଶୋଇବା ପୂର୍ବରୁ ଦିନଯାକର କର୍ମକୁ ସ୍ମରଣ କରି କଣ ଭୁଲ୍ କଲେ ବାଛିବା ଆଗକୁ ସେ ଭୁଲ୍ ନକରିବାକୁ ସତର୍କ ରହିବା ଉଚିତ୍ । ଆଗାମୀ ଦିନର କାର୍ଯ୍ୟକ୍ରମ କୁ ଟିପି ରଖିବା । ଈଶ୍ୱରଙ୍କୁ ପ୍ରାର୍ଥନା କରି ସୋଇ ପଡିବା ।

ଶୈଶବରେ ଅଝଟ ନହେଲେ କୈଶୋରରେ ପାଠ ନଛାଡିଲେ ଯୌବନରେ ପ୍ରେମରେ ନପଡ଼ି କର୍ମକୁ ନଡ଼ରି ଆଗକୁ ଯାଇ ଜରା ଅବସ୍ଥାରେ ନିଜ ଜୀବନାନୁଭୂତିର ଶିକ୍ଷାକୁ ସମସ୍ତଙ୍କୁ ବାଣ୍ଟି ପାରିଲେ ଜୀବନ ସୁଖ ମୟ ହୋଇଥାଏ ।

ଶିକ୍ଷା ଗ୍ରହଣ କରିବା ସମସ୍ତଙ୍କୁ ସନମାନ ଦେବା । କେବେ କାହାରିକୁ ଥଟା ପରିହାସ କରିବା ନାହିଁ । କର୍ମରେ ନିଜକୁ ନିୟୋଜିତ କରି ନିଜ କର୍ମରୁ ଆନନ୍ଦିତ ହେବା ।

ପିତା, ମାତା, ଭ୍ରାତା, ଭଗ୍ନୀ, ଜାୟା, କନ୍ୟା, ପୁତ୍ର, ପୁତ୍ରୀ, ପଡୋଶୀ ଏବଂ ବାନ୍ଧବ ବାନ୍ଧବି ମାନଙ୍କ ପ୍ରତି ଆମର ଉପଯୁକ୍ତ କର୍ତ୍ତବ୍ୟ ସମ୍ପାଦନ କରିବାହିଁ ମଣିଷର ଶ୍ରେଷ୍ଠତ୍ୱର ପରିଚୟ ।

କର୍ମ କଲେ ଟଙ୍କା ଆସେ ଟଙ୍କାରୁ ଖାଦ୍ୟ, ପାନୀୟ, ବସ୍ତ୍ର, ବାସଗୃହ ପରି ଅନେକ ଆବଶ୍ୟକତା ପୂରଣ ହୋଇଥାଏ । କର୍ମରୁ ସମାଜରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇଥାଏ । ସତ୍ ଅର୍ଥ ଆସିବା ଭଳି କର୍ମ କରିବା ସହିତ ସତ୍ ବିଚାର ବ୍ୟବହାର ଆସିଲା ଭଳି କାର୍ଯ୍ୟ କରିବା ଉଚିତ ।

ଜୀବନ କାଳ ଭିତରେ ବର୍ଷକେ ନିଜ ସାଧ୍ୟ ମତେ କିଛି ଥର ଅନ୍ନ ଦାନ ଜଳ ଦାନ ବସ୍ତ୍ର ଦାନ କରିବା କିଛି ବୃକ୍ଷ ରୋପଣ କରିବା ।

ଏଗାର ଟି ଇନ୍ଦ୍ରିୟକୁ ଦମନ କରି ଷଢ଼ ରିପୁରୁ ନିଜକୁ ମୁକ୍ତ ରଖିପାରିଲେ ଜୀବନ ସାର୍ଥକ ହୁଏ । ନିଜ ଆୟରୁ ପାଞ୍ଚ ଭାଗ ଦାନ କରିବା ଏବଂ କୋଡିଏ ଭାଗ ଭବିଷ୍ୟତ ପାଇଁ ସଞ୍ଚୟ କରିବା। ଆଉ ପଞ୍ଚସ୍ତରୀ ଭାଗରେ ନିଜର ନିଜ ପରିବାରର ଆବଶ୍ୟକତା ପୁରଣ କରିବା।

ପ୍ରତ୍ୟେକ ଦିନ ଜତକିଞ୍ଚିତ ଖାଦ୍ୟ ପଶୁପକ୍ଷୀ ମାନଙ୍କୁ ଖାଇବାକୁ ଦେବା । ମାସକେ ଥରେ ନଈ କିମ୍ବା ପାହାଡ଼ ଝରଣା ଜଙ୍ଗଲ ନିକଟକୁ ଭ୍ରମଣରେ ଯିବା। ଜୀବନରେ ଯେ କୌଣସି ସଂଗୀତ ଶିକ୍ଷା କରି ସନ୍ଧ୍ୟାରେ ପାଞ୍ଚ ମିନିଟ ହେଉ ପଛେ ଅଭ୍ୟାସ କରିବା । କୁସଙ୍ଗ କୁକର୍ମ ପରନିନ୍ଦା ପରଚର୍ଚ୍ଚାରୁ ଦୁରେଇ ରହିବା । ଜୀବନର ପ୍ରତି ସେକେଣ୍ଡ ମୂଲ୍ୟବାନ ସମୟକୁ କର୍ମରେ ବିଭୂ ସେବାରେ ଅନ୍ୟର ଉପକାରରେ ସମାଜ ସେବାରେ ଲଗାଇ ପାରିଲେ ଏ ଜୀବନ ଧନ୍ୟ ହେବ ।

କବିର ଘର
କୁଣ୍ଡିଲେ କେରଙ୍ଗ ଖୋର୍ଦ୍ଧା

# ଆସ ଗଢ଼ିବା ସୁନ୍ଦର ପୃଥିବୀ



ଅମରନାଥ ବାରିକ

ଆସ କରିଦେବା ସବୁଜ ବନାନୀ
ମିଳମିଶି ଜଗତକୁ
ଅମ୍ଳଜାନ ହେବ ଭରପୁର ଭାବେ
ନିରୋଗରେ ରହିବାକୁ ।

କରିଲେ ରୋପଣ ବୃକ୍ଷ ଗୋଟି ଗୋଟି
ବାଡ଼ି ବଗିଚାରେ କ୍ରମେ
ହୋଇବ ବରଷା ଉଚିତ ସମୟେ
ଉପକୃତ ହେବା ଆମେ ।

ସବୁଜ ବନାନୀ ପାଟ ଶାଢ଼ୀ କରି
ପିନ୍ଧେଇଲେ ବସୁଧାକୁ
ଦେବ ତା ପରଶ ନିର୍ମଳ ପବନ
ସୁସ୍ଥ ପୁଣି ରହିବାକୁ ।

ଖାଇବାକୁ ଦେବ ମିଠା ମିଠା ଫଳ
ପିଇବାକୁ ଦେବ ଜଳ
ବଞ୍ଚିବାକୁ ଦେବ ସୁନ୍ଦର ପୃଥିବୀ
ସବୁଜ ଗାଲିଚା ତଳ ।

ସବୁଜ ବନାନୀ ଗୁଦର ବିଛେଇ
ମହୀକୁ କଲେ ସୁନ୍ଦର
ଆସୁଥିବା ପିଢ଼ି ସରସ କରିବ
ପ୍ରଦୂଷଣ ହେବ ଦୂର ।

ଆସ ପ୍ରତିଦିନ ଗୋଟିଏ ଲେଖାଏଁ
ଲଗେଇବା ଆମେ ବୃକ୍ଷ
ମହାପ୍ରଭୁଙ୍କର ରଥଯାତ୍ରା ପାଇଁ
ଚକରେ ଲାଗିବ ଅଖ ।

କାଟିବାନ କେବେ ତରୁଲତା ବଣ
ପ୍ରାକୃତିକ ସୌନ୍ଦର୍ଯ୍ୟର
କରିବା ଶପଥ ସଜାଇବା ପାଇଁ
ଲଗାଇ ଗୁଚ୍ଛ ବୃକ୍ଷର ।

ପାରିବାନ ଯଦି ଲଗାଇ ଗଛଟେ
କାଟିବା କାହିଁକ ପୁଣି
କ୍ଷେତ ପାଇଁ ଆଉ ଖୋଜିବା କାହିଁକ
ଟୋପାଏ ବରଷା ପାଣି ।

କରିଲେ କରମ ମିଳବଟି ଫଳ
ଏ କଥା ରଖିବା ମନେ
ପରିବେଶ ପାଇଁ ଗଢ଼ିବା ଜଙ୍ଗଲ
ହସିବ ଧରଣୀ ଦିନେ ।

ପଢ଼ିଥିଲେ ପର୍ ପିଲାଟି ଦିନରୁ
"ରହ ଆରେ କାଠୁରୀଆ"

ସେ କଥାକୁ ପୁଣି ମନରୁ ପାସୋରି
ଭୁଲିଯିବା ଆଜି କଆଁ ।

ଗଢ଼ିବା କୋମଳ ସବୁଜ ବନାନୀ
ପରିବେଶ ପାଇଁ ସୃଷ୍ଟି
କ୍ଷେତ ପାଇଁ ଜଳ ଋତୁ ପାଇଁ କାଳ
ନର୍ଦ୍ଧାରଣ ହେଉ ବୃଷ୍ଟି ।

ଗ୍ଳଲିଯିବେ ଛାଡ଼ି ରୋଗ ମହାମାରୀ
ଅଗଣିତ ହେଲେ ବୃକ୍ଷ
ଜୀବନ ହୋଇବ ଅମୃତ ସମାନ
ବଢ଼ାଇଲେ ପ୍ରାଣେ ଦକ୍ଷ ।

ଯାଜପୁର, ମଙ୍ଗଳପୁର, କୟାଁ

# ଇନ୍ଦ୍ରଧନୁ



ବବୁଲି ତ୍ରୀପାଠୀ

ତୁ ତ ସାତରଙ୍ଗୀ ଇନ୍ଦ୍ରଧନୁ
ସାତୋଟି ରଙ୍ଗ ରେ ଗଢା ତୋ ତନୁ
ତୋ ରୂପ ସୁନ୍ଦର କେଡେ ମନୋହର
ପାସୋରି ପାରେନା ମନୁ ।
ତୁ ତ ସାତରଙ୍ଗୀ ଇନ୍ଦ୍ରଧନୁ.......
ବରଷା ର ବାରିଧାର୍, ତା ଉପରେ ପଡଇ ଖର୍,
ଇନ୍ଦ୍ରଦେବ ଧନୁ ଦିଶୁଅଛି ଆଜି ପୂର୍ବ ଆକାହରେ ପର୍ ।
ବାଇଗଣୀ, ଘନ ନୀଳ...ହଳଦିଆ, ଲାଲ, ସବୁଜ
ନାରଙ୍ଗୀ ସହିତ ନୀଳ ରଙ୍ଗ ମିଶି
ଆକାଶେ ବୁଣିଛି ମୁରୁଜ.....
ଶୂନ୍ୟ ଆକାଶେ କେଡେ ସୁନ୍ଦର ଢାଂକ ଦେଇଛି ତୋରଣ
ସାତ ରଂଗ ରେ ଝଟିକ ଉଠୁଛି ତୋର ସେ ଅପୂର୍ବ କରଣ ।
ଯେଉଁ ଦିଗରେ ସୂରୁଜ ଥାଏ
ତା ବିପରୀତ ଦିଗେ ତୋ ଦେଖା.....
ଅର୍ଧ ବୃତ୍ତାକାର ବଳୟ  ପରି ଦିଶଇ ବିଶାଳ ରେଖା ।
କେଇ କ୍ଷଣ ପାଇଁ ତୋ ଦେଖା.....
ମୁହୂର୍ତ୍ତକ ମଧ୍ୟେ ଲିଭିଯାଏ ପୁଣି ସାତରଙ୍ଗୀ ର ରେଖା ।

ସତଲମା, ବରଗଡ

# ଭଗବାନ ଶ୍ରୀକୃଷ୍ଣ କପରି "ବିଠଲ" ରୂପରେ ପୂଜା ପାଇଲେ



ନରେନ୍ଦ୍ର ପ୍ରସାଦ ବେହେରା

ସନ୍ଥ ପୁଣ୍ଡଲିକ ମାତା-ପିତାଙ୍କ ପରମଭକ୍ତ ଥିଲେ । ଦିନେ ସେ ନିଜ ମାତା-ପିତାଙ୍କ ସେବା କରୁଥିଲେ । ଏହି ସମୟରେ ଭଗବାନ ଶ୍ରୀକୃଷ୍ଣ ପତ୍ନୀ ରୁକ୍ମିଣୀଙ୍କ ସହିତ ସେଠାରେ ପ୍ରକଟ ହେଲେ । ପୁଣ୍ଡଲିକ ମାତା-ପିତାଙ୍କ ସେବାରେ ଏତେମାତ୍ରାରେ ଲିପ୍ତ ରହିଥିଲେ ଯେ ଇଷ୍ଟ ଦେବଙ୍କ ପ୍ରତି ତାଙ୍କର ଧ୍ୟାନ ନଥିଲା । ପୁଣ୍ଡଲିକ ଆମେ ତୁମର ଆତିଥ୍ୟ ଗ୍ରହଣ କରିବା ଲାଗି ଆସିଛୁ, କେହି ଜଣେ କହୁଥିବା ଶୁଣିପାରି ପୁଣ୍ଡଲିକ ସେ ଆଡକୁ ଚାହିଁଲେ । ଦେଖିଲେ ତାଙ୍କର ଇଷ୍ଟଦେବ ଭଗବାନ ଶ୍ରୀକୃଷ୍ଣ ଛିଡା ହୋଇଛନ୍ତି । ଭଗବାନଙ୍କୁ ଦେଖି ପୁଣ୍ଡଲିକ କହିଲେ, ବର୍ତ୍ତମାନ ମୋର ପିତା ଶୋଇବାକୁ ଯାଉଛନ୍ତି, ତେଣୁ ମୁଁ ତାଙ୍କର ପାଦ ସେବା କରୁଛି । ଏହା କହି ପୁଣ୍ଡଲିକ ଏକ ଇଟା ଶ୍ରୀକୃଷ୍ଣଙ୍କ ଆଡକୁ ଫିଙ୍ଗିଲେ ଏବଂ ତାଙ୍କୁ ସେହି ଇଟା ଉପରେ ଛିଡା ହେବା ଲାଗି କହିଲେ । ଏହାପରେ ପୁଣି ଥରେ ସେ ପିତାଙ୍କ ସେବାରେ ଲାଗି ରହିଲେ । ପୁଣ୍ଡଲିକଙ୍କ ଏଭଳି ସେବା ଏବଂ ଶୁଦ୍ଧଭାବ ଦେଖି ଭଗବାନ ଅତ୍ୟନ୍ତ ପ୍ରସନ୍ନ ହେଲେ । କିଛି ସମୟ ପର୍ଯ୍ୟନ୍ତ ଅଣ୍ଟାରେ ହାତ ଦେଇ ଶ୍ରୀକୃଷ୍ଣ ସେହି ଇଟା ଉପରେ ଛିଡା ହୋଇ ରହିଲେ । ଟିକିଏ ପରେ ପୁଣ୍ଡଲିକ ପୁଣି ଭଗବାନଙ୍କ ଆଡକୁ ଚାହିଁ ତାଙ୍କୁ ଅନୁରୋଧ କଲେ, ପ୍ରଭୁ ! ଆଉ ଟିକିଏ ଅପେକ୍ଷା କରନ୍ତୁ, ମୁଁ ମୋ ମା' ଙ୍କ ସେବା ସାରିଦିଏ। ଭଗବାନ ଭକ୍ତର ଏପରି ସେବା ଏବଂ ସମର୍ପଣ ଭାବ ଦେଖି ଅତ୍ୟନ୍ତ ପ୍ରସନ୍ନ

ହେଲେ । ତେଣୁ ପୁଣ୍ଡଲିକ ଘର ତାଙ୍କୁ ଭାରି ଭଲ ଲାଗିଲା । ପୁଣ୍ଡଲିକ ଏବଂ ତାଙ୍କର ମାତା-ପିତା ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ଏବଂ ଦେବୀ ରୁକ୍ମିଣୀଙ୍କୁ ସାକ୍ଷାତ ଦର୍ଶନ କଲେ । ଇଟା ଉପରେ ଛିଡା ହୋଇ ରହିବା କାରଣରୁ ସେହି ସ୍ଥାନରେ ଭଗବାନ ଶ୍ରୀକୃଷ୍ଣ 'ବିଠଲ' ରୂପରେ ପୂଜା ପାଇଲେ । ପୁଣ୍ଡଲିକ ଭକ୍ତିର ଅନନ୍ୟ ସ୍ମୃତି ବହନ କରୁଥିବା ସେହି ସ୍ଥାନ ପ୍ରଥମେ ପୁଣ୍ଡଲିକପୁର ନାମରେ ପ୍ରସିଦ୍ଧ ଥିଲା । ଏବେ ଏହା ପଣ୍ଡରପୁର ନାମରେ ପ୍ରସିଦ୍ଧ ହୋଇଛି । ଏହି ସ୍ଥାନରେ ହିଁ ଭଗବାନ ବିଠଲ ଏବଂ ରୁକ୍ମିଣୀଙ୍କୁ ପୂଜା କରାଯାଉଛି । ଯାହା ମହାରାଷ୍ଟ୍ର ରାଜ୍ୟରେ ରହିଛି ।

ଆଳଦା, ଖଇରା, ବାଲେଶ୍ୱର

# ଆହେ ମହାବାହୁ



ଲଲ୍‌ଟେନ୍ଦୁ ବାରିକ

ବିଚକ୍ଷ ସୃଷ୍ଟି ର କରତା ଅଟ ହେ
ମହାବାହୁ ଅଟେ ତୁମ ନାମ
ପାପ ପୂଣ୍ୟର ନତି ହିସାବ କରୁଛ
ରତ୍ନ ସିଂହାସନେ ସୁଖେ ବସି
ଲୀଳା ଖେଳା ତୁମେ ସୃଷ୍ଟିରେ କରୁଛ
ଭକତ କୁ ନଥାଏ ଅଛପା
ନାନା ଯନ୍ତ୍ରଣା ରୁ ମୁକତି ପାଇଁ ସେ
ଡାକୁଛି ଦୁଇ ହାତ କୁ ଟେକ
ଦୟାର ସାଗର ଅଟ ଭାବ ଗ୍ରାହୀ
ମନ ପ୍ରାଣ କଥା ତୁମେ ଜାଣ
ଦାନ ଧର୍ମ କର୍ମେ ଭକତ ଜପଇ
ତୁମ ନାମ ଗୁଣ ରାତି ଦିନ
ମିଛ ଏ ସଂସାରେ ତୁମ ନାମ ସତ
ପାପ ପଙ୍କ ରୁ ଉଦ୍ଧାର ଲାଗି
ଜନମ ମରଣ ତୁମେ ହିଁ କରୁଛ
ଦିଅ ସୁଖ ଦୁଃଖ ଭାବ ବାଣ୍ଟି
ଧନୀ କ ଗରିବ ନ ରଖି ବିଗ୍ଭର

ଶୁଣ ସଭିଙ୍କ ର ହୃଦ ଡାକ
ସୃଷ୍ଟି ର ଆଦ୍ୟ ରୁ ଜଗତ ବୋଲାଏ
ଜଗବନ୍ଧୁ ନାମ ଦେଇ
ସଂସାର ସାଗରର ନାବିକ ଅଟ
ସୁ ମଧ୍ୟେ କର ହେ ପାରି
କର୍ମ ମଧ୍ୟେ ଭକତ ନତି ଜପୁଛି
ବୈକୁଣ୍ଠେ ଦିବ୍ୟ ଦର୍ଶନ ଲାଗି

ବାସୁଦେବପୁର, ଭଦ୍ରକ

# ଭାତ, ଏକ ସିଂହାବଲୋକନ

ଦୀନବନ୍ଧୁ ବେଜ

ବିବର୍ତ୍ତନବାଦର ଶଗଡ଼ ଗୁଳାରେ ଅନ୍ନ ଗଣ୍ଡାଏ ପାଇଁ ଜୀବ ଅନେକ ସଂଘର୍ଷ କରିଚାଲିଛି । ଖାଦ୍ୟ ଅଖାଦ୍ୟ ବିଚାର କରୁକରୁ ଅନେକ ପିଢି ପଛରେ ଛାଡ଼ି ଯାଇଛି ଜୀବଜଗତ । ପୁଣି ଏବେ ଖାଦ୍ୟର ରୂପ ବଦଳ ଯାଇଛି, ଯେପରି ବର୍ଗର ପିଜା ମ୍ୟାଗି ଚାଓମିନ ପକୋଡ଼ା ଇତ୍ୟାଦି ଖାଇବା ପାଇଁ ଏବେ ପିଲାମାନେ ଜିଦ କରୁଛନ୍ତି ମାତ୍ର ଅନ୍ନ ସ୍ଥାନ ସ୍ୱତନ୍ତ୍ର । ଦିନକୁ ଥରେ ଭାତ ନ ଖାଇଲେ ଦିନଟି ଓପାସିଆ ଲାଗେ । ଯୁଗେ ଯୁଗେ ଭାତ ଓ ପ୍ରାଣ ଅଙ୍ଗାଅଙ୍ଗି ଭାବରେ ଜଡିତ ରହିଛି ଓ ରହିବ । ଏଣୁ ଭାତହାଣ୍ଡି ଓ ଆମ ପିଣ୍ଡର ସଂପର୍କ ଅଭିନ୍ନ ତଥା ସ୍ୱତନ୍ତ୍ର, ଆସନ୍ତୁ ଓ ପଢ଼ିବା କବିତା ।

### ଭାତ, ଏକ ସିଂହାବଲୋକନ

ଲେଖିବାକୁ ଇଚ୍ଛା ନଥିଲେବି
ଲେଖୁଅଛି ଭାତ କବିତା,
କଏଜାଣେ କାହା କପାଳେ
ସକାଳ ଦର୍ଶନ ସମୟର
ଲେଖା ଅଛନ୍ତୁ ଆରାଧ୍ୟ ସବିତା ।
ଚୁଲିର କାଠମାନ ଜଳେ
ଅନ୍ତରରୁ ଦୁକୁଦୁକୁ ହୋଇ,
କରିବାର ପ୍ରତିଶ୍ରୁତି ମଧ୍ୟେ
ଚୁଲିଝିଙ୍କା ଫାଙ୍କେ ନିଆଁ ଝାସ
ଦେଉଥାଏ ଭୋକକୁ ବଢାଇ ।
ମେଣ୍ଟାଇବାର ଗଭୀର ବିଶ୍ୱାସ
ହାଣ୍ଡିପାଣି ଟକମକ ଫୁଟି,
ଭାବନା ଚଉହଦୀ ଦ୍ୱିଗୁଣିତ
ଥପଥପ ଢାଙ୍କୁଣୀର ବାମ୍ଫ

ବାଖ୍ୟା କରୁଥାଏ ସନ୍ନିହାନ ଦୃଷ୍ଟି।
ଫୁଟାପାଣିର କୌଶଳ ଆରମ୍ଭ
ମଣିଷ ହୁଏ ଚକିତ ଓ ଆଶ୍ଚର୍ଯ୍ୟ,
ହେଉଥାଏ ଗୁଣ୍ଡଳ ନରମ
ଜୀବନ ଜଞ୍ଜାଳ ସହ ଜଡିତ
ଭାତରୁ ଗାଳିଲା ପରି ପେଜ।
ନିଗିଡି ଯାଇଥାଏ ମନରୁ କାମନା
ମଣିଷ ନିର୍ବାଣ ପ୍ରାପ୍ତିର ମହୁରତ,
ସମୁଦ୍ରରେ ନଦୀଜଳ ମିଶିଲାପରି
ଭାତର ସଂପର୍କ ପାଣି ସହିତ
ଲୋକଠୁ ଦୁର୍ଗୁଣ ହୁଏ ରହିତ ।
ପଖାଳ ସେ ଜୀବନ ଦର୍ଶନର
ମନୁଷ୍ୟ ପାକହାଣ୍ଡି ପରି ସଂପର୍କ,
ପିଣ୍ଡରେ ପ୍ରାଣ ସଂଗ୍ଚର ହେଲାପରି
ଭାତ ଅନୁକୋଟି ମଣିଷର ଆତ୍ମା
ବାଣ୍ଟୁଛି ଜୀବନର ଅନୁପମ ମହାର୍ଘ।

ମାଲକାନଗିରି,
ଓଡିଶା, ଭାରତ

# ଛୋଟ ମୋର ନାଆଟି

(ଧାରାବାହିକ)



ପ୍ରଫେସର ଅନତା ପଣ୍ଡା

## (ଘ) ଚଲାପଥର ଅବଧି...ସ୍ରୋତର ଭିନ୍ନ ରୂପ

### ହସ ଉଦାସର ମନଛୁଆଁ ଘଟଣା:

### ଦୁର୍ଭିକ୍ଷ -

୧୮୭୫ ମସିହା ନଅଙ୍କ ଦୁର୍ଭିକ୍ଷ ବିଷୟରେ ମୁଁ ପଦସାର୍ଙ୍କ ଠାରୁ ପ୍ରାଞ୍ଜଳ ଭାବେ ଶୁଣିଥିଲି । ପୁଣି ଥିଲା ଏକ ଭୟଙ୍କରୀ ଦୁର୍ଭିକ୍ଷ, ୧୯୪୩ର ବଙ୍ଗ ଦୁର୍ଭିକ୍ଷ । ଦ୍ୱିତୀୟ ବିଶ୍ୱଯୁଦ୍ଧର ଜଟିଳତା ଯୋଗୁ ଏହା ଘଟିଥିଲା ବୋଲି ଅନେକ ମତ ଦିଅନ୍ତି । ମହାଭାରତ ଅମଳରୁ ଦୁର୍ଭିକ୍ଷ ବିଷୟରେ କିଛି ଲୋକ କଥା ପ୍ରଚଳିତ ହୋଇ ଆସୁଛି । ତାହା ହେଲା ବାଉଁଶ ଗଛର ଫୁଲ । ବାଉଁଶ ଗଛରେ କରତି ଏକ ନିୟମିତ ବିଷୟ ବସ୍ତୁ ହୋଇଥିଲେ ମଧ୍ୟ ଏଇ ଗଛ ଫୁଲ ଦେବା ବିରଳ । କୁହାଯାଏ ବାଉଁଶ ଗଛ ତା' ଜୀବନ କାଳ ମଧ୍ୟରେ ଥରେ ଫୁଲ ୭ରୁ ୧୨୦ ବର୍ଷ ମଧ୍ୟରେ ଦେଇଥାଏ । ସମାଜରେ ଆଜି ମଧ୍ୟ ଏଇ ଅନ୍ଧ ବିଶ୍ୱାସ ରହିଛି ଯେ ବାଉଁଶ ଗଛରେ ଫୁଲ ଆସିଲେ ରୋଡେ଼ଣ୍ଟ (ମୂଷା ଜାତୀୟ) ସଂଖ୍ୟା ବଢ଼ିଥାଏ ଏବଂ ପରେ ପରେ ଦୁର୍ଭିକ୍ଷ ଅବଶ୍ୟାମ୍ଭବୀ । ବାଉଁଶ ଫୁଲ ଏବଂ ମୂଷା ବୃଦ୍ଧିର କୌଣସି ବୈଜ୍ଞାନିକ କାରଣ ଜଡ଼ିତ ନ ଥିଲେ ମଧ୍ୟ ବିଷୟୀ ବଳୀର ଦୃଢ଼ତା ଖୁବ୍ ବେଶୀ ।

ଭାରତର ଉତ୍ତରୀପୂର୍ବ ରାଜ୍ୟରେ (ମିଜୋରାମ୍) ବାଉଁଶ ଗଛ ସଂଖ୍ୟା ବହୁତ ବେଶୀ । ୧୯୫୮ ମସିହାରେ ଏମିତି ଏକ ସମୟ ଆସିଥିଲା, ବହୁ ବାଉଁଶ ଗଛ ମାନଙ୍କରେ ଫୁଲ ଆସିଥିଲା । ମିଜୋମାନେ ଆସାମ ସରକାରଙ୍କୁ ଏ ବିଷୟରେ ସତର୍କ କରାଇଥିଲେ । ମାତ୍ର ଏଥିରେ କୌଣସି ବୈଜ୍ଞାନିକ କାରଣ ନାହିଁ ବୋଲି ସରକାର ଏ ପ୍ରସ୍ତାବ ଉପରେ ଗୁରୁତ୍ୱ ନ

ଦେଇ ରଦ୍ଦ କରି ଦେଇଥିଲେ । ସମୟ କ୍ରମେ ୧୯୬୧ରେ ସେଠାରେ ଦୁର୍ଭିକ୍ଷ ଦେଖା ଯାଇଥିଲା ।

୧୯୫୧ରେ ସ୍ୱାଧୀନ ଭାରତର ପ୍ରଥମ ଜନ ଗଣନା । ଭାରତର ପ୍ରଦେଶ ସଂଖ୍ୟା ଚଉଦ ଏବଂ ୟୁନଅନ ଟେରୀଟୋରୀ ଛଅ । ୨୦୧୧ରେ ଯାହା ବୃଦ୍ଧି ପାଇ ଚଉଦରୁ ଅଣତିରିଶ ଏବଂ ଛଅରୁ ସାତ ହୋଇଥିଲେ ମଧ୍ୟ ଭାରତବାସୀ ମାନଙ୍କ ମନରେ ଏକ ବଦ୍ଧ ଧାରଣା ଓଡ଼ିଶା ଏକ ଗରିବ ପ୍ରଦେଶ । ଆମ ପୂର୍ବ ପୁରୁଷମାନେ ମତ ଦେଉଥିଲେ, ଏଇ ଗରିବୀ ପାଇଁ ଓଡ଼ିଶାର ପରିଦୃଶ୍ୟମାନ ଦୈବୀ ଦୁର୍ଘଟଣା (ନାଚୁରାଲ କାଲାମିଟି) ସଂପୂର୍ଣ୍ଣ ଭାବେ ଦାୟୀ । ଆଜି ମଧ୍ୟ ଏଇ ବିପନ୍ନତା ପାଇଁ ନାଚୁରାଲ୍ କାଲାମିଟିକୁ ଦୋଷୀ ସାବ୍ୟସ୍ତ କରାଯାଉଥାଏ ।

**ବନ୍ୟା –**

୧୯୫୫ ମସିହା ଅଗଷ୍ଟ ମାସ । ଝଡ଼ି ବର୍ଷା ଲାଗି ରହିଛି । ବ୍ରାହ୍ମଣୀ, ବୈତରଣୀ, ଖରସୁଆ, ମହାନଦୀ, କାଠଯୋଡ଼ୀ ପ୍ରଭୃତି ସମସ୍ତ ବଡ଼ ବଡ଼ ନଦୀରେ ବନ୍ୟା ଦେଖାଦେଇଥିଲା । ଆମ ଗାଁକୁ ପାଣି ଆସି ନ ଥିଲା । ମାତ୍ର ବନ୍ଧ ଭାଙ୍ଗିବାରୁ କେତେ କେତେ ଘରଦ୍ୱାର ଅନ୍ୟ ଗାଁରେ ଭାସି ଯାଇଥିଲା । ଗାଁ ଗହଳୀରେ କଥା ପଡ଼ିଥାଏ, "ବିରଜା ଠାକୁରାଣୀ ଯାଜପୁରର ଗାଁ ଗୁଡ଼ିକୁ ସୁରକ୍ଷିତ କରି ରଖିଛନ୍ତି ।" ତଥାପି ମଧ୍ୟ ସମସ୍ତେ ଆତଙ୍କିତ ହୋଇଥାଆନ୍ତି । ରେଡ଼ିଓରେ ଖବର ଦେଉଥିଲା ଗୋଟିଏ ପ୍ରଳୟଙ୍କରୀ ବନ୍ୟା ଆସିବ । ଦଳେଇଘାଇ ଭାଙ୍ଗିବାର ବହୁ ସମ୍ଭାବନା, ମୁଁ କେବେ ବନ୍ୟା ଦେଖି ନ ଥିଲି । ସମସ୍ତଙ୍କ ମୁହଁରୁ ଶୁଣି ଶୁଣି କଳ୍ପନା କରୁଥିଲି । ଖୁବ୍ ଜୋରରେ ପାଣି ମାଡ଼ି ଆସି ଘରର ମାଟି କାନ୍ଥ ଗୁଡ଼ିକୁ ଭାଙ୍ଗିଦେବ । ଗାଇଗୋରୁ ମାନେ ପହଁରି ଚାଲିଯିବେ । ନଡ଼ା ଛାତ ଗୁଡ଼ିକ ଭାସି ଭାସି ଯିବ । ଆମେ ସବୁ ତା' ଉପରେ ବସି ଥିବୁ ।

ଦଳେଇ ଘାଇ ଭାଙ୍ଗିଥିଲା । ବଢ଼ି ପାଣିରେ ତା'ର ଆଖ ପାଖ ଗାଁ ଅଞ୍ଚଳରେ ଖଣ୍ଡପ୍ରଳୟ ସୃଷ୍ଟି କରିଥିଲା । ଝଡ଼ ବାତ୍ୟାରେ ଉପୁଡ଼ି ପଡ଼ିଥିବା ବିଶାଳ ଗଛ ଗୁଡ଼ିକ କେତେକ ସୁଅ ମୁହଁରେ ପଡ଼ି ଜଳର ଗତି ରୋଧିଥିଲେ । ପରେ ପରେ ରେଡ଼ିଓରୁ ଶୁଣିଲୁ ଜଗତସିଂହପୁର ଅଞ୍ଚଳରେ ନାହିଁ ନ ଥିବା କ୍ଷତି ହୋଇଥିଲା, ଲୋକେ ବାସ ଶୂନ୍ୟ । ମୁକ୍ତ ଆକାଶ ତଳର

ବିସ୍ତୃତ ଭୂଇଁ ଏବେ ପାଇଁ ତାଙ୍କର ବାସସ୍ଥଳୀ, ଧନ, ଜୀବନ କେତେ ନାଶ ହୋଇଥିଲା ତା'ର କଳନା ନାହିଁ । ସରକାର ତରଫରୁ ବହୁ ରିଲିଫ କେନ୍ଦ୍ର ମାନ ଖୋଲା ଯାଇଥିଲା । ସନ୍ଧ୍ୟାଦୀପ ସିଂହାସନ ଉପରେ ରଖି ମନାସୁ ଥିଲି, "ଏ ବାସହୀନ ପାଇଁ ଶୀଘ୍ର କିଛି ବ୍ୟବସ୍ଥା କରିଦିଅ ପ୍ରଭୁ ।" ସେଦିନ ପୁରାଣ ପଢ଼ା ଆରମ୍ଭ ପୂର୍ବରୁ ବାପାଙ୍କୁ ପଚାରିଲି, ସରକାର ଗୋଟାଏ ବହୁତ ବଡ଼ ଡ୍ୟାମ୍ ତିଆରି କରିଛନ୍ତି ବୋଲି ଖବର କାଗଜରୁ ପଢ଼ିଥିଲି। ସେଇଟା କ'ଣ ଏ ବଢ଼ିପାଣି ପାଇଁ ଯଥେଷ୍ଟ ନୁହେଁ?

କୋଉ ଡାମ୍ କଥା କହୁଛୁ? ହୀରାକୁଦ ଡାମ୍ । ତାହା ମହାନଦୀର ତ୍ରିକୋଣ ପାଇଁ ।

ଏସବୁ ବ୍ୟତୀତ ଆହୁରୀ ନଦୀ ମାନ ମଧ୍ୟ ଅଛନ୍ତି । ମୋ' ବଞ୍ଚିଥିବା ଅବସ୍ଥାରେ ଆଉ କିଛି ହୋଇ ପାରିବ କି ନାହିଁ କହି ପାରିବିନି । ମାତ୍ର ତୁମେ ମାନେ ଦେଖିବ, ସରକାର ଆମ ଓଡ଼ିଶାକୁ ନିଶ୍ଚିନ୍ତ ଭାବେ ବନ୍ୟା ମୁକ୍ତ କରାଇବେ । ଟିକଏ ଖୁସି ହେଲି । ବନ୍ୟା ଦୁର୍ଭିକ୍ଷ ପ୍ରଭୃତି ବନ୍ଦ ହୋଇଗଲେ ଆମ ଓଡିଶାର ନାମ ଗରୀବ ରାଜ୍ୟ (ପ୍ରଦେଶ) ତାଲିକାରେ ରହିବନି ।

୧୯୫୬ର ଆଉ ଗୋଟିଏ ଦର୍ଦ୍ଦ ଭରା ଘଟଣା । ବାପା ଘରକୁ ବହୁ ଗୁଡ଼ିଏ ଖବର କାଗଜ ମଗାନ୍ତି । ତାଙ୍କ ଆଦେଶ କ୍ରମେ ଏ ଗୁଡ଼ିକ ଆମୂଳ ଚୂଳ ପଢ଼ିବାକୁ ହୁଏ (ବୁଝ କି ନବୁଝ) ସେଦିନ ଖବର କଗାଜର ପ୍ରଥମ ପୃଷ୍ଠାରେ ବଡ଼ ବଡ଼ ଅକ୍ଷରରେ ଲେଖାଥିଲା, "ସୀମା ଆନ୍ଦୋଳନ", ଏ ସୀମା ଆନ୍ଦୋଳନ କ'ଣ ହୋଇପାରେ? ସୀମା ଅର୍ଥାତ୍ ପ୍ରାନ୍ତ ଭାଗ, ଆନ୍ଦୋଳନର ଅର୍ଥ କମ୍ପନ । ପ୍ରାନ୍ତ ଭାଗର କମ୍ପନ । ଭୂମିକମ୍ପ ନୁହେଁ ତ! ପଢ଼ିବା ଆରମ୍ଭ କଲି, ଷଢ଼େଇ କଳା, ଖରସୂଆ ସମସ୍ୟାକୁ ନେଇ ସୀମା ଆନ୍ଦୋଳନ । ଏଇ ଦୁଇଟି ସ୍ଥାନ ଉପରେ ବିହାର ନିଜର ଆଧିପତ୍ୟ ବିସ୍ତାର କରିଥିଲା । ଫଳତଃ ସୀମା ଆନ୍ଦୋଳନର ସୃଷ୍ଟି। ଏଇ ଆନ୍ଦୋଳନ ଓଡ଼ିଶା ନିମନ୍ତେ ପ୍ରଥମ । ତେଣୁ ସହର ତଥା ଗ୍ରାମ ମାନଙ୍କରେ ଚାଞ୍ଚଲ୍ୟ ଖେଳି ଯାଇଥିଲା । ପୁରୀ ପୋଲିସ ଫାୟାରିଙ୍ଗ ରେ ତିନିଜଣ ନିଧନ । ପୁରୀର ବାଳକ ବେଙ୍ଗ ପାଣିଆ ଏବଂ କଟକର ଯୁବକ ସୁନୀଲ୍ ଦେ ଶହୀଦ୍ । ତେଣୁ ଛାତ୍ର ଆନ୍ଦୋଳନ । କେବଳ ସହର ନୁହେଁ, ପଲ୍ଲୀ ଗାଁ ମାନଙ୍କରେ ମଧ୍ୟ ଛାତ୍ରମାନେ ଶୋଭାଯାତ୍ରାରେ ଆଗେଇଥିଲେ ।

ଓଡ଼ିଶାର ସବୁ ସ୍କୁଲ୍ କଲେଜ ବନ୍ଦ ବିଷୟଟିକୁ ଆମୂଳ ଚୂଳ ପଢ଼ିଲି ସତ, କିନ୍ତୁ କିଛି ଗୋଟାଏ ସଠିକ୍ ଧାରଣା କରି ପାରିଲିନ । ବାପାଙ୍କ ଠାରୁ ଶୁଣିଥିବା "ବାଜି ରାଉତ" ଗପଟି ମନେ ପଡ଼ିଲା । ବାର ବର୍ଷର ବାଳକ ବାଜି ରାଉତ, ତା'ର ସାଥି ହୃଷି, ନଟ, ରଘୁ, ଲକ୍ଷୀ ଏବଂ ଗୁରି ସହ ଦେଶ ପାଇଁ ପ୍ରାଣ ହାରିଥିଲା । ନବକୃଷ୍ଣ ଚଉଧୁରୀ (ବାପାଙ୍କର ଖୁବ୍ ନିକଟତମ) ଏଇ ବିଷୟଟିକୁ ଆଗେଇ ନେଇ 'ବାଜି ରାଉତ'କୁ ଶହୀଦ୍ ଉପାଧିରେ ଆଚ୍ଛାଦିତ କରାଇ ପାରିଥିଲେ । ବାପା କହନ୍ତି, ନବବାବୁ କେବଳ ଜଣେ ବିପ୍ଳବୀ ପୁରୁଷ ନୁହନ୍ତି । ସେ ଜଣେ ସମାଜବାଦୀ ନେତା, କୃଷକ, ପ୍ରଜା ଏବଂ ଭୂଦାନ ଆନ୍ଦୋଳନର ନେତା, ସ୍ୱାଧୀନତା ସଂଗ୍ରାମୀ, ଆଦର୍ଶବାଦୀ ରାଜନୀତିଜ୍ଞ ଏବଂ 'ଭାରତ ଛାଡ଼' ଆନ୍ଦୋଳନର କର୍ମ୍ମୀ, ଅର୍ଥାତ୍ ସେ ଭାରତକୁ ସ୍ୱାଧୀନ କରାଇବାରେ ଗାନ୍ଧୀଜୀଙ୍କୁ ସାହାଯ୍ୟ କରିଛନ୍ତି । ଏତେ ବଡ଼ ଜଣେ ନେତା ବର୍ତ୍ତମାନ ଓଡ଼ିଶାର ମୁଖ୍ୟମନ୍ତ୍ରୀ । ଓଡ଼ିଶା ହିତରେ ନିଶ୍ଚୟ କିଛି କରିବେ ।

୧୯୬୨ ମସିହା, ଏପ୍ରିଲ୍ ମାସ, ମ୍ୟାଟ୍ରିକୁଲେସନ୍ ପରୀକ୍ଷା ରେଜଲ୍ଟ ବାହାରିବା ସମୟରେ ମୁଁ ଆମ ଗାଁରେ ଥିଲି । ବାପାଙ୍କ ଆଦେଶ କ୍ରମେ ଦୁଇଜଣ ଢ଼ୋଲବାଲା ଜୋର ଜୋରରେ ଆମ ଠାକୁର ଘର ପାଖେ ଛିଡ଼ା ହୋଇ ଢ଼ୋଲ ପିଟୁଥିଲେ । ଏଇ ମାଧ୍ୟମରେ ଭଗବାନଙ୍କୁ କୃତଜ୍ଞତା ଜ୍ଞାପନ କିମ୍ବା ପୁରା ଇଲାକାଟିକୁ ମୋ' 'ପାସ୍' ସମ୍ବାଦଟି ଦେବାର ପ୍ରୟାସ କରୁଥିଲେ ତାହା ତାଙ୍କୁ ଜଣା । ପରିସର ମତେ ଠିକ୍ ନ ଲାଗୁଥିଲେ ମଧ୍ୟ ବାପାଙ୍କ ସାମ୍ନାରେ ମୁହଁ ଖୋଲି ପାରୁ ନଥିଲି । ଦେଶର ଦୁର୍ଗତି ଚିନ୍ତା କରି ଭାଙ୍ଗି ପଡୁଥିଲି । ବାପା ଓଡ଼ିଆ ଇଂରାଜୀ ଦୁଇ ଭାଷାର ନିଉଜ୍ ପେପର ମଗାନ୍ତି । ପୋଷ୍ଟ ଅଫିସରୁ ସେଗୁଡ଼ିକ ଆଣି ମୋ' ହାତରେ ଦିଅନ୍ତି । କିଛିଟା ନିଜେ ପଢ଼ନ୍ତି, ସେଦିନ ପେପରରେ ଭାରତ ଚୀନ ର ଯୁଦ୍ଧ ସଂପର୍କରେ ପଢ଼ି ମୁଁ ଅସମ୍ଭବ ଭାବେ ଉଦାସ ହୋଇ ଯାଇଥିଲି । ଛୁଆନାନୀ ବାହା ହୋଇ ଶାଶୁଘରେ । ଛୁଆନା ତାଙ୍କ ଚାକରୀ ଜାଗାରେ । ମନ କଥା କାହାକୁ କହିବି!

ରାତିରେ ନ ଖାଇ ଶୋଇ ପଡ଼ିଲି । କଥାଟା ବାପାଙ୍କ କାନକୁ ଗଲା । ପରଦିନ ମୋ'ଠାରୁ ସେ ମୋ'ର ଉଦାସୀନତାର କାରଣଟି ସଂଗ୍ରହ କରି ପାରିଥିଲେ । ଭାରତ ସୈନିକ ମାନେ ଥାଗ୍ ଲା ରିଜ୍ ର ଦକ୍ଷିଣ ଗଡ଼ାଣୀ 'ଧୋଲା'ଠାରେ ଗୋଟିଏ 'ଆଉଟ୍ ପୋଷ୍ଟ' ସ୍ଥାପନ କରିଛନ୍ତି । ଅର୍ଥାତ୍ ଯୁଦ୍ଧ ନିଶ୍ଚୟ । ବାପା ୟା' ଉପରେ କିଛି ମନ୍ତବ୍ୟ ନ ଦେଇ କହିଲେ,

"ଷ୍ଟ୍ରଗଲ୍ ଫର୍ ଏକ୍ଜିଷ୍ଟାନ୍ସ" । ତା'ପରେ ସେ ଅନର୍ଗଳ ଭାବେ ଭାଷଣ ଦେଇ ଗ୍ଲିଲେ । ତୁ ତ ସେତେବେଳେ ଜନ୍ମ ବି ହୋଇ ନ ଥିଲୁ । ବହୁ ବର୍ଷ ବ୍ରିଟିଶର ମାନଙ୍କ ଅଧିନରେ ରହି ଆମ ଦେଶ ସେମାନଙ୍କ ବିରୁଦ୍ଧରେ ଆନ୍ଦୋଳନ ଚଳାଇ ଶେଷରେ ୧୯୪୭ ମସିହା ଅଗଷ୍ଟ ୧୪ ତାରିଖ ରାତି ବାରଟାରେ ସେମାନଙ୍କୁ ହଟାଇ ନିଜକୁ ସ୍ୱାଧିନ ଦେଶ ରୂପେ ଘୋଷଣା କଲା । ପରାଧିନର କ୍ଲେଶ ଖୁବ୍ ସହଜରେ ବୁଝି ହୁଏନା । ତେର ବର୍ଷ ଝିଅଟି ମନରେ ଏହା କ'ଣ ପ୍ରଭାବ ପକାଇଥିଲା ମୁଁ କହି ପାରିବିନି, ମାତ୍ର ଆଜି ୭୬ ବର୍ଷ ବୟସରେ ମଧ୍ୟ ମୁଁ କାହାରି ଦୟାରେ ରହିବାକୁ ପସନ୍ଦ କରେ ନା ।

୧୯୬୫ ମସିହା ଅଗଷ୍ଟ ତେର ତାରିଖ । ମୋ' ପାଇଁ ଏକ ଅଭୂଲା ସ୍ମୃତି, ସେଦିନ ଆମର ମେଡ଼ିକାଲ୍ କଲେଜରେ ପ୍ରଥମ କ୍ଲାସ ଆରମ୍ଭ ହେଲା । ମୁଁ ଗାଧେଇ ହଷ୍ଟେଲ୍ ଆଲମାରୀରେ ରଖିଥିବା ଭଗବାନଙ୍କ ପାଖେ ପ୍ରାର୍ଥନା କରିଥିଲି । ହେ ପ୍ରଭୁ, "ପିଲାଦିନେ ମୋ' ସିଲଟ ଉପରେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର, ତିନୋଟି 'O'ଲେଖା ନ ଯାଇଥିଲା ବୋଲି ମୋ' ପଢ଼ାରେ ବହୁ ବ୍ୟାଘାତ ସୃଷ୍ଟି ହୋଇଥିଲା ।

ଆଜି ମୋ'ର ପ୍ରଥମ ଫିଜିଓଲୋଜୀ କ୍ଲାସ୍ । ଫିଜିଓଲୋଜୀ ଅର୍ଥାତ୍ ମଣିଷ ଶରୀର ବିଷୟରେ ଜ୍ଞାନ ଅର୍ଜନ । ତୁମ ସାମ୍ନାରେ ଛିଡ଼ାହୋଇ ସେଇ ଶରୀର ଉପରେ ଥରେ ହାତ ବୁଲାଇ ଦେଉଛି ଆସନ୍ତା ପାଠରେ କିଛି ବି ଅସୁବିଧା ନଆସୁ" କହି ଗ୍ରେଜ୍ ଆନାଟୋମୀ ବହିରେ ଥିବା ଏକ ମଣିଷ ଚିତ୍ର ଉପରେ ହାତ ବୁଲାଇଲି । ଆନାଟୋମୀ ହଲ ରେ ଶବ ବ୍ୟବଚ୍ଛେଦ, ୨୦୬ ମଣିଷର ହାଡ଼ ବିଷୟରେ ଜ୍ଞାନ, ଶରୀର କେମିତି ଭିନ୍ନ ଭିନ୍ନ ଯନ୍ତ୍ର ଦ୍ୱାରା ପରିଚାଳିତ ହୁଏ । ଏଇ ସମସ୍ତ ବିଷୟରେ ଏତେ ଜଡ଼ିତ ହୋଇଯାଇଥିଲି ଯେ ନିଜ ପରି ପାର୍ଶ୍ୱରେ ଦେଶରେ, ଦୁନିଆରେ କ'ଣ ହେଉଛି ସେ ଖବର ରଖିବାକୁ ସମୟ ପାଉ ନଥିଲି । ଶୀତ ଛୁଟିରେ ସାଙ୍ଗମାନେ ନିଜ ନିଜ ଘରକୁ ଯାଇଥିଲେ । ବାସ୍ କେଇ ଜଣକୁ ଛାଡ଼ିଦେଲେ ହଷ୍ଟେଲ୍ ପୁରା ଖାଲି । ରିଡ଼ିଙ୍ଗ୍ ରୁମରେ ବସି ପୁରୁଣା ପେପର ଗୁଡ଼ା ଘାଣ୍ଟୁଥିଲି। ସତ କଥା, ମଣିଷ ପରିସ୍ଥିତିର ଦାସ । ଏତେ ଛୋଟ ବେଳର ଅଭ୍ୟାସ "ଖବର କାଗଜ ପଢ଼ା" ଆଜି ଦୂରେଇ ଯାଇଛି । ପେପରରେ ଗୋଟିଏ ଖବର ଉପରେ ଆଖି ପଡ଼ିଲା । ୟା'ଭିତରେ ଭାରତ ପାକସ୍ଥାନ ଯୁଦ୍ଧ ଶେଷ ହୋଇ ଯାଇଥିଲା । ଛୋଟ ରିପୋର୍ଟ ଟିଏ ଛପିଥିଲା ।

ଭାରତ ୧୯୨୦ ସ୍କୋୟାର୍ କ.ମି. ଟେରିଟୋରୀ ଜିତିବା ସ୍ଥଳେ ପାକସ୍ଥାନ ୫୪୦ । ପାକସ୍ଥାନର ୫୮୦୦ ସୈନିକ ନିଧନ, ଭାରତର ୨୮୬୨ । ଭାରତ ୯୪ଟି ଏବଂ ପାକସ୍ଥାନ ୪୫୦ଟି ଟାଙ୍କ୍ ହରାଇଛି । ହାଜିପିର ପାସ୍ ଯାହା ପାକସ୍ଥାନକୁ ପ୍ରବେଶ କରିବାର ଏକ ମହତ୍ୱପୂର୍ଣ୍ଣ ରାସ୍ତା, ଭାରତ ତାକୁ ନିଜ କବଳରେ କରି ପାରିଛି । ସିଆଲକୋଟ୍ ଅତିକ୍ରମ କରି ଲାହୋର ପର୍ଯ୍ୟନ୍ତ ମଧ୍ୟ ସେନା ପ୍ରବେଶ କରି ପାରିଛନ୍ତି । 'ସିସ୍ ଫାୟାର' ଉପରାନ୍ତେ ଦୁଇଦେଶ ତାସ୍ କେଣ୍ଟରେ ଏକାଠି ହୋଇ ଯୁଦ୍ଧ ବନ୍ଦ କରିବାକୁ ଏକମତ ହୋଇଛନ୍ତି । କାହିଁକି କେଜାଣି ଏସବୁ ପଢ଼ିବା ପରେ ମୋ' ଆଖିରେ ପାଣି ଆସି ଯାଇଥିଲା । ବାପା ଥରେ କହିଥିଲେ "ଷ୍ଟ୍ରଗଲ୍ ଫର୍ ଏକ୍ସିଷ୍ଟାନ୍ସ" ଅର୍ଥାତ୍ ନିଜକୁ ଦୃଢ଼, ପ୍ରତିଷ୍ଠିତ, ସୁସ୍ଥ, ସବଳ ରଖିବା ପାଇଁ ନିରୀହ ମାନଙ୍କର ନିଧନ ।

ହଷ୍ଟେଲ ସୁପରିଟେଣ୍ଡେଣ୍ଟ ପ୍ରଫେସର କୁଳମଣି ମିଶ୍ର ତାଙ୍କ ଟୀମ୍ ମେମ୍ବରମାନଙ୍କସହିତ ହଷ୍ଟେଲରେ ରାଉଣ୍ଡ ନେଉଥିଲେ । ମୋ' ଆଡ଼କୁ ଚାହିଁ ମୋ' ଦୁଃଖର କାରଣ ପଚାରିଲେ । ସାରଙ୍କୁ ଦେଖି ବହୁ ଭୟ ପାଇ ଯାଇଥିଲେ ମଧ୍ୟ ବସିବା ସ୍ଥାନରୁ ଉଠି ପଡ଼ି ମୁହଁ ତଳକୁ କରି କହିଲି "ଝଗଡ଼ା ଝାଣ୍ଟି ନ କରି ମିଳ ମିଶି ରହିଲେ କ'ଣ କ୍ଷତି ହୁଅନ୍ତା!" ସାର୍ ବୋଧେ ୟା' ଭିତରେ ମୋ' ହାତରେ ଥିବା ଖବର କାଗଜର ହେଡ୍ ଲାଇନ୍ ଉପରେ ଆଖି ବୁଲାଇ ନେଇଥିଲେ କିମ୍ବା ନିଜ ଅନୁଭୂତିରୁ କହିଲେ, ତା'ହେଲେ ତ ରାମରାଜ୍ୟ ହୁଅନ୍ତା ।

"ସମସ୍ତ ପରିବେଶ ସହିତ ଆମକୁ ତାଳ ଦେଇ ଚଳିବାକୁ ହେବ ।" କହି ସାର୍ ରୁମରୁ ନିଷ୍କ୍ରାନ୍ତ ହୋଇ ଯାଇଥିଲେ ।

## ଦୁର୍ଗତିର ଦୁଃଖ

### ଭାଗଲପୁର ନୃଶଂସତା -

୧୯୭୯ ମସିହା, ମୁଁ ସେତେବେଳେ ଆ.ପି.ସେଣ୍ଟର ଏମ୍ସ ରେ ସିନିଅର ରେସିଡ଼େନ୍ସୀ କରୁଥାଏ । ସେତେବେଳେ ଆପିସେଣ୍ଟରରେ ତିନିଟି ୟୁନିଟ୍ ଥାଏ । ତିନି ୟୁନିଟରେ ମୁଖ୍ୟ ତିନିଜଣ ପ୍ରଫେସର । ମୁଁ ଦ୍ୱିତୀୟ ୟୁନିଟରେ ଥାଏ । ଗ୍ଲୁକୋମା, ଅପ୍ଥାଲ୍ମୋପ୍ଲାଷ୍ଟି ଏବଂ ଟ୍ରମା ୟୁନିଟ୍ । ପ୍ରଫେସର ଅଗରୱାଲ୍ ସେତେବେଳେ ଆ.ପି.ସେଣ୍ଟରର ମୁଖ୍ୟ ଥିଲେ । ସମସ୍ତ

ୟୁନଟର ରାଉଣ୍ଡ ନଅଟାରେ ଆରମ୍ଭ ହେଉଥିଲେ ମଧ୍ଯ ମୁଖ୍ୟଙ୍କର ଆଠଟାରୁ ଆରମ୍ଭ ହୋଇଥାଏ । ମୋ' ରୁଟିନ୍ ଅନୁଯାୟୀ ମୁଁ ଆଠଟା ପୂର୍ବରୁ ୱାର୍ଡ଼ରେ ପହଞ୍ଚିଥାଏ । ସେତେବେଳକୁ କେହି ବି ଡାକ୍ତର ଏମିତିକ ପୋଷ୍ଟଗ୍ରାଜୁଏଟ୍ ଷ୍ଟୁଡେଣ୍ଟ ମଧ୍ୟ ଆସି ନ ଥାନ୍ତି । ମାତ୍ର ସେଦିନ ଏକ ବିରାଟ ବ୍ୟତିକ୍ରମ ଲକ୍ଷ୍ୟ କଲି । ଡାଃ ଇନ୍ଦ୍ର ଭାଟିଆ ହାତରେ ଗୋଟିଏ କାଗଜ (କୌଣସି ନୋଟିସ୍ ବୋଧହୁଏ) ହାତରେ ଧରି ଯେମିତି କାହାର ଅପେକ୍ଷା କରିଥିଲେ । ଟିକଏ ଡରିଲା ଭଳ ଯାଇ ତାଙ୍କୁ ଅଭିବାଦନ କରି ଧଡ଼୍ କରି ପଚାରିଲି "ସବୁ ଠିକ୍ ତ ସାର୍" ।

ହଁ ବି ନା ମଧ୍ୟ । ଅର୍ଥାତ୍ ମୋ'ର ସବୁ ଠିକ୍ ଅଛି । ମାତ୍ର ଆମ ହସ୍ପିଟାଲ୍ ରୁ ଭାଗଲପୁରରୁ କେତୋଟି ରୋଗୀ ଆସିଛନ୍ତି । ଗତ ରାତିରେ ମୁଁ ସେମାନଙ୍କୁ ମୁଖ୍ୟଙ୍କ ବେଡରେ ଆଡ଼ମିଟ୍ (ଭର୍ତ୍ତୀ) କରି ଦେଇଛି । ରୋଗୀମାନଙ୍କର ଆଖି ଅବସ୍ଥା ସାଂଘାତିକ, ପ୍ରଫେସର ଅଗରୱାଲଙ୍କର ଆଦେଶ ଯେତେଦିନ ସେମାନେ ୱାର୍ଡ଼ରେ ରହିବେ ତୁମେ ସେମାନଙ୍କର ତତ୍ତ୍ୱାବଧାନ କରିବ । ତୁମକୁ ନେଇ ସେଠାରେ ଛାଡ଼ିବାକୁ କହିଛନ୍ତି ।

ୱାର୍ଡ଼ରେ ଖବର ଦେଇଥିଲେ ମୁଁ ଚାଲିଯାଇଥାନ୍ତି । ଏଇଥିପାଇଁ ଆପଣ ଏତେ କଷ୍ଟ କରି ସକାଳୁ ସକାଳୁ ଆସି ଯାଇଛନ୍ତି ।

ନାଁ, ସେମାନେ ସାଧାରଣ ରୋଗୀ ଗୋଷ୍ଠୀର ନୁହନ୍ତି । ସେମାନଙ୍କ ଖବର ବହୁ ସନ୍ତର୍ପଣ ସହ କରାଯିବ । ସେସବୁ ମଧ୍ୟ ତୁମକୁ ବୁଝାଇ ଦେବି । ସେତେବେଳକୁ ଆମେ ଦ୍ୱିତୀୟ ତଳାରେ ପହଞ୍ଚି ଯାଇଥିଲୁ । ମୁଁ ମନେ ମନେ ଭାବୁଥିଲି, ରୋଗୀ ତ ରୋଗୀ । ଭି.ଆଇ.ପି ରୋଗୀଙ୍କର ଉପଚାର କାହିଁକ ନଆର! ଅନ୍ତତଃ ମୋ'ର ଛଅବର୍ଷ ରହଣୀ ମଧ୍ୟରେ ମୁଁ ଏପର୍ଯ୍ୟନ୍ତ ସେମିତି କଛି ବ୍ୟତିକ୍ରମ ଦେଖିନ । ମୋ' ମନକଥା ଜାଣି ପାରିଲା ଭଳ ଡାଃ ଭାଟିଆ କହିଲେ, ଏମାନେ କେହି ବଡ଼ବଡ଼ିଆ ରୋଗୀ ନୁହନ୍ତି, ମାତ୍ର ମେଡ଼ିକୋଲିଗାଲ୍ ।

ଦୁହେଁ ମିଶି ପ୍ରଫେସର ଅଗରୱାଲଙ୍କ ପାଖକୁ ଗଲୁ । ତାଙ୍କ ଦୁଇପାଖରେ ଛଅଜଣ ରୋଗୀ ଆଖି ବନ୍ଦ କରି ବସିଥାନ୍ତି । ଦୁଇ ଆଖିରୁ ପାଣି ବହି ଚାଲିଥାଏ । କେହି କେହି କଷ୍ଟରେ ଆର୍ତ୍ତନାଦ ମଧ୍ୟ କରୁଥାନ୍ତି । ପ୍ରଫେସର ଅଗରୱାଲ୍ ରୋଗୀମାନଙ୍କ ବିଷୟରେ ମତେ

ବୁଝାଇ ଡାଃ ଭାଟିଆଙ୍କୁ ନିଜ ୱାର୍ଡ଼କୁ ଯିବା ପାଇଁ ଆଦେଶ ଦେଲେ । ସମସ୍ତ ରୋଗୀମାନଙ୍କର ଦୁଇଟି ଯାକ ଆଖି ଏସିଡ୍ ବର୍ଷଣରେ ନଷ୍ଟ ହୋଇଯାଇଥିଲା । ଛଅଜଣ ଯାକ ଭାଗଲପୁର ଜେଲ୍ ର ବନ୍ଦୀ । ପୋଲିସ୍ ସେମାନଙ୍କ ଆଖିରେ ଏସିଡ୍ ଢାଳିଥିଲେ । ଦୁଃଖ ଏବଂ କ୍ରୋଧରେ କମ୍ପି ଉଠିଲି । ଯେଉଁ ମଣିଷ ଜାଣି ଶୁଣି ଅନ୍ୟକୁ ଏତେଟା କଷ୍ଟ ଦେଇପାରେ ସେମାନେ କ'ଣ ମଣିଷ । ପଶୁଠାରୁ ବି ହୀନ । ପାଖରୁ ଜଣେ କିଏ ମୋ' କାନରେ କହିଲା, କୁଲ୍ ଡାଉନ୍, ସେମାନେ ମଧ୍ୟ କ୍ରିମିନାଲ୍ ।

"ଏଇ ଛଅ ବର୍ଷ ମଧ୍ୟରେ ମୁଁ ଦେଖିଛି ତୁମେ ଟ୍ରମା କେଶ୍ ମାନଙ୍କର ଖୁବ୍ ଭଲ ଯତ୍ନ ନେଇପାର, ତେଣୁ ତୁମ ଉପରେ ଏ ଭାର ନ୍ୟସ୍ତ କଲି । ଆଇ ୱାଣ୍ଟ ଡ଼େଲି ରିପୋର୍ଟ ।" କହି ପ୍ରଫେସର ଅଗରୱାଲ୍ ଉଠିଗଲେ ।

ଏଇ ରୋଗୀ ମାନଙ୍କର ନାମ ଇତିହାସରେ ରହିଗଲା । ୧୯୭୯-୮୦ ମସିହାରେ ଟ୍ରାୟାଲ୍ ପାଇଁ ଯାଉଥିବା ଯେଉଁ ୩୧ ଜଣଙ୍କ ଆଖିରେ ପୋଲିସ୍ ଏସିଡ୍ ଢାଳି ଅନ୍ଧ କରି ଦେଇଥିଲେ ତାହା "ଭାଗଲପୁର ବାଇଣ୍ଡିଙ୍ଗ" ନାମରେ ପ୍ରଖ୍ୟାତ ହୋଇଥିଲା । ଏଇ ଘଟଣା ଉପରେ ବହୁ ଆଲୋଚନା ହୋଇଥିଲା । ବହୁ ହ୍ୟୁମାନ ରାଇଟ୍ ଅରଗାନାଇଜେସନ୍ ମାନେ ଏହା ବିରୁଦ୍ଧରେ ସମାଲୋଚନା ମଧ୍ୟ କରିଥିଲେ । ଶେଷରେ ପ୍ରଥମ ଥର ପାଇଁ ସୁପ୍ରିମ କୋର୍ଟ ହ୍ୟୁମାନ୍ ରାଇଟ୍ ଉଲଘଂନ କରିବା ଅପରାଧରେ କ୍ଷତିପୂରଣ ଦାବୀ କରିଥିଲା ।

## ଦୁର୍ଘଟଣା –ଭୋପାଳ ଗ୍ୟାସ୍

୧୯୮୪ ମସିହା ଡିସେମ୍ବର ଦୁଇ ତାରିଖ । ସହରରେ ଶୀତର ପ୍ରକୋପ । ତେଣୁ ବାହାରକୁ ନ ଯାଇ ନିଜ ନିଜ ଘରେ ଗରମ ଗରମ ଖାଇବା ଖାଇ ବାସିନ୍ଦା ମାନେ ଶାନ୍ତିରେ ନିଦ୍ରା ଯାଇଥିଲେ । ସୁଖ ନିଦ୍ରା ଭାଙ୍ଗି ଯାଇଥିଲା । ଅଧରାତିରେ ସମସ୍ତ ଘର ମାନଙ୍କରୁ ଆର୍ତ୍ତନାଦ। କାହାର ଆଖିରେ ଭୀଷଣ ଯନ୍ତ୍ରଣା ତ କିଏ ବାନ୍ତି କରି ଗାଲିଥିଲା । ବହୁ ଜଣ କାଶି କାଶି ସଫୋକେସନ୍ ର ସୂଚନା ଦେଉଥିଲେ । ସଂପୂର୍ଣ୍ଣ ସହରଟି ଜାଗି ଉଠିଥିଲା । ଖବର ବ୍ୟାପୀ ଯାଇଥିଲା । କେଉଁ ଏକ ମିଥାଇଲ୍ ଆଇସୋ ସାଇନେଟ୍ ଗ୍ୟାସ୍ ଟ୍ୟାଙ୍କ ରୁ ଗ୍ୟାସ୍ ଲିକ୍ ହୋଇଥିଲା । ସଫୋକେସନ୍ ଦ୍ୱାରା କେତେ ଯେ ମୃତ୍ୟୁ ସଂଗେ ସଂଗେ ଘଟିଥିଲା କହିବା ଅସମ୍ଭବ । ମାତ୍ର ସରକାରୀ ସୂତ୍ରରୁ ଜଣାଯାଇଥିଲା ଯେ ପ୍ରାୟ ୮୦୦୦ ଜଣଙ୍କ

ବ୍ୟବହାର ହୋଇଥିଲା । ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇ ୧୦ରୁ ପନ୍ଦର ହଜାର ହୋଇ ଯାଇଥିଲା। ଏମସ୍ କୁ ଖବର ଆସିଥିଲା । ବହୁଜଣ ଏକ୍ସପର୍ଟ ଯାଇଥିଲେ । ଗ୍ୟାସ୍ ହିଁ ମୃତ୍ୟୁର କାରଣ ବୋଲି ପୋଷ୍ଟ ମର୍ଟମ୍ ରିପୋର୍ଟରୁ ଜଣା ପଡ଼ିଥିଲା । ଧୀରେ ଧୀରେ ସମସ୍ୟାର ଗତି ହ୍ରାସ୍ ପାଇଥିଲେ ମଧ୍ୟ ଭୋପାଳକୁ "ଗ୍ଲୋବାଲ୍ ଟକ୍ସିକ୍ ସ୍ପଟ" ଏମିତିକି "ହିରୋସିମା ଅଫ୍ କେମିକାଲ୍ ଡିଜାଷ୍ଟର" ଆଖ୍ୟା ଦିଆଯାଇଥିଲା ।

ଘଟଣାର ଶହେଦିନ ପର୍ଯ୍ୟନ୍ତ ହୋଇଥିବା ମେଡ଼ିକାଲ୍ ସର୍ଭେରୁ ଜ୍ଞାତ ହେଲା ଯେ ପ୍ରାୟ ୨୫୦,୦୦୦ ଗ୍ୟାସ୍ ଆକ୍ରାନ୍ତ ହୋଇଥିବା ଲୋକମାନଙ୍କ ଭିତରୁ ଷାଠିଏ ହଜାରରୁ ଉର୍ଦ୍ଧ ଶାରୀରିକ ଅସାମର୍ଥ୍ୟତାର ଶୀକାର ହୋଇଥିଲେ । କ୍ରମେ କ୍ରମେ ମୃତ୍ୟୁ ସଂଖ୍ୟା ବନ୍ଦ ହୋଇଯାଇଥିଲା । ମାତ୍ର ଯେଉଁମାନେ ବଞ୍ଚି ଯାଇଥିଲେ ସେମାନେ ଜୀବନବ୍ୟାପୀ ଅନ୍ଧତ୍ୱ, ଆଜ୍ମାଟିକ୍, ମସ୍ତିଷ୍କ ରୋଗ ଏବଂ ଅନ୍ୟାନ୍ୟ ଶ୍ୱାସନଳୀ ରୋଗଦ୍ୱାର୍ ଆକ୍ରାନ୍ତ ହୋଇଥିଲେ । ଏତଦବ୍ୟତୀତ ବହୁ ଅନ୍ତସତ୍ୱାଙ୍କର ଗର୍ଭ ନଷ୍ଟ ହୋଇଯାଇଥିଲା । ଆହୁରି ମଧ୍ୟ ଜନ୍ମଗ୍ରହଣ କରିଥିବା ବହୁ ଶୀଶୁ ଚରଦିନ ପାଇଁ ସମାଜ ଉପରେ ବୋଝ ହୋଇ ରହିଲେ ।

କ୍ରମଶଃ.....

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

# ଭାଗବତ ଅମୃତ ଧାରା



ବିଜୟ କୁମାର ସାହୁ

## ଚତୁର୍ଥ ସ୍କନ୍ଧ

ଦେଖ ଅଭାଗ୍ୟ କର୍ମ ମୋର । ତପେ ତୋଷିଲି ଚକ୍ରଧର ॥
ଜନନୀ ସପତ୍ନୀର ଛଳେ । ମୋକ୍ଷ ନ ମାଗି ବିଷ୍ଣୁ ତୁଲେ ॥
ଲଭିଲି ଧ୍ରୁବ ଅଧିକାର । ଦେଖ ଅଭାଗ୍ୟ କର୍ମ ମୋର ॥
ବ୍ରାହ୍ମଣେ ଜିହ୍ୱା ଇନ୍ଦ୍ରି ବହ । ହୋଇଣ କର୍ମ ଯିବେ ନାଶ ॥
ବେଦକୁ ବିକ୍ରୟ କରିବେ । ବ୍ରହ୍ମଗ୍ନରୀ ନ୍ୟାୟୀ ହୋଇବେ ॥
ସନ୍ନ୍ୟାସୀମାନେ ଅନ୍ୟାଗ୍ନରୀ । କୁଟୁମ୍ବେ ଘେନ ଗୃହକରି ॥
ଲୋଭେ ବୈଶ୍ୟବୃତ୍ତି କରିବେ । ଭେକ ଧରି ନାମ କହିବେ ॥
ଶୂଦ୍ରମାନେ ତପସ୍ୱୀ ହେବେ । ଦାନ ପ୍ରତିଗ୍ରହ କରିବେ ॥
ସେମାନେ ଉଚ୍ଚସ୍ଥାନେ ଥିବେ । ଧର୍ମାଦି ନ୍ୟାୟ ଯେ ବହିବେ ॥
ସଂସାରେ ବଡ ବୋଲାଇବେ । ସମସ୍ତେ ସେ ବୋଲ ପାଳବେ ॥
ଆପଣା ପିତା ମାତା ମାରି । ସୁଖରେ ଭୁଞ୍ଜିବେ ସେ ଶିରୀ ॥
ପିତାମାତା ବୃଦ୍ଧ ବୋଇଲେ । ତାହାଙ୍କୁ ନ ପୋଷିବେ ଭୋଳେ ॥
ଏ କଳଯୁବେ ଏକାସାର । ଭଜନ ଶୀକୃଷ୍ଣ ପୟର ॥
ଏ ବିନା ଅନ୍ୟ ଗତି ନାହିଁ । ଭଜ ସୁଜନେ ମନଦେଇ ॥
ସତ୍ୟଯୁଗର ଧାନ ଫଳ । ତ୍ରେତାରେ ଯଜ୍ଞାଦି ସକଳ ॥
ଦ୍ୱାପରେ ହରି ପୂଜ ଦାନ । କଳଯିବେ ନାମ କୀର୍ତ୍ତନ ॥

## ଅଷ୍ଟମ ସ୍କନ୍ଧ

ଯେ ହରି ସଂସାର କାରଣ । ତା ପାଦେ ପଶିଲି ଶରଣ ॥
ରଖୁ ନ ରଖୁ ସେ ଜାଣଇ । ତା ବିନା ଅନ୍ୟ ଗତି ନାହିଁ ॥
ମୁଁ ଯାକୁ ଅନୁଗ୍ରହ କରେ । ସର୍ବ ସମ୍ପଦ ବେଗେ ହରେ ॥
ବିଷ୍ଣୁ ମହିମା କେ କହିବ । ଯାହା ନ ଜାଣେ ବ୍ରହ୍ମା ଶିବ ॥
ଭୂମିରେ ରେଣୁ ଅଛି ଯେତେ । ଆକାଶେ ନକ୍ଷତ୍ର ସହିତେ ॥
ମେଘ ବରଷା ଯେତେ ଧାର । ଯେ ବିନ୍ଦୁ ପ୍ରକାଶେ ବିହାର ॥
ଏହା ଗଣିତ ଅତିରେକେ । ଜଗତେ ଅଛନ୍ତୁ ବା ଥୋକେ ॥
ହରି ମହିମା ସଂଖ୍ୟାକାରୀ । ନାହିଁ ସଂସାରେ ଦେହ ଧରି ॥
ସେ ହରି ଚରଣେ ସରୋଜେ । ବ୍ରାହ୍ମଣ ଜଗନ୍ନାଥ ଭଜେ ॥

## ଦଶମ ସ୍କନ୍ଧ

ଦେଖ ମରଣ କାଳ ମୋର । ପ୍ରତ୍ୟେକ୍ଷେ ତେଜିଲି ଆହାର ॥
ହରି ଚରିତ ସୁଧାବାରୀ । ତୋର ବଦନୁ ପାନ କରି ॥
ଜଗତ ସଂହାରିଣୀ କ୍ଷୁଧା । ସେ ମୋତେ ନ କରଇ ବାଧା ॥
ଏହାଙ୍କ ସଙ୍ଗେ ଯାର ଭାବ । ସେ ଘୋର ସଂସାରୁ ତରିବ ॥
ଏ ଦେହ ଅଟଇ କାହାର । ମାତା ପିତା ବା ବନ୍ଧୁଙ୍କର ॥
ଅଥବା ବଳ ଅଛି ଯାର । ତାହାର ଏଥେ ଅଧିକାର ॥
ନଜର ନୁହେଁ ଏହି ଦେହ । ବୁଝିବା ଅଟଇ ସନ୍ଦେହ ॥
ଜନ୍ମ ଅବ୍ୟକ୍ତ ବସ୍ତୁରୁ ହିଁ । ଲୋପ ହୁଅଇ ପୁଣି ତହିଁ ॥
ସୃଷ୍ଟି ପାଳଣ କରୁ ଅନ୍ତ । ତୁ କାଳ ରୂପୀ ଗୋପୀନାଥ ॥
ଭୋ ନାଥ କମଳ ଲୋଚନ । ଅଶେଷ ପାପ ବିମୋଚନ ॥
ତୋହର ଆଦି ଅନ୍ତ ନାହିଁ । ପ୍ରକୃତି ତୋତେ ନ ଜାଣଇ ॥
ଏମନ୍ତ ବୋଲୁ କାହିଁ ପାଇଁ । ତୋ ତହୁଁ ଅନ୍ୟ ଗତି ନାହିଁ ॥
ଆମ୍ଭେ ଛାଡିଲୁ ମୋହ ଫାଶୀ । ତୋହର ପାଦ ତଳେ ଆସି ॥
ତୋହର ଚରଣ ତୁଳସୀ । କବରୀ ଭାରେ ଥିବୁ ଖୋସି ॥

ଇଷ୍ଟ କୁଟୁମ୍ବେ କାର୍ଯ୍ୟ ନାହିଁ । ବଞ୍ଚିବୁ ତୋ ମୁଖ ଅନାଇ ॥
ଯେ ପ୍ରାଣୀ ନିଜ କର୍ମ ଛାଡି । ଅନ୍ୟ ଜୀବିକା କରେ ଲୋଡି ॥
ଦୁର୍ଗତି ପଥ ଆବୋରନ୍ତୁ । ଯେସନେ ବିଟପୀ ଯୁବତୀ ॥
ଇନ୍ଦ୍ର ଯେ ତପେ ବଡ ପଣ । ଜଗତ ବିଷ୍ଣୁର ଭିଆଣ ॥ ।
ତୋର ଶରଣ ଅନ୍ୟ ନାହିଁ । ରଖ ଗୋକୁଳ ଭବଗ୍ରାହୀ ॥
ଇନ୍ଦ୍ରର ହୋଇଲୁ ବଇରୀ । ବୁଡିଲା ଗୋପପୁର ଶିରୀ ॥
ସକଳେ ହୋଇଲୁ ନିରାଶ । ଛାଡିଲୁ ଜୀବନର ଆଶ ॥
ଗୋପର ଦେଖିଣ ବିକଳ । ହସି କହନ୍ତି ଆଦିମୂଳ ॥
ଏ ଅପରତୁ ବରଷଣ । ପ୍ରଚଣ୍ଡ ପବନ ପାଷାଣ ॥
ବରଷା ଋତୁ ଏ ନୁହଁଇ । ଇନ୍ଦ୍ର ବରଷେ କୋପବହି ॥
ବାସବ ମୋତେ ନ ଜାଣଇ । ମନୁଷ୍ୟ ପ୍ରାୟ ସେ ମଣଇ ॥
ମୋହର ଜୀବନ ଗୋକୁଳ । ଏହାଙ୍କୁ କରଇ ବିକଳ ।
ଏହାର ଗର୍ବ ଆଜି ନାଶି । ପୁଣି ସ୍ଥାପିବି ମୁଁ ଆଶ୍ୱାସି ॥
ଗର୍ବ ଗଞ୍ଜନ ବାନା ମୋର । ଦୁଷ୍ଟ ଦଳନେ ଅବତାର ॥
ମୋର ସମ୍ପଦ ଗୋପପୁରୀ । ଉହିଁ ଯେ ଗୋପପୁର ଶିରୀ ॥
ହେ ତାତ ମାତ ଗୋପବାଳେ । ବହନ ପଶ ଗିରି ତଳେ ॥
ଗୋରୁ ଗୋପାଳ ଆଦି କରି । ସର୍ବ ସମ୍ପଦ ନରନାରୀ ॥
ସମସ୍ତ ଘେନ ତୁମ୍ଭେ ପଶ । ମନେ ନ କରି କିଛି ତ୍ରାସ ॥
ତୁମ୍ଭେ ଯେ ମୋହର ବିଶ୍ୱାସ । ହସି କହନ୍ତି ପୀତବାସ ॥
ଶୁଣ ପରୀକ୍ଷ ନରନାଥ । । କୃଷ୍ଣ ଚରିତ ଭଗବତ ॥
ଗୋବିନ୍ଦ ବିଗ୍ଭରନ୍ତି ମନେ । ଆଜ ରମିବା ବୃନ୍ଦାବନେ ॥
ଷୋଳ ସହସ୍ର ଗୋପନାରୀ । ମୋତେ ବରିଲେ ତପକରି ॥

ବିଜିଗୋଳ, ଏନ ଟି ପିସି, ଅନୁଗୋଳ

# ଲୁହର ନୁହେଁକି କୋହର ହେଲନ ତୁମେ ତ ବିରଳ ସ୍ମୃତି



ତାର୍‌ପ୍ରସାଦ ଜେନା

ଲୁହର ନୁହେଁକି କୋହର ହେଲନ
ତୁମେ ତ ବିରଳ ସ୍ମୃତି
ଝାପସା ଆଖିରେ ତୁମର ଛାଇଟା
ମାଇଲ ଖୁଣ୍ଟର ଇତି
ଆଗକୁ ନାହିଁକି ପଛକୁ ନାହିଁ ତ
ଆଉ ସେ ଭବର ଗତି
........ଲୁହର ନୁହେଁକି କୋହର ହେଲନ
ତୁମେ ତ ବିରଳ ସ୍ମୃତି ! ୦ !

ହୃଦୟ ଦେଇକି ଭଲ ପାଇବାଟା
ଭୁଲଟେ ହୋଇଲା ବେଶି
ହସର ସହରେ ବିଷର ପବନ
ସହଜେ ଖେଳଲା ଭସି
ନିଜକୁ ସହିବା ପାସଙ୍ଗ ହେଲାନ
ଚଳାଇ ପ୍ରେମର ନୀତି
........ଲୁହର ନୁହେଁକି କୋହର ହେଲନ
ତୁମେ ତ ବିରଳ ସ୍ମୃତି ! ୧ !

ଆଖିରେ ଆଖିକୁ ମିଶାଇ ଦେଖିବା
ଏବେଠୁ ଦେଇଛି ଛାଡ଼ି

ସପନ ଅଳସ ବିଳାସ ହେବାକୁ
ପକେଇ ଦେଇଛି ଗୋଡ଼ି
ନଜଠୁ ନଜେ ମୁଁ ହାରିବା ଶିଖୁଛି
ହାତରେ ଗୁପିକ ଛାଡି
........ଲୁହର ନୁହେଁକି କୋହର ହେଲନ
ତୁମେ ତ ବିରଳ ସ୍ମୃତି ! ୨ !

ସମୟ ଏମିତି ଅଭୁବ ବାଟରେ
ନଜକୁ କରିଛି ଠିଆ
ଆଖିକୁ ଉଠେଇ ଆଉ ବା କାହାକୁ
ଦେଖିବା ହେଉନ ନୂଆ
ଭାଗ୍ୟର ଆକାଶେ କାଳମା ଘୋଟୁଛି
ଉଇଁନ ଚନ୍ଦ୍ରମା ରାତି
........ଲୁହର ନୁହେଁକି କୋହର ହେଲନ
ତୁମେ ତ ବିରଳ ସ୍ମୃତି ! ୩ !

ରଣପୁର (ଗୋଡ଼ିପାଟଣା ସାହି),
ରାଜ ରଣପୁର, ଜିଲ୍ଲା-ନୟାଗଡ଼

# ଗଳପ



ତ୍ରିପତି ପ୍ରଧାନ

ଗ୍ରୀଷିମ ଋତୁର  ପ୍ରଥମ ପ୍ରହର
ରାତି ଖଣିପରେ ଶୋଇ
ଗଳପ ପେଡିକୁ ଫିଟାଇ ଦିଅନ୍ତୁ
ଜେଜେମାଆ  ଥାପଡ଼େଇ (୧)
ସାଧବ ପୁଅର ସାତ ସମୁଦ୍ରର
ତେର ନଈ ପାର କଥା
ରାଜାପୁଅ ଭେଟ ଗାଧୁଆର ତୁଠ
ରାଜ ଜେମା ନତ ମଥା (୨)
ରାମ ରାବଣ କୃଷ୍ଣ ବଳରାମ
ପ୍ରହଲ୍ଲାଦ ଭୀମ ବଳ
ମଣ୍ଡାଖାଆସୁର କର୍ଣ୍ଣ ଅର୍ଜୁନର
ହନୁମାନ ସୂର୍ଯ୍ୟ ଫଳ (୩)
ଜହ୍ନମାମୁଁ ଆମ ଥିଲା ପାଖେ ପାଖେ
ବ୍ରାହ୍ମଣୀ ପହଁରା ମାଡ଼େ
ଭୟରେ ଆକାଶ ଗଲା ଉପରତ
ମାମୁଁ ଗଲା ତାର ସାଥେ (୪)
ଗଉଡ଼ ପିଲାର ମଣ୍ଡା ବୃକ୍ଷବର
ମଣ୍ଡା ଫଳେ ପେନ୍ଥା ପେନ୍ଥା
ଅସୁରୁଣୀ ଆସି ଭାରି ମନ ଖୁସି
ଦେଖା ପାଟି ଅଠା ଅଠା (୫)

ହାତରେ ଗୋଡ଼ରେ ସଙ୍କୁଡ଼ି ଲଗେରେ
ଚୁଟିରେ ଦିଏ ବାନ୍ଧିଣ
ପିଠା ସହ ନଏ ଅଖାରେ ପୁରାଏ
ଝିଅକୁ କୁହେ ରାନ୍ଧେଣ (୬)
ପ୍ରେମରେ ପାଗଳା ଅସୁରୁଣୀ ବାଳା
କୁହେ ମୃତ ଭେଦ କଥା
ଫରୁଆକୁ ଧରି ଭ୍ରମରକୁ ମାରି
କନ୍ୟା ହୁଏ ତାର ବାହା (୭)
ଇଶ୍ୱର ପାର୍ବତୀ ବୁଲି ଅଧରାତି
ଦେଖି ଦୁନଆ କଥାକୁ
ଦୁଃଖିଙ୍କୁ ତାରନ୍ତୁ ଖୁସିକୁ ବାଣ୍ଟନ୍ତୁ
ଦଣ୍ଡନ୍ତୁ ପାପୀ ଦୋଷୀଙ୍କୁ (୮)
ବାଘ, ଭାଲୁ, ହାତୀ ନାନା ପଶୁପକ୍ଷୀ
ପିଆଜ ମରିଚ ବାଣୀ
ଗଛ କୁହା କଥା ଘୁରିଯାଏ ମଥା
ନଦ ଆସେ ନୁହେଁ ଜାଣି (୯)
ଭୁତ ଭୁତୁଣୀର ଶୁଣି ମୁହଁ ମୋର
ତା କୋଳେ ଦିଏ ମୁ ମାଡି
ଗୀତ ଗାଇ ଗାଇ ଦିଏସେ ଶୁଆଇ
ଅଙ୍କେ ଧରିଣ  ଜାବୁଡି (୧୦)

ସଂସ୍କୃତ ଶିକ୍ଷକ, ଚକଟି

# ଚିଠି

ଅଧର ବିଶ୍ୱାଳ

ଖନି ଖୁଡି ହାତରେ ଇଂଲାଣ୍ଡ ଲେଟର କିମ୍ବା ପୋଷ୍ଟକାର୍ଡ ଦେଖିଲେ ମୁଁ ଲୁଚିଯାଏ । ସେ ଆସେ ସୁଦୂର କଲିକତାରେ ଥିବା ଦାଦାଙ୍କ ପାଖକୁ ଚିଠି ଲେଖିବାକୁ । ଖନି ଖୁଡି ମାସରେ ଥରେ ମୋ ପାଖକୁ ଆସିବା ନିଶ୍ଚୟ । ମୁଁ ଲୁଚିଲେ ମଧ୍ୟ, ସେ ଆମ ପିଣ୍ଡାରେ ବସିକି ରୁହେ, ମୋତେ ଅପେକ୍ଷା କରେ । ବୋଉ କହେ ତୁ ଆଉ କାହା ପାଖରୁ ଲେଖେଇ ଦଉନୁ, ସେ କେତେବେଳେ ଆସିବ, ତାକୁ କାହିଁକି ଜଗିଛୁ । ଉତ୍ତରରେ ଖନି ଖୁଡି କହେ କୋଉଟାବା ଏଠି ପାଠ ପଢ଼ିଚି ଚିଠି ଲେଖିପାରିବ । ହଉ ମୁଁ ଯାଉଛି, ପଛରେ ଆସିବି, କହି ଚାଲିଯାଏ । ତା ସରଳ ହୃଦୟରେ ସେ ଜାଣିପାରେନା ଯେ ମୁଁ ତାକୁ ଠକେ ବୋଲି । ମୋ ଉପରେ ତାର ଅଗାଢ଼ ବିଶ୍ୱାସ । ପ୍ରାୟତ ସେ ସନ୍ଧ୍ୟା ସମୟରେ ଆସେ ଚିଠି ଲେଖିବାକୁ । ମୋ ହାତକୁ ଇଂଲାଣ୍ଡ ଲେଟରଟିକୁ ବଢ଼େଇ ଦେଉଦେଉ କହେ ତୁ ମାନ୍ୟ ଧରମ ଦେଉଥା ମୁଁ ଚୁଲିରେ ନୁଁଡା ଦେଇଦେଇ ଆସେ । ସେତବେଳ ସମୟରେ ସମସ୍ତଙ୍କ ଘରେ ଦିଆସିଲି ନଥାଏ । ପଡିଶାଘର ଚୁଲି ଲାଗିଥିଲେ ସେଥିରୁ ନିଆଁଖଣ୍ଡେ ଆଣି କୁଟା କିମ୍ବା ପତ୍ର ମଝିରେ ଥୋଇ ନିଆଁ ଲଗାଯାଏ ତାକୁ ନୁଁଡା କହନ୍ତି ।

ଦଶ ପନ୍ଦର ମିନିଟ ପରେ ଖନି ଖୁଡି ଫେରେ । ବାଟରୁ କହିକହି ଆସୁଥାଏ ତୁ ଆରଥର ଲୁନାର ନମସ୍କାର ଜଣେଇ ନଥିଲୁ, ଏଥର ଠିକ କରି ଲେଖିବୁ । ଲୁନା ହେଉଛି ଖନି ଖୁଡିର ନାତି ମାନେ ତା ଝିଅର ପୁଅ । ତିନିବର୍ଷ ବୟସରୁ ସେ ତା ପାଖରେ ଅଛି। ଏବେ ସେ ପଞ୍ଚମ ଶ୍ରେଣୀରେ ପଢୁଛି । ଖୁଡି ଗପିଚାଲେ, ତୁ ତ ଘରକଥା ସବୁ ଜାଣିଛୁ, ତତେ କଣ ଲୁଚେଇବି, ତୁ କୋଉ ପର କି ତତେ କହିବାକୁ ପଡିବ । ଏବର୍ଷ ଘରଛା ହେଇ ପାରିଲାନି, ଛଣ ପଣକୁ କୋଡିଏ ଟଙ୍କା, ବାଉଁସ ବାଡ଼ିରେ ଅଛି, ହେଲେ ଛା ମଜୁରୀ, ଛଣ ପଇସା କୋଉଠୁ ଆସିବ । ପାଞ୍ଚପଣ ଛଣ ଲାଗିବ । ଅତି କମରେ ତିନିପଣ ହେଲେ ନୂଆ ପୁରୁଣା

କରି ଛାଇହବ । ଗୋଟିଏ ବୋଲି ଛୁଆ ମୋର, ଏଥର ତା ଘରକୁ ଜୁଡିଆ ଭାର ଯାଇ ପାରିଲାନି । ପିଢ଼ାରେ ଚାରି ପାଞ୍ଚଟା କଖାରୁ ପଡିଥିଲା, ହେଲେ ଏ ନିଆଁଲଗା ମାଙ୍କଡ କଣ ରଖୁଛନ୍ତି, ସବୁ ଗଡେଇ ପକଉଛନ୍ତି । ଚାଳ କରକୁ ଯୋଉ ଦିଟା ଥିଲା, ଶିକାରେ ବାନ୍ଧିଥିଲି ବୋଲି ଅଛି । ଖାଲି କଣ କଖାରୁ ପଠେଇବି, ତା ସାଙ୍ଗକୁ ପୁଣି କଦଳୀ, ନଡ଼ିଆ ଦରକାର ନା ନାହିଁ ? ସେତେବେଳ ସମୟରେ ବାପା ମା ଥିଲା ପର୍ଯ୍ୟନ୍ତ ଝିଅ ଘରକୁ ଜୁଡିଆ ଭାର ଯାଉଥିଲା । କଥା କହୁକହୁ ଖୁଡି ଆଖିରୁ ଲୁହ ଗଡିଆସେ । କାନିରେ ଲୁହ ପୋଛି ପୁଣି ଆରମ୍ଭକ ରେ, ବାଡ଼ିରେ ଦୁଇବୁଦା ବାଇଗଣ ପୋତିଥିଲି, ହେଲେ ଏ ରାଣ୍ଡଘର ଛେଳି କଣ ରଖୁଛନ୍ତି, ସବୁ ଅଗ ଟୋକି ସାରିଲେଣି, ଛେଳି ପାଳିବ ଯଦି ନିଜ ଘରେ ରଖୁନା, ଆ ତା ବାଡ଼ିକି କାହିଁକି ଛାଡିବ, ଏଥର ବାଡ଼େଇକି ଛୋଟା କରିଦେବି । ଗାଇଟା ଛୁଆ ଦେଇଛି, ଭାରି ଖୁସି ଲାଗୁଚି, ହେଲେ ଏ ଗାଁ ଗୋଠିଆ ଆଉ ବିରି ବୋତି ଖାଇ କଣ କ୍ଷୀର ଦବ । ସୁକୁରିଆ ପୁଅ ଗାଁ ଗୋଠିଆ ପାଁଇ ମାସକୁ ତିନିଟଙ୍କା ନଉଛି । ନକୁଳା ଧୋବାକୁ କହିଥିଲି ଘାଷ ଦେବାକୁ, ହେଲେ ତାକୁ ପଇସା ଦେଲେ ସିନା ସେ ଦେବ, ଖାଲି କଣ ମାଗଣାରେ ଦେବ । ଏ ରାଆବାଳିଆଟାକୁ (ନାତି) କେତେଥର କହିଲିଣି ଯୋଉଠି ଉଠିଆ ଉଠୁଛି ସେଠି ଗାଇଟାକୁ ବାନ୍ଧିଦେଲେ ସେ ସଜ ଘାସ ଟିକେ ଖାଇବ, ହେଲେ ସେ କଣ ଶୁଣୁଛି, ଗାଁ ଟୋକାଙ୍କ ସାଙ୍ଗରେ ମିଶି ଖାଲି ଡିଆଁ ମାରୁଛି । ଗତଥର ଘର ଛପର ପାଇଁ ମୁଦି ବନ୍ଧକ ପଡିଥିଲା, ସୁଧମୂଳ ସହ ଷାଠିଏ ଟଙ୍କା ହେଲାଣି, ତାକୁ ନ ମୁକୁଳେଇଲେ ମୁଦିଟା ଚାଲିଯିବ । ଆଉ କଣ କହିବି, ତୁ ଟିକେ ବନେଇଚୁ ନେଇ କଡା କରି ଲେଖିଦେ । ଆରଥର ଯୋଉ ଚିଠି ଲେଖିଥିଲୁ ଠିକ ଲାଗିଥିଲା । ସାଙ୍ଗେସାଙ୍ଗେ ଶଙ୍କରା ପୁଅ ହାତରେ ପଇସା ପଠେଇଥିଲେ । ସୁଦୁରିଆ ସ୍ତ୍ରୀ କହୁଥିଲା ତା ପୁଅ ଆରମାସରେ ଆସିବ । ତା ବାଟକୁ ମୁଁ ଚାହିଁ ରହିଲି । ହଁ ଆଉଗୋଟେ କଥା ଭୁଲିଗଲି, ଚୋରାବତିରେ ବେଟେରି ନାହିଁ, ଲଣ୍ଠନ କାଚଟା ବି ଭାଙ୍ଗି ଯାଇଛି, ଅନ୍ଧାରରେ କୁଆଡୁକୁ ଯାଇ ହେଉନି । ପ୍ରାୟତଃ ଆମ ଗାଁ ଓ ପାଖ ଗାଁର ଲୋକମାନେ କଲିକତାରେ ପାଣି ପାଇପି କାମ କରନ୍ତି ଓ କେହିନା କେହି ପ୍ରତିମାସରେ ଗାଁକୁ ଆସନ୍ତି । ତାଙ୍କ ହାତରେ କଲିକତାରେ ଥିବା ଲୋକମାନେ ନିଜ ଘରକୁ ଟଙ୍କା ଓ ଜିନିଷପତ୍ର ପଠାଇଥାନ୍ତି ।

ମୁଁ ଚିଠିରେ କଣ ଲେଖେ ଖନି ଖୁଡି କେବେ ମୋତେ ପଚାରେନା । କେତେ ସରଳ ସେ । ଏତେ ଅଭାବରେ ଥିଲେ ମଧ୍ୟ ଦାଦାଙ୍କ ଉପରେ କେବେ ରାଗେନା, ବରଂ ଅଭିମାନର ପସରାଟାକୁ ଅଜାଡ଼ି ଦିଏ । ମୋ ପାଖରେ ତା ସରଳ ହୃଦୟଟାକୁ ଖୋଲା ବହି ପରି ରଖିଦିଏ, ତାକୁ ପଢିବାକୁ ମୋର କିଛି ଅସୁବିଧା ହୁଏନାହିଁ । ଏବେ ବେଳେବେଳେ ଖନି ଖୁଡି କଥା ମନେପଡେ । ଭାରି ଇଛାହୁଏ, ଖନି ଖୁଡି ଚିଠି ଲେଖିବାକୁ ଆସନ୍ତାକି । ହେଲେ ସେ ଖନି ଖୁଡି ଅଛି ନାଁ ଚିଠି ଅଛି । ସମୟର ସ୍ରୋତରେ ସବୁ ଭାସି ଯାଇଛି ।

ଜୟଦେବ ବିହାର, ଭୁବନେଶ୍ୱର

# ଏ କଇଁଛ



ଗଜାନନ ମିଶ୍ର

ପିଲାଅଛ ସବୁ ତୁମେ,
ଭାବିଛ ଆଗଭଳି
ମତେ ଖସେଇଦେବ,
ଆଉ ମୁଁ ତଳେ ପଡିଗଲେ
ପିଟିମାରି ମନର ଅରମାନ
ମେଣ୍ଟେଇବ ତୁମେ ସବୁ ।

ପିଲାଅଛ ସବୁ ତୁମେ,
ଗୋଷ୍ଠୀବଦ୍ଧ ହୋଇ
ମୋ ଛେଳିକୁ ବୁଲା କୁକୁରଟିଏ
କହି କହି ଛକକୁ ଛକ
ମତେ ବ୍ୟତିବ୍ୟସ୍ତ କରିବ
ଯେମିତି ମୁଁ ଛାଡିଦେବି
କୋଉଠିଗୋଟେ ରାସ୍ତାରେ
ଆଉ ତୁମେ ସବୁ
ମସ୍ତି ଭୋଜି କରିବ ସେଥିରେ ।

ସବୁ ପିଲାଅଛ ତୁମେ,
ସକାଳର ହେଇ
କଳାହାଣ୍ଡିଆ ମେଘବାଦଲ ଦେଖି
କହୁଛ ଆହୁରି ଅଛି ରାତି

ଶୋଇଯିବା ଟିକିଏ ଆହୁରି,
ମଧ୍ୟାହ୍ନ ପାଖାପାଖି ବେଳ ହେଲାଣି
ଭୁଲି ଯାଉଛ ଆପଣେ!

ଆକାଶରେ ଭଳିକି ଭଳି ରଙ୍ଗ ,
ଆକାଶରେ ସବୁ ପ୍ରକାରର
ଜୀବଜନ୍ତୁ, କୀଟପତଙ୍ଗ,
ଆକାଶର ଏତେ ସେତେ ଢଙ୍ଗ,
ନ ଟଙ୍କି ନ କରି ଦେଖ,
ସବୁତୁମେ ପିଲା ଅଛ
କହିବ ନି ପରେ ନିଜକୁ ନିଜେ
ଅନ୍ଧ ଅଜ୍ଞାନ ମୂରୁଖ।

କୋଉପଟେ କିଏ
ଉଡୁଛି କେମିତି,
କେମିତି କିଏ
ଚାଲୁଛି ବୁଲୁଛି କୋଉଠି,
ଖାଉଛି, ବସୁଛି, ଶୋଉଛି,
ଆଉ ଆଉ କହୁଛି କଣ କଣ
ଶବ୍ଦ ଆଣି କୋଉଠୁ କୋଉଠୁ!
ପିଲା ଅଛ ତୁମେ ସବୁ,
ବୁଝ, ହେଜ ଆଉ
ପାରୁଛ ଯଦି ନିଜକୁ ନିଜେ
ଦୟାକରି ନିଜକୁ ନିଜେ
ସମ୍ଭାଳି ରଖ!

ତପୋବନ, ଟିଟିଲାଗଡ, ବଲାଙ୍ଗୀର ଜିଲ୍ଲା

# ମା ବୁଢୀ ଠାକୁରାଣୀ



ନରେନ୍ଦ୍ର ପ୍ରସାଦ ବେହେରା

ଠାକୁରାଣୀ ମା ବୁଢୀ ଠାକୁରାଣୀ
ଠାକୁରାଣୀ ମା ବୁଢୀ ଠାକୁରାଣୀ ।
କେଶରୀ ପାଟଣା ଗ୍ରାମ ବାସିନୀ
ବୁଢୀ ଠାକୁରାଣୀ ଦୁଃଖ ହାରିଣୀ
ପ୍ରତି ବରଷର ଚଇତ ମାସେ
ଭକତ ପୂଜନ୍ତି ବଡ ହରଷେ ।
ଦୟା କରିଥିବୁ ମାଆ ବନ୍ଧୁଣୀ
କୃପାମୟୀ ତୁ ବୁଢୀ ଠାକୁରାଣୀ ।
ଚୈତ୍ରମାସେ ଗଜା ମୁଆଁ ତୋରାଣି
ଭକତ ପୂଜନ୍ତି ତୋ ମନଜାଣି ।
ଭକତମାନଙ୍କ ଡାକକୁ ଶୁଣି
ବିପଦ ବେଳରେ ଉଦ୍ଧାରୁ ପୁଣି ।
ହେ ମା କନ୍ଧୁଣୀ ବୁଢୀ ଠାକୁରାଣୀ
କେଶରୀ ପାଟଣା ଗ୍ରାମ ବାସିନୀ ।
ଅଧମ ମଙ୍ଗୁଲୁ ପଶେ ଶରଣ
ବିପଦ ବେଳରେ କର ତାରଣ ।

ବି.ଏନ.ଆର, ରେଲୱେ କଲୋନୀ,
ଗାର୍ଡେନ ରିଚ, କୋଲକତା

# ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ ଭବତୁ ମେ !!



ପୁଷ୍ପଲତା ବେହେରା

ପବିତ୍ର ଏ ଉତ୍କଳ ଭୂଇଁ । ମହାନ୍ ଏହାର ପରମ୍ପରା । ଏ ମାଟି ଚଣ୍ଡାଶୋକକୁ ଧର୍ମାଶୋକରେ ପରିଣତ କରିପାରେ । ଏ ଭୂଇଁର ବୀର ସନ୍ତାନ ଦେଶ ମାତୃକା ନିମନ୍ତେ ହସି ହସି ରଣଭୂମିରେ ପ୍ରାଣ ବଳି ଦେଇପାରେ । ଯେଉଁ ଦେଶର ରାଜା ନିଃସନ୍ତାନ ହେବା ନିମନ୍ତେ ଇଷ୍ଟ ଦେବତାଙ୍କୁ ବର ପ୍ରାର୍ଥନା କରିପାରନ୍ତି, ଯେଉଁ ଦେଶର ରାଜାଙ୍କୁ ସ୍ୱୟଂ ଭଗବାନ ସିପାହୀ ହୋଇ ଯୁଦ୍ଧରେ ସାହାଯ୍ୟ କରି ପାରନ୍ତି ଆଉ ଯେଉଁ ଦେଶର ସନ୍ଥ କବି ଜଗତର ଉଦ୍ଧାର ପାଇଁ ନିଜକୁ ନର୍କଗାମୀ କରିବାକୁ ପ୍ରସ୍ତୁତ ହୋଇପାରନ୍ତି, ସେ ଦେଶ ଓ ଜାତି କେତେ ମହାନ୍ ଇତିହାସ ତାହାର ସାକ୍ଷୀ ହୋଇ ରହିଛି । ଯେଉଁ ଜାତିର ନାୟକ ସ୍ୱୟଂ ଜଗନ୍ନାଥ, ବିଶ୍ୱପ୍ରିତୀ ହିଁ ଯାହାର ଜାତୀୟତା, ଗଭୀର ଧର୍ମଭାବ ଓ ଦୃଢ଼ ବିଶ୍ୱାସ ଉପରେ ଏହାର ମୂଳଦୁଆ ପ୍ରତିଷ୍ଠିତ । ସେଥିପାଇଁ ଗୋପବନ୍ଧୁ ଦାସ କହିଥିଲେ-

ଉତ୍କଳେ ନେତାଙ୍କ ନାହିଁ ପ୍ରୟୋଜନ
ଉତ୍କଳର ନେତା ସ୍ୱୟଂ ନାରାୟଣ ।।

ସାମ୍ୟ, ମୈତ୍ରୀ, ସ୍ୱାଧୀନତା ଓଡ଼ିଆର ବିଗ୍ରହ । ଓଡ଼ିଆର ଏହି ଭାବ ନୀଳାଚଳ ଧାମରେ ପ୍ରକଟିତ । ତେଣୁ କରି ଜଗନ୍ନାଥ ସ୍ଥାନ ବିଶେଷରେ ଓଡ଼ିଶାର ବା ନୀଳାଚଳ ଧାମର ନାଥ ନୁହଁନ୍ତି, ସେ ଜଗତର ନାଥ । ଓଡ଼ିଆର ଜାତୀୟ ଦେବତା ।ନୀଳାଚଳ ର ନୀତିରେ କ୍ଷୁଦ୍ର ବୃହତ୍, ରାଜା ପ୍ରଜା କି ବ୍ରାହ୍ମଣ ଚଣ୍ଡାଳ ଭେଦାଭେଦ ନାହିଁ । ଏହି ଉଦାର ମାନବିକତା ଓ ଜାତୀୟତାର ବୀଜ ନୀଳାଚଳ ଧାମରେ ଅଛି ବୋଲି କାଳେ କାଳେ ଦିଗଦିଗାନ୍ତରୁ ସିଦ୍ଧ ସାଧକ ଓ ମହା ପୁରୁଷମାନେ ଆକୃଷ୍ଟ ହୋଇ ଆସିଛନ୍ତି ଏଠାକୁ । ତେଣୁ ପ୍ରେମର ଅବତାର ଭଗବାନ ଚୈତନ୍ୟ ଭାରତର ସମଗ୍ର ତୀର୍ଥଭୂମି ବୁଲି ଏହି ସାର୍ବଜନୀନ ପ୍ରେମ ଧାମରେ ସ୍ଥାୟୀ ନିବାସ କରି ଗାଇ ଉଠିଥିଲେ-

ଜଗନ୍ନାଥ ସ୍ୱାମୀ
ନୟନ ପଥଗାମୀ ଭବତୁ ମେ !!

ଯେଉଁ ଦେଶର ଦେବତା ଜଗନ୍ନାଥ, ନଦୀ ମହାନଦୀ, ସାଗର ମହୋଦଧି, ଗିରି ମହେନ୍ଦ୍ର, ବୃକ୍ଷ କଳ୍ପବଟ, ଶ୍ମଶାନ ସ୍ୱର୍ଗଦ୍ୱାର ସେ ଦେଶର ମହନୀୟତା ସହଜେ ଅନୁମେୟ ।

ହେ ଜଗତର ନାଥ, ଏ ଜଗତ ତୁମରି ଅଧୀନ ।ଯୁଗେ ଯୁଗେ ଏହି ମହାନ୍ ପରମ୍ପରା ସାରା ବିଶ୍ୱକୁ ଆକର୍ଷିତ କରୁଥାଉ ଏବଂ ତୁମର କୃପାବାରି ଜଗତରୁ ସମସ୍ତ କଳୁଷ ଧୋଇଦେଇ ସାରା ବିଶ୍ୱକୁ ଭାତୃ ଭାବରେ ବାନ୍ଧିରଖୁ ପ୍ରଭୁ । ସବୁରି କଣ୍ଠେ ଗୁଞ୍ଜରିତ ହେଉ -

ଜୟ ଜଗନ୍ନାଥ ସ୍ୱାମୀ,
ନୟନ ପଥଗାମୀ ଭବତୁ ମେ !!

ରାଉରକେଲା, ଓଡ଼ିଶା

# ହସୁଛି ଏ ଧରା ଭୂଇଁ



ସତ୍ୟନାରାୟଣ ପ୍ରସାଦ ନାୟକ

ଶରତ ଆଣିଛି ମରତ ଭୂଇଁରେ
କୋଟିଏ ଲାବଣ୍ୟ ନିଧି,
କାଶତଣ୍ଡୀ ଫୁଲ ଦିଶେ ଝଲ ମଲ
ଦେଖାଏ ତା' ଶୁଭ୍ର କାନ୍ତି ।
କମଳ ଲୋଟୁଛି ସୁଷମା ବାଣ୍ଟୁଛି
ଟିକି ଗାଡିଆରେ ଥାଇ,
ଭଅଁର ଉଡୁଛି ଫୁଲରୁ ଫୁଲକୁ
କରିଛି କେ ତାକୁ ବାଇ ।
ଝଡି ପଡୁଥିବା ଝରା ଶେଫାଳୀକୁ
କାକର ନିଏ କୋଳେଇ,
ଭିଜା କାକରରେ ହସି ହସି ସିଏ
ଦେଖାଉଛି କେତେ ଛଇ ।

ଜହ୍ନି ଫୁଲ ଫୁଟି ବାଡ଼ି ଅଗଣାରେ
ଲତାରେ ଯାଉଛି ଲୋଟି,
ସଞ୍ଜ ନଇଁ ଗଲେ ନୀଳ ଆକାଶରେ
ତାରା ଫୁଲ ଦିଏ ଭେଟି ।
ଆକାଶ ଦିଶୁଛି କେଡେ ନିରିମଳ
ସରସୀରେ ଫୁଟେ କଇଁ,
ସରଗ ଶଶୀ କୁ ଚାହିଁ ଚାହିଁ ସିଏ
ସତେକି ମାରୁଛି ହାଇ !
କେଡେ ମନୋହର ସୁଷମା ସମ୍ଭାର
ସାଥିରେ ଆଣିଛି ବୋହି,
ଜଗତ ଜନନୀ ମାଆ ଆସୁଛନ୍ତି
ହସୁଛି ଏ ଧରା ଭୂଇଁ ।

ରଥ ରୋଡ, ଭୁବନେଶ୍ୱର -2
Mob.9437764014

# କିଏ ଭଲପାଏ କାହାକୁ



ଶୁଭମ୍ କୁମାର ସାହୁ

ଜହ୍ନ ଭଲପାଏ ରାତିକୁ ନା
ରାତି ଭଲପାଏ ଜହ୍ନ କୁ
ପାଆନ୍ତି ଯଦି ଭଲ ଦୁହେଁ ଦୁହିଁଙ୍କୁ
କୁହ ତେବେ ଉଏଁ ନାହିଁ ସେ ଜହ୍ନ
କାଇଁ ଅମାବାସ୍ୟା ରାତି କୁ ॥

ଫୁଲ ଭଲପାଏ ଗଛକୁ ନା
ଗଛ ଭଲପାଏ ଫୁଲକୁ
ପାଆନ୍ତି ଯଦି ଭଲ ଦୁହେଁ ଦୁହିଁଙ୍କୁ
କୁହ ତେବେ ଋତୁ ବସନ୍ତରେ
କାଇଁ ଝରିପଡ଼େ ଫୁଲ ମାଟିକୁ ॥

ଆଖି ଭଲପାଏ ସ୍ୱପ୍ନକୁ ନା
ସ୍ୱପ୍ନ ଭଲପାଏ ଆଖିକୁ
ପାଆନ୍ତି ଯଦି ଭଲ ଦୁହେଁ ଦୁହିଁଙ୍କୁ
କୁହ ତେବେ କାଇଁ ଚେଇଁବସିଲେ
ଆସେନା ସ୍ୱପ୍ନ କେବେ ଆଖିକୁ ॥

ମେଘ ଭଲପାଏ ବାଦଲକୁ ନା
ବାଦଲ ଭଲପାଏ ମେଘକୁ
ପାଆନ୍ତି ଯଦି ଭଲ ଦୁହେଁ ଦୁହିଁଙ୍କୁ
କୁହ ତେବେ ଆକାଶେ ବାଦଲ ଥାଇ
ବରଷେ ନାହିଁ କାଇଁ ଧରାକୁ ॥

ପଦାପଡ଼ା, ଗୁଡ଼ିଖାଳ, ବାଲେଶ୍ୱର

# ସଂପର୍କର ଶେଷ ସୂତାଖିଅ



ସୁଷମା ପରିଡା

ସଞ୍ଜ ନଇଁ ଯାଇଥିଲା ସେତେବେଳକୁ । ସମୁଦ୍ର କୂଳରେ ଢେର୍ ଜନଗହଳି, ପିଲାଠାରୁ ବୁଢା ଯାଏଁ ସମସ୍ତେ ଭାବୁଛନ୍ତି ସାଗରର ଢେଉଢେଉକା ଖେଳରେ, ସଭିଏଁ ମସଗୁଲ୍ ଯିଏ ଯାହା ଖୁସିରେ। ଏବେ ତ ପୁରୀ ସହରର ଦୃଶ୍ୟ, ନିଆରା, ଚାରିଆଡ ପରିଷ୍କାର ପରିଚ୍ଛନ୍ନ, ସୁସଜ୍ଜିତ ଆଉ ସୁରକ୍ଷିତ ମଧ୍ୟ । ଏଇ ସମୟରେ ଆମ୍ବାସାଡର୍ କାର୍ ଟିଏ ବ୍ରେକ୍ କସିଲା ସ୍ୱର୍ଗ ଦ୍ୱାର ସମ୍ମୁଖରେ, ମଜା ଚଣ୍ଡିଆ ମାନେ ଭାବିଲେ ବୋଧହୁଏ ଶବ ଟିଏ ଆସିଗଲା ଦାହ ସଂସ୍କାର ପାଇଁ । କିଛି ରୋଜଗାର ମିଳିଯିବା ଆଶାରେ ସେମାନେ ଚାହିଁଲେ କାର୍ ଆଡକୁ । ହେଲେ ଇଏ କ'ଣ ? କାର୍ ରେ ଆରୋହୀ ମାତ୍ର ଜଣେ, ଆଉ କେହି ଦିଶୁ ନାହାଁନ୍ତି ସାଥିରେ। ମଜା ଚଣ୍ଡିଆ ମାନେ ଭାବିଲେ ବୋଧହୁଏ ପଛରେ ଶବ ବୁହା ଗାଡି (ମୋର୍ଚାର ଭ୍ୟାନ) ଟିଏ ଆସୁଛି ଶବ ଧରି, ଆଗତୁରା ଆସିଛନ୍ତି କେହି ଜଣେ ସବୁ ବ୍ୟବସ୍ଥା କରିବା ଲାଗି । ହେଲେ ସେମିତି କିଛି ଘଟିଲାନି, ଦଶ ମିନିଟ୍ ପରେ ଧୀରେ ଧୀରେ ଏପଟ ସେପଟକୁ ଚାହିଁ କାର୍ ରୁ ବାହାରିଲେ ଜଣେ ଯୁବକ । ବୟସ ତିରିଶି ପଇଁତିରିଶ ଭିତରେ ହେବ, କାର୍ ର ଡିକି ଖୋଲି ଟେକି ଧରି କ୍ଲାମ୍ପ୍ ଲଗାଇଲେ ଆଉ ନଇଁ ପଡିଲେ ଡିକି ଭିତରକୁ । ସେତେବେଳକୁ ମଡାଚଣ୍ଡିଆମାନଙ୍କ ସହିତ ଶବ ସଂସ୍କାର ପାଇଁ ସେଠାରେ ଥିବା ବ୍ରାହ୍ମଣ ଏବଂ ଆହୁରି କିଛି ଲୋକ ଜମା ହେବାକୁ ଆରମ୍ଭ କରିଥିଲେ ।

ସମସ୍ତଙ୍କ ଦୃଷ୍ଟି ନିବଦ୍ଧ ଥିଲା ଖୋଲା ରହିଥିବା କାର୍ ର ଡିକ ଭିତରେ । ଅଭାବନୀୟ ଦୃଶ୍ୟ ଟିଏ ଦେଖି ଚମକ ଉଠିଲେ ସମସ୍ତେ। ଡିକ ଭିତରେ ଉପରକୁ ଆଁ କରି ଶୋଇଥିଲା ଶବଟିଏ, ଉପରେ ନୂଆ ଧୋତିଟିଏ ଘୋଡେଇ ହୋଇଥିଲା, ବେକରେ ଗେଣ୍ଡୁ ଫୁଲମାଳଟିଏ ଝୁଲୁଥିଲା । କାର୍ ଚଲେଇ ଆସିଥିବା ଲୋକଟି ବିନା ଦ୍ୱିଧା ରେ ଶବଟିକୁ ଦୁଇ ହାତରେ ଟେକ ଆଣି ଆଗେଇ ଗଲା ଶବ ସଂସ୍କାର ହେଉଥିବା ସ୍ଥାନ କୁ । ସେଠାରେ ଶବଟିକୁ ତଳେ ଥୋଇଦେଇ ଜଗୁଆଳୀକୁ କହିଲା, ଇଏ ମୋ ବାପା ହରି ଜେନା, ବୁଢା

ହୋଇ ମରି ଗଲା । ଜୀବନ ଯାକ ଜଗନ୍ନାଥ, ଜଗନ୍ନାଥ ହେଉଥିଲା, କେବେ ଆସି ପାରିଲାନ ତାଙ୍କୁ ଦେଖିବାକୁ ପୁରୀ, ମଲାପରେ ନେଇ ଆସିଛି ମୁଁ ସ୍ୱର୍ଗ ଦ୍ୱାର କୁ। ଏଇଠି ସଂସ୍କାର କରିଦିଅନ୍ତୁ ତା'କୁ , ସିଧା ସ୍ୱର୍ଗ କୁ ଯାଉ ସେ। ଦେଖଣାହାରୀଏ ହତବାକ୍ ହୋଇ ଗୁହିଁ ରହିଥାନ୍ତି, କୁହାକୁହି ହେଉଥାନ୍ତି "ଲୋକ ଟା ପାଗଳ ନା' କ'ଣ ? ଏମିତି କଏ ଆଣେ ବାପ ର ଶବ କୁ ? କୋକେଇ ନାହିଁ, ଅବିର ମୁଠାଏ ନାହିଁ, ମଡା କାନ୍ଧିଆ ନାହିଁ, "ରାମ ନାମ ସତ୍ୟ ହେ" ବୋଲିବାକୁ ଲୋକଟିଏ ନାହିଁ, ଇଏ କ କଥା? ହେ ଜଗନ୍ନାଥେ ! ଏମିତି ପାଷାଣ୍ଡ ପୁଅ କାହାକୁ ନ ଦିଅ, ପଛେ ଆଣ୍ଠୁକୁଡା ହୋଇ ମରୁ, ସାଇ ପଡିଶାଏ ଦୟାକରି ନେଇ ଯଥାବିଧି ମଶାଣିରେ ପୋଡିଦେବେ ଗୁନ୍ଦାଭେଦା କରି, କନ୍ତୁ ଏମିତି ହନ୍ତସନ୍ତ କରି ନର୍କ କୁ ପଠାଅନାହିଁ। ରାମ୍, ରାମ୍, କ କଳଯୁଗ ହେଲା ହୋ! ମଣିଷ କୁ ପୁଣି ଏୟା ଦେଖିବାକୁ ପଡିଲା ? ଛିଃ,ଛିଃ....।

ମୁହଁ ପୋତି ସବୁ ଶୁଣୁଥିଲା ଶବ ଆଣିଥିବା ଲୋକ ଟି । ନର୍ବିକାର ଭାବରେ କହିଲା "କେତେ କ'ଣ ଟଙ୍କା ଲାଗିବ କୁହ, ମୁଁ ଦେବି, ଶିଘ୍ର ଶିଘ୍ର କାମ ସାରି ଏଠୁ ଫେରିଲେ, ସେଠାରେ ମୋର ବହୁତ କାମ ଅଛି। ତା'କୁ ଏମିତି ନର୍ବିକାର ଦେଖି ବୁଢା ବ୍ରାହ୍ମଣ ଜଣେ ଆଗେଇ ଆସିଲେ, କହିଲେ "ହଇହୋ ବାବୁ! ତମେ ଏ କାର୍ ଚଲେଇ ଆଇଚ ଟି? ତା'ମାନେ ତୁମ ନଜର କାର୍ ଟିଏ ଅଛି, ଆମକୁ କହୁଛ ଯାହା ପଇସା ଲାଗିବ, ଦେବ ବୋଲି, ତା' ମାନେ ତୁମ ପାଖରେ ପଇସାପତ୍ର ମଧ୍ୟ ଅଛି, ତେବେ ଏ ବୁଢା ବାପଟାକୁ ଏମିତି ଅସଙ୍ଗତ ଭାବରେ କାହିଁକ ଆଣିଲ ଏଠିକ, ତୁମ ଗାଆଁ ମଶାଣିରେ ପୋଡି ଦେଲନ? ପୁଅ ଟି ସେମିତି ନର୍ବିକାର ଭାବରେ ଉତ୍ତର ଦେଲା "ନା' ସେମିତି କରି ପାରିଲିନ କାରଣ ଗାଆଁ ରେ କେହି ମୋତେ ସାହାଯ୍ୟ କଲେନ । ଆଉ କାହିଁକ ସାହାଯ୍ୟ କଲେନ ସେକଥା ମଧ୍ୟ ଶୁଣ....

ମୋ ବାପା ହରି ଜେନା ଗାଆଁ ରେ ମୂଲ ଲାଗି ଚଳୁଥିଲା, ମୁଁ ବି ଟିକଏ ଠେକ ହୋଇଯିବାରୁ ସ୍କୁଲ୍ କୁ ନପଠାଇ ମତେ ମୂଲ ଲାଗିବାକୁ ପଠେଇ ଦେଇଥିଲା । ଦଶ ବର୍ଷ ର ହେବା ବେଳ ଠାରୁ କେବେ ସାଇକେଲ ମରାମତି ଦୋକାନରେ ତ କେବେ ଜଳଖିଆ ଦୋକାନ ରେ, କେବେ ମୋଟର ଗ୍ୟାରେଜ୍ ରେ କାମ କରି ବଢିଲି ମୁଁ । ଅଠର ବର୍ଷର ହେଲା ବେଳକୁ ମୋ ଗ୍ୟାରେଜ୍ ମାଲିକ ଗଫୁର୍ ଭାଇ, ମୋତେ ପଠାଇଦେଲା ତା' ଶଳା ସାଙ୍ଗରେ ଦୁବାଇ। ସେଇଠି ଦିନ ମଜୁରିଆ ହୋଇ କାମ କଲି କେବେ ପାଣି ଜାହାଜରେ ତ କେବେ ପେଟ୍ରୋଲ ପମ୍ପ ରେ କେବେ କୋଉ ଖଣିଖାଦାନରେ । ଯେତିକ ପଇସା ରୋଜଗାର ହେଉଥିଲା ଖାଇବା ପିଇବା ପରେ ସବୁ ଠିକାଦାର ରଖୁଥିଲା, ତେଣୁ ଘରକୁ ଆସିବାର ସୁବିଧା ନଥିଲା।

ସେମିତି ରହୁ ରହୁ ପ୍ରେମ ହୋଇଗଲା ଶାହିଦା ସାଥିରେ, ତା'କୁ ନିକାହ କରି ବହୁତ ଦିନ ପରେ ଫେରିଲି ଘରକୁ ଓଡିଶା। ମାଆ ସେତେବେଳକୁ କୁଆଡେ ମତେ ଝୁରି ଝୁରି ମରି ସାରିଥିଲା, ମତେ ଦେଖି ବାପା ଖୁସି ହେଲା ହେଲେ ଶାହିଦା କୁ ଘରେ ପୁରାଇଦେଲା ନାହିଁ । ସାହି ପଡିଶା ଜାଣିଲେ, ଛିଃଛାକର କଲେ, ଧମକ ଦେଇ କହିଲେ ତୋ ପୁଅ ବିଜାତୀୟ ଝିଅ କୁ ବାହା ହୋଇ ଧର୍ମ ହାରିଛି, ତା'କୁ ଘରେ ପୁରେଇଲେ ଜାତିରୁ ବାହାର କରିଦେବୁ, ବହୁତ କାକୁଡି ମିନତି କଲି ବାପାକୁ, ଏଠି ବହୁତ ହଇରାଣ ହେଉଥିବୁ, ଚାଲ୍ ଆମେ ପଳେଇଯିବା ଦୁବାଇ, ସେଇଠି ରହିବା ସମସ୍ତେ, ବୁଢା ମୋତେ ରାଜି ହେଲାନି, କହିଲା ଏଠି ଜଗନ୍ନାଥ ଅଛନ୍ତି ମୋ କଥା ବୁଝିବେ, ତୁ କୁଳାଙ୍ଗାର, ବିଧର୍ମୀ, ବାହାରି ଯା' ମୋ ଘରୁ । କୋଉଠି ରହିଥାନ୍ତି? କ'ଣ ଖାଇଥାଆନ୍ତି? ଅଗତ୍ୟା ପୁଣି ଦୁବାଇ ଫେରିବାକୁ ପଡିଲା ଶାହିଦା କୁ ନେଇ । ସେଇଠି କାମ କରି ଚଳଲି।

ଏବେ ସେଇ ଗଫୁର୍ ଭାଇ ଖବର ଦେଲା "ତୋ ବାପ ବାଧେକା ପଡିଛି, "ଜଗାରେ, ଜଗାରେ" ବୋଲି ଖୋଜି ହେଉଛି ତତେ, ଶେଷବେଳରେ ଦେଖିବୁ ଯଦି ଚାଲି ଆ' । ମନ ଥୟ ହେଲାନି, ଭୟରେ ପିଲା ମାନଙ୍କୁ ନ ଆଣି ଏକା ଆସିଲି । ବାପା ର ଶେଷ ସମୟ, ଦେଖି ବହୁତ କଷ୍ଟ ଲାଗିଲା, ସାଇ ପଡିଶାଏ ଯିଏ ଯେମିତି ଟିକିଏ ତା'କୁ ଦେଖୁଥିଲେ, ମୋତେ ଦେଖି ଆଡ ଆଡ ହେଲେ । ମୁଁ ଏ ଘରେ ଥିବା ଯାଏଁ ସେମାନେ ବୁଢା ପାଖକୁ ଆଉ ଆସିବେନି ବୋଲି ସଫା ସଫା ଶୁଣେଇଦେଲେ। କ'ଣ କରିବି? ଜନ୍ମ କଲା ବାପ ସିଏ, କେମିତି ଛାଡି ଦେଇଥାନ୍ତି ତା'କୁ? ସିଏ ସିନା ରାଗଟାଗରେ ଘରୁ ବାହାର କରିଦେଲା ମୋତେ, ହେଲେ ମୁଁ ପାରିଲିନି, ଦୁଇତିନିଦିନ ଧରି ଜଗି ବସିଲି, ନିର୍ମାଲ୍ୟ ତୁଳସୀ ମାଗିଲା, ଦେଲି, ଶେଷରେ ମୋ'ରି କୋଳରେ ଶେଷ ନିଶ୍ୱାସ ନେଲା । ମୁଁ ଜାଣିଲି ମୁଁ ଏଠି ଥିବା ଯାଏଁ, ତା'କୁ କାନ୍ଧ ଦେବାକୁ କେହି ଆସିବେନି, ତେଣୁ ଗଫୁର୍ ଭାଇ ଠୁ କାର୍ ଟି ମାଗି ଆଣି, ତା'ର ମରଶରୀରକୁ ଏକା ଏକା ନେଇ ଆସିଛି ସ୍ୱର୍ଗ ଦ୍ୱାର କୁ। ଜଗନ୍ନାଥ ଙ୍କୁ ବହୁତ ଭକ୍ତ କରୁଥିଲା ବୋଲି ମୋ ନାଆଁ ରଖିଥିଲା ଜଗନ୍ନାଥ । ଜଗା ରେ... ଜଗା ରେ ... ଡାକ ଡାକ ଚାଲିଗଲା, କାଳେ ଏଇ ସ୍ୱର୍ଗ ଦ୍ୱାର ରେ ସଂସ୍କାର ହେଲେ ସେ ମୁକ୍ତ ପାଇଯିବ, ସେଇଥିପାଇଁ ଆଣି ଆସିଛି ତା'କୁ । ମୋ କଥା ତ ଶୁଣିଲ ସମସ୍ତେ, ଏଣିକ ତୁମ ଇଚ୍ଛା । ତା'କୁ ସଂସ୍କାର କରିବ କି ନାହିଁ ତାହା ତୁମ ମାନଙ୍କ ଉପରେ ନିର୍ଭର କରେ। ତୁମେ ସଂସ୍କାର ନକଲେ ମୁଁ ଏଇଠି ନିଜେ କାଠ ଜାଳି ତା'କୁ ପୋଡିଦେଇ, ପାଉଁଶ କୁ ମହୋଦଧିରେ ଭସାଇ ଦେବି, ଆଉ ଗାଆଁ କୁ ଫେରିଯିବି। ଗଫୁର୍ ଭାଇ ର କାର୍ ଫେରାଇ ଦେଇ ପୁଣି ଫେରିଯିବି ଦୁବାଇ । ଏଠାରେ ଆଉ ମୋ'ର କିଏ ଅଛି ଯେ ଆସିବି ? ତେଣୁ

ଭାବିଛି ଘର ଖଣ୍ଡିକ ବିକ୍ରି କରିଦେଇଯିବି, ଭିଟାମାଟି ସହିତ ସଂପର୍କର ଶେଷ ସୂତାଖିଅ ଟି ଛିଣ୍ଡାଇ ଦେଇ ଚାଲିଯିବି ।

କଥା ଶେଷ କଲା ବେଳକୁ ପୁଅଟି ଆଖିରୁ ଧାର ଧାର ହୋଇ ଲୁହ ଝରି ପଡୁଥିଲା । ବ୍ରାହ୍ମଣ ଆଉ ମଡାଚଣ୍ଡିଆ ମାନେ ଶବ ସଂସ୍କାର ପାଇଁ ଆୟୋଜନ ଆରମ୍ଭ କରି ଦେଇଥିଲେ । ସମସ୍ତଙ୍କ ହୃଦୟରେ ଦରଦୀଭାବଟିଏ ଭରି ଯାଉଥିଲା। "ରାମ ନାମ ସତ୍ୟ ହେ" ଧ୍ୱନି ରେ ପ୍ରକମ୍ପିତ ହୋଇ ଉଠୁଥିଲା ସ୍ୱର୍ଗ ଦ୍ୱାର ଶ୍ମଶାନ ସ୍ଥଳ ।।

ଶାରଳା ଭବନ, ପୋତାପୋଖରୀ
ନୂଆବଜାର, କଟକ

# ଅବସର ଦିଅ

ସୁଶ୍ରୀ ପଲ୍ଲବିତା ସାହୁ

ଶୁଣ ଶୁଣ ସୌଦାଗର! ରହିଥରେ
ମନୁ ମୋର ପ୍ରତିଧ୍ୱନି ଶୁଣ,
ସର୍ଜନାରେ ଟାଣି ତୁମ ସରଳ ବିରତି,
ବିଶ୍ୱରୂପ ହେ ! ବୁଝିନାହଁ କିବା ତୁମେ
ସବୁ ପ୍ରତ୍ୟାଶାର ଶେଷ ଅନ୍ଧକାର
ସୀମାପରେ,
ତୁମକୁ ଜିଣି ନେବାର
ଅଲୁପ୍ତ ଆଲୋକ ପଥେ,
ପ୍ରତୀକ୍ଷିତ ଏହି ଅକିଞ୍ଚନ ପ୍ରାର୍ଥୀ।

ଜୀବନର ରଙ୍ଗମଞ୍ଚ ତୁମେ ଗଢିଛ ନୁହେଁ?
ପ୍ରମାଣତ ମାଗିବାର ନାହିଁ
ବିଶ୍ୱାସରେ ପରା ତୁମକୁ ଭେଟୁଛି
ହଁ, ଭଲ ଛଳନାର କଳା ଜାଣ ତୁମେ
ଯେତିକି ଦେଉଛ, ସେତିକି ହସୁଛ
ମୁଁ କିନ୍ତୁ ବୁଝିଛି, ନିଷ୍ଠେ ବୁଝିଛି
ତୁମ ହସ ପଛ ଗହନ ସତ୍ୟକୁ;
ସବୁ ପାଇବାରୁ ଶ୍ରେଷ୍ଠ ପ୍ରାପ୍ତି ପରା ତୁମେ।

ତୁମଠାରେ ଅବଶୋଷ ନାହିଁ
ହେ ସୌଦାଗର ! ତୁମ କରୁଣାରେ
ମୋ କାରୁଣ୍ୟର ତୃପ୍ତି।
ଭାଗଫଳ ରହିଯିବ କିଛିକେତେ
ତୁମେ ଜାଣିବାର,
କିନ୍ତୁ ଅଭିନୟ ଆତୁରରେ ପ୍ରାଣଥାଉ ଲାଗି
ଏହି ଅନୁକମ୍ପା କର।

ମୋ ବକ୍ତବ୍ୟରେ ବାକିଥିବା କଥାସବୁ
ତୁମେ ଶୁଣୁଥାଅ, ବେଶ ବୁଝୁଥାଅ
ତେବେ ହେବି ସାର୍ଥକ, ସନ୍ତୁଷ୍ଟ
ଅପଶକ୍ତି ରଚୁପଛେ, ଯେତେ ଅବା
ବିକଳ୍ପ ବିଭ୍ରାଟ।

ଆଖି ବନ୍ଦକରି ତୁମକୁ ଯେ ଭାବିପାରେ
ଏଇକ'ଣ ଯଥେଷ୍ଟ ନୁହେଁ ?
କହିଲ ଦେଖି .....
ହଁ, କହିବି କଥାଟିଏ;
ତୁମ ସାଥେ ଗପିବାର
ଅସରାଏ ଅନାହତ ଇଚ୍ଛା,
ଆଉ ମୋ କ୍ଷୁଦ୍ରପ୍ରାଣର ଆଶାପ୍ରାନ୍ତେ,
ଯଦିକିଛି ଅଦୃଶ୍ୟରେ ଉଙ୍କି ମାରୁଥାଏ,
ବେଶୀକରି ତୁମକୁ
ଆଉଟିକେ ଅନୁଭବିବାର
ପ୍ରଗଳ୍ଭ ପିପାସା।

ଧାରିଅଛ ଶେଷଦୃଶ୍ୟ ଏହିମୋର;
ତୁମ ଲେଖ୍ୟ ସଂଳାପ ପଟରେ,
ଲକ୍ଷ୍ୟ ଏକ, ବାକ୍ୟ ଏକ
ବିଶେଷର ସନ୍ଦେଶ ସେ ରଖେ ।
ଫଳପ୍ରଦ କରିବାର ସାମର୍ଥ୍ୟକୁ
ଅଙ୍ଗେ, କଲ୍ପେ, ବାକ୍ୟେ, ମୁହୂର୍ତ୍ତେ,
ଲୀନକରିଦିଅ
ସବାଶେଷେ, ଅଭେଦ୍ୟ ସେ ପ୍ରଚ୍ଛନ୍ନ ପରଶେ;
ଆଧାରର ଶେଷ ଦୃଶ୍ୟ ପରେ
ସ୍ୱଇଚ୍ଛାରେ ଅବସର ଦିଅ ।
ହେ ଭାବବାହ !!

ଭରତପୁର, ଭୁବନେଶ୍ୱର

# ଦୀପାବଳୀ

ତପସ୍ୱିନୀ ଜେନା

ସଭିଙ୍କ ମନରେ ସୁଖ ଭରିବାକୁ
ଆସିଛି ଯେ ଦୀପାବଳୀ,
ଆଲୋକର ପର୍ବ ପାଳିବା ସମସ୍ତେ
ଦୀପାବଳୀ ମାନ ଜାଳି।

ପୁର ପଲ୍ଲୀ ଯାଏ ମୁଖରିତ ଆଜି
ଧରାପୃଷ୍ଠେ ମହାକାଳୀ,
ସଂସାର କାଳୀମା ଦୂର କରିବାକୁ
କଳା ହେଇଛନ୍ତି ବୋଲି।

ବେଳୁ ବେଳୁ ବାୟୁ ପ୍ରଦୂଷଣ ବଢେ
ଶ୍ୱାସକ୍ରିୟା ଅସମ୍ଭବ,
ଦୀପାବଳୀ ପର୍ବେ ବାଣ ଫୁଟାଇଲେ
ମରିବେ ଅନେକ ଜୀବ।

ବେଳ ଥାଉ ବନ୍ଧ ବାନ୍ଧିବା ଉଚିତ
ସର୍ବେ ସଚେତନ ହୁଅ,
ମରଣ ପଥକୁ ବରଣ ନକରି
ଧ୍ୱଂସ ମୁଖରୁ ବଞ୍ଚାଅ।

ପୂର୍ବ ପୁରୁଷଙ୍କୁ ସୁମରଣା କରି
ସରବେ ନିଅ ଶପଥ,
ମନରୁ ଅନ୍ଧାର ଦୂର କରି ସର୍ବେ
ବାଛିବା ଆଲୋକ ପଥ।

କୁଜଙ୍ଗ, ଜଗତସିଂହପୁର

# ସାଂପ୍ରତିକ ସ୍ଥିତିରେ ଅଘରିଆ ସମାଜ



ସନ୍ତୋଷ କୁମାର ରାଉତ

ବିବର୍ତ୍ତନ ହେଉଛି ଏକ ପ୍ରାକୃତିକ ଧାରା। ଯାହା ପ୍ରାଚୀନ ପରଂପରାକୁ ଭାଙ୍ଗି ସମାଜରେ ଅନେକ କିଛି ପରିବର୍ତ୍ତନ ଆଣି ତାକୁ ଉଚ୍ଚାଭିମୁଖୀ କରିବାରେ ସହାୟକ ହୋଇଥାଏ। ମଣିଷ ସମାଜ ଯେତେବେଳେ ପାରଂପାରିକ ନୀତି ନିୟମରୁ ବାହାରି କିଛି ନୂତନତାକୁ ଗ୍ରହଣ କରିଥାଏ ସେତେବେଳେ ସମାଜର ବହୁତ କିଛି ପରିବର୍ତ୍ତନ ହୋଇ ସମାଜ ବିକାଶର ଏକ ନୂତନ ଦିଗ ଉନ୍ମୋଚତ ହୋଇଥାଏ।ଠିକ ସେପରି ଅଘରିଆ ସମାଜ ମଧ୍ୟ ବିବର୍ତ୍ତନ ଧାରାରେ ନିଜକୁ ସାମିଲ କରି ନିଜ ପ୍ରଥା ଓ ପରଂପରାର ଅନେକ କିଛି ପରିବର୍ତ୍ତନ ଆଣି ତାକୁ ଆହୁରି ସୁଦୃଢ଼ କରିଛି।

ଅଘରିଆ ମାନେ ପ୍ରାୟତଃ ୧୫୫୦ ଖ୍ରୀଷ୍ଟାବ୍ଦ ପରେ ଆଗ୍ରା ଅଞ୍ଚଳରୁ ତତ୍କାଳୀନ ମୁସଲମାନ ଶାସକ ମାନଙ୍କ ଅତ୍ୟାଚାର ଓ ନିଜ ଆତ୍ମ ସ୍ୱାଭିମାନକୁ ବଜାୟ ରଖିବା ପାଇଁ ମଧ୍ୟପ୍ରଦେଶ, ଛତିଶଗଡ ତଥା ଓଡ଼ିଶା ଅଞ୍ଚଳକୁ ଚାଲି ଆସିଥିଲେ। ସେମାନେ ବ୍ରଜ ମଣ୍ଡଳ ଅନ୍ତର୍ଗତ ଗୋପ ମଥୁରା ଓ ବୃନ୍ଦାବନରେ ବସବାସ କରୁଥିଲେ ଯାହା ୮୪ କୋଶ ପର୍ଯ୍ୟନ୍ତ ପରିବ୍ୟାପ୍ତ ଅଞ୍ଚଳରେ ବସବାସ କରୁ ଥିବାରୁ ନିଜକୁ ୮୪ ଘର (ଗୋତ୍ର) ଅଘରିଆ ସମାଜ ବୋଲି ପରିଚୟ ଦେଇଥାନ୍ତି। ଏମାନେ ଏବେ ପ୍ରାୟତଃ ଓଡ଼ିଶାର ପଶ୍ଚିମାଞ୍ଚଳ ତଥା ମଧ୍ୟପ୍ରଦେଶ ଓ ଛତିଶଗଡ଼ ଅଞ୍ଚଳରେ ବସବାସ କରୁଛନ୍ତି।

ଅଘରିଆ ମାନେ ଐତିହ୍ୟ ସଂପନ୍ନ, ସଂସ୍କୃତି ପ୍ରେମି ତଥା ସ୍ୱଜାତି ପ୍ରିୟ ଜାତି ଅଟନ୍ତି। ଯେହେତୁ ଏମାନେ ଏବେ ସିମୀତ ଅଞ୍ଚଳରେ ବସବାସ କରୁଛନ୍ତି ତେଣୁ ନିଜେ ତିଆରି ଥିବା ପ୍ରଥା ଓ ପରଂପରାକୁ ଅକ୍ଷରେ ଅକ୍ଷରେ ପାଳନ କରିବାକୁ ସଦା ସର୍ବଦା ଚେଷ୍ଟିତ ଥାଆନ୍ତି।

ଏକାନ୍ନବର୍ତ୍ତୀ ଯୌଥ ପରିବାର ହେଉଛି ଅଘରିଆ ଜାତିର ବୈଶିଷ୍ଟ୍ୟ। କେଉଁ ପ୍ରାଚୀନ କାଳରୁ ଅଘରିଆ ମାନେ ଏକତ୍ରିତ ଭାବରେ ରହି ଆସିବା ସହିତ ମିଳମିଶି ଜୀବନ ବିତାଉଛନ୍ତି। ଗୋଷ୍ଠୀ ଜୀବନକୁ ଏମାନେ ସବୁବେଳେ ଗୁରୁତ୍ୱ ଦେଇ ଏକାନ୍ନବର୍ତ୍ତୀ ଯୌଥ ପରିବାରରେ ଜୀବନ ବିତାଇବା ଉପରେ ଗୁରୁତ୍ୱାରୋପ କରିଥାନ୍ତି।

ଅଘରିଆ ମାନଙ୍କ କୌଳିକ ବୃତ୍ତି ହେଲା ଚାଷ କାମ। ତେଣୁ ଏମାନେ ସବୁବେଳେ ଚାଷ ଉପରେ ଗୁରୁତ୍ୱ ଦେଇ ନିଜ ଜୀବନ ଅତିବାହିତ କରୁଥିଲେ। ସେହି ସମୟରେ ସେମାନେ ଧରି ନେଇଥିଲେ ଚାକରୀ କରିବା ଅର୍ଥ ଅନ୍ୟର ଚାକର ହେବା ତେଣୁ ଚାକରୀ ପଛରେ ଗୋଡାଉ ନଥିଲେ। କିନ୍ତୁ ଏବେ ସମୟ ବଦଳ ଯାଇଛି ଅଘରିଆ ମାନେ ନିଜକୁ ବିବର୍ତ୍ତନ ଧାରାରେ ପରିବର୍ତ୍ତନ କରି ଚାଷ ବ୍ୟତୀତ ଅନ୍ୟାନ୍ୟ ବଡ଼ ବଡ଼ ପଦବୀ ଅଳଙ୍କୃତ କରି ଦେଶ ମାତୃକାର ସେବାରେ ନିଜକୁ ଉତ୍ସର୍ଗୀକୃତ କରୁଛନ୍ତି। ଯାହା ଅଘରିଆ ଜାତିର ମାନ ସମ୍ମାନ ବଢାଇ ବାରେ ସହାୟକ ହୋଇଛି।

ଅଘରିଆ ଜାତି ଏକ ଶୃଙ୍ଖଳିତ ଜାତି। ତେଣୁ ଏମାନେ ତିଆରି କରିଥିବା ନିୟମକୁ କଡାକଡି ଭାବରେ ପାଳନ କରିଥାନ୍ତି। ସାମାଜିକ ବିଧି ବ୍ୟବସ୍ଥା ଅନୁସାରେ ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ନିୟମ ରହିଛି। ଯଦି କୌଣସି କ୍ଷେତ୍ରରେ ନିୟମ ଭଙ୍ଗ ଦେଖାଯାଏ ତାହେଲେ ସଙ୍ଗେ ସଙ୍ଗେ ଦଣ୍ଡ ବିଧାନ କରାଯାଏ। ଏବେ କିନ୍ତୁ ସମୟ କୁ ଦେଖି କେତେ ଗୁଡିଏ କୋହଳ ନୀତି ଅବଲମ୍ବନ କରୁଛନ୍ତି। ଏବେ ଦେଖାଯାଉଛି ପଶ୍ଚିମ ଓଡ଼ିଶାରେ ବସବାସ କରୁଥିବା ଅନ୍ୟ ଜାତିର ଲୋକମାନେ ସେମାନଙ୍କୁ ଅନୁସରଣ କରୁଛନ୍ତି।

ଅଘରିଆ ଜାତି ଏକ ଆଗନ୍ତୁକ ଜାତି ହୋଇଥିବାରୁ ତାଙ୍କର ନିଜସ୍ୱ ଗୃହ ଓ ସମ୍ବଳ ନଥିଲା। ତେଣୁ ସେ ସମୟରେ ସେମାନେ ଆର୍ଥିକ କ୍ଷେତ୍ରରେ ସେତେ ପରିମାଣରେ ସମୃଦ୍ଧ ନଥିଲେ କିନ୍ତୁ ନିଜସ୍ୱ ଉଦ୍ୟମ ଓ ବିବର୍ତ୍ତନ ଧାରାରେ ନିଜକୁ ସାମିଲ କରି ଉନ୍ନତି ର ଚରମ ସୀମାରେ ପହଞ୍ଚି ପାରିଛନ୍ତି। ଆଜି କେବଳ ପଶ୍ଚିମ ଓଡ଼ିଶାରେ ନୁହେଁ ସମଗ୍ର ଭାରତରେ ସେମାନଙ୍କ ସ୍ଥିତି ଦୃଢ଼ ହୋଇ ରହିଛି।

ଅଘରିଆ ଜାତିରେ ଚଳି ଆସୁଥିବା ପ୍ରାଚୀନ ପରଂପରା ଏବେ ମଧ୍ୟ ଚଳି ଆସୁଛି, ଅତିଥି ଆଗମନ ହେବା ପରେ ତାକୁ ଝରି (ଗଡୁ) ରେ ପାଣି ଦେବା। ଏମାନେ ଅତିଥି ଦେବୋ ଭବଃ ଅର୍ଥାତ ଅତିଥି ହେଉଛି ଦେବତା ପରି ତେଣୁ ତାର ଉପଯୁକ୍ତ ସେବା କରିବା ତାଙ୍କର

କର୍ତ୍ତବ୍ୟ ବୋଲି ଏମାନେ ଏପର୍ଯ୍ୟନ୍ତ ମାନ ଆସୁଛନ୍ତି। ନମସ୍କାର ଅପେକ୍ଷା ମୁଣ୍ଡିଆ କମ୍ବା ପାଦଛୁଁଇ ସମ୍ମାନ ପ୍ରଦର୍ଶନ କରିଥାନ୍ତି।

ଅଘରିଆ ମାନଙ୍କ ପ୍ରିୟ ଖାଦ୍ୟ ହେଲା ଭାତ, ଖଇ, ମୁଢି ଓ ଗୁଡ଼। ଏମାନେ ବାହାର ଜିନଷ ଖାଇବା ଅପେକ୍ଷା ନଜେ ପ୍ରସ୍ତୁତ କରୁଥିବା ଖାଦ୍ୟ ଖାଇବାକୁ ପସନ୍ଦ କରିଥାନ୍ତି । ଅତ୍ୟାଧୁନକ ଖାଦ୍ୟ ଅପେକ୍ଷା ଦୁଗ୍ଧ ନର୍ମିତ ମିଷ୍ଟାନ୍ନ ଓ ଗୁଡ ଖାଉଥିବାରୁ ଏମାନେ ପ୍ରାୟତଃ ନରୋଗ ରହିଥାନ୍ତି।

ଅଘରିଆ ଜାତିରେ ପ୍ରାଚୀନ କାଳରୁ ଚଳ ଆସୁଥିବା ବିଭିନ୍ନ ପର୍ବପର୍ବାଣିରେ ତିଆରି କରାଯାଉଥିବା ଆରିସା, ମଣ୍ଡା, ରସ ବରା, ଢେବେରି ଆଦି ପିଠାପଣା ଗୁଡିକ ବର୍ତ୍ତମାନ ପର୍ଯ୍ୟନ୍ତ ଚଳଆସୁଛି। ବର୍ତ୍ତମାନର ଆଧୁନକ ଯୁଗରେ ମଧ ଏମାନେ ବଜାରରେ ମିଳୁଥିବା ମିଷ୍ଟାନ୍ନ ଦ୍ୱାରା ପ୍ରଭାବିତ ନ ହୋଇ ନଜ ହାତରେ ତିଆରି ଦେବାଦେବିଙ୍କୁ ଭୋଗ ଲଗାଇ ନଜେ ଭକ୍ଷଣ କରିଥାନ୍ତି ଏବଂ ନୂଆଁଖାଇ ଆଦି ପର୍ବପର୍ବାଣି ପରେ ନଜ ବିବାହିତ ଝିଅ, ଭଉଣୀ ଘରକୁ ମଧ୍ୟ ନୂଆ କୁଢା ନେଇ ଦେଇ ଥାନ୍ତି। ଏହାଦ୍ୱାରା ସଂପର୍କ ସୁଦୃଢ଼ ହେବା ସଙ୍ଗେ ସଙ୍ଗେ ବନ୍ଧୁତା ବଢେ।

ଅଘରିଆ ସଂସ୍କୃତି ଏକ ପ୍ରାଚୀନ ସଂସ୍କୃତି ପରିସ୍ଥିତିର ତାଡନାରେ ପଡି ମଧ ଏମାନେ ଏଥିରୁ ବିଚ୍ୟୁତ ହୋଇ ନାହାଁନ୍ତି। ସବୁବେଳେ ତାର ସୁରକ୍ଷା ରେ ତତ୍ପର। ବାହାଘର ଠୁ ଆରମ୍ଭ କରି ବିଭିନ୍ନ ପର୍ବପର୍ବାଣି ଉପରେ ବର୍ତ୍ତମାନ ସମୟର ପ୍ରଭାବ ପଡି କଛି ପରିମାଣରେ ପରିବର୍ତ୍ତନ ହୋଇଛି ସତ ମାତ୍ର ପୂର୍ବ ପ୍ରଥା ଓ ପରଂପରା ଏବେ ମଧ ଅକ୍ଷୁର୍ଣ୍ଣ ହୋଇ ରହିଛି।

ଅଘରିଆ ଜାତିର ଆମେ ଯଦି ସାଂପ୍ରତିକ ସ୍ଥିତିକୁ ଅନୁଧ୍ୟାନ କରିବା ତାହେଲେ ସ୍ପଷ୍ଟ ଭାବରେ ଜଣାଯିବ ଯେ ଏମାନେ କପରି ପରିସ୍ଥିତି ଅନୁସାରେ ଖାପ ଖୁଆଇ ନଜ ଜାତି ଓ ସମାଜକୁ ଆଗକୁ ବଢେଇ ନେଉଛନ୍ତି। ମୋଟାମୋଟି ଭାବେ କହିବାକୁ ଗଲେ ଏମାନେ ବିବର୍ତ୍ତନ କୁ ସ୍ୱାଗତ କରି ତାଙ୍କ ସ୍ଥିତିକୁ ଆହୁରି ଦୃଢ଼ କରିଛନ୍ତି।

ଏମ୍.ଏ, ଏମ୍.ଫିଲ୍ ଓଡ଼ିଆ
ନ-ରତାଖଣ୍ଡି, ତେଣ୍ଡାପଦର, ବଲାଙ୍ଗୀର

# ଦୀପାବଳି



ସୁଭେନ୍ଦୁ ମେହେର

ତେଲ ଜଳେ
ସଳିତା ବି ଜଳେ
ତଥାପି ଆମେ କହୁ
ଦୀପ ବୋଲି ।
ସବୁରି ଦୁଆରେ
ଜଳେ ଏକା ବେଳେ
ତାକୁ ତ କୁହାଯାଏ ଦୀପାବଳି ।

ମୁଣ୍ଡ ନିର୍ଗତ ଝାଳର ବଳେ
ବାଣ ଫୋଟକା
ଇତ୍ୟାଦିର ଆଳେ
ପାଳିତ ହୁଏ ଦୀପାବଳି
ଖରା ରେ ରହି
ଅମଳ କରିଥିବା
ଟଙ୍କାର ଦେହରେ
ମରାହୁଏ ଦିଆସିଲି ।

ଯେତେ ଜାଳୁଛ ଜାଳ
ଏ ଯୁଗ ତ ହେଉଛି କାଳ
ଏମିତି ବାଣ ଟିଏ ନ ଫୁଟାଇଲେ
କଣ ବା ହେବ ଅମଙ୍ଗଳ ।

ହୃଦୟ ଦେଇ
ଭକ୍ତିର ସଳିତା ଜାଳ
ନାହିଁ ଆଉ
ରାମରାଜ୍ୟର ବେଳ
ଖାଲି ପରମ୍ପରା ନାମରେ
ସ୍ମୃତିକୁ ସାଉଁଟିବା କେବଳ ।

ଯାଲେ୍ଏ, ସୁବର୍ଣ୍ଣପୁର

# ଆଲୋକର ପର୍ବ



ସମ୍ବିତ ଦାଶ

ଆଲୋକର ପର୍ବ ଅଟେ ଦୀପାବଳୀ
କେତେ ଦୀପର ସମ୍ଭାର,
କେତେକେତେ ଦୀପ ଜଳି ଉଠିଥାଏ
ଘର ଆଗରେ ଆମର ॥

ଝିଲିମିଲି ଲାଗେ ଏହି ଦିନରେ କେତେ
କୋଣ ଅନୁକୋଣରେ,
ଲାଗିଥାଏ ବହୁ ପ୍ରକାରର ଆଲୋକ
ବହୁ ପରିମାଣରେ ॥

ସଜାଏ କେତେ ରଙ୍ଗବେରଙ୍ଗ ଆଲୁଅ
ଆମରି ଘର ଆଗରେ,
ବିତିଯାଏ ସେହିଦିନ ହସ ଖୁସିରେ ତ
କେତେ ଆନନ୍ଦ ଉଲ୍ଲାସରେ ॥

କେତେ ମାଟି ଦୀପ ମୁଁ କିଣି ଆଣିଥାଏ
ଘଡି ଚକ୍ରି ଫୁଲଝରୀ,
ତାଳ ଫଟାକା ଲଙ୍କା ବାଣର ଶବ୍ଦରେ
ଅଗଣା ଉଠଇ ପୂରୀ ॥

ଦୀପ ଜ୍ୟୋତିର ପ୍ରକାଶିତ ଧାରାରେ ମା
କାଳୀଙ୍କ ହୁଏ ଆଗମନ,
ପବିତ୍ର ଦୀପାବଳୀ ଅବସରରେ ମୋର
ଶୁଭେଚ୍ଛା ଓ ଅଭିନନ୍ଦନ ॥

ପଲ୍ଲିକଣ୍ଠା,
ଏରସମା, ଜଗତସିଂହପୁର

# ..୨୦୨୦ ରେ ବିଶ୍ୱ..

ଇଂ.ନଶୀକାନ୍ତ ମିଶ୍ର

ତାଲା ବନ୍ଦ ସମୟରେ ଘରେ ବସି ବସି ଭାବୁଥାଏ ନିଜ ଭବିଷ୍ୟତ କଥା। ଭାବୁଥାଏ ହଜିଯାଇଥିବା ମୋର ସେହି ଛାତ୍ରାବାସର ଦୁନିଆ ଆଉ ସାଙ୍ଗ ସାଥି ମାନଙ୍କ ସହ ଇଉଟିଲିଟି ରେ ବିତାଇଥିବା ସେହି ଖଟି ର ମୁହୂର୍ତ୍ତ। ହାତରେ ମ୍ୟାଗି ପ୍ଲେଟ ସହ ଥମ୍ପସପ୍ ର ସବୁଜ ବୋତଲ ଆଉ ସେ ଥଣ୍ଡା ପବନ ସବୁକଛି ସାରିଯାଇଛି ଆଜି। ଘର ଭିତରେ ରହି ମୋବାଇଲ ଫୋନ, ପାଠ ପଢ଼ା ନାହଲେ କଛି କାମ କରିକରି ବିତିଯାଉଛି ଜୀବନ। ସମସ୍ତେ ପ୍ରାୟ ପାଲଟି ଗଲେଣି ଚଡିଆଖାନା ର ପଶୁପକ୍ଷୀ। ଏମିତି ସବୁ ଭାବିବା ଭିତରେ ଇଛା ହୁଏ ସତ୍ୟକାହାଣୀକୁ ନେଇ କଛି ଲେଖିବାକୁ ।

୨୦୧୯ ର ବିଦାୟ ପରେ ଆରମ୍ଭ ହୁଏ ୨୦୨୦ ବର୍ଷ। ନବବର୍ଷର ଆଗମନ ରେ ସାରା ବିଶ୍ୱ ଖୁସିରେ ଉତଫୁଲିତ ହୋଇଉଠେ। ଆକାଶରୁ ଝରିପଡ଼େ ରଙ୍ଗୀନ ଆଲୋକ ର ଆତସବାଜି। ମଜା ମସ୍ତି ରେ ନୂତନ ଜୀବନ ଆରମ୍ଭ କରିବାର ସ୍ୱପ୍ନ ଦେଖନ୍ତି ବିଶ୍ୱବାସୀ। ମନ୍ଦିର, ମସଜିଦ, ଗୀର୍ଜା ଆଦି ଧାର୍ମିକ ସ୍ଥାନକୁ ଛୁଟିପଡ଼େ ଭକ୍ତ ମାନଙ୍କର ସୁଅ। ସେମାନେ ଚାହାନ୍ତି ତାଙ୍କ ଆରାଧ୍ୟ ଦେବତା ଙ୍କୁ ଦର୍ଶନ କରି ଆରମ୍ଭ କରିବାକୁ ତାଙ୍କ ନୂତନ ଜୀବନ। ବିଦ୍ୟାଳୟର କୁନି କୁନି ପିଲାମାନେ ଚନ୍ଦ ବିଚନ୍ଦ ରଙ୍ଗୀନ କାଗଜ ରେ ବିଭିନ୍ନ ଢଗଢମାଳ ଆଦି ଲେଖି ନିଜ ବନ୍ଧୁ ମାନଙ୍କୁ ନବବର୍ଷର ଅଭିନନ୍ଦନ ଜଣାଇ ହୁଅନ୍ତି ଆନନ୍ଦିତ। ଏପରି ଆରମ୍ଭ ହୁଏ ୨୦୨୦ ବର୍ଷ।

ସବୁକିଛି ଭଲରେ ଚାଲିଥାଏ। ସମସ୍ତେ ବ୍ୟସ୍ତତା ର ସହ ନିଜ କର୍ମକ୍ଷେତ୍ରରେ କର୍ମ କରୁଥାନ୍ତି। ଅଗକୁ ବଢ଼ି ଚାଲିଥାଏ ନିଜସ୍ୱ ଏବଂ ଦେଶର ଅଗ୍ରଗତି। ଏପରି କିଛିଦିନ ପରେ ଆସିଯାଏ ଫାଲଗୁନ (ମାର୍ଚ୍ଚ) ମାସ। ପ୍ରତି ବର୍ଷ ପରି ଭାରତ ମାଟିରେ ଆରମ୍ଭ ହୁଏ ଦୋଳଯାତ୍ରା। ଦୋଳଠାକୁର ଥିବା ଗ୍ରାମ ର ଗ୍ରାମବାସୀ ମାନେ ଦୋଳ ବିମାନକୁ କାନ୍ଧରେ

ଧରି ବିଭିନ୍ନ ଗ୍ରାମ ବୁଲି ବୁଲି ଭୋଗ କରନ୍ତୁ। ଘଣ୍ଟ, ଶଙ୍ଖ, ତୂରୀ, ଢୋଲ, ମୃଦଙ୍ଗ ଆଦି ନାନାଦି ବାଦ୍ୟରେ ପ୍ରକମ୍ପିତ ହୋଇଉଠେ ସାରା ଗ୍ରାମ। ହସ ଖୁସି ପିଠା ପଣା ରେ ସମସ୍ତେ ଉପଭୋଗ କରୁଥାନ୍ତି ଏହି ମାସକୁ କିନ୍ତୁ ଗ୍ରାମର ବୃଦ୍ଧ ବ୍ୟକ୍ତି ମାନେ ଅପେକ୍ଷା କରିଥାନ୍ତି ପ୍ରଭୁଙ୍କର ସେହି ଝୁଲଣ ଦିନକୁ। ଝୁଲଣ ସମୟରେ ନାହକ ଆସି ପଢ଼ନ୍ତି ନୂତନ ପଞ୍ଜିକା, ଯେଉଁଠୁ ଶୁଣିବାକୁ ମିଳେ ବର୍ଷକର ଭବିଷ୍ୟତ ଜ୍ୟୋତିର୍ବିଦ ମାନଙ୍କ ଲେଖାରୁ। ସବୁକିଛି ଠିକ୍ ସେମିତି ହିଁ ହେଲା। ନାହକ ପାଞ୍ଜି ପଢି ଶୁଣେଇଲେ ଏହି ୨୦୨୦ବର୍ଷ ଭଲରେ ଯିବ କିନ୍ତୁ କିଛି ପ୍ରାକୃତିକ ବିପର୍ଯ୍ୟୟ ନିଶ୍ଚିତ ଆସିବ। ଏହା ଶୁଣି ଗ୍ରାମବାସୀ ମାନେ ଆନନ୍ଦ ନହେଲେ ବି ଚିନ୍ତିତ ବି ହେଲେନି। ପ୍ରାକୃତିକ ବିପର୍ଯ୍ୟୟ ସବୁ ବର୍ଷ ଆସିଥାଏ ଆଉ ସେସବୁକୁ ଭୟ ଥିଲେବି ଲୋକମାନଙ୍କର ଅଭ୍ୟାସ ଥାଏ ସାମ୍ନା କରିବାର, ତେଣୁ ସେତେ କିଛି ଫରକ ନଥାଏ ସେମାନଙ୍କ ଉପରେ।

ସବୁ କର୍ମ ସାରି ଗ୍ରାମବାସୀ ମାନେ ଯାଆନ୍ତି ନିଜ ଘରକୁ। ପୁଣି ସବୁକିଛି ଠିକ୍ ଠାକ୍ ଚାଲେ ତାପରଠୁ। ଠିକ୍ ମାସେ ଯାଇଛି କି ନାହିଁ ଟେଲିଭିଜନ ର ପରଦା ଚିରି ଭାସି ଆସେ ଏକ ଭୟାନକ ସମ୍ବାଦ। ଧଡ଼ ଧଡ଼ କରି ଥରିଉଠେ ସାରା ଭାରତୀୟଙ୍କ ହୃଦୟ। ଚୀନ ଦେଶ ରୁ ମାଡ଼ି ଆସିଥିଲା ନୂତନ ଭୁତାଣୁ ଜନିତ ରୋଗ। ନାମ ଥିଲା କରୋନା। ପୂର୍ବରୁ ଅନ୍ୟ ଦେଶ ମାନଙ୍କରେ ମହାମାରୀ ରୁପେ ଖେଳଯାଇଥିଲା। ଏବେ ପାଳି ପଡିଛି ଏହି ଭାରତ ମାଟିର। ଭାରତୀୟ ମାନଙ୍କ ଜୀବନ ସହ ଖେଳିବାକୁ ପଣ କରି ବୋଧେ ଆସିଛି ଏହା ଭାରତ ମାଟିକୁ। ଏମିତି ସବୁ ଭାବୁଥାନ୍ତି ଲୋକମାନେ।

ବୈଜ୍ଞାନିକ ମାନେ ରିସର୍ଚ୍ଚ ବି କରୁଥାନ୍ତି ସେହି ରୋଗର ସୃଷ୍ଟି ଆଉ ପଥ୍ୟ ଜାଣିବାକୁ। କୌଣସି ସିଦ୍ଧାନ୍ତ ନେଇପାରୁନଥାନ୍ତି ସେମାନେ। କିଛି କହୁଥାନ୍ତି ଏହା ଏକ ପ୍ରାକୃତିକ ରୋଗ ଯାହା ବଜ୍ରକାପ୍ତା ଠାରୁ ମଣିଷକୁ ଆସିଛି। କାରଣ ଚୀନ ର ଉହାନ ସହରରେ ବିଭିନ୍ନ ପ୍ରକାରର କଞ୍ଚା ମାଂସ ବିକ୍ରି ହୁଏ। ବଜ୍ରକାପ୍ତା ମାଂସ ର ଚାହିଦା ସେଠି ବହୁତ ଅଧିକ। ସେହିଦେଶର ଲୋକମାନେ ଅସୁର ପ୍ରଜିତିର। କୀଟପତଙ୍ଗଠୁ ଆରମ୍ଭ କରି ଜୀବଜନ୍ତୁ କାହାକୁ ବି ଛାଡ଼ନ୍ତିନି ସେମାନେ। ଘର ର ମା ହାତ ରନ୍ଧା ପଖାଳ, ବଡ଼ିଚୁରା ଠୁ ବି ଢାଳେ ସୁସ୍ୱାଦୁ ସେସବୁ ଚୀନ ବାସିନ୍ଦାଙ୍କ ପାଇଁ।

ପୁଣି ଆଉ କେହି କୁହନ୍ତ ଚୀନ ଏହି ଭୁତାଣୁ କୁ ଆଧୁନକ ପ୍ରଣାଳୀରେ ଉହାନ ସହରର ପ୍ରୟୋଗଶାଳା ରେ ନର୍ମାଣ କରୁଥିଲା। ଦୁର୍ଭାଗ୍ୟ ବଶତଃ ଲିକ ହୋଇ ଏଭଳ ସଙ୍କଟ ସୃଷ୍ଟି ହୋଇଛି। ସେ ଯାହାବିହେଉ କନ୍ତୁ ଦୁଃଖର ବିଷୟ କଛିବି ଔଷଧ ବହାରିପାରିଲାନ। ବୋଧେ ଭଗବାନ ହିଁ ଏହା ଗୃହାନ୍ତୁ।

ଏମିତି ସବୁ ପରିସ୍ଥିତି ମଧରେ ବଦଳ ଯାଇଥାଏ ସାରା ବିଶ୍ବର ପରିସ୍ଥିତି। କରୋନା ମହାମାରୀ ରେ କବଳତ ହୋଇଯାଏ ବିଶ୍ବର ୨୧୫ଟି ରାଷ୍ଟ୍ର। ଥରହର ହେଉଥାଏ ସାରା ବିଶ୍ବ। ବିଶ୍ବ ସମୁଦାୟ ସହ ଭାରତବର୍ଷ ମଧ ଫସିଯାଇଛି କାଳର ଅନ୍ଧକାରରେ। ହାତବାକ ହୋଇପଡନ୍ତୁ ବିଶ୍ବବାସୀ। ଏମିତିକ ୬୫ ବର୍ଷୀୟ ବ୍ରାଜିଲ ର ରାଷ୍ଟ୍ରପତି ଜୈର ବୋଲସୋନାରୋ ମଧ ଆକ୍ରାନ୍ତ ହୁଅନ୍ତୁ କରୋନା ରେ କନ୍ତୁ ଡରିଯାଏନ ଭାରତ। ଭାରତର ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀ ସାରା ଦେଶକୁ ଆହ୍ୱାନ କରନ୍ତୁ ତାଲା ବନ୍ଦ ହୋଇ ରହିବାପାଇଁ। ଏହି ରୋଗରୁ ରକ୍ଷା ପାଇବାପାଇଁ କେବଳ ଉପାୟ ହେଉଛି; ସାମାଜିକ ଦୂରତ୍ୱ, ହାତ ସଫା ରଖିବା ଏବଂ ଘରୁ ବାହାରିଲେ ବଳଦଙ୍କ ପରି ମୁହଁରେ ତୁଣ୍ଡି ବାନ୍ଧିବା ଆଦି। ଏତିକି ସଚେତନତା ମାନିବା ସହ ଭଗବାନଙ୍କ ଆଶ୍ରିବାଦ ଥିଲେ ବଞ୍ଚିବାର ଆଶା ଥାଏ। କେତେଦିନ ବି ମାନି ହେବ ଏସବୁ ନିୟମ। ବଞ୍ଚିବା ପାଇଁ ବାହାରକୁ ତ ଯିବାକୁ ହିଁ ପଡିବ, ତେଣୁ ସବୁ ସମୟରେ ପ୍ରତ୍ୟେକ ନୟମ ମାନବା ସମ୍ଭବ ହେଉନଥାଏ ଦେଶବାସୀଙ୍କ ପାଇଁ। ୯୦ ପ୍ରତିଶତ ଲୋକ ମାନୁଥିବା ବେଳେ ୧୦ ପ୍ରତିଶତ ଲୋକ ମାନୁ ନାଥାନ୍ତୁ ସରକାରଙ୍କ ନୟମ। ନଜ ପରିବାର କୁ ପଛ କରି ଦିବା ରାତ୍ରି ଏକ କରି କାମ କରୁଥାନ୍ତୁ ପୋଲିସ ପ୍ରଶାସନ ଏବଂ ଆଗକୁ ଆସିଥିବା କଛି ସ୍ୱେଚ୍ଛାସେବୀ ଭାଇ,ଭଉଣୀ ମାନେ। କଛି ମାତ୍ରାରେ ସଫଳ ବି ହୁଅନ୍ତୁ ସେମାନେ।

ମହାମାରୀ ପାଇଁ ସବୁ ରାଜ୍ୟରେ ଚାଲେ ହାଇହାଲଟ। ଭକ୍ତ ମାନଙ୍କ ପାଇଁ ବନ୍ଦ ହୋଇଯାଏ ସମସ୍ତ ତୀର୍ଥ ସ୍ଥାନ, ଏପରିକ ଜଗନ୍ନାଥଙ୍କ ମନ୍ଦିର ମଧ ହୋଇଯାଏ ଜନଶୂନ୍ୟ। ଠପ୍ ହୋଇଯାଏ ଦୁଇ ଚକଆ ଠାରୁ ଉଡାଯାହାଜ ପର୍ଯ୍ୟନ୍ତ ସମସ୍ତ ଯାନ ବାହନ। ବନ୍ଦ ହୋଇଯାଏ ସମସ୍ତ ଦୋକାନ ଓ ସପିଙ୍ଗମହଲ। ବନ୍ଦ ହୋଇଯାଏ ସମସ୍ତ କଲକାରଖାନା। ରାଜ୍ୟ ବଦଳାଇ ଅନ୍ୟ ରାଜ୍ୟକୁ କର୍ମ କରିବାକୁ ଯାଇଥିବା ହଜାର ହଜାର ଲୋକଙ୍କ ଆଖିରୁ ହଜିଯାଏ ନଦ। ଖାଇବାକୁ ନପାଇ ହାତଯୋଡି କାନ୍ଦି କାନ୍ଦି ନଜ ଦୁଃଖ ଜଣାନ୍ତୁ

ସରକାରଙ୍କୁ। କିଛି ଲୋକମାନେ ଉପାୟ ନପାଇ ନିଜ ପରିବାରକୁ ଧରି ଶହ ଶହ କିଲୋମିଟର ଆସୁଥାନ୍ତି ସାଇକେଲରେ। ଭୋକ ଉପାସରେ ସାଇକେଲରେ ଏତେ ବାଟ ଆସୁ ଆସୁ କାହାର ପ୍ରାଣ ବି ଚାଲିଯାଉଥାଏ। କେଉଁଠି ମା ଟିଏ ତା ପିଲାକୁ ଟ୍ରଲି ରେ ବସେଇ ଟାଣି ଟାଣି ଆଣୁଥାଏ ତ ଆଉ କେଉଁଠି ଶ୍ରମିକ ମାନେ ରେଳ ରାସ୍ତାରେ ଚାଲି ଚାଲି ଆସୁଥିବାବେଳେ ରେଳ ଗାଡ଼ି ର ଚକାତଳେ ଚାପି ହୋଇ ହରାଇଦିଅନ୍ତି ସେମାନଙ୍କ ପ୍ରାଣ। ଏମିତି ସବୁ ପରିସ୍ଥିତି ଦେଖି ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ବିଶେଷ ରେଳ ଓ ବସ୍ ର ବ୍ୟବସ୍ଥା କରନ୍ତି। କିଛିମାତ୍ରାରେ ପରିସ୍ଥିତି ସୁଧୁରିବାର ଆଶାଥାଏ କିନ୍ତୁ ଅନେକ ବସ୍ ଦୁର୍ଘଟଣା ଗ୍ରସ୍ତ ହୋଇ ନଷ୍ଟ ହୁଏ ଅନେକ ଜୀବନ।

ଏଥି ମଧ୍ୟରେ ମହାମାରୀ ର ପ୍ରକୋପ ଅନେକ ଅଧିକ ହୋଇଯାଇଥାଏ। ଡାକ୍ତର, ନର୍ସ ମନେ ନିଜ ପରିବାରଠୁ ଦୂରରେ ରହି ଲୋକମାନଙ୍କୁ ବଞ୍ଚେଇବା ପାଇଁ ଚେଷ୍ଟା କରୁଥାନ୍ତି। ଚଳନ୍ତି ଭଗବାନ ପାଲଟି ଯାଇଥାନ୍ତି ସେମାନେ। ଏହି ମହାମାରୀ ଏପରି ଏକ ରୋଗଯେ ଆକ୍ରାନ୍ତ ବ୍ୟକ୍ତିଙ୍କ କୌଣସି ବି ସଂସ୍ପର୍ଶରେ ଆସିବା ମାତ୍ରେ ରୋଗ ବ୍ୟାପିଥାଏ। ଆକ୍ରାନ୍ତ ମାନଙ୍କ ପାଇଁ ଅନେକ ପଦକ୍ଷେପ ନେଉଥାନ୍ତି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର। ସେମାନଙ୍କ ପାଇଁ ବିଶେଷ ଚିକିତ୍ସାଳୟ ଏବଂ ବାହାର ଦେଶ ବା ରାଜ୍ୟରୁ ଆସୁଥିବା ଆକ୍ରାନ୍ତ ବ୍ୟକ୍ତିଙ୍କ ତତ୍କାଳ ପାଇଁ ଅଲଗା ରହିବା ଖାଇବା ର ବନ୍ଦୋବସ୍ତ ମଧ୍ୟ କରିଥାନ୍ତି। କିନ୍ତୁ କିଛି ଲୋକମାନେ ଏକୁଟିଆ ରହିବାର ଭୟ ଏବଂ ନିକୃଷ୍ଟ ଖାଦ୍ୟ ଦିଆଯାଉଥିବା ଭାବି ଖସିଯିବାକୁ ଚେଷ୍ଟା କରି ହଇରାଣ କରନ୍ତି ପ୍ରଶାସନ କୁ। ଅନେକ ପରିଶ୍ରମ କରି ସେମାନଙ୍କୁ ଆୟତ୍ତ କରୁଥାନ୍ତି ପ୍ରଶାସନ। ଏମିତିକି ଗ୍ରାମ ର ସରପଞ୍ଚ ମାନଙ୍କୁ ଦିଆଯାଇଥାଏ ଏକ ଜିଲ୍ଲାପାଳଙ୍କ ଶକ୍ତି ଏବଂ ଦାଇତ୍ୱ। ସମସ୍ତେ ଭଲଭାବରେ ନିଜ ଦାଇତ୍ୱ ତୁଲାଉଥାନ୍ତି କିନ୍ତୁ ଅନ୍ୟ ରାଜ୍ୟ ଫେରନ୍ତା ଶ୍ରମିକ ମାନେ ସରକାରଙ୍କ ମୁଣ୍ଡ ବିନ୍ଧା ର କାରଣ ପାଲଟିଯାନ୍ତି। ହଜାର ହଜାର ବ୍ୟକ୍ତି ଆକ୍ରାନ୍ତ ହୁଅନ୍ତି ଏହି ମହାମାରୀ ରେ । ସାରା ବିଶ୍ୱ ରେ ଏକ କୋଟି ରୁ ଅଧିକ ବ୍ୟକ୍ତି ଆକ୍ରାନ୍ତ ହୁଅନ୍ତି। ପାଞ୍ଚ ଲକ୍ଷ ରୁ ଅଧିକ ଜୀବନ ନଏ ଏହି ମହାମାରୀ। ବିଶ୍ୱ ର ପ୍ରଥମେ ଆମେରିକା, ବ୍ରାଜିଲ ଏବଂ ୩ୟ ସ୍ଥାନରେ ପହଞ୍ଚେ ଶାନ୍ତି, ମୈତ୍ରୀ ଏବଂ ସହନଶୀଳତା ର ଦେଶ ଭାରତ। ଭାରତରେ ମୃତ୍ୟୁ ବଢି ବଢି ୧୦ହଜାର ଟପିଯାଏ। ଦେଶର ଅର୍ଥନୀତି ଦୁର୍ବଳ ହୋଇପଡ଼ିଥାଏ। ସମସ୍ତେ ଥାନ୍ତି କରୋନା ମହାମାରୀ ର ଚିନ୍ତାରେ।

ହଠାତ ସୀମାନ୍ତରୁ ଶୁଭେ ଜୟହିନ୍ଦ ର ନାଦ୍। ଜଣାପଡେ ୧୯୬୨ ମସିହା ଭାରତ ଚୀନ ଯୁଦ୍ଧ ର ଦୀର୍ଘ ୫୭ବର୍ଷ ର ଅବଧି ପରେ ପୁନର୍ବାର ଚୀନ ସେନା ଭାରତର କଛି ଅଂଶ ଅଧିକାର କରିବାକୁ ଆସିଛି। ଦୁଇ ଦେଶର ସେନାଙ୍କ ମଧ୍ୟରେ ଧସ୍ତାଧସ୍ତି ମଧ୍ୟ ହୋଇଥାଏ। ସେଥିରେ ଭାରତର ୨୦ଜଣ ଯବାନ ସହୀଦ ହୁଅନ୍ତ ଏବଂ ଚୀନ ର ୪୦ରୁ ଅଧିକ ସେନା ମୃତାହତ ମଧ୍ୟ ହୁଅନ୍ତ। ଏହାପରେ ଆରମ୍ଭ ହୁଏ ଦୁଇଦେଶ ମଧ୍ୟରେ ତିକ୍ତତା। ଭାରତ ସରକାର ଚୀନ ର ପ୍ରତ୍ୟେକ ଜିନଷ ଉପରେ ବ୍ରେକ ଲଗାନ୍ତ। ଭାରତ କୁ ସମର୍ଥନ କରିବାକୁ ଆଗେଇ ଆସନ୍ତ ଆମେରିକା, ରୁଷ ଏବଂ ଜାପାନ ପରି ଶକ୍ତିଶାଳୀ ରାଷ୍ଟ୍ର। ଡରିଯାଏ ଚୀନ ସେନା ଏବଂ ୨ କ.ମି. ପଛକୁ ପୁଣି ଫେରିଯାଏ।

ସମୟ ହୋଇଯାଇଥାଏ ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା ର। କାହାରି ଦୃଷ୍ଟି ନଥାଏ ସେ ଦିଗରେ। ପୁରୀ ର ଗଜପତି ମହାରାଜା ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିଥିଲେ ହେଁ କୌଣସି ପ୍ରତିଉତ୍ତର ମିଳନଥାଏ। କେନ୍ଦ୍ର ସରକାର ଏବଂ ହାଇ କୋର୍ଟ ଙ୍କ ନର୍ଦ୍ଦେଶ କ୍ରମେ ରଥ ନର୍ମାଣ ଶେଷ ହୋଇଯାଇଥାଏ। ଜନସ୍ୱାର୍ଥ କୁ ଆଖିରେ ରଖି ସୁପ୍ରିମକୋର୍ଟ ନର୍ଦ୍ଦେଶ ଦିଅନ୍ତ ଚଳତ ବର୍ଷ ରଥଯାତ୍ରା ନକରିବାକୁ। ଏହା ଜାଣିବା ପରେ ଭକ୍ତ ମାନଙ୍କ ଆଖିରୁ ଝରିଆସେ ଅଶ୍ରୁଧାର୍। କଏ ବା କଣ କରିବ ପ୍ରଭୁ ତ ନଜେ କହିଛନ୍ତ " କରି କରାଉ ଥାଏ ମୁହିଁ, ମୋ ବିନୁ ଅନ୍ୟ ଗତି ନାହିଁ &unquot;। ସେ ତ ସୃଷ୍ଟି ର ସ୍ରଷ୍ଟା। ସବୁକଛି ତାଙ୍କରି ଇଙ୍ଗିତରେ ହିଁ ହୁଏ। ସମସ୍ତଙ୍କର ସୁପ୍ରିମ, ସମସ୍ତଙ୍କ ଠାରୁ ଶକ୍ତିଶାଳୀ ସେ । ଯେବେ ସେ ନଯେ ଚାହାନ୍ତ ରଥାରୂଢ ହେବାପାଇଁ କଏ ବା ତାଙ୍କୁ ବ୍ରେକବ। ରଥଯାତ୍ରା ପୂର୍ବଦିନ ପୁନର୍ବାର ଶୁଣାଣି ହେଲ୍ ସୁପ୍ରିମକୋର୍ଟ ରେ, କେବଳ ପଣ୍ଡା, ସେବାୟତ ଏବଂ ପୋଲିସ ବନ୍ଧୁ ମାନଙ୍କ ସହ ବଡଦାଣ୍ଡରେ ଗଡ଼ିଲ୍ ପ୍ରଭୁଙ୍କ ରଥ।

କରୋନା ମହାମାରୀ ରେ ହଜାର ହଜାର ଜୀବନ ହାରିଥିବା ବ୍ୟକ୍ତଙ୍କ ସମ୍ପର୍କୀୟଙ୍କ ସହ ପ୍ରଭୁଙ୍କ ଭକ୍ତ ମାନଙ୍କ ଆଖିରୁ ଝରୁଥାଏ ଲୁହଧାର। କେହି କେହି କାନ୍ଦି କାନ୍ଦି କହୁଥାନ୍ତି " ପ୍ରଭୁ ସତରେ କଣ ତମେ ଅଛ ?& unquot; ଯଦି ଅଛ, ଯଦି ଶ୍ରୀମନ୍ଦିରରୁ ବାହାରକୁ ବହାରିଛ ତେବେ ରକ୍ଷା କର ତୁମ ଦେଶକୁ, ତୁମର ଏ ସୁନ୍ଦର ସୃଷ୍ଟି କୁ ଏହି ମହାମାରୀ କବଳରୁ। ରକ୍ଷାକର ରକ୍ଷାକର କହି କାନ୍ଦି କାନ୍ଦି ନିଜର ଲୋତକ ଗଙ୍ଗାରେ ଭିଯାଇ ଦେଉଥାନ୍ତ ମାଟି ମା ର ପାଦ।

ଏ.ପି.ଜେ ଅବଦୁଲକଲମ ଙ୍କ ଟର୍ନିଙ୍ଗ ପଏଣ୍ଟ ପୁସ୍ତକ ର ସେହି ଆକଳନ ("୨୦୨୦ ମସିହା ବେଳକୁ ଭାରତ ବର୍ଷ ଏକ ବିକଶିତ ଦେଶ ରୂପେ ସାରା ବିଶ୍ୱ ରେ ଥିବ&unquot;) ଯେପରି ଓଲଟି ଯାଇଛି। ଖସିପଡିଛି ଦେଶର ଆର୍ଥିକ ଅବସ୍ଥା, ଏମିତିକ ସରକାରୀ ଚାକରିଆ ମାନଙ୍କ ଦରମା କଟାଯାଇଛି କରୋନା ମହାମାରୀ ପାଇଁ। ଅବଶ୍ୟ ସରକାର ବଞ୍ଚିବା ପାଇଁ ଗରିବ ଲୋକଙ୍କୁ ସାହାଯ୍ୟ କରୁଛନ୍ତି। ଦେଶ ସହ ସାରାବିଶ୍ୱ ଚାଲିଯାଇଛି ଅନେକ ବର୍ଷ ପଛକୁ। ଲାଗୁଛି ସତେ ଯେମିତି ସବୁ ପାଲଟିଯିବେ ବଣମଣିଷ । ଆଜିବି ରହିଯାଇଛି ଭାରତବର୍ଷ ସେହି ବିକାଶନ୍ମୁଖୀ ହୋଇ।

କ୍ଷୀରବାଟି, ଗୌଡୁଣିପଡ଼ିଆ, ଜଗତସିଂହପୁର
ଫୋନ: ୮୭୩୭୨୨୩୨୩୭

# ପରିବର୍ତନ

ଡ. ସୁନୀଲ କୁମାର ଶତପଥି

କିଛି ତ ବଦଳିନି
ସେଇ ସକାଳୁ ଉଠିବା
ଅଫିସ ଆସିବା
କିଛି କାମ, କିଛି ଗପ ସପ ପରେ
ସନ୍ଧ୍ୟାରେ ଘରକୁ ଫେରିବା
କିଛି ତ ବଦଳିନି

କିଛି କରି ପାରୁ ନ ଥିବାର ଦୁଃଖରେ
ଆଉ କିଛି ନୂଆ କରିବା ଆଶାରେ
ମନ ଭିତରଟା ଆଉଟୁ ପାଉଟୁ ହେବା
କିଛି ତ ବଦଳିନି

କିଛି ବନ୍ଧୁଙ୍କ ସହଯୋଗ, କିଛିଙ୍କ ଅସଂହିସତା
ପରିବାର ଭିତରେ ଭୁଲ ବୁଝାମଣା
ସମ୍ପର୍କର ଉଥଲ ପୁଥାଲ
କିଛି ତ ବଦଳିନି

ହେଲେ କାହିଁକି ହୃଦୟର ଗଭୀରତରେ
କିଛି ହଜାଇ ଦେବାର,
ଆଉ କିଛି ନୂଆ ପାଇଁ ଯିବାର
ଆଶା ଓ ଆଶଙ୍କା ଭିତରେ
ବହୁତ କିଛି ବଦଳି ଯାଇଛି
ବାହାର ଓ ଭିତର ଦୁନିଆରେ

ପଂ ଦିନଦୟାଲ ଉପାଧ୍ୟାୟ ନଗର
ରାୟପୁର,ଛତିଶଗଡ

# ଡାକବାଲା୍



ଜିତଲାଲ କାଣ୍ଡ

ମୂଳ ହିନ୍ଦୀ - ଉଦୟ ରାଜ ବର୍ମା ଉଦୟ
ଅନୁବାଦ - ଜିତଲାଲ କାଣ୍ଡ

ଡ଼ାକ ବାଲା ଆସୁଥିଲା
ଖୁସିର ଖବର ଦଉଥିଲା,
କେବେ କେବେ ଟଙ୍କା ମୁଣା ଆଣି ଦେଉଥିଲା।

ମନ ଆନନ୍ଦରେ ନାଚି ଉଠୁଥିଲା
ଖରାପ ସମୟରେ
ଦୁଃଖ ର ଖବର ଶୁଣେଇ
ସାବଧାନ କରୁଥିଲା।

ସମୟ ବଦଳି ଗଲା
ଦୁନିଆ ଡିଜିଟାଲ୍
ହେଇଗଲା,
ଡ଼ାକ ବାଲା ସବୁ ଲୁଚି ଗଲେଣି,
ସ୍ୱାର୍ଥ ରେ ଅନ୍ଧ ହୋଇଗଲେଣି
ମଣିଷ,
ଦୁନିଆରେ ଡ଼ାକବାଲା କୁ
ଲୁଚାଇ ଦେଲିଣି ଏ ମଣିଷ।
ପୁଣି କିଏ ଆଉ,

ଖୁସିର ଖବର ନେଇକି ଆସିବ,
ଈଶ୍ୱର ପଠେଇ ଥିବା ଉପହାର
ଆମ ନିକଟକୁ
କିଏ ପହଞ୍ଚାଇବ ???
ମଣିଷ ପ୍ରତି ଆସୁଥିବା ସଂକଟ ରୁ
ଆଗରୁ କିଏ ସାବଧାନ କରିବ ????

ଗ୍ରାମ - କରେକେଲ୍
ଜିଲ୍ଲା - ନୂଆଁପଡ଼ା।

# ସର୍ବଂସହା



କାଳକଙ୍କର

ଧାରାବାହିକ ଉପନ୍ୟାସ:

(ପଞ୍ଚମ ଭାଗ)

ଭାଗ୍ୟ ନଗରରେ ଜେମାର ଦିନ ଖେଳବା, ଖାଇବା ଓ ଶୋଇବାରେ ବିତେ । ଜମିଦାର ଘରର ଝିଅ । ଅବଧାନଙ୍କ ସହ ଆସିଛି । ତେଣୁ ସମସ୍ତେ ତାକୁ ସ୍ନେହ ଓ ସମ୍ମାନ ଦୃଷ୍ଟିରେ ଦେଖୁଥିଲେ ।

ଅବଧାନଙ୍କ ଘରପାଖରେ ଜଣେ ବିଧବାଙ୍କର ଘର । ତାଙ୍କର ଜଣେ ବୋଲି ପୁଅ । ନାଁ ତାର ଭଗୀରଥ । ଗରିବ ଘରର ପୁଅ ସେ । ବାପା ତାର ଥିଲେ ଜଣେ ସୈନୀକ । ଦେଶର ସୀମାରେ ଶତ୍ରୁ ସହ ଯୁଦ୍ଧ କରି ସେ ଶହୀଦ୍ ହୋଇ ଯାଇଥିଲେ । ସେ ଶହୀଦ୍ ହେଲାବେଳକୁ ମାଆ କୋଳରେ ଥାଏ ଭଗୀରଥ । ଭଗୀରଥର ବିଧବା ମାଆଙ୍କର ମଧ ବୟସ ପ୍ରାୟ କୋଡିଏ ହୋଇଥିଲା ସେତେବେଳେ । ଏ ବୟସରେ ବାର୍ଦ୍ଧକ୍ୟର କଷଣ ଖୁବ୍ ପୀଡାଦାୟକ ଥିଲା ।

ସୀମାରେ ଗୁଳ ଫୁଟେ । ସେ ପଟରୁ ହେଉ କ ଏ ପଟରୁ ଯିଏ ଗୁଳ ଫୁଟାଏ ସେ ଜଣେ ମଣିଷ । ଯାହା ଉପରକୁ ସେ ଗୁଳ ଫୁଟାଏ ସେ ମଧ ମଣିଷ । ସେହି ହାତ, ଗୋଡ, ଆଖି କାନ ଥିବା ତା ଭଳ ମଣିଷ । ସେ କାହାର ପୁଅ, କାହାର ଭାଇ ପୁଣି କାହାର ସ୍ୱାମୀ ହୋଇଥାଏ । ହୁଏତ ତାର ଦରମାର ଟଙ୍କାରେ ପରିବାର ଚଳେ । ତା ବୁଢ଼ା ବୁଢ଼ୀ ବାପା, ମାଆ, ଜେଜେ, ଜେଜେମାଙ୍କ ପାଇଁ ଔଷଧ ଆସେ ।

ସେ ଯେଉଁ ଦରମାରୁ କଛି ଟଙ୍କା କାଟି ରଖୁଥିଲା ସେଥିରେ ଘରେ ଥିବା ତାର ଷୋଡଶୀ ଭଉଣୀର ବାହାଘର ହୋଇ ଥାଆନ୍ତା । ତାର ଭାଇ ସ୍କୁଲ ଯାଇ କମ୍ବା କଲେଜ ଯାଇଥାଆନ୍ତା। ହୁଏତ ତାର ଛୋଟ ଛୋଟ ପୁଅ ଝିଅ ସ୍କୁଲରେ ପାଠ ପଢୁଛନ୍ତୁ ଏହି ସୈନୀକର ଟଙ୍କାରେ ।

ସୈନୀକମାନେ ନିରପରାଧ । ସେମାନେ କାହାର ଶତ୍ରୁ ହୋଇ ନ ଥାଆନ୍ତି । ସେମାନେ ଚାକରୀ କରିଥାଆନ୍ତି । ଏମାନେ ଦେଶର ସୀମାହେଉ କିମ୍ବା ଆଭ୍ୟନ୍ତରୀଣ ଶାନ୍ତି ଶୃଂଖଳା ହେଉ, ସବୁର ଦାୟିତ୍ୱରେ ଥାଆନ୍ତି । ଦେଶ ଭିତରେ ମଧ୍ୟ ଆମ ଲୋକେ ବେଳେବେଳେ ଧର୍ମ, ଜାତି, ଗୋଷ୍ଠି, ଦଳ, ସ୍ଥାନ ଆଦିକୁ ନେଇ ସମସ୍ୟା ସୃଷ୍ଟି କରନ୍ତି । ପୋଲିସ୍ ହୁଅନ୍ତୁ କି ସୈନୀକ, ତାଙ୍କ ଉପରକୁ ଗୁଳି ଫୁଟାନ୍ତି । ପଥର ଫିଙ୍ଗନ୍ତି । ଠେଙ୍ଗା ଲାଠିରେ ପିଟନ୍ତି । ବାଧ୍ୟ ହୋଇ ଏମାନଙ୍କୁ ମଧ୍ୟ ସେହି ନିଜର ଲୋକଙ୍କ ଉପରକୁ ଗୁଳି, ଲାଠି ବ୍ୟବହାର କରିବାକୁ ପଡେ । କେଡେ ବିଷମ ସତରେ ଏ ଦୁନିଆଁ ? ଈଶ୍ୱର ମଣିଷ ସୃଷ୍ଟିକଲେ ସତ ଏ ପୃଥିବୀପାଇଁ କିନ୍ତୁ ତାଙ୍କୁ ବିଭିନ୍ନ ସୀମାରେ ବାଂଟି କରି ରଖିଲେ । ଏ ସବୁ ଆଦୌ ଭଲ ନୁହେଁ । ମଣିଷକୁ ମଣିଷ ବିରୁଦ୍ଧରେ ବ୍ୟବହାର ହେବାକୁ ଛାଡିଦେଲେ । କାହିଁକି ? ଏ କାମ କରି ନ ଥିଲେ କଣ ହୋଇ ନ ଥାଆନ୍ତା ?

ଯଦି ମଣିଷକୁ ଈଶ୍ୱର ସୃଷ୍ଟିକଲେ, ଶ୍ରେଷ୍ଠ କରିବାପାଇଁ ବୁଦ୍ଧି, ବିବେକ, ମନ ଓ ହୃଦୟ ଦେଲେ ତେବେ ଏ ଅହଂକାର, ହିଂସା, ଘୃଣା, ଇର୍ଷା ଅସୂୟାଭାବ କାହିଁକି ତାଙ୍କ ଭିତରେ ଦେଲେ ? ଏଇଟା ଗୋଟିଏ ଚକ୍ରାନ୍ତ ଏ ଈଶ୍ୱରର । ଏ ଈଶ୍ୱରଙ୍କୁ ବୁଝିବା ସତରେ ବଡ ମୁସ୍କିଲ ।

ଜଣେ ରାଜା ବା ଶାସକ ତାଙ୍କ ପ୍ରଜାର ସୁଖ ସୁବିଧା ପାଇଁ ସବୁବେଳେ ଚେଷ୍ଟା କରିବା ହେଉଛି ନୀତି ଓ ଆଦର୍ଶ । ସେହି ପ୍ରଜା ରାଜ୍ୟର ବା ଦେଶର ସାହାଯ୍ୟ କରନ୍ତି । ସେମାନେ ସୈନୀକ ହୋଇ ରାଜା ଓ ରାଜ୍ୟର ସୁରକ୍ଷା ଦେଖନ୍ତି ।

ମନେ ପଡୁଛି ମହାଭାରତ ଯୁଦ୍ଧର ଆରମ୍ଭ କାଳର କଥା । ଦ୍ୱାରିକାଧୀଶ କୃଷ୍ଣଙ୍କର ସହାୟତା ପାଇଁ ପହଂଚଲେ ଦୁର୍ଯ୍ୟୋଧନ ଓ ଅର୍ଜୁନ । ସେଠାର ଭଗବାନ ଶ୍ରୀକୃଷ୍ଣ ଦୁଇଜଣଙ୍କୁ କହିଲେ ତୁମେ ଦୁଇଜଣ ସ୍ଥିର କର କଣ ନେବ ? ଗୋଟିଏ ପଟକୁ ସ୍ୱୟଂ ମୁଁ ଯାଇପାରେ କିନ୍ତୁ ଯିଏ ମୋତେ ନେବ ସେ ଭାବିବା ଉଚିତ୍ ନୁହେଁ ଯେ ମୁଁ ତା ତରଫରୁ ଯୁଦ୍ଧ କରିବି । ମୁଁ ଅସ୍ତ୍ର ମଧ୍ୟ ଧରିବି ନାହିଁ । ଦ୍ୱିତୀୟ ଭାଗ ହେଉଛି ମୋର ଏ ବିଶାଳ ନାରାୟଣୀ ସେନା, ସେମାନଙ୍କୁ ଯିଏ ନେବ ସେମାନେ ଅବଶ୍ୟ ତାଙ୍କ ତରଫରୁ ଯୁଦ୍ଧ କରିବେ । ଦୁର୍ଯ୍ୟୋଧନ ଚତୁରତାର ସହ ନାରାୟଣୀ ସେନା ନେଇ ସନ୍ତୋଷ ହେଲେ ଓ ଭାବିଲେ ଯେ

ସେ ଭଲ ସଉଦା କରିଛନ୍ତୁ ଦ୍ୱାରିକାରେ । ଅର୍ଜୁନ କିନ୍ତୁ କୃଷ୍ଣଙ୍କୁ ନେଇ ସନ୍ତୋଷ ହେଲେ । କଥାଟି ହେଲା ସ୍ୱୟଂ ଈଶ୍ୱର ଜାଣିଥିଲେ ଯେ ପାଣ୍ଡବଙ୍କର ବିଜୟ ହେବ । ପାଣ୍ଡବ ଓ ପାଣ୍ଡବ ସେନାଙ୍କ ଅସ୍ତ୍ର ଶସ୍ତ୍ରରେ କୌରବ ପକ୍ଷରେ ଯୁଦ୍ଧ କରୁଥିବା ସମସ୍ତେ ପ୍ରାଣ ହରେଇବେ ବା କ୍ଷତ ବିକ୍ଷତ ହୋଇ ଯୁଦ୍ଧକ୍ଷେତ୍ରରୁ ବିଦାୟ ନେବେ । ନାରାୟଣୀ ସେନା ଥିଲେ ନାରାୟଣଙ୍କ ପ୍ରଜା । ସେମାନଙ୍କୁ ମରିବାପାଇଁ ବା ପାଣ୍ଡବଙ୍କ ଅସ୍ତ୍ରଶସ୍ତ୍ରରେ କ୍ଷତବିକ୍ଷତ ହେବାପାଇଁ କେମିତି ଛାଡିଲେ ଶ୍ରୀକୃଷ୍ଣ ଭଗବାନ ?

ବଡ ବିଚିତ୍ର ବୋଲି କୁହାଯାଏ ଈଶ୍ୱରଙ୍କର ଏ ସୃଷ୍ଟିର ଲୀଳା । ଭଗୀରଥର ବାପା ଯୁବକ ଅବସ୍ଥାରେ ଯୁବତୀ ସ୍ତ୍ରୀ ଓ ସଦ୍ୟଜାତ ଶିଶୁପୁତ୍ରକୁ ଛାଡି ଶହୀଦ୍ ହୋଇଗଲେ । ଶହୀଦ୍ ହେବାର ବେଶ୍ କିଛିଦିନ ଏ ଦେଶ ଶହୀଦ୍‌ର ଗୁଣ କୀର୍ତ୍ତନ କରେ, ଅନେକ କିଛି ତାର ପରିବାରପାଇଁ କରିବାର ପ୍ରତିଶ୍ରୁତି ଦିଏ କିନ୍ତୁ ସମୟ ସହ ସେ ସବୁ ପଛରେ ରହିଯାଏ । ଭଗୀରଥର ମାଆ ଅନୁପମାଙ୍କୁ ଅନେକ ଦୁଃଖ ଯନ୍ତ୍ରଣା ସହିବାକୁ ପଡିଛି ତାଙ୍କ ସ୍ୱାମୀଙ୍କର ଶହୀଦ୍ ହେଲାପରେ ।

ସ୍ୱାର୍ଥପର ଏ ଦୁନିଆଁ । ଏଠାରେ ବିଭିନ୍ନ ପ୍ରକାରର ସ୍ୱାର୍ଥରେ ମଣିଷ ବସିଭୁତ ହୋଇଥାଏ । ତେଣୁ ସ୍ୱାମୀ ନ ଥିବା ଅସହାୟ ଅଳ୍ପ ବୟସ୍କା ନାରୀଟି ପ୍ରତି ଆପଣାର ଦୃଷ୍ଟି ଭଲ ନ ଥିଲା। କିନ୍ତୁ ଅନୁପମା ଥିଲେ ଅତ୍ୟନ୍ତ ଦୃଢ଼ ଓ ସ୍ୱାଭିମାନୀ । ସେ କାହା ପାଖରେ ହାତ ପତେଇବାକୁ ପସନ୍ଦ କଲେନାହିଁ । ସରକାର ଦେଇଥିବା ସାହାଯ୍ୟର ଟଙ୍କାର କିଛି ଅଂଶ ସେ ପୁଅ ଭଗୀରଥ ନାମରେ ବେଙ୍କରେ ରଖିଦେଲେ ।

ଅନୁପମାଙ୍କ କୁଳ ପୁରୋହିତ ହେଲେ ନାକଫୁଡି ନନ୍ଦ । ଅବଶ୍ୟ ନନ୍ଦପଣ୍ଡିତେ ଆଉ ତାଙ୍କ ପୂର୍ବପୁରୁଷଙ୍କ ଭଳି ଯଜମାନ କାମ ବା ଲୋକଙ୍କ ଘରେ ପୂଜାପାଠ କରୁ ନାହାଁନ୍ତି । ନାକଫୁଡି ନନ୍ଦଙ୍କ ବାପା ସଦାଶିବ ନନ୍ଦ ଜଣେ ନାମକରା ପଣ୍ଡିତ ଥିଲେ । ଖଣ୍ଡ ମଣ୍ଡଳରେ ତାଙ୍କର ନାଁ ଥିଲା । ଯେ କୌଣସି ଦେବଦେବୀଙ୍କ ପୂଜା ଓ ଶ୍ରାଦ୍ଧ, ଶାନ୍ତି ଆଦିରେ ତାଙ୍କୁ ପ୍ରଥମେ ଲୋକେ ଖୋଜୁଥିଲେ । ସେ ଦୁର୍ଗାପୂଜା, କାଳୀ ପୂଜା, ଲକ୍ଷ୍ମୀପୂଜା, ମନସା ପୂଜା ଆଦି ଅନେକ ପୂଜା ରାତିସାରା ଉଜାଗର ରହି କରୁଥିଲେ ।ଏ ସବୁ ପୂଜା ବାବଦରେ ତାଙ୍କୁ ଯାହା ଦକ୍ଷିଣା ଆଦି ମିଳୁଥିଲା ତାହା ତାଙ୍କ ଶ୍ରମ ତୁଳନାରେ ବହୁତ କମ୍ ଥିଲା ।

ରାତି ତମାମ୍ ନ ଶୋଇ ନ ଖାଇ ଦେବୀଙ୍କ ପୂଜା କରିବାକୁ ହେବ । ମିଳବ କଲେ ଦୁଇ କଲେ଼ ଚାଉଳ, କଛି ଭୋଗ, ଶସ୍ତା ଗାମୁଛା ବା ଧୋତି ଓ ମାତ୍ର ଶହେ ଦୁଇଶହ ଟଙ୍କା ଦକ୍ଷିଣା । ବ୍ରାହ୍ମଣକୁ ଯେଉଁ ଲୁଗା କଣି ଯଜମାନ ଦିଅନ୍ତି ସେ ଲୁଗା ଶସ୍ତା ହୋଇଥାଏ । ବେଳେ ବେଳେ ବ୍ୟବହାର ଯୋଗ୍ୟ ମଧ୍ୟ ହୋଇ ନ ଥାଏ । ପରିଶ୍ରମ ବେଶି, ପାଉଣା କମ୍।

ସଦାଶିବ ନନ୍ଦ ସେଥିପାଇଁ ତାଙ୍କର ଏକମାତ୍ର ପୁଅକୁ ପାଠ ପଢ଼େଇଲେ । ସଂସ୍କୃତ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ତାଲିମ୍ ଦେଲେ । ଇଚ୍ଛାଥିଲା ଯେ ପୁଅ ତାଙ୍କର ବଡ ପଣ୍ଡିତ ହୋଇ ଜମିଦାରମାନଙ୍କର କାମରେ ଆସୁ । ଭଲ ଦି ପଇସା ରୋଜଗାର କରୁ । ସେତେବେଳେ ଆଜିକାଲି ଭଳ ସ୍କୁଲ କଲେଜ ନ ଥିଲା ଯେ ସଂସ୍କୃତ ପଢ଼େଇବା ପାଇଁ ପଣ୍ଡିତଙ୍କର ଆବଶ୍ୟକତା ପଡୁଛି । ସେତେବେଳେ ଶିକ୍ଷାନୁଷ୍ଠାନରେ ସଂସ୍କୃତ ଶିକ୍ଷା ସାଧାରଣତଃ ହେଉ ନ ଥିଲା । ତେବେ ସଂସ୍କୃତ ଶିକ୍ଷା କରିଥିବା ପଣ୍ଡିତମାନେ ରାଜା ବା ଜମିଦାରମାନଙ୍କର ଦରବାରରେ ନଯୁକ୍ତ ପାଉଥିଲେ । ସମ୍ମାନ ତାଙ୍କର ଯଥେଷ୍ଟ ହେଉଥିଲା। ସେମାନେ ଅନେକ ସମୟରେ ଜମିଦାର ଓ ରାଜାମାନଙ୍କୁ ଉଚତ୍ ପରାମର୍ଶ ଓ ମାର୍ଗଦର୍ଶନ କରୁଥିଲେ । ଏହାଛଡା ପ୍ରାୟ ଅଧିକାଂଶ ରାଜା ଓ ଜମିଦାରଙ୍କର ପ୍ରାସାଦ ବା ମହଲରେ ଦେବ ଦେବୀଙ୍କର ମନ୍ଦିର ଥିଲା । ସେ ମନ୍ଦିରର ପୂଜାରୀଭାବରେ ଜ୍ଞାନୀ ଗୁଣି ପଣ୍ଡିତ ନଯୁକ୍ତ ହେଉଥିଲେ । ସେମାନଙ୍କୁ ରହିବା ଖାଇବା ଆଦିପାଇଁ ମାଣ ମାଣ ଜମି ଖଂଜି ଦିଆଯାଉଥିଲା । ତେଣୁ ସଦାଶିବ ନନ୍ଦ ଯେମିତି ତାଙ୍କ ପୁଅ ନାକଫୁଡି ତାଙ୍କପରି ଘର ଘର ଗାଁ ଗାଁ ବୁଲି ହିନସ୍ତା ନ ହୁଏ ସେଥିପାଇଁ ତାଙ୍କୁ ପାଠ ପଢ଼େଇଥିଲେ । ସେ ହିଁ ଥିଲେ ଭଗୀରଥ ପରିବାରର ମଧ୍ୟ ସାହା ଭରସା ।

ଅନୁପମାଙ୍କର ସ୍ୱାମୀ ବଂଚଥିବା ସମୟରେ ତାଙ୍କ ଭାଇମାନଙ୍କ ଠାରୁ ଅଲଗା ରହୁଥିଲେ । ତାଙ୍କର ଭାଇମାନଙ୍କ ସହ ଭଲ ସମ୍ପର୍କ ନ ଥିଲା । ତେଣୁ ସେ ସଦାଶିବ ନନ୍ଦଙ୍କର ଘର ଡିହରୁ ଦୁଇ ଗୁଣ୍ଠ କଣି ଘରଟିଏ କରିଥିଲେ । ସଦାଶିବ ନନ୍ଦ ଜଣେ ଅତ୍ୟନ୍ତ ପରୋପକାରୀ ଓ ନୀତିବାନ ପଣ୍ଡିତ ଥିଲେ । ନାକଫୁଡି ନନ୍ଦ ଓ ଭଗୀରଥର ବାପାଙ୍କ ମଧ୍ୟରେ ଭଲ ବନ୍ଧୁତ୍ୱ ଥିଲା । ସଦାଶିବ ନନ୍ଦ ତାଙ୍କୁ ନାକଫୁଡି ଭଳ ସ୍ନେହ ଥିଲେ । ଅନୁପମାଙ୍କୁ ନଜର ଝିଅ ଓ ତାଙ୍କର ପୁଅ ଭଗୀରଥକୁ ନଜର ନାତି ଭଳ ଯତ୍ନ ନେଉଥିଲେ ।

ଯେଉଁଦିନ ସହୀଦ୍ ହୋଇ ଥିଲେ ଭଗୀରଥର ବାପା, ସାରା ଦେଶ ସେଦିନ ସେହି ବୀର ସୈନୀକଙ୍କ ସାହସ ଓ ଶୌର୍ଯ୍ୟର ଭୁରିଭୁରି ପ୍ରଶଂସା କରୁଥିଲେ । ସମସ୍ତ ସମ୍ବାଦ ସରବରାହ ସଂସ୍ଥାରେ ହେଉଥିଲେ ତାଙ୍କର ଗୁଣ କୀର୍ତ୍ତନ । ଭାରତର ସୀମାରେ ଏକ ସୈନ୍ୟ ଛାଉଣୀରେ ହୋଇଥିଲା ଆତଙ୍କବାଦୀ ଆକ୍ରମଣ । ସେମାନେ ଛାଉଣୀ ଭିତରକୁ ପ୍ରବେଶ କରିବାକୁ ଦେଇ ନଥିଲେ ଏହି ବୀର ସୈନୀକ । ଗଭୀର ଭାବରେ ଆତଙ୍କବାଦୀଙ୍କ ଗୁଳରେ ଆହତ ହୋଇ ମଧ୍ୟ ସେ ଲଢ଼େଇ ଜାରି ରଖିଥିଲେ ଓ ସମସ୍ତ ଆତଙ୍କବାଦୀଙ୍କୁ ଏକୁଟିଆ ମାରି ଦେଇଥିଲେ ।

ତେବେ ଏହି ବୀର ସୈନୀକ ଶେଷ ନିଃଶ୍ୱାସ ତ୍ୟାଗ କରିବା ପୂର୍ବରୁ ପ୍ରୀୟ ମାତୃଭୂମୀର ମୁଠାଏ ମାଟିକୁ ଜାବୁଡି ଧରିଥିଲେ ଯାହା ତାଙ୍କର ଦେଶ ମାତୃକା ପ୍ରତି ଥିବା ସମ୍ମାନ ଓ ଶ୍ରଦ୍ଧାର ଅନନ୍ୟ ନିଦର୍ଶନ ଥିଲା । ଅନୁପମା ଥିଲେ ସେହି ବୀର ସହୀଦ୍‌ଙ୍କର ବୀରାଙ୍ଗନା ପତ୍ନୀ । ସ୍ୱାମୀଙ୍କର ସହୀଦ୍ ହେଲାପରେ ସେ ଅବଶ୍ୟ ବେଶ୍ କଛିଦିନ ମାନସିକ ଯନ୍ତ୍ରଣାରେ ଶରବ୍ୟ ଥିଲେ ତେବେ ସେ ହାରି ନ ଥିଲେ । ଜଣେ ସୈନୀକର ପତ୍ନୀ ଭାବରେ ସେ ମଧ୍ୟ ଅସୀମ ବୀରତ୍ୱ ଦେଖାଇ ଥିଲେ । ଆପଣାର ଏକମାତ୍ର ପୁତ୍ର ଭଗୀରଥକୁ ଯେ ତାଙ୍କ ସ୍ୱାମୀଙ୍କ ପରି ଜଣେ ବୀର ସୈନୀକ କରିବେ ବୋଲି ନିଜର ପ୍ରତିକ୍ରୟା ଗଣ ମାଧ୍ୟମ ଆଗରେ ଦେଇଥିଲେ ।

ତାଙ୍କ କଣ୍ଠରୁ ସେଦିନ ଉଚ୍ଚାରିତ ହୋଇଥିବା ଭାରତ ମାତା କୀ ଜୟ ଓ ଜୟହୀନ୍ଦ ସ୍ୱର ସାରା ଦେଶକୁ ଦୋହଲେଇ ଦେଇଥିଲା । ତାଙ୍କରି ସ୍ୱରରେ ସେଦିନ ଶିଶୁ ଭଗୀରଥ ମଧ୍ୟ କହିଥିଲା ଭାରତ ମାତା କୀ ଜୟ ଓ ଜୟ ହୀନ୍ଦ୍ ।

( କ୍ରମଶଃ )

ଅଧ୍ୟକ୍ଷ, ଝାଡେଶ୍ୱର ଇଣ୍ଟର ନେସନାଲ ସ୍କୁଲ,
ବାଲେଶ୍ୱର-୧

# ତୁମେ ପର୍ ମୋର ବନ୍ଧୁ



ଚନ୍ଦନା ମଞ୍ଜରୀ ତ୍ରିପାଠୀ

ହେ ସାଗର ତୁମେ ବକ୍ଷ ଭେଦୀ ମୋର କୁଆଡେ ବା ଗଲ ଚାଲି ?
ଜଳନ୍ତା ବାଟରେ ପଡିରହିଅଛି ମୁଁ ଯେ ଏକ ମରୁବାଲି ।

ତୃଷାର୍ତ୍ତ ପଥିକ ସ୍ୱର୍ଶ ପାଇ ତୁମ ଲଭଇ ଆନନ୍ଦ କେତେ
ହେଲେ ମୁଁ ଯେ ଅସହାୟୀ ନିଷ୍ଠୁର ଜୀବନ ଦୁଃଖ ପାଉଅଛି ସତେ ।

କର୍ଣ୍ଣ ରେ ମୋହର ଗୁଣୁଗୁଣୁ କରି ଭରିଦେଲ କେତେ କଥା
ହେଲେ ଯାଇଛ ତୁମେ ଯେ ତୁମ ବାଟେ ସତେ ଭରି ଦେଇ ମନେ ବ୍ୟଥା ।

ଅସରନ୍ତି ସ୍ୱପ୍ନ ସରେ ନାହିଁ ମୋର
ଆଖି ଖୋଲିଗଲା ପରେ
ହେଲେ ମରିଚୀକା ମୁଁ ଯେ ତୁମ ପାଇଁ ସିନା ଝୁରି ଝୁରି ଅବା ମରେ ।।

ମୋ ହୃଦ ସ୍ପନ୍ଦନ କହେ ମତେ ଶୁଣ
ତୁମେ ପରା ମୋର ବନ୍ଧୁ
ତୁମ ହାତ ଧରି ଶିଖିଚି ମୁଁ ଚାଲି
ହେ ମୋର ପ୍ରାଣ ର ସିନ୍ଧୁ ।।

ତୁମ ଢେଉ ସିନା ମୋ ହୃଦେ ରଚନା
କରେ ସାଥି ହୋଇ ମୋର
ହେଲେ ମୁଁ ଯେ ଭୟଭୀତ ହୋଇ ଯାଏଁ ସଦା ଆସିବ ବୋଲି ଜୁଆର।।

ଯେତେ ଝଡ଼ଝଞ୍ଜା ଆସୁପଛେ ସଦା
ସାଥି ହୋଇ ରହିଥିବା
ରେଣୁ ବିନା ସିନ୍ଧୁ ମୂଲ୍ୟହୀନ କିନ୍ତୁ
ଦୁହେଁ ଦୁହିଁଙ୍କୁ ଆବୋରା।।

ଜଗଲ୍‌ପାଟ୍, ବରଗଡ

# ଅଭିଶପ୍ତ ହୋଲି....

ସୁଶ୍ରୀୟା ପରିଡା

ତରତର ହୋଇ ପୂଜା ସାରି ପୂଜା ଘରୁ ବାହାରୁ ଥାନ୍ତି, ଅସୀମା ।

ଠିକ ଏତିକ ବେଳେ କଉଠି ଥିଲା ପୁପୁନ୍ ତାଙ୍କ ଭଣଜା ଦୌଡ଼ି ଆସି 'ହାପି ହୋଲି'... ମାଇଁ, କହି ହାତରେ ଧରିଥିବା ରଙ୍ଗ ଅବିରରୁ କଛି ତାଙ୍କ ମୁହଁରେ ଲଗେଇ ଦେଇ, ଖିଲିଖିଲି ହସି ଅପଲକ ନୟନରେ ମାଇଁଙ୍କ ମୁହଁକୁ ଗୃହିଁ ରହିଲା ।

ପୁପୁନର ଏମିତି ଚପଳତା ମାଇଁ ଅସୀମାଙ୍କ ଆଖିରେ ହଠାତ ଲୁହର ବନ୍ୟା ନେଇ ଆସିଲା । ଏସବୁକୁ ଦୂରରୁ ଥାଇ ଦେଖୁଥିଲେ କୂଅ ମୂଳେ ବାସନ ମାଜୁଥିବା ତାଙ୍କ ନଣନ୍ଦ ଅବା ପୁପୁନର ମା ମାଧବୀ । ଧାଇଁ ଆସି ପୁପୁନକୁ ସେଠୁ ଟାଣି ନେଇ ତୁ ଏ କଣ କରିଦେଲୁରେ ଧନ.... !! ତତେ କଏ କହିଲା ମାଇଁ ଦେହରେ ରଙ୍ଗ ଲଗେଇବାକୁ ?

- କଏ କାଇଁ କହିବ ଯେ, ଆଉ ଆଜି ତ ହୋଲି । ଆଜି ସମସ୍ତେ ତ ରଙ୍ଗ ଖେଳନ୍ତି । ଆଉ ସେ ପାଇଁ ମୁଁ ମାଇଁଙ୍କୁ ବି ଟିକେ ରଙ୍ଗ ଲଗେଇ ଦେଇ "ହାପି ହୋଲି" ବୋଲି କହିଲି । କାଇଁ କଣ ହେଲା କ ମାଇଁ କଣ ଆଜି ରଙ୍ଗ ଖେଳବେନ କ ?

ମାଧବୀଙ୍କ ଆଖି ବି ଛଳଛଳ ହୋଇଗଲା ପୁପୁନର ଏ ପ୍ରଶ୍ନରେ ।

ଏତିକବେଳେ ପଡିଶା ଘର ଶିବାନୀ ଭାଉଜଙ୍କ ପୁଅ ଶିବୁ ଆସି ଡାକଲା ପୁପୁନ ଆସେ, ଗ୍ଧାଗୋବିନ୍ଦଙ୍କ ପାଖେ ଅବିର ଖେଳ ଆରମ୍ଭ ହେଲାଣି, ଆମେ ସେଇଠି ଯାଇ ହୋଲି ଖେଳବା । ମା, ମୁଁ ଆସୁଛି କହି ପୁପୁନ୍ ଶିବୁ ସହ ବାହାରକୁ ଗ୍ଲଲିଗଲା ।

ଏପଟେ ଅସୀମା ପୂଜା ଥାଳ ସେଇ ଦୁଆର ବନ୍ଧରେ ଥୋଇ ଦେଇ ନଜ ଶୋଇବା ଘରକୁ ଦୌଡ଼ି ଗ୍ଲଲିଗଲେ, ଆଉ ଭିତର ପଟୁ କବାଟ ବନ୍ଦ କରିଦେଲେ । ମାଧବୀ ଧାଇଁ ଯାଇ ଅଟକାଇବାକୁ ଗ୍ଧହୁଁଥିଲେ ଭାଉଜଙ୍କୁ ହେଲେ ଅସଫଳ ହେଲେ ।

ଆଜି ହୋଲି । ସବୁରି ମନରେ ଆଶା ଆଉ ସ୍ୱପ୍ନର ନୂତନ ରଙ୍ଗ ବୋଳଦେଇ ନିଜ ରଙ୍ଗରେ ସାରା ଦୁନିଆକୁ ରଙ୍ଗେଇ ଦେବାକୁ ମଳୟର ପୁଷ୍ପକ ବିମାନରେ ଧରାପୃଷ୍ଠରେ ଅବତରି ଆସିଥାଏ ହୋଲି । ପିଲା ଠାରୁ ବଡ଼ ଯାଏଁ ସମସ୍ତେ ହୋଲିର ଆଗମନରେ ମସଗୁଲ ହୋଇଯାନ୍ତି । ସମସ୍ତେ ନିଜର ବର୍ଷ ସାରାର କର୍ମମୟ ଜଂଜାଳ ଭିତରୁ ନିଜକୁ ବାହାର କରି ନିଜର ବେରଙ୍ଗ ଜୀବନରେ ଟିକେ ହୋଲି ରଙ୍ଗର ଛିଟା ଲଗେଇବାକୁ ଚାହିଁ ବସିଥାନ୍ତି ।

ସବୁବର୍ଷ ପରି ସବୁରି ମନର ପ୍ରତୀକ୍ଷାର ଅବସାନ ଘଟାଇ ଆସିଛି ରଙ୍ଗର ପର୍ବ ହୋଲି । ସମସ୍ତେ ଆଜିର ଦିନରେ ନିଜ ଜୀବନରେ ନୂତନ ରଙ୍ଗର ଛିଟା ଦେଇ ହୋଲିକୁ ଉପଭୋଗ କରୁଛନ୍ତି । ହେଲେ ଅସୀମା..... ??

ସେ କଣ ପାଇଁ ଖୁସି ହେଇ ପାରୁନି ? ସେ ଚାହିଁକି ବି ନିଜ ଜୀବନରେ ହୋଲିର ଆଗମନକୁ ସ୍ୱାଗତ କରି ପାରୁନି ?

ଭିତରୁ କବାଟ ବନ୍ଦ କରି ବିଛଣାରେ ପଡି ଅଶ୍ରୁଭରା ନୟନରେ ଅତୀତରୁ ନିଜ ଜୀବନର ରଙ୍ଗକୁ ଖୋଜି ସେଥିରେ ନିଜକୁ ରଙ୍ଗେଇବାର ବୃଥା ପ୍ରୟାସ କରୁଥିଲା ସେ ।

ଆଜକୁ କୋଡିଏ ବର୍ଷ ହେଲା, ଏଇତ କାଲି ପରି ଲାଗୁଛି । ଗଲା ମାର୍ଗଶିରରେ ସେ ଏ ଘରକୁ ବୋହୂ ହେଇ ଆସିଥିଲା ସାଗରଙ୍କ ହାତ ଧରି । ଆଖିରେ ଆଖିଏ ସ୍ୱପ୍ନ, ମନରେ ଅସୁମାରୀ ଆଶା । ଶାଶୁ, ଶ୍ୱଶୁର, ସ୍ୱାମୀ ନଣନ୍ଦଙ୍କୁ ନେଇ ଘର କରିବ ।

ସ୍ୱାମୀର ମନ ନେଇ ଚଳିବ, ସୁହାଗିନୀ ସାଜିବ । ଶୁଣିଥିଲା କି ବେଦି ହୋମ ନିଆଁକୁ ସାକ୍ଷୀ ରଖି ମଥାରେ ସିନ୍ଦୁର ନେଇ ପୁରୋହିତର ମନ୍ତ୍ରରୂପୀ ସୁତା ଖିଅରେ ଥରେ ଏ ବିବାହ ବନ୍ଧନରେ ବାନ୍ଧି ହେଲେ ଏ ବନ୍ଧନ କୁଆଡେ ସାତ ଜନ୍ମ ପାଇଁ ଛିଡି ନଥାଏ ।

ବାହାଘରର ଅଳ୍ପଦିନ ମଧ୍ୟରେ ସେ ଶାଶୁଘରର ସମସ୍ତଙ୍କ ମନଲାଖି ବୋହୂଟିଏ ହେଇ ପାରିଥିଲା । କାହିଁକି ନା ତା କଳହୁଡି ଜେଜେମା ତା ପାଖେ ପାଖେ ରହି ଶାଶୁ ଘରେ କେମିତି କାହାର ମନ ନେଇ ଚଳିବା ସହ, ସ୍ୱାମୀକୁ କେମିତି ନିଜ ରୂପ ଆଉ କଥାଚତୁରୀରେ ବାନ୍ଧି କାନରେ ଗଣ୍ଠି ପକେଇ ରଖିବାକୁ ହୁଏ ସେ ମନ୍ତ୍ରଣା ବି କହି କହି ଆସିଲା ବେଳେ ତା କାନରେ ଦେଇଥିଲା ।

ବାହାଘରର କିଛିଦିନ ପରେ ସ୍ୱାମୀଙ୍କର ଛୁଟି ପୁରି ଆସିବାରୁ ସେ ସୁଦୂର ଅହମଦାବାଦ ବାହାରିଲେ ନିଜର କର୍ମସ୍ଥଳୀକୁ । ନୂଆ ହୋଇ ଆସିଥିବା ପ୍ରାଣ ସଂଗୀନୀକୁ ଛାଡି ଯିବାକୁ

ଇଚ୍ଛା ନଥିଲେବି, ଯିବାକୁ ପଡିବ । ଗଲାବେଳେ କଥା ଦେଇ ଗଲେ ଯେ ଆସନ୍ତା ହୋଲିକୁ ସେ ନିଶ୍ଚୟ ଘରକୁ ଆସିବେ । ଆଉ ସେ ବର୍ଷ ତାଙ୍କ ବିବାହ ପରର ପ୍ରଥମ ହୋଲିକୁ ନିଜ ମନର ମାନସୀ ସହ ମନେଇବେ ।

ଅଭିମାନ ଭରା ମନରେ ଅବ୍ୟକ୍ତ କୋହକୁ ଛାତିରେ ଚାପି ରଖି ଅସୀମା ବିଦାୟ ଦେଲା ସାଗରଙ୍କୁ । ସେ ସମୟରେ ମୋବାଇଲ ଫୋନର ଏତେ ବ୍ୟବହାର ହୋଇ ନଥିଲା । ତେଣୁ ପ୍ରତିମାସରେ ଖଣ୍ଡେ ଲେଖା ଚିଠି ଲେଖିବାକୁ ଯେମିତି ସାଗର ଭୁଲି ନଯାନ୍ତୁ, ସେଇ ପ୍ରତିଶୃତି ସହ ସାଗର ବାହାରି ଗଲେ ବିଦେଶ ।

ସମୟସୁଅ ଗଡି ଚାଲିଲା । ସେପଟେ ସାଗର ଆଉ ଏପଟେ ଅସୀମା ଉଭୟ ଅସହ୍ୟ ବିଚ୍ଛେଦର ଜ୍ୱାଳାରେ ନିତି ଜଳ ଜଳ ବଞ୍ଚନ୍ତୁ । ଉଭୟ ଅପେକ୍ଷାରେ ଥାନ୍ତୁ ମାସର ଶେଷ ସପ୍ତାହକୁ । କେବେ ଦୁହେଁ ଦୁହିଁଙ୍କ ହାତଲେଖା ଚିଠିରେ ଅନୁଭବ କରିବେ ଦୁଇ ପ୍ରେମ ଭରା ପ୍ରାଣର ସ୍ପର୍ଶ । ସେଇ ଚିଠି ହିଁ ସାଜେ ଦୁଇ ଚାତକ ଆଉ ଚାତକୀ ଯୋଡିଙ୍କ ଜୀବନରେ ମେଘରୂପୀ ସଂଜୀବନୀ ।

ସବୁଥର ପରି ଶୀତଋତୁ ଏ ପୃଥିବୀ ପୃଷ୍ଠରୁ ତାର ଅଭିନୟ ସାରି ବିଦାୟ ନେଲା । ଚୈତ୍ର ମଳୟ ଆଉ ଫୁଲର ସମ୍ଭାର ନେଇ ଧରାବତରଣ କଲେ ଋତୁରାଜ ବସନ୍ତ ।

ଆଉ କେତେଟା ଦିନ ରହିଲା ହୋଲି । ଗଲା ମାସ ଚିଠିରେ ଲେଖିଥିଲେ ସେ କି ହୋଲି ଦିନ ସକାଳର ପହିଲି ବସ୍ ଯୋଗେ ଆସି ପହଁଚିବେ ସାଗର । ସେ ଯିବା ଯାଏଁ ଅସୀମା ଯେମିତି ହୋଲି ଖେଳ ନଥାଏ ଏ ଅନୁରୋଧ ଥିଲା ତାଙ୍କର । କାହିଁକି ନା ଏ ବର୍ଷ ହୋଲିରେ ନିଜ ପ୍ରେମ ରଙ୍ଗରେ ସେ ତାଙ୍କ ପ୍ରେୟସୀକୁ ରଙ୍ଗେଇବେ । ଚିଠି ପଢୁ ପଢୁ ଫିକ୍ କିନା ହସି ଦେଇଥିଲା ଅସୀମା । ନଣନ୍ଦ ମାଧବୀ ଛିଗୁଲେଇ କେତେ କଣ କହିଥିଲା ତାଙ୍କୁ । ଲାଜରେ ଝାଉଁଳି ଗୋଷେଇ ଘର ବାହାନାରେ ଉଠିଗଲା ତାଙ୍କ ପାଖରୁ ।

ରାତି ପାହିଲେ ହୋଲି । ରାତିରେ ଆଉ ନିଦ ନାଇଁ ଅସୀମାକୁ । ରାତି ପାହି କେତେବେଳେ ସକାଳ ହେବ ଯେ ? ଏ ସୂର୍ଯ୍ୟ ଦେବତାବି ନା ଆଜି କାଇଁ ଏତେ ଡେରି କରୁଛନ୍ତି ଯେ ! କୁହାଯାଏ ପ୍ରତୀକ୍ଷାର ଗୋଟେ ମୁହୂର୍ତ୍ତ କାଳେ ଗୋଟେ ଯୁଗ ପରି ଲାଗେ । ଆଜି ସେଇଟା ଅନୁଭବ କରି ପାରୁଥିଲା ସେ ।

ସୂର୍ଯ୍ୟ ଦେବତା ବୋଧେ ଗତକାଲିର କ୍ଲାନ୍ତିଜନିତ ନିଦ୍ରା ସକାଶେ ଜଲଦି ଉଠିବାକୁ ଇଚ୍ଛା କରୁନାହାନ୍ତି, ଏ ଭାବନା ଥିଲା ଅସୀମାର । ଏମିତି ଅସୀମା ଆଉ ପିୟତମକୁ ଭେଟିବାର ଆକୁଳ ପ୍ରାଣର ଅପେକ୍ଷାର ସମସ୍ତ ଭୌଗଳିକ ସୀମାରେଖାକୁ ଟପି ପୂର୍ବ ଆକାଶ ଛାତିରୁ ସିନ୍ଦୁର ଫଟେଇ ସାଥିରେ ନୂଆ ଆଶା ଆଉ ଉତ୍ସାହର କିରଣ ନେଇ ଉଇଁ ଆସିଲେ ସୂର୍ଯ୍ୟଦେବ ।

ସକାଳୁ କେହି ନ ଉଠିବା ଆଗରୁ ସବୁ ଘରପାଇଟି ସାରି ଦେଲା ଅସୀମା । ଗାଧୋଇ ଆସି ଆଇନା ଆଗରେ ନିଜକୁ ସୁନ୍ଦର କରି ସଜେଇଲା ସେ । ଆଲମିରା ଖୋଲି ବାଛି ବାଛି ଗୋଲାପୀ ରଙ୍ଗର ଶାଢୀଟେ ବାହାର କଲା ସେ । ତାର ଚମ୍ପାଫୁଲିଆ ଗୋରା ରଙ୍ଗ ଦେହକୁ କାଳେ ଭାରି ମାନେ ସେଇ ଗୋଲାପୀ ରଙ୍ଗର ଶାଢ଼ୀ ଆଉ ସାଙ୍ଗକୁ ଗଭାରେ ଗୋଲାପ ଫୁଲର ଉପସ୍ଥିତିରେ କୁଆଡେ ସେ ସାଗର ରାଜ୍ୟର ଗୋଲାପରାଣୀ ଭଳି ଦିଶେ ବୋଲି ସାଗର ତାର ସୌନ୍ଦର୍ଯ୍ୟର ତାରିଫ କରି କୁହନ୍ତି ।

ନିଜକୁ ଖୁବ ଭଲ ଭାବେ ସଜେଇ ସାରିଲା ପାରେ ଘଡିଏ କାଳ ଆଇନାକୁ ଗୁହିଁ ରହିଲା । କିଏ ତାକୁ ଏତେ ସୁନ୍ଦର କରି ଗଢିଲା ତାର ଯୌବନ, ନା ନଦୀ ଟିଏ ହୋଇ ସାଗରର ବକ୍ଷରେ ନିଜକୁ ଏକାକାର କରିଦେବାର ଅଭିଳାଷ ??

- "ଭାଉଜ ଆସ, ଦେଖ ସମସ୍ତେ ତୁମ ସହ ହୋଲି ଖେଳବାକୁ ଅପେକ୍ଷା କରିଛନ୍ତି । ଯଦି ତୁମର ଆଇନା ସହ ସୌନ୍ଦର୍ଯ୍ୟ ପ୍ରତିଯୋଗିତାର ଫଳାଫଳ ନିଷ୍କର୍ଷ ହୋଇ ସାରିଛି ତେବେ ଆଉ ପରାହତ ଆଇନାର ଜଖମରେ ନିଜ ସୌନ୍ଦର୍ଯ୍ୟର ଆଭା ରୂପୀ ଲୁଣ ଛିଟା ନ ଦେଇ ବାହାରକୁ ଆସ ।"

ମାଧବୀ ଡାକରେ ଚଇଁକି ଉଠିଲା ଅସୀମା । ଏବେ କଣ କରିବ ? କଣ କହି ମାଧବୀ ଆଉ ତା ସାଙ୍ଗ ମାନଙ୍କୁ ତାକୁ ରଙ୍ଗ ଲଗେଇବାରୁ ଅଟକେଇବ ?

ମିଛରେ  ହଠାତ ଦେହଟା ଭଲ ଲାଗୁନି ମୁଁ ଟିକେ ପରେ ଆସୁଛି ବୋଲି କହି ଜାଣି ଜାଣି ଡେରି କରି ନିଜ ଶୋଇବା ଘରୁ ବାହାରିଲା ନାହିଁ ସେ ।

ମାଧବୀର ସାଙ୍ଗମାନେ କହିଲେ, ଗୁଲ ଲୋ ମାଧବୀ ଆଗେ ନହେଲେ ସେ ରାଉତ ସାହି କାଞ୍ଚନ ଭାଉଜଙ୍କୁ ରଙ୍ଗ ଲଗେଇ ଆସିବା ପରେ ତୋ ଭାଉଜଙ୍କ ସହ ଖେଳବା । ଏତିକି କହି

ସେମାନେ ଚାଲିଗଲେ । ଅସୀମା ସେମିତି ଅପଲକ ନୟନରେ ଚାହିଁ ରହିଥାଏ ସାଗରଙ୍କ ଆସିବା ବାଟକୁ ।

ଏ କଣ ବେଳ ଦୁଇଘଡି ହେଲାଣି, ସୂର୍ଯ୍ୟ ମୁଣ୍ଡ ଉପରକୁ ଉଠିଲେଣି । ଦେଖା ନାଇଁ ସାଗରଙ୍କର । ମନଟା ଅସ୍ଥିର ହେଲାଣି । ସକାଳର ବସ୍ ସମୟ ବି ଚାଲି ଗଲାଣି । ଚଠିରେ ତ ଲେଖିଥିଲେ ସେ ସକାଳ ଗାଡ଼ିରେ ଆସିବେ । ତାର ଦାଣ୍ଡ ଦୁଆରରୁ ଘର, ଘରୁ ଦୁଆର ହେବା ଦେଖି ଶାଶୁ ମା କହିଲେ, ହଉ ହେଲା ଆଉ କଣ ଯଦି ସକାଳ ଗାଡି ଛାଡି ଦେଇଥିବ ସେ ସେଥିରେ ନ ଆସି ସଞ୍ଜ ନେଉଟାଣି ବସରେ ଆସୁଥିବ । ତୁ କାଇଁ ବ୍ୟସ୍ତ ହଉଛୁ କହିଲୁ ମା ? ତୁ ଗଲୁ ସାଗର ପସନ୍ଦର ଚାଉଳ କ୍ଷୀରି ଟିକେ ଦେଶୀ ଗୁଆ ଘିଅ ଦେଇ ଭଲରେ ତିଆରି କରିଦେଲୁ । ଟୋକାଟାକୁ ମୋର ଭାରି ଭଲ ଲାଗେ ଚାଉଳ କ୍ଷୀରି । ହଉ ବୋଲି କହି ସେଠୁ ଉଠି ଆସିଲା ରୋଷେଇ ଘରକୁ ।

ସଞ୍ଜ ନଇଁ ରାତି ହେବାକୁ ବସିଲାଣି । ସମୟ ଗଡ଼ିବା ସହ ମନଟା ଭାରି ଗୁଡେଇ ହେଲାଣି । ଭାରି ମନରେ ଠାକୁର ଘରେ ଦୀପ ଲଗେଇଲା ବେଳେ କୁଆଡୁ ଦଳକାଏ ପବନ ପଶି ଆସିଲା କେଜାଣେ ଧପ କନା ପୂଜା ଦୀପଟା ଲିଭିଗଲା । ଏଥର ମନକୁ ପାପ ଛୁଇଁଲା ଅସୀମାର । ହେ ମା କନକ ଦୁର୍ଗା କଛି ଆଉ ଆଘଟଣ ହେଇନ ତ, ପୂଜା ଦୀପ ଲିଭିଯିବା କଛି ଶୁଭ ନୁହେଁ ବୋଲି ପିଲାବେଳେ ଶୁଣିଥିଲା । ତାହେଲେ କଣ ସାଗରଙ୍କର ଆଉ କଛି...... !!

ହେସ ନାଇଁ ନାଇଁ ସେ ଏମିତି କଣ ସବୁ ନୁଛୁଣା କଥାଗୁଡା ମନରେ ଆଣୁଛି ? ଏତିକବେଳେ ଦାଣ୍ଡ ଦୁଆରେ ଗାଡି ଅଟକବାର ଶବ୍ଦ ଶୁଣି ଏକା ନଶ୍ୱାସରେ ଦୌଡ଼ି ଆସି ଦୁଆରେ ହାଜିର । କନ୍ତୁ ଏ କଣ ସାଗର କାହାନ୍ତି ? ତାଙ୍କ ବଦଳରେ ଦୁଇ ତିନ ଜଣ ପୋଲିସ ବାବୁ ଆଉ ସାଗରଙ୍କ ସାଙ୍ଗ ପ୍ରବୀର । ପୋଲିସଙ୍କୁ ଦେଖି ଘଟଣା କଣ ବୋଲି ପଚାରି ବୁଝିବାକୁ ଘରୁ ବାହାରି ଆସିଲେ ସାଗରର ବାପା ।

– ଏଇଟା ସାଗର ପଢିହାରୀଙ୍କ ଘର ?

– ହଁ ଆଜ୍ଞା, ମୁଁ ସାଗରର ବାପା । କଣ ହେଇଛି ପୋଲିସ ବାବୁ ?

ପୋଲିସ ବାବୁ ଗୋଟେ ବ୍ୟାଗ ଆଉ କଛି ଜିନଷ ପନ୍ତ ହାତକୁ ବଢ଼ାଇ ଦେଇ କହିଲେ, "ଏଥିରେ ଥିବା ଜିନଷ ପନ୍ତକୁ ଚିନ୍ହି କହି ପାରିବେ କ ଏ ବ୍ୟାଗଟି ସାଗର ବାବୁଙ୍କର କ ନୁହେଁ?

ଧାଇଁ ଆସି ଅସୀମା ଶଶୁରଙ୍କ ହାତରୁ ବ୍ୟାଗଟି ଛଡାଇ ନେଇ ଖୋଲି ପକେଇ ଗୋଟିକ ପରେ ଗୋଟେ ଜିନଷ ବ୍ୟାଗରୁ ବାହାର କରି ହଁ ଏଇଟା ମୋ ସାଗରଙ୍କର ବ୍ୟାଗ......ହଁ ବାପା ଏଇଟା ଆପଣଂକ ପୁଅଙ୍କର ବ୍ୟାଗ ।

- ହଁ ଯେ ପୋଲିସ ବାବୁ ମୋ ପୁଅ ସାଗର କଉଠି ?

ଆଉ ମନୁଆ ତୁ ପର୍ ଯାଇଥିଲୁ ସାଗରକୁ ବସଷ୍ଟାଣ୍ଡରୁ ଆଣିବାକୁ, ହେଲେ ତୁ ଏକା ଆସିଲୁ ସାଗର କାହିଁ?

- ବିଶିଆ କକା କଥା କଣ କ ସାଗର.....

କଣ ବିଶିଆ କକା... କଣ ସାଗର.... ଆରେ କହୁନୁ ।

- "କଥା କଣ କ ସନ୍ଧ୍ୟା ସାତଟାରେ ଆସି ନୀଳମଣିପୁର ଛକରେ ଲ୍ଗୁଥିବା ବସ୍ ଟି ବାଟରେ ଦୁର୍ଘଟଣାର ଶିକାର ହୋଇଛି । ଆଉ ସେଥିରେ ଆସୁଥିବା ଆପଣଂକ ପୁଅ ସାଗର ସେଇଠି ଘଟଣା ସ୍ଥଳରେ ମୃତ ବୋଲି ଆମେ ଖବର ନେଇ ଆସିଛୁ ।" ପୋଲିସ ବାବୁ କହିଲେ ।

ସେଇଠି କଗ୍ଡି ହୋଇ ପଡିଲ୍ ଅସୀମା । ଲ୍ଗୁଥିଲ୍ ଯେମିତି ତାର ଜୀବନର ନୌକାଟି ଅଦିନଆ ବତାସରେ କୂଳ ଛାଡି ଭଉଁରୀରେ ଯାଇ ଘୁରି ଘୁରି ନଦୀ ଗର୍ଭରେ ମୁହଁ ମାଡି ଓଲଟି ପଡୁଛି । ପବନକୁ ଭରସା କରି ତାଳ ଗଛରେ ବସା ବାନ୍ଧିଥିବା ବାଇଚଢେଇର ବସାକୁ ଯେମିତି ଜାଣି ଜାଣି ପବନ ଉଡେଇ ନେବା ବେଳେ ବାଇଚଢେଇର ମନର ଅବସ୍ଥା ପରି ତାକୁ ସବୁ ଦିଗ ଅନ୍ଧାର ଦିଶୁଥିଲ୍ । ମନେ ପଡୁଥିଲ୍ ତାର ସାଗରଙ୍କ ସହ ନେଇଥିବା ବେଦିର ହୋମ ନଆଁ ଗ୍ବରିପଟେ ସାତ ଘେର୍ ଆଉ ସାତ ଜନ୍ମ ପାଇଁ ସାଗରଙ୍କ ସହ ବାନ୍ଧିଥିବା ସମ୍ପର୍କର ଡୋରି ବିଷୟରେ ।

କଉଠି ଭୁଲ ରହିଗଲ୍ କ ପୁରୋହିତଙ୍କ ଦ୍ୱାର୍ କର୍ଯାଇଥିବା ମନ୍ତ୍ର ପାଠର, ଯାହା ପାଇଁ ତାର ସାତଜନ୍ମ ପାଇଁ ବନ୍ଧା ହୋଇଥିବା ସମ୍ପର୍କର ଡୋରିଟି ଗୋଟେ ଜନ୍ମ ପୁର୍ ନହେବା

ଆଗରୁ ଛିଡ଼ିଗଲା । ନା ଆଉ ଏମିତିତ ହେଇନ କ ତା ଜେଜେମା ସ୍ୱାମୀକୁ ନିଜ କାନିରେ ଗଣ୍ଠି ପକେଇ ରଖିବାର ଯଉ କର୍ଣ୍ଣମନ୍ତ୍ର ଦେଇଥିଲା, ତାକୁ ମନ୍ତ୍ରକୁ କଣ ଆଉ ସେ ଠିକ ଭାବେ ପ୍ରୟୋଗ କରି ପାରିଲାନି ଯଉଁଥି ପାଇଁ ତା ସାଗର ତାକୁ ଛାଡି ଚାଲିଗଲେ ! କଉଠି ରହିଗଲା ଭୁଲ ଆଉ ? ଏ ସବୁର ପ୍ରଶ୍ନର ମାୟାଜାଲ ଆଉ ସେଥିରୁ ଉତ୍ତର ଖୋଜି ବାହାରି ଆସିବାକୁ ପ୍ରୟାସ କରୁ କରୁ ସେ ପାଗଳୀପ୍ରାୟ ଛାତି ବାଡେଇ କାନ୍ଦୁଥିଲା ।

ଲାଗୁଥିଲା ତାର ଗୋଲାପୀ ରଙ୍ଗ ଶାଢ଼ୀ ଆଉ ଗଭାର ଗୋଲାପ ବି ତାକୁ ଅଟହାସ୍ୟ କରୁଛନ୍ତ, ଆଉ କହୁଛନ୍ତ ଯା ଏସବୁରେ ତୋର ଆଉ କଣ ଅଧିକାର କାହା ପାଇଁ ଆଉ ଏ ସାଜ ଶୃଙ୍ଗାର ? ସାଗର ସହ ହୋଲି ଖେଳବାକୁ ଠାକୁର ଘରେ ସଜେଇ ରଖିଥିବା ଅବିର ଭରା ରଙ୍ଗ ଥାଳ ବି ତା ଅସହାୟତାରେ ମୁଚୁକ ହସୁଥିଲା ।

ବାସ ସେବେଠୁ ତା ଜୀବନର ସବୁ ରଙ୍ଗ ଚାଲି ଯାଇଛି। ତା ପରଠୁ ସେ କେବେ ବି ଇନ୍ଦ୍ରଧନୁକୁ ଆଖି ଉଠେଇ ଦେଖିନ କ ହୋଲି ଆସିବାର ଖୁସିରେ ଆତ୍ମହରା ହେଇନ । ସେହିଦିନରୁ ସେ ତା ଦେହରେ କୌଣସି ରଙ୍ଗର ଛିଟା ଲାଗିବାକୁ ଦେଇନ କେବଳ ସାଗରଙ୍କ କଥା ରଖି, ସେ ନ ଫେରିବା ଯାଏଁ ଆଉ କାହାକୁ ରଙ୍ଗ ଲଗେଇବାର ମଉକା ଦେବନି ସେ ।

ସେ ଜାଣେ ସାଗର ଆଉ ଫେରିବେନି କ ତା ଚମ୍ପାଫୁଲିଆ ଗୋରା ଦେହରେ ଆଉ କେବେ ହୋଲିର ରଙ୍ଗ ଛିଟା ଲାଗିବନି । ସେପାଇଁ ସେ ହୋଲି ଦିନର ରାତିର ଅପେକ୍ଷାରେ ଥାଏ । ସମସ୍ତେ ଶୋଇଗଲା ପରେ ଥାଳରେ ଗୋଲାପୀ, ନୀଳ, ବାଇଗଣୀ ଏମିତି ସବୁ ରଙ୍ଗକୁ ସଜେଇ ରଖେ । ସେ ରାତିରେ ନିଜକୁ ଗୋଲାପୀ ରଙ୍ଗର ଶାଢୀରେ ସୁନ୍ଦର ଭାବେ ସଜାଏ ଆଉ ଗଭାରେ ସଜ ଗୋଲାପ ଦେଇ ନିଜ କବରୀ ସଜାଏ । ମନେକରି ତିଆରି କରିଥିବା ଚାଉଳ କ୍ଷୀରିରୁ ବି ଗୋଟେ ଗିନାରେ ବାଢି ଆଣେ । ଆଉ କବାଟ ବନ୍ଦ କରି ସାଗରଙ୍କ ଫଟୋ ସାମ୍ନାରେ ଦୀପଟେ ଲଗାଏ । ବର୍ଷସାରା ମନରେ ଚାପି ରଖିଥିବା ସବୁ କୋହ ସବୁ ଅଭିମାନକୁ ଲୁହ କରି ବୁହାଇ ଦିଏ ତାଙ୍କ ସାମ୍ନାରେ । ଆଉ ଶେଷରେ ହୋଲି ରଙ୍ଗରୁ କିଛି ସାଗରଙ୍କ ମୁହଁରେ କିଛି ତା ମୁହଁରେ ଲଗେଇ ଫୋଟୋ ଧରି ମନ ଭରି କାନ୍ଦେ । ସେଇ ଫୋଟୋକୁ ଆଲିଙ୍ଗନ କରି ସେ ଅନୁଭବ କରେ ସାଗରଙ୍କ ବାହୁବନ୍ଧନର ସେଇ ଅଭୁଲା ମୁହୂର୍ତ୍ତ ସବୁକୁ । ଆଉ ନିଜକୁ ହଜେଇ ଦିଏ ସେଇ ବାହୁବନ୍ଧନର ବିସ୍ତିର୍ଣ୍ଣ ବେଳାଭୁମିରେ ।

ଆରେ ମା ଅସୀମା... । କବାଟ ଖୋଲ ମା... ଦିନ ଗୋଟାକ ଯାଇ ରାତି ହେବାକୁ ବସିଲାଣି, ଆଉ କେତେବେଳ ଯାଏଁ ଘରଟା ଭିତରେ ନିଜକୁ ବନ୍ଦ କରି ରଖିବୁ ? ଆ ମା ବାହାରକୁ

ଆ... ବାଳୁତ ପିଲାଟା ସେ ନଜାଣି ତୋ ଦେହରେ ଅବିର ରଙ୍ଗ ଲଗେଇ ଦେଇଛି । ଛୁଆଟା କଣ ବା ମାପି ପାରିବ...ତୋ ଜୀବନରେ ହେଇ ଥିବା କ୍ଷତର ଗଭୀରତାକୁ! ମାଧବୀ ତାକୁ ବୁଝେଇ ଦେଇଛି, ସେ ଆଉ କେବେ ବି ତୋ ସହ ଏମିତି ପିଲାଳଆମୀ କରିବନି । ତୁ ବାହାରକୁ ଆସେ ମୋ ମା ଟା ପରା ।

ଶାଶୁଙ୍କ ଡାକରେ ଏକା ଲମ୍ଫକେ ଅତୀତରୁ ବାହାରି ଆସିଲା ଅସୀମା । ପୁପୁନ ତ ଛୁଆଟା... ତାର ବା କଣ ଭୁଲ ଯେତେବେଳେ ନିଜ ଭାଗ୍ୟ ବଇରୀ ସାଜିଲା ଏ ଛୁଆଟା ଉପରେ ମନ ମାରି କଣ ଲାଭ ?

- ହଁ ଆସୁଛି ବୋଉ, ଭିତରୁ ଥାଇ ଜବାବ ଦେଲା ଅସୀମା ।

ଏବେ ମୋତେ ଯିବାକୁ ହେବ, ବହୁତ କାମ ବାକି ଅଛି । ରାତି ହେବାକୁ ବସିଲାଣି, ଏଯାଏଁ କ୍ଷୀରି ବି ତିଆରି ହେଇନି କି ରଙ୍ଗ ଅବିର ଥାଳି ବି ସେ ସଜେଇନି । ଏତେ କାମ ପରେ ତା ନିଜକୁ ବି ସଜେଇ ହେବାର ଅଛି, କାହିଁକି ନା ଆଜି ହେଉଛି ହୋଲି । ବର୍ଷ ଆରମ୍ଭରେ ଘରକୁ ନୂଆ କ୍ୟାଲେଣ୍ଡର ଆସିଲେ ସେ ଆଗେ ପୃଷ୍ଠା ଓଲଟାଇ ଖୋଜେ ହୋଲି କେବେ ପଡୁଛି ? କେବେ ସେ ସାଗରଙ୍କୁ ଭେଟିବ ? ଆଉ ଆଜି ଯେତେବେଳେ ହୋଲିର ଦିନ ତେଣୁ ସାଗରଙ୍କ ସହ ତାକୁ ହୋଲି ଖେଳିବାର ଅଛି ରାତିରେ । କାହିଁକି ନା ଦିନ ଆଲୁଅରେ ତା ପାଇଁ ହୋଲି ଅବିରରେ ରଙ୍ଗ ନଥାଏ । ସବୁ ବେରଙ୍ଗ ପରି ଲାଗେ ।

ଯାଏଁ ସେପଟେ ଡେରି ହେଇ ଗଲେ ସାଗର ଅପେକ୍ଷା କରି ଅଭିମାନ କରିବେ ।

ନିଜକୁ ନିଜେ ଏତିକି କହି ଦୁଆର କବାଟ ଫିଟେଇବାକୁ ଆଗକୁ ବଢୁଥିଲା ଅସୀମା....!

ଆଳି, କେନ୍ଦ୍ରାପଡ଼ା

# ଆତ୍ମସମୀକ୍ଷା



କୃଷ୍ଣ ଚନ୍ଦ୍ର ବାରିକ

ସୁମନ ସୁରଭି ଯାଉଅଛି ବ୍ୟାପି
ଖୋଜେ ମୁହିଁ ଏଣେ ତେଣେ
ସସାଗରା ଧରା ସବୁଜ ବନାନୀ
ପାଉ ନାହିଁ ତାକୁ କେଣେ

ତନୁ ଉପବନେ ନାଭି ଗର୍ଭ ସ୍ଥଳେ
ଫୁଟି ମହକୁଛି ଯେଣୁ
ବାହାରେ ଖୋଜିଲେ ପାଉ ନାହିଁ ମୁହିଁ
ଅସ୍ଥିର ମନ ମୋ ତେଣୁ

ଅମଉଳା ଫୁଲ ଦେଇଛି ବାରତା
ନିଜକୁ ନିଜେ ତୁ ଖୋଜ
ନିଜକୁ ପାଇଲେ ପାଇବୁ ତୁ ସବୁ
ସିଦ୍ଧାର୍ଥକୁ ଧନ ହେଜ

ଜଗତ ଯାକର କେହି ନୁହେଁ ଆନ
ସଭିଏଁ ସମାନ ମଣ
ନିଜ ପାଇଁ ତେଣୁ ସତ୍ୟ ଧର୍ମ କାର୍ଯ୍ୟ
କରି ହୁଅ ସାବଧାନ

ଷଠରୀପୁ ତୋତେ ଜାବୁଡ଼ି ଅଛନ୍ତି
ବନ୍ଧନୁ ହୁଅରେ ମୁକ୍ତ
ଏମାନଙ୍କୁ ଜମା ଆସିଦେବୁ ନାହିଁ
ନୋହିଲେ ହୋଇବୁ ରିକ୍ତ

ଯେଉଁ ନଙ୍ଗଳା ତୁ ଆସିଥିଲୁ ବାବୁ
ସେହି ନଙ୍ଗଳା ତୁ ଯିବୁ
ଆସିଅଛୁ ମାନେ କିଛି ଦେଇଯାଆ
କେହି ନ ହୁଅନ୍ତୁ କାବୁ

ହରିଣୀ ପରାୟେ ଘୁରି ଘୁରି ତୋର
ଆୟୂଷ ଯିବ ଟି ସରି
ବେଳ କାଳ ଜାଣି ସତ କର୍ମ କରି
ଯାଆ ଧନ ସ୍ୱର୍ଗଯାତ୍ରୀ ।

ସାରସମାଲ, ଏସ୍ ରାମପୁର,
ସୁବର୍ଣ୍ଣପୁର

# ବିଶ୍ୱାସ



ଅନଙ୍ଗ ମଞ୍ଜରୀ ଜେନା

ତୋର ସେ ଶ୍ବଦ ର ଅର୍ଥ
ଆଜି ମୁଁ ବୁଝିପାରୁନି
ସତ ମିଛ ସବୁ କହିଲେ ଚଳେ
ତୁ ଦୁଇଟା ମାରିଲେ ମୁଁ ଦୁଇଟା ମାରିବି
ତୋ ଆଖିରୁ ଲୁହ ଗଡିଲେ
ମୋ ହୃଦ କାନ୍ଦେ ଛୁପି ଛୁପି କି ।
ତୋ ସାଥିରେ ଝଗଡ଼ା କରିବାକୁ
ମନ ମୋର ହୁଏ କାହିଁଗଲା ସେ ।
ସେ ଦୀନର କଥା ଭାବି ବସେ
ଯିଦିକରିବାକୁ ଅଭିମାନରେ ମୁହଁଫୁଲେଇବାକୁ
ମିଛ ଆଳ କରି ଛୁପି ଯିବାକୁ ଚାହୁଁ ପାରୁନା
ତୁ ଗୋଡ଼ କଚାଡି ଆଖିରୁ ଲୁହ ଝରାଇ
ତୋ ମନକୁ ବିଚଳିତ କରିଦିଏ
ଆସିବାକୁ ପଡ଼ିଥାଏ ତତେ, ପୁଣି ଦେଖିଲେ
ଅନେକ କଥା ଭାବୁଥାଏ ଅନେକ ସ୍ୱପ୍ନର କଥା
ସବୁ କିଛି ଶୁନ୍ୟ ହୋଇ ଯାଏ
ରହି ଯାଏ ତୋର ସେ ମାସୁମ ଚେହରା ।
ଯେଉଁ ଚେହେରାକୁ ପଢ଼ିଥିଲି
ଅନେକ ବର୍ଷପରେ ଏକ ସରଳ ରୂପ ଦେଇ
ରୂପ ଆଜି ଝାପସା ପରି ଲାଗୁଚି
ହୁଏତ କିଏ କହେ ବୟସ, ଆଖିର ଦୋଷ

ନା, ତା ନୁହେଁ ସେ ଆମ ବିଶ୍ୱାସର।
ବିଶ୍ୱାସ ରେ ବାନ୍ଧି ରଖିଥିଲି
ଆଶା କରିନଥିଲି ଆଘାତ ଦେଇଯିବ।
ଏ ବୟସରେ ଅଭିଜ୍ଞତା ର ଦ୍ୱାର ଦେଶରେ
ପରିବର୍ତ୍ତନ ଅନ୍ୟକୁ ସାମିଲି କରିବାର।
ପ୍ରୟାସ କୁ ଜାରି ରଖି କରି।
ମୋ ମନର ସବୁ ଅଳିନ୍ଦ, ନିଳୟରେ
ସବୁ ଶିରା ପ୍ରଶିରାରେ
ସବୁ ନିଶ୍ୱାସ ପ୍ରଶ୍ୱାସରେ ଏକ ଚାଦର
ଓଢି ଦେଇ ଚାଲିଗଲା।
ଚାଲ ଏପରି ଛଳ କପଟ ହୃଦୟ ଜିଣିବା
ଏକୁଟିଆ ରହି ଯିବା ହିଁ ନିଜକୁ ବିଶ୍ୱାସ ଦେଇ ।

ହାଇଦ୍ରାବାଦ

# ନିରବ ରାତିର ସାଥୀ



ତନୁଶ୍ରୀ ଅନିନ୍ଦିତା ପଟ୍ଟନାୟକ

ଶୀତ ସକାଳର କୁହୁଡି ପରି

ସାଗରର ସେହି ଲହଡି ପରି

ଆସୁଥିଲ ସାଥୀ କ୍ଷଣିକ ପାଇଁ

ନେଉଥିଲ ମୋ ନିଦ ଚୋରାଇ

ସାଥୀ ତୁମକୁ ଦେଖିବା ପାଇଁ

କରେ ଅପେକ୍ଷା ରାତିକୁ ମୁହିଁ

ରାତିରେ ଦେଖେ ମୁଁ ନିତି ସପନ

ସପନେ ଆସି ତୁମେ କିଣିନିଅ ମୋ ମନ

ତୁମେ ଏକା ମୋ ମନର ସାଥୀ

ତୁମ କଥା ଭାବି ରାତି ଯାଏ ବିତି

ତୁମେ ମୋ ନିରବ ରାତିର ସାଥୀ

ତୁମ ସାଥେ ଯାଏ ମୋ ସମୟ ବିତି

ମଠସାହି, ତୁଳସିପୁର

# ହଜି ଯାଇଥିବା ଈଶ୍ୱର

[ଏକ ପ୍ରତୀକଧର୍ମୀ ନାଟକ]



ଡକ୍ଟର କିଶୋର ମହାନ୍ତ

ଭୂମିକାରେ.....

ପ୍ରବୀଣାନନ୍ଦଜୀ – ସାଧୁ

ନିରାକାର – ଆଧ୍ୟାତ୍ମିକବାଦୀ ଯୁବକ

ବିସ୍ମୟ – ଯୁବକ

ବିପ୍ଳବ – ଯୁବକ

ବୃଦ୍ଧା – ମା

ନାରୀ – ଯୁବତୀ

(ମଂଚ ଆଲୋକିତ ହେଲାପରେ ବିପ୍ଳବ ଏକ ଚିନ୍ତାପୂର୍ଣ୍ଣ ଭଂଗୀରେ ନିଜକୁ ପ୍ରଶ୍ନ କରି ଚାଲିଛି – ଆଲୋକ ବିଚ୍ଛୁରିତ ହେବ ବିପ୍ଳବ ଉପରେ)

ବିପ୍ଳବ – ଦୁଃଖ, ଦୁଃଖ ଆଉ ଦୁଃଖ ! ସବୁଠି ଖାଲି ଦୁଃଖ । ଏ କୁହ କୁହ ଦୁଃଖର ଯେମିତି ପରିସମାପ୍ତି ନାହିଁ–ମଣିଷ କଣ ଖାଲି ଜନ୍ମ ନେଇଛି ଏଇ ପୁଂଜିଭୂତ ଦୁଃଖକୁ ନିଜ ଭିତରେ ଚାପି ରଖି ଅନ୍ୟମାନଙ୍କ ପାଇଁ ହସ ଫୁଟାଇବାକୁ କିଏ ବା ବୁଝିବ ଅନ୍ତର ବେଦନାକୁ – ମନ ଭିତରେ ଚାପି ହୋଇ ଯାଇଥିବା ଅମାପ ଦୁଃଖ–ଦୁଃଖ ଯେମିତି ଲହଡା ଭାଙ୍ଗୁଛି ହୃଦୟର ମଥାନରେ ।

ବିସ୍ମୟ – ଆରେ ଦୁଃଖ ନଥିଲେ ତ ମଣିଷ ଜୀବନରେ ପୂର୍ଣ୍ଣତା ନାହିଁ–ସୁଖ ଦୁଃଖ ଦୁଇଟି ଜୀବନକୁ ନିୟନ୍ତ୍ରିତ କରେ । ସୁଖ ଆସେ ଚାଲିଯାଏ କିଛି ସମୟ ପାଇଁ, ଦୁଃଖ ଥାଏ ସାରାଦିନ ସାଥି ହୋଇ–ଏହାହିଁ ମୁଁ ବୁଝେ । ବେଳେବେଳେ ମୋ ମନକୁ ସାନ୍ତ୍ୱନା ଦିଏ ।

ବିପ୍ଳବ - ଦୁଃଖରେ ମଣିଷ ଭାଙ୍ଗିପଡେ ନା - ଦୁଃଖ ଭିତରେ ମଣିଷ କେମିତି ଛଟପଟ ହୁଏ ତୁମେ ତାହାତ ଅଙ୍ଗେ ଅଙ୍ଗେ ନଭେଇଛ ।

ବିସ୍ମୟ - ତୁମ କଥାକୁ ଏଡେଇ ଦେଇ ପାରୁନ । ମୁଁ ବି ଦୁଃଖ ଭିତରେ ସଢୁଛି? ବେଳେବେଳେ ପ୍ରଶ୍ନ କରୁଛି ନଜକୁ ମୁଁ କଣ ଏଇ ଦୁଃଖ ଯନ୍ତ୍ରଣା ପାଇଁ ଜନ୍ମ ନେଇଛି !

ବିପ୍ଳବ - ନାରୀଙ୍କର ଅସହାୟତାର ଏକ ଲମ୍ବା କାହାଣୀ ତ ଶୁଣିଲ । କଣ ସେଥିରେ ଦୁଃଖ ନାହିଁ - ଯନ୍ତ୍ରଣା ନାହିଁ? ଏମିତି ସାଗ୍ ସଂସାରରେ ନର୍ଯ୍ୟାତିତାମାନେ ସଢୁଛନ୍ତୁ ଅହରହ । ସେ ଜୀବନରେ କଣ ବା ସୁଖ ଅଛି? କଣ ବା ସେ ପାଇଲେ? ସମଜରୁ - ସଂସାରକୁ - ପରିବାରରୁ ।

ବିସ୍ମୟ - ସୁଖକୁ ହାତ ମୁଠାରେ ସବୁଦିନେ ରଖିବାପାଇଁ ସମସ୍ତେ ପାଗଳ, ହେଲେ ସୁଖ କଣ ଚରଦିନ ରହେ । କ୍ଷଣିକ ସୁଖ ଭିତରେ ମଣିଷ ଯେତେ ଆନନ୍ଦିତ ହୁଏ ସେ ସୁଖ ରହେନ, ଗ୍ଳିଯାଏ । ତୁମେ ମୁଁ ଆଉ ସେଇ ନାରୀ, ଏପରିକ ନର୍‌କାର ଆଉ ପ୍ରବୀଣାନନ୍ଦଜୀ କଣ କଣ ଦୁଃଖୀ? ଦୁଃଖ କମ ଭିତରେ ଆମମାନଙ୍କର ଜନ୍ମ-ସୁଖ କାହିଁ ମିଳବ? କେବଳ ସ୍ଥାୟୀ ସୁଖ ସନ୍ଧାନରେ ତ ଆମେମାନେ ପାଗଳ !

ବିପ୍ଳବ - ତୁମ କଥା ସତ-ସୁଖ ଅଳୀକ । ମୁଁ ଏସବୁ ଜାଣିନଥିଲି-ସୁଖ ପାଇଁ ମୃଗାତୃଷ୍ଣା ପଛରେ ଗୋଡାଉଥିଲି । ଅବଶ୍ୟ ମୋ କର୍ତ୍ତବ୍ୟରେ ମୁଁ କେବେ ଅବହେଳା କରିନ-ତଥାପି ମୁଁ କାହିଁ ହାରିଗଲି? ଏ ପ୍ରଶ୍ନ ବାରମ୍ବାର ମୋ ମନରେ ମଥା ପିଟୁଛି-କନ୍ତୁ ମୁଁ ସବୁ ଦୁଃଖକୁ ଗ୍ଳପି ଦେଇଛି ନଜ ଭିତରେ ।

ବିସ୍ମୟ - ଖୁବ୍ ଭଲ କରିଛ । ଏଇ ଧୈର୍ଯ୍ୟ ଶକ୍ତ ତୁମର ଅଛି ବୋଲି ତ ତୁମେ ଜୀବନର ଯେଉଁ ଅଭିଜ୍ଞତା ଗୋଟେଇ ନେଇଛ ତାହା କଣ ଅନ୍ୟମାନଙ୍କ ଉପରେ ପ୍ରତିଫଳତ ହେବ ନାହିଁ? ତୁମେ କଣ ନୂଆ ବାଟ ଦେଖାଇ ପାରିବ ନାହିଁ? ସତ କହିବି - ଦୁଃଖ ହୁଏତ ଜୀବନକୁ ଅଧିକ କଠିନ ଓ ଭୋଗବାଦଠୁଁ ଦୂରେଇ ରଖେ! ଆଉ ମଣିଷକୁ ଯେକୌଣସି ପ୍ରତିବନ୍ଧକଉ ଏଡାଇ ଯିବାକୁ ବାସ୍ତବିକ ପ୍ରେରଣା ଦିଏ ।

ନାରୀ - (ପ୍ରବେଶି)-ଆରେ ଆରେ, ବିସ୍ମୟ ବାବୁ, ବିପ୍ଳବ ବାବୁ, ଆପଣମାନେ ଦିହେଁ ଏଇଠି ଆମେ ଆପଣମାନଙ୍କୁ ଧ୍ୟାନ ମନ୍ଦିରରେ ଖୋଜୁଛୁ ।

ବିସ୍ମୟ - ଏବେ ଫେରୁଛନ୍ତୁ ବୋଧେ - ଖୁବ୍ ଶାନ୍ତ ଲାଗିଥିବ। ଧ୍ୟାନ ମନ୍ଦିରରେ ଥରେ ପ୍ରବେଶ କରିଗଲେ ଆପଣ ନିଜ ଭିତରର ସବୁ ଦୁଃଖ ଯନ୍ତ୍ରଣାକୁ ଭୁଲିଯିବେ-ଶୂନ୍ୟତା ଭିତରେ ଆପଣ ହଜିଯିବେ, ତାହାହିଁ ତ ଅନୁଭବ କରୁଥିବେ ତ ନିଷ୍ଚୟ ।

ନାରୀ - ଅବଶିଷ୍ଟ ଜୀବନଟା ଏମିତି ବିତିଯିବ - ଦୁଃଖ ଦୁଃଖ ବାଟରେ ଗ୍ଳିଯିବ-ଅଯଥା ଆମେ ସେଇ ଦୁଃଖକୁ ନେଇ ମାନସିକ ସନ୍ତୁଳନରେ ଭାରସାମ୍ୟ ହରାଇ ବସିବା, ଏଥିରୁ କିଛି ଫଳ ମିଳିବନି।

ବିପ୍ଳବ - ଫଳ ନମିଳୁ, ଆପଣଙ୍କର ଦୁଃଖ ପରି କେତେ କେତେ ଲୋକଙ୍କର ଦୁଃଖ ଯନ୍ତ୍ରଣାର ହୃଦୟ ବିଦାରକ କାହାଣୀ ପଢ଼ିବାକୁ ଚେଷ୍ଟା କରିଛେ।

ନାର୍ - ଏଇଠି ଗୋଟିଏ କଥା କହିବି। ବୁଦ୍ଧତ୍ୱ ପ୍ରାପ୍ତି ପରେ ତପସ୍ୱୀ ବୁଦ୍ଧଙ୍କର ବାଣୀ ଥିଲା - କାମନାର ବିନାଶରେ ଦୁଃଖର ବିନାଶ।

ବିପ୍ଳବ - ମୋର କିନ୍ତୁ କାମନା ନଥିଲା ! ଥିଲା ସଂଗ୍ରାମ।

ନାରୀ - କେମିତି ?

ବିପ୍ଳବ - ମୋ ସଂଗ୍ରାମର ଇତିହାସ ଶୁଣିଲେ ତ ଆପଣଙ୍କ ଲୋମମୂଳ ଟାଙ୍କୁରି ଉଠିବ। ଆପଣ ଜନ୍ମ-ଜୀବନ-ମୃତ୍ୟୁର ଅବଧାରିତ ସତ୍ୟକୁ ଖୋଜି ବସିବେ।

ବିସ୍ମୟ - ସଂସାର ଭିତରେ ଜୀବନକୁ ଗତିଶୀଳ କରିବା ପ୍ରକୃତରେ କଠିନ ବ୍ୟାପାର। ଦରକାର ଆତ୍ମ ବିଶ୍ୱାସ। ମନ ଓ ହୃଦୟକୁ କଠୋର ନ କଲେ ପ୍ରବୀଣାନନ୍ଦଜୀଙ୍କ ସ୍ତରକୁ ଯିବା ଅତ୍ୟନ୍ତ କଷ୍ଟ।

ବିପ୍ଳବ - ହେଲେ ମୋ ସଂଗ୍ରାମର କାହାଣୀ-

ନାରୀ - ପ୍ରକୃତରେ ଶୁଣିବାକୁ ଇଚ୍ଛା ହେଉଛି ଜୀବନର ଅତୀତ ଘଟଣାକୁ ପଛରେ ପକାଇ ଦେଇ ତ ଆମେ ବର୍ତ୍ତମାନର ପାଦ ଥାପି ଭବିଷ୍ୟତକୁ ଖୋଜୁଛେ ? ସ୍ମୃତି ବିଜଡିତ ଜୀବନର ଅନେକ ଅକୁହା କଥା ଶୁଣିଲେ ମନ ବିଚଳିତ ହେଇଥାଏ। ଭାବିବାକୁ ହୁଏ ସବୁ ଦୁଃଖ କଣ ମୋ ଦୁଃଖ ନୁହେଁ - ସବୁ ଦୁଃଖଠୁ ନିଆରା ଆଉ କିଛି ବି ନୂଆ ଦୁଃଖ ଅଛି।

ବିପ୍ଲବ - ପାଠ ପଢିଲେ ଦିବ୍ୟ ଜ୍ଞାନର ପରିପ୍ରକାଶ ଘଟେ । ଜୀବନ ଯୁଦ୍ଧରେ ହାରିବାଟା ହୁଏତ ଖୁବ୍ କମ୍ ଘଟେ । ମୁଁ ଖୁବ୍ ପଢିଛି- ଗାନ୍ଧି, ମାକ୍ସମଗର୍କୀ, ଟଲଷ୍ଟୟ, କାମ୍ୟୁ ଏମାନଙ୍କ ବହିକୁ ପୃଷ୍ଠା ପରେ ପୃଷ୍ଠା ଓଲଟାଇ ମୁଁ ଅଣନଶ୍ୱାସୀ ହେଇ ତାକୁ ପଢିଛି । ତାକୁ ସବୁ ନିଜ ଜୀବନର ଆଦର୍ଶ ଭାବେ ଗ୍ରହଣ କରି ନେଇଥିଲେ ସତ, ହେଲେ ସେ ସବୁ କଣ ମୋର କାମରେ ଲାଗି ପାରିଛି ଆଜି? ଆଜି ସେମାନଙ୍କର ଆଦର୍ଶ ନୀତିବାଣୀ ହୋଇଯାଇଛି ଆମ ସମସ୍ତଙ୍କ ପାଖରେ ପ୍ରହସନ । ଆଜି ସମାଜରେ ଆମେ ନିଜ ନିଜର ସ୍ୱତନ୍ତ୍ର ଆଦର୍ଶ ତିଆରି କରି ବିଜ୍ଞାପନ ଝୁଲାଇ ଦେଇଛୁ ଦାଣ୍ଡ ଆଗରେ । ଏଠି ବ୍ୟକ୍ତିର ପୂଜା ଚାଲିଛି !

ନାରୀ - ବିପ୍ଲବ ଯାହା କହୁଛନ୍ତି ତା ଅକ୍ଷରେ ଅକ୍ଷରେ ସତ୍ୟ, ହେଲେ ସେମାନଙ୍କର ଶକ୍ତି ପାଖରେ ଆମେ ସ୍ୱର ଉତ୍ତୋଳନ କରିପାରିବନି-ଆମ କ୍ଷୀଣ ସ୍ୱର ସେମାନଙ୍କର ଅହଂ ପାଖରେ ଚାପି ହେଇଯିବ । ଆମେ ପଦୁଟିଏ ବି କିଛି କହି ପାରିବାନି ।

ବିସ୍ମୟ - ବିପ୍ଲବ ତ ଡରିବାର ପିଲା ନୁହଁନ୍ତି । ସେ ସବୁକୁ ସମ୍ମୁଖୀନ କରିପାରିଥିବେ ।

ବିପ୍ଲବ - ହଁ ସେ ସାହାସ ମୋର ଥିଲା । କିନ୍ତୁ ପାରିଲିନି ବିସ୍ମୟ । ଭାଗ୍ୟ ମୋତେ ଟାଣି ନେଲା ଅନ୍ୟ ବାଟରେ । ଗୋଟାଏ ଅନ୍ଧାର ରାତିରେ ନିଜ କାନ୍ଧରେ ନିଜେ ବୋହି ନେଇ "ରାମ ନାମ ସତ୍ୟ" ର ଧ୍ୱନି ଦେଇ ଜୁଇରେ ଶୋଇ ଦେଇ ଆସିଲି ମୋ ଆଦରଣୀୟ ମା କୁ ।

ନାରୀ - ତମର ମା ନାହାଁନ୍ତି! ବିସ୍ମୟଙ୍କର ବି ମା ନାହାଁନ୍ତି । ସତରେ ମା ନାହିଁ ଯାର, ସାହା ନାହିଁ ତାର ।

ବିପ୍ଲବ - ଆମେ ମାନେ କେତେ ଅଭାଗା ସତରେ!

ବିପ୍ଲବ - ମା ଯିଏ ମୋତେ ଗର୍ଭରେ ଦଶମାସ ଧରି ଉହଳ ବିକଳ ଜୀବନରେ ଜନ୍ମ ଦେଇଥିଲା-ଜଳିଗଲା ସେ, ପୋଡିଗଲା ତାର ଆଶା, ତାର ସ୍ୱପ୍ନ ସବୁକିଛି ପୋଡି ଜଳି ପାଉଁଶ ହେଇଗଲା ।

ବିସ୍ମୟ - କଣ ହେଇଗଲା ଯେ ସେ ହଠାତ୍ ।

ବିପ୍ଳବ – ଚାକରୀ ପାଇଁ ମୁଁ ଏ ଅଫିସରୁ ସେ ଅଫିସ୍ କେତେ କେତେ ବାବୁମାନଙ୍କ ପାଖକୁ ଯାଇ ଯାଇ ଗୋଡରୁ ମୋର ପାଣି ମରିଯାଇଛି। କେତେ କାକୁତି ମିନତି ହେଲି-ମୋ ସାଙ୍ଗରେ ସମସ୍ତେ ଛଳନା କରିଛନ୍ତୁ, ମୁଁ ଫେରିଛି ସେମାନଙ୍କ ପାଖରୁ ହତାଶ ଆଉ ନିରାଶାର ବାଣୀ ଶୁଣି।

ନାରୀ – ତୁମର ବାପା ଆଉ ଅନ୍ୟମାନେ?

ବିପ୍ଳବ – ମୋତେ ଯେତେବେଳେ ସାତବର୍ଷ, ମୋ ବାପା ମରିଯାଇଥିଲେ। ସେ ଯନ୍ତ୍ରଣା ମୋତେ ଯେତେ ଆଘାତ ଦେଇନଥିଲା, ବେଶୀ ଆଘାତ ଦେଇଥିଲା ମା ର ଅଗ୍ନନକ ମୃତ୍ୟୁ। ମୋତେ ତାର ଅନୁପସ୍ଥିତି ବେଶୀ ଅସ୍ଥିର କଲା। ମୁଁ ଏକଲା ହେଇଗଲି-ସଂପୂର୍ଣ୍ଣ ଏକଲା।

କ୍ରମଶଃ........

ସି.ଡି.ଏ, କଟକ

# ଜୟ ମାଁ ଭୈରବୀ



ଦେବାର୍ଚ୍ଚନ ମେହେର

ଜୟ ଜୟ ମା ଗୋ ମନ୍ଦାର ମାଳିନୀ,
ଜୟ ଜୟ ମା ଗୋ ସିନ୍ଦୂର ଧାରିଣୀ।।

ଜୟ ଜୟ ମା ଗୋ ରୁଦ୍ର ଭୈରବୀ,
ଜୟ ଜୟ ମା ଗୋ ବୌଦ୍ଧ ର ଇଷ୍ଟ ଦେବୀ।।

ମା ଗୋ ଦୁଃଖୀ ର ଦୁଃଖ ହାରିଣୀ,
ମା ଗୋ ଜଗତ ଉଧାର କାରିଣୀ।।

ମା ଗୋ ଭକତ ର ଦୁଃଖ ସୁଖରେ ହେଉ ସାହା,
ଅଭୟ ବର ଦେଉ ଭକତ ମନେ ଭାବେ ଯାହା।।

ମା ଗୋ ଜଗତ ଜନନୀ ଭୈରବୀ ଠାକୁରାଣୀ,
ମଉନେ ମଉନେ ରହୁ ସଂସାର ନିୟତି ଜାଣି।।

ଅତି ସ୍ନେହ, କରୁଣା, ଭକ୍ତି ଯା ହୃର୍ଦେ ଦେଖ,
ଆଗ ଯାଇ ବିରାଜମାନ କର ତା ପାଖେ।।

କେତେ ଗଭୀର ପରୀକ୍ଷା ଭକତ ର ନେଉ,
ମା ଗୋ ସିଦ୍ଧେଶ୍ୱରୀ ଭୈରବୀ ତୁ ଯେ ଆଉ।।

ମା ଗୋ ଭକତ ହୃର୍ଦୟେ ବାସ କର ସଦା ସର୍ବଦା,
ମା ଗୋ ଭକତ ର ଆରତି ବିନତି କର୍ଣ୍ଣ ଦେଇଥାଅ ସଦା।।

ମା ଗୋ ମସ୍ତକେ ସୁବର୍ଣ୍ଣ ମକୁଟ, ଗଳାରେ ହାର,
ମା ଗୋ କର୍ଣ୍ଣେ କୁଣ୍ଡଳ, ମଥାରେ ଲାଲି ସିନ୍ଦୂର।।

ମା ଗୋ ନାକେ ନାକ ଫୁଲ, ହସ୍ତେ ଖଣ୍ଡା,
ମା ଗୋ ପାଦେ ପାଉଁଜି, ଶରୀରେ ପରିଧାନ କର ଲାଲି ଛିଟା।।

ମା ଗୋ ତୁମ ପାଦ ପଦ୍ମେ କୋଟି ପ୍ରଣତି,
ମା ଗୋ ଭୁଲ ଥିଲେ ମୋର କରିବ କ୍ଷମା
ମୁଁ ମୂଢ଼ ଅଜ୍ଞାନ କରେ ବିନତି।।

ଗ୍ରାମ - ବାପୁଜୀନଗର
ଜିଲ୍ଲା - ବୌଦ୍ଧ

# ସେହି ବେନାମୀ ଚଠି

ପ୍ରଶାନ୍ତ କୁମାର ପାଢ଼ୀ

ଚହ୍ନା ନାହିଁ କି ଜଣା ନାହିଁ
କିଏ ସେହି ବ୍ୟକ୍ତି ?
ମନର ଦ୍ୱାରଦେଶରେ ପହଞ୍ଚିଥିଲା
ତାଙ୍କ ବେନାମୀ ଚଠି
ଯା'ର ଠିକଣା ଖୁବ୍ ଅପରିଚତ !!
ମାତ୍ର ସମସ୍ତ ଶବ୍ଦ ଥିଲା ପରିଚତ
ଯେଉଁଥିରେ ବଞ୍ଚିଥିଲା
ଅତୀତର ଅକୁହା କଥାର ଜୀବନ
ଆଉ ହଜିଲା ସ୍ମୃତିର ଚହ୍ନ !!
ପଢିଗ୍ଲିଥିଲି ସେହି ସାଇତା ଅତୀତର
ଆତ୍ମକାହାଣୀ କୁ........
ଯାହା ଆଜି ସ୍ମୃତି ହୋଇ ଶବ୍ଦ ରୂପେ ସଂଯୋଜିତ
ପୁଣି ପୃଷ୍ଠା ମଣ୍ଡନ କରିଛି
ଏହି ବେନାମୀ ଚଠିର !!
କେହି ନୁହେଁ ଅଚହ୍ନା କି ଅଜଣା
ଶବ୍ଦର କଥାକୁହା ସ୍ୱରରେ
ହଜିଲା ସ୍ମୃତି ଭରୀ ସତେଜ ଲାଗୁଥିଲା
ଅବଚେତନ ମନରେ ଆଣିଥିଲା ଚେତନା
କିଛି ନୂତନ......... ଉନ୍ମାଦନା !!
ସେ ବେନାମୀ ଚଠିର ନାୟିକା..... ମୋ ପ୍ରିୟା !

କାକୁଡିକୁଦ, ଯାଜପୁର

# ଅଚହ୍ନା ବନ୍ଧନ

(ଧାରାବାହିକ)



ଜୟଲକ୍ଷ୍ମୀ ସେଠୀ

ଧାରା ଶ୍ରାବଣର ଏକ ବର୍ଷା ବିଧୌତ ରଜନୀ, ଘଣ୍ଟାରେ ଠାନ୍ ଠନ୍ ହୋଇ ବାଜି ଉଠି ସମୟ ସୂଚେଇ ଦେଉଥିଲା । ଦିନ ସାତଟା । ତରତର ହୋଇ ଜଳଖିଆ ତିଆରି କରିଦେଲା ମିତା । ଯିଏ ଯେଉଁ କର୍ମ କରେ ଜନ୍ମ ଜନ୍ମାନ୍ତର ସେ ସେମିତି ଫଳ ଭୋଗ କରିଥାଏ । ଆମ ରକ୍ଷଣଶୀଳ ସଂସାରରେ ଜୀବନଟା ବହୁ କଷ୍ଟମୟ ଅଟେ । ସମାଜର ନୀତିନିୟମ ମଧ୍ୟରେ ସମସ୍ତେ ବାନ୍ଧି ହୋଇଯାଆନ୍ତି । ସାମାଜିକ ବନ୍ଧନରୁ ମୁକ୍ତ ପାଇବା ଅସମ୍ଭବ । ଅନେକ ଗୁଡିଏ କୁସଂସ୍କାର ନେଇ ଚଳବାକୁ ହୁଏ କେତେ ଜୀବନ । ଏହି ମାନସିକତାକୁ ଦୂର କରିବା ଏତେ ସହଜ ନୁହଁ । ଗୋଟେ ବିଧବାଟେ ବିବାହ କଲେ ଏ ସମାଜ ସ୍ୱୀକୃତି ଦେଇପାରେନା କିନ୍ତୁ ଗୋଟେ ପୁରୁଷ ବହୁବାର ବିବାହ କରି ନିଜକୁ ସାଧୁର ପରିଚୟ ଦିଏ । ଏହାହିଁ ଆମ ସମାଜର ସଂସ୍କୃତି ।

ପାରମ୍ପରିକ ରୀତିନୀତିରେ ଉପଯୁକ୍ତ ସମ୍ମାନ ମିଳେନାହିଁ ବରଂ କୌଣସି ଝିଅ ଭଲପାଇ ବାହାହେଲେ ସାରା ଗାଁ ଯାକର ହାଟ ବସିଯାଏ । ଦୁନିଆ ବିଧାନ କରିବାକୁ ପଡିଥାଏ । ଏ ହେଉଛି ଆମ ସମାଜର କୁସଂସ୍କାରର ପରିଣତି । ପୁଣି କେତେବେଳେ ସ୍ୱପ୍ନରେ ଆତ୍ମବିଭୋର ହୋଇଉଠେ ନାରୀ । ଯାହା ପ୍ରତିଟି ମୁହୂର୍ତ୍ତରେ ମାତୃତ୍ୱକୁ ବିକିଦିଏ ନିଜ ଶୋଷ ମେଣ୍ଟାଇ । ବେଳେବେଳେ ତାର ଉଗ୍ର ମୂର୍ତ୍ତିଦେଖି ଚମକ ପଡେ ପୁରୁଷ । କାନ୍ଦି ଉଠେ ବ୍ୟକ୍ତିତ୍ୱ ଦୟାହୀନ ବୀଭତ୍ସ ରୂପକୁ ଦେଖି । ପ୍ରତିଜ୍ଞା କରିବସେ ସମଗ୍ର ଜୀବନକାଳ ସେ ସେହି ସମତଳ କାଚମାର୍କା ରାସ୍ତାରେ ପାଦ କଚାଡି ଚାଲିଯିବା ପାଇଁ । କିନ୍ତୁ ଅଜାଣତରେ ତାର ଅବୟବଗୁଡିକ ତାକୁ ଧକ୍କା ମାରି ଠେଲି ଦେଇଥାନ୍ତି, ସେହି ଦାଢ ନିକଟକୁ ।ଯାହା ଫଳରେ କଚାଡି ହୋଇ ପଡିରହେ । ବହୁ କଷ୍ଟରେ ପାଦ ସଳଖି ଚାଲିବାକୁ ଚେଷ୍ଟା କରେ । ହଡବଡ ହୋଇ କର୍ମମୟ ଆବୁଡା ଖାବୁଡା ରାସ୍ତାରେ ତାକୁ ରାସ୍ତା କଡାଇ ଦେଇ ସତ୍ୟତାକୁ ସାମ୍ନା

କରିବାକୁ ସାହାସ ଆଙ୍କିଦିଏ । ଦୂର ଦିଗବଳୟ ସୀମା ଛୁଇଁବାର ଅଭିପ୍ରାୟ ସୃଷ୍ଟି କରିଦେବ । ବାପାଙ୍କ ପାଇଁ ଖାଇବା ପ୍ରସ୍ତୁତ କରିଦେଇ ମିତା ପିଲାମାନଙ୍କ ସହିତ ବାହାରି ପଡିଲା । କେତେଖଣ୍ଡ ଲୁଗା ରଖିବ ବ୍ୟାଗକୁ ମଣ୍ଟୁର ହାତରେ ଦେଇଦେଲା । ମଣ୍ଟୁ ବ୍ୟାଗ ସହିତ ଦୁଇ ଝିଅକୁ ନିଜ ଗାଡିରେ ବସାଇ ଦେଇ ଗାଡି ଷ୍ଟାର୍ଟ କରି କହିଲା-

ଭାଉଜ, ପୁଅକୁ ନେଇ ଆସ । ମୁଁ ଆଗେ ଆଗେ ଚାଲିଲି ।

ହଁ... ହଁ.... ଚାଲ ମିତା ଭିତରୁ ଶବ୍ଦ ଦେଲେ । ଆଠ ନଅ ମାସ ହେଲା ମିତା ଆସି ବାପାଙ୍କ ପାଖରେ ରହିଗଲାଣି । ଛାଡିଯିବାକୁ ଇଚ୍ଛା ହେଉ ନଥିଲା । ହେଲେ ବାଇନର ଦୁଃଖ ମୁହଁକୁ ଫେରାଇ ଦେବାକୁ ମଧ୍ୟ ଚାହିଁଲାନାହିଁ ମିତା । ବାପା ଲୁହଭରା ଆଖିରେ ବିଦାୟ ଦେଇ ଘର ଭିତରକୁ ଚାଲିଗଲେ । ଛାତିରେ ଛାତିଏ ଡର । ଚୁପଚାପ୍ ଯେମିତି ଦୁଇ ଜଣଙ୍କର ମାନସିକତା । ନିଜର ଭୁଲ୍ ପାଇଁ ଅନୁତାପରେ ଜଳୁଛି ବାଇନ । ମୁହଁ ଖୋଲି କିଛି କହିପାରୁ ନଥିଲା । ସତରେ ମତେ କଣ ମିତା କ୍ଷମା କରିଦେବ ? ଏମିତି କେତେ କଣ ଭାବି ଭାବି ଘର ପାଖ ହୋଇ ଆସିଲା, ଛାତିରେ ନିଶ୍ୱାସ ସେତେ ବେଶୀ ପ୍ରଖର ହେଉଥାଏ । ଜରାଗ୍ରସ୍ତ ବୃଦ୍ଧା ମା ପ୍ରାୟତଃ ଶଯ୍ୟାଶାୟୀ କେତେବେଳେ କେମିତି ନିଜର ନିତ୍ୟ କର୍ମ ସାରନ୍ତି । ପୁଣି ବିଛଣା ଧରନ୍ତି । ସେହି ବିଛଣାରେ ଶୋଇ ଦୁନିଆଯାକର ଗାଳି ଦେଉଥାନ୍ତି । ନିଜର ଏକମାତ୍ର ସାହା ପୁଅ ବାଇନ । ମିତା ଯାଇ ଶାଶୁଙ୍କୁ ପ୍ରଣାମ କଲା । ଗାଁ ଯାକର ଲୋକ ପୁଅକୁ ଗାଡିରୁ ଓହ୍ଲାଇବା ଆଗରୁ ନେଇଗଲେଣି । ମିତା ଠିଆ ହୋଇ ପାରିଲା ନାହିଁ, ସିଧା ହୋଇ ଗୋଡ ଟଳମଳ ହୋଇ ଯାଉଥାଏ, ନୂଆ ଠିଆ ହୋଇ ଚାଲିବାକୁ ଚେଷ୍ଟା କରୁଥିବା ଶିଶୁପରି । କିଛି ନକହି ଘର ଭିତରକୁ ଚାଲିଗଲା ମିତା । ନିତିଦିନ ଅଳସ ଭାଙ୍ଗି ଚେଇଁ ଉଠେ ଗାଆଁ । ସିନ୍ଦୂରା ଫାଟିବା ବେଳରୁ ଅଗଣା ଓ ଦାଣ୍ଡରେ ଝାଡୁ ମାରିବା ଶବ୍ଦ । ପୁଣି କିଏ ଝରକା ଖୋଲି ଦେଖେ ସୂର୍ଯ୍ୟ ଉପରକୁ ଉଠିଲାଣି କି ନାହିଁ । ପୋଖରୀ ତୁଠରେ ପାର୍ଲ୍ୟାମେଣ୍ଟ ବସିଯାଏ, ଗାଆଁ ଯାକରେ ଯେତେ କଥା । ନିଜ ନିଜ ଭିତରେ ମନାନ୍ତର, କଳ ଶବ୍ଦରେ ଶବ୍ଦମୟ ହୋଇଉଠେ ଗାଁ ପୋଖରୀ ତୁଠ । ଅଳସ ଭାଙ୍ଗି ମନରେସ ସ୍ୱପ୍ନ ଆଙ୍କୁଥିଲେ ବାଇନ । ମିତା କାଲି ଆଉ ଘରେ ଶୋଇଥିଲା ପିଲାମାନଙ୍କ ସହିତ, ମତେ ଟିକିଏ ବି ଚାହିଁ କଥା ହେଲାନାହିଁ । ଏତେ ଦିନ ପରେ ଏତେ ପାଖରେ ପାଇ ବାଇନ ବହୁତ କଷ୍ଟ ପାଇଛି ଗତ କାଲି ରାତିରେ । ଇଚ୍ଛା ହେଉଥିଲା ରାତିରେ ଯାଇ ମିତାକୁ କ୍ଷମାମାଗି ନିଜ ବାହୁରେ ଟେକି ଆଣିବ ନିଜ ବେଡ୍ କୁ, ହେଇପାରିଲାନାହିଁ । ଅତୀତର ସେହି କଳୁଷିତ ସମୟ ତାକୁ ଦୁର୍ବଳ

କରିଦେଲା । ସାହସ ହେଲାନାହିଁ । ବାରମ୍ବାର ଯାଇ ମିତା ଶୋଇବା ଘର କବାଟ ପାଖରୁ ଫେରି ଆସିଛି । ବିଚଳତ ହୋଇଥିଲା ମନର ଅନେକ ଗୁଡିଏ ପ୍ରଶ୍ନ । ମାଆର ଭୁଲ ପ୍ରବଚନାରେ ପଡି ଝଡ ସୃଷ୍ଟି କରି ଦେଇଥିଲା ଜୀବନ ରାସ୍ତାରେ । ସୁନେଲି ସପନ ଭାଙ୍ଗି ଚୂରମାର ହୋଇ ଯାଇଥିଲା । ସେ ଦିନର କଛି କଦର୍ଯ୍ୟ ଶବ୍ଦର ତୀକ୍ଷ୍ଣ ମୁନରେ କ୍ଷତବିକ୍ଷତ କରି ରକ୍ତାକ୍ତ କରି ଦେଉଛି ପ୍ରତିକ୍ଷଣ ଅନ୍ତର ଆତ୍ମାକୁ । ପ୍ରେମର କରୁଣ ଚତ୍କାର ନରେ୍ଳା ରାତିରେ ଅଭିମାନ କରି ଶୋଇଯାଉଥିଲା ।

ସସ୍ପଷ୍ଟ ପ୍ରଶ୍ନ କରୁଛି ନଜେ ନଜକୁ ବାଇନ । କାହିଁକ ପାଦ ଦେଲି ଅଶାନ୍ତ ବୁକୁରେ ? କେମିତି ଆପଣେଇଛି ଅନଶ୍ଚିତ ମୁହୂର୍ତ୍ତକୁ । ଜାଣି ସୁଦ୍ଧା ସ୍ୱାର୍ଥକୁ କରିଚାଲିଛି ଦହନ । ଜୀବନ ପାନ୍ଥଶାଳାର ରାତିଟିଏ ପରି । ଅନେକ ଖୋଜିଛି ମମତାର ଶିଖରରୁ ବାରମ୍ବାର ଛୁଇଁଯାଇ ଥାଏ ତୁମ ସନ୍ଧାନକୁ । ଆଜି ମୋ ପାଖରେ ପାଇ ଏତେ ଚୁପଚାପ୍ କାହିଁକ ? ପ୍ରଶ୍ନକରେ ନଜକୁ ବାଇନ । ଠିକ୍ ଅଛି ମିତାର ଯାହା ଇଚ୍ଛା ସେ କରୁ ବହୁତ ଦୁଃଖ ମୁଁ ଦେଇଛି । ସେଥିପାଇଁ ବୋଧେ ମୋତେ କ୍ଷମା କରିପାରୁନାହିଁ । ଦୀର୍ଘଶ୍ୱାସ ଛାଡିଲା ବାଇନ । ଚୁପଚାପ୍ ସେମିତି ବସି ରହିଥିଲା ନର୍ବାକ ଓ ନଃଶବ୍ଦ ହୋଇ । ଅନେକ ଅଭିମାନ ମନରେ ଉର୍ମି ହୋଇ ନାଚୁଥାନ୍ତି । ହଠାତ୍ ନରମ ହାତରେ ଦେହ ଶୀତେଇ ଉଠିଲା ।

ଠିଆ ହୋଇପଡିଲେ ବାଇନ କଣ ହେଲା ? ମିତା ଧରିଥିବା ହାତ ଧଡକନା ଛାଡିଦେଲା । କହିଲା, ଆରେ ଏବେ ଗରମ ଚା ରେ ତୁମ ହାତ ପୋଡି ଯାଇଥାନ୍ତା । ସେଥିପାଇଁ ଧରିନେଲି କଣ ହୋଇଛି, ଏତେ ଅନ୍ୟମନସ୍କ କାହିଁକ ? ନାରୀ ଜୀବନରେ କୌଣସି ପରିବର୍ତ୍ତନ ଲକ୍ଷ୍ୟ କରାଯାଇପାରେ ନାହିଁ । ନାରୀର ସ୍ନେହ, କରୁଣା, ତ୍ୟାଗ ହିଁ ତାହା ଜୀବନର ପ୍ରତୀକ । ଅସହାୟତା ଓ ଦୁର୍ବଳତା ତାର ଭୂଷଣ । ନୀରବତା ତା ଜୀବନର ସରଳ ଭାଷା । ଆଖିରେ ଅନନ୍ତ ପ୍ରତୀକ୍ଷାର ସ୍ୱାକ୍ଷର । ସବୁବେଳେ ନାରୀ ଯେମିତି ଦୁର୍ବଳା, ଅବଳା ହୋଇ ସଂସ୍କୃତିରେ ରହିଛି । ନାରୀ ପୁରୁଷର ସମ୍ପର୍କ ଗୋଟିଏ ମୁଦ୍ରା ପରି । କେହିବି ଅଲଗା କରିପାରିବେ ନାହିଁ । ଗୋଟେ ନାରୀ ଯଦି କୌଣସି ଦୁର୍ବଳ ମୂହୁର୍ତ୍ତରେ ଭୁଲ୍ କରି ବସେ, ସମାଜ ତାକୁ ଅପରାଧିନୀ ବୋଲି ସମାଲୋଚତ କରେ, କନ୍ତୁ ପୁରୁଷ ପାଇଁ କାହିଁକ ନୟମ ହୁଏନା ? ରାକ୍ଷସ ସାଜି କୁନ କୁନ ପିଲାର ରକ୍ତ ପିଇଯାଏ, କେତେବେଳେ ନାରୀତ୍ୱ ଚରି ମାଂସକୁ ବିଦାରି ରାସ୍ତାରେ ଫିଙ୍ଗିଦିଏ, ପୁଣି କେତେବେଳେ ସମାଜର ବଡପଣ୍ଡାମାନେ ନଦେଖିଲା ପରି ଆପଣେଇ ନଅନ୍ତି । ଏଥିପାଇଁ ସମାଜର ସଂସ୍କାର କଳୁଷିତ ହେବାରେ

ଲାଗିଛି । କେତେ କଣ ଅନ୍ଧ କାମନାରେ ନିଜକୁ ସାମିଲ କରି ଆମ ଜାତିର ପରମ୍ପରାକୁ ନଷ୍ଟ କରିଦିଅନ୍ତୁ । ସମ୍ପର୍କକୁ ଅସହାୟ କରି ଫିଙ୍ଗିଦିଅନ୍ତୁ । ସ୍ନେହ ଭକ୍ତ ଭଲ ପାଇବାକୁ ରାସ୍ତାରେ ବିକିଦେଇଥାନ୍ତୁ । ହେଲେ, ମିତା ତା ଠାରୁ ବହୁତ ଦୂରରେ । ନିଜ ଲୁଗା କାନିରେ ହାତ ପୋଛୁ ପୋଛୁ କହିଲା - କଣ ମୋ ଉପରେ ରାଗିଛ? ଲୁହ ଜକେଇ ଆସିଲା ବାଇନ ଆଖିରେ ।

ନାଇଁ ମିତା । ମୋ ନିଜକୁ କ୍ଷମା କରିପାରୁନି ବୋଲିତ କାଲି ରାତିସାରା ହୃଦୟଟା କ୍ଷତାକ୍ତ ହୋଇଯାଇଛି, ତୁମରି କଥା ଭାବି । ମିତାର ହାତ ଧରି, ମତେ କ୍ଷମା କରିଦିଅ ମିତା.... ।

ମିତା ହାତ ଛଡେଇ ନେଇ.... । ଛି..... ।

ଏମିତି କଣ କହୁଛ? ତୁମେ ମୋର ଇହକାଳ ପର କାଳର ଦେବତା । ତୁମେ କ୍ଷମା ମାଗିବା କଛି ଆବଶ୍ୟକତା ନାହିଁ । ମତେ ତୁମ ପାଖରେ ଶରଣ ଦେଇଛ । ସେତିକ ପୁଣ୍ୟ । ଏହି କହିବା ଭିତରେ ଧରି ରହିଥିଲେ ଦୁଇଜଣ ଦୁଇଜଣଙ୍କୁ, କ ଅମୃତ ସ୍ପର୍ଶ । ମମତାର ଝଙ୍କାର, ପ୍ରୀତିର ମଳୟ । ପ୍ରେମର ମଧୁର ଆଲିଙ୍ଗନ । ବାହାରୁ ମଣ୍ଟୁ ଭିତରକୁ ପଶିଆସି ଏ ଦୃଶ୍ୟ ଦେଖିସାରି ଆନନ୍ଦରେ ବିଭୋର ହୋଇ କହିଲା - ଭାଉଜ, ଆମ ପାଇଁ କିଛି ରଖ । କେହିଦେଇ ଲାଜରେ ଚାଲିଗଲା । ଚମକ ଉଠିଲେ ଦୁଇଜଣ । ମିତା ଲାଜରେ ରାଙ୍ଗେଇ ଘରକୁ ଚାଲିଗଲା । ବାଇନ ଆନନ୍ଦରେ ବିଭୋର ହୋଇ ଚୁପିଚୁପି ହସୁଥାନ୍ତୁ । ସତରେ ଲାଜେଇ ଯାଇଛି ଆଖି ଦୁଇଟି ତାଙ୍କର । ଆଜି ବୁଝିପାରୁଛି ସମ୍ପର୍କ ଜୀବନରେ ଆନନ୍ଦ ସୃଷ୍ଟି କରେ । ସମ୍ପର୍କ ବିନା ଜୀବନ ମୂଲ୍ୟହୀନ ପଙ୍କୁ ପାଲଟିଯାଏ । ହୃଦୟ ବଖରାରେ ଅଫେରା ଦିନର ସ୍ମୃତି ସବୁ କ୍ଷତାକ୍ତ କରୁଥିବାବେଳେ, ଅମାନିଆ ପ୍ରଜାପତି ପରି ମନରେ ମିତାକୁ ପାଇ ଆନନ୍ଦର ଲହଡି ଖେଳ ଯାଉଛି, ଭଅଁର ହୋଇ ଏ ଫୁଲରୁ ସେ ଫୁଲକୁ ଉଡି ଉଡି ଦୋଳ ଖେଳୁଛି । ସତରେ ନାରୀ ବିନା ପୁରୁଷ ଜୀବନ ଅନ୍ଧକାରମୟ । ପ୍ରୀତିର ଅଳଙ୍କାରରେ ସଜାଇ ଥିବା ମିତାକୁ ଯେ କେତେ ଦୁଃଖ ଦେଇଛି । ତାହା ଏକ ଲଜ୍ଜାହୀନ ଅଧ୍ୟାୟ ।

ଆମ ଗାଁ ଶଙ୍କର ପ୍ରଧାନଙ୍କର ତିନୋଟି ପୁଅ । ସମସ୍ତେ ଆଜି ବିଦେଶରେ ସ୍ତ୍ରୀ ଛୁଆ ପିଲା ନେଇ ରହିଛନ୍ତୁ । ହେଲେ ଶଙ୍କର ପ୍ରଧାନ ଓ ତାଙ୍କ ଅନ୍ଧ ସ୍ତ୍ରୀକୁ ନେଇ ଭଙ୍ଗା କୁଡିଆରେ ମାଗିଯାଚ ଖାଉଛନ୍ତୁ । ଏହିସବୁ ଜଳନ୍ତ କାହାଣୀ ଦେଖିସାରିଲା ପରେ ନିଜକୁ ବହୁତ ଘୃଣା

ଲାଗୁଛି । ମିତା ତୁମେ ମହାନ ବ୍ୟକ୍ତିତ୍ୱଟେ । ମୋ ପରି ଅଧମକୁ କ୍ଷମା କରିଦେଇଛ । ଅବଶ ମନକୁ ତର୍ଜମା କରି ବାଇନ ନିଜ କୃତକର୍ମ ପାଇଁ ଅନେକ ଅନୁତାପ କରି ଗ୍ଲୁଲିଥିଲେ । ଅଜଣାରେ ଆଖିରେ ଲୁହ ଜକେଇ ଆସୁଥିଲା । ବଡଝିଅ ଆସି ଲୁହ ପୋଛିଦେଇ କହିଲା, ବାପା ଆଉ ଜମାରୁ କାନ୍ଦନା, ଆମେ ଆଉ ତୁମକୁ ଛାଡି ଜମାରୁ ଯିବୁନାହିଁ । ବାଇନ ଆନନ୍ଦର ଅଶ୍ରୁ ଝରାଇ ଗ୍ଲୁଲିଥିଲେ ।

କ୍ରମଶଃ...

ସଂଯୋଜିକା, ସମ୍ପାଦିକା, ଔପନ୍ୟାସିକା, କବି,
ଜୀବନୀ ଲେଖିକା ଓ ସମାଜସେବୀ
ଡ୍ରିମସ୍ ଷ୍ଟାଫ୍ କ୍ୱାଟର,ଟାଙ୍ଗୀ, କଟକ - ୭୫୪୦୨୨
ଭ୍ରାମ୍ୟଭାଷ -୯୯୩୭୩୪୭୩୧୮

# ଅସୀମ ଶକ୍ତ ତୋ ଧୈର୍ଯ୍ୟର ସୀମା କେତେ....!!



ଝିଲିମିଲି ସାହୁ

ସଂସାର ରଂଗ ମଞ୍ଚରେ
ନାରୀ... ସକଳ ସୃଷ୍ଟିର ଆଧାର
ସେ, ଜାୟା, ଜନନୀ, ଭଗ୍ନି
ସ୍ନେହ ମମତାର ପାରାବାର ॥୧॥
ପାହାନ୍ତି ତରାର ନୀରବ ହସେ
ତା ଆଖିରେ ଚମକ ଝଲସି ଉଠେ
ଅନେକ ସପନ ଦିନ ଅନ୍ଧାରରେ
ଇଟା ପଥରର ଘରେ ଗୁମୁରି କାନ୍ଦେ ॥୨॥
ଲୁହଭିଜା ଆଖି ଆକଟେ ସଜାଏ
ଭିନ୍ନ ଅଭିନ୍ନ କେତେ ସପନ
ସପନେ ବଣିକ ପାଉଣା ମାଗନ୍ତେ
ନଗ୍ନ ବାସ୍ତବତା ଦେଖାଏ ଜନ୍ମ ॥୩॥
ନୀତି ନିୟମରେ ପରଖି ପରଖେ
ବୁଝି, ବୁଝାଇ ସଜାଏ ଜୀବନ ମଞ୍ଚ
କୋଣେ ଅନୁକୋଣେ ତା ସ୍ଥିତି ସ୍ୱାକ୍ଷରେ
ପ୍ରତି ହୃଦୟେ ଫୁଟାଇ ପ୍ରୀତିର ପଦ୍ମ ॥୪॥
ସକାଳରୁ ସନ୍ଧ୍ୟା ନିଃଶ୍ୱାସେ ପ୍ରଶ୍ୱାସେ
ବିଶ୍ୱାସେ ପରକୁ ଆପଣା କରେ
ଏରୁଣ୍ଡ୍ ବନ୍ଧ୍ ନୀରବେ ପଚାରେ...
ଅସୀମ ଶକ୍ତି !!! ତୋ ଧୈର୍ଯ୍ୟର ସୀମା କେତେ!!!
ତୋ ଧୈର୍ଯ୍ୟର ସୀମା କେତେ !!!

ଶିକ୍ଷୟିତ୍ରୀ, ନୟାଗଡ

# ତୁ ଗଲାପରେ



ମେନନ୍ ସାହୁ

ହେ ପ୍ରିୟା ତୁ ଗଲା ପରେ
ବର୍ଷାରେ ରିମଝିମ୍ ଶବ୍ଦ  ନାହିଁ
ମଳୟ ପବନ ବହୁ ନାହିଁ
ବିଜୁଳିରେ ଚମକ ଦିଶୁ ନାହିଁ
ପୃଥିବୀ ସୁନ୍ଦର ଦିଶୁ ନାହିଁ
ଇନ୍ଦ୍ରିଧନୁରେ  ରଙ୍ଗ ନାହିଁ
ଆକାଶରେ ଜହ୍ନ ଦିଶୁ ନାହିଁ
ଜହ୍ନରେ ଆଉ ଜୌସ୍ନା ନାହିଁ
ଦିନରେ ସୂର୍ଯ୍ୟ ଆସୁ ନାହିଁ
ଉପରେ ପକ୍ଷୀ ଉଡୁ ନାହିଁ
ଗଛରେ ଫୁଲ ଫୁଟୁ ନାହିଁ
ଭୂମିରେ ବାଳକ ଖେଳୁ ନାହିଁ
ପତ୍ରରେ ସବୁଜ ଦିଶୁ ନାହିଁ
ମାର୍ଗଶୀର ମାସେ ଝୁଟି ନାହିଁ
ଝରଣାରେ ଝର ବହୁ ନାହିଁ
ମହାନଦୀରେ ପାଣି ନାହିଁ
ସମୁଦ୍ରରେ ଢେଉ ଆସୁ ନାହିଁ
ମହୋଦଧିରେ ଢେଉ ନାହିଁ
ରାତିରେ ତାରା ଦିଶୁ ନାହିଁ
ବେଳା ଭୂମିରେ ଲୋକ ନାହିଁ
ସକାଳେ କୋଇଲି ରାବୁ ନାହିଁ
ଶ୍ରୀମନ୍ଦିରେ ଆଉ ନୀତି ନାହିଁ

ଆଇନାରେ ମୁହଁ ଦିଶୁ ନାହିଁ
ଶୟ୍ୟନରେ ନିଦ ହେଉ ନାହିଁ
ଆଖିକୁ ସ୍ୱପ୍ନ ଆସୁ ନାହିଁ
ମନକୁ ଭାବନା ଆସୁ ନାହିଁ
ରଙ୍ଗ ପରି ରଙ୍ଗ ଦିଶୁ ନାହିଁ
ପ୍ରେମ ପାଇଁ ଆଉ ଜାଗା ନାହିଁ
ଚାଲିଲେ ବାଟ ସରୁ ନାହିଁ
ଖାଇଲେ ପେଟ ପୁରୁ ନାହିଁ
ପାଇବାର କିଛି ଆଶା ନାହିଁ
ଜୀବନରେ କିଛି ଲୋଭ ନାହିଁ
କାର୍ତ୍ତିକରେ ଆଉ ଶୀତ ନାହିଁ
ବୈଶାଖରେ ଆଉ ଖରା ନାହିଁ
ଶ୍ରାବଣରେ ଆଉ ବର୍ଷା ନାହିଁ
ବସନ୍ତରେ ଆଉ ରଙ୍ଗ ନାହିଁ
ମନ୍ଦିରରେ ଆଉ ଦିଅଁ ନାହିଁ
ସଂଜରେ ଆଳତୀ ହେଉ ନାହିଁ
ପାହାଡେ ପଥର ଦିଶୁ ନାହିଁ
କ୍ଷେତରେ ଫସଲ ହେଉ ନାହିଁ
ପଢାରେ ମନ ଲାଗୁ ନାହିଁ
ପରୀକ୍ଷା ଦିନ ମନେ ନାହିଁ
ହର ପାଖେ ଗୌରୀ ନାହିଁ
ରାଧା ପାଖେ କୃଷ୍ଣ ନାହିଁ
ରାମ ପାଖେ ସୀତା ନାହିଁ
ନାଥ ପାଖେ ଲକ୍ଷ୍ମୀ ନାହିଁ

ଢେଙ୍କାନାଳ

# ଆଫଗାନସ୍ତାନର ପତନ ପାଇଁ ଦାୟୀ କିଏ



ଦୋଳଗୋବିନ୍ଦ ପଣ୍ଡା

କଥାରେ ଅଛି, ଯାହା ବାପ ଖାଇଥାଏ ତାଳ, ତା'ର ପୁଅକୁ ଲାଗଇ କାଳ। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ଉତ୍ତରାଧିକାର ସୂତ୍ରରେ ମୁଣ୍ଡାଇଥିବା 'ଆଫଗାନ-ଯୁଦ୍ଧ'-ରୂପୀ କାଳକୁ ପରବର୍ତ୍ତୀ ଶାସନ-ପିଢ଼ିକୁ ହସ୍ତାନ୍ତର ନ କରିବା ପାଇଁ ନିଷ୍ପତ୍ତି ନେଲେ। ଅର୍ଥାତ୍ ସେ ଚାହିଁଲେ ନାହିଁ, ତାଙ୍କ ପରେ ଯେଉଁ ରାଷ୍ଟ୍ରପତି ଆସିବେ ତାଙ୍କ ମୁଣ୍ଡରେ ବି ଏହି ଯୁଦ୍ଧର ଦାୟିତ୍ୱ ଲଦିଦେବାକୁ।

୨୦୦୧ରୁ ଆଫଗାନ ଯୁଦ୍ଧ ଚାଲିଆସିଛି, ଯେଉଁଥିରେ ଆତଙ୍କବାଦୀଙ୍କ ସମେତ ହଜାର ହଜାର ଆମେରିକୀୟ ଓ ଆଫଗାନ ମୃତାହତ ହୋଇଛନ୍ତି। ତେବେ ଆମେରିକା ଆରମ୍ଭ କରିଥିବା ଏହି ଯୁଦ୍ଧ କୌଣସି ଦେଶ ବିରୋଧରେ ନୁହେଁ, ବରଂ ଆତଙ୍କବାଦ ବିରୋଧରେ ଥିଲା। କିନ୍ତୁ ଦେଶର ରାଜନୈତିକ ସ୍ଥିତିରେ ଉନ୍ନତି ଆଣିବା ଓ ତାଲିବାନମାନଙ୍କୁ ଦମନ କରିବା ଲାଗି ଆମେରିକାର ୨୦ ବର୍ଷର ପ୍ରୟାସ ନିଷ୍ଫଳ ଗଲା। ଦେଶର ନେତୃତ୍ୱ କେବଳ ପରମୁଖାପେକ୍ଷୀ ହୋଇ ରହିଲାବେଳେ ଜିଦ୍‌ଖୋର ତାଲିବାନମାନେ କଦାପି ହାର ମାନିଲେନି।

ସେପ୍ଟେମ୍ବର ୧୧, ୨୦୦୧ ପେଣ୍ଟାଗନ୍ ଆକ୍ରମଣ ଘଟଣା ପରେ ରାଷ୍ଟ୍ରପତି ଜର୍ଜ ଡବ୍ଲୁ. ବୁଶ୍ ବିଶ୍ୱ ଆତଙ୍କବାଦର ମୂଳପୋଛ କରିବାକୁ ପ୍ରତିଜ୍ଞା କଲେ। ସେତେବେଳେ ଆଫଗାନିସ୍ତାନର ଅଧିକାଂଶ ଅଞ୍ଚଳ ଥିଲା ତାଲିବାନ ଶାସନାଧୀନ। ସେମାନେ ଓସାମା ବିନ୍ ଲାଡେନ ସମେତ ଅଲ୍ କାଏଦା ଆତଙ୍କବାଦୀମାନଙ୍କୁ ସାହାଯ୍ୟ ସମର୍ଥନ କରୁଥିଲେ ଓ ଦେଶରେ ଲୁଚି ରହିବା ପାଇଁ ସୁଯୋଗ ଦେଉଥିଲେ। ବୁଶ୍ ତାଲିବାନମାନଙ୍କୁ ଅନୁରୋଧ କଲେ ଅଲ୍

କାଏଦା ହାତ ଛାଡ଼ିଦେବା ପାଇଁ। କିନ୍ତୁ ସେମାନେ ମାନିଲେ ନାହିଁ। ଏହାପରେ ବୁଶ୍ ତାଲିବାନ ବିରୋଧରେ ଯୁଦ୍ଧ କରିବା ପାଇଁ ନିଷ୍ପତ୍ତି ନେଲେ।

୯/୧୧ ଆକ୍ରମଣକାରୀଙ୍କ ବିରୋଧରେ ଯୁଦ୍ଧ କରିବା ଲାଗି ସେପ୍ଟେମ୍ବର ୧୮, ୨୦୦୧ରେ କଂଗ୍ରେସ ଅନୁମୋଦନ ଦେଲା। ଅକ୍ଟୋବର ୭, ୨୦୦୧ରେ ଆମେରିକା ସେନା ବ୍ରିଟେନର ସମର୍ଥନରେ ଆନୁଷ୍ଠାନିକ ଭାବେ 'ଅପରେସନ ଏନ୍‌ଡିଓରିଂ ଫ୍ରିଡମ୍' ଆରମ୍ଭ କଲା। ଯୁଦ୍ଧର ପ୍ରଥମ ପର୍ଯ୍ୟାୟରେ ମୁଖ୍ୟତଃ ଅଲ୍ କାଏଦା ଓ ତାଲିବାନଙ୍କ ଠିକଣା ଜାଗାରେ ଆକାଶମାର୍ଗରୁ ବୋମାମାଡ଼ କରାଗଲା। ନଭେମ୍ବର ସୁଦ୍ଧା ସେ ଦେଶରେ ୧୩୦୦ ଆମେରିକୀୟ ସୈନିକ ଥିଲେ। ସେହି ସଂଖ୍ୟା କ୍ରମଶଃ ବଢ଼ିଲା। ଓସାମା ବିନ୍ ଲାଡେନ କାବୁଲର ଦକ୍ଷିଣପୂର୍ବକୁ ଥିବା ତୋରା ବୋରା ଗୁମ୍ଫାରେ ଲୁଚି ରହୁଥିଲା। ଆମେରିକା ବାଣ ଟାଣ ଦେଖି ଭୟରେ ସେ ପାକିସ୍ତାନ ଖସି ପଳାଇଲା।

ପରବର୍ତ୍ତୀ ମାସଗୁଡ଼ିକରେ ବୁଶ୍ ତାଲିବାନ ଉଗ୍ରପନ୍ଥୀଙ୍କ ବିରୋଧରେ ଲଢ଼ିବା ପାଇଁ ସହସ୍ରାଧିକ ସୈନିକ ପଠାଇଲେ। ୨୦୦୩ ମେ ସୁଦ୍ଧା ପେଣ୍ଟାଗନ କହିଲା ମୁଖ୍ୟାଂଶ ଯୁଦ୍ଧ ଶେଷ ହୋଇଯାଇଛି। ଆମେରିକା ଓ ତା'ର ସହଯୋଗୀ ରାଷ୍ଟ୍ରମାନେ ଚିନ୍ତା କଲେ ସେ ଦେଶରେ ପାଶ୍ଚାତ୍ୟ ଶୈଳୀର ଗୋଟିଏ ଗଣତାନ୍ତ୍ରିକ ଶାସନ ପ୍ରତିଷ୍ଠା କରିବାକୁ। ଏହାପରେ ଆଫଗାନିସ୍ତାନରୁ ତାଲିବାନୀ କଟକଣା ସବୁ ହଟିଲା। ସ୍ତ୍ରୀଲୋକମାନଙ୍କୁ ଚାକିରି କରିବାକୁ ଓ ଝିଅମାନଙ୍କୁ ପାଠ ପଢ଼ିବାକୁ ଅନୁମତି ମିଳିଲା। କିନ୍ତୁ ଆଫଗାନିସ୍ତାନ ସରକାର ତଥାପି ଦୁର୍ନୀତିରେ ବୁଡ଼ିରହିଥିଲା ଏବଂ ଆମେରିକୀୟ ଅଧିକାରୀମାନେ ହତୋତ୍ସାହ ହୋଇପଡ଼ିଥିଲେ। ଏହା ଭିତରେ ତାଲିବାନମାନେ ସେମାନଙ୍କ ଉଗ୍ରବାଦୀ କାର୍ଯ୍ୟକଳାପ ପୁଣି ଆରମ୍ଭ କରିଦେଲେ।

ଠିକ୍ ଏହି ସମୟରେ ୱାଶିଂଟନ ଆଉ ଗୋଟିଏ ଯୁଦ୍ଧ ଆଡ଼କୁ ମୁହାଁଇଲା, ଏଥର ଇରାକ ସହ। ଆମେରିକାର ଅର୍ଥ ଓ ସେନାବଳ ସବୁ ସିଆଡ଼େ ଗଲା। ଆଫଗାନିସ୍ତାନ ପ୍ରତି ଆଉ ସେତେ ନଜର ରହିଲା ନାହିଁ। ବୁଶ୍ ୨୦୦୪ରେ ପୁନଃ ନିର୍ବାଚିତ ହେବା ପର୍ଯ୍ୟନ୍ତ ଆଫଗାନିସ୍ଥାନରେ ଆମେରିକାର ସୈନ୍ୟ ସଂଖ୍ୟା ପ୍ରାୟ ୨୦୦୦୦ ଥିଲା। କିନ୍ତୁ ଦୃଷ୍ଟି ପ୍ରାୟତଃ ରହିଥିଲା ଇରାକ ଉପରେ। ଏହା ପରବର୍ତ୍ତୀ ବର୍ଷଗୁଡ଼ିକରେ ତାଲିବାନମାନେ ଆଫଗାନିସ୍ତାନର ଦକ୍ଷିଣାଞ୍ଚଳରେ ଥିବା ଗ୍ରାମାଞ୍ଚଳରେ ନିଜର ସ୍ଥିତି ଜାହିର କରିବାକୁ ଲାଗିଲେ। ୨୦୦୯ରେ ବୁଶ୍ ଗାଦିରୁ ଯିବା ବେଳକୁ ଆଫଗାନିସ୍ତାନରେ ୩୦,୦୦୦ରୁ

ଅଧିକ ସୈନ୍ୟ ଥିଲେ ଏବଂ ତାଲିବାନମାନେ ବି ସେମାନଙ୍କ କାର୍ଯ୍ୟକଳାପ ବୃଦ୍ଧି କରିଦେଇଥିଲେ।

୨୦୦୯ରେ ଓବାମା ରାଷ୍ଟ୍ରପତି ହେବା ପରେ ବରିଷ୍ଠ ସେନାନାୟକମାନେ ଆଫଗାନିସ୍ତାନରେ ଅଧିକ ସୈନ୍ୟ ମୁତୟନ କରିବାକୁ ସୁପାରିସ କଲେ। ଏନେଇ ଆଭ୍ୟନ୍ତରୀଣ ବିତର୍କ ଚାଲିଥିବା ବେଳେ ସେତେବେଳେ ଉପରାଷ୍ଟ୍ରପତି ଥିବା ବାଇଡେନ କିନ୍ତୁ ସୈନ୍ୟ ବୃଦ୍ଧି କରିବାକୁ ବିରୋଧ କରିଥିଲେ। ତାଙ୍କ ପରାମର୍ଶ ନ ମାନି ଓବାମା ୧୦ ହଜାର ଅଧିକ ସୈନ୍ୟ ମୁତୟନ କଲେ। ଏଥି ସହ ୨୦୧୧ ସୁଦ୍ଧା ସେ ସେନା ପ୍ରତ୍ୟାହାର କରିବାକୁ ମଧ୍ୟ ଘୋଷଣା କଲେ।

ଅଗଷ୍ଟ ୨୦୧୦ ସୁଦ୍ଧା ଆଫଗାନିସ୍ତାନରେ ଆମେରିକୀୟ ସୈନ୍ୟ ସଂଖ୍ୟା ଏକ ଲକ୍ଷରେ ପହଞ୍ଚିଥିଲା। ସେତେବେଳେ ଆମେରିକା ଗୋଇନ୍ଦା ସୂତ୍ରରୁ ଖବର ମିଳିଲା ଯେ ଓସାମା ବିନ୍ ଲାଡେନ ପାକିସ୍ତାନରେ ଲୁଚିଛି। ତାକୁ ଏକ ନ୍ୟାଭି ସିଲ୍ ରେଡ୍ ଜରିଆରେ ଆମେରିକା ୨୦୧୧ ମେ ମାସରେ ହତ୍ୟା କଲା। ଏହାପରେ ଓବାମା ଘୋଷଣା କଲେ ଆଫଗାନିସ୍ତାନକୁ ତାଙ୍କ ସରକାର ଓ ସେନା ହାତରେ ସମର୍ପି ୨୦୧୪ ସୁଦ୍ଧା ଧୀରେ ଧୀରେ ସେନା ପ୍ରତ୍ୟାହାର କରିବେ। ପରବର୍ତ୍ତୀ ବର୍ଷଗୁଡ଼ିକରେ ଆଫଗାନିସ୍ତାନରେ ଆମେରିକାର ସୈନ୍ୟସଂଖ୍ୟା କମିବାକୁ ଲାଗିଲା। ଯୁଦ୍ଧ ପ୍ରାୟ ସରିଲା, ଆମେରିକା ସୈନ୍ୟ ଆଫଗାନିସ୍ତାନ ସୈନ୍ୟଙ୍କୁ କେବଳ ତାଲିମ ଦେଲେ। ଓବାମା ତାଙ୍କ କାର୍ଯ୍ୟକାଳ ଶେଷ ସୁଦ୍ଧା ସମସ୍ତ ସୈନ୍ୟ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଲେ। କିନ୍ତୁ ଶେଷ ବେଳକୁ ଦେଖିଲେ ଯେ ଆଫଗାନିସ୍ତାନ ପରିସ୍ଥିତି ଅତ୍ୟନ୍ତ ଭଙ୍ଗୁର ରହିଛି, ସେନା ପ୍ରତ୍ୟାହାର କରିବା ବିପଜ୍ଜନକ ହେବ। ସେ ଗାଦି ଛାଡ଼ିଲା ବେଳକୁ ଆଫଗାନିସ୍ତାନରେ ୧୦,୦୦୦ରୁ କମ୍ ସୈନ୍ୟ ଥିଲେ ଏବଂ କହିଲେ ସମ୍ପୂର୍ଣ୍ଣ ସେନା ପ୍ରତ୍ୟାହାର ବିଷୟରେ ତାଙ୍କ ଉତ୍ତରାଧିକାରୀ ନିଷ୍ପତ୍ତି ନେବେ।

ପ୍ରାର୍ଥୀ ହେବା ବେଳେ ଡୋନାଲ୍ଡ ଟ୍ରମ୍ପ ପ୍ରତିଶ୍ରୁତି ଦେଇଥିଲେ ଯେ ରାଷ୍ଟ୍ରପତି ହେଲେ ସେ ଆଫଗାନିସ୍ତାନରୁ ସମ୍ପୂର୍ଣ୍ଣ ସେନା ପ୍ରତ୍ୟାହାର କରିବେ। କିନ୍ତୁ ତାଲିବାନୀ କାର୍ଯ୍ୟକଳାପ ବଢ଼ି ବଢ଼ି ଚାଲିଥିବାରୁ ସେ ପ୍ରତିଶ୍ରୁତି ରକ୍ଷା କରିବା ସହଜ ମଣିଲେ ନାହିଁ। ତାଙ୍କ ସାମରିକ ଉପଦେଷ୍ଟାମାନେ କହିଲେ, ସୈନ୍ୟ ପ୍ରତ୍ୟାହାରର ପ୍ରଶ୍ନ ଉଠୁନି। ବରଂ ତାଲିବାନଙ୍କୁ ଜବତ କରିବା ପାଇଁ ଅଧିକ ସୈନ୍ୟ ମୁତୟନ ଦରକାର। ଅପର ପକ୍ଷେ କଠୋର ଜାତୀୟତାବାଦୀ ଚିନ୍ତକମାନେ କହିଲେ କୌଣସି ଦେଶ ଉପରେ ବିଦେଶୀ ହସ୍ତକ୍ଷେପ ଅନୁଚିତ। ତାଙ୍କ ଦେଶ

କଥା ସେମାନେ ବୁଝିବେ, ଆମେ କାହିଁକି ସେଠାରେ ଧନବଳ ଓ ସୈନ୍ୟବଳ ବ୍ୟୟ କରିବା? ଏ ଦୁଇ ପ୍ରକାର ମତବାଦ ଭିତରେ ଶେଷରେ ଟ୍ରମ୍ପ ୨୦୧୭ ଅଗଷ୍ଟରେ ଘୋଷଣା କଲେ ଯେ, ସେ ସବୁ ସୈନ୍ୟ ପ୍ରତ୍ୟାହାର କରିବାକୁ ଚାହାନ୍ତି, କିନ୍ତୁ ବର୍ତ୍ତମାନ ପରିସ୍ଥିତି ସେଥିପାଇଁ ଅନୁକୂଳ ହେଉନାହିଁ। ସୈନ୍ୟ ପ୍ରତ୍ୟାହାର କରିଆଣିଲେ ସେଠାରେ ଅରାଜକତା ବ୍ୟାପିଯିବ। ବର୍ଷକ ପରେ ଟ୍ରମ୍ପ ଆମେରିକାନ୍ ଆଫଗାନ୍ କୂଟନୀତିଜ୍ଞ ଜାଲମେ ଖାଲିଜାଦଙ୍କୁ ଦାୟିତ୍ୱ ଦେଲେ ତାଲିବାନ ସହ କଥାବାର୍ତ୍ତା କରି ଦେଶରେ ଶାନ୍ତି ଫେରାଇଆଣିବା ଓ ଯୁଦ୍ଧର ପରିସମାପ୍ତି ଘଟାଇବା ପାଇଁ। ତାଲିବାନମାନେ ଖାଲିଜାଦଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଲେ ଯେ, ଆମେରିକା ସୈନ୍ୟ ପ୍ରତ୍ୟାହାର କରିନେଲେ ସେମାନେ ଆଉ ହିଂସାକାଣ୍ଡ ଘଟାଇବେ ନାହିଁ କିମ୍ବା କୌଣସି ଆତଙ୍କବାଦୀ ସଂଗଠନ ସହ ସମ୍ପର୍କ ରଖିବେ ନାହିଁ। ମେ ୨୦୨୧ରେ ଟ୍ରମ୍ପ ପ୍ରଶାସନର ସୈନ୍ୟ ପ୍ରତ୍ୟାହାର ନିଷ୍ପତ୍ତି କାର୍ଯ୍ୟକାରୀ କରିବା ଲାଗି ଉତ୍ତରାଧିକାର ସୂତ୍ରରେ ବାଇଡେନ ପ୍ରଶାସନ ହାତକୁ ଆସିଲା।

ଜାନୁୟାରୀରେ କ୍ଷମତାକୁ ଆସୁ ନ ଆସୁଣୁ ବାଇଡେନଙ୍କୁ ଆଫଗାନିସ୍ତାନ ଚିନ୍ତା ଘାରିଲା। ଆଫଗାନିସ୍ତାନ ଯୁଦ୍ଧକୁ ସେ ଅକାରଣ ଯୁଦ୍ଧ ବୋଲି ମାନୁଥିଲେ। ସୈନ୍ୟ ପ୍ରତ୍ୟାହାର କରିବାକୁ ସେ ଉପରାଷ୍ଟ୍ରପତି ଥିବାବେଳେ ଓବାମା ପ୍ରଶାସନକୁ ଦେଇଥିବା ପରାମର୍ଶକୁ ଗ୍ରହଣ କରାଯାଇ ନ ଥିଲା। ଏବେ ସେ ନିଜେ ରାଷ୍ଟ୍ରପତି। ତେଣୁ ତୁରନ୍ତ ତାହା କାର୍ଯ୍ୟକାରୀ କରିବାକୁ ସେ ନିଷ୍ପତ୍ତି ନେଲେ। ତେବେ ତାଙ୍କ ସୁରକ୍ଷା ପରାମର୍ଶଦାତାମାନେ ଏପରି କରିବାକୁ ବାରଣ କରିଥିଲେ। ତେବେ ମେ ଡେଡ୍‌ଲାଇନ ଭିତରେ ସୈନ୍ୟ ପ୍ରତ୍ୟାହାର ନ ହେବାରୁ ଆମେରିକା ସେନା ଉପରେ ତାଲିବାନୀ ଆକ୍ରମଣ ବଢ଼ିଲା। ଶେଷରେ ଗତ ଏପ୍ରିଲ ୧୪ରେ ବାଇଡେନ ଘୋଷଣା କଲେ ଯେଉଁ ସେପ୍ଟେମ୍ବର ୧୧ ଆକ୍ରମଣ ଘଟଣା ପରେ ଆମେରିକା ଆତଙ୍କବାଦୀଙ୍କ ବିରୋଧରେ ଏହି ଯୁଦ୍ଧ ଆରମ୍ଭ କରିଥିଲା, ତା'ର ଠିକ୍ ୨୦ ବର୍ଷ ପରେ ବାକି ଥିବା ୨୫୦୦ ସୈନ୍ୟଙ୍କୁ ସେହି ତାରିଖରେ ସ୍ୱଦେଶକୁ ଫେରାଇ ଅଣାଯିବ। ପରେ ଜୁଲାଇ ୮ରେ ଅଗଷ୍ଟ ୩୧ ସୁଦ୍ଧା ପୂର୍ଣ୍ଣାଙ୍ଗ ପ୍ରତ୍ୟାହାର ହେବ ବୋଲି ବାଇଡେନ ଘୋଷଣା କଲେ।

ଏହାପରେ ସୈନ୍ୟ ପ୍ରତ୍ୟାହାରକୁ ପେଣ୍ଟାଗନ ତ୍ୱରାନ୍ୱିତ କରିବାକୁ ଲାଗିଲା। ଜୁଲାଇ ୨ରେ ବାଗ୍ରାମ ବିମାନଘାଟିକୁ ଆଫଗାନ ସେନା ହାତରେ ସମର୍ପି ଆମେରିକା ସୈନ୍ୟମାନେ ସେଠାରୁ ଚାଲିଆସିଲେ। ଇତିମଧ୍ୟରେ ତାଲିବାନ ଆଫଗାନ ସେନାର ସାମାନ୍ୟ ବା ବିନା

ପ୍ରତିରୋଧରେ ବିଭିନ୍ନ ପ୍ରାଦେଶିକ ରାଜଧାନୀକୁ ଦଖଲ କରିବା ଆରମ୍ଭ କରିଦେଇଥାଏ। ଶେଷରେ ଅଗଷ୍ଟ ୧୫ରେ ରାଷ୍ଟ୍ରପତି ଘନି ଦେଶ ଛାଡ଼ି ପଳାଇବା ପରେ ତାଲିବାନ ଦେଶର ରାଜଧାନୀ କାବୁଲ ଦଖଲ କରିନେଲା। ଆମେରିକା କହିଲା, ଏସବୁ ଏତେ ଶୀଘ୍ର ଘଟିବ ବୋଲି ସେମାନେ ଆଶା କରି ନ ଥିଲେ।

ଏବେ ଆମେ ମୂଳ ପ୍ରଶ୍ନକୁ ଆସିବା, ଆମେରିକାର ଏହି ପରାଜୟ ପାଇଁ ଦାୟୀ କିଏ। ଦାୟୀ ହେଉଛି ସେ ଜାତୀୟତାବାଦୀ ଜନମତ, ଯେଉଁମାନେ ବାସ୍ତବତାଠାରୁ ଦୂରରେ ରହି କେବଳ ମତ ଦେଇ ସରକାରଙ୍କ ନିଷ୍ପତ୍ତିକୁ ପ୍ରଭାବିତ କରିଥିଲେ। ପରିଣତି ବିଷୟରେ ପୂର୍ବାନୁମାନ କରି ନ ପାରି ବାଇଡେନ ପ୍ରଶାସନ ଅଗଷ୍ଟ ୩୧ ସୁଦ୍ଧା ସମସ୍ତ ସୈନ୍ୟ ପ୍ରତ୍ୟାହାର କରିନେଲେ। ବାସ୍ତବରେ ଆମେରିକାର ପରାଜୟ ଘଟିନାହିଁ, ପରାଜୟ ଘଟିଛି ଆଫଗାନିସ୍ତାନର। ଆମେରିକା କେବଳ ଯୁଦ୍ଧ ବନ୍ଦ କରିବାକୁ ନିଷ୍ପତ୍ତି ନେଇ ମୈଦାନରୁ ଓହରିଆସିଲା। ଆଫଗାନିସ୍ତାନର ପରାଜୟର ମୂଳ କାରଣ ହେଉଛି ତାଙ୍କ ସେନାରେ ଥିବା ତାଲିବାନ ସମର୍ଥକମାନେ ଯୁଦ୍ଧ ନ କରି ଆତ୍ମସମର୍ପଣ କରିଦେଲେ। ପଞ୍ଜଶିରରେ ପ୍ରତିରୋଧ ବାହିନୀ ଯେପରି ପ୍ରାଣମୂର୍ଚ୍ଛା ଯୁଦ୍ଧ କଲେ ଆଫଗାନ ସେନା ଯଦି ସେପରି କରିଥାନ୍ତା, ତାଲିବାନମାନେ ସହଜରେ ସେମାନଙ୍କୁ ପରାଜିତ କରିପାରି ନ ଥାନ୍ତେ। ପରିସ୍ଥିତିର ଆବଶ୍ୟକତା ଦୃଷ୍ଟିରୁ ଆମେରିକା ପକ୍ଷରୁ ହୁଏତ ସେମାନଙ୍କୁ ପୁନଃ ସାହାଯ୍ୟ ମିଳିପାରିଥାନ୍ତା।

ନଗମ ବିହାର, ଶ୍ରୀରାମ ନଗର ଲେନ୍-୩,
ପୁରୁଣା ଭୁବନେଶ୍ୱର, ମୋ-୭୦୦୮୯୭୦୫୦୨

# ହସିବ ଆମର ଦେଶ



ଜୟନ୍ତ କୁମାର ମଲ୍ଲିକ୍

କଲେଜରେ ମୋର ଇଂରାଜୀ ହୁଏନା
ହୁଏତ ଭଲ ଓଡ଼ିଆ
ସମସ୍ତେ ମୋତେତ ପାଇଥାନ୍ତୁ ଭଲ
ଦେଖି ଅକ୍ଷର ବଢ଼ିଆ ।
ପରୀକ୍ଷା ପାଇଁ ମୋ ଚନ୍ତାତ ବଢ଼ିଲା
ଥରିଲା ମୋହର ଛାତି
ସେଥିପାଇଁ ମୁଉଁ ଟିଉସନ ହେଲି
ପଢ଼ିବି ତ ଦିନ ରାତି ।
ପରୀକ୍ଷା ଆସିଲା ପରୀକ୍ଷା ସରିଲା
ଫଳବି ବାହାରି ଗଲା
ସେଥିରେ ମୋହର ନମ୍ବର ନଥିଲା
କହିଲେ ଯେ କେତେ ପିଲା ।
ମନ ଦୁଃଖ କରି ଘରକୁ ଫେରିଲି
ଭାବିଲି କରିବି କସ
ଗାଆଁରେ ଯେତେକ ପଡିଆ ଜମିକୁ
ସବୁ ମୁଁ କରିବି ଚାଷ ।
ଫଳେଇବି ଖାଦ୍ୟ ଶସ୍ୟ ।
ସମସ୍ତଙ୍କ ମନେ ଖୁସି ଭରିଦେଲେ
ହସିବ ଆମରି ଦେଶ ।

ଶୂରଡିହ, ନନ୍ଦିପୁର, ଯାଜପୁର

# ଶିଶୁର ବ୍ୟକ୍ତିତ୍ୱ



ଖଗେଶ୍ୱର ବାଗ

ଶିଶୁ କୁସୁମ କଳକା ଫୁଟି ଦିନେ ବାସିବ
ମାଟି ପିଣ୍ଡୁଳାଟି ଇଚ୍ଛା ମୁତାବକ ଗଢ଼ିବ।
ଶିକ୍ଷା ଦୀକ୍ଷା ପରିବେଶ ସର୍ବାଙ୍ଗୀନ ବିକାଶେ
ପରିସ୍ଥିତି ସିନା ତା'ର ବ୍ୟକ୍ତିତ୍ୱକୁ ପ୍ରକାଶେ।
ଥିଲେ ସମାଲୋଚନାରେ ଶିଖେ ନିନ୍ଦା କରିବା
ବିତିଲେ ଶତ୍ରୁତା ସହ ମନୋବୃତ୍ତି ଲଢ଼ିବା।
ଭୟ ସହ ବଞ୍ଚୁଥିଲେ ସନ୍ଦିଗ୍ଧ ଯେ ହୁଅଇ
ଅନୁକମ୍ପାରେ ଜୀବନ ଦୁଃଖିତ ନିଜ ପାଇଁ।
ଉପହାସେ ଦିନ ଗଲେ ହୋଇଥାଏ ଲଜ୍ଜିତ
ଈର୍ଷା ସହ ବଞ୍ଚୁଥିଲେ ଈର୍ଷା ଭାବ ଜାଗ୍ରତ।
ଲଜ୍ଜା ପରିବେଶ ତା'କୁ ଦୋଷୀ ହେବା ଶିଖାଏ
ଆତ୍ମନିର୍ଭରଶୀଳତା ଉତ୍ସାହଟା ଦେଖାଏ।
ସହିଷ୍ଣୁତା ପରିସ୍ଥିତି ଧୈର୍ଯ୍ୟଶୀଳ କରଇ
ପ୍ରଶଂସା ଭିତରେ ଦିନ ଗୁଣୀ ଜନ ଚହ୍ନଇ।
ଗୃହୀତ ହସ ଜୀବନ ଭଲ ପାଇବା ଜାଣେ
ଅନୁମୋଦନରେ ପାଏ ଭଲ ମନକୁ ମନେ।
ପାଉଥିଲେ ସ୍ୱୀକୃତି ଯେ ଲକ୍ଷ୍ୟ ରଖି ଚାଲଇ
ଭାଗାଭାଗିରେ ଜୀବନ ବଦାନ୍ୟତା ଶିଖଇ।
ସତ୍ୟ ନ୍ୟାୟ ବୁଝିପାରେ ସେହି ପରିବେଶରେ
ବଞ୍ଚୁଥିଲେ ସାଧୁତା ଓ ନିରପେକ୍ଷ ଭାବରେ।
ପରକୁ ଆପଣା ଭାବେ କରିଥାଏ ବିଶ୍ୱାସ

ବାଲ୍ୟକାଳେ ନିର୍ଭୟତା ଥିଲେ ଏ ପରିବେଶ।
ବନ୍ଧୁତା ବାତାବରଣେ ଦିବସ ବିତୁଥିଲେ
ବଞ୍ଚିବାକୁ ଶିଖିଥାଏ ଝଡଝଞ୍ଜା ଆସିଲେ।
କେଉଁ ପରି ଗଢ଼ିବାକୁ ଗୃହଁ ନିଜ ସନ୍ତାନ
ସେହି ପରିବେଶ ସୃଷ୍ଟି କରିବା ନିଷ୍ଟେ ଜାଣ।
ମାତା ପିତା ହାତେ ଅଛି ଭବିଷ୍ୟତ ପିଲ୍ର
ଭାଗ୍ୟ ଦୋଷ ନାହିଁ ଏଠି କର୍ମ ସିନା ସ୍ୱୀକାର।।

ବୁଢ଼ିକୋମନା, ଜିଲ୍ଲା ନୂଆପଡ଼ା

# ଆତ୍ମିକ ବନ୍ଧନ



ବିନୟ କୁମାର ଦାସ

ମୂଳହିନ୍ଦୀ- ଡ. ସତୀଶରାଜ ପୁଷ୍କରଣା
ଅନୁସୃଜନ- ବିନୟ କୁମାର ଦାସ

ଓଃ..କି ପ୍ରବଳ ଥଣ୍ଡା !

ଜଣାପଡୁଛି ସତେ ଯେମିତି ସବୁବର୍ଷର ରେକର୍ଡ ଭାଙ୍ଗିଦେବ ଏ ବର୍ଷର ଏ ଶୀତ । ସହର ବଜାର ବସ୍ତିରେ ଲୋକମାନେ ଠାଏଠାଏ ନିଆଁଜାଳି ସେକି ହେଉଛନ୍ତି ନିଜକୁ । କିଛି ସମୟ ପାଇଁ ତ ଆରାମ ମିଳିଯାଉଛି । ଯୋଗେଶ୍ୱର ବାବୁ ତାଙ୍କ ପତ୍ନୀ ସୁରମା ଦେବୀ ଏ ବୃଦ୍ଧାବସ୍ଥାରେ ଏତେ ହେମାଳ କିଣିକିଣିଆ ଶୀତକୁ ବା କେମିତି ସହିବେ ? ଶୋଇବା ଘରର କବାଟ ଝରକା ସବୁ ବନ୍ଦ କଲା ପରେବି ଘର ଉଷୁମ ହେଉନି । ସେମାନେ ଏବେ ଘରେ ଦୁଇ ଜଣ । ପୁଅମାନେ ତ ନିଜ ନିଜର ସ୍ତ୍ରୀ ପିଲାଛୁଆଙ୍କୁ ନେଇ ଚାକିରୀ କ୍ଷେତ୍ରରେ ରହୁଛନ୍ତି ।

ରାତି ବଢିବା ସଂଗେସଂଗେ ଶୀତର ପ୍ରକୋପ ବି ସେହିମାତ୍ରାରେ ବଢିଚାଲିଛି । ଦେହହାତ ଥରି ଯାଉଛି । ବିଛଣାରେ ପଡିରହି ଦୁହେଁ ଯିଏ ଯାହାର ଚିନ୍ତାରେ ମଗ୍ନ ରହିଛନ୍ତି । କଥା କହିବା ପାଇଁବି ଭଲ ଲାଗୁନି । ଉଭୟେ ଗୋଟେଗୋଟେ ରେଜେଇ ଘୋଡି ହୋଇଛନ୍ତି । ହେଲେ ସମ୍ଭାଳି ହେଉନି ଶୀତ । କମ୍ବଳ ରହିଛି ଗୋଟିଏ । ହେଲେ ସେଇଟା ବେକାର.. ବେକାର ଏଇଥି ପାଇଁ ଯେ ତାକୁ ଦୁହିଁଙ୍କ ଭିତରୁ କେହି ବ୍ୟବହାର କରୁ ନାହାନ୍ତି । କିଏ ଘୋଡିବ ? ଯିଏ ଘୋଡିହେବ, ତା ମନକୁ ଆସିବ ..ମୁଁ ସିନା ଟିକେ ରକ୍ଷା ପାଇଗଲି

ଶୀତରୁ..ଆଉସେ ? ସେ ଯେ ଥରୁଛନ୍ତି । ବାସ୍ ଏଇ ଚିନ୍ତାରେ ଦୁହେଁ କେହି ନେଉନାହାନ୍ତି ସେ କମ୍ବଳକୁ । ବିଛଣାରେ ସେମିତି ପଡିରହିଛି କମ୍ବଳ ।

ନା, ଆଉ ସମ୍ଭାଳି ହେଲାନି । ସୁରମାଦେବୀଙ୍କ ଭିତରେ ଭାରତୀୟ ନାରୀର ଦାୟିତ୍ୱବୋଧ ଜାଗିଉଠିଲା । ସେ କମ୍ବଳଟିକୁ ନେଇ ସ୍ୱାମୀଙ୍କୁ ଭଲଭାବରେ ଘୋଡାଇ ଦେଲେ ତାଙ୍କ ରେଜେ ଇଉପରେ ।

"ଆରେ..ଆରେ, ତୁମେ ଏ କଣ କରୁଛ ସୁରମା ? ମୋତେ ମାରିଦେବ ନା କଣ ? ଦେଖୁଚ ତ ମୁଁ ଗୋଟେ ମୋଟା ରେଜେଇ ଘୋଡିଛି, ତା ଉପରେ ପୁଣି ଏ ମୋଟା କମ୍ବଳ ? ଚାପିହୋଇ ଅଣନିଃଶ୍ୱାସୀ ହୋଇଯିବି ଯେ ? ବରଂ ତୁମେ ଏ କମ୍ବଳଟି ଘୋଡିହୁଅ । ତୁମେ ସ୍ତ୍ରୀ ଲୋକ..ପୁଣି ଦେହ ଭଲ ରହୁନି ତୁମର । ତୁମ ଦେହ ଗରମ ରହିବା ଦରକାର ।"

"ମୁଁଜାଣିଛି ପରା, ତୁମେ ଏମିତିସବୁ ବାଜେ ଯୁକ୍ତି ବାଢିବ । ତୁମେ ନିଜକୁ ଖୁବ୍ ସୁସ୍ଥ ମନେ କରୁଚ ନା ? ଦୁନିଆଯାକର ରୋଗ ଏବେ ତୁମ ପାଖରେ, ଅଥଚ କହୁଚ କଣ ନ..ମୁଁ ରୋଗିଣୀ ? ଦେଖ, କିଛି କଥା ମୁଁ ତୁମର ଶୁଣିବିନି, ତୁମେ ଚୁପଚାପ୍ ଶୋଇପଡ । ମୋର କିଛି ଅସୁବିଧା ହେଉନାହିଁ । ତୁମକୁ ଯଦି ଥରେ ଥଣ୍ଡା ଧରିନେବ ନା ..ତେବେ ମୋତେହିଁ ହଇରାଣ ହେବାକୁ ପଡିବ ।"

"ମୋ କଥା ମାନ ସୁରମା..ତୁମେ ।"

"କହିଲି ପରା ଚୁପଚାପ୍ ଶୋଇପଡ । ବୟସ ଯେତେ ବଢୁଛି, ସେତେ ଜିଦି ବଢୁଛି ତୁମର। ସେତେ ଅଝଟିଆ ବି ହେଉଚ । ଆଉ ପଦେ ବି କିଛି କୁହନି । ଶୋଇ ପଡ ।"

ଯୋଗେଶ୍ୱର ବାବୁ ଭଲ କରି ଜାଣନ୍ତି ଏବେ ଯାହା କହିଲେବି ସୁରମା କିଛି ଶୁଣିବେ ନି । ତାଙ୍କୁ କେହି ବୁଝେଇ ପାରିବେନି । ଥରେ ଯାହା କହିଥିବେ, ସେଇଥିରେ ହିଁ ଅଟଳ ରହିବେ । ତେଣୁ ଆଉକିଛି ପ୍ରତିବାଦ ନ କରି ସେ କମ୍ବଳ ଘୋଡି ଶୋଇବାକୁ ଚେଷ୍ଟାକଲେ। ସୁରମାଙ୍କ ଏଇ ସ୍ନେହଶ୍ରଦ୍ଧା ଆଉ ସେବାଯତ୍ନ ପାଇଁ ସେ ନିଜକୁ ଗୌରବାନ୍ୱିତ

ମନେ କରନ୍ତି । ତାଙ୍କ ମନରେ କଷ୍ଟ ଦେବାକୁ ସେ କେବେବି ଚାହାନ୍ତି ନାହିଁ । ହେଲେ, ନିଦ କୋଉ ହେଉଛି ଯେ ? ସୁରମା ଶୀତରେ କୁଙ୍କୁରି ହେଉଛନ୍ତି । ସେମିତି ଥରିଥରି ସୁରମା କିଛି ସମୟ ପରେ ଶୋଇଗଲେ ଗାଢ ନିଦରେ । ବାସ୍, ଯୋଗେଶ୍ୱର ବାବୁ ନିଜ ଦେହରୁ କମ୍ବଳ ବାହାରକରି ଅତି ସନ୍ତର୍ପଣର ସହିତ ସୁରମାଙ୍କୁ ଘୋଡାଇ ଦେଲେ କମ୍ବଳଟିକୁ । କମ୍ବଳ ଘୋଡିହେବା ପରେ ଆରାମରେ ଶୋଇଲେ ସୁରମା । ତାଙ୍କ ମୁହଁରେ ସନ୍ତୋଷଭାବ ଫୁଟିଉଠିଲା । ଖୁସି ହୋଇଗଲେ ଯୋଗେଶ୍ୱର ବାବୁ । ସେ ବି ଶୋଇଗଲେ।

ସକାଳ ହେବାରୁ ଆଖିଖୋଲିଲେ ସେ । ଆରେ ଏ କଣ ? କମ୍ବଳଟି ତ ତାଙ୍କ ଉପରେ ରହିଛି ଆଉ ସୁରମା ସେମିତି ରେଜେଇ ଘୋଡି ଶୋଇ ରହିଛନ୍ତି ।

ଅନାମିକା ନୀଡ, ଅଂଗାରଗଡିଆ, ବାଲେଶ୍ୱର-୧
ମୋ- ୭୯୭୮୮୬୦୩୬୩

# ଗାଆଁ ମାଟି

କୁମର ଲ୍ଲ ରଣା

ଆମ ଗାଆଁ ଦିଶେ  କେଡେ ସୁନ୍ଦର ଗୋ
ମହୁଲ ଭଟା  ନାଆଟି ।
ପୁରୁବେ ବିସ୍ତାର ଡୁଙ୍ଗର ପାହାଡ଼
ସବୁଜିମା ଭର୍ ମାଟି ।

ପଶ୍ଚିମରେ କେତେ    ମାଲ ଆଟ ଭୂମି
ବେର୍ଣ୍ଣା ମାଲ  ଭୂମି ଘେର୍
ଦକ୍ଷିଣ ଦିଗର ଦୋରସା ମାଟିର
ବାହାଲ ଭୂମି ଆଶାର୍ ।

ଦକ୍ଷିଣ ଦିଗରେ  ପଡ଼ିଆ ଭୂମିରେ
ଘର ଦ୍ୱାର  ତହିଁ ସାଜେ ।
ବାଲିଗଡି ମାଟି ବିସ୍ତାର କରଇ
ଆନନ୍ଦରେ ଭୂମି ହଜେ ।

ମାଆ  ମାଟି ଶିରି ଦେବି ଲଂକେଶୀରି
ଗାଆଁ କୁଲେଶ୍ୱରୀ ସେ  ମା
ସୁରକ୍ଷା କାରିଣୀ ଜଗତ ଜନନୀ
ଜାଗୁଛି ତାର ମହିମା ।

ଗାଆଁ ଦେବାଦେବୀ ଠାକୁର ଦେବତା
ଠାକୁରାଣୀ ପରସାର
ଡୁଙ୍ଗର ମାଉଲି ମାତା ଯେ କଂକାଳୀ
ସରବେ ଇଷ୍ଟ ଆମର ।

ଆଶ୍ୱିନ ମାସରେ ଲଙ୍କେଶ୍ୱରୀ ଯାତ୍ରା
ପୌଷ ମାସେ ପୌଷ ପୁନ
ଭାଦ୍ରବରେ ନୂଆ ଖାଇ ପର୍ବ ସାଜେ
ଧନ୍ୟ ମାଆ ମାଟି ଜନନୀ ।

କୁମ୍ଭାରଙ୍କ ହାଣ୍ଡି ଭାଣ୍ଡ କୁମ୍ଭ କେତେ
ପୂରିଅଛି ଗାଆଁ ସାର୍ ।
ସର୍ବେ ନିଜ ନିଜ ଜୀବିକା କରନ୍ତୁ
ସଫଳ ହୁଏ ଆଶାର୍ ।

ମହୁଆ ଭଟା, ନୂଆପଡା, ଓଡିଶା

# ହେ କବିତା....



ବୈଷ୍ଣବ ମେହେର

ମନେ ମୋର ଛବି ଆଙ୍କିଥିଲି ନିଆରା,
ମନେ ମନେ ଭାବୁଥିଲି କେତେ କଥା,
କିଏ ତମେ ସତେ କଲ କିମିଆ,
ଖୋଜୁଛି ଆଜି ମୁଁ ସାରା ଦୁନିଆଁ ।

ତମେ ସତେ ବାସ୍ତବ, ନା' ଚନ୍ଦ୍ରକଳା....
ତମେ ମୋ କଳ୍ପନା, ନା' ମୋ ପ୍ରିୟା....
ଭାବି ଭାବି କେତେ ରୋମାଞ୍ଚକ କଥା,
ଏମିତି ବିନିଦ୍ର ଭାବେ ପାହିଯାଏ ରାତିଟା ।

କୋମଳ ସ୍ୱର ତମ, ସୁନ୍ଦର ତନୁ,
ଭାବୁଛି ତୁମ କଥା, ରାତିସାରା ମୁଁ,
ତୁମେ ମୋ ପ୍ରେମିକା, ହେ କବିତା,
କେମିତି ଖୋଲି କହିବି ମନ କଥା ।

ହେ କବିତା...
ତମେ କେବେ କେବେ ମୋ ମାନସୀ,
କେବେ କେବେ ତମେ ବିରହି ପ୍ରିୟା,
କେତେବେଳେ ତମେ ଉତ୍ସାହ ଦାୟିନୀ,

ତ...
କେବେ କେବେ ହୁଅ ତମେ ଅଭିମାନନୀ ।

ତୁମେ କେବେ ଦୁର୍ଗା, କେବେ କାଳୀ,
କେବେ ସଯାଏ ସାଧବବହୁ ମୋ ତୁଳୀ,
ଅନେକ ରୂପରେ ତୁମକୁ ମୁଁ ଦେଖେ,
ଯାହା ଚନ୍ତଇ ମନେ ତାହା ଲେଖେ ।

ଗଣ୍ଡାବାହାଲି, ନୂଆପଡା

# ବିଶ୍ୱାସେ ମିଳଇ ହରି



ପ୍ରଦୀପ୍ତ କୁମାର ମିଶ୍ର

ବିଶ୍ୱାସ ଏକ ଅନନ୍ୟ ସୁନ୍ଦର ପ୍ରତିଶବ୍ଦ ଯାହାର ଅର୍ଥ ବ୍ୟାପକ କିନ୍ତୁ ଏକ ଶାନ୍ତିବାଚକ ତତ୍ୱ ବୋଲି ଗ୍ରହଣ କରାଯାଇପାରେ। ବିଶ୍ୱାସର ଅନ୍ୟ ଅର୍ଥ ଭରଷା ଯାହା ପାଇଁ ସବୁବେଳେ ତୃତୀୟ ଓ ଦ୍ୱିତୀୟ ପୁରୁଷ ର ଆବିର୍ଭାବ ଏକାନ୍ତ ଜରୁରୀ। ଏହାକୁ କେତେକ ଆବେଗ ବୋଲି ମଧ୍ୟ ଗ୍ରହଣ କରିଛନ୍ତି, ତେବେ ଶ୍ରଦ୍ଧା,ସ୍ନେହ, ପ୍ରେମ, ଘୃଣା ଆଦି ଠାରୁ ଏହା ବହୁତ ସ୍ୱତନ୍ତ୍ର। ବିଶ୍ୱାସ ବଞ୍ଚିବାର ଏକ ରାହା, ବଞ୍ଚିବାର ଅନ୍ୟନାମ ବୋଲି କୁହାଯାଇଛି। ଏହାର ଗୂଢ଼ ଅର୍ଥ ବଡ଼ ବ୍ୟାପକ ଏହାକୁ ଚିନ୍ତାରେ ବୁଝାଯାଇ ପାରେନା ବରଂ ମାନସିକ ପରୀକ୍ଷାରେ ଗ୍ରହଣ କରାଯାଇପାରେ। ବିଶ୍ୱାସରୁ ସଂସାର ଆତଯାତ ବୋଲି ଅନେକଙ୍କ ଠାରୁ ଶୁଣିବାକୁ ମିଳେ। କିନ୍ତୁ ଏହା ଏକ ବ୍ୟାପକ ଭାବଧାରା, ଏକ ସ୍ୱଷ୍ଟ ଅନୁଚିନ୍ତନ ।

କଥାରେ ଅଛି ପୃଥିବୀ ଆକାଶକୁ ବିଶ୍ୱାସ କରେ ପୁଣି ଆକାଶ ସୁର୍ଯ୍ୟ ଚନ୍ଦ୍ରକୁ ବିଶ୍ୱାସକରେ। କିନ୍ତୁ ଏହା ଜନ କଥା ସତ୍ୟଯେ ବିରାଟ ମହାଜଗତିକ ଶକ୍ତି ଦ୍ୱାରା ଏହି ଚଳତମାନ ଗ୍ରହ ନକ୍ଷତ୍ର ମାନେ ଆତଯାତ ହୋଇଥାନ୍ତି, ଏଥିରେ ସାମାନ୍ୟ ତମ ତ୍ରୁଟି ବିଚ୍ୟୁତି ଦେଖାଯାଇନଥାଏ। କିନ୍ତୁ ପୌରାଣିକ ବିଶ୍ୱାସରେ ଚନ୍ଦ୍ର ପୃଥିବୀ ସୁର୍ଯ୍ୟ ଏକ ପରିବାରର। ସେମାନେ ପରସ୍ପରକୁ ବହୁତ ଭଲପାଇଥାନ୍ତି ବେଳେବେଳେ କୌଣସି କାରଣ ବସତ ଅସତ କାମକରି ବେଳେବେଳେ ଅଭିଶପ୍ତ ହୋଇ ଆଭିଶାପ କୁ ବହନ କରି ସାରାଜୀବନ ଗତିଶୀଳ ହୋଇଥାନ୍ତି। କିନ୍ତୁ ଏହା ବିଜ୍ଞାନ କହେ ମହାଯାଗତିକ ଆକର୍ଷଣ ଓ ବିକର୍ଷଣ ରେ ତିଷ୍ଠି ରହିଛି ଏ ସୌର ଜଗତ ଏ ତାରକା ମଣ୍ଡଳ।

କିନ୍ତୁ ଏହି ଧରିତ୍ରୀରେ ବିଶ୍ୱାସ ଏକ ଅନନ୍ୟ ଧାରଣା, ଏହାଦ୍ୱାରା ବଂଚି ରହିଥାଏ ବିରାଟ ପରିବାର ସମାଜ ଜନସମାଜ। ବିଶ୍ୱାସ ହିଁ ସୃଷ୍ଟିକରେ ଶିକ୍ଷା, ଶିକ୍ଷା ହିଁ ଦେଇଥାଏ ଅପୁର୍ବ ସଚେତନତା, ଏହାର ସାମୁହିକ କ୍ରିୟା ଦ୍ୱାରା ସୃଷ୍ଟି ହୁଏ ଚେତନା। ଚେତନା ହିଁ ସଭ୍ୟତା ର

ମୂଳମନ୍ତ୍ର ଚେତନା ହିଁ ସଂସ୍କୃତି, ଚେତନା ହିଁ ସମାଜର ଆତ୍ମବିଶ୍ୱାସ ଏକ ଅଦୃଶ୍ୟ ଭାବନା ହେଲେ ଏହି ଅଦୃଶ୍ୟତାରେ ଭରି ରହିଛି ଆନନ୍ଦର ଅମୋଘ ସ୍ରୋତ। ଯେଉଁଠାରେ ଏହି ପ୍ରବହମାନ ସ୍ରୋତ ରୁକିଯାଇଛି ସେହିଠାରେ ଆରମ୍ଭ ହୋଇଛି ରକ୍ତପାତ ସମାଜର ଏକ ବିରାଟ ଅବକ୍ଷୟ। ବାପାମାଆ ପୁଅଝିଅ ଓ ପରିବାର ଅନ୍ୟ ସମସ୍ତ ଏକ ବିଶ୍ୱାସର ଅଣୁ ବନ୍ଧନ ରେ ବିଦ୍ୟମାନ। ଶିକ୍ଷା ସଚେତନତା ସଂସ୍କାର ଏସବୁ ବିଶ୍ୱାସର ଅନ୍ୟନାମ, ଏହି ଅଦୃଶ୍ୟତାରେ ବିରାଟ ମାନବ ସମାଜ ପରିଚାଳିତ। ବିଶ୍ୱାସ ହିଁ ସ୍ନେହଶ୍ରଦ୍ଧା ର ଜନକ, ବିଶ୍ୱାସ ଦ୍ୱାରା ସୃଷ୍ଟି କରାଯାଇପାରେ ଏକ ବିରାଟ ଆହ୍ୱାନ, ଯେଉଁ ଆହ୍ୱାନ ଏକ ପରିବର୍ତ୍ତନକୁ ବାଟକଢାଏ। ଶାସକ ଉପରେ ନାଗରିକ ବିଶ୍ୱାସ ରଖେ, ଶାସକ ତାର ଯନ୍ତ୍ରୀ ତନ୍ତ୍ରୀ ମନ୍ତ୍ରୀ ଏମାନଙ୍କ ଉପରେ ବିଶ୍ୱାସ ରଖିଥାଏ, ଯେଉଁଠି ଗୋଟିଏବି କମ ହୋଇଯାଏ ସେତେବେଳେ ଆରମ୍ଭ ହୁଏ ଅଶାନ୍ତି ଯାହା ବିଦ୍ରୋହର ଜନକ। ମାଆର ମମତା ବିଶ୍ୱାସର ଏକ ସୁଦୃଢ଼ ଉଦାହରଣ। ଯାହାଦ୍ୱାରା ସନ୍ତାନ ତାର ପଦାଙ୍କ ଅନୁସରଣ କରେ। ସେହି ସ୍ଥିତି ହିଁ ପ୍ରଦାନ କରିଥାଏ ଏକ ସୁଦୃଢ଼ ନାଗରିକ।

ପିଲାବେଳେ ଆମେ ଏକ ଗଳ୍ପ ସମସ୍ତେ ଶୁଣିଛନ୍ତି ଯାହା ଶସେମିରା କଥା, ଗୋଟିଏ ବାଘର ଭୟରେ ଭାଲୁ ଓ ମଣିଷ ଗୋଟିଏ ଗଛ ଉପରେ ଚଢ଼ିଗଲେ ପ୍ରହର ପ୍ରହର ଅନିଦ୍ରା ରହି ଜଗିବାକୁ କଥା ରହିଲାରୁ ଭାଲୁ ବାଘ କଥାରେ ପ୍ରଭାବିତ ହୋଇନଥିଲା, ମଣିଷର ସୁରକ୍ଷା ଦେଇଥିଲା, ହେଲେ ମଣିଷ ବାଘକଥାରେ ପ୍ରଭାବିତ ହୋଇ ଭାଲୁସହ ବିଶ୍ୱାସଘାତ କରିଥିଲା। ଏହି ଗଳ୍ପରେ ବିଶ୍ୱାସଘାତ ର କଥା ଆସେ, ଯଦି ବିଶ୍ୱାସକୁ ଗତିଶୀଳ କରାଇପାରିବା ତେବେ ସମ୍ପର୍କ ବହୁଦିନ ରହିପାରିବ। ସବୁଠାରୁ ବଡ଼ ବିଶ୍ୱାସର କଥା ସ୍ୱାମୀସ୍ତ୍ରୀ ମଧ୍ୟରେ, କେହି କାହାକୁ ନଚିହ୍ନି ମଧ୍ୟ ବିଶ୍ୱାସରେ ପରସ୍ପରକୁ ନେଇ ଏକ ଛୋଟ ସମାଜ ଗଠନର ପ୍ରୟାସ କରିଥାନ୍ତି। ଯେଉଁଠି ବିଶ୍ୱାସର ମୃତ୍ୟୁଘଟେ ସେହିଠାରେ ଧ୍ୱଂସହୁଏ ବୈବାହିକ ସମ୍ପର୍କ, ସେହିଠାରେ ମର୍ତ୍ତ୍ୟ ହୁଏ ଗୋଟିଏ ନୂତନତ୍ୱର, ତେବେ ଏହାର ପ୍ରତିଶତ ବହୁତ କମ। ତେଣୁ ଏଠାରେ ବିଶ୍ୱାସ ହିଁ ବଡ ଜିନିଷ।

ଈଶ୍ୱର ବିଶ୍ୱାସ ଏକ ଆଶ୍ଚର୍ଯ୍ୟ ଅନୁଭୂତି, ତେବେ ଏଥିରେ ଯଦି ସତ୍ୟତା ନଥାନ୍ତା ତେବେ ଅନେକ କାଳରୁ ଏହି ପ୍ରଥା ଲୋପ ପାଇସାରିଥାନ୍ତା, ହେଲେ ବିଭିନ୍ନ ଧର୍ମ ରେ ଏହା ଗୁଣଉତ୍ତର ପ୍ରଗତି କ୍ରମେ ବଢିଚାଲିଛି। ମୀରାବାଇ ଶ୍ରୀଚୈତନ୍ୟ ନାନକ ଶଙ୍କରାଚାର୍ଯ୍ୟ ପ୍ରମୁଖ ଈଶ୍ୱର ଦର୍ଶନ ର ଅପୂର୍ବ ସ୍ରଷ୍ଟାଗଣ। ଯାହାର ବିଶ୍ୱାସ ଯେମିତି ତାହାର ଈଶ୍ୱର ପ୍ରାପ୍ତି

ସେମିତି, ଏହା ଦର୍ଶନ ନୁହେଁ ବରଂ ଏକ ସତ୍ୟତା। ପୁରାଣ ଏକ ଦର୍ଶନ ଏକ ସଂସ୍କାର ହୋଇପାରେ ହେଲେ ଏମିତି କେତେକଣ ଉଦାହରଣ ରହିଛି ବିଶ୍ୱାର। ଏମିତି କୁହାଯାଇପାରେ ବିଶ୍ୱାସେ ପରା ମିଳେହରି।

ବିଶ୍ୱାସ ଦ୍ୱାରା ପ୍ରେମ ପରିମାର୍ଜିତ ହୁଏ, ଯେଉଁଠି ବିଶ୍ୱାସ ନଥାଇ ପ୍ରେମ ଥାଏ ତାହା କେବଳ ଦୈହିକ ଆକର୍ଷଣ, ଦୈହିକ ଆକର୍ଷଣ କେବେ ପ୍ରେମର ପରିଭାଷା ହୋଇନପାରେ। ପ୍ରିତି ହିଁ ଏହି ସମୟରେ ସବୁଠାରୁ ସୁନ୍ଦର ପରିଭାଷା। ଅତଏବ ବିଶ୍ୱାସରେ ସବୁ ସମ୍ଭବ, ବିଶ୍ୱାସ ବିନା ପୃଥିବୀର ପାରସ୍ପରିକ ସମ୍ପର୍କର ମର୍ତ୍ତ୍ୟ ଘଟିଥାଏ। ସମ୍ପର୍କ ହିଁ ପାର୍ଥିବତା, ପୃଥିବୀର ଅନନ୍ୟ ଅନ୍ୟତମ ଭାବଧାରା।

ଅରେଇ, ଯାଜପୁର

# ବାଳକା ବଧୂ



ଦିନେଶ ମେହେର

ବାଳକା ବଧୂ ଗୋ
କାଇଁ ଆସ ତୁମେ ଅଧ ରାତିରେ,
କାଇଁ ଆସି ନିଦ ଚୋରି କର
ମିଠା ସପନ ର ଆଶାରେ
ଶୋଇଥିଲି ବେଳେ,
ତୁମେ ଆସି ନିଦ ଚୋରେଇ ନେଇ
ସପନ ଭାଙ୍ଗି କୁଆଡେ
କାହିଁକି ଉଭେଇ ଯାଅ !
କାହିଁକି ପ୍ରତାରଣା ଦେଇ
ଚାଲିଯାଅ ତୁମ ଗନ୍ତବ୍ୟ ପଥରେ,
ଏକୁଟିଆ ମନ କୁ ଆଘାତ ଦେଇ
କାହିଁକି ତୁମେ ତୁମ ପ୍ରେମର ବର୍ଷା ରେ
ଭିଜେଇ ଦିଅ।
ଆଗୋ ବାଳକା ବଧୂ
କେବେ ଆସି ସାଜିବ
ମୋ ଅଗଣା ର ମାଣିକ ମୁକୁତା
କେବେ ତୁମ ମିଠା ପ୍ରେମର
ବସନ୍ତ ରେ ଭିଜେଇ ଦେଇ
ସନ୍ତାପିତ ମନେ ଜୀବ
ଦେବ ଭରି।

ପଲାସ, ଜୁନାଗଡ଼, କଳାହାଣ୍ଡି

# ଅପେକ୍ଷା



ସୁଶୀଲ୍ କୁମାର ଭୋଇ

ଅପେକ୍ଷାର ଅନ୍ତ କେବେ ହେବ ତା' ମୁଁ ଜାଣିନ
ହେଲେ ଅପେକ୍ଷା କରିଛି ତୁମ ସନ୍ଦେଶକୁ
ତୁମେ ଫେରିବକ ନାହିଁ ତା'ମଧ୍ୟ  ଜାଣିନ
ହେଲେ ଅପେକ୍ଷା କରିଛି ତୁମ ଫେରିବା ବାଟକୁ

ତୁମକୁ ଅପେକ୍ଷା କରିଛି,ହଁ କେବଳ ତୁମକୁ
ଠିକ୍ ଚାତକ ପରି କେବଳ ତୁମ
ଫେରିବା ବାଟକୁ ଚାହିଁ ରହିଛି,
କାରଣ ମୁଁ ତମକୁ ଭଲ ପାଉଛି,
ତୁମେ ମନେ ରଖିଥିବ କ ଭୁଲି ଯାଇଥିବ
ତା' ମୁଁ ଜାଣିନ ,,,,
ହେଲେ କଥା ଦେଇଥିଲ ତୁମେ କେବଳ ମୋର ଆଉ ,
ମୁଁ ସବୁ ଦିନ ପାଇଁ ତୁମ ହୃଦୟରେ ଥିବି !!!

ତୁମେ ତୁମ ପ୍ରତିଶ୍ରୁତି,ପ୍ରତିଜ୍ଞା କଥା
ମନେ ରଖିଥିବ କ ନାହିଁ ,
ତା' ମୁଁ ଜାଣିନ ,,,,
ହେଲେ ତୁମର ପ୍ରତ୍ୟକଟି କଥା
ମୁଁ ମୋ ହୃଦୟରେ ସାଇତିକ ରଖିଛି
କାରଣ ମୁଁ ତୁମକୁ ମୋ ଜୀବନଠୁ ଅଧିକ ଭଲ ପାଉଛି,

ତୁମକୁ ଝୁରୁଛି,
ତୁମ ପାଇଁ ମରୁଛି !!!

ତୁମେ ମୋ ଠାରୁ ଦୁରରେ ରହି କେମିତି ଅନୁଭବ କରୁଥିବ
ତା'ମଧ୍ୟ ମୁଁ ଜାଣିନ,
ହେଲେ ତୁମକୁ ଅପେକ୍ଷା କରି କପରି ବଞ୍ଚିଛି !!
ଥରେ ଆସି ଦେଖି ଯାଅ, ତୁମପାଇଁ ମୁଁ କେମିତି ଶବ ପାଲଟି ଯାଇଛି ,,,
ମୋ ନିଃଶ୍ୱାସ-ପ୍ରଶ୍ୱାସରେ
କେବଳ ତୁମକୁ ଅନୁଭବ କରୁଛି !!!

ମୋର ଶିରା, ପ୍ରଶିରା, ରକ୍ତ, ଧମନୀର
ପ୍ରତ୍ୟେକଟି ଉପାଦାନରେ
କେବଳ ତୁମକୁ ଅନୁଭବ କରୁଛି,
ଖାସ୍ ତୁମ ପାଇଁ ମୁଁ କେବଳ
ତୁମ ଅପେକ୍ଷାରେ ଅଛି,
ତୁମ ଫେରିବା ବାଟକୁ ଚାହିଁ,
ତୁମ ଭଲ ପାଇବା ପାଇଁ,
ମୋ ଜୀବନର ସାଥି କରିବା ପାଇଁ ।

ଭୁବନେଶ୍ୱର-୨

# ଆଉ ଇଚ୍ଛାନାହିଁ

ଗ୍ଜେଶ କୁମାର ବାରିକ୍

ଅମାବସ୍ୟାର ସଂଜ ଥାଏ । ସନ୍ଧ୍ୟା ର ଶଂଖ ବାଜିବା ପୂର୍ବରୁ ଧିରେଧିରେ ଦୀପ ଆଉ କ୍ୟାଣ୍ଡେଲର ଆଲୋକରେ ଗାଁର ପରିବେଶ ଆଲୋକିତ ହେଉଥାଏ। କାହିଁକି ନା ଆଜି ହେଉଛି ଦୀପାବଳୀ, କୁଆଡେ ଏହି ଦିନ ରାଜା ରାମଚନ୍ଦ୍ର ଚଉଦ ବର୍ଷ ବନବାସ ସାରି ଗାଁ କୁ ଫେରିଥିଲେ ଏମିତି ରେ ବି ଆଜି ମାଁ ଶ୍ୟାମାକାଳି ଙ୍କ ର ପୂଜାସ୍ତୋବ। ଚାରିଦିଗରେ ତାଳପଟାକା, ଚକୋଲେଟ୍ ବମ, ରକେଟ୍, ଚୁରୁଚୁରି, ଝରାବତିର ଶବ୍ଦ କାନ ଫାଟି ପଡୁଥାଏ ।

ତଥାପି ନୀରବ ଥାଏ ମାନସ ! ରାତି ତାତି ବଢିବା ସାଙ୍ଗକୁ ଛାତିର ସ୍ପନ୍ଦନ ବି ବଢିବାରେ ଲାଗିଥାଏ। ଗାଁର ସବୁ ଘରେ କ୍ୟାଣ୍ଡଲର ଆଲୁଅ ସାଙ୍ଗକୁ ପଟାକାର ମାହୋଲ୍ ମାତୁଆଲା କରୁଥିବା ବେଳେ ଅଂଧକାର ଘରେ, କରଞ୍ଜ ଦୀପର ଆଲୁଅରେ ବସିଥାଏ ମାନସ ।

ଦୀପାବଳୀ ରେ ଦୀପ ଜାଳିବାକୁ ହୁଏ କ୍ୟାଣ୍ଡେଲ୍ ନୁହେଁ ଏହା ଆମ ସଂକୃତି ବିରୋଧୀ ବୋଲି ମାଁ ସିନା ବୁଝାଇ ଦେଇଛି, ହେଲେ ମନ କଣ ବୁଝୁଛୁ! କାହିଁକି ନା ମାଆ ପାଖରେ ପଇସା ନାହିଁ। ଏଠି ଅଭାବି ଘର ର ଅଭାବ ତ ସବୁଦିନ ଥାଏ । ନା' ଆସେ ଦୀପାବଳୀ ନା' ଆସେ ହୋଲି ସବୁଦିନ ସମାନ। ୧୦ ରୁ ୧୨ବର୍ଷର ହେବ ମାନସ ସେ କାହୁଁ ବୁଝିବ ଅଭାବି ସଂସାର ଅଭାବ କଥା। ଆଉ ସେ ପାରିଲା ନାହିଁ ଅନ୍ଧାରି ଘରର ଅନ୍ଧାର ଭିତରେ ବସି ରହିବା କୁ ଚେଷ୍ଟା କରି ମନ କୁ ବୁଝାଇ ପାରିଲା ନାହିଁ ଘର ଭିତରୁ ଦୌଡ଼ି ଯାଇ ବାଡ ପାଖରେ ଛିଡା ହେଲା । ପାଖ ଘର ଦାସ ବାବୁ, ତାଙ୍କ ଭାଇ ଆଉ ତାଙ୍କ ଝୁଆ ମାନେ ମିଶି କେତେ ରଂକମର ବାଣ ଫୁଟାଉ ଥାଆନ୍ତି, ଦୂରରୁ ସିନା ଭଲ ଦିଶିଲା କିନ୍ତୁ ଭଲ ଲାଗିଲା ନାହିଁ। ଭାଇ ପାଖକୁ ଧାଇଁ ଗଲା ମାନସ।

ଭାଇ..... ଭାଇ ୧୦ ଟଙ୍କା ଅଛିନା ଦେଏନା ୧୦ଟା ଚକୋଲେଟ୍ ବମ୍ ଆଣିବି ପାଖ ଦୋକାନରୁ।

ତୁ ...ମୋତେ ଦେଇଥା ଏଇଥର ହାଟକୁ ଗଲେ ପଇସା ବଞ୍ଚେଇ ତୋତେ ଆଣି ଦେଇ ଦେବି । ୧୦ ଟଙ୍କା ଦେଏନା ଭାଇ........

ସେଦିନ ବାପା ଦେଇଥିବା ପଇସା ରେ ମୁଁ ଗୋଟେ ଡଟ ନେଇ ଜାଇଛି ଏଇ ନେ ୫ ଟଙ୍କା ଅଛି । ଆଉ ସୁଣ୍.... ସୁଣ୍ ମାନସ.....! ବୁଢିମାଁ ବାକ୍ସର ଚାବି ଥଳିଆ ଭିତରର ଗୋଟେ ଡବା ଭିତରେ ଅଛି ତୁ ଯା ସେଉଠୁ ପଇସା ନେଇ ନେବୁ। ହଁ.. . ତୁ କାହାରିକୁ କହିବୁନି ।

ହଁ ଭାଇ ... କହି ସେଦିନ ରାତିରେ ସିନା ପଇସା ନେଇ ମନ ଭରି ବାଣ ଫୁଟାଇଥିଲା ମାନସ ହେଲେ ଆଉ ପରଦିନ ବି ମାଡ ଖାଇଥିଲା ମାନସ ।

******************

ଆଜି ସମୟ ବଦଳିଛି ଆଉ ବଦଳିଛି ମାନସର ଅବସ୍ଥା, ପାଖରେ ପଇସା ର ଅଭାବ ନାହିଁ। ଆଜିବି ପ୍ରତିଥର ପରି ଦୀପାବଳୀ ଆସେ ଦାସ ବାବୁଙ୍କ ଘର ବାଣ ବି ଫୁଟେ ବୁଢିମା ତା ଭତ୍ତା ପଇସା ଆଣି ହାତରେ ଦିଏ କିନ୍ତୁ ମାନସ ବାଣ ଫୁଟାଏନି । କାହିଁକି ନା ଆଉ ଇଛା ନାହିଁ ।

ଦେବେନ୍ଦ୍ର ପୁର,ଅଭଣା, ବାଲେଶ୍ବର

# ଈର୍ଷା



ଗ୍ରକେଶ କୁମାର ଦାସ

ଈର୍ଷା ଏମିତି ଏକ ହୀନ
ଦୁର୍ବଳ ମାନସିକ ରୋଗ,
ଭୁଲିଯାଏ ମଣିଷ ସୁଖ ଶାନ୍ତି
ବିଳାସ ବ୍ୟସନର ଭୋଗ ।

ସର୍ବଦା ସେ କରିଚାଲେ
ଅନ୍ୟ ସହ ତୁଳନା,
ସଭିଙ୍କ ନିଦ ହଜାଇ ଦିଏ
କରି ହୁଏନି କଳନା ।

କେବେ କେବେ ନିଜ ବିବେକକୁ
ସମ୍ପୂର୍ଣ୍ଣ ରୂପେ ଖାଇଯାଏ,
କେବେ ପୁଣି ଅକୁହା କଥା
ପ୍ରିୟଜନକୁ ସେ କୁହାଏ ।

ଚାହିଁଲେ ବି କରାଇଦିଏନି
ଅନ୍ୟର ଭଲ ପ୍ରଶଂସା,
ଅନ୍ୟର କ୍ଷତି ଆଉ ନିନ୍ଦାରେ
ଥାଏ ତାର ନିଶା ।

ସାଙ୍ଗସାଥି, ବନ୍ଧୁ ଆଉ ପ୍ରିୟଜନ
ସଭିଁକୁ କରଇ ଗ୍ରାସ,
ନିଜ ସୁଖଶାନ୍ତି ହଜାଇ ଦିଏ
ଯହୁଁ କରଇ ପ୍ରବେଶ ।

ଯଦି ମଣିଷର ଏତେ ସବୁ
କରିପାରୁଛି ସେ କ୍ଷତି,
ତାକୁ କାହିଁ ମନରେ ରଖି
ନିଜକୁ ଦେବା ଶାସ୍ତି ।

ନିଜ ନିଜ ଅସ୍ତିତ୍ୱକୁ ବୁଝି
ବାଣ୍ଟି ଚାଲିବା ପ୍ରେମ,
ଜୀବନଟା ହୋଇଯିବ ସାର୍ଥକ
ପଥ ହେବ ସୁଗମ ।।

ଖରିଜାପାଟଣା,
ପିପିଲି, ପୁରୀ

# ଟୋପାଏ ସିନ୍ଦୂର



ଜନ୍ମଜୟ ନାୟକ

ନିଜ କାନରେ ବିମଳା ସେ ମନ୍ଦିର ବେଢାରେ ବସିଥିବା ଫୁଲ ମାଉସୀଙ୍କ ମୁଣ୍ଡରୁ କଳା ପୋଛି ଦେଉଦେଉ ଲୁହଭରା ଆଖିରେ ବୁଢୀମାଉସୀ କହିଗ୍ଲିଥାଏ, "ଏ ପୋଡା କପାଳରେ ଆଉ କ ସୁଖ ଅଛି ଲୋ ଝିଅ, ଅୟୁଷ୍ମାଣୀ ହୋଇ ମଶାଣୀ ଯିବା ସଭିଙ୍କ କପାଳରେ ନଥାଏ । ଆଜି କ ଦଶ ବରଷ ହବ ଏ ଅଭାଗିନୀ ପୋଡାମୁହଁକୁ ଆରିସିରେ ଦେଖିନ ଯେବେ ଠୁ ସେ ଗ୍ଲିଗଲେ । କୋଉ ଠି ହାଣ୍ଡିକଳା ଲାଗିଛି ମୁଣ୍ଡରେ କେମିତି ଦେଖିବି ?" ମନ୍ଦିରପାଖରେ ଥରଥର ହାତରେ ଫୁଲବିକ ସବୁ ବିବାହିତା ଙ୍କ ଶୁଭ ମନାସୁଥିବା ଫୁଲମାଉସୀର ଜୀବନର ଦୁଃଖ କେହି ନବୁଝିଲେ ବି ବିମଳା ପଢିପାରନ୍ତି ତାଙ୍କ କୋଟରଗତ ଆଖିଯୋଡିକର ଇଚ୍ଛା । ବାହାଘରର ମାସଟିଏ ନପୁରୁଣୁ ବିମଳାଙ୍କ ସ୍ୱାମୀ ପକ୍ଷାଘାତ ରୋଗରେ ପୀଡିତ ହୋଇଯିବାପରେ ବି ସେ ଦମ୍ଭ ନହରେଇ ଜୀବନ ଯୁଦ୍ଧରେ ଲଢିଗ୍ଲିଛନ୍ତି । ସିଲେଇ କରି ପିଲାଙ୍କୁ ଟ୍ୟୁସନ୍ କରି ସ୍ୱାମୀଙ୍କ ଔଷଧ ଓ ପରିବାର ଚଳେଇବା ଖର୍ଚ୍ଚ ତୁଲାଉଛନ୍ତି । ମା ବୁଢୀନାହାକାଣୀଙ୍କ ଉପରେ ତାଙ୍କର ଅଖଣ୍ଡ ବିଶ୍ୱାସ । ବିମଳା କେତେ ବଡଘରର ଝିଅ ..କେତେ ବିଳାସବ୍ୟସନରେ ବଢିଥିଲେ ସେ । ଘରଲୋକ ଯେତେ ବୁଝେଇଲେ ବି ପୁନର୍ବିବାହ କରିନାହାନ୍ତି କ କାହାରି ସାହାଯ୍ୟ ଗ୍ହିଁନାହାନ୍ତି । ଆଜି ସାବିତ୍ରୀଓଷାରେ ସ୍ୱାମୀଙ୍କ ଶୁଭମନାସି ପୂଜାକରିବାକୁ ଧାଇଁଆସିଛି ସେ। ଏଇ ମନ୍ଦିରର ଦେବୀ ଓ ଫୁଲମାଉସୀ ବିମଳାଙ୍କ ସଂଘର୍ଷର ମୂକସାକ୍ଷୀ । ଫୁଲମାଉସୀକୁ ଆଶୀର୍ବାଦ ମାଗି ଜୁହାର ହଉହଉ ମାଉସୀ କାନ୍ଦିକାନ୍ଦି କହିଉଠିଲା, "ଅୟିସୁଲକ୍ଷଣୀ ହୋ ଲୋ ..ପାକଲା ବାଳରେ ସିନ୍ଦୂର ନାଆ । ଅଭିଆଡୀ ଜନମ ବାପଘରେ ଛାଡି ସିନ୍ଥରେ ସିନ୍ଦୂର ଭରି କନକ ଆଞ୍ଜୁଳ ଧରି ଶାଶୁଘର ଆସିବା ପରେ ଜୀବନର ଅଙ୍କ ମିଶିଯାଏ ସ୍ୱାମୀ ସହ । ଟୋପାଏ ସିନ୍ଦୂର ଆଣିଦିଏ ଜୀବନର ପୂର୍ଣ୍ଣତା । ଝିଅ ତୋ ପତିବ୍ରତା ଭକ୍ତି ତୋତେ ସୋଭାଗ୍ୟବତୀ କରେଇବ ଲୋ ।"

...ଏହା ମଧ୍ୟରେ ବିତିଯାଇଛି କୋଡିଏ ବର୍ଷ । ସମୟର ସ୍ରୋତ ବଦଳାଇ ଦେଇଛି ସବୁକିଛି । ମାଆ ବୁଢୀନାହାକାଣୀ ଅଛନ୍ତି ସତ ହେଲେ ମନ୍ଦିର ପରିସର

ସୌନ୍ଦର୍ଯ୍ୟକରଣ ହୋଇ ବହୁତ ଉନ୍ନତି ହୋଇଛି । ଆମ୍ବଗଛଡାଳୁ କୋଇଲିର କୁହୁକୁହୁ ଶୁଭୁନ କି ଫୁଲମାଉସୀ ବି ଆସି ବସୁନ । ବିମଳାଙ୍କ ସେବାଶୁଶ୍ରୁଷା ଓ ଭକ୍ତି ପାଖେ ପକ୍ଷାଘାତ ରୋଗ ବି ହାର ମାନିଛି । ହେଲେ ବୟସର ଅପରାହ୍ନ ରେ ଉପନୀତ ସରୋଜଙ୍କ ପାଖେ ପରିବାର ଭରଣପୋଷଣ ପାଇଁ ଖଟିବାକୁ ବଳ ନାହିଁ । ଦୁଃଖଦାରିଦ୍ର୍ୟର କଷଟିପଥରରେ ପେଷି ହୋଇହୋଇ ଲୋଗ୍ରକୋଗ୍ର ଚମ ଆବରଣରେ ବି ବିମଳା ନାଲି ସିନ୍ଦୂର ମଥାଏ ନାଇ ପରଘରେ କାମକରି ପେଟ ପୋଷୁଛି । ନିଃସନ୍ତାନ ଦମ୍ପତି ଭାବେ ବେସାହାରା କି ଅସହାୟ ହୋଇପଡିନାହାନ୍ତି ସେମାନେ । ଏତେ ଦଃଖଦୁର୍ଦ୍ଦଶା ଭିତରେ ବି ନିଜ ବାର୍ଦ୍ଧକ୍ୟ ଭତ୍ତା ଟଙ୍କାକୁ ପାଖ ଅନାଥାଶ୍ରମ ପିଲାଙ୍କ ପାଇଁ ଦେଇଆସନ୍ତି । ସେମାନଙ୍କୁ କିଛି ଖୁଆଇ ତାଙ୍କ ହସଖୁସି ଦେଖି କୁଆଡେ ବିମଳାଙ୍କୁ ପରମ ଆତ୍ମସନ୍ତୋଷ ମିଳେ । ବିମଳାଙ୍କ ମା' ପଣିଆ ଆଜିର ସମାଜ ପାଇଁ ଏକ ଉଦାହରଣ । ବିମଳା କୁହନ୍ତି, ''କିଏ କହିଲା ମୁଁ ବାଞ୍ଝ ? ମୋର ପରା ଆଶ୍ରମରେ କେତେ ପୁଅ ଝିଅ ..'' କିନ୍ତୁ ନିଜ ମସ୍ତକ କର୍କଟ ରୋଗକୁ ଲୁଚେଇଲୁଚେଇ ବିମଳା ଆଜି ଶେଷ ସୋପାନରେ ପହଁଚିଛି ।

ସମୟ ପ୍ରାୟ ଦିନ ୧୧ଟା । ବିମଳା ଘରର ଦରଜା ଏଯାଏ ଖୋଲିନି । ସାଇପଡିଶା ଲୋକେ କେତେ କଣ ଭାବି ଶେଷକୁ କବାଟ ଭାଙ୍ଗି ଯାହା ଦେଖିଲେ ଆଖିରେ ଲୁହ ରହିଲାନି । ସରୋଜଙ୍କ କୋଳରେ ମୁଣ୍ଡରଖି ଶେଷ ନିଃଶ୍ୱାସ ତ୍ୟାଗ କରିଛି ବିମଳା । କାନ୍ଦିକାନ୍ଦି ପଥର ପାଲଟି ଯାଇଛନ୍ତି ସରୋଜ । ''ଅୟସ୍ତୀ ହୋଇ ଟୋପାଏ ସିନ୍ଦୂର ଦିପଟ ଶଙ୍ଖା ନେଇ ମଶାଣୀ ଯିବାକୁ କହୁଥିଲା ସବୁବେଳେ ..ମୁଁ ସ୍ୱାମୀ ହିସାବରେ ଖଣ୍ଡେ ଦାମି ଲୁଗା କିଣି ଦେଇପାରିନି ବୋଲି କେବେ ମନ ଦୁଃଖରେ ଥିଲେ ..ସେ କହୁଥିଲା ଶଙ୍ଖାସିନ୍ଦୂର ତା ପାଇଁ ଦାମିଗହଣା'', ଏତିକି କହି ଭୋ ଭୋ ହୋଇ କାନ୍ଦିଉଠିଲେ ସରୋଜ । ହଠାତ୍ ହୃଦ୍ ଘାତ ହୋଇ ସେ ବି ଟଳିପଡିଲେ । ପବିତ୍ର ବନ୍ଧନର ଦୁଇ ଶୁଆଶାରୀ ଙ୍କ ମରଶରୀର ମଶାଣୀ ଗଲା । କିଏ ମୁଖାଗ୍ନି ଦେବ ଚିନ୍ତା ପଡିବାବେଳେ ଖବରପାଇ ଅନାଥାଶ୍ରମ ର ପିଲାମାନେ ପହଁଚି କୋହଭରା କଣ୍ଠରେ ଏକସ୍ୱରରେ କହିଉଠିଲେ,''ଆମ ବାପାମାଆଙ୍କୁ ଆମେ ମୁଖାଗ୍ନି ଦେବୁ ।'' ମଶାଣି ନିଆଁ ରେ ଗୋଟେ ପବିତ୍ର ପ୍ରେମ ଯୁଗ ଅବସାନ ହେଲା ସତ କିନ୍ତୁ ଟୋପାଏ ସିନ୍ଦୂର ମହତ୍ୱ ସଭିଏଁ ବୁଝିଲେ । ସରପଞ୍ଚ ଓ ଗ୍ରାମବାସୀ ମିଶି ଗାଁର ନାମ ସିନ୍ଦୂରାଖଣ୍ଡ ରଖିଲେ ।

ଶିକ୍ଷକ, ଚିଲିକା ନୋଡାଲ ହାଇସ୍କୁଲ, ପୁରୀ

# ମହୁଲି



ଅଜିତ ପାଢ଼ି

ମହୁଲି କହୁଛି   ତ  କଛି
ମୁଁ ସତେ !    ରାଜକୋଷ  ?
ହୃଦୟ  ତ   ସେମାନଙ୍କର
ବାଣ୍ଟୁଛନ୍ତ   ହୃଦୟକୁ
ମୋରି  ଅବା ଅଛି କଛି  ଦୋଷ  ?

ଅଭାଗା  ସେ ଇ  ବି   ତ, !
ବାଟବଣା   ମହୁଲି ପ୍ରେମ ରେ
" ଝଡ " ତ   ନତିଦିନଆ
କେଉଁଠି ନା କେଉଁଠି
ଏ ଇ ତ   ମହୁଲି ର  ପରିବେଶ   ।

ସେମାନେ ତ ଆଭିଜାତ୍ୟ  ରେ
ଖେଳୁଛନ୍ତ  ଟେଷ୍ଟ ମ୍ୟାଚ
ସେମାନେ କେତେ ଶୃଙ୍ଖଳତ ,!
ହେଲେ  ମୁଁ ତ  ମହୁଲି
ଟି _twenty _twenty ମ୍ୟାଚ୍
ର   ଏକ  ଉପାଦାନ
ବର୍ଷାଇ ଦିଏ ରନ (run) ବରଷାରେ

ଭରିଯା ଏ ରାଜକୋଷ ।
ମୋରି ଅବା ଅଛି, କଛି ଦୋଷ ?

ହଁ ଏ ଇ ତା'ର ନତି ଦିନଆଁ
ତା ' ରି ମୁଁ ତ ହୃଦୟ ଭିତର
ସେ ତ ଖଟି ଖିଆ ଦାଦନ ଶ୍ରମିକ
କହୁଛି ତ." ଆସ " ହେ "ମହୁଲି"
ମୁଁ ତ କ୍ଳାନ୍ତ ଅବିଶ୍ରାନ୍ତ
ତୁମ ପ୍ରତି ଅଛି ମୋ ବିଶ୍ୱାସ
ମହୁଲି" ଗୋ ନାହିଁ ମନେ ଅବଶୋଷ
ଆସ ହେ ମହୁଲି ଆସ,,,,,,

ଘାସିରାମ ମାଝୀ ହାଇସ୍କୁଲ,
ନୂଆଗାଁ

# ପ୍ରଗୁରିତ ଦାୟିତ୍ୱ



ବିଜୟ କୁମାର ଜେନା

ବହୁତ ଦିନ ଆଗରୁ ସନାତନ ରହୁଥିଲେ ଏ ଟାଇପ କ୍ୱାର୍ଟରରେ। ଗୋଟିଏ ବେଡ ରୁମ୍ ବାଲା ଛୋଟ କ୍ୱାର୍ଟର ର କଲୋନୀ। ସେଠାରେ ନୂଆ ନୂଆ ଜଏନ କରିଥିବା ସନାତନଙ୍କ ସହ ଅଲଗା ଅଲଗା କମ୍ପାନୀ ଓ ସଂସ୍ଥାନରୁ ଆସିଥିବା କିଛି ମଧ୍ୟ ବୟସ୍କ କର୍ମଚାରୀ ରହୁଥିଲେ।

ସେତେବେଳେ ପଣ୍ଡାବାବୁ ଓ ସାମଲବାବୁ ଥିଲେ ସନାତନଙ୍କ ପଡ଼ୋଶୀ। ପଣ୍ଡାବାବୁଙ୍କର ଚାରିଟି ପିଲା ଥିଲେ, ଦୁଇ ପୁଅ ଓ ଦୁଇ ଝିଅ ଓ ସାମଲ ବାବୁଙ୍କର ଗୋଟିଏ ସନ୍ତାନ, ପୁଅଟିଏ। ଅନେକ ଦିନରୁ ସନାତନ ଉଭୟ ପରିବାରକୁ ଖୁବ ନିକଟରୁ ଦେଖୁଥାନ୍ତି।

ଯେହେତୁ ସାମଲବାବୁଙ୍କର ଗୋଟିଏ ମାତ୍ର ସନ୍ତାନ, ସେ ପିଲାଟିର ଯତ୍ନ ନେବାରେ କୌଣସି କାର୍ପଣ୍ୟ ପ୍ରକାଶ କରୁ ନଥିଲେ। ପିଲାଟିକୁ ଭଲ ଭାବରେ ଲାଳନ ପାଳନ କରି, ସେ ଅଞ୍ଚଳର ସବୁଠାରୁ ଉତ୍ତମ ସ୍କୁଲରେ ପଢ଼ିବା ବ୍ୟବସ୍ଥା କରିଥଲେ। ଏପଟେ ପଣ୍ଡାବାବୁ ଚାରିଟା ପିଲାଙ୍କୁ ସବୁ ପ୍ରକାରର ସୁବ୍ୟବସ୍ଥା ସୁଚାରୁରୂପେ ଯୋଗାଇବାରେ ଯେତିକି ବ୍ୟସ୍ତ ନଥିଲେ; ସାମାଜ ଆଗରେ ନିଜକୁ ସାମଲବାବୁଙ୍କ ଠାରୁ ଉପର ପାହ୍ୟାରେ ରଖିବା ଚେଷ୍ଟାରେ ଏବଂ ସାମଲ ବାବୁଙ୍କୁ ନକଲ କରିବାରେ ଖୁବ ଧୁରନ୍ଧର ଥିଲେ। ଅଧିକାଂଶ ସମୟରେ ଲୋକଙ୍କୁ ଦେଖେଇବା ପାଇଁ ସର୍ବ ସମ୍ମୁଖରେ ନିଜ କର୍ତ୍ତବ୍ୟବୋଧର ତାରିଫ ନିଜେ କରୁଥିଲେ। ଲୋକଙ୍କୁ କହି ହେଉଥିଲେ -"ମୋର ଚାରିଟା ପିଲା ବୋଲି, ମୁଁ କେବେ କୌଣସି କଥାରେ ପିଲାଙ୍କ ନ୍ୟାର୍ଯ୍ୟ ପ୍ରାପ୍ୟ ପ୍ରତି ଅଣଦେଖା କରିନାହିଁ। ଆମୁକ ବାବୁ ତାଙ୍କର ଗୋଟିଏ ପିଲା ପାଇଁ ଯେତିକି କରୁଛନ୍ତି, ମୁଁ ତାଙ୍କ ଠାରୁ ଚାରି ଗୁଣ ଅଧିକ କରୁଛି।"

ବେଳେବେଳେ ଏମିତି ହୁଏ - କଲୋନୀ ଭିତରକୁ ଆଇସକ୍ରିମ ବାଲା ଆସିଛି; ସାମଲବାବୁ ଷାଠିଏ ଟଙ୍କାରେ ତିନୋଟି କୋଡ଼ିଏ ଟଙ୍କିଆ ଆଇସକ୍ରିମ କିଣି ପୁଅକୁ ମିଶେଇ ସ୍ୱାମୀ ସ୍ତ୍ରୀ ତିନିହେଁ ଖାଇଲେ। ଏୟା ଦେଖି ପଣ୍ଡାବାବୁ ଛଅଟି ପାଞ୍ଚଟଙ୍କିଆ ଆଇସକ୍ରିମ କିଣି ଦିଅନ୍ତି। ସ୍ତ୍ରୀ ଓ ପିଲାମାନଙ୍କୁ ବାଣ୍ଟି ଦେଇ ନିଜେ ବି ଗୋଟେ ଖାଆନ୍ତି। ଏବଂ ସମସ୍ତେ ଶୁଣିଲା ପରି କୁହନ୍ତି, - "ସାମଲ ବାବୁ ତ ମାତ୍ର ତିନୋଟି ଆଇସକ୍ରିମ କିଣିଦେଲେ ଚଳିଯିବ। ଆମରତ ଛଅ'ରୁ କମ୍ ହେଲେ ହେବନାହିଁ।" ସବୁ କଥାରେ ପଣ୍ଡାବାବୁଙ୍କ ଫୁଟାଣି ଟିକେ ଅଧିକା।

ସାମଲବାବୁ ଯଦି ତାଙ୍କ ପୁଅ ପାଇଁ ଗୋଟିଏ ବେଲୁନ କିଣି ଆଣିଥିବେ, ପଣ୍ଡାବାବୁ ସେଇଦିନ ହିଁ ତାଙ୍କ ପିଲାଙ୍କ ପାଇଁ ଚାରିଟି ବେଲୁନ କିଣିବେ ହିଁ କିଣିବେ। ତାପରେ କଲୋନୀ ଭିତରେ ଲୋକଙ୍କୁ କୌଣସି ପ୍ରକାରେ ହେଉ ଜଣେଇ ଦେବେ ଯେ, ସେ ସାମଲବାବୁଙ୍କ ଠାରୁ ଅଧିକ ତିନୋଟି ବେଲୁନ କିଣିଛନ୍ତି। ଯଦିଓ ସାମଲବାବୁ କିଣିଥିବା ଗୋଟିଏ ବେଲୁନ ପଚିଶ ଟଙ୍କା ହେଇଥିବ ଓ ପଣ୍ଡାବାବୁ ଆଣିଥିବେ ପାଞ୍ଚ ଟଙ୍କିଆ ବେଲୁନ ରାସ୍ତା କଡ଼ର ବୁଲାବିକାଳୀ ଠାରୁ।

ସେଇ କଲୋନୀର ଅଧିକାଂଶ ଲୋକ ସୁଖବି (ସୁନାଯୋଡ଼ି ଖଣି ଓ ବିଶୋଧନ ପ୍ରକଳ୍ପ) ରେ କାମ କରନ୍ତି। ସମସ୍ତେ ଖୁବ ସାଧା ସିଧା ମଣିଷ। ସାମଲବାବୁ ତାଙ୍କ ପୁଅ ପାଇଁ କିଣୁଥିବା ଜିନିଷର ଗୁଣବତ୍ତା ବା କ୍ୱାଲିଟୀ ଓ ଦାମ୍ ପ୍ରତି କାହାରି ବିଶେଷ ନଜର ନଥାଏ। ବରଂ ପଣ୍ଡାବାବୁ କିଣୁଥିବା ଜିନିଷର ସଂଖ୍ୟା ବା କ୍ୱାଣ୍ଟିଟୀ ପ୍ରତି ସମସ୍ତଙ୍କ ଧ୍ୟାନ ଆକର୍ଷିତ ହେଉଥାଏ। କ୍ୱାଲିଟୀ ଓ କେଣ୍ଟିଟୀ ଭିତରୁ କେଉଁଟା ଅଧିକ ଜରୁରୀ, ସେତିକି ଅନୁଧ୍ୟାନ କରିବାକୁ କାହାରି ବିଶେଷ ଆଗ୍ରହ ନ ଥାଏ।

ପଣ୍ଡାବାବୁଙ୍କ ଅନେକ କଥା ଭିତରୁ ସନାତନଙ୍କୁ ଗୋଟିଏ କଥା ବିଶେଷ ଖରାପ ଲାଗୁଥାଏ ଯେ, - ପଣ୍ଡାବାବୁ ତାଙ୍କ ନିଜର ପିଲା ଚାରୋଟିଙ୍କ ପାଇଁ କେତେବେଳେ କଣ ଓ କି ପ୍ରକାରର ଖର୍ଚ୍ଚ କଲେ, ବଢ଼େଇ ଚଢ଼େଇ ଲୋକଙ୍କ ଆଗରେ ଏମିତି କହୁ ଥାଆନ୍ତି, ଯେମିତି କି ସେ ତାଙ୍କ ପିଲାଙ୍କ ପ୍ରତି କେବଳ ଦାୟିତ୍ୱ ନୁହେଁ, ଅନେକ କିଛି ଅଧିକ ଅନୁକମ୍ପା ଦେଖେଇଛନ୍ତି।

ହଇ ହୋ, ସବୁ ମାଆ ବାପାଙ୍କ କର୍ତ୍ତବ୍ୟ ହେଲା ଯେ, ତାଙ୍କ ପିଲାମାନଙ୍କ ସୁଖ ସୁବିଧା ପ୍ରତି ଧ୍ୟାନ ଦେବା। ଏଇ କଥାକୁ କଲୋନୀର ଲୋକମାନଙ୍କ ଆଗରେ ବଢ଼େଇ ଚଢ଼େଇ ଏମିତି ପ୍ରଦର୍ଶନ କରିବାରେ ମାନେ କଣ ?

ଆଜି ସନାତନ ଯେତେବେଳେ ଦେଖିଲେ ସୁନାଯୋଡ଼ିର ରାସ୍ତାଘାଟ ଓ ସୁଖବି'ର ଆଞ୍ଚଳିକ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ବଡ଼ ବଡ଼ ହୋର୍ଡିଂ ପୋଷ୍ଟର ଆଦି ଲଗାଯାଇ ସରକାରଙ୍କ ତରଫରୁ ପ୍ରଚାର କରାଯାଉଛି ଯେ, ଶହେ କୋଟି ଲୋକଙ୍କର ଟୀକା କାରଣ କରି ଏ ସରକାର ଦେଶରେ ଏକ ନୂଆ ଇତିହାସ ସୃଷ୍ଟି କରିଛି; ତାଙ୍କ ମନରେ ବିଗତ ଦିନର ପଣ୍ଡାବାବୁ ଓ ସାମଲ ବାବୁଙ୍କ କଥା ମନେ ପଡ଼ିଗଲା।

ଟିଭି ରେ ଅନେକ ନିୟୁଜ୍ ଚାନେଲ୍ ତରଫରୁ କୁହା ଯାଉଛି ଯେ, ଇଂଲଣ୍ଡ ଇଟାଲୀ ଜର୍ମାନୀ ଆମେରିକା ଆଦି ଦେଶ ମାନଙ୍କରେ ଏ ପର୍ଯ୍ୟନ୍ତ ଶହେକୋଟି ଲୋକଙ୍କ ଟୀକା କରଣ ହେଇ ପାରିନି ଯାହାକି ଏଠାରେ ସମ୍ଭବ ହେଲା। ଚୀନ ତ ଚାରି ମାସ ଆଗରୁ ତାଙ୍କ ଦେଶରେ ଶହେକୋଟି ରୁ ଅଧିକ ଲୋକଙ୍କୁ ଟୀକା ଦିଆଇ ସାରିଛି। ଏହା ଏମିତି କି କୀର୍ତ୍ତି ଯେ ଦେଶ ଏହାକୁ ଏକ ବିଶେଷ ଉତ୍ସବରେ ପରିଣତ କରିବା ଉଚିତ ହେବ !!

ଯେମିତି ପଣ୍ଡାବାବୁ ସେତେବେଳେ ତାଙ୍କ ଦାୟିତ୍ୱକୁ ପ୍ରଦର୍ଶିତ କରୁଥଲେ, ଏବେ ଦେଶର ସରକାର ତାଙ୍କ ଦାୟିତ୍ୱକୁ ପ୍ରଦର୍ଶିତ କରୁଛନ୍ତି !! ଜନସଂଖ୍ୟା ଦୃଷ୍ଟିରୁ ଦେଖିଲେ ଆମେରିକା ଇଟାଲୀ ଜର୍ମାନ ଇଂଲଣ୍ଡ ଇତ୍ୟାଦି ଦେଶ ଠାରୁ ଏ ଦେଶର ଜନସଂଖ୍ୟା ଖୁବ ଅଧିକ। ତେଣୁ ସେସବୁ ଦେଶ ଠାରୁ ଏ ଦେଶରେ ଟୀକା କରଣ ଯଥେଷ୍ଟ ଅଧିକ ହେବା ଟା ସ୍ୱାଭାବିକ। ବରଂ ଲୋକସଂଖ୍ୟା କମ୍ ହୋଇଥିବାରୁ ସେସବୁ ଦେଶରେ ସାମଲବାବୁଙ୍କ ପରି କ୍ୱାଲିଟୀ ପ୍ରତି ଅଧିକ ଧ୍ୟାନ ଦିଆଯାଇଛି ଓ ଏଠାରେ କେବଳ କ୍ୱାଣ୍ଟିଟୀ'କୁ ଫୋକସ୍ କରି ସଂଖ୍ୟା 'ଶହେକୋଟି'କୁ ପ୍ରଚାର ପ୍ରସାର କରାଯାଉଛି - ଠିକ ପଣ୍ଡାବାବୁଙ୍କ ପରି।

ଯଦି ଶହେକୋଟି ଟୀକା ଦିଆ ଯାଇଛି, ଏଥିରେ ବଡ଼ କଥା ବା କଣ ? ତୁମେ ଯଦି ଦେଶର ସରକାର, ଦେଶର ଲୋକଙ୍କୁ ଟୀକା ଦେବାର ଦାୟିତ୍ୱ ତ ତୁମର ହିଁ। ନା ଲୋକେ କେଉଁ ପଡ଼ୋଶୀ ସାମଲବାବୁ ଆସିବେ ତୁମ ଲୋକଙ୍କୁ ଟୀକା ଦେବାକୁ !!

ଦାମନଯୋଡି

# ଦୁର୍ଲଭ ମାନବ ଜନ୍ମ

ଅଲେଖ ମେହେର

ରାଗ_ଋଷିକୁଲ୍ୟା

## ପ୍ରଥମ ଅଧ୍ୟାୟ.....

ଶରଣ ପଶୁଛି ମହାମହିମ - ରହିଯାଉ ପ୍ରକୃତିର ନିୟମ
ସଂଗତେ ରହୁ ବଚନ ତୁମ୍ଭର - ବାନ୍ଧିବି ହସ୍ତ ପଦରେ ଜଞ୍ଜିର ସେ
ରାଜି ମୁଁ ସୀମିତ ସ୍ଥାନେ ଯେ
ଜୀବିତ କାଳରେ ଅନଅଧିକାର କରିବିନି ଆନ ସ୍ଥାନେ ଯେ ।୧୧।

ନୃପ ପରୀକ୍ଷିତ ସମ୍ମୁଖେ କଳି - ଶରଣ ପଶି କରଇ ଅର୍ଦ୍ଦଳି
କାଳର ନିର୍ଦ୍ଦେଶେ ଆସିଲି ମୁହିଁ -କୃପା କରି ସ୍ଥାନ ଦିଅ ବତାଇ ହେ
ଅଟେ ବିଧିର ବିଧାନ ଯେ
ସତ୍ୟ ତ୍ରେତୟା ଦ୍ୱାପର ଅନ୍ତେ ହୋଇଅଛି ମୋ ଆଗମନ ଯେ ।୧୨।

ପାଣ୍ଡବ ବଂଶୀୟ ପରୀକ୍ଷ ରାଜା - ଧର୍ମାତ୍ମା ନାମରେ ଉଡଇ ଧ୍ୱଜା
ଶରଣ ବତ୍ସଳ ସତ୍ୟର ମୂର୍ତ୍ତି - ତ୍ରିଭୁବନେ ବ୍ୟାପ୍ତ ଯଶ କରତି ସେ
କଳିକୁ କଲେ ସୁଦୟା ଯେ
ଚଉସ୍ଥାନ ଦେଲି ରହିବୁ ତହିଁରେ ବିସ୍ତାରିତ କରି କାୟା ଯେ ।୧୩।

ଯେ ସ୍ଥାନରେ ଜୁଆ ଖେଳଇ ନର - ସୁରାପାନ ସ୍ଥଳେ ଗଢ଼ କୁଟୀର
ଯେ ସ୍ଥାନେ ବିଟପ ବିଟପୀ ରତ - ହିଂସାର ସମୀପେ ହୁଅ ଆଗତ ହେ
ଆନେ  ନାହିଁ ତୋ ପ୍ରବେଶ ଯେ
ଅସତ୍ୟ ଓ ମଦ କାମ ନିର୍ଦ୍ଦୟତା ପାପର ଏଠାରେ ବାସ ଯେ ।୧୪।

ରାଜାଙ୍କ ଅଗ୍ରତେ ବିନୟ ହୋଇ - ପାପ ଅଧିପତି ଧିରେ ଭାଷଇ
ସ୍ୱଳ୍ପରେ ସୀମିତ ନହୁଏ ମନ - ଆଉ କିଛି କର ମୋତେ ପ୍ରଦାନ
ଆର୍ଯ୍ୟାବର୍ତ୍ତ ଚୂଡାମଣି ଯେ
ନକର ନିରାଶ ହେ ନୃପ ସୁମନା ନିଜ ବଚସ୍କର ଜାଣି ଯେ ।୧୫ ।

-:ଟୀକା:-
ସୁମନ - ଉତ୍ତମ ମନ
ବଚସ୍କର - ଭୃତ୍ୟ, ଦାସ

ମଧୁବାଣୀ ଶ୍ରବଣେ ମହୀପତି - ବିକଟ କଳିକୁ ଦେଲେ ସମ୍ମତି
ଧନରେ ସଦା ରଜୋଗୁଣ ବାସ - ତେଣୁ ସ୍ୱର୍ଣ୍ଣ ଦେହେ କର ପ୍ରବେଶ ହେ
ଭାଷିଲେ ନୃପ ପ୍ରବର ଯେ
ଉନ୍ମତ୍ତ ବୃଦିନ ସନ୍ତୋଷ ଚିତ୍ତରେ ସ୍ୱସ୍ଥାନକୁ ଅଗ୍ରସର ଯେ ।୧୬ ।

ପରୀକ୍ଷ ମସ୍ତକେ ସ୍ୱର୍ଣ୍ଣ ମୁକୁଟ - ପ୍ରବେଶିଲା କଳି ହୋଇ ଉଚ୍ଚାଟ
ଟହଟହ ହସି ବିସ୍ତାରି କାୟା - ଆରମ୍ଭିଲା ତହିଁ ଅଧର୍ମ ମାୟା ସେ
ଅଜ୍ଞଥିଲେ ମହୀପାଳ ଯେ
ବଳାହକେ ଭ୍ରମି କ୍ଲାନ୍ତ ଅବଶରେ ତୃଷାରେ ରାଜା ଆକୁଳ ଯେ ।୧୭ ।

ଭୂଧରରେ ଭ୍ରମି କ୍ଷୁଧା ତୃଷାରେ - ଅବଶ ରାଜନ ପୟ ଆଶାରେ
ଶମୀକଙ୍କର ଆଶ୍ରମେ ପ୍ରବେଶି - ଭାଷିଲେ ବ୍ୟାକୁଳେ ନିକଟେ ଆସି ସେ
ଦିଅ ନୀର କରି ଦୟା ଯେ
ସେକାଳେ ଶମୀକ ଯୋଗଧ୍ୟାନେ ଥିଲେ ପ୍ରଭୁଙ୍କୁ ସମର୍ପି କାୟା ଯେ ।୧୮ ।

ବାରବାର ଡାକ ହେଲେ ନୟାନ୍ତ - କଳ ଶିରେ ଥାଇ କରିଲ୍ ଭ୍ରାନ୍ତ
ଘୃବନା ଉଦ୍ରେକ ହେଲ୍ ମନରେ - ପାଖଣ୍ଡି ତପସ୍ୱୀ ଶୁଣେନା ଥରେ ସେ
ଯୋଗ୍ୟ ମୃତ୍ୟୁ ଦଣ୍ଡ ପାଇଁ ଯେ
ଏମନ୍ତ ବିଗ୍ଘରି ଖଡ୍ଗ ଉତ୍ତୋଳନ୍ତେ କଳ ଉଛରେ ହସଇ ଯେ ।୧୯।

ପାପ ଅଧିପତି ଭ୍ରମିତ କରି - ରଜାଙ୍କ ହୃଦୟେ ଅନର୍ଥ ଭରି
ମଣିଥିଲ୍ ଦେବ ଅନର୍ଥ କରି - ସତ୍ୟ ନଷ୍ଠାର ଜାଗ୍ରତ ପ୍ରହରୀ ସେ
ବାରଣ କଲ୍ ବିବେକ ଯେ
ପ୍ରାଣ ହରିବାର ନୁହଁଇ ଉଚତ ଦେଖି କଳ ହତବାକ ଯେ ।୨୦।

-:ଟୀକା:-
ବଳାହକେ - ପର୍ବତରେ
ଭୂଧର - ପର୍ବତ
ପାଖଣ୍ଡି - ଦେଶଜ ଶବ୍ଦ - ନଷ୍ଠୁର (ଭଞ୍ଜ ସାହିତ୍ୟ)

ବରପଦର, ଗୋବିନ୍ଦପୁର, ବରଗଡ

# ଗାନ୍ଧୀଙ୍କୁ ପତ୍ର

ଟଙ୍କଧର ସାହୁ

ପୂଜ୍ୟ ବାପୁ,

ଆପଣଙ୍କର ସ୍ୱର୍ଗୀୟ ଅମର ଆତ୍ମାକୁ ମୋର ଭକ୍ତିପୂତ ଭୂମିଷ୍ଠ ପ୍ରଣାମ । ଉତ୍କଳ ଭୂମିରୁ ଆପଣଙ୍କର ଆଦର୍ଶର ଏ ଅକଞ୍ଚନ ଅନୁଗାମୀ ଆପଣଙ୍କ ନିକଟକୁ ପତ୍ରଲେଖି ନିଜର ଭବବେଗକୁ ଜତପତ୍ରେନସ୍ତି ପ୍ରଶମିତ କରିବାକୁ ଅସଫଳ ପ୍ରୟାସ କରୁଛି। ହେ ମହାନୁଭବ ବାପୁ, ଆପଣଙ୍କ ଅବର୍ତମାନରେ ଆଜି ସମଗ୍ର ଭାରତବର୍ଷରେ ଦୁର୍ନୀତିର ଦାନବ କାୟା ବିସ୍ତାର କରି ମାନବାବଦକୁ ଧ୍ୱଂସ କରିବାକୁ ଅବିରତ ଚେଷ୍ଟାକରି ଗ୍ଲିଛି । ଆପଣଙ୍କର ଆଦର୍ଶ କେବଳ ପୁସ୍ତକ ମଧ୍ୟରେ ହିଁ ସୀମାବଦ୍ଧ ହୋଇ ରହିଛି । ଅହିଂସା ଆଜି ବିପଥଗାମୀ। ଜିବେଦୟା ନୀତିର ପ୍ରାସଙ୍ଗିକତା ଆଜି ନାହିଁ। ଆଜି ମଣିଷ ମଣିଷର ରକ୍ତରେ ହୋରି ଖେଳୁଛି। ଆପଣଙ୍କର ସ୍ୱପ୍ନର ରାମରାଜ୍ୟ ଆଜି ଦାନବ ରାଜ୍ୟରେ ପରିଣତ ହୋଇଛି। ହିଂସା ପ୍ରମତ ମଣିଷ ମଧ୍ୟରେ ଦେବତ୍ୱର ବିଲୟ ଘଟିଛି। ମଣିଷ ମଣିଷକୁ ହତ୍ୟାକରି ଯେଉଁ ପାଶବିକ ଆନନ୍ଦ ପାଉଛି ତାହା ଦେଖି ଆପଣ ହତବାକ୍ ହୋଇଯିବେ। ଆପଣଙ୍କ କଳ୍ପିତ ରାମରାଜ୍ୟ ଆଜି ଭୂଲୁଣ୍ଠିତ। କଳୁଷିତ ରାଜନୀତିର ପାସାପଲରେ ଆଜି ରାମରାଜ୍ୟକୁ ବାଜି ଲଗାଯାଉଛି। ରାଜନେତାମାନଙ୍କ କଥା ନ କହିବା ଭଲ। ରାଜନୀତିରେ ପରିବାରବାଦର ଅଭ୍ୟୁଦୟ ଘଟି ଏ ସୁନାର ଭାରତବର୍ଷକୁ ଖଣ୍ଡବିଖଣ୍ଡିତ କରିବାକୁ ଚେଷ୍ଟା ଗ୍ଲିଛି। ଆପଣଙ୍କର ସ୍ୱପ୍ନର ଭାରତ ଆଉ ନାହିଁ। ଆଜି କ୍ଷମତା ଲୋଭରେ ରାଜନୀତି ଦଳ ଗୁଡିକ ନିଜ କର୍ତ୍ତବ୍ୟ ରୁ ବିମୁଖ। ହେ ଈଶ୍ୱରପୁତ୍ର ବାପୁ, ଆପଣ ପୁନର୍ବାର ଆମର ଏହି ପବିତ୍ର ଭାରତବର୍ଷରେ ଅବତରଣ କରି ଦୁର୍ନୀତି ଓ ହିଂସାର ହଳାହଳ ବିଷକୁ ନୀଳକଣ୍ଠ ପରି ପାନକରି ସର୍ବତ୍ର ପ୍ରେମ ଓ ଅହିଂସାର ଗଙ୍ଗା ପ୍ରବାହିତ କରିବାକୁ ଅନୁରୋଧ।

ଜୱାହରଲାଲ ଡିଗ୍ରୀ କଲେଜ,
ପାଟଣାଗଡ +୩ ଦ୍ୱିତୀୟ ବର୍ଷ ଛାତ୍ର

# ଦମ୍ଭ



ସ୍ୱର୍ଣ୍ଣପ୍ରଭା ଖଟୁଆ

କେତେଦିନ ଏ ଦମ୍ଭ ବାନ୍ଧି ମଣିଷ ଆଗକୁ ଚାଲିବଯେ । ପେଟର ଦାନ ମୁଠାଏ ଅଣ୍ଟାକୁ ବଳ ଯୋଗାଏ । ଗତକାଲି ଦିପହରରୁ ଅନବରତ ମେଘ ଝରିଚାଲିଛି । ତା ସହିତ ଏ ଝରଝରିଆ ପୋକମାନେ ଦାଉସାଜି ଚାଲିଛନ୍ତି ।ପଅରି ଦିନର ବାସି ପଖାଳ ଦିମୁଠାକୁ ବାଣ୍ଟି ଖାଇଛନ୍ତି ବାପ ପୁଅ । ମଲ୍ଲୀ ମାଉସୀ କାଲିଠାରୁ ଉପାସେ । ମୁଣ୍ଡରେ ପଲିଥିନଟିଏ ଦେଇ ଜୁଡୁବୁଡୁ ଓଦା ଲୁଗାରେ ସେ ଆସିଥିଲା ପଡିଶା ଘରକୁ ।ବୟସ ପଞ୍ଚାବନକି ଷାଠିଏର ନିକଟତର ।ତା ଚମ୍ପାରଙ୍ଗର ଦେହଟା ଝାସ୍ସା ମଳିନ ପଡିଯାଇଛି ।ଭାଷାଗୁଡାକ ଯେମିତ ହଜିଚାଲିଛନ୍ତି ତା ପେଟର ଦାଉରେ ।

କଣ ସେ ମାଗିବ ପଡିଶାଘରେ । କାଠ ବିନା ଚୁଲି ଆଉ ଚୁଲି ବିନା ଚାଉଳ ମୂଲ୍ୟହୀନ । ଆଉ ରହିଲା ଲୁଣ ଚିମୁଟେ ବିନା ତରକାରୀ ନୁହେଁ ବରଂ ଜୀବନ ହିଁ ଅଲଣା । ଏ ସବୁ ଚିନ୍ତା ତାକୁ ଭାରାକ୍ରାନ୍ତ କରୁଥାଏ । କିନ୍ତୁ ତାର ବିଶ୍ୱାସ ଅଛି ତାକୁ ଯାହାବି କିଛି ହେଲେ ମିଳିବ । କାରଣ ସକାଳ ଓଳି ପଡିଶାଘର ବାସନମାଜି ସେ ଏଠୁ ଦି ପଇସା ପାଇଥାଏ । ଆଜି କିନ୍ତୁ ତାକୁ ପଇସା ନୁହେଁ ଦାନା ଦିମୁଠା ଦରକାର ।

ମୁହଁର ଲାଜକୁ ଦୂରକୁ ଫୋପାଡି ଦେଇ ସେ ଛଳଛଳ ଆଖିରେ ମନରେ ଦମ୍ଭ ରଖି କହିଲା ମା ମୋତେ ଆଜି କାମ ବଦଳରେ ପଇସା ନୁହେଁ କିଛି ରନ୍ଧା ଖାଦ୍ୟ ଦରକାର । କାଲିଠାରୁ ଆମେ ପରିବାର ଓପାସେ । ଚାଲିବାକୁବି ବଳ ପାଉନି । ଏଇ କରୋନା ଜରଟା ଆସିବା ଦିନରୁ ମୋ ଗେରସ୍ତ ଘରେ ବସିଛି । ଏଇଠୁ ଯାହା କିଛି ନିଏ ଯାକିଯୁକି ହୋଇ ଚଳିଯାଉ । ଏ ନିଆଁ ନଗା ମେଘଟା ଦାଉ ସାଜିଛି ଦୋକାନ ତିଜର ଦରଦାମ ବଢିଚାଲିଛି । ଚାଉଳ କିଲ କୋଡିଏକୁ ଆଳୁ କିଲ ଅଠେଇସି । ତୁମେତ ଜାଣ ମା କିଲେ ଚଉଳ ଜାଗରେ ଅଢେଇଶ ରାନ୍ଧି ଆମେ ଚଳିଯାଉ ।

ମାଲିକିଆଣି ମା କହିଲେ ନିଶ୍ଚୟ ଦେବି କିନ୍ତୁ ତୋତେ ଟିକେ ଆଜି ଅଧିକ କାମ କରିବାକୁ ପଡିବ । ତୋ ମାଲିକଙ୍କୁ ଦୁଇଦିନ ହେବ ଖୁବ୍ ଜୋରରେ ଜର ଡାକ୍ତରୀ ଚିକିତ୍ସା ଚାଲିଛି । ବୟସ ଟିକେ ଅଧିକ ହୋଇଥିବାରୁ ଜର ଛାଡୁନି ବୋଲି ଡାକ୍ତର କହୁଛନ୍ତି । କିନ୍ତୁ ଏହା କରୋନା ନୁହେଁମ । ସେ ବ୍ୟବହାର କରୁଥବା ପୋଷାକ ଗୁଡାକୁ ଟିକେ ସଫା କରିବାକୁ ପଡିବ ।

ମଲ୍ଲୀମାଉସୀ ଜୀବନରେ କେବେ କାମକୁ ଡରିନି ବରଂ କାମ ତାକୁ ଡରେ । ସେ ଖୁସି ହୋଇ ସବୁ କପାଡାକୁ ଧୋଇ ସଫାକରିଦେଲା ଘଣ୍ଟାଏ ଭିତରେ । ମାଲିକଙ୍କ ଘରୁ ଦୁଇ ଟିପିନ ରନ୍ଧା ଖାଦ୍ୟଧରି ଘରକୁ ଫେରିଲା । ସତେଯେପରି ସେ ସ୍ୱର୍ଗ ସୁଖ ପାଇଛି । ଦିନକେଇଟା ପରେ ମଲ୍ଲୀମାଉସୀ ଭିଷଣ ଜରରେ ପୀଡିତ । ଡାକ୍ତର ଚିକିତ୍ସା ପରେ.........ମାଉସୀ ...... ପଜିଟିଭ ....... ।

ସାହାସପୁର (ତୁରଙ୍ଗ), ଯାଜପୁର

# ମନର ଭ୍ରମ



ସରୋଜ କୁମାର ସାହୁ

କ୍ଷଣିକଣି କଥା କହି ମୁଁ ପାରେନା
ତଥାପି ମନରେ ଲଗାଏ ଦାଗ
ନଇତି ଆଖିର ପଲକେ ଭସଇ
ଛୁଇଁଗଲା ମୋତେ ଏ କ ରୋଗ ।
ଓଠତଳେ ଖେଳେ ଲୁଗୁଛପା ହସ
ଗୁଲିଯାଏ ପାଦ ଦୂରରୁ ଦେଖି
ସବୁ ତ ଦିଶଇ ତମେତମେ ବୋଲି
ଆସୁଅଛ ବୋଧେ ଅଳତା ମାଖି ।
ଚହାଁଜଣା ପରି ଲାଗ ମୋତେ ଭରି
ପଗୁରି ପାରେନା ଠିକଣା ନାମ
କାହାକୁ କହିବି ସପନର କଥା
ସତ ଅବା ଇଏ ମନର ଭ୍ରମ।

ଆଠଗଡ, କଟକ

# ଏ କେମିତି ଲୁହ



ରାଧାରାଣୀ ରାଉଳ

ଗୀତଟିଏ ଗାଇଦେଲେ ସରିଯାଏ
ଲୁହ କେବେ ସରେ ନାହିଁ
ଜୀବନରେ କାହାରେ ସେ ତ ସଭିଙ୍କର
ମନରେ ଥାଏ ଲୋତକ ହୋଇ
କଏ ବା ପାରିବ ତାକୁ ଦୂରେଇ
ସେ ଖାଲି ଲୁହ ନୁହେଁ
ସେ ହୃଦୟର ଅତରା କାନ୍ଥ
ଭାଙ୍ଗି ଯାଇଥିଲେ କଏ ବା ଗଢିବ
ଜୀବନରେ ଯଦି ଦୁଃଖ ଆସିବ
ଲୁହ ଖାଲି ଝରିବ
କଏ ବା ପାରିବ ତାକୁ ଆଡେଇ
କଏ ବା ପାରିବ ତାକୁ ଦୂରେଇ
ଏଇତ ଜୀବନର ଖେଳ
ଜୀବନ ଖେଳରେ କଏ ଜିତିଯାଏ
କଏ ପୁଣି ଯାଏ ହାରି ॥

# ଅଫେର୍ ବାଟର ଅଲୋଡ଼ା ସାଥି



ଶିବବ୍ରହ୍ମ ଦଲେଇ

ସନ୍ଧ୍ୟା ସମୟ ଝିପିଝିପି ବର୍ଷା ସାଙ୍ଗକୁ ସୁଲୁସୁଲିଆ ପବନ । ସମୟ ବେଶୀ ନୁହେଁ ୭ରୁ ୭:୩୦ ହେବ । ଆକାଶ ଗୋଟେ ଚାଳଘର ପାଖରେ ଗାଡ଼ି ରଖି କିଛି ଜରୁରୀ କାଗଜପତ୍ର ପକେଟରୁ ବାହାର କରି ବ୍ୟାଗ ରେ ଭର୍ତ୍ତି କରୁଥାଏ । ବର୍ଷା ଆଉ ପବନର ବେଗ ବଢ଼ିବା ଦେଖି ଆକାଶ ସେହି ଚାଳ ଘର ବାରଣ୍ଡା କୁ  ଚଢ଼ିଗଲା । ଆକାଶ ର ବୟସ ୨୫ ରୁ ୨୭ ହେବ, ପାଖାପାଖି ୬ ଫୁଟ ଉଚ୍ଚତା, ଗୌର ବର୍ଣ୍ଣ ସାଙ୍ଗକୁ ମୋତି ପରି ଚମକୁଥାଏ ମୁଖମଣ୍ଡଳ । ଆକାଶ କଟକ ସହରରେ ଛୋଟରୁ ବଡ଼ ହେଇଛି । ବେଶଭୁଷା ସହରି ହେଲେ ବି ମନରେ ବଣ ପାହାଡ଼ ପ୍ରତି ଦୁର୍ବଳତା ଭରି ରହିଥାଏ । ସେଇଥିପାଇଁ ବୋଧେ ନିୟତି କନ୍ଧମାଳ ଜିଲ୍ଲା ନୀଛିନ୍ନ ଅଂଚଳରେ ଗ୍ରାମ୍ୟ ବ୍ୟାଙ୍କ ମ୍ୟାନେଜର ରୂପେ ପୋଷ୍ଟିଂଗ କରାଇଲେ ।

ଆକାଶ ଗାଡ଼ି ଷ୍ଟାଟ କରି ଯିବାକୁ ବାହାରେ ତ ଉପରକୁ ଚାହିଁ ଦେଖିଲା ଘୋଟି ଆସୁଛି କଳା ହାଣ୍ଡିଆ ମେଘ । ପୁଣି ଆକାଶ  ସେହି ଚାଳଘର କୁ ଫେରିଗଲା । ଅଳ୍ପ କେଇ ମିନିଟ ରେ ବର୍ଷି ଚାଲିଲା ତୁହାକୁ ତୁହା ମୁଣ୍ଡଫଟା ବର୍ଷା ।

ଏତିକି ବେଳେ ଗୋଟେ ଝିଅ ସେହି ଚାଳଘରେ ଆଶ୍ରୟ ନେବାକୁ ପହଂଚିଲା। ନୀଳ ହରିଣୀ ପରି ଆଖି, ଗୋଲାପ ପାଖୁଡା ପରି ଓଠ, ବୟସ ୧୭ ରୁ ୧୮ ହେବ । କାଗଜ ପରି ଧୋବ ଫରଫର ରଙ୍ଗ ସାଙ୍ଗକୁ ଦେହରେ ପିନ୍ଧା ପତଳା କପଡା ଖଣ୍ଡିକ ସମ୍ପୂର୍ଣ୍ଣ ଓଦା ହେଇ ତା ଦେହର ଭୂଗୋଳ ସବୁକୁ ପଦାକୁ ଓଟାରି ଆଣୁଥିଲା । ପୁଣି ସାଗର ର ତରଙ୍ଗାଇତ ଢେଉ ପରି ବକ୍ଷଦ୍ୱୟ ତା ଯୌବନ କୁ ଆହୁରି ଆକର୍ଷଣ କରୁଥିଲା । ୭ ରୁ ୭୦ ବର୍ଷୀୟ ପୁରୁଷ ଯଦି କେହି ତା ଯୌବନ କୁ ପରଖେ ତେବେ ଇଚ୍ଛା ହେବ ତା ଯୌବନ ସାଗରରେ କିଛି ସମୟ ପାପ ଧୋଇବାକୁ  ।

ଦୁହେଁ କିଛି ସମୟ ଚାଳିଆ ଘରେ ଠିଆ ହେଲା ପରେ ଆକାଶ ପଚାରିଲା "ତୁମ ନାଁ କଣ? ଆଉ ତୁମ ଘର ? ଅସହାୟ ଯୁବତୀ ଜଣଙ୍କ କିଛି ନ କହି ତଳକୁ ମୁଁହ ପୋତି ଠିଆ ହେଇଥାଏ ।ସେହି ସମୟରେ ଆକାଶରେ ବିଜୁଳି ସହ ଘଡଘଡି ଟେ ଖେଳିଗଲା । ଭୟରେ ସେ ଯୁବତୀ ଜଣଙ୍କ ଟିକିଏ ଆକାଶ ଆଡ଼କୁ ପାଖେଇ ଆସିଲା । ନଦୀରେ କୁମ୍ଭୀର ସାମ୍ନାରେ ନିଆଁ କଣ କରିବ ସେ । ତଥାପି ମନରେ ତୁହାଏ ସାହସ ବାନ୍ଧି କହିଲା ମୋ ନାଆଁ ନିଳିମା । ଆରପାଖ ଗାଁ ରେ ମୋ ଘର । ଘରେ ରୋଗୀଣା ମାଆ । ତା ପାଇଁ ଔଷଧ ଆଣିବାକୁ ଡାକ୍ତରଖାନା ଯାଇଥିଲି । ତାହାର ବ୍ୟସ୍ତତା ଓ ଡରୁଆ ମନୋଭାବ ଦେଖି ଆକାଶ କହିଲା ବ୍ୟସ୍ତ ହୁଏନାହିଁ କି ଡରିଯାଅ ନାହିଁ ବର୍ଷା ଛାଡିଲେ ଘରକୁ ଚାଲିଯିବ । ଏ ଘଞ୍ଚ ଜଙ୍ଗଲ ଭିତରେ ଅସଜଡ଼ା ଚାଳଘର ଖଣ୍ଡିଏ ଅଛି ବୋଲି ଆମ୍ଭେମାନେ ଉପକାର ପାଇପାରୁଛେ । ମୋତେ ଡରିବାର କିଛି ନାହିଁ ଏହି ଅଜଣା ବାଟର ସାଥିଟିଏ ଭାବିପାର କହି ସ୍ମିତହାସ୍ୟ ଟିଏ ଦେଲା ଆକାଶ ।

ଏମିତି ରେ ବର୍ଷାର ବେଗ ସାଙ୍ଗକୁ ରାତ୍ରି ର ନିର୍ଜନତା ବଢ଼ି ଚାଲିଥାଏ। ହଠାତ ଗୋଟେ ପ୍ରେତାତ୍ମା ର ଭୟାନକ ଚିତ୍କାର ଶୁଭିଲା । ସେହି ଚିତ୍କାର ଏତେ ଭୟାନକ ଥିଲା ଯେ ତା ଆଗରେ ଏ ମୁଣ୍ଡଫଟା ବର୍ଷା ଘଡଘଡି ଶବ୍ଦ ଫିକା ପଡିଯାଇଥିଲା ।

ନିଳିମା ଡରିଯାଇ ଦୁଇ ବାହୁରେ  ଆକାଶକୁ ଜାବୁଡ଼ି ଧରିଲା । ହେଲେ ଆକାଶ "ଯୌବନ ରେ ନାରୀର ପ୍ରଥମ ଛୁଆଁ କୁ ବଡ଼ କଷ୍ଟରେ କାବୁ କରୁଥାଏ"। ନିଆଁ ର ସ୍ପର୍ଶ ରେ ଘିଅ ତରଳି ଗଲା ପରି ଆକାଶ ର ଯୌବନ ତରଳି ଆସୁଥାଏ । ହଠାତ ବର୍ଷା ଆକାଶରେ ଭୟାନକ ବିଜୁଳି ସହ ଘଡଘଡି ଟେ ଖେଳିଗଲା । ଏବେ ଦୁହେଁ ଦୁହିଁଙ୍କୁ  ଜାବୁଡି ଧରିଲେ। ସତେ ଯେମିତି ଆକାଶ ଛାତିରେ ନିଳିମା ଲେପିହେଇ ଯାଇଥିଲା । ଦୁହେଁ ଏକାକାର ହେଇ ପାରିଜାତ ଫୁଲ ଗୁନ୍ଥିବାରେ ଲାଗିପଡିଲେ ।

ହଠାତ ଘର ଭିତରୁ ଲଣ୍ଠନ ଟେ ଧରି ବୁଢ଼ୀ ଲୋକଟି ବାହାର କୁ ଆସି କହିଲା "ତମେ ମାନେ କିଏ? କେଉଁଠି କୁ ଯିବ? "ଆରେ ପିଲେ  ରାତି ଅନେକ ହେଲାଣି, ଘର ଭିତରକୁ ଆସ ବର୍ଷା ଥମିଗଲେ ପଛେ ଚାଲିଯିବ । ଆକାଶ ଆଉ ନିଳିମା ଦୁହେଁ ଚିନ୍ତା କଲେ ଏ ଭଙ୍ଗା ଘରେ ପୁଣି ବୟସ ର ସୂର୍ଯ୍ୟାସ୍ତ ରେ ଏକଲା ଏ ବୁଢ଼ୀ କଣ..........?

ମନରେ ଦଲକାଏ ସାହାସ ବାନ୍ଧି ଦୁହେଁ ଘର ଭିତରକୁ ଗଲେ । ବର୍ଷାରେ ଝିଅଟି ଭିଜିଯାଇଥିବାର ଦେଖି ବୁଢ୍ୀ ଦୁଇଟି ମାଟି ପାତ୍ରରେ ଦୁହିଁଙ୍କୁ ଗରମ କ୍ଷୀର ପିଇବାକୁ ଦେଲା। ଆକାଶ ଗରମ କ୍ଷୀର କୁ ଫୁଙ୍କି ଫୁଙ୍କି ପିଇଲା ବେଳେ ତାହାର ନଜର ନିଳିମା ଠୁ କେଉଁଆଡ଼େ ହଟୁନଥିଲା । ମନେ ମନେ ଭାବୁଥାଏ କାହିଁକି କେଜାଣି ଆମ ଦୁହିଁଙ୍କ ମଝିରେ ଏ ଅଲୋଡ଼ା (ବୁଢ୍ୀକୁ) ସାଥିଟେ ପଶିଗଲା । ନିଳିମା ବି ତଳକୁ ଚାହିଁ ମୁରୁକି ମୁରୁକି ହସୁଥାଏ । ମୁଁ ଗୁହାଳ ଘରୁ ଆସୁଛି କହି ବୁଢ୍ୀ (ଲଣ୍ଠନ ନେଇ) ଘରର ଆରପଟକୁ ଚାଲିଗଲା ।ଅନ୍ଧାର ହେତୁ ଆକାଶ ଆଉ ନିଳିମା ନିଜ ଭିତରର ଦୂରତା କୁ ନିକଟତର କଲେ ।

ହଠାତ ଖୁବ ଜୋରରେ କବାଟକୁ ଧକ୍କା ଦେଇ ଘର ଭିତରକୁ ଆସିଲା ବୁଢ୍ୀ । ମୁକୁଳା କେଶ, ଲାଲ ଆଖି, ରକ୍ତ ପିପାସୁ ଦାନ୍ତ ସହ ମୁନିଆଁ ମୁନିଆଁ ନଖ । ଲମ୍ଫ ମାରିଲା ଦୁହିଁଙ୍କ ଉପରକୁ । କିଛି ବୁଝିବା ଆଗରୁ ପ୍ରେମ ଚଢେଇ ଦୁହିଁଙ୍କର ଜୀବନ ଦୀପ ଲିଭିଗଲା ଓ ଦୁହେଁ ଦୁହିଁଙ୍କ ଅଫେରା ବାଟର ସାଥୀ ପାଲଟିଗଲେ ।

ଲେଖନପୁର, ସାଲେପୁର

# ସୈନ୍ୟ ବୀର



ଜ୍ୟୋତି ପଧାନ

କାହିଁ ଅଛି ଭାଷାର ଗାମ୍ଭୀର୍ଯ୍ୟ
ପରାର୍ଦ୍ଧ ଶବ୍ଦର ପ୍ରାଚୁର୍ଯ୍ୟ
ସବୁତ ଲାଗେ ଫିକା ଫିକା
ନାହିଁ ମୋର ଜ୍ଞାନ
ରଚିବାକୁ ତାଙ୍କ
କର୍ମ ତତ୍ପରତାର ମହାନତା ।।

ଆକାଶଠୁ ଉଚ୍ଚ
ସିନ୍ଧୁଠୁ ଗଭୀର
କୀର୍ତ୍ତୀର ନାହିଁ ପରିସର
ସାମର୍ଥ୍ୟ ଲୋଡୁଛି
ବର୍ଣ୍ଣିବାକୁ ସେହି
ସୈନ୍ୟ ବୀରଙ୍କର ପରିଚୟ ।।

ତାଙ୍କ ସମତୁଲ୍ୟ ନାହିଁ
ଏବ୍ରହ୍ମାଣ୍ଡ ବକ୍ଷେ
ସ୍ୱସ୍ୱାର୍ଥ ବିନା
ଖେଳାଏ ଭାରତେ
ଅସୀମ ଖୁସିର ମକରନ୍ଦ ।।

ସାହସୀ ବୀର ସେ
ସୂର୍ଯ୍ୟଠୁ ପ୍ରବଳ
ତେଜୋଦୀପ୍ତମାନ ।
ଧନ୍ୟ ସହ୍ୟପଣ
କ୍ଲେଶ ଆପଣେଇ
ଦେଶ ରକ୍ଷା ଲକ୍ଷ୍ୟ
ସ୍ମିତ ହସେ କରେ
ପ୍ରାଣ ବିସର୍ଜନ ।।

କେଉଁଟିପାଲି, ବିଜେପୁର
ବରଗଡ
୭୭୫୧୦୪୬୮୭୭

# ଚର୍ ପୋଷାକ



ଦୁଷ୍ମନ୍ତ ବେହେର୍

ସହର ଠାରୁ ବହୁ ଦୂର ମଫସଲ ଗାଁ ଟିଏ । ଜୁନା ମହୁପର, ସେ ଗାଁରେ ବାସ କରନ୍ତି ସେଫାଳି ଙ୍କ ପରିବାର । ସେଫାଳି କୁ ଏଗାର ବର୍ଷ ବୟସ ହୋଇଥିଏ ତା'ର ସାନ ଭାଇ ବୁନୁ କୁ ପାଞ୍ଚ ବର୍ଷ ହୋଇଥାଏ । ସେହି ବର୍ଷ ବାପା ମା"ଆ ରୋଗ ରେ ପୀଡିତ ହୋଇ ସବୁଦିନ ପାଇଁ ଚାଲିଗଲେ ।

ଦୁଃଖ ଯେମିତି ମୁଣ୍ଡ ଉପରେ ପାହାଡ ପରି ଛିଡା ହୋଇଛି । ଚାଳ ଛପର ମାଟି ଘର ଟି ଚାହାଣିର ଅଙ୍କା ବଙ୍କା ସ୍ମୃତି ଗୁଡିକ ମନେ ପକାଇ ଦଉଛି । ଦଦରା ଦୁଃଖ ର ମଲାଟ ଛପା ପୃଷ୍ଠା କେମିତି ଚିରି ପାରିବ । ଜାଉଁଳି କବାଟ ଘର ପିଣ୍ଡା କହି ଦେଉଥିଲା ଦୁଃଖ ରେ ସାମ୍ନା କରୁଥିବା ମଣିଷ ଦିନେ ନିଶ୍ଚିୟ ଜିତିବ ।

ଏଣେ ଗାଁ ଲୋକ କହୁଥିଲେ ସେଫାଳି ତୁ ଅଲକ୍ଷଣୀ ଦରଭଙ୍ଗା ଜୀବନ ଏଇ ନିଜର ଦୁଃଖ ସରୁ କି ନସରୁ ଛୋଟ ଭାଇ ବୁନୁର ଦୁଃଖ ବୁଝିବୁ ।

ଦାଣ୍ଡ ପିଣ୍ଡା ର ଚାଳ ଖୁଣ୍ଟ କୁ ଆଉଜି ଦୁଃଖ ଭରା ମନଟା ଭାବୁଥିଲା ସତରେ ମୁଁ କ'ଣ ଅଲକ୍ଷଣୀ । ଅଖି ଦୁଇଟିରୁ ଛଳ ଛଳ ଲୁହ ଧାର ମୁହଁ ରେ ବିନ୍ଦୁ ବିନ୍ଦୁ ର ଅକାନ୍ତ ଗଭିର ଢେଉ ପରି ଭାସୁଥିଲା । ପୁଣି ଭାବିଲା ନିଆଁ ଲଗା ମନ ଟା କ'ଣ ଶାନ୍ତି ରେ ବସି ବାକୁ ଦଉଛି । ଆରେ ଏଣେ ବୁନୁ ର ଭବିଷ୍ୟତ ଶୀତଳ ଛାୟା ମୁରୁଜ ପରି ହସି ବିଛେଇ ହୋଇ ଭାସି ଯାଉଛି । କିନ୍ତୁ ବୁନୁ ସେ ଚୋଛୋଟ ପିଲା ତା'ର ଭବିଷ୍ୟତ ମୋତେ ଦେଖିବାକୁ ପଡିବ । ଭାବୁଭାବୁ ଆମ ଘରେ ତ ସିଲେଇ ମେସିନ୍ ଅଛି ବାପା ସିଲେଇ କରନ୍ତି, ମୁଁ ତାଙ୍କ ସହିତ ସିଲେଇ ଟିକେ ଟିକେ ଶିଖିଛି । ଆଉ ଗାଁ ଲୋକଙ୍କ ର ଘର ଘର

କୁ ବୁଲି ଲୁଗା ପଟା ଆଣି ସିଲେଇ କରିବି । ଠିକ୍ ସେହି ସମୟ ରେ ବୁନୁ ଆସି କହିଲା ନାନୀ କ'ଣ ଖାଇବି ମୋତେ ଭାରି ଭୋକ ଲାଗିଲାଣି ।

ତୁ ରହ ମୁଁ ଗାଁ ଆଡେ ଜାଉଛି କିଛି ମାଗିକି ଆଣିଲେ ତୁ ଖାଇବୁ । ଗାଁ ଲୋକ ସେଫାଳି କୁ ଦେଖୁଦେଖୁ ଏ ତ ଅଲକ୍ଷଣୀ ଆସିଛି, ଏ କଥା ଶୁଣି ସେଫାଳି ଦୁଇ ଗୋଡ ଧିରେ ଧିରେ ଆଗକୁ ବଢାଇ ଏ ତ ଏମିତି କହିବେ ଭୋକ ଏବଂ ପେଟର ଭୋକ କେମିତି ବୁଝିବ । ମୁଁ ଅଲକ୍ଷଣୀ କି ନୁହଁ ତଥାପି ମୁଁ ବଞ୍ଚିବି, ଏ ବୁନୁ ପାଇଁ । ଏ ତ ସଂସାର ଭଲ ଦେଖିଲେ କହିବେ ମନ୍ଦ ଦେଖିଲେ କହିବେ । ଦିନେ ନିଶ୍ଚୟ ଏମାନେ ନିଜର ଭୁଲ୍ ବୁଝି ପାରିବେ ।

ଘରକୁ ଘର ବୁଲି ଲୁଗାପଟା ଆଣିଲା ଓ ତା ସାଙ୍ଗକୁ ଖାଇବା ଆଣିଲା । ଧିରେ ଧିରେ ଦିନ ପରେ ଦିନ ଗୁଡାକ ବିତିବାକୁ ଲାଗିଲା । ଗାଁ ବିଦ୍ୟାଳୟ ରେ ବୁନୁ ପାଠ ପଢିବା ପାଇଁ ନାମ ଲେଖାଇ ଦେଲେ ସେଫାଳି । ଏଣେ ଓଳିଏ ଖାଇଲେ ଓଳିଏ ଉପାସ ।

ଗୋଟିଏ ବର୍ଷ ପରେ ଗୋଟିଏ ବର୍ଷ ବିତିବାକୁ ଲାଗିଲା । ବୁନୁ ତୃତୀୟ ଶ୍ରେଣୀ ରେ ପଢୁଥାଏ, ରାତି ସମୟ ଘଡ଼ଘଡ଼ି ସହ ବର୍ଷା ହେଲା କିନ୍ତୁ ତିନି ବର୍ଷ ହେଲା ଛପର ହୋଇନାହିଁ ଅବା ଏତେ ପଇସା କେଉଠୁ ଆସିବ ଯେ ଘର ଛପର କରିବା ରାତି ଯେତିକି ଯେତିକି ବଢୁଥାଏ ବିଜୁଳି ବର୍ଷା ସେତିକି ସେତିକି ବର୍ଷୁଥାଏ । ଚାଳ ବାଟ ଦେଇ ବର୍ଷା ଠୋପା ଗୁଡିକ କଣା ବାଟ ଦେଇ ତଳେ ଠପ୍ ଠପ୍ କରି ପଡିଲା । ବୁନୁ ଶୋଇଥିବା ଜାଗାରୁ ଉଠିପଡି ନାନୀ ପାଣି ପଡୁଛି, ଘରର କୋଣ ଗୋଟିଏ ପାଶ୍ୱ ମାଟି କାନ୍ଥ କୁ ଆଉଜି ଚାଳ ଛପର କୁ ଅନାଇ ଠୋପା ପଡୁଥିବା ଜାଗାରେ ଘରେ ଯାହା ଜିନିଷ ଥିଲା ସେଇ ସେଇ ଜାଗା ଗୁଡିକ ରେ ଥୋଇ ଦେଲେ । ଠୋପା ପରେ ଠୋପା ଠପ୍ ଠପ୍ କରି ପଡୁଥାଏ .....

ସେଫାଳି ଠୋପା ଗୁଡିକୁ ଅନାଇ କହିଲା "ଆସିଲୁ ଯେ ଭଲ ହେଲା ଆମ ଚାଳ ଛପର କଣା ଦେଇ ଗଳି ପଡିଲ କିନ୍ତୁ ଆଉଜା ମନକୁ ଦରଦ ଦେଇ ଲକ୍ଷ୍ୟ କୁ ଭିଜାଇ ଦେଇ ନିଦ ମାଉସୀ କୁ ଉଠାଇ ଦେଲ" ଠପ୍ ଠପ୍ ପଡିଲ ଭାସୁ ଭାସୁ ଭାସିଲା ଆମ ଜୀବନ ଇଏତ ଆମର ନୀତି ଦିନିଆ ଆଶାର ଚୂନା ସପନ, ପୁଣି ସେଫାଳି ଚାଳ ଉପରକୁ ଅନାଇ କହିଲା ....

ଆଃ, ଆଃ ଆଉ କ'ଣ ରହିଲା ଯେ ଆମ ଜୀବନ ରେ ତୁମେ ଭିଜେଇ ଦବ, ଆମେ ତ ଏମିତି ଦୁଃଖ ରେ ଭିଜି ଯାଉଛୁ । ଆରେ ଆରେ ଠୋପା ଦେହର ଚିକ୍କଣ ଖଦଡ ଦେଖି ଦେହ ଉଠାଣି କୁ ମନ ଗଡାଣି ଗଡି ଯାଉଛି ଆମେ ଦୁନିଆ ମୂଳେ । ଧିରେ ଧିରେ ବର୍ଷା ଛାଡିଗଲା ।

କିଛି ବର୍ଷ ପରେ ବୁନୁ ଗାଁ ବିଦ୍ୟାଳୟ ରୁ ଦଶମ ଶ୍ରେଣୀ ରେ ପ୍ରଥମ ହୋଇ ପାସ୍ ହେଲା। କଲେଜ ପଢିବାକୁ ସହରକୁ ଯିବାପାଇଁ ବୁନୁ ଆସି ସେଫାଳି ନାନୀ କୁ ସବୁକଥା କହିଲା । ତୁମେ କ'ଣ ମୋତେ ପଢେଇ ପାରିବ । ସେଫାଳି କହିଲା କାହିଁକି ନୁହଁ ଚେଷ୍ଟା କରିବା, ତୁ ପୁଣି ଗାଁ ବିଦ୍ୟାଳୟ ରେ ଦଶମ ଶ୍ରେଣୀ ରେ ପଢିଲୁ  ଆଉ ଆଜି ସହର କଲେଜ ରେ ତୋର ନାମ ଲେଖା ହେବ ।

ଦିନ ପରେ ଦିନ ଗଲା ପରେ ବ୍ୟାଗ୍ ରେ ଜିନିଷ ସଜାଡୁ ସଜାଡୁ ସେଫାଳି ର ମନେ ପଡିଲା ବୁନୁ ର ଭଲ ପୋଷାକ ଖଣ୍ଡେ ନାହିଁ । ସହରରେ ଭଲ ଭଲ ଲୋକଙ୍କ ସହିତ କେମିତି ମିଶିବ ଓ ପଢିବ । ଏଠୁ ସେଠୁ ଧାର କରି ଓ ସିଲେଇ ରୁ ଯାହା ରୋଜଗାର ହୋଇଥିଲା ସେଫାଳି ସେ ଟଙ୍କା କୁ ନେଇ ଭଲ ପୋଷାକ ଖଣ୍ଡିଏ କିଣି ଆଣି ବୁନୁ ଯିବା ସମୟରେ ଦେବି ।

ଗାଁ ବସ୍ ଷ୍ଟାଣ୍ଡ ରେ ବସ୍ କୁ ଅପେକ୍ଷା କରୁଥାନ୍ତି ବୁନୁ ସେଫାଳି । ଦଶ ପନ୍ଦର ମିନିଟ୍ ଗଲାପରେ ବସ୍ ଆସି ବସ୍ ଷ୍ଟାଣ୍ଡ ରେ ପହଞ୍ଚିଲା । ସେଫାଳି କହିଲା ମନ ଦେଇ ପଢିବୁ ଟଙ୍କା କଥା ଚିନ୍ତା କରିବୁ ନାହିଁ । ଆଉ କିଛି ଟଙ୍କା ଆଣିଛି ନେ ତୋ ପାଇଁ ଆଉ ଖଣ୍ଡିଏ ସାର୍ଟ କିଣିଛି  ନେଇକି ସାଙ୍ଗ ରେ ଯା ଭୋକ ହେଲେ ଟଙ୍କା ଅଛି ତୋ ପାଖରେ କିଣିକି ଖାଇବୁ "ଆଉ କିଛି ଟଙ୍କା ପାଖରେ ରଖିଥିବୁ କାମରେ ଆସିବ । ବୁନୁ ସେଫାଳି ର ପାଦ ଛୁଇଁ ପ୍ରଣାମ କରି ବସ୍ ଉପରକୁ ଚଢିଲା । ଗଲା ବେଳକୁ ସେଫାଳି କହିଲା "ମନ ଦେଇ ପଢିବୁ" ସହରରେ ବେଶି ବୁଲିବୁ ନାହିଁ ଏ କଥା କହୁ କହୁ ସେଫାଳି ର ଆଖି ରୁ ଲୁହ ବୋହି ଆସିଲା । ଲୁହକୁ ପୋଛିଦେଇ ଘରକୁ ଫେରି ଆସିଲେ ସେଫାଳି ।

ଗୋଟିଏ ମାସ ପରେ ଗୋଟିଏ ମାସ ଟଙ୍କା ପଠାଉଥିଲେ ସେଫାଳି ବୁନୁ ପାଖକୁ । ରାତି ଦିନ ପରିଶ୍ରମ କରି ସିଲେଇ ରୁ ଯାହା ରୋଜଗାର ହୁଏ କିଛି ରଖି ଆଉ ସବୁ ଟଙ୍କା ପଠାଇ ଦେଉଥିଲେ ।

ଦଶ ବର୍ଷ ଗଲା ପରେ ବୁନୁ ର ପାଠ ପଢା ସରିଲା ଓ ସହରରେ ଏ କ୍ଲାସ୍ ଅଫିସର ହୋଇଗଲେ । ସରକାରୀ ଚାକିରୀ ଟଙ୍କା ର ଅଭାବ ନାହିଁ ସରକାରୀ କ୍ୱାଟର ଆଉ ଏହାରି ଭିତରେ ଗାଁ କଥା କି ସେଫାଳି କେମିତି ଥିବ ସେ କଥା ମନେ ପଡିଲା ନାହିଁ । ଓଃ ଏତ ସହର ସାଙ୍ଗସାଥି ଶିକ୍ଷିତ ସରକାରୀ ବାବୁ ବଡ ବଡ ଲୋକ ଆଭିଜାତ୍ୟ ରେ ପଡି ଗାଁ ଓ ସେଫାଳି କଥା ମନେ ପଡିଲା ନାହିଁ । ସହରର ସୁନ୍ଦରୀ ଝିଅ ହେମା ଙ୍କ ସହିତ ବାହାଘର ଠିକ୍ ହେଲା । ଦୁହେଁ ବାର ତିଥି ରେ ବାହା ହେଲେ । କିନ୍ତୁ ବୁନୁ ର ଗାଁ ସେଫାଳି ର କଥା ମନେ ପଡିଲା ନାହିଁ । ଦିନ ପରେ ଦିନ ମାସ ପରେ ମାସ ଏବଂ ବର୍ଷ ପରେ ବର୍ଷ ବିତି ଚାଲିଲା ।

ଦିନେ ସେଫାଳିଙ୍କ ର ବୁନୁ ର କଥା ମନେ ପଡିଲା । ଆଉ ବୁନୁ ଚିଠି ଖଣ୍ଡେ ବି ଦେଉ ନାହିଁ କି କିଛି ଖବର ଦାବର ନାହିଁ । ଆଉ ମୁଁ ବୁଢି ହୋଇ ଗଲିଣି । ଯାଉଛି ସହରକୁ ଥରେ ବୁନୁ କୁ ଦେଖି ଆସିବି ତା ପସନ୍ଦର ଖିରି ନେଇ ଯିବି ସାଙ୍ଗ ରେ ।

ସକାଳୁ ବାହାରି ପଡିଲେ ସହର ଅଭିମୁଖେ ସେଫାଳି । ହାତରେ ବାଡି କାଖରେ ଗଣ୍ଠିଲି ଧରି ସହର ର ବସ୍ ଷ୍ଟାଣ୍ଡ ରେ ଓହ୍ଲାଇ ଲୋକଙ୍କୁ ପଚାରି ବୁନୁ ଙ୍କ କ୍ୱାର୍ଟର ଠିକଣା ପଚାରି କ୍ୱାର୍ଟର ରେ ପହଞ୍ଚି ଗଲେ । ଘର ଆଗରେ କଲିଙ୍ଗ୍ ବେଲ ବଜାଇ ପୁଣି ଡାକିଲେ କିଏ ଅଛ। ଶବ୍ଦ ଶୁଣି ଘର ଭିତରୁ ହେମା ବାହାରି ଆସି ଦେଖିଲେ ଜଣେ ବୁଢି ଲୋକ ଛିଡା ହୋଇଛି । ଲାଗୁଥିଲା ଏମିତି ଜଣେ ଭିକାରୁଣୀ ବୋଲି .. କ'ଣ ହେଲା ଆଜ୍ଞା ମା" ....ବାବୁ ଘରେ ନାହାନ୍ତି । ହେମାଙ୍କୁ ଗନ୍ଧ ହେଲା ନାକରେ ହାତଦେଇ କିଛି ଦୂର କୁ ଘୁଞ୍ଚି ଯାଇ କହିଲେ ତୁମେ ଯାଅ ବାବୁ ଆସିଲେ ଆସିବ .....

ସେଫାଳି:କ'ଣ ବୁନୁ ନାହିଁ ?

ହେମା: ତୁମେ ଆଗ ଗଲ ଏଠୁ କହିଲି ପରା ବାବୁ ଆସିଲେ ତୁମେ ଆସିବ।

ସେଫାଳି: ହଉ ମା" ମୁଁ ଯାଉଛି ହେଲେ ବାବୁଙ୍କ ପାଇଁ ମୁଁ ଖିରି ଆଣିଥିଲି । ବାବୁ ଙ୍କୁ ଆସିଲେ ଦେଇଦବ ॥

ହେମା: ନାଁ ତୁମେ ନେଲ ବାବୁ ଏ ଖିରି କୁ ପସନ୍ଦ କରନ୍ତି ନାହିଁ।

ସେଫାଳି:ହଉ ମା" ମୁଁ ତାହାଲେ ଯାଉଛି, କେତେ ଆଶା ନେଇ ଆସିଥିଲି ଟିକେ ଦେଖା କରିବା ପାଇଁ .. ହଉ ମା" ମୁଁ ଯାଉଛି ॥

ସନ୍ଧ୍ୟା ସମୟ ଆସି ପହଞ୍ଚି ଲେ ବୁନୁ । ଥକ୍କା ମାରି ବସି ପଡିଲେ ଚୌକିରେ, ଡାକ ଛାଡି ପାଣି ଗ୍ଲାସ୍ ଆଣିଲ ହେମା ...ପାଣି ଗ୍ଲାସ୍ ଆଣି ଦେଲେ ହେମା । ବୁନୁ ହାତରୁ ପାଣି ଗ୍ଲାସ୍ ନେଇ ପାଟିରେ ଲଗାଇ ପିଉଥିବା ସମୟରେ ହେମା କହିଲେ ଜଣେ ବୁଢୀ ଲୋକ ଆସିଥିଲା "ଓ ତୁମକୁ ଦେଖା କରିବା ପାଇଁ କହୁଥିଲେ, ତା ଦେହ ଗନ୍ଧୁଥିଲା.. ହାତରେ ବାଡି କାଖରେ ଗଣ୍ଠିଲି ଏବଂ ଖିରି ଧରି ଆସିଥିଲା ତୁମ ପାଇଁ । ପୁଣି ଭିକାରୁଣୀ ହୋଇ କେଡେ ସାହାସ ତା' ।

..."ଚୌକ ଉପରୁ ବୁନୁ ସଙ୍ଗେ ସଙ୍ଗେ ଛିଡା ହୋଇ ପଡିଲେ ...ହେମାଙ୍କ ଗାଲକୁ ଚଟକଣା ଟିଏ.. ମାରିଲେ କହିଲେ ସେ ଖିରି କାହିଁ । ବୁନୁ ତଳେ ବସି ପଡି ଭୋ ଭୋ ହୋଇ କାନ୍ଦି ଉଠିଲେ ... ଉଠିପଡି ଆଲମିରା ପାଖକୁ ଦୌଡ଼ି ଲେ । ଆଲମାରି ଖୋଲି ଚିରା ପୋଷାକ କୁ କାଢି ଛାତିରେ ଜାବୁଡି ଧରି ଭୋ ଭୋ ହୋଇ କାନ୍ଦି ଉଠିଲେ । ଏଇ ସେଇ ପୋଷାକ ମୁଁ ସହରକୁ ପାଠ ପଢିବାକୁ ଆସିଥିଲି । ସେଫାଳି ନାନୀ ମୋତେ ଦେଇଥିଲା ।

ସେଇ ସଙ୍ଗେ ସଙ୍ଗେ ବାହାରି ପଡିଲେ ଅଫିସ ଗାଡି ଧରି ଗାଁ କୁ ବୁନୁ । ତାଙ୍କ ପଛେ ପଛେ ଅଫିସ ର ଚାରି ପାଞ୍ଚ ଖଣ୍ଡ ଗାଡି ବାହାରି ପଡିଲେ ବୁନୁ ଙ୍କ ଗାଁ କୁ ... ଗାଁ ଦାଣ୍ଡ ରାସ୍ତା ରେ ଗୋଟିଏ ପରେ ଗୋଟିଏ ଗାଡି ଯାଉଥାଏ । ଗାଁ ଲୋକେ ଦେଖି ଚମକି ପଡିଲେ କ'ଣ ହୋଇଛି ଆଜି ଏତେ ସରକାରୀ ଗାଡି...ସେଫାଳି ରହୁଥିବା ଘର ସାମ୍ନା ରେ ଲାଗିଲା । ଗାଁ ଲୋକ ପଛେ ପଛେ ଆସି ଗାଡି ପାଖରେ ପହଞ୍ଚିଲେ ଗାଡି ଡୋର୍ ଖୋଲି ବୁଝି ବାହାରକୁ ବାହାରି ଆସିଲେ । ବୁନୁ ଦେଖି ଗାଁ ଲୋକ ଦେଖି କହିଲେ ଆରେ ଏ ତ ବୁନୁ....ଏତେ ଦିନ ପରେ ସେଫାଳି ଗାଁ କଥା ତୋର ମନେ ପଡିଲା ।

ଯିଏ ତୋ ପାଇଁ ସାରା ଜୀବନ ସିଲେଇ କରି କରି ନିଜେ ଖଣ୍ଡେ ଭଲ ଲୁଗା କି ଭଲ ଖାଦ୍ୟ ଗଣ୍ଡେ ଖାଇ ପାରିଲା ନାହିଁ । ତୁ ତାକୁ ଭୁଲିଗଲୁ କେମିତି । ଆରେ ତମ ଘର ଦେଖି ସାତ ବର୍ଷ ହେଲା ଘର ଛପର ହୋଇନାହିଁ । କାନ୍ଥ ରେ ବର୍ଷା ପାଣି ପଡି ଶିଉଳି ଧାର ପଡିଗଲାଣି । କଥା ଶୁଣୁ ଶୁଣୁ ଆଖିରୁ ଲୁହ ଢଳ ଢଳ ବୋହି ଆସିଲା... ଧିରେ ଧିରେ

ଗୋଟିଏ ପାଦ ପରେ ଗୋଟିଏ ପାଦ ଘରେ ଆଡକୁ ଗଲେ । ଘର ପାଖରେ ପହଞ୍ଚିଲେ..ଚାଳ କୁ ଦେଖି ମାଟି କାନ୍ଥ କୁ ଅନାଇ ଚାଳ ଛପର ଉପରକୁ ଆଖି ପଡିଲା । ସୂର୍ଯ୍ୟ ଙ୍କ କିରଣ ଫୁଲ ପରି ଫୁଟିଥାନ୍ତି । ଏହି ସମୟରେ ସେଫାଳି ଘର ଭିତରୁ ବାହାରକୁ ଆସୁଥାନ୍ତି..... ବୁନୁ ସେଫାଳିଙ୍କ ଗୋଡ ତଳେ ପଡି ମୋତେ କ୍ଷମା କରିଦେ ନାନୀ ମୋର ଭୁଲ୍ ହୋଇଯାଇଛି । ମୋ ପାଖରେ ଯାହାବି ଧନ ସଂମ୍ପତ୍ତି ଅଛି ସେ ତୁମକୁ ଦେଇ ଦେଲେବି ତୁମ ପାଖରେ କମ୍ ହେବ ସେଫାଳି ନାନୀ ... ମୁଁ ତୁମ ପାଦ ଧୂଳି କୁ ସରି ହେବି ନାହିଁ ।

ବୁନୁ ଡାକିଲେ ହେମା ଏ ମୋ ନାନୀ ସେଫାଳି ଯେ ଦିନ ରାତି ଅକ୍ଲାନ୍ତ ପରିଶ୍ରମ କରି ମା" ବାପାର ସ୍ନେହ ମମତା ଦେଇଥିଲା ସେ ହେଉଛି ସେଫାଳି ନାନୀ ହେମା ତୁମ ଯେଉଁ ମାଟିର ଘରଟି ଦେଖୁଛ ବର୍ଷା ହୋଇ ପାଣି ଗଳୁ ଥିଲେ ବି ଆମେ ଭାଇ ଭଉଣୀ ଗୋଟିଏ କୋଣରେ ଆଉଜି ରହୁ । ମୋତେ କୋଳରେ ଧରି ରାତି ଅନିଦ୍ରା ହୁଏ ସେଫାଳି ନାନୀ ... ଯାକୁ କହୁଥିଲ ଭିକାରୁଣୀ ବୋଲି । ଯା ପାଇଁ ଜୀବନ ଦେଲେ ବି ମୂଲ୍ୟ ସୁଜି ହେବ ନାହିଁ ।

ସେଫାଳି: ବୁନୁ ତୁ ଫେରିଆସିଛୁ ! ମୁଁ ତୋତେ ଦେଖିବି ବୋଲି ମୋ ମନଟା ଛଟ ପଟ ହେଉଥିଲା । ଆଃ ମୋ ପାଖକୁ ଟିକେ ଆଃ ! ବୁନୁ ପାଖକୁ ଯାଇ କୋଳରେ ଧରୁ ଧରୁ ସେଫାଳି ଙ୍କ ଦେହରୁ ଜୀବନ ଚାଲିଗଲା.....

ଯୋର୍ ରେ ଡାକ ଛାଡିଲେ "ସେଫାଳି ନାନୀ" " ସେଫାଳି ନାନୀ " ସେଫାଳି ନାନୀ , , ,

ଦେଖିଲେ ତ ଆଜ୍ଞା ପରିଶ୍ରମ ର ମୂଲ୍ୟ ଅଛି । ଅଜି ନ ହେଲେ କାଲି ନିଜର ଭୁଲ୍ ବୁଝିବ ... କାହିଁକି ନା ଭୁଲ୍ ନିଜର ବୁଝିବାରେ ମଣିଷ ବହୁତ ଡେରି କରିଦିଏ ।।।।

ସୋଳ (ମୁଣ୍ଡିଆପଷି)
ଢେଙ୍କାନାଳ

# ଫେସବୁକ୍ ପ୍ରେମ



ସତ୍ୟରଞ୍ଜନ ଘିଡ଼ୁଆଲ୍

ଶ୍ରଦ୍ଧା ନାମ ଟି ଯେପରି ତାର ରୂପ ଟି ମଧ୍ୟ ସେହିପରି। ଗୋଲାପ ର ପ୍ରତି ପାଖୁଡ଼ା ପରି ତାର କୋମଳ ତା ଭରି ରହିଛି ଚେହେରା ରେ। ଭାରି ଅଲିଅଳି ଓ ସୁକୁମାରୀ ଝିଅ ଟିଏ ସେ। ସବୁବେଳେ ହସହସ ମୁଖ ତାର ରୂପ ର ସୌନ୍ଦର୍ଯ୍ୟ କୁ ବଢାଇ ଦେଉଥାଏ। ଓଠ ପାଖକୁ ନଜର ନ ଲାଗିବାକୁ ବୋଧହୁଏ କଳା ଯାଇ ଟିଏ ରହିଛି। ଟିକେ ମୁରୁକି ହସିଦେଲେ  ଦକ୍ଷିଣ ଗାଲ ରେ ଡିମ୍ପଲ୍ ଟିଏ ଅଶାନ୍ତ ସମୁଦ୍ର ର ଭଉଁରୀ ଟି ର ଭ୍ରମ ସୃଷ୍ଟି କରୁଛି। ସେଇ ଭଉଁରୀ ପାଇଁ ତ ସ୍କୁଲ୍ ଠାରୁ ଆରମ୍ଭ କରି କଲେଜ ପର୍ଯ୍ୟନ୍ତ କେତେ ଯେ ଟୋକା ଗୁଡା ତାକୁ ନିଜର କରିବେ ବୋଲି ପ୍ରୟାସ କରିଥିଲେ। କିନ୍ତୁ ଶ୍ରଦ୍ଧା ସେ ସବୁ କୁ ଖାତିର କରେନି ଏବଂ ତାର ମନର ମଣିଷ ଟିଏ କିପରି ହେବ ତାହା ସେ ଆଜି ଯାଏଁ ଚୟନ ମଧ୍ୟ କରିପାରିନି। ସବୁପରେ ସେ ତାର +୨ ବିଜ୍ଞାନ ରେ ପାଠ ପଢା ସାରି ଉତ୍ତମ ନମ୍ବର ରଖି ଆଜି ଉର୍ତ୍ତିନ ହୋଇପାରିଛି। ଏବଂ ଘର ପାଖେ ଥିବା କଲେଜ ରେ +୩ ପଢିବାକୁ ମନସ୍ଥ କରିଛି। ଟିକିଏ ଟିକିଏ କଥାରେ ଖୁସି ହେଇଯାଏ ଓ ପୁଣୀ ଟିକିଏ ଟିକିଏ କଥାରେ ଦୁଃଖୀ ହେଇଯାଏ ବୋଲି ତାକୁ ସମସ୍ତେ ସ୍ନେହରେ ପାଗେଳି ବୋଲି କୁହନ୍ତି। ପୁଅ ପିଲା ହେଉ କିମ୍ବା ଝିଅ ପିଲା ହେଉ ସମସ୍ତଙ୍କ ସହ ସେ ଅତି ସହଜ ରେ ମିଶିଯାଉଥିବାରୁ ସେ ସମସ୍ତ ନକର ପ୍ରିୟ ଏବଂ ଖାସ। +୩ ରେ ପାଦ ଥାପି ଲାଣି ଯେହେତୁ ଆଜିକା ଆଧୁନିକ ଯୁଗରେ ମୋବାଇଲ୍ ଖଣ୍ଡିକ ର ଆବଶ୍ୟକତା ତ ଅଛି । ସେଥିପାଇଁ ସେ ତାର ପରିବାର ର ଅନୁମତି ଏବଂ କିଛି ଟଙ୍କା ନେଇ ତାର +୨ ବେଳର ପ୍ରିୟ ସାଥୀ କୁ ଧରି ପାଖ ସହରରୁ ୪G ସେଟ୍ ଟିଏ ଆଣିଲା। ପ୍ରଯ୍ୟାୟକ୍ରମେ ସବୁକିଛି ଠିକ୍ ଚାଲିଥାଏ ଏବଂ କଲେଜ ର ଦୈନଦିନ ଜୀବନ ମଧ୍ୟ ଅତି ସୁରୁଖୁରୁରେ ଚାଲିଥାଏ। ନୂଆ ନୂଆ କଲେଜ ରେ ସାଙ୍ଗ ସାଥୀ ମଧ୍ୟ ହେଉଥାନ୍ତି। ଏବଂ ହଁ ମୋବାଇଲ ଟିଏ ଧରିଛି ଯେହେତୁ ସେଥିରେ ଆଜିକାଲିର ସୋସିଆଲ ମିଡ଼ିଆ ର କେତେକ ବନ୍ଧୁ ସଂଯୋଜିତ ଅପ୍ କୁ ଫେସବୁକ୍ ମଧ୍ୟ ସେ ଖୋଲି ସେଥିରେ ତାର ସୁନ୍ଦର ଫଟୋ ଟିଏ ଦେଇ ଆକାଉଣ୍ଟ ଟିଏ ଖୋଲିଲା। ସମୟ ଗଡ଼ିଚାଲିଥାଏ। ହଠାତ୍ ଏକ ଦିନ ଦିନ ତାର ଖୋଲିଥିବା ଫେସବୁକ୍ ଆପ୍ ଜରିଆରେ ଏକ ଫ୍ରେଣ୍ଡ୍ ରିକୁଏଷ୍ଟ ଟିଏ ଆସିଲା । ବୋଧ ହୁଏ ସେ ସେହି ପିଲା ଟିକୁ ଆଗରୁ ଜାଣିଛି । ହଁ

ତାର ମାଉସୀଙ୍କ ଘର ପାଖରୁ ନ କଣ କିନ୍ତୁ ଠିକ୍ ଭାବେ ସେ ଚିହ୍ନିପାରୁନି । ବୁଝୁ ବୁଝୁ ତାର ନିଜ କଲେଜ ର କିଛି ସାଙ୍ଗ ର ସେ ପୁରୁଣା ସାଙ୍ଗ ରଞ୍ଜନ। ତ ସେ ସବୁ ପରଖି ସେ ଫେଣ୍ଡ ରୀକୁଏଷ୍ଟ ର ଅନୁମତି ଗ୍ରହଣ କଲା। ତାପରେ ଆରମ୍ଭ ହୋଇଗଲା ନିତିଦିନିଆ କଥା। ପ୍ରଥମେ ବନ୍ଧୁତା ଏବଂ ବନ୍ଧୁତାର ନିବିଡ ତା ଯେ ସବୁବେଳେ ପ୍ରେମ ହୁଏ ଏକଥା କାହାକୁ ତ ଅଛପା ରହିଲା ନାହିଁ। ରାଜୀବ କିନ୍ତୁ ଥିଲା ଏକ ଅଲଗା ସହର ଓ ଏକ ଅଲଗା କଲେଜ ର। ସମୟ ଗଡ଼ିଚାଲିବା ସହ ବଢ଼ିଚାଲିଥିଲା ତାଙ୍କ ଭିତରେ ପ୍ରେମ । ସମୟ ସରିବା କ୍ଷଣି ୩ ବର୍ଷର ର କଲେଜ ମଧ୍ୟ ତାର ବିଦାୟ ଜଣାଇଦେଲା। ଏପଟେ ରଞ୍ଜନ ତ ସମ୍ବଲପୁରରେ ପଢୁଥାଏ । ତ ସେ ତାର ଆଗାମୀ ପାଠପଢ଼ା ମଧ୍ୟ ସେଇଠି କରିବ ବୋଲି ମନସ୍ଥ କଲା। ଏପଟେ ଶ୍ରଦ୍ଧା ମଧ୍ୟ ପରିବାର ର ଅନୁମତି ନେଇ ଉଚ୍ଚ ବିଦ୍ୟା ଅଧ୍ୟୟନ କରିବା ପାଇଁ ସମ୍ବଲପୁର ସହରକୁ ଆସିଗଲା । ଦୁହେଁ ପରସ୍ପର ଗୋଟିଏ ସହରରେ ରହିଲେ ଯେହେତୁ ପ୍ରତିଦିନ ନିର୍ଦ୍ୱନ୍ଦରେ ରେ ଭେଟିବା କାର୍ଯ୍ୟକ୍ରମ ଟି ହେଲା । ଦୁଇ ପ୍ରେମପକ୍ଷୀ ଘର ଠାରୁ ଦୂରରେ ରହି ଏକ ମୁକ୍ତାକାଶ ରେ ଜୀବନ ଅତିବାହିତ କରୁଥାଆନ୍ତି। ଏକାଠି ମନ୍ଦିର ଯାଆନ୍ତି ଏବଂ ଏକାଠି ଆଗାମୀ ପାଠ ପଢା ପଢି ରେ ଦୁହେଁ ଦୁହିଁଙ୍କୁ ସାହାଯ୍ୟ କରନ୍ତି। କିନ୍ତୁ ନିଆଁ ଥିଲେ ତ ଧୂଆଁ ନିଶ୍ଚେ ବାହାରିବ ଏକଥା ସମସ୍ତେ ତ ଜାଣିଛନ୍ତି। ସେମାନଙ୍କ ପ୍ରେମ କାହାଣୀ କଥା ଶ୍ରଦ୍ଧା ର ଘର ଲୋକ କେଉଁ ଠାରୁ ଖବର ପାଇଗଲେ । ଓ ଶ୍ରଦ୍ଧା ର ମା ଏକ ଆଦର୍ଶ ବାଦୀ ମହିଳା ହୋଇଥିବାରୁ ଶ୍ରଦ୍ଧା କୁ ପ୍ରଥମେ ପ୍ରଥମେ ସେଥିରୁ ନିବୃତ ରହିବାକୁ ବାରଣ ମଧ୍ୟ କଲେ । କିନ୍ତୁ ଦୁଇ ଜଣ ସେ କଥା କୁ ଭ୍ରୁକ୍ଷେପ ନକରି ଧିରେ ଧିରେ ଆଗକୁ ବଢ଼ି ଚାଲିଲେ। କିନ୍ତୁ ସବୁଦିନ ସମାନ ନଥାଏ। ଶ୍ରଦ୍ଧା ର ପରିବାର ଲୋକେ ଏସବୁ କଥା କୁ ନା ପସନ୍ଦ କରି ଶ୍ରଦ୍ଧା କୁ ସମ୍ବଲପୁର ରୁ ତାଙ୍କ ନିଜ ଘରକୁ ଆଣି ଆସିଲେ। ଘର ର ବଡ଼ ଝିଅ ହୋଇଥିବାରୁ କିଛି ନିୟମ କୁ ତ ମାନିବାକୁ ପଡ଼ିବ ଏସବୁ ତାକୁ ଶିଖେଇଲେ। କିନ୍ତୁ ଏପଟେ ରଞ୍ଜନ ଭୁଲିପରୁନଥାଏ ତାର ପ୍ରେମ ଆଉ ଶ୍ରଦ୍ଧା ସହ ବିତାଇ ଥିବା ସବୁ ଜୀବନ୍ତ ସ୍ମୃତି କୁ। ବାରମ୍ବାର ଫୋନ କଲ୍ ଯୋଗେ ସମ୍ପର୍କ ରଖିବାକୁ ଚାହୁଁଥାଏ ଶ୍ରଦ୍ଧା ସହ।ଓ ଶ୍ରଦ୍ଧା ମଧ୍ୟ ଲୁଚି ଛପି କଥା ବାର୍ତ୍ତା କରୁଥାଏ। ଶ୍ରଦ୍ଧା ର ମା ଏସବୁ ଜାଣିପାରି ଶ୍ରଦ୍ଧା କୁ ତାଗିଦ୍ କରିବା ସହ ରଞ୍ଜନ କୁ ସେସବୁକୁ ଭୁଲିଯିବା ପାଇଁ ପରାମର୍ଶ ଦେଲେ। ଆଜି ସମୟ ର ଡୋରୀରେ ବନ୍ଧା ହୋଇପଡିଛି ଏ ଦୁହିଁଙ୍କ ପ୍ରେମ କାହାଣୀ। ଜାଣେନା ଆଗାମୀ ଭବିଷ୍ୟତ କଣ ହେବ ତାହା କେବଳ ସମୟ ହିଁ କହିବ। ଏ ଦୁହିଙ୍କ ପ୍ରେମ କାହାଣୀ ସଫଳ ହେଉ ଏବଂ ଦୁହେଁ ପରସ୍ପର ଏକ ଉତ୍ତମ ଜୀବନ ଆରମ୍ଭ କରନ୍ତୁ ଏହାହିଁ ଭଗବାନ ଙ୍କ ନିକଟରେ ପ୍ରାର୍ଥନା ।

# କ୍ଷୁଦ୍ର ଆଲୋକର ଶିଖା



ବାଲ୍ମୀକ ନାୟକ

୧. ଅନ୍ୟର ନୁହେଁ ନିଜର ଦୋଷକୁ ସୁଧାର

ପୃଥିବୀର ପ୍ରତ୍ୟେକ ଆଧ୍ୟାତ୍ମିକ ଧର୍ମରେ ଅନ୍ଧଭକ୍ତ ମାନଙ୍କୁ ସର୍ବଦା ଅନ୍ୟ ଧର୍ମରେ ଥିବା ଦୋଷ ଗୁଣ ସବୁ ଦେଖା ଯାଉଛି । ଯଦି ସେମାନେ କେବଳ ନିଜ ନିଜର ଧର୍ମରେ ରହିଥିବା ଅସଂଖ୍ୟ କୁସଂସ୍କାର ଏବଂ ରୂଢ଼ିବାଦୀ ପରମ୍ପରା ଗୁଡିକୁ ବୈଜ୍ଞାନିକ ଦୃଷ୍ଟିକୋଣରୁ ବୁଝିପାରି ଦୂର କରିବାକୁ ଚେଷ୍ଟା କରନ୍ତେ, ତେବେ ପୃଥିବୀର ବହୁତ ପ୍ରକାର ସମସ୍ୟାର ସମାଧାନ ହୋଇ ଯାଆନ୍ତା । ଅନ୍ତତଃ ମଣିଷ ସମାଜରୁ ଧାର୍ମିକ ଅସହିଷ୍ଣୁତା, ଦ୍ୱେଷ ଓ ହିଂସା ଦୂର ହୋଇ ଯାଆନ୍ତା ।

୨. ଅନୁସନ୍ଧାନ

ଦୁନିଆରେ ଆଜି ପର୍ଯ୍ୟନ୍ତ ଯେତିକି ପରିମାଣରେ ମାନବ ସମ୍ବଳ, ଅମୂଲ୍ୟ ସମୟ ଓ ଅଜସ୍ର ଧନ, ତଥାକଥିତ ଈଶ୍ୱରଙ୍କ ସନ୍ଧାନରେ ବ୍ୟୟ ହୋଇଛି, (ତଥାପି ଈଶ୍ୱର ନିରୁଦ୍ଦେଶ୍ୟ) ସେତିକି ପରିମାଣରେ ମାନବ ସମ୍ବଳ, ସମୟ ଓ ଧନ ଯଦି ବୈଜ୍ଞାନିକ ଅନୁସନ୍ଧାନରେ ବ୍ୟୟ କରାଯାଇଥାନ୍ତା, ତେବେ ମାନବ ସଭ୍ୟତା ପ୍ରଗତି ପଥରେ, ହଜାରେ ଗୁଣ ଆଗେଇ ଯାଇଥାନ୍ତା । ଆମ ପାଖରେ ମହାଭାରତ ଯୁଗର ଅସ୍ତ୍ର ଶସ୍ତ୍ର, ବେତାର ବାର୍ତ୍ତା ଓ ରାମ୍ୟଣ ଯୁଗର ପୁଷ୍ପକ ବିମାନ ସହିତ ବୁଜୁଳି, ରେଡିଓ, ଟିଭି, ଯାନବାହାନ, ଉଡାଜାହାଜ, ଇଣ୍ଟରନେଟ ଏତ୍ୟାଦି ଭୌତିକ ସାଧନ ସେହି ଯୁଗରୁ ହିଁ ଉପଲବ୍ଧ ହୋଇ ପାରିଥାନ୍ତା ।

୩. ଅସହାୟ ଭଗବାନ

ଜଣେ ନାସ୍ତିକର ସ୍ୱପ୍ନରେ ହଠାତ୍ ଭଗବାନ ପ୍ରକଟ ହୋଇଗଲେ ।

ନାସ୍ତିକ ପଚାରିଲା - ତୁମେ କିଏ ? ଭଗବାନ କହିଲେ - ତୁ ଯାହାକୁ ବିଶ୍ୱାସ କରୁନାହୁଁ, ମୁଁ ହେଉଛି ସେହି ଭଗବାନ ।

ନାସ୍ତିକ ପଚାରିଲା - ମୋତେ ଦେଖା ଦେବାର ଉଦ୍ଦେଶ୍ୟ କଣ ?

ଭଗବାନ - ମୁଁ ମୋର ଅସ୍ତିତ୍ୱର ପ୍ରମାଣ ଦେବାକୁ ଚାହୁଁଛି । ମୁଁ ତୋତେ ବର ଦେବି । ଯାହା ଇଚ୍ଛା ମାଗ ।

ନାସ୍ତିକ - ଆମ ଦେଶ ବାହାର କୁଆଡେ ବହୁତ କଳାଧନ ଜମା କରାଯଇଛି । ସେହି ଧନତକ ଆଣିଦିଅ । ଆମ ଦେଶର ଦାରିଦ୍ର୍ୟ ଦୂର ହୋଇଯିବ ।

ଭଗବାନ ଟିକେ ଚିନ୍ତା କରି - ନା, ମୁଁ ସେହି କାମ କରିପାରିବି ନାହିଁ । ଆଉ କିଛି ମାଗ ।

ନାସ୍ତିକ କହିଲା - ଆମ ଦେଶରେ ବର୍ତ୍ତମାନ ବହୁ ସଂଖ୍ୟାରେ ନାରୀମାନଙ୍କର ଯୌନ ଶୋଷଣ ଓ ଦଳିତମାନଙ୍କର ଶ୍ରମ ଶୋଷଣ ହେଉଛି । ସେଗୁଡିକ ବନ୍ଦ କରିଦିଅ ।

ଭଗବାନ - ନା ତାହା ମଧ୍ୟ ମୋ ଦ୍ୱାରା ସମ୍ଭବ ନୁହେଁ ।

ନାସ୍ତିକ - ତୁମେ ତ ଆମର କୌଣସି ହିତସାଧନ କରି ପାରିବନି କିନ୍ତୁ ତୁମ ନାମରେ ଆମ ଦେଶରେ ଭଲ ଧନ୍ଦା ଚାଲିଛି । ତୁମ ଘରେ କୁଢ କୁଢ ଧନ ସମ୍ପତ୍ତି । ତୁମେ ମୋରେ ଶେଷ ବରଟିଏ ଦିଅ ।

ଭଗବାନ କହିଲେ - ଚେଷ୍ଟା କରିବି, ମାଗ ।

ନାସ୍ତିକ - ତୁମେ ତୁମର ସବୁ ଦେବତାଙ୍କୁ ନେଇ ଦେଶରୁ ସଦା ସର୍ବଦା ପାଇଁ ଉଭାନ ହୋଇଯାଅ ।

ଭଗବାନ କହିଲେ - ତଥାସ୍ତୁ ।

ନାସ୍ତିକ ନିଦରୁ ଉଠି ଭାବିଲା - ଆହାଃ !ଏହା ସତ ହୁଅନ୍ତା କି ?

୪. ଅନୈତିକ କର୍ମ ପାଇଁ କିଏ ଦାୟୀ ?

ଆସ୍ତିକ ମାନେ ପ୍ରାର୍ଥନା କରନ୍ତି, "ହେ ଭଗବାନ ମୋ ଦାରା କୌଣସି ଅନୈତିକ କର୍ମ କରାନ୍ତୁ ନାହିଁ । ମୋତେ ସର୍ବଦା ଭଲକାମ କରିବାକୁ ନିର୍ଦ୍ଦେଶ ଦିଅନ୍ତୁ । ଏହା ସତ୍ତ୍ୱେ ଆସ୍ତିକମାନଙ୍କ ଦ୍ୱାରା ଅନେକ ସମୟରେ ଅନୈତିକ କାମ ହୋଇଯାଉଛି । ଏଇଠି ପ୍ରଶ୍ନ ଉଠୁଛି-

କ. ସେମାନଙ୍କୁ ଭଗବାନ ଅନୈତିକ କର୍ମରୁ ନିବୃତ କରୁନାହାନ୍ତି କାହିଁକି ?

ଖ. ଆସ୍ତିକମାନେ ଯେଉଁ କୁକର୍ମ କରୁଛନ୍ତି, ତାହା ସବୁ ଭଗବାନଙ୍କ ଅବହେଳା ଯୋଗୁ କରିପାରୁଛନ୍ତି ନା ଭଗବାନଙ୍କ ଅକ୍ଷମତା ଯୋଗୁ କରୁଛନ୍ତି ?

ନିରୀଶ୍ୱରବାଦୀମାନେ ସବୁ ଅପରାଧ ବା ଦୋଷ ପାଇଁ ନିଜକୁ ହିଁ ଦାୟୀ କରନ୍ତି । କାରଣ ସେମାନେ ନିଜ କୃତକର୍ମ ପାଇଁ ଅପରାଧ ବୋଧ ଅନୁଭବ କରନ୍ତି । ପଶ୍ଚାତାପ କରନ୍ତି ଏବଂ ସାମାଜିକ ଆଇନ ଅନୁସାରେ ଦଣ୍ଡ ମଧ୍ୟ ଭୋଗ କରିଥାନ୍ତି । କିନ୍ତୁ ଈଶ୍ୱରବାଦୀମାନଙ୍କ ଦୋଷ ପାଇଁ ଆମେ କାହାକୁ ଦାୟୀ କରିବା? ଈଶ୍ୱରକୁ ନା ମଣିଶକୁ?

ଆସ୍ତିକମାନେ ଏହା ବି କହୁଛନ୍ତି ଯେ ମଣିଷ ଈଶ୍ୱରଙ୍କ ଭୟରେ କୁକର୍ମ କରେନାହିଁ । ଏଇଠି ପ୍ରଶ୍ନ ଉଠୁଛି - ତେବେ କିଛି ଆସ୍ତିକ ମଣିଷ କୁକର୍ମ କଲାବେଳେ ଭଗବାନଙ୍କୁ ଭୟ କରନ୍ତି ନାହିଁ କାହିଁକି ? ସେମାନେ ନିଜକୁ ସୁହାଇଲା ଭଳି ଭାବନ୍ତି - "ମୁଁ ଭଗବାନଙ୍କୁ ସର୍ବଦା ପ୍ରାର୍ଥନା କରୁଛି ଯେ ମୋ ଦ୍ୱାରା ଅପକର୍ମ କରାନ୍ତୁ ନାହିଁ, ତଥାପି ଯଦି ମୋ ଦ୍ୱାରା ଅପକର୍ମ ହୋଇଯାଉଛି ତେବେ, "କରି କରାଉ ଥାଏ ମୁହିଁ, ମୋ ବିନୁ ଅନ୍ୟ ଗତି ନାହିଁ" ସବୁ କିଛି ତ ଭଗବାନ କରୁଛନ୍ତି ଓ କରାଉଛନ୍ତି, ଏଥିରେ ମଣିଷର ଦୋଷ କଅଣ ? ଅର୍ଥାତ ଦୋଷୀ ବ୍ୟକ୍ତି ନିଜର ଉତ୍ତର ଦାୟିତ୍ୱରୁ ମୁକ୍ତ ରହିବାକୁ ଚାହୁଁଛନ୍ତି । ଭଗବାନଙ୍କୁ ପୂଜା ଅର୍ଚ୍ଚନା କରି, କିଛି ଦାନ-ଦକ୍ଷିଣା ଦେଇ, ପ୍ରାୟଶ୍ଚିତ କରିଦେଲେ, ସବୁ ଦୋଷ କଟିଯିବ ବୋଲି ଭାବୁଛନ୍ତି ।

ଅସଲ କଥା ହେଉଛି - "ନିଜର ସମସ୍ତ ଭଲ ବା ମନ୍ଦ କର୍ମର ଉତ୍ତର ଦାୟିତ୍ୱକୁ ସ୍ୱୀକାର କରିବା ହେଉଛି ମଣିଷର ଉଚ୍ଚତମ ମୂଲ୍ୟ । ମଣିଷ ଭିତରେ ଅନ୍ୟାନ୍ୟ ପ୍ରତିଭା ସହିତ ଭିତ୍ତିହୀନ ବିଶ୍ୱାସ ଓ ଅହେତୁକ ଭୟ ତ୍ୟାଗ କରିବାପାଇଁ ତର୍କଶୀଳ ବୁଦ୍ଧି ଏବଂ ବୈଜ୍ଞାନିକ ଦୃଷ୍ଟିକୋଣ ଥିଲେ ହିଁ ସେ ଜଣେ ଦାୟିତ୍ୱବାନ ବ୍ୟକ୍ତି ଭାବେ ଗଣା ଯାଇପ୍ରିବ । ଏହା ହେଉଛି ମାନବବାଦୀ ବିଶ୍ୱସମାଜର ମୂଳମନ୍ତ୍ର ।"

କ୍ରମଶଃ.....

Mob:9482016260

# ଶ୍ରୀମଦଭଗବତଗୀତାରୁ ପଦେ....୨



ନରେନ୍ଦ୍ର ପ୍ରସାଦ ବେହେରା

ମହାଭାରତରେ ମଧ୍ୟ କୁହାଯାଇଛି-ସର୍ବଶାସ୍ତ୍ରମୟୀ ଗୀତା । କିନ୍ତୁ ଏତିକି କହିଦେଲେ ଯଥେଷ୍ଟ ହୋଇଗଲା ନାହିଁ; କାରଣ ସମସ୍ତ ଶାସ୍ତ୍ରର ଉତ୍ପତ୍ତି ବେଦରୁ ହୋଇଛି, ବେଦ ବ୍ରହ୍ମାଙ୍କ ମୁଖରୁ ଉଚ୍ଚାରିତ ହୋଇଛି ଏବଂ ବ୍ରହ୍ମା ଭଗବାନଙ୍କ ନାଭିକମଳରୁ ଉତ୍ପନ୍ନ ହୋଇଛନ୍ତି । ତେଣୁ ଶାସ୍ତ୍ର ଓ ଭଗବାନଙ୍କ ମଧ୍ୟରେ ବହୁ ବ୍ୟବଧାନ ରହିଯାଇଛି । କିନ୍ତୁ ଗୀତା ସ୍ୱୟଂ ଭଗବାନଙ୍କ ମୁଖାରବିନ୍ଦୁ ନିଃସୃତ ହୋଇଛି; ତେଣୁ ଏହାକୁ ଶାସ୍ତ୍ରମାନଙ୍କ ମଧ୍ୟରେ ଶ୍ରେଷ୍ଠତମ ବୋଲି କୁହାଗଲେ କିଛି ଅତ୍ୟୁକ୍ତି ହେବ ନାହିଁ । ସ୍ୱୟଂ ବେଦବ୍ୟାସ କହିଛନ୍ତି ଗୀତାକୁ ହିଁ ଭଲଭାବରେ ଶ୍ରବଣ, କୀର୍ତ୍ତନ, ପଠନ-ପାଠନ, ମନନ, ଏବଂ ଧାରଣ କରାଯିବା ଉଚିତ; ଅନ୍ୟ ଶାସ୍ତ୍ର ସଂଗ୍ରହ କରିବା କି ଆବଶ୍ୟକ ? କାରଣ ଏହା ସ୍ୱୟଂ ପଦ୍ମନାଭ ଭଗବାନଙ୍କ ସାକ୍ଷାତ ମୁଖକମଳରୁ ନିଃସୃତ ହୋଇଛି । ପଦ୍ମନାଭ ଶବ୍ଦ ପ୍ରୟୋଗ କରି ମହାଭାରତକାର କହିଥିବା କଥାର ତାତ୍ପର୍ଯ୍ୟ ଏହି ଯେ ଏହି ଗୀତା ସେହି ଭଗବାନଙ୍କ ମୁଖକମଳରୁ ନିଃସୃତ ହୋଇଛି, ଯାହାଙ୍କ ନାଭିକମଳରୁ ବ୍ରହ୍ମା ଉତ୍ପନ୍ନ ହୋଇଛନ୍ତି ଏବଂ ବ୍ରହ୍ମାଙ୍କ ମୁଖରୁ ସମସ୍ତ ମୂଳ ବେଦ ପ୍ରକଟ ହୋଇଛନ୍ତି ।

ଗୀତା ଗଙ୍ଗାଙ୍କ ଠାରୁ ମଧ୍ୟ ଶ୍ରେଷ୍ଠତର । ଶାସ୍ତ୍ରରେ ଗଙ୍ଗାସ୍ନାନର ଫଳ ମୁକ୍ତି ବୋଲି କୁହାଯାଇଛି । ତଥାପି ଗଙ୍ଗାସ୍ନାନ କରୁଥିବା ଲୋକ ସ୍ୱୟଂ ସିନା ମୁକ୍ତ ହୋଇପାରେ, ତା' ଠାରେ ଅନ୍ୟକୁ ମୁକ୍ତ କରିବାର ସାମର୍ଥ୍ୟ ନ ଥାଏ । କିନ୍ତୁ ଗୀତାରୂପୀ ଗଙ୍ଗାରେ ବୁଡ ପକାଉଥିବା ଲୋକ ସ୍ୱୟଂ ତ ମୁକ୍ତ ହୁଏ, ତା' ସହିତ ଅନ୍ୟକୁ ବି ମୁକ୍ତ କରିବାକୁ ସମର୍ଥ ହୋଇଯାଏ । ଗଙ୍ଗା ତ ଭଗବାନଙ୍କ ଚରଣରୁ ଉତ୍ପନ୍ନ ହୋଇଛନ୍ତି; ଗୀତା ସାକ୍ଷାତ ଭଗବାନ ନାରାୟଣଙ୍କ ମୁଖାରବିନ୍ଦୁରୁ ନିଃସୃତ ହୋଇଛନ୍ତି । ପୁଣି ଯେଉଁମାନେ ଗଙ୍ଗାକୁ ଆସି ସ୍ନାନ କରନ୍ତି, ଗଙ୍ଗା କେବଳ ସେହି ମାନଙ୍କୁ ମୁକ୍ତି କରିଦିଅନ୍ତି; କିନ୍ତୁ ଗୀତା ତ ଗୃହେ ଗୃହେ ବୁଲି

ସମସ୍ତଙ୍କୁ ମୁକ୍ତିର ମାର୍ଗ ଦେଖାଇ ଦିଅନ୍ତି । ଏହିସବୁ କାରଣରୁ *ଗୀତା ଗଙ୍ଗାଙ୍କ ଠାରୁ ଶ୍ରେଷ୍ଠତର* ବୋଲି କୁହାଯାଇଛି ।

ଗୀତା ଗାୟତ୍ରୀଠାରୁ ମଧ୍ୟ ଶ୍ରେଷ୍ଠତର । ଗାୟତ୍ରୀଜପ ଦ୍ୱାରା ଯେ ମନୁଷ୍ୟର ମୁକ୍ତି ହୁଏ, ତାହା ଠିକ୍; କିନ୍ତୁ ଗାୟତ୍ରୀ ଜପ କରୁଥିବା ଲୋକ କେବଳ ସ୍ୱୟଂ ମୁକ୍ତ ହୁଏ, ଅଥଚ ଗୀତା ଅଭ୍ୟାସ କରୁଥିବା ଲୋକ ସ୍ୱୟଂ ତରେ ଓ ଅନ୍ୟକୁ ତାରେ । ଯେଉଁଠି ସ୍ୱୟଂ ମୁକ୍ତିଦାତା ଭଗବାନ୍ ତା'ର ହୋଇଯାନ୍ତି, ସେଠାରେ ମୁକ୍ତିର କଥା ଆଉ କ'ଣ କହିବା ! ମୁକ୍ତି ତା'ର ଚରଣଧୂଳିରେ ନିବାସ କରେ । ସେ ମୁକ୍ତିର ସତ୍ତ୍ର ଖୋଲିଦିଏ ।

ଗୀତାକୁ ଆମେ ସ୍ୱୟଂ ଭଗବାନଙ୍କ ଠାରୁ ବି ଶ୍ରେଷ୍ଠ ବୋଲି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ । କାରଣ ଭଗବାନ୍ ସ୍ୱୟଂ କହିଛନ୍ତି-ମୁଁ ଗୀତାର ଆଶ୍ରୟରେ ରହିଛି, ଗୀତା ମୋର ଶ୍ରେଷ୍ଠ ଗୃହ । ଗୀତାଜ୍ଞାନର ଆଶ୍ରୟ ନେଇ ମୁଁ ତିନିଲୋକକୁ ପାଳନ କରୁଛି । ଏହା ଛଡା ଗୀତାରେ ଭଗବାନ ମୁକ୍ତ କଣ୍ଠରେ ଘୋଷଣା କରିଛନ୍ତି, ଯେକେହି ମୋର ଗୀତା ରୂପକ ଆଜ୍ଞାକୁ ପାଳନ କରିବ, ସେ ନିଃସନ୍ଦେହରେ ମୁକ୍ତ ହୋଇଯିବ । କେବଳ ଏତିକି ନୁହେଁ, ଭଗବାନ କହିଛନ୍ତି, ଯେକେହି ଏହା ଅଧ୍ୟୟନ କଲେ ବି, ତା' ଦ୍ୱାରା ମୁଁ ଜ୍ଞାନଯଜ୍ଞରେ ପୂଜିତ ହେବି । ଯଦି କେବଳ ଗୀତା ଅଧ୍ୟୟନରେ ଏତେ ମାହାତ୍ମ୍ୟ ରହିଛି, ତେବେ ଯେଉଁ ଲୋକ ଏହାର ଉପଦେଶ ଅନୁସାରେ ନିଜର ଜୀବନ ଗଠନ କରନ୍ତି, ଏହାର ରହସ୍ୟ ଭକ୍ତମାନଙ୍କୁ ଅବଗତ କରାନ୍ତି ଏବଂ ଏହାର ପ୍ରସାର ଓ ପ୍ରଚାର କରାନ୍ତି, ତାଙ୍କ କଥା ଆଉ କ'ଣ କହିବା ! ତାଙ୍କ ବିଷୟରେ ତ ଭଗବାନ କହନ୍ତି, ସେ ମୋର ଅତି ପ୍ରିୟ । ତାଙ୍କୁ ଭଗବାନଙ୍କର ପ୍ରାଣଠାରୁ ବି ଅଧିକ ବୋଲି କହିଲେ କିଛି ଅନୁଚିତ ହେବନାହିଁ ।

ଉତ୍ତମ ପୁରୁଷମାନଙ୍କ ପକ୍ଷରେ ବି ଦେଖାଯାଏ ଯେ, ସେମାନଙ୍କ ସିଦ୍ଧାନ୍ତ ପାଳନ କରୁଥିବା ଲୋକ ସେମାନଙ୍କର ଯେତେ ପ୍ରିୟ, ନିଜର ପ୍ରାଣ ମଧ୍ୟ ସେମାନଙ୍କ ପାଇଁ ସେତେ ପ୍ରିୟ ନୁହେଁ । ଗୀତା ହେଉଛି ଭଗବାନଙ୍କର ପ୍ରଧାନ ରହସ୍ୟମୟ ଆଦେଶ । ଏପରି ଅବସ୍ଥାରେ, ସେହି ଆଦେଶ ପାଳନ କରୁଥିବା ଲୋକ ଯେ ତାଙ୍କର ପ୍ରାଣଠାରୁ ବି ଅଧିକ ପ୍ରିୟ ହେବେ, ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ।

ଗୀତା ହେଉଛି ଭଗବାନଙ୍କର ପ୍ରାଣ, ହୃଦୟ ଏବଂ ତାଙ୍କର ବାଙ୍ମୟୀ ମୂର୍ତ୍ତି । ଯାହାଙ୍କ ହୃଦୟରେ, ବୀଣାରେ, ଶରୀରରେ ତଥା ସମସ୍ତ ଇନ୍ଦ୍ରିୟମାନଙ୍କରେ ଏବଂ କ୍ରୀୟାକଳାପରେ

ଗୀତା ଓତପ୍ରୋତଭାବରେ ଜଡ଼ିତ ହୋଇଯାଇଛି, ସେହି ପୁରୁଷ ହେଉଛନ୍ତି ଗୀତାର ସାକ୍ଷାତ ପ୍ରତିମୂର୍ତ୍ତି । ତାଙ୍କର ଦର୍ଶନ, ସ୍ପର୍ଶନ, ଭାଷଣ ଏବଂ ଚିନ୍ତନରେ ମଧ୍ୟ ଅନ୍ୟମାନେ ପବିତ୍ର ହୋଇଯାନ୍ତି । ତେଣୁ ତାଙ୍କର ଆଜ୍ଞାପାଳନ ଓ ଅନୁକରଣ କରୁଥିବା ଲୋକଙ୍କର କଥା ବା କ'ଣ କହିବା ! ବାସ୍ତବରେ ସଂସାରରେ ଗୀତାସମାନ ଯଜ୍ଞ, ଦାନ, ତପ, ତୀର୍ଥ, ସଂଯମ ଏବଂ ଉପବାସ ଆଦି କିଛି ମଧ୍ୟ ନାହିଁ ।

ଗୀତା ହେଉଛି ସାକ୍ଷାତ ଭଗବାନ ଶ୍ରୀକୃଷ୍ଣଙ୍କ ମୁଖାରବିନ୍ଦୁରୁ ନିଃସୃତ ବାଣୀ । *ଶ୍ରୀ ବ୍ୟାସଦେବ ହେଉଛନ୍ତି ଏହାର ସଙ୍କଳନକର୍ତ୍ତା* । ଭଗବାନ୍ ଶ୍ରୀକୃଷ୍ଣ ନିଜର ଉପଦେଶର ଅଧିକାଂଶ ଶ୍ଳୋକରେ ହିଁ କହିଥିଲେ; ବ୍ୟାସଦେବ ତାହା ଅବିକଳ ରଖିଦେଇଛନ୍ତି । ଯେଉଁ ଅଂଶ ସେ ଗଦ୍ୟରେ କହିଥିଲେ, ତାହା ବ୍ୟାସଦେବ ନିଜେ ଶ୍ଳୋକବଦ୍ଧ କରିଦେଇଛନ୍ତି; ତା' ସଙ୍ଗେ ସଙ୍ଗେ ସେ ଅର୍ଜୁନ, ସଞ୍ଜୟ ଏବଂ ଧୃତରାଷ୍ଟ୍ରଙ୍କ ବଚନକୁ ମଧ୍ୟ ନିଜ ଭାଷାରେ ଶ୍ଳୋକବଦ୍ଧ କରିଦେଇଛନ୍ତି ଏବଂ ଏପରି *ସାତଶହ* ଶ୍ଳୋକରେ ସମ୍ପୂର୍ଣ୍ଣ ହୋଇଥିବା ଗୀତା ଗ୍ରନ୍ଥକୁ *ଅଠର* ଅଧ୍ୟାୟରେ ବିଭକ୍ତ କରି ମହାଭାରତରେ ଯୋଗ କରିଦେଇଛନ୍ତି, ଯାହାକୁ ଆଜି ଆମେ ଏହି ରୂପରେ ପାଇପାରୁଛୁ ।

କ୍ରମଶଃ.....

ସଂଗ୍ରହକାରୀ-ନରେନ୍ଦ୍ର ପ୍ରସାଦ ବେହେରା
ସମ୍ପାଦକ-ମୋ ଅନୁଷ୍ଠାନ, ଆଳଦା, ଖଇରା, ବାଲେଶ୍ୱର

# ସ୍ୱାସ୍ଥ୍ୟ ବିଭାଗ

# ଦୈନନ୍ଦିନ ଜୀବନ ଶୈଳୀ ଓ ସ୍ୱାସ୍ଥ୍ୟ ରକ୍ଷା



ଡାକ୍ତର ବସନ୍ତ କୁମାର ଷଡଙ୍ଗୀ

ପୃଥିବୀ ପୃଷ୍ଠରେ ବସ ବାସ କରୁଥିବା ମନୁଷ୍ୟ ସମୂହ ସୁସ୍ଥ ତଥା ନିରୋଗ ଜୀବନ ଯାପନ ସହ ଦୀର୍ଘାୟୁ ହୋଇ ବଞ୍ଚିରହିବା ନିମନ୍ତେ ଏକ ଜୀବନ ଶୈଳୀ (Life Style)ରହିଛି, ଯାହାକି ସୁସ୍ଥ ତଥା ରୋଗ ମୁକ୍ତ ଜୀବନ ଯାପନ ପାଇଁ ଅମୃତ ତୁଲ୍ୟ କାମ କରିଥାଏ। ଆଜିର ମନୁଷ୍ୟ ବ୍ୟସ୍ତବହୁଳ ସମୟରେ ନିଜର ସ୍ୱାସ୍ଥ୍ୟ ପ୍ରତି ଅବହେଳା କରି କାର୍ଯ୍ୟ ବ୍ୟସ୍ତତା ସହ ଅର୍ଥ ଉପାର୍ଜନ ନିମନ୍ତେ ଅହରହ ଉଦ୍ୟମ କରିଚାଲିଥିବା ବେଳେ ଯୁବପିଢ଼ିର କିଶୋର କିଶୋରୀ ସମୂହ ନିଜର ମନ ମୁତାବକ ବ୍ୟକ୍ତିଗତ ଭାବେ ବିଭିନ୍ନ ଆଳରେ ଦୈନନ୍ଦିନର ଜୀବନ ଶୈଳୀ ବିତାଉଛନ୍ତି। ଯଦ୍ୱାରା ପ୍ରାପ୍ତ ବୟସ୍କ ପୂର୍ବରୁ ବିଭିନ୍ନ ପ୍ରକାର ରୋଗରେ ଆକ୍ରାନ୍ତ ହୋଇ ବହୁ ଅର୍ଥ ବ୍ୟୟ କରି କଷ୍ଟ ଯନ୍ତ୍ରଣା ଭୋଗ କରି କମ ବୟସରେ ଜୀବନ ହରାଉ ଥିବା ଭଳି ଅଘଟଣ ଆମ ସମାଜରେ ବୃଦ୍ଧି ପାଇବାରେ ଲାଗିଛି ।

ଭାରତୀୟ ଆୟୁର୍ବେଦ ଚିକିତ୍ସା ଶାସ୍ତ୍ର, ପାରମ୍ପରିକ ରୀତିନୀତି କୁ ଅନୁଧ୍ୟାନ କଲେ ଜଣାଯାଏ ସେଥିରେ ମନୁଷ୍ୟର ଦୈନନ୍ଦିନ ଜୀବନ ଶୈଳୀ, ଚିନ୍ତାଧାରା, ନିରୋଗ ଜୀବନ ଯାପନ ସହ ଦୀର୍ଘାୟୁ ନିମନ୍ତେ ବିଭିନ୍ନ ନିୟମ ଉଲ୍ଲେଖ ରହିଛି। ସଂସାରରେ ଏମିତ କୌଣସି ପ୍ରାଣୀ ନାହିଁ ଯିଏକି ଦୁଃଖକୁ ଇଚ୍ଛା ପ୍ରକଟ କରିବ। ପିମ୍ପୁଡି, ଗେଣ୍ଡା ଠାରୁ ଆରମ୍ଭ କରି ବିରାଟ କାୟ ହାତୀ ଓ ମଣିଷ ପର୍ଯ୍ୟନ୍ତ ସମସ୍ତେ ଜୀବନ ପ୍ରତିବିପଦ ଆସିଲେ ବଞ୍ଚିବା ପାଇଁ ସମସ୍ତେ ଚେଷ୍ଟା କରିଥାନ୍ତି, ଯାହାକି ପ୍ରକୃତି ଦତ୍ତ ନିୟମ ଅଟେ। କିନ୍ତୁ ଆଜିର ଯୁବପିଢ଼ି କିମ୍ବା ପ୍ରାପ୍ତ ବୟସ୍କ ବ୍ୟକ୍ତି ହେଉ ସମସ୍ତେ ନିଜେ ନିଜର ବ୍ୟସ୍ତ ବହୁଳ ଜୀବନରେ ନିଜର ଦୈନନ୍ଦିନ ଜୀବନ ଶୈଳୀ କୁ ଭୁଲିଯିବାରୁ ନିଜ ନିଜର ସାଧାରଣ ଜୀବନରେ ପରିବର୍ତ୍ତନ ହୋଇ ଅଗାମୀ ପିଢ଼ି ପାଇଁ ବିପଥ ଗାମୀ ନିମନ୍ତେ ସୁଯୋଗ ସୃଷ୍ଟି କରୁଛି କହିଲେ ଅତ୍ୟୁକ୍ତି ହେବନାହିଁ ।

ଭାରତୀୟ ଚିକିତ୍ସା ଶାସ୍ତ୍ର ରେ ଏମତି କେତେକ କଥା ଉଲ୍ଲେଖ ରହିଛି ଯାହାକି ଏହାକୁ ପାଳନ କଲେ ଆମେ ସୁଫଳ ପାଇବା ସହିତ ନିରୋଗ ଜୀବନ ଯାପନ କରିବାରେ ସହାୟକ ହୋଇ ପାରିବ। ଦୈନନ୍ଦିନ ଜୀବନରେ କୌଣସି କାରଣରୁ ମନର ସ୍ଥିତି ଯଦି ବିଗିଡ଼ି ଯାଏ ଏହାର ପରିଣାମ ସ୍ୱରୂପ ସ୍ୱଭାବ ମଧ୍ୟ ବିଗିଡ଼ି ଯାଇଥାଏ। ଅସଞ୍ଜମ, ଅସତ୍ୟ, ଅଭିମାନ, ଇର୍ଷା, କ୍ରୋଧ, ହିଂସା, କପଟ ଆଦି ଦୁର୍ଗୁଣ ଆମର ସ୍ୱଭାବ ବିଗିଡିବାର ପ୍ରମୁଖ କାରଣ। ଏଗୁଡିକ ଆମ ଜୀବନ ଶୈଳୀ ସହ ଜଡିତ, ଦ୍ୱାରା ଶରୀରରେ ସୂକ୍ଷ୍ମ ରୋଗ ସୃଷ୍ଟିର ସମ୍ଭାବନ ରହିଥାଏ।

ଅସଞ୍ଜମ:- ପାଟିର ଲାଳସା, ଜିହ୍ୱାର ସ୍ୱାଦ ନିମନ୍ତେ ବିଭିନ୍ନ ଗରିଷ୍ଠ ଖାଦ୍ୟ ଖାଇବା, ଫାଷ୍ଟଫୁଡ଼ ଖାଦ୍ୟ, ରାସ୍ତା କଡରେ ବିଭିନ୍ନ ତେଲ ଜନିତ ଛଣା ଖାଦ୍ୟ ଖାଇବା ଦ୍ୱାରା ଅନ୍ତଃ ନଳୀରେ ବିଭିନ୍ନ ରୋଗ ସୃଷ୍ଟି ର ଆଶଙ୍କା ରହିଥାଏ।

ଅସତ୍ୟ:- ଅସତ୍ୟ ବା ମିଛ କହିବା ଦ୍ୱାରା ହୃଦୟ ଓ ମସ୍ତିଷ୍କ ର ଜ୍ଞାନତନ୍ତୁ ଉପରେ ଖରାପ ପ୍ରଭାବ ପକାଇଥାଏ, ପରବର୍ତ୍ତୀ ସମୟରେ ମାନସିକ ବ୍ୟାଧି ର ଆଶଙ୍କା ଥାଏ।

ଅଭିମାନ:- "ଅଭିମାନ" ମନୁଷ୍ୟର ଦୁର୍ଗୁଣର ମୁଖ୍ୟ ଅଟେ।

ଇର୍ଷା:- ଇର୍ଷା କରୁଥିବା ବ୍ୟକ୍ତି ମନୁଷ୍ୟର ଇନ୍ଦ୍ରିୟ ଉପରେ ପ୍ରଭାବ ପକାଇ ବୁଦ୍ଧି ଭ୍ରଷ୍ଟ କରିଥାଏ।

କ୍ରୋଧ:- କୌଣସି କାର୍ଯ୍ୟ ଇଚ୍ଛା ମୁତାବକ ହୋଇନ ପାରିବ ହେତୁ କିମ୍ବା ସେଥିରେ ପ୍ରତି ବନ୍ଧକ ଆସିଲେ ମନରେ କ୍ରୋଧ ଉତ୍ପନ୍ନ ହୋଇଥାଏ। କ୍ରୋଧ ଦ୍ୱାରା ମନୁଷ୍ୟ ମସ୍ତିଷ୍କ ର ସ୍ଥିତି ବିଗିଡି ଯିବା ସହ ଶରୀରର "ଓଜ"(ରୋଗପ୍ରତିରୋଧକ ଶକ୍ତି- Immunity power) ବହୁ ପରିମାଣରେ ଅବକ୍ଷୟ ହୋଇଥାଏ। ଯଦ୍ୱାରା ଶରୀରର ଜୀବନିୟ ଶକ୍ତି ନଷ୍ଟ ହେବା ସହ ମସ୍ତିସ୍କର ଜ୍ଞାନତନ୍ତୁ ଉପରେ ପ୍ରଭାବ ପକାଇ ବିବେକ ଶୂନ୍ୟ ହୋଇ ନିଜର ଏବଂ ଅନ୍ୟର ମଧ୍ୟ କ୍ଷତି ଘଟାଇ ଥାଏ।

ହିଂସା:-" ହିଂସା" କ୍ରୋଧ ଓ ଅଭିମାନ ରୁ ଉତ୍ପନ୍ନ ହୋଇଥାଏ। କୌଣସି ଦୁଃଖ ଘଟଣା ଦେଖି ହୃଦୟ ନରମ ମନୋଭାବ ହେଉଥିବା ବେଳେ ଏହାର ଠିକ ବିପରୀତ ଗୁଣ ହିଂସା

କରୁଥିବା ବ୍ୟକ୍ତି ଠାରେ ପରିଲକ୍ଷିତ ହୋଇଥାଏ। ଏହାର ପରିଣାମ ସ୍ୱରୂପ ମାନସିକ ସ୍ଥିତି ରେ ଅସ୍ଥିରତା ହୋଇ ବିଭିନ୍ନ ହିଂସା କାଣ୍ଡ ସୃଷ୍ଟି କରିଥାଏ।

ଛଳ-କପଟ:- କପଟ କରୁଥିବା ବ୍ୟକ୍ତି ହିଂସା ସଦୃଶ୍ୟ ଏବଂ ସେହିପରି ଆଚରଣ କରିଥାଏ।

ଉପରୋକ୍ତ ସମସ୍ତ ବିଷୟ ମନୁଷ୍ୟର ଚିନ୍ତାଧାରାକୁ ପରିବର୍ତ୍ତନ କରି ବିପଥଗାମୀ ନିମନ୍ତେ ସହାୟକ ହୋଇଥାଏ।

କିଛି ବର୍ଷ ପୂର୍ବର ଅତୀତ କୁ ଆମେ ମନେ ପକାଇ ଅନୁଶୀଳନ କଲେ ଆମେ ଜାଣିପାରିବା ଯେ ପିଲାଦିନେ ଏବଂ ଯୁବକ ସମୟରେ "ଡୁ ଡୁ", କବାଡି, ବହୁଚୋରି ଖେଳ ସହ ବନ୍ଧରେ ସନ୍ତରଣ କରିବା ଏବଂ ଝିଅ ମାନେ ବହୁବହୁକା, ପୁଚି, ଲୁଚକାଳି ଖେଳ ଖେଳିବା ସହ ନିଜର ସ୍ୱାସ୍ଥ୍ୟ ନିମନ୍ତେ "ବ୍ୟାୟାମ" ସଦୃଶ୍ୟ ଶରୀର ର ଅଙ୍ଗପ୍ରତ୍ୟଙ୍ଗ ଚଳ ପ୍ରଚଳ ହେବା ସହ ଦେହରୁ ଝାଳ ନିର୍ଗତ ହୋଇ ସ୍ୱାସ୍ଥ୍ୟ ସୁସ୍ଥ ରହିବାରେ ସହାୟକ ହେଉଥିଲା। ସାମ୍ପ୍ରତିକ ପରିସ୍ଥିତିରେ ଏଗୁଡିକ କ୍ରମଶଃ ଧୀରେ ଧୀରେ ସମାଜରୁ ଯୁବପୀଢ଼ିଙ୍କ ଠାରୁ ଦୂରେଇ ଯାଉଥିବାର ପରିଲକ୍ଷିତ ହେଉଛି। ଏହାର ପ୍ରତିବଦଳରେ ସକାଳୁ ସନ୍ଧ୍ୟା ଏବଂ ବିଳମ୍ବିତ ରାତ୍ରୀ ଯାଏ ଅନିଦ୍ରା ରହି ମୋବାଇଲ ରେ ଗେମ ଖେଳିବା, ଅଶ୍ଳୀଳ ଭିଡିଓ ଦେଖିବା, ସାଙ୍ଗମାନଙ୍କ ସହ କଥାହେବା, whatsaap, ମେସେଞ୍ଜର, ଟ୍ୱିଟର, ଫେସବୁକ ଆଦିରେ ଚାଟିଂ କରିବା, ଟି.ଭି. ରେ ଗେଇମ ଖେଳିବା ସହ ବିଭିର୍ଣ୍ଣ ସିରିଏଲ ଦେଖିବା ରେ ବ୍ୟସ୍ତ ରହିବା ସହ ସାଙ୍ଗ ସାଥି ମେଳରେ ବିଡି, ସିଗାରେଟ, ଗୁଟକା ସେବନ, ମଦ୍ୟ ପାନ ଆଦି ରେ ଲିପ୍ତ ରହି ଜୀବନର ଭବିଷ୍ୟତ ଗଠନ ତଥା ଅଧ୍ୟୟନ ର ପ୍ରକୃଷ୍ଟ ସମୟ କୁ ନଷ୍ଟ ବିଭ୍ରଷ୍ଟ କରୁଛନ୍ତି। ଏହାର ପରିଣାମ ସ୍ୱରୂପ ମାନସିକ ଓ ଶାରୀରିକ ସ୍ତରରେ ଖରାପ ପ୍ରଭାବ ପଡି ଶରୀରର ବ୍ୟାପକ କ୍ଷୟକ୍ଷତି ହେଉଛି।

ଆଜିର ସମାଜରେ ଯୁବ ସଂପ୍ରଦାୟର ଅଧିକାଂଶ ଯୁବକ ପାରମ୍ପରିକ ରୀତିନୀତିରୁ ଦୂରେଇ ଯାଇ ଏପରି ପରିସ୍ଥିତି ହୋଇଛି ଯେ ସକାଳର ସୂର୍ଯ୍ୟ ଉଦୟ ଦେଖିବା ଅଧିକାଂଶ ବ୍ୟକ୍ତିଙ୍କ ପାଇଁ ସ୍ୱପ୍ନସଦୃଶ ହୋଇଥିବା ବେଳେ ସନ୍ତରଣ (ପହଁରିବା) ମଧ୍ୟ ଜାଣିନାହାନ୍ତି। ଏହା ଆମ ସମାଜ ପାଇଁ ଉପହାସ ସଦୃଶ୍ୟ ଅଟେ।

ଭାରତୀୟ ସଂସ୍କୃତିରେ ଗୃହକୁ କୌଣସି ଅତିଥି ଆସିଲେ ସର୍ବ ପ୍ରଥମେ ଗୋଡ଼ହାତ ଧୋଇ ଘରେ ପ୍ରବେଶ ପାଇଁ ଘର ଆଗରେ ଜଳ ପାତ୍ର ରଖାଯାଉଥିବା ବେଳେ ନମସ୍କାର କରି ଅତିଥିଙ୍କୁ ସ୍ୱାଗତ ଓ ସମ୍ମାନ ଜଣାଇବା, ଘରର ବ୍ୟକ୍ତି ପଦରୁ ଘରେ ପ୍ରବେଶ ପୂର୍ବରୁ ଗୋଡ଼ହାତ ଧୋଇ ଘରେ ପ୍ରବେଶ ପ୍ରଥା ରହିଥିଲା, ଏହା କ୍ରମଶଃ ସମାଜରୁ ଦୂରେଇ ଯାଉଥିବାବେଳେ ବର୍ତ୍ତମାନର "କୋଭିଡ-୧୯" ଭଳି ମହାମାରୀ ଆସିବା ହେତୁ ଉକ୍ତ ପାରମ୍ପରିକ କଥା ଆମକୁ ମନେ ପକାଇଦେଇଛି ଯେ ଆମର ଭାରତୀୟ ପରମ୍ପରା ଅତି ପ୍ରାଚୀନ ହେଲେ ସୁଦ୍ଧା ଶରୀରରେ ଭୁତାଣୁ ଓ ଜୀବାଣୁ ପ୍ରବେଶ ନକରିବା ନିମନ୍ତେ ସଚେତନ ଥିଲେ। ଏହି ପ୍ରଥା କିଛି ପରିମାଣରେ ରହିଛି ଯାହାକି ବିବାହ, ବ୍ରତ, ସାଂସ୍କୃତିକ କାର୍ଯ୍ୟକ୍ରମ, ଭୋଜି ଭାତ ଆଦି କାର୍ଯ୍ୟ ରେ ଘର ସମ୍ମୁଖରେ ପାଣି ପାତ୍ର ରଖି ଗୋଡ଼ହାତ ଧୋଇ ପ୍ରବେଶ କରିବାର ଦେଖିବାକୁ ମିଳୁଛି।

ଏ ସମସ୍ତ କଥାକୁ ଆମେ ଅନୁଶୀଳ କଲେ ଜାଣିପାରିବା ଯେ ପାରମ୍ପରିକ ଜୀବନ ଶୈଳୀ କୁ ଆମେ ହେୟ ମନେ କରି ପଶ୍ଚାତ ଦେଶର ଜୀବନ ଶୈଳୀ କୁ ଆବୋରୀ ନେବା ତଥା ଆଧୁନିକ ଜୀବନ ଶୈଳୀ କୁ ପସନ୍ଦ କରି ସେଥିରେ ନିବିଡ଼ ଭାବେ ବୁଡି ରହି ଦୈନନ୍ଦିନ ଜୀବନ ଶୈଳୀ ଅତିବାହିତ କରିବା ଦ୍ୱାରା ଆଜିର ଛାତ୍ର ସମାଜ, ଯୁବ ସମାଜ ବାଟବଣା ହୋଇ ବିଭିନ୍ନ ରୋଗର ଶିକାର ହୋଇ ବେଳେ ବେଳେ ମାନସିକ ସ୍ଥିତି ହରାଇ ବସି ଆତ୍ମହତ୍ୟା କରିବା ଭଳି ଘଟଣା ସମାଜ ରେ ଦେଖିବାକୁ ମିଳୁଛି। ଆଜିର ଯୁବ ସମାଜ ଏହି ସମସ୍ତ ଘଟଣା କୁ ଅତି ଗଭୀରତା ସହ ଚିନ୍ତା କରିବାର ସମୟ ଆସିଛି। ଆମେ ବିପଥଗାମୀରୁ ଦୁରେଇ ସୁପଥ ରେ ଗତି କରିବା ଦ୍ୱାରା ଆମ ର ଭବିଷ୍ୟତ ପିଢ଼ି ସୁରକ୍ଷା ରେ ସହାୟକ ହୋଇପାରିବ।

ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଚନ୍ଦାହାଣ୍ଡି, ନବରଙ୍ଗପୁର,
ଫୋନ-୭୮୯୪୧୧୨୪୮୭

# ଆମ ହାଣ୍ଡିଶାଳ

# ହାଣ୍ଡିଶାଳ



ତ୍ରିପତି ପ୍ରଧାନ

ଅଶିଣ ପ୍ରଥମ ପକ୍ଷରେ
ଶ୍ରାଦ୍ଧ ପାଇଁ ପିତୃ ପୁରୁଷ
ମାଟି ହାଣ୍ଡି ଆଣି ସେଥିରେ
ପିଣ୍ଡ ରନ୍ଧା ହେଲା ହରସ (1)
ହାଣ୍ଡି ଶାଳେ ସେହି ରାତିରେ
ଶୁଭିଲା ଟୁପୁରୁ ଟାପୁରୁ
ରସ କହୁଥିଲା ହାଣ୍ଡିରେ
ଗଲା ତୋର ଭାଉ ଭିତରୁ (2)
ମୁହିଁ ମାଲିକାଣି ଆଖିରେ
ରୋଷେଇ ଶାଳ ଗଣ୍ଡିଧନ
ମୋ ଗରଭେ ନାନା ଦ୍ରବ୍ୟରେ
ତିଆରନ୍ତି କେତେ ବ୍ୟଞ୍ଜନ (3)
ବାର ମାସ ତେର ପର୍ବରେ
ବିରିୟାନୀ କ୍ଷିରୀ ମିଷ୍ଟାନ୍ନ
ବନାଇ ଦିଅଇ ପେଟରେ
ଭିନ୍ନ ଭିନ୍ନ କେତେ ତିଅଣ (4)
ମୁଁ ଆସିବା ଦିନୁ ତୋତେରେ
ଫେରି ଚାହିଁ ନାହିଁ ନୟନ
ଆଜି ଆସି ଦେଖା ଦେଲୁରେ
ପରତେ ଯାଉନି ମୋ ମନ(5)

ମାଟି ହାଣ୍ଡି ତାକୁ ସଧିରେ
କୁହଇ କୋମଳ ବଚନ
ତୁହି ଦେଉ ଇହ ଧାମରେ
ମୁହିଁ ନେଇ ଦିଏ ପରମ (6)
ଜନ ଦେହେ ପଞ୍ଚ ଭୂତରେ
ପରମ ଆତ୍ମା ବିଦ୍ୟମାନ
ଶରୀର ଗଢ଼ା ମୋ ସେଥିରେ
ଆତ୍ମା ବିନା ଏହି ଜୀବନ (7)
ସମୟର ଚକ ଭାଇରେ
କରଇ ସର୍ବଦା ଘୂର୍ଣ୍ଣନ
ତୋ କାଳ ଆସିବ ଦିନେରେ
ହୋଇବୁ ଅଲୋଡ଼ା ବାସନ (8)
ମୋର ମୋର ବୋଲି ସଂସାରେ
ସଂସାରୀ କରଇ କରମ
ଅଲୋଡ଼ା ହୁଅଇ ଶେଷରେ
ସାହା ହରେ କୃଷ୍ଣ ଶ୍ରୀରାମ (୨)

ସଂସ୍କୃତ ଶିକ୍ଷକ,
ଚକଟି, ଗଞ୍ଜାମ

# ହରଡ ମୁଗଡାଲି ସୁପ୍

ଜୟନ୍ତୀ ଦେବୀ

ଆବଶ୍ୟକ ସାମଗ୍ରୀ: ୧ କପ୍ ହରଡ ଡାଲି

ଅଧାକପ୍ ମୁଗଡାଲି

ଛୋଟ ଚାମଚରେ ଅଳ୍ପ ଜିରା ଓ ସୋରିଷ

କିଛି କଟା ରସୁଣ, ଏକ ବଡ ଚାମଚରେ ତେନ୍ତୁଳି ପାଣି

କିଛି ଲଙ୍କା ଓ ହଳଦିଗୁଣ୍ଡ, କିଛି ଭୃସଂଙ୍ଗ ପତ୍ର ଓ ସ୍ୱାଦ ଅନୁସାରେ ଲୁଣ ।

ପ୍ରସ୍ତୁତୀ ପ୍ରଣାଳୀ: ପ୍ରଥମେ ପାଣିରେ ଉଭୟ ଡାଲିକୁ ପକାଇ ଲୁଣ ହଳଦି ଗୁଣ୍ଡ ଦେଇ ହାଲକା ଆଞ୍ଚରେ ଏକ ପ୍ରେସର କୁକରରେ ପକାନ୍ତୁ ଓ ୨ଟି ହ୍ୱିସିଲ ଆସିବା ପର୍ଯ୍ୟନ୍ତ ସିଝାନ୍ତୁ । ତାପରେ ପ୍ରେସର କୁକର ଢାଙ୍କୁଣୀ ଖୋଲନ୍ତୁ ଏବଂ ଡାଲିକୁ ଭଲଭାବେ ମିଶାନ୍ତୁ । ହାଲକା ଆଞ୍ଚରେ କୁକରକୁ ରଖି ଡାଲିରେ ତେନ୍ତୁଳି ପାଣି ମିଶାନ୍ତୁ ଏବଂ ଫୁଟିବା ପର୍ଯ୍ୟନ୍ତ ରାନ୍ଧନ୍ତୁ । ଆଉ ଗୋଟେ ପାତ୍ରରେ ୧ ଚାମଚ ତେଲ ଦେଇ ଗରମ କରନ୍ତୁ । ତେଲରେ ସୋରିଷ ଓ ଜିରା ଫୁଟାନ୍ତୁ । ତା ପରେ କଟା ହୋଇଥିବା ରସୁଣକୁ ପକାନ୍ତୁ । ରସୁଣ ଲାଲ ହୋଇଗଲେ ଲଙ୍କାଗୁଣ୍ଡ ଓ ଭୃସଙ୍ଗ ପତ୍ର ପକାନ୍ତୁ ତାପରେ ସିଝା ଡାଲିକୁ ମସଲାରେ ଢାଳନ୍ତୁ । ଏହି ଡାଲିକୁ ୨ ମିନିଟ ପର୍ଯ୍ୟନ୍ତ ଫୁଟାନ୍ତୁ । ୨ ମିନିଟ୍ ପରେ ଗ୍ୟାସ ବନ୍ଦ କରିଦିଅନ୍ତୁ । ପ୍ରସ୍ତୁତ ହୋଇଯିବ ହରଡ ମୁଗଡାଲି ସୁପ୍ ।

ମହୁ, ଆଳ, କେନ୍ଦ୍ରାପଡା

# ଉଡଦ ଚଂଗୁଡି



ଦେବଜାନୀ ସ୍ୱାଇଁ



### ଆବଶ୍ୟକ ସାମଗ୍ରୀ

୨୫୦ ଗ୍ରାମ୍ ଛୋଟ ଚିଂଗୁଡି, ୨୦୦ ଗ୍ରାମ୍ ବିରି ଡାଲି,  ୧ଟି ମଧ୍ୟମ ଆକାରର ପିଆଜ ଓ ୨ଟି ଟମାଟୋ, ୪ଟି କଂଚା ଲଂକା, ୨ ଚାମଚ ଅଦା ଓ ରସୁଣ ବଟା, ୧ ଚାମଚ କସୁରି ମେଥି, ୧ ଚାମଚ ପଂଚ ଫୁଟଣ, ସ୍ୱାଦନୁଯାୟୀ ଲୁଣ।

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ବିରିଡାଲିକୁ ଧିମି ଆଂଚରେ ବାଦାମୀ ରଂଗ ଆସିବା ପର୍ଯ୍ୟନ୍ତ ଭାଜି ଦିଅନ୍ତୁ। ଦି କପ୍ ପାଣି, ଲୁଣ ହଳଦୀ ଦେଇ ଭଜା ଡାଲିକୁ ସିଝାଇ ଦିଅନ୍ତୁ। (ମନେରଖନ୍ତୁ ବିରି ଡାଲିକୁ

କଡେଇ କିମ୍ବା ଛୋଟ ହାଣ୍ଡିରେ ଘୋଡଣୀ ଦେଇ ସିଝାଇବେ, କୁକର୍ ବ୍ୟବହାର କରିବେନି )। ଏବେ ଚିଂଗୁଡିକୁ ଧୋଇ କରି ଲୁଣ, ହଳଦୀ, ଲଂକା ପାଉଡର ଦେଇ ଭଲଭାବେ ଭାଜିନିଅନ୍ତୁ। ଡାଲି ସିଝି ଗଲା ପରେ, କଡେଇ ଗରମ କରି ସେଥିରେ ୨ଚାମଚ ତେଲ ପକାନ୍ତୁ। ତେଲ ତାତିଗଲେ ଫୁଟଣ ଫୁଟାଇ, ପିଆଜ, ଟମାଟେ ଓ କଟା କଂଚା ଲଂକା ଦେଇ ଭଲ ଭାବେ ଭାଜନ୍ତୁ। ତାପରେ ଅଦା ରସୁଣ ବଟା ପକାଇ ହାଲ୍କା ଭାବେ ଭାଜନ୍ତୁ। ଏହି ଭଜା ହେଇଗଲେ ସେଥିରେ ଚିଂଗୁଡି ଭଜାକୁ ଭି ମିଶାଇ ଅଳ୍ପ ଭାଜିନିଅନ୍ତୁ। ଏବେ ସିଝା ଡାଲି କୁ ସେଥିରେ ମିଶାଇ ଦୁଇ ତିନି ମିନିଟ୍ ରାନ୍ଧନ୍ତୁ। ଶେଷରେ କସୁରି ମେଥୀ ଉପରେ ପକାଇ ଗରମ ଗରମ ପରଷନ୍ତୁ। ଏହା ଉଭୟ ଭାତ ଓ ରୋଟି ସହିତ ଖାଇ ପାରିବେ।

ଗୋରେଗାଓଁ, ମୁମ୍ବାଇ

# ଆଞ୍ଚଳିକ

# ବୁହେନ



ବାଙ୍କାବିହାରି ମହାକୁର

ଗୁଟେ ମାଆଁର୍ ଜୁଡେ ଫୁଟଲା ଫୁଲ୍
ଭାଏ ଆରୁ ବୁହେନ
ହଁସିନର୍'ଦି ଉସ୍'ନାଖିନେ ତାଁକର୍
ଘର୍ ଲାଗ୍'ସି ଅଏନ ।

କଥାବାର୍'ତା ଭାବ୍ ଦିଆନିଆ
ଖେଲାବୁଲା ରାଗ୍'ରୁଷା
ଝନ୍'କେ ନି ଦେଖ୍'ଲେ ଆର୍ ଝନେ
ମନ୍ କର୍'ସି ନିର୍'ସା ।

ଭାଏଟା ଆଏ ବୁହେନର୍ ଭର୍'ଷା
ରହିଥିସି ଛାଏଁହେଇ
ମର୍'ବାର୍ ତକ୍ ଦୁଖ୍ ପାସ୍'କେ
ଆଏବାକେ ଦିଏ ନାଇଁ ।

ବହେନର ସପନ୍ ଭାଏଟା ତାର୍
ପରର୍ କଥା ନି ଧରୁ
ବୁଢା ବୁଆମାଆଁର୍ ସେବାକରି
ମହତ୍ କବାର୍ କରୁ ।

ଭାଏର୍ ସନ୍'ମାନ୍ ବୁହେନର ମାନ୍
ବଜର୍ କର୍'ସି ଭାବ୍
ମହରଗ ସଁସାର୍ ଭିଡ୍ ଭିତ୍'ରେ
ବହପି ନିପାରେ ଅଭାବ୍ ।

ପୁରାନ୍ ଯୁଗେ ବି ଇ ବହେନ ଯେତେଁ
ଭାଏ ଲାଗି ଉସ୍'ନାଖି
ଭାଏଟା ଆଏ ବୁହେନର କଲ୍'ଜା
ନି ପାରେ ରହି ମୁର୍'ଛି ।

ବୁରୁବୁଡା, ବୀରମହାରାଜପୁର,
ସୁବର୍ଣ୍ଣପୁର

# ଆଇଛେରେ ଶୀତ୍

ସାଗରିକା ସାହୁ

ଆଇଛେରେ ଶୀତ୍
ସବେ ଜାକର୍ ଶୀତେ ଥରି
ଗାଉଛନ୍ ଶୀତର୍ ଗିତ୍ ।।

ଆଇଛେରେ ଶୀତ୍
କାର୍ତିକ ବୁଡା ନଦୀ
ଗୁଡିଥି ପର୍ ଭତି ଗିତ୍ ।।

ଆଇଛେରେ ଶୀତ୍
ବୁଢ଼ା ବୁଢ଼ୀ ଜୁଏଁ ଅତଁର୍ ଧରି
ଗାଉଛନ୍ ଭଗବତ୍ ଗୀତ୍ ।।

ଆଇଛେରେ ଶୀତ୍
ଧାନ୍ ଖଳାଥି ନଡ଼ାପିଟ୍ଲା ବେଳେ
ହଉଛେ ହଳଆ ଗୀତ୍ ।।

ଆଇଛେରେ ଶୀତ୍
ମଗ୍ ଶିରର୍ ମହାଲଖି ପୂଜା
ଘରେ ଘରେ ଲଖ୍ ମି ର୍ ଗୀତ୍ ।।

ଆଇଛେରେ ଶୀତ୍
ଫୁଷପୁନ ର୍ ମଡାପିଠା
ଡାଲ୍ ଖାଇର୍ ଗୀତ୍ ।।

ଗିଧମାଲ୍, ଗାଇସିଲେଟ,
ବରଗଡ଼

# ପାଁଚ୍ ଟା ରଙ୍ଗ୍ ମୁନୁଷର୍

ସୁନୀଲ କୁମାର୍ ଅଗସ୍ତି

୧ /କୁଏର୍ କୁଏର୍
କୋଟିର୍ ମାଡେଁ ଲୋକ୍
ଜୀଁ' ଛନ୍ ଚାଲୁଛନ୍ ବୁଲୁଛନ୍
ନୁକୋ ଅସାର୍ କାଏଁ ଟା
ତମେ ନି' ଜା'ନ ମୁଁଇଁ ନି' ଜାନବାର୍
ଇ'ଫାଲେ ହର୍ ଦିନ୍ ଅଢିଆ ପାଏନ୍
ନି' ଭିରାଲେ ନି' ଚଲେ
ଇମାନେ କାଏଁ ଜାନନ୍
କୋଭିଡ-୧୯ କାଏଁଟା
ଇ' ଭାଇରସ୍ କାଏଁଟା,,

୨/ଡିଆଁ ଗଦାର୍
ଶୁଡଙ୍ଗ୍ ଭିତରର୍ କିରହା ଲେଖେଁ
ପୁଚ୍ ପୁଚି ଗଲା' ନ ଭାଇରସ୍
ଇଫାଲେ ଜାଏତ୍ ମୁନୁଷ୍ ତୁମ୍
ନକଲି ହଁସି ବାରି ହେଉଛେ
ହେଲେ, ପରକୁତି
ଆର୍ ବଢେ ଘାଏ ହରସ୍ ,,

୩/ମରନର୍ କାନ୍ଦି ଭିତରେ
ଗୁଲଗୁଲାର୍ ରଡି
ତପତ୍ ନିନାଶ୍

ବାରି ହେଉଛେ କାନେ
ଇ'ଫାଲେ ହର୍ ଲୋକ୍
ସଭେଁ ଗୁଟେ ଗୁଟେ
ହେଇ ଗଲେ ନ' ନାଡି ଚିପୁ
ଦେ'ଖ ତମେ ମୁଁଇଁ କି' ଆର୍ କେନ୍
ଭାଏଲ୍ ପଡ଼ି ଯିମା ଫାନ୍ଦେ,,

୪/'ଗଛ'ର୍ ଅଁଟା ଥିଁ  କରତ୍
ତାର୍ ଗାଗରେ ଆର୍ ବଢେ
ଟଙ୍ଗିଆ ବାରେସ୍ ଚୋଟ୍
ଇତାର୍ ଉଧେ ବଡ୍ ଗଖା
ତମର୍ ସାହେବି ପନ୍
ଲୁଟି ଲୁଟି ଜୀଁ'ବାର୍ ମଜା
ଯେନ୍ ପାଇ'ଛ ,,

୫/ଧାଡ଼ି ଧାଡ଼ି ଧାଡ଼ି
ପାଏନ୍ ଲାଗତି ଧାଡ଼ି
ଟଁକା ଲାଗତି ଧାଡ଼ି
ଅରନ୍ ଲାଗତି ଧାଡ଼ି
ଆବାସ୍ ଲାଗତି ଧାଡ଼ି
ଗରୀବ୍ ହେବାର୍ ଲାଗତି ଧାଡ଼ି
ମାହାଲିଆ ଦରବ୍ ଲାଗତି ଧାଡ଼ି
ଶିକ୍ଷା'ର୍ ଲାଗତି ଧାଡ଼ି
ଭିନେ କିସମର୍ 'ଟିକଟ୍',
ତାର୍ ଲାଗତି ବଢେ ଧାଡ଼ି
ଜୀଁ'ବାର୍ ଲାଗତି ଧାଡି
ଆର୍ କେତନି କେତେ ଅଛେ

ମୋର୍  ତମର୍ ଧାଡ଼ି
ଆଖରୀ ଘାଟେ ଧାଡ଼ି
ଇହାଛିନ୍ ପବନର୍ ଲାଗତି ଧାଡ଼ି
ଆ"ଦେ ଆର୍ ଦିନା କେତେ କେ
'ଖରା'ର୍ ଲାଗତି
ଲାଗିଥିବା ଗଲେ ବଢେ ଧାଡ଼ି,,

ଟିଟିଲାଗଡ଼, ବଲାଙ୍ଗୀର

# ଶିଶୁ ବିଭାଗ



# ପିତା କାକୁଡି ମିଠା କାକୁଡ଼ି



ଡ଼ଃ ରଞ୍ଜିତ କୁମାର ସାହୁ

ବୋଉର ପାଟି ଶୁଣି ମୁନା ଥର ଥର କମ୍ପିବାକୁ ଲାଗିଲା । ସାନ ଭାଇ କୁନା ପାଖରେ ଆଖି ତରାଟି ଠିଆ ହୋଇଥାଏ । ଦୁଇ ହାତରେ ଦୁଇଟି କାକୁଡି ଧରିଥାଏ, ଛୋଟ ଛୋଟ ପାଚିକି ହଳଦିଆ ଆଉ କଣ୍ଟା ଭର୍ତ୍ତି ହୋଇଥାଏ ।

"ତୋତେ କିଏ କହିଲା ଏ ସବୁ ତୋଳିକି ଆଣିବାକୁ?" ବୋଉ ମୁନାକୁ ବିଗୁଡୁ ଥାଏ । ବହୁତ ଦିନ ପରେ ଦୁଇ ଭାଇଙ୍କୁ ସୁଯୋଗ ମିଳିଥିଲା ଘରୁ ବାହାରକୁ ଯାଇ ଖେଳିବାକୁ । ଖେଳ ସାରି ଫେରିଲା ବେଳକୁ ଦୁହିଁଙ୍କର ଆଖିରେ ବାଡ଼ ଉପରେ ମାଡ଼ିଥିବା କାକୁଡି ଲତା ଉପରେ ପଡିଥିଲା ଯେଉଁଥିରେ ମାଳ ମାଳ ହୋଇ ଗୁଡ଼ାଏ କାକୁଡି ଫଳି ଥିଲା । ତାକୁ ଦେଖି ଦୁଇ ଭାଇ ମିଶି ତାଙ୍କର ସାର୍ଟକୁ ମୁଣି କରି ଭରି ଆଣିଥିଲେ ଗଣ୍ଡାଏ କାକୁଡ଼ି ।

କିନ୍ତୁ କାକୁଡି ଗୁଡିକ ଦେଖି ବୋଉ ଖୁସି ହେବା ବଦଳରେ ରାଗିଥିଲା ।

ଦୁହିଁଙ୍କ ବୁଝେଇବାକୁ ଲାଗିଥିଲା, ସେ କାକୁଡି ଗୁଡିକ କାକୁଡ଼ି ହୋଇଥିଲେ ମଧ୍ୟ ଖିଆ ଯାଏ ନାହିଁ । ସେଗୁଡିକ ଜଙ୍ଗଲୀ କିସମର ଆଉ କେବଳ କିଛି ପଶୁ ପକ୍ଷୀ ଖାଇ ଥାଆନ୍ତି । ସେଗୁଡିକୁ "ପିତା କାକୁଡି" ବୋଲି କୁହା ଯାଏ ।

ମୁନା ଆଉ କୁନା ଶୁଣୁଥିଲେ ଆଉ ବୋଉ କହିବାକୁ ଲାଗିଲା, "ତୁମକୁ କଣ ମୁଁ କାକୁଡି ଦେଉ ନାହିଁ? ବାଡ଼ିରେ ଏତେ କାକୁଡି ଫଳୁଛି, ବାହାରୁ କାହିଁକି ଆଣିଲ? ଯଦି ମଧ୍ୟ ଏହା ଖାଦ୍ୟୋପଯୋଗୀ ହେଇଥାଆନ୍ତା, ଅନ୍ୟମାନେ ନେଇଥାନ୍ତେ! ଯାହା ଆମର ବାଡ଼ିର ନୁହେଁ ତାକୁ ଆଣିବା ଠିକ ନୁହେଁ ।"

"ଆମର ଭୁଲ ହେଇଗଲା ଆଉ କେବେ ଏମିତି କରିବୁ ନାହିଁ," ମୁନା କହିଲା ।

"ଆଉ କେବେ ଏମିତି କରିବ ନାହିଁ, ଯେଉଁ ଫଳକୁ  କି କୋଳିକୁ  ତୁମେ ଠିକ୍ ରେ ଚିହ୍ନି ନାହଁ, ତାକୁ ତୋଳିବ ନାହିଁ କି ଖାଇବ ନାହିଁ," ବୋଉ କହିଲା ।


କୁନା ଆଉ ମୁନା ମୁଣ୍ଡ ଟୁଙ୍ଗାରି ଚାଲିଗଲେ  ।

କାକୁଡି  ବିଷୟରେ କୌତୁହଳ ଜାତ ହେଲା ମୁନାର ଏବଂ ସିଏ ଅନ ଲାଇନ ରେ ପଢିବାକୁ ଲାଗିଲା କାକୁଡି ବିଷୟରେ ଏବଂ ଜାଣିବାକୁ ପାଇଲା, 'ଯଦିଓ କାକୁଡିରେ ଶତକଡ଼ା 95 ଭାଗ ଜଳୀୟ ଅଂଶ ରହିଛି, ତଥାପି ଏହା ଭିଟାମିନ ବି, ସି, ଫୋଲିକ ଏସିଡ, ଲୌହ, ଫୋସଫୋରସ, ମାଗ୍ନେସିଅମ, ପୋଟାସିଅମ, ଜିଙ୍କ ଏବଂ ତନ୍ତୁ ରେ ପରିପୂର୍ଣ୍ଣ  ଯାହା ଯୋଗୁଁ ଏହାର ସେବନ ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ । ଏହାର ଉତ୍ପତ୍ତି ଦକ୍ଷିଣ ଏସିଆ ରେ ଏବଂ ଅନେକ ପ୍ରକାର କାକୁଡି ଅଛି । ଏହା ବ୍ୟତୀତ ଗ୍ରୀଷ୍ମ ଦିନରେ ପାଣି ପିଇବା ବଦଳରେ କାକୁଡି ଖାଇ ଶୋଷ ମେଣ୍ଟେଇବାକୁ କିଏବା ଭଲ ନ ପାଏ ?'



ମୁନାର ମନେ ପଡ଼ିଗଲା କେମିତି ଗତ ବର୍ଷ ଖରା ଛୁଟିରେ ଗାଁକୁ ଗଲା ବେଳେ, ଗୋଟିଏ ଜାଗାରେ ବସ ଅଟକିଥିଲା ଏବଂ ଜଣେ କାକୁଡି ବିକାଳୀ ଲୁଣ ଲଙ୍କା ଆଉ କାକୁଡି

ବିକୁଥିଲା । କୁନା ପାଣି ମାଗିବାରୁ, ବୋଉ ତାକୁ ଲୁଣ ଆଉ କାକୁଡି ଦେଇଥିଲା ଯେହେତୁ ସିଏ ପାଣି ବୋତଲ ନେବା ଭୁଲି ଯାଇଥିଲା । ବାପାଙ୍କର ମଧ୍ୟ କାକୁଡି ଭାରି ପ୍ରିୟ । ସେଥିପାଇଁ ବୋଉ ପ୍ରତିଦିନ କାକୁଡି କୁ ସାଲାଡ଼ କରିକି ଦିଏ ଏବଂ କିଛି ନ ହେଲେ ସେମିତି କାଟିକି ଥୋଇ ଦିଏ । କେବେ କେବେ ବାଡ଼ିରେ ପତ୍ର ଗହଳରେ ଦେଖା ନ ଯାଇ, କାକୁଡ଼ିଟିଏ ପାଚିଗଲେ, ତାକୁ ଡାଲମା କରିଦିଏ ଅଥବା ଅନ୍ୟ ବ୍ୟଞ୍ଜନରେ ବ୍ୟବହାର କରିଦିଏ । ବୋଉ ବଜାରରୁ ଆସିଥିବା କାକୁଡ଼ିର ଚୋପା ମଧ୍ୟ ଚାଞ୍ଛି ଦିଏ, ବାପା କୁହନ୍ତି ଆଜି କାଲି କାକୁଡ଼ିକୁ ଅଧିକ ସମୟ ସତେଜ ରଖିବା ଲାଗି ଏହାକୁ ବିଭିନ ପ୍ରକାର ଲେପନ ଦିଆ ଯାଇଥାଏ ଏବଂ ଚୋପାକୁ ବାହାର କରିଦେଲେ ତାହା କମି ଯାଏ । କିନ୍ତୁ କାକୁଡି ଅଧିକାଂଶ ସମୟରେ ବାଡିରୁ ହିଁ ବୋଉ ତୋଳିଥାଏ । କାକୁଡି ବାଡ଼ିରେ ଲଗେଇବା ବହୁତ ସହଜ ବୋଲି ବାପା କୁହନ୍ତି ଏବଂ ନିୟମିତ ଭାବରେ ଲଗେଇଥାନ୍ତି । କାକୁଡି କୁଆଡେ ବିନା ମାଟିରେ, ସାର ଆଉ ପାଣିରେ ମଧ୍ୟ ଚାଷ ହୋଇ ପାରେ !



ଏତିକି ବେଳକୁ ବାପା ଘରକୁ ଆସିଲେ ଏବଂ ସବୁ ଶୁଣିଲା ପରେ ହସି କି ବୋଉ ଆଡକୁ ଚାହିଁ କହିଲେ, "ଏଥର ସେମାନେ ଆଉ ଏମିତି କାମ କରିବେ ନାହିଁ । ତୁମର କଣ ମନେ ନାହିଁ ଆମେ ଏମିତି ଥରେ ଲାଉଟିଏ ନେଇ ଆସିଥିଲେ, ଆଉ ତାହା ପୁରା ପିତା ଥିଲା ! କାକୁଡି ବ୍ୟତୀତ ଜହ୍ନି ଆଉ ଲାଉ ମଧ୍ୟ ବେଳେ ବେଳେ ପିତା ହୋଇ ଥାଏ । ତେଣୁ

ବାହାରୁ ଆଣିବା ପୂର୍ବରୁ ଭାବିବା ଉଚିତ ତାହା ଅନ୍ୟ କେହି କାହିଁକି ତୋଳିକି ନେଇ ନାହିଁ," ବାପା କହିଲେ ।

"ସତ କଥା ତ, କାକୁଡି ଗୁଡିକ ପିତା ବୋଲି କେହି ନେଇ ନାହାନ୍ତି, ତେଣୁ ସେଗୁଡିକ ଏମିତି ଝୁଲିଥିଲା," ମୁନା ଭାବିବାକୁ ଲାଗିଲା ।

ଯୁକ୍ତରାଷ୍ଟ୍ର ଆମେରିକା

# ଏ କଥା କେବେ ଭାବିଛ ବସି ?



ନୀଳମଣି ଗୁନ୍ଧ

ଦେଖିବାକୁ ସେ ବକଟେ ସିନା
ରୁଟ୍ କରି କାମୁଡ଼ି ଦିଏ
ତା' ଓଜନର କୋଡ଼ିଏ ଗୁଣ
ଖାଦ୍ୟଦରବ ବୋହି ତ ନଏ।
ଦଳରେ ରହେ ଆଉ ଶିଖିଛି
ସଞ୍ଚୟପରି ବଢ଼ିଆ ଗୁଣ
ଚିନି ଗୁଡ଼କୁ ଭଲପାଏ ସେ
ଛୁଏଁ ନାଇଁରେ କେବେଟି ଲୁଣ।
ଧାଡ଼ିଟି ଭାଙ୍ଗି ଯାଏନି ଚାଲି
ଅଛି ତା' ପାଖେ ଶୃଙ୍ଖଳା ଜ୍ଞାନ
ଗାଲୁଥାଏରେ ସେ ସାରାଦିନ
ଥକେନି କେବେ ହୋଇବି ସାନ ।
ଗାତରେ ରହେ, ଚଢ଼ି ବି ପାରେ
କାମୁଡ଼ି ହେଉ ଯେତେରେ ତୀଖ
ସେ ପରିଶ୍ରମୀ, ଚଳଚଞ୍ଚଳ
ଏ ଭଲଗୁଣ ତା'ଠାରୁ ଶିଖ।
ବର୍ଷାଋତୁରେ ସବୁଠି ପାଣି
କେମିତି ଯିବ ଆହାର ଆଣି
ସେ ବେଳ ପାଇଁ ଖାଦ୍ୟଟି ରଖେ
ସାଇତି କରି ଆଗରୁ ଜାଣି।
ରଙ୍ଗଟି ଲାଲ୍ ରଙ୍ଗ ତା କଳା
ଡାକଲି ଆ' କରିବା ଗପ

କହିଲ୍ ଜମା ନାଇଁରେ ବେଳ
'କାମଟି ମୋ'ର ଅସଲ ତପ।'
କୁହ କେମିତି ନେବି ବିଶ୍ରାମ
ଆହୁରି କାମ ରହିଛି ବାକ
ଦଳର କାମ ବୋଲିରେ ଇଏ
ସଭିଙ୍କୁ ପର୍ ଆଣିଛି ଡାକ।
ଭୂଇଁତଳେରେ ନଅର ଆମ
ଗଢ଼ି ଦେଇଛୁ ମିଶିକ ଆମେ
'କରମବୀର' ଉପାଧି ପର୍
ଯୋଡ଼ା ହୋଇଛି ଆମରି ନାମେ।
ଜୀବ ଜଗତେ କୁହ କେ ଅଛି
ଜାଣିନ ଆହା ଆମରି ନାଆଁ
ଯେଉଁଠି ଥାଉ ଯିଏ ବା ଦେଖୁ
ଜାଣିଯାଏରେ ସେ ଛାଆଁଛାଆଁ।
'ପିମ୍ପୁଡ଼ି' ମୁହିଁ, କୀଟଟେ ବୋଲି
ଦେଖିକ ପିଲେ ଦେବନ ହସି
ମୁଁ ପରିଶ୍ରମୀ, ଚଳଚଞ୍ଚଳ
ଏ କଥା କେବେ ଭାବିଛ ବସି ?

୨୭, ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭

# କଣ୍ଢେଇ



ସତ୍ୟନାରାୟଣ ମିଶ୍ର

କଣ୍ଢେଇ ଲୋ ମୋର କାଠ କଣ୍ଢେଇ
ମାମୁଁ ଘର ତତେ ନେବି ବୁଲେଇ
ଅଜା ଆଇ ଦୁହେଁ ହୋଇବେ ଖୁସି
ମାମୁ ମାଇଁ ଦେବେ ମୁରୁକ ହସି
ମାଉସୀ କରିବ ଗେଲ
ଆସିଲ କ ବାବୁ" ବୋଲି ପଗ୍ଭରିବ
ତାଙ୍କ ଗ୍ଭକଗ୍ଣୀ ଫୁଲ ।

ମାମୁଁ ଘରେ ଅଛି ଦୁହାଁଳ ଗାଈ
ଦୁଧ ଦହି ଘିଅ ଅଭାବ ନାହିଁ
ଆଇ ପିଏଇବ ଆଉଟା କ୍ଷୀର
ସାନ ମାଈ ଦେବେ ଲହୁଣୀ ସର
ବଡ଼ ମାଇଁ ଛେନା ପୋଡ଼
ତିଆରିକରିକ ଖୁଆଇବେ ମତେ କରନ୍ତୁ ବଡ଼ ।

ମାମୁଁ ବାରିପଟେ ପିଜୁଳ ଗଛ
ଭାରି ମିଠା ତାଙ୍କ ଆମ୍ବ ପଣସ
ବଜାର ରୁ ମାମୁ ଆଣିବେ ମାଛ
ଖାଇବାକୁ ଦେବେ ମନ ହରଷ

କହନ୍ତୁ ଭଣଜା ମୋର
ଦେହ କୁ ରଖିଲେ ହୃଷ୍ଟ ପୃଷ୍ଟ ସିନା ପଢିବ ବହୁତ ପାଠ

କାଲୁ ନାମେ ଅଛି କୁକୁର ଟିଏ
ଅଚହ୍ନା ଦେଖିଲେ ଭୋକବ ସିଏ
କଣ୍ଢେଇ ରେ ତୁ ଡରନ ଜମା
କୁକୁର ଟି ମୋର ନୁହଁ ଅଚହ୍ନା
ଛାଡ଼ିଦେବ ସିଏ ବାଟ
ଆସ୍ରମ ରେ ଯାଇ ମାମୁଁଘରେ ଆମେ କଟେଇବା
ଦିନ ଆଠ ।

ସିଂଧେକେଲ୍, ବଲ୍ଙ୍ଗୀର

# ଆଲୋକର ପର୍ବ
# ଦୀପାବଳି



ସାଇପ୍ରସାଦ ସାହୁ

ରଞ୍ଜନ ମାମୁଁ ସ୍ମୃତିକୁ ଡ଼ାକି ଡ଼ାକି ଘର ଭିତରକୁ ପ୍ରବେଶ କରୁଥାଆନ୍ତି । ସ୍ମୃତି ମାମୁଁଙ୍କ ହାତରେ ବିଡ଼ାଏ କାଉଁରିଆ କାଠି ଓ ଦୀପ ଧରିବାର ଦେଖିଲା । ସ୍ମୃତି ହାତକୁ ମାମୁଁ ବ୍ୟାଗ୍ ଟି ବଢାଇ ଦେଲେ । ସ୍ମୃତି ପଚାରିଲା ମାମୁଁ ଏ ସବୁ କାହିଁକି ଆଣିଛନ୍ତି ? ମାମୁଁ କହିଲେ ଆରେ ମାମା; ତୁମେ କ'ଣ ଜାଣିବ, ଆଜି ପରା "ଆଲୋକର ପର୍ବ ଦୀପାବଳି" । ସ୍ମୃତି ମାମୁଁଙ୍କ ର କଥା ଶୁଣି ମନରେ ଆଗ୍ରହ ବଢାଇଲା । ସ୍ମୃତିର ଏପରି ଆଗ୍ରହ ଦେଖି ମାମୁଁ କହିଲେ, ଶୁଣ ମୁଁ ଦୀପାବଳି ବିଷୟରେ କିଛି କହୁଛି । ଏହି ଦୀପାବଳିକୁ ସାରା ଭାରତ ବର୍ଷରେ ପାଳନ କରାଯାଉଛି । କିନ୍ତୁ ଏହାକୁ ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ପ୍ରକାରରେ ପାଳନ କରାଯାଏ । ପ୍ରତ୍ୟେକ ବ୍ୟବସାୟୀ ଗୃହରେ ଧନଲକ୍ଷ୍ମୀଙ୍କୁ ଆରାଧନା କରାଯାଏ । ଦକ୍ଷିଣ ଭାରତରେ ଦୀପାବଳି ଦିନ ସନ୍ଧ୍ୟାରେ ଦେବୀ ସରସ୍ୱତୀଙ୍କୁ ପୂଜା କରାଯାଏ । ପଶ୍ଚିମ ଭାରତରେ ଦେବୀ କାଳୀଙ୍କୁ ଉପାସନା କରାଯାଏ । କିନ୍ତୁ ଆମ ଓଡ଼ିଶାରେ ଏହାର ପ୍ରଭାବ ଅଧିକ ଜଣାପଡ଼େ । ଉତ୍କଳର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ଜଗନ୍ନାଥ ମହାପ୍ରଭୁ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଦୀପଦାନ କରାଯାଇଥାଏ ।

ଓଡ଼ିଆମାନେ ପିତୃପୁରୁଷଙ୍କ ପାଇଁ ଫିମ୍ପେଇ ଦିଅନ୍ତି ଓ ମହାଳୟାର ଶେଷ ଶ୍ରାଦ୍ଧ ପ୍ରଦାନ କରିଥାନ୍ତି । ତେଣୁ ଏହାକୁ ଫିମ୍ପେଇ ଅମାବାସ୍ୟା ମଧ୍ୟ କୁହାଯାଏ । ଏହି ଅବସରରେ ଶ୍ରୀମନ୍ଦିରର ବାଇଶି ପାହାଚରେ ବହୁ ଲୋକ ପିତୃଶ୍ରାଦ୍ଧ କରିଥାନ୍ତି । ହିନ୍ଦୁ ମାନଙ୍କର ବିଶ୍ୱାସ ଅଛି ଯେ, ବାଇଶି ପାହାଚରେ ପିଣ୍ଡ ଦେଇ ବଡ଼ଦାଣ୍ଡରେ କାଉଁରିଆ ଜଳାଇ ଆଲୋକ ଦେଖାଇ ପିତୃପୁରୁଷଙ୍କୁ ସ୍ୱର୍ଗକୁ ଯିବା ପାଇଁ ବିଦାୟ ଦିଆଯାଏ । ପିତୃଶ୍ରାଦ୍ଧ ଆଶ୍ୱିନ ମାସରେ ପିତୃପକ୍ଷ ପନ୍ଦର ଦିନ ଧରି ପାଳନ କରାଯାଏ, ଯାହା ମହାଳୟା ତିଥିରେ ସମାପନ ହୋଇଥାଏ । ତା'ପରେ ପଡେ ଦେବୀପକ୍ଷ । କାର୍ତ୍ତିକ ମାସର ଅମାବାସ୍ୟା ସମୟରେ

ବିଦାୟ ଦେଲାବେଳେ କୁହାଯାଏ, "ଆହେ ବଡ଼ ବଡୁଆ, ଅନ୍ଧରରେ ଆସି ଆଲୋକରେ ଯାଆ, ବାଇଶି ପାହାଚେ ଗଡ଼ଗଡୁ ଥାଆ ।"

ଏହି ଦୀପାବଳି ଉତ୍ସବକୁ ଲୋକେ ସବୁ ରାଜ୍ୟର ସଂସ୍କୃତି ଓ ପରମ୍ପରାକୁ ମିଶାଇ ମହାଆନନ୍ଦରେ ପାଳନ କରୁଛନ୍ତି । ଘରେ ଘରେ ପିଠାପଣାର ସମ୍ଭାର । ବନ୍ଧୁବାନ୍ଧବଙ୍କୁ ନେଇ ଘରେ ପାଳନ କରୁଛନ୍ତି ଦୀପାବଳି । ବାଣ ଫୁଟାଇ ପରିବେଶ ଓ ଶବ୍ଦ ପ୍ରଦୂଷଣ କରିବା ଠିକ୍ ନୁହେଁ । ଘରର ଚତୁର୍ଦ୍ଦିଗରେ ଦୀପ ଲଗାଇ, ଦୀପ ସଜାଇବାରେ ଯେଉଁ ଆନନ୍ଦ ମିଳେ; ଆତସବାଜି ଓ ବାଣଫୁଟାଇ କ୍ଷୟକ୍ଷତି କରିବା ଠିକ୍ ନୁହେଁ । ଘର ଠାରୁ ଯଥେଷ୍ଟ ଦୂରରେ ଆତସବାଜି ଓ ବାଣଫୁଟାଇବା ଉଚିତ୍ । ଛୋଟ ପିଲାମାନେ କେବଳ ଝିରିଝିରି ଲଗାଇ ଆନନ୍ଦ ଉପଭୋଗ କଲେ ଭଲ ହେବ ।

ବୁଝିଲୁ ତ ସ୍ମୃତି;

"ହଁ ମାମୁଁ ଧନ୍ୟବାଦ । ଏହି ଗପରୁ କେତେ କଥା ଜାଣି ପାରିଲି । ଦୀପାବଳି ଦିନ ଘର ଚାରିପାଖେ ଦୀପ ଲଗାଇ ଆଲୋକର ପର୍ବକୁ ଆନନ୍ଦରେ ଉପଭୋଗ କରିବା ଉଚିତ୍ ।"

ସିନ୍ଧେକେଲ୍, ବଲାଙ୍ଗୀର
ଭ୍ରାମ୍ୟ ଭାଷ - ୯୯୩୭୦୩୪୭୪୨

# ଟିକ ଟିକ ତାର୍ ଫୁଲ

ବେଣୁଧର ସୂତାର

ଆମେ ଟିକ ତାର୍‌ଫୁଲ
ଏମାଟିର ସପନ
ମାଆ ମାଟି ମମତାର
ଭାବମୟ ବନ୍ଧନ
ଆମ ମାଟି ଆମ ପାଇଁ
ସରଗର ସମାନ
ମାଟି ନୁହେଁ ମାଆ ଆମ
ବଇକୁଣ୍ଠ ଭୁବନ
ଆମେ ଟିକ ତାର୍‌ଫୁଲ ।।
ଚରଣ ଯା ଧୋଉଅଛି
ନୀଳ ଜଳ ସିନ୍ଧୁରେ
ଯା ବକ୍ଷରେ ବହୁଅଛି
ଅମୃତର ବିନ୍ଦୁରେ
ଯା କୋଳରେ ଜନମିଲେ
ଗାନ୍ଧୀ ଗୋପବନ୍ଧୁରେ
ସୁନା ଫଳେ ଏ ମାଟି ରେ
ମାଟି ଯା,ର ଚନ୍ଦନ
ଆମେ ଟିକ ତାର୍‌ଫୁଲ ।।
ମାଆ ତ ଦେଇଛି ମୁଖେ
ମିଠା ମିଠା ଭାଷାରେ
ମମତା ମଧୁର ଧାର୍
ହରିନଏ ତୃଷାରେ

ଯା ଆଲୋକ ପବନରେ
ହୃଦେ ଭରେ ସ୍ପନ୍ଦନ
ଆମେ ଟିକ ତାରାଫୁଲ ।।
ଆମେ ଶିଶୁ ଅଟୁପରା
ଆଗାମୀ ର ଯୁବକ
ଶିକ୍ଷା ଦୀକ୍ଷା ଲଭି ହେବୁ
ମାଆ ମାଟି ସେବକ
ଏ ମାଟିର ବରପୁତ୍ର
କେତେ କବି ଭାବୁକ
ମାଆ ଗୁଣ ଗାଇ ପଦ
କରିଛନ୍ତୁ ବନ୍ଦନ
ଆମେ ଟିକ ତାରାଫୁଲ ।।
ଏଇ ମାଟି ଛୁଇଁ ଆମେ
କରିବାରେ ଶପଥ
ସତ୍ୟ ଧର୍ମ ନ୍ୟାୟ ପଥୁ
ନ ହେବାରେ ବିପଥ
ଶାନ୍ତ ମୈତ୍ରୀ ପ୍ରଗତିର
ଗଢ଼ୁ ଚନ୍ତା ଚେତନ
ଏକତାର ରହୁ ଆମ
ଭାବ ପ୍ରୀତି ବନ୍ଧନ
ମାଆ ମାନ ରଖିବାରେ
ସମର୍ପିଣ ଜୀବନ
ଆମେ ଟିକ ତାରାଫୁଲ ।।

କେଶଦୁରାପାଳ, କେନ୍ଦୁଝର


# ଲେମ୍ବୁ ପ୍ରଜାପତି



ନୀଳମାଧବ ସାହୁ

ପ୍ରଜାପତି କଥା କହୁକହୁ ବହୁତ ପ୍ରକାରର ରଙ୍ଗବିରଙ୍ଗ ପ୍ରଜାପତି ମନଭିତରେ ଘୁରି ବୁଲୁଥାଏ । ତା'ର ସୌନ୍ଦର୍ଯ୍ୟକୁ କିଛି ସମୟ ଉପଭୋଗ କ ରିତା'କୁ ଭୁଲିଯାଉ । ସେହି ପ୍ରଜାପତିର ନାମ କ'ଣ ହୋଇଥାଇପାରେ ତାହାବି ଆମେ ଚିନ୍ତା କରୁନାହୁଁ । ଆଉ କିଛି ପାଦ ଆଗକୁ ଯାଇ ଯେଉଁ ପ୍ରଜାପତି ଆମେ ଦେଖୁଛନ୍ତି ତାହାର ନାମଟି ଜାଣିଲେ କେମିତି ହୁଅନ୍ତା!

ଦିନେ ମିଲି ଦିନ ଦି'ପହରରେ ଖରାଟାରେ ବଜାର ବୁଲି ଆସୁଥାଏ । ଘରକୁ ଆସୁଆସୁ ତା' ବୋଉକୁ ଡାକ ପକାଇଲା ଓ କହିଲା, "ଶୀଘ୍ର ସର୍ବତ ଟିକେ ବନେଇଲୁ, ଖରାରେ ତଣ୍ଟି ଶୁଖିଗଲାଣି ।" "ହୋଉ ସର୍ବତ ବନେଇବି ଯେ, ତୁ ଆଗ ବାଡ଼ିରୁ ଲେମ୍ବୁ ଦୁଇଟା ଆଣିଲୁ," ବୋଉ ମିଲିକୁ କହିଲେ । ମିଲି ବାଡ଼ିକୁ ଲେମ୍ବୁ ଆଣିବା ସମୟରେ ଏକ ପ୍ରଜାପତି ଦେଖିଲା । ତା' ପରଠୁ ମିଲି ସେହି ପ୍ରଜାପ ତିବିଷୟରେ ଜାଣିବାକୁ ଜିଂଜ୍ଞାସା ପ୍ରକାଶ କଲା ।



ମିଳି ଥଣ୍ଡାଥଣ୍ଡା ସର୍ବତ ପିଇସାରି ତା' ଭାଇ ପାଖକୁ ଗଲା ଓ ସେହି ପ୍ରଜାପତିର ଫୋଟୋ ଉଠେଇବା ପାଇଁ କହିଲା । ପୁଣି ଯେତେବେଳେ ସେ ଦୁହେଁ ସେଠିକି ଗଲେ, ସେତେବେଳେ ସେମାନେ ସେହି ପ୍ରଜାପତିକୁ ଦେଖିପାରିଲେ ନାହିଁ । ତା' ପରଦିନ ପୁଣିଥରେ ସେଠାରେ ଜଗିରହିଲେ ସେହି ଲେମ୍ବୁଗଛ ପାଖରେ । ପ୍ରଜାପତିଟିକୁ ଦେଖୁଦେଖୁ ତା'ର ଫୋଟୋ ଉଠେଇଲେ । ତାହାକୁ ଚିହ୍ନିବାପାଇଁ କାହାକୁ ସେ ଫୋଟୋ ଦେଖାଇବେ ଭାବିଲେ । ସେ ପ୍ରଜାପତିଟି ମୁଖ୍ୟତଃ କ୍ରିମ ଓ କଳାରଙ୍ଗର ଥିଲା ତା'ସହ କିଛି ହଳଦିଆ ଓ ନାଲି, ନୀଳରଙ୍ଗର ଛୋଟ ଗୋଲ ଆକାରରେ ବହୁତ ସୁନ୍ଦର ଢାଞ୍ଚାରେ ସଜେଇ ହୋଇଥିଲା ।


କିଛିଦିନ ପରେ ସେହି ପ୍ରଜାପତିର ଫୋଟଟିକୁ ପଡିଶାଘର କୁନାକୁ ଦେଖାଇଲେ, କାରଣ ସେ ବନ୍ୟ ଜୀବ ବିଜ୍ଞାନରେ ପୋଷ୍ଟ ଗ୍ରାଜୁଏସନ କରୁଥାଏ । "ଏଇଟାତ ଲେମନ ବଟରଫ୍ଲାଇ", ଫୋଟଟିକୁ ଦେଖିସାରି କୁନା କହିଲା । କେହିକେହି ଏହାକୁ ଲାଇମ ବଟରଫ୍ଲାଇ ବୋଲି ମଧ୍ୟ କହନ୍ତି । ତା'ର ସାଇଣ୍ଟିଫିକ ନାମ ପାପିଲିଓଡେମଲିଅସ ଅଟେ । ଏହି ପ୍ରଜାପତିମାନେ ମୁଖ୍ୟତଃ ଲେମ୍ବୁଗଛ ପାଖରେ ଦେଖାଯାନ୍ତି ଓ ସେହି ଗଛରେ ହିଁ ଅଣ୍ଡା ଦେଇଥାନ୍ତି । କିଛିଦିନ ପରେ ସେହି ଅଣ୍ଡାଗୁଡିକ ସାଁବାଳୁଆରେ ପରିଣତହୋଇ ଲେମ୍ବୁରପତ୍ର ଖାଇଥାନ୍ତି । ତେଣୁ ଲୋକମାନେ ବିଭିନ୍ନ କୀଟନାଶକ ବ୍ୟବହାର କରନ୍ତି, କିନ୍ତୁ ତାହା ବଦଳରେ କିଛି ପ୍ରାକୃତିକ ଉପାୟବି ଉପଯୋଗ କରିହବ । ତା'ପରେ କିଛିଦିନ ପରେ ସେହି ସାଁବାଳୁଆ ପୁପାରେ ପରିଣତ ହୁଏ ଓ ଶେଷରେ ଏକ ଯୁବ ପ୍ରଜାପତି ରୂପେ ପୁପା ଭିତରୁ ବାହାରିଆସେ । ଏହି ପ୍ରଜାପତିମାନେ ସୂର୍ଯ୍ୟଆଲୋକ ବା ଦିନରେ ବହୁତ ଚଳଚଂଚଳ ଥାନ୍ତି । ବିଭିନ୍ନ ପ୍ରକାରର ଫୁଲ ଗଛରୁ ମଧୁ ସଂଗ୍ରହରେ ଘୁରିବୁଲନ୍ତି । ସେହି ମଧୁ ପାନୀୟ ହିଁ ସେମାନଙ୍କ ମୁଖ୍ୟ ଖାଦ୍ୟ ଅଟେ । ବେଳେବେଳେ ଓଦା ମାଟି ଉପରେ ଖଣିଜ ଲବଣ ସଂଗ୍ରହ କରିବାରେ ମଧ୍ୟ ଏମାନଙ୍କୁ ଦେଖାଯାଇଛି । ସନ୍ଧ୍ୟା ବା ରାତି ହୋଇଗଲେ ଓ ପ୍ରତିକୂଳ ପରିସ୍ଥିତିରେ କିଛି ନିର୍ଦ୍ଦିଷ୍ଟ ଗଛରେ ସ୍ଥିର ଥାଆନ୍ତି ।



କିଛି ସମୟପରେ ମିଲିର ଶିକ୍ଷକଙ୍କ ସହ ଭେଟ ହୋଇଗଲା । ମିତା ତାଙ୍କୁ ପ୍ରଜାପତି ବିଷୟରେ ପଚାରିଲା । ଶିକ୍ଷକ ଉତ୍ତର ଦେଲେ, ପ୍ରଜାପତିର ସୌନ୍ଦର୍ଯ୍ୟକୁ ଆମ ସମସ୍ତେ ବହୁତ ଉପଭୋଗ କରିଥାଉ ଓ ତା' ବିଷୟରେ ଅଧିକ କିଛି ଜାଣିବାକୁ ଚେଷ୍ଟା କରୁନାହୁଁ । ପ୍ରଜାପତିର ଜୀବନଚକ୍ର ଚାରୋଟି ପ୍ରକ୍ରିୟାରେ ପୂର୍ଣ୍ଣହୁଏ ଯେପରିକି କୁନା କହୁଥିଲା ଯଥା; ଅଣ୍ଡା, ସାଁବାଳୁଆ, ପୁପା ଓ ଯୁବ ପ୍ରଜାପତି । ପରିବେଶ ପାଇଁ ସେମାନଙ୍କ କାମ ଅପୂର୍ବ ଅଟେ । ଗଛଲତାଙ୍କ ପରାଗସଙ୍ଗମରୁ ଆରମ୍ଭକରି ଅନ୍ୟ ସରୀସୃପ ଓ ପକ୍ଷୀଙ୍କ ଖାଦ୍ୟରୂପେ ସେମାନଙ୍କ ଅବଦାନ ଅତୁଳନୀୟ । ପ୍ରଜାପତିମାନଙ୍କୁ ଉତ୍ତମ ପରିବେଶର ସଂକେତକ ରୂପେ ବିବେଚନା କରାଯାଏ । ତେଣୁ ଜଳବାୟୁ ପରିବର୍ତ୍ତନର ଗବେଷଣାରେ ବିଶେଷକରି ପ୍ରଜାପତିର ଉପସ୍ଥିତି ବା ଅନୁପସ୍ଥିତି ଓ ତା'ର କାରଣ ବିଷୟରେ ଦୃଷ୍ଟି ଦିଆଯାଇଥାଏ ।

ଆମେମାନେ ବି ନିଜନିଜ ବାଡ଼ିରେ ଲେମ୍ବୁଗଛ ସହ ଅନ୍ୟ ଫୁଲଗଛ ଲଗାଇ ଏହି ଲାଇମ ବଟରଫ୍ଲାଏକୁ ଆକୃଷ୍ଟ କରିପାରିବା ବୋଲି କୁନା ବୁଝେଇଦେଲା । ତାହାସହ ଅନ୍ୟ ପ୍ରଜାପତିଙ୍କ ବିଷୟରେ ମଧ୍ୟ ଜାଣିବାକୁ ମିତା ଆଗ୍ରହପ୍ରକାଶ କଲା । ସେମାନଙ୍କ ହିଷ୍ଟ୍ରି ଓ ଅନ୍ୟ ଫୁଲଗଛ ବିଷୟରେ ମଧ୍ୟ କୁନାଠାରୁ ଜାଣିଲା । କିଛିମାସପରେ ମିଲି ପ୍ରଜାପତି

ଉଦ୍ୟାନଟି ତିଆରି କଲା । ସେଥିରେ ତାକୁ ତା' ଘରଲୋକମାନେ ବହୁତ ସହଯୋଗ କଲେ । ବଗିଚାରେ ଦେଖୁଥିବା ସବୁ ପ୍ରଜାପତିକୁ ଗୋଟେ ଖାତାରେ ଟିପି ରଖୁଥାଏ ଓ ଯଦି ସମ୍ଭବହୁଏ ତାହାଲେ ତାର ଫଟୋବି ସଂଗ୍ରହ କରି ରଖୁଥାଏ । ଏହିପରି କିଛିବର୍ଷ ପରେ ସେ ବହୁତଗୁଡିଏ ପ୍ରଜାପତି ବିଷୟରେ ଜାଣି ପାରିଲା । ଗାଁରେ ଓ ବିଦ୍ୟାଳୟରେ ତା'ର ଏହି କାମପାଇଁ ସମସ୍ତେ ବହୁତ ପ୍ରଶଂସା କଲେ । ମିଲି ବି ବହୁତ ଖୁସିହେଲା ଓ ଆଗକୁ ପ୍ରକୃତି ଓ ପରିବେଶର ସଂରକ୍ଷଣ ପାଇଁ କାମ କରିବ ବୋଲି ଇଚ୍ଛା ପ୍ରକାଶକଲା ।



ସମରଝୋଳ, ଗଂଜାମ, ଓଡିଶା

# ଗୀତରେ ଗଣିତ



ଅମରନାଥ ବାରିକ

ଆସ ପିଲାମାନେ ଜାଣିବା କିଛି
କବିତାରେ ଲୁଚି ଗଣିତ ଅଛି
ମଜାରେ ମଜାରେ ପଢ଼ିବା ପାଠ
ଉତ୍ତର କହିବା ସଅଳ ଉଠ
ଭଲଭାବେ ବୁଝି ଉତ୍ତର ଦେବା
ପୁରସ୍କାର ପୁଣି ପ୍ରଥମେ ନେବା।

ଏକ ଆଉ ଚାରି ମିଶିବ ଯେବେ
ଅଯୁଗ୍ମ ସଂଖ୍ୟାଟି ହୋଇବ ତେବେ
ଥାଏ ସେହି ସଂଖ୍ୟା ଛଅ ପୂର୍ବରୁ
ଗଣିଚାଲ ଯେବେ ଏଅକ ଠାରୁ
ଅତି ସହଜିଆ ତା' ନାମ ସତେ
କହିକି ପାରିବ ଅଙ୍କଟି କେତେ ?
(ଉ: ୫/ପାଞ୍ଚ)

ପାଞ୍ଚରେ ଦୁଇକୁ ଗୁଣିବାପରେ
ଏକ ଯୁଗ୍ମସଂଖ୍ୟା ଫଳ ବାହାରେ
ଓଲଟା ଲେଖିଲେ ଶୂନ ଓ ଏକ

ହେଲେ ଏ ସଂଖ୍ୟାକୁ ସଜାଡ଼ି ଦେଖ
ସେ ସଂଖ୍ୟାର ଅଧା ପାଞ୍ଚ ବି ହୁଏ
ତେବେ ସେ ସଂଖ୍ୟାଟି କହିବ କିଏ ?
(ଉ: ୧୦/ଦଶ)

ଆଠକୁ ଦଶରେ ଫେଡିଲେ ଆମେ
ଯାହା ଉତ୍ତରଟି ମିଳଇ କ୍ରମେ
ସେଥିରେ ଦୁଇକୁ ମିଶେଇ ଦେଲେ
ସମ୍ପୂର୍ଣ ମାନଟି ଚାଆରି ଭଲେ
ପ୍ରଥମ ସଂଖ୍ୟାଟି କିଏ କହିବ
ଫେଡ଼ାଣ ଉତ୍ତର କଅଣ ହେବ ?
(ଉ: ୨/ଦୁଇ)

ଯାଜପୁର, ମଙ୍ଗଳପୁର, କୟାଁ

# ତୁଳସୀ



ପ୍ରତୀକ୍ଷା ଶତପଥୀ

ତୁଳସୀ ତୁ କେବଳ ବୃକ୍ଷ ନୁହେଁ,
ତୁ ଆମ ସମସ୍ତଙ୍କ ପ୍ରିୟ "ମାଆ ବୃନ୍ଦାବତୀ" ।
କେଉଁ ପୌରାଣିକ ଯୁଗରୁ
ତୁ ପୂଜା ପାଇଆସିଛୁ
ମନରେ ପବିତ୍ରତା ଆଣିବା ସହିତ
ମନକୁ ଶାନ୍ତ ଓ ନିର୍ମଳ ମଧ୍ୟ ରଖିଥାଉ ।
ପୂଜାରେ ଠାକୁରଙ୍କ ଭୋଗ
ତୋ ବିନା ଅସାର ।
ଅନେକ ଔଷଧୀୟ ଗୁଣ ସହିତ
ବାୟୁମଣ୍ଡଳରେ ସବୁବେଳେ ଅମ୍ଳଜାନ ଦେଉଥାଏ ।
ତୋତେ ପୂଜା କଲେ
ମନରେ ସତ୍ ଭାବନା ସହିତ ଶକ୍ତି ଓ ସ୍ଫୂର୍ତ୍ତି ଆସିଥାଏ ।

ସିଭିଲ ଟାଉନସିପ୍, ରାଉରକେଲା
Pratikshyasatpathy07@gmail.com

# ଆପଣଙ୍କ ମତାମତ

ବହୁତ ଭଲ ଲାଗିଲା ଏଥରର ସମ୍ପାଦକୀୟ। ଆପଣ ଆମ ଦେଶର ନାଗରିକ ଏବଂ ଅନୁସ୍ଥାହିତ ଯୁବ ଛାତ୍ର ସମାଜ ଉଦ୍ଦେଶ୍ୟରେ ଯେଉଁ ମହତ ଚନ୍ତା ଏବଂ ସେମାନଙ୍କ ଭିତରେ ଦେଶପ୍ରେମର ଉତ୍ସାହ ବୁଣିଛନ୍ତି, ତାହା ଆଜିର ସମୟରେ କେତେ ଜଣ ଭାରତୀୟ କରିପାରନ୍ତି....? ଆପଣଙ୍କୁ ବହୁତ ବହୁତ ଧନ୍ୟବାଦ ନୈତିକ ଭାବାନୁଶ୍ରାୟୀ ଏହି ସମ୍ପାଦକୀୟ ପାଇଁ.....

ଦିପ୍ତୀମୟୀ ସାହୁ

ଶୁଭ ସକାଳ ର ନମନ।

ନଭେମ୍ବର ସଂଖ୍ୟା ବେଦାନ୍ତୀ ପଢ଼ିବାର ସୁଯୋଗ ମିଳିଲା । ଓଡିଶାର ଶତାଧିକ କବି /ଲେଖକଙ୍କୁ ସ୍ଥାନ ଦେଇଛନ୍ତି । ଏକ ବିରାଟ ସାଧୁ ଉଦ୍ୟମ । ସୃଷ୍ଟି ସର୍ଜନା ଗୁଡିକ ଅତି ଚମତ୍କାର ସହ ପତ୍ରିକା ପ୍ରଚ୍ଛଦ ଓ ପରିପାଟି ଖୁବ ଆକର୍ଷଣ ହୋଇଛି।

ଅନୁରୋଧ, ଆଗାମୀ ସଂଖ୍ୟାରେ ମୋତେ ସାମିଲ କରିବାକୁ । ଆଶା ଓ ବିଶ୍ୱାସ ରଖୁଛି । ନୟମିତ ଗ୍ରୁପରେ ଲେଖା ଦେଉଛି । ଶେଷରେ ବେଦାନ୍ତୀର ଜୟଯାତ୍ରା ଆଗକୁ ଆଗକୁ ମାଡିଚାଲୁ । ଏହାହିଁ କାମନା।

ମନୋଜ କୁମାର ଦାସ, କେନ୍ଦ୍ରାପଡ଼ା,
9937178755

# ଡିସେମ୍ବର ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୨/୧୨/୨୦୨୧ | ମାଣବସା ଗୁରୁବାର |
| ୦୪/୧୨/୨୦୨୧ | ମହୋଦଧି ଅମାବାସ୍ୟା, ମଧ୍ୟ ଦେବଦୀପାବଳୀ |
| ୦୬/୧୨/୨୦୨୧ | ରମ୍ଭା ତୃତୀୟା |
| ୦୮/୧୨/୨୦୨୧ | କୁର୍ଳ ପଞ୍ଚମୀ |
| ୧୪/୧୨/୨୦୨୧ | ମୋକ୍ଷଦା ଏକାଦଶୀ |
| ୧୫/୧୨/୨୦୨୧ | ବ୍ୟଞ୍ଜନ ଦ୍ୱାଦଶୀ ଓ ମାସନ୍ତ |
| ୧୬/୧୨/୨୦୨୧ | ଧନୁ ସଂକ୍ରାନ୍ତି, ପହିଲି ଭୋଗ, ମାଣବସା ଶେଷ ଗୁରୁବାର, ଲକ୍ଷ୍ମୀନାରାୟଣ ପୂଜା, ଅନଙ୍ଗ ତ୍ରୟୋଦଶୀ ଓ ଗୀତା ଜୟନ୍ତୀ |
| ୧୭/୧୨/୨୦୨୧ | ପାଷାଣ ଚତୁର୍ଦ୍ଦଶୀ |
| ୧୮/୧୨/୨୦୨୧ | ପଣ୍ଡୁ ଓଷା ଓ ପୂର୍ଣ୍ଣିମାର ଚନ୍ଦ୍ରପୂଜା |
| ୧୯/୧୨/୨୦୨୧ | ପଣ୍ଡୁ ପୂର୍ଣ୍ଣିମା |
| ୨୦/୧୨/୨୦୨୧ | ଦାଣ୍ଡ ପହଁରି ଓ ବାଟଓଷା |
| ୨୫/୧୨/୨୦୨୧ | ଯୀଶୁଖ୍ରୀଷ୍ଟଙ୍କ ଜନ୍ମ (ବଡଦିନ) |
| ୨୭/୧୨/୨୦୨୧ | ସାମନ୍ତ ଚନ୍ଦ୍ରଶେଖରଙ୍କ ଜୟନ୍ତୀ |
| ୩୦/୧୨/୨୦୨୧ | ସଫଳା ଏକାଦଶୀ |
| ୩୧/୧୨/୨୦୨୧ | ବର୍ଷ ଶେଷ |

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା –vedantimagazine@gmail.com/ editor.vedantimagazine@gmail.com

## ନଭେମ୍ବର ମାସର ବିଜେତାଙ୍କ ନାମ




ବାପ ଗୋସବାପ ଅମଳ ହେଜ,
ଡିବିରି ବତୀର କେତେ ବା ତେଜ !

କେତେ ଜ୍ଞାନୀ ଗୁଣୀ ହେଉଥିଲେ ସବୁ
ଜାଣିଥିଲେ ବୋଲି ପାଠର ମଞ୍ଜ !
କରୋସିନ ତେଲ ସଳତାବତୀ
ଡିବିରିଟି ଥିଲା ରାତର ସାଥୀ
ଆଜିର ପିଲାଏ ଫରଗ୍ଷ ଆଲୁଏ
କହିବେ ଇଏ କ ଅଜବ ବତୀ
ଫୁଙ୍କିଦେଲେ ସିଏ ଲିଭିଯାଉଥିବ
ଦିଆସିଲି ତାର ଜୀବନସାଥୀ ।

ବିଜେତା: ସୁମିତ୍ରା ପଣ୍ଡା, ଶ୍ରୀ ବିହାର, ପଟିଆ, ଭୁବନେଶ୍ୱର

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚନ୍ଦ କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନଜସ୍ୱ । ପ୍ରଚ୍ଛଦପଟ୍ଟ ଚନ୍ଦ ସମୟେ ସମୟେ ପାଠକପ୍ରେମୀଙ୍କ ଦ୍ୱାରା ପଠାଯାଇଥିବା ଚନ୍ଦକୁ ମଧ୍ୟ ବ୍ୟବହାର କରାଯାଇଥାଏ । ଯଦି କୌଣସି ପାଠକ/ପାଠିକା ନଜସ୍ୱ ଉତ୍ତୋଳନ କରିଥିବା ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା -**vedantimagazine@gmail.com**

## ବେଦାନ୍ତୀ ଇ-ପତ୍ରିକାକୁ ଲେଖା ପଠାଇବାକୁ ଚାହୁଁଥିବା ଓଡିଆପ୍ରେମୀଙ୍କ ପଇଁ କଛି ସନ୍ଦେଶ:

- ଲେଖାକୁ ଟାଇପ୍ କରି MS WORD ଫାଇଲରେ ଏବଂ ପି.ଡି.ଏଫ୍ ଫାଇଲରେ ପଠାନ୍ତୁ ।
- ଲେଖାକୁ ପ୍ରତି ମାସ ୫ ତାରିଖ ଭିତରେ ପଠାନ୍ତୁ ।
- ଏହି ପ୍ରତ୍ରିକାରେ ଗଳ୍ପ ଏବଂ କବିତା ସମାନ ସଂଖ୍ୟାରେ ପ୍ରକାଶିତ କର୍‌ଯାଉଛି । ଯେହେତୁ ଅନେକ କବିତା ଆମପାଖକୁ ଆସୁଛି, ତେଣୁ ଏହାକୁ ପ୍ରକାଶ କରିବା ପାଇଁ କଛି ସମୟ ଲ୍‌ଗୁଛି । ଯଦି ଆପଣ ଲେଖା ପଠାଇଥିବା ମାସରେ ଏହା ନବାହାରିଲ୍, ତେବେ ଏହି ଲେଖା ଆସନ୍ତା ମାସରେ ପ୍ରକାଶ ପାଇବ ।
- ଚେଷ୍ଟା କରନ୍ତୁ ଲେଖାକୁ ଇ-ମେଲ୍ ଜରିଆରେ ପଠାନ୍ତୁ । ଆମ ଇ-ମେଲ୍ ହେଲ୍ - Editor.vedantimagazine@gmail.com ଏବଂ vedantimagazine@gmail.com
- ମାସକୁ ଥରଟିଏ ହିଁ ଲେଖା ପଠାନ୍ତୁ । ବାରମ୍ବାର ଅନେକ ଲେଖା ଇ-ମେଲ୍ ଜରିଆରେ ପଠାନ୍ତୁ ନାହିଁ ।
- ଲେଖା ସହିତ ଆପଣଙ୍କର ଠିକଣା ଏବଂ ଫଟୋ ମଧ୍ୟ ପଠାନ୍ତୁ ।
- ପ୍ରକାଶ କରିବା ପାଇଁ ଯେଉଁ ଲେଖା ପଠାଉଛନ୍ତୁ ତାହା ଆଉ କୌଣସି ଗୃପରେ ପଠାନ୍ତୁ ନାହିଁ । ପ୍ରକାଶିତ ହେବା ପରେ ଏହାକୁ ପଠାଇ ପାରିବେ ।
- ବେଦାନ୍ତୀ ଇ-ପତ୍ରିକା ଏକ ସଂପୂର୍ଣ୍ଣ ମୁକ୍ତ ଏବଂ ପାରିବାରିକ ପତ୍ରିକା । ଏଥିପାଇଁ ଉପଯୁକ୍ତ ଲେଖା ହିଁ ପଠାନ୍ତୁ ।
- ପୁରୁଣା ସଂଖ୍ୟା ପଢିବା ପାଇଁwww.vedantimagazine.com visit କରନ୍ତୁ ।

“ବେଦାନ୍ତୀ” ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା । ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର । ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ ହେଉଛି ଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ୱେବସାଇଟ୍, ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କିମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ:vedantimagazine@gmail.com । ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳିତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**

**https://www.facebook.com/vedantiemagazine**

**http://vedantimagazine.wordpress.com**